Digitized by srujanika@gmail.com

ମୃତ୍ୟୁ ଏକ ମାତୃତ୍ୱର

[ବୈଜ୍ଞାନିକ ଉପନ୍ୟାସ]

ଲେଖକ :

ଡକ୍ଟର ଗୋକୁଳାନନ୍ଦ ମହାପାତ୍ର

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥମନ୍ଦିର, ମେନ୍‌ରୋଡ଼, ବ୍ରହ୍ମପୁର

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥପ୍ରକାଶିନୀ, ସୂତାହାଟ, କଟକ

ପ୍ରଥମ ମୁଦ୍ରଣ : ଡିସେମ୍ବର, ୧୯୮୩

ମୂଲ୍ୟ : ଟ ୧୫.୦୦
ସାଦା ବନ୍ଧେଇ ଟ ୧୧.୦୦

Digitized by srujanika@gmail.com

ମୁଖବନ୍ଧ

'ମୃତ୍ୟୁ ଏକ ମାତୃତ୍ୱର' ହେଉଛି ଏକ ନୂତନ ଧରଣର ବୈଜ୍ଞାନିକ ଉପନ୍ୟାସ । ମୋ ଲିଖିତ 'ପୃଥିବୀ ବାହାରେ ମଣିଷ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ' ଆଦି ବୈଜ୍ଞାନିକ ଉପନ୍ୟାସଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ବୈଜ୍ଞାନିକ ଗବେଷଣାର ଭବିଷ୍ୟତ୍ ରୂପରେଖକୁ ଆଖିଆଗରେ ରଖି ବିଜ୍ଞାନର ରୂପ ଭବିଷ୍ୟତ୍‌ରେ କ'ଣ ହେବ କିପରି ହେବ ତାହାକୁ ନେଇ ଯେଉଁ ଉପନ୍ୟାସ ରଚନା କରାଯାଏ, ତାହା ଉପରୋକ୍ତ ଶ୍ରେଣୀର । ଜଟିଳ ବୈଜ୍ଞାନିକ ତଥ୍ୟକୁ ସୁଖପାଠ୍ୟ ଓ ସାବଲୀଳ ଭାବରେ ବୁଝିବାପାଇଁ ଉପନ୍ୟାସର ମନମତାଣିଆ ଗ୍ରନ୍ଥ ମାଧ୍ୟମରେ ପରିବେଷଣ କଲେ ଯେଉଁ ଉପନ୍ୟାସ ସୃଷ୍ଟି ହୁଏ, ତାହା ଉପରୋକ୍ତ ବୈଜ୍ଞାନିକ ଉପନ୍ୟାସ ଠାରୁ ଅଲଗା ହେଲେହେଁ, ତାହା ବୈଜ୍ଞାନିକ ଉପନ୍ୟାସର ଆଉ ଏକ ଶ୍ରେଣୀ ଭିତରେ ଗଣ୍ୟ କରାଯାଏ । ଏହି ଶ୍ରେଣୀର ଉପନ୍ୟାସ ଭିତରେ ମୋ ଲିଖିତ 'ସୁନାର ଓଡ଼ିଶା', 'ସ୍ପୁଟନିକ୍' ଆଦି ଉପନ୍ୟାସ ଅଗ୍ରଗଣ୍ୟ । କିନ୍ତୁ ଏହି ଦୁଇ ଜାତିର ଉପନ୍ୟାସ ଧାରକୁ ମିଶ୍ରଣ କରି 'ମୃତ୍ୟୁ ଏକ ମାତୃତ୍ୱର' ଉପନ୍ୟାସ ଭିତରେ ପରିବେଷଣ କରାଯାଇଛି । ଏହି ଉପନ୍ୟାସରେ ପାଠକପାଠିକାମାନେ ପାଇବେ ଭବିଷ୍ୟତ୍ ବିଜ୍ଞାନର ରୂପରେଖ ଓ ସେଥିସହିତ ପାଇବେ ଜଟିଳ ବୈଜ୍ଞାନିକ ତତ୍ତ୍ୱର ସରଳୀକୃତ ପରିବେଷଣ ।

ଏହା ଜଣାଶୁଣା କଥା ଯେ ଆମ ସମାଜରେ ବିବାହସମ୍ବନ୍ଧ ବର୍ତ୍ତମାନ ଯାହା ଅଛି, ଭବିଷ୍ୟତ୍‌ରେ ତାହା ଯେ ସେମିତି ରହିବ ତାହା ନୁହେଁ । ପ୍ରେମ କରି ବିବାହ କରିବା, ଯାହା ପାଶ୍ଚାତ୍ୟ ଦେଶରୁ ଆସି ଆମ ଦେଶରେ ପ୍ରଚଳିତ ହେଲାଣି, ତାହା ମଧ୍ୟ ବେଶିଦିନ ତିଷ୍ଠିବା ସମ୍ଭବପର ନୁହେ । ଆମ ଦେଶରେ ପ୍ରଚଳିତ କଥାବାର୍ତ୍ତା ଜରିଆରେ ବିଭାଘର ମଧ୍ୟ ଆଉ ବେଶିଦିନ ଟେକିବ ନାହିଁ । କଂପ୍ୟୁଟର ସାହାଯ୍ୟରେ ବିଭାଘର ଭବିଷ୍ୟତ୍‌ର ସମାଜ ପାଇଁ ଏକ ଆହ୍ୱାନ । କଂପ୍ୟୁଟର ସାହାଯ୍ୟରେ ବିଭାଘର ହେଲେ, ତାହା କିପରି ଓ କେଉଁ ଭାବରେ ହେବ, ତାହାର ଏକ ଚିତ୍ର ଦିଆଯାଇଛି ଏହି ଉପନ୍ୟାସରେ ।

କୌଣସି ଏକ ରୋଗର ଔଷଧ ନାହିଁ ବୋଲି ରୋଗୀ ଯେ ମରିଯିବ, ତାହା ଭବିଷ୍ୟତ୍‌ର ଚିକିତ୍ସକ ସମାଜ ଗ୍ରହଣ କରିବ ନାହିଁ । ସେଭଳି ରୋଗୀକୁ

Digitized by srujanika@gmail.com

ଶୀତଳ ଭଣ୍ଡାରରେ କ୍ଷଣିକ ମୃତ୍ୟୁ କରାଇ ରଖିଦିଅ । ଯେତେବେଳେ ସେ ରୋଗର ଔଷଧ ବାହାରିବ ରୋଗୀକୁ ଶୀତଳ ଭଣ୍ଡାରରୁ ବାହାର କରି ଚିକିତ୍ସା କରି ଭଲ କରିବ । ଏହିଭଳି ବହୁ ବୈଜ୍ଞାନିକ ଚିନ୍ତାଧାରାର ରୂପରେଖ ଆପଣମାନେ ପାଇବେ 'ମୃତ୍ୟୁ ଏକ ମାତୃତ୍ୱର' ଉପନ୍ୟାସରେ ।

ସେଥିସହ କର୍କଟ ରୋଗ ଭଳି ଦୁରାରୋଗ୍ୟ ରୋଗ ବିଷୟରେ ପ୍ରାଞ୍ଜଳ ଭାବରେ ନାନା ଲୋକୋପକାରୀ କଥା ଦିଆଯାଇଛି ଏହି ଉପନ୍ୟାସରେ । ବିଭିନ୍ନ ପ୍ରକାର କର୍କଟ ରୋଗ, ତହିଁର ଚିକିତ୍ସା, ଲକ୍ଷଣ ଆଦିର ନାନା ତଥ୍ୟ ଏହି ଉପନ୍ୟାସରେ ମିଳିବ; ସେଥିସହ ଲିଙ୍ଗ ପରିବର୍ତ୍ତନ ନେଇ ନାନା ତଥ୍ୟ ଓ ଆଲୋଚନା ଏହି ଉପନ୍ୟାସରେ ସନ୍ନିବେଶିତ, ଯାହା ପାଠକ ପାଠିକା-ମାନଙ୍କ ଉପକାରରେ ଆସିବ । ଆମ ସମାଜରେ ବେଳେବେଳେ ପୁରୁଷ ସ୍ତ୍ରୀ ପାଲଟିଯାଏ କିମ୍ବା ସ୍ତ୍ରୀ ପୁରୁଷ ପାଲଟିଯାଏ ତାହାର ବୈଜ୍ଞାନିକ ତଥ୍ୟ, ବିଶ୍ଳେଷଣ, ଆଲୋଚନା, ରୂପରେଖ ଆଦି ଦିଆଯାଇଛି ଏହି ଉପନ୍ୟାସରେ । ସ୍ତ୍ରୀ ଯଦି ପୁରୁଷ ପାଲଟିଯାଏ, ତାର ନବଜାତ ଶିଶୁଟି ପ୍ରତି ତା'ର ମାୟା, ମମତା, ସ୍ନେହ ଆଦର କେମିତି ହ୍ରାସ ଘଟି ପରିଶେଷରେ କିପରି ତାହାର ମାତୃତ୍ୱର ମୃତ୍ୟୁ ଘଟେ, ତହିଁର ଏକ ଚିତ୍ତାକର୍ଷକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମିଳିବ ଏହି ଉପନ୍ୟାସରେ । ତାହାହିଁ ଉପନ୍ୟାସର ନାମକରଣ 'ମୃତ୍ୟୁ ଏକ ମାତୃତ୍ୱର' ମୂଳରେ ରହିଛି ।

ଏହି ନୂଆ ଧରଣର ଉପନ୍ୟାସଟି ପାଠକପାଠିକା ମହଲରେ ଯଦି ଆଦୃତ ହୁଏ, ତେବେ ଏହି ନୂତନ ଶୈଳୀର ବିଜୟ ହେଲା ବୋଲି ଭାବିବି । ପାଠକ-ପାଠିକାମାନଙ୍କ ସିଦ୍ଧାନ୍ତ ଉପରେ ଏହି ନୂତନ ଶୈଳୀର କୃତକାର୍ଯ୍ୟତା ନିର୍ଭର କରେ । ଇତି ।

କଟକ, ଦୋଳମୁଣ୍ଡାଇ — ବିନୀତ

ଡିସେମ୍ବର, ୧୯୮୩ — ଲେଖକ

Digitized by srujanika@gmail.com

ଏକ

"ଅତନୁ କ'ଣ ହସପିଟାଲରୁ ଫେରିନାହିଁ ଫାଦର ?" କହୁ କହୁ ଫାଦରଙ୍କ ଡ୍ରଇଂରୁମ୍ ଭିତରକୁ ପଶିଆସିଲା ସୁଯାନ । ଅତନୁର ବିଭିନ୍ନ ବାନ୍ଧବୀଙ୍କ ଭିତରୁ ସୁଯାନ ଜଣେ । ନିକଟସ୍ଥ ରୁଟଗରସ ବିଶ୍ୱବିଦ୍ୟାଳୟରେ ରସାୟନ-ବିଜ୍ଞାନରେ ଗବେଷଣା ଛାତ୍ରୀ ସେ । ତା' ବାପା ହେଉଛନ୍ତି ଜେରସି ସିଟିର ଏକ ବିରାଟ ଧନୀ ବ୍ୟବସାୟୀ । ନାନାପ୍ରକାର ବ୍ୟବସାୟ ତାଙ୍କର ମେଳିଯାଇଛି ସାରା ନିଉଜେର୍ସି ରାଜ୍ୟରେ । ବାପାଙ୍କର ଏକମାତ୍ର ଅଲିଅଳି ସନ୍ତାନ ସୁଯାନ । ବାପା ମା' ଝିଅଟିକୁ ନିଜ ଜୀବନଠାରୁ ଅଧିକ ସ୍ନେହ କରନ୍ତି । ଅତନୁ ସହିତ ସାଙ୍ଗସୁଖ ପାଇଁ ସେ ଦିନେ ଦିନେ ଚାଲିଆସେ ଅତନୁ ଘରକୁ ।

"କିଏ ମା' ସୁଯାନ ? ଆ, ମା ! ଅତନୁ କାହିଁ ତ ଏପର୍ଯ୍ୟନ୍ତ ଫେରିନାହିଁ । ଗଲାବେଳେ ଡେରି ହେବ ବୋଲି ତ କହିଯାଇନଥିଲା । ଯେଉଁଦିନ ସନ୍ଧ୍ୟାବେଳେ କି ରାତିରେ ଅପରେସନ ଥାଏ, ଆସିବା ଡେରି ହେବ ବୋଲି କହିଦେଇ ଯାଇଥାଏ । ଆଜି ତ ସେମିତି କିଛି କହିନାହିଁ ମା ! ସେ ବର୍ତ୍ତମାନ ଫେରୁଥିବ ବୋଧେ । ତୁ ତ ମା' ଜାଣିଛୁ ନିଉୟର୍କର ଟ୍ରାଫିକ୍ ଜାମ୍ କଥା । ହୁଏତ ଫେରିଲାବେଳେ ଲିଙ୍କନ ସୁଡ଼ଙ୍ଗ ପାଖରେ ଭିଡ଼ଯୋଗୁଁ ଅଟକିଯାଇଥିବ ।

ଏହି ସମୟରେ ଗେଟ୍ ପାଖରେ ହର୍ଣ୍ଣ ଶୁଭିଲା । ଫାଦର ଝରକା ଦେଇ ଗେଟ୍ ଆଡ଼କୁ ଲକ୍ଷ୍ୟ କରୁଁ କରୁଁ କହିଲେ, "ହେଇ, ଅତନୁ ଆସିଗଲା ମା !"

ଫାଦର ଏତିକି କହି ଝରକା ଦେଇ ଅତନୁ ଆସିବା ବାଟକୁ ଅନାଇଛନ୍ତି, ଅତନୁ ଗାଡ଼ି ଥୋଇଦେଇ ତରତର ହୋଇ ଫାଦରଙ୍କ କୋଠରି ଭିତରକୁ ପଶିଆସିଲା । ଫାଦରଙ୍କ ସାମନାରେ ପଡ଼ିଥିବା ସୋଫାରେ ବସିପଡ଼ି କହିଲା, "ଆଜି ବଡ଼ ଭୋକ ଫାଦର ! କି ଟ୍ରାଫିକ ଜାମ୍ ଲିଙ୍କନ ସୁଡ଼ଙ୍ଗ ପାଖେ ! ଭୋକରେ ମୋ ପେଟ ଆଉଟ୍‌ପାଉଟ୍ ହେଲାଣି । ଭିଡ଼ କଣ କମୁଛି ଯେ ମୁଁ ସୁଡ଼ଙ୍ଗ ପାରହୋଇ ଆସିପାରୁଛି ? ମୁଁ ଏଭଳି କେଉଁଦିନ ଏତେ ଭିଡ଼ରେ ପଡ଼ିନଥିଲି ଫାଦର !"

ସୁଯାନ ଆଡ଼କୁ ଅନାଇଁ, "ଆରେ, ସୁଯାନ ଯେ, ତୁମେ କେତେବେଳୁ ଆସିଲଣି ? ମୁଁ ଅତ୍ୟନ୍ତ ଦୁଃଖିତ ସୁଯାନ ! ମୋର ଆଜି ଆସୁଁ ଆସୁଁ ଡେରି ହୋଇଗଲା ।"

"କିନ୍ତୁ ବାପ, ଆଜି ତ ମାର୍ଗାରେଟ ଚାଲିଗଲାଣି । ରନ୍ଧାବଢ଼ା ସବୁ ସାରିଦେଇ ଯାଇଛି ।"

"ଆଁ, ମାର୍ଗାରେଟ୍ ଚାଲିଗଲାଣି ? ଚମକି ପଡ଼ିଲା ଅତନୁ, ତା ହେଲେ—?"

Digitized by srujanika@gmail.com

"ତୁମେ କିଛି ମନେକରିବନି ଅଙ୍କଲ୍, ମୁଁ ଯଦି ତୁମକୁ ଏଥିରେ ସାହାଯ୍ୟ କରେ ? ତୁମେ ବାଥ୍‌ରୁମ୍‌ରୁ ଧୂଆଧୋଇ ହୋଇ ଆସ, ମୁଁ ଡିନର ଟେବୁଲ ଉପରେ ଖାଇବା ବାଢ଼ିଦେଉଛି । ଆପଣ ବି ତ ବର୍ତ୍ତମାନ ଖାଇବେ ଫାଦର ?"

"ହଁ ମା, ତୁ କ'ଣ ଆମପାଇଁ ହଇରାଣ ହେବୁ ?"

"ଆପଣ କିଛି ଭାବନ୍ତୁନି, ଫାଦର ! ଏଟା ତ କିଛି କଷ୍ଟ କାମ ନୁହେଁ," ଏତକ କହି ସୁଜାନ ଚାଲିଗଲା ଡାଇନିଂ ରୁମ୍‌କୁ ଖାଇବା ବନ୍ଦୋବସ୍ତ କରିବାପାଇଁ ।

"ଫାଦର, ମାର୍ଗାରେଟ୍ ମୋ ଆସିବା ପୂର୍ବରୁ ହଠାତ୍ ଆଜି ଚାଲିଗଲା କାହିଁକି ? ସେ ତ ମୋ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ ।"

"ତା' ପୁଅ ରବର୍ଟ ଆଜି ଭୀଷଣ ଭାବରେ ବେମାର ବାପ ! ସେଥିପାଇଁ ମୋତେ କହିଦେଇ ଶୀଘ୍ର ଚାଲିଗଲା ସେ । ତୋ ଆସିବାକୁ ସେ ଅପେକ୍ଷା କରିପାରିଲାନି ।"

"ରବର୍ଟର କ'ଣ ହୋଇଛି ଫାଦର ?"

"ରବର୍ଟକୁ ସେ ଆଜି ସକାଳେ ଡାକ୍ତରଙ୍କ ପାଖକୁ ନେଇ ଯାଇଥିଲା । ଡାକ୍ତର ପରୀକ୍ଷା କରି କହିଲେ ତା ପୁଅର କାଳେ କ୍ୟାନସର ହୋଇଛି ।"

"ଆଁ, କ୍ୟାନସର ?" ଚମକିପଡ଼ିଲା ଅଙ୍କଲ୍ ।

"ମୁଁ ଟିକିଏ ଯାଇ ରବର୍ଟକୁ ଦେଖିଆସେ ଫାଦର ! ମାର୍ଗାରେଟ ଆମର ଅତି ଉପକାରୀ । ତା'ର ଏ ବିପଦବେଳେ ଆମର ତାକୁ ସାହାଯ୍ୟ କରିବା ଉଚିତ ।"

ଏତକ କହିଦେଇ ଫାଦର କ'ଣ କହିବେ ନ କହିବେ ସେ ଆଡ଼କୁ ଲକ୍ଷ୍ୟ ନକରି ଅଙ୍କଲ୍ ବିଦ୍ୟୁତ୍ ବେଗରେ ଘରୁ ବାହାରିଗଲା । ଫାଦର କିଂକର୍ତ୍ତବ୍ୟବିମୂଢ଼ ହୋଇ ତା ଚାଲିଗଲା ବାଟକୁ ଅନାଇ ରହିଲେ ।

ଗେଟ୍ ପାଖରୁ ମଟର ବାହାରିଯିବା ଶବ୍ଦ ଶୁଣି ସୁଜାନ ଡାଇନିଂ ରୁମରୁ ଦୌଡ଼ି ଆସିଲା । "ଅଙ୍କଲ୍ କ'ଣ ନ ଖାଇ ଚାଲିଗଲା ଫାଦର ?"

"ହଁ ମା, ମାର୍ଗାରେଟ୍ ପୁଅର ଅସୁଖ ଖବର ଶୁଣି ସେ ବ୍ୟତିବ୍ୟସ୍ତ ହୋଇ ମାର୍ଗାରେଟ ଘରକୁ ପଳାଇଗଲା ତା ପୁଅକୁ ଦେଖିବାପାଇଁ । ତା ପୁଅକୁ କ୍ୟାନସର ହୋଇଛି ମା, ସେଥିପାଇଁ ସେ ବଡ଼ ବ୍ୟସ୍ତ । ତୁ ଜାଣିନୁ ମା, ଅଙ୍କଲ୍ ମାର୍ଗାରେଟ୍‌କୁ ତା ନିଜ ମା' ଭଳି ଭଲପାଏ । ତା' ପୁଅକୁ ଯେତେବେଳେ ଏଭଳି ସାଂଘାତିକ ରୋଗ ହୋଇଛି, ତାହା ଶୁଣି ସେ କ'ଣ ଅସ୍ଥିର ରହିପାରିବ ? ମାର୍ଗାରେଟ୍ ଘର ଏଠୁଁ ବେଶି ଦୂର ନୁହେଁ ମା ! ସେ ବର୍ତ୍ତମାନ କ'ଣ ଫେରିଆସିବନି ଯେ । ଡିନର ଟେବୁଲ ଉପରକୁ ଆଉ ବଢ଼ାବଢ଼ି କରନା ମା, ସେ ନ ଆସିଲେ ମୁଁ କ'ଣ ଏକା ଖାଇବି ? ଆ ମା, ଏଇଠି ବସ୍ । ଅଙ୍କଲ୍ ଏଇଲେ ଫେରିଆସିବ ଯେ ।"

"କିନ୍ତୁ ଫାଦର, ମୁଁ ଆପଣଙ୍କୁ ଗୋଟିଏ କଥା ପଚାରିବି । ଆପଣ କିଛି ମନେ କରିବେ ନାହିଁ ତ କୁହନ୍ତୁ, ମୁଁ ଯାଇ ପଚାରିବି ।" କହୁଁ କହୁଁ ଡ୍ରଇଂ ରୁମ୍‌ରେ ଫାଦରଙ୍କ ସାମନା ସୋଫାରେ ବସିପଡ଼ିଲା ସୁଜାନ ।

Digitized by srujanika@gmail.com

"ତୁ ଏମିତି କି ପ୍ରଶ୍ନ ପଚାରୁଛୁ ଯେ ମୋଠାରୁ ଉତ୍ତର କରିନେଉଛୁ ମା'? ହଉ ପଚାର, ମୁଁ କାହିଁକି କିଛି ମନେକରିବି ?"

"ଫାଦର, ଆପଣ ତ ନିଶ୍ଚିତ ଭାବେ ଆମେରିକାନ୍ !"

"ହଁ ମା, କାହିଁକି ?"

"ଆପଣ ତ ଅତନୁର ବାପା ?"

"ହଁ ଯେ, ତୁ ତ ଜାଣିଛୁ ମା, ସେ ମୋର ନିଜ ଜନ୍ମିତ ପୁଅ ନୁହେଁ, ପାଳିତ ପୁଅ ।"

"ତା' ତ ମୁଁ ଜାଣିଛି । ଅତନୁ ତ ଭାରତୀୟ । ହେ ଆପଣଙ୍କର ନିଜ ପୁଅ ହୁଅନ୍ତା କେମିତି ?"

"ତେବେ ଆପଣ ତ ତାଙ୍କୁ ପିଲାଟି ଦିନରୁ ପାଳିଆଣିଛନ୍ତି । ସେ ତ ପିଲାଟି ଦିନରୁ ଏହି ଦେଶର ମାଟି ଏଇ ଦେଶର ଜଳବାୟୁରେ ବଢ଼ିଆସିଛି । ଏଇ ଦେଶର ଖାଦ୍ୟ ସେ ପିଲାଟି ଦିନରୁ ଖାଇଆସିଛି । ଆପଣ ଯେଉଁ ଖାଦ୍ୟ ଖାଆନ୍ତି ତାଙ୍କୁ ତ ସେଇ ଖାଦ୍ୟ ଖୁଆଇ ବଢ଼ାଇଛନ୍ତି ?"

"ହଁ ମା, ତା ତ ନିଶ୍ଚୟ । ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ମୁଁ ତାଙ୍କୁ ଯେତେବେଳେ ଗ୍ରେଟିଏ ଠାରୁ ଏତ୍ଟିଏ କଲି, ଆମ ଦେଶ ଖାଦ୍ୟ ଛଡ଼ା ଆଉ କଣ ସେ ଖୁଆଇପାରିଥାନ୍ତି ତାଙ୍କୁ ?"

"କିନ୍ତୁ ଫାଦର୍ ମୁଁ ଆପଣଙ୍କ ରୋଷେଇଘରେ ଆପଣଙ୍କ ରନ୍ଧା ଖାଦ୍ୟ ଦେଖି ଆଶ୍ଚର୍ଯ୍ୟ ହେଉଛି । ଆପଣମାନଙ୍କ ପାଇଁ ଆଜି ଯାହା ରନ୍ଧାହୋଇ ଥୁଆହୋଇଛି, ସେ ତ ଆମ ଦେଶ ରନ୍ଧା ଭଳି ମୋଟେ ଦିଶୁନି । ଆମ ଦେଶର କିଛି ଗୋଟିଏ ରନ୍ଧା ତ ମୁଁ ସେଠି ଦେଖିବାକୁ ପାଇଲିନି । ସେ କେଉଁ ଦେଶର ରନ୍ଧା ଠିକ୍‌ରୂପେ ଜାଣିନଥିଲେହେଁ ଏହା ମୋତେ ଭାରତୀୟ ରନ୍ଧା ବୋଲି ମନେହେଉଛି ।"

"ତୁ ଠିକ୍ ସନ୍ଦେହ କରିଛୁ ମା ! ଆମ ରୋଷେଇଘରେ ଆଜି ଯାହା ରନ୍ଧାହୋଇ ଥୁଆହୋଇଛି, ସେସବୁ ଆମ ଦେଶର ରନ୍ଧା ନୁହେଁ । ଏହା ହେଉଛି ପୁରାପୂରି ଭାରତୀୟ ରନ୍ଧା ।"

"କିନ୍ତୁ ଫାଦର, ଏହାକୁ ତ ରାନ୍ଧିଛି ମାର୍ଗାରେଟ୍ । ମାର୍ଗାରେଟ୍ ତ ଆମ ଦେଶର ଲୋକ । ସେ ଆମେରିକାନ୍ ହୋଇ ଭାରତୀୟ ରନ୍ଧା କେମିତି ରାନ୍ଧିପାରୁଛି, ସେଇଆ ଦେଖି ମୁଁ ବିସ୍ମିତ ହେଉଛି । ଆପଣମାନେ ସମସ୍ତେ ଏ ଦେଶର ଲୋକ ହୋଇ ଏ ଦେଶର ଖାଦ୍ୟକୁ ଛାଡ଼ି କେମିତି ଭାରତୀୟ ଖାଦ୍ୟକୁ ଆଦରି ନେଇଛନ୍ତି ତାହାହିଁ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଫାଦର ! ମାର୍ଗାରେଟ ଭାରତୀୟ ରନ୍ଧା ଶିଖିଲା କେଉଁଠୁ ?

"ସେ ଏକ ବିରାଟ ଇତିହାସ ମା ! ଶୁଣ, ତୋତେ ସବୁକଥା ଫିଟାଇ କହୁଛି । ଅତନୁକୁ ପିଲାଟି ଦିନରୁ ବଡ଼ ହେବା ପର୍ଯ୍ୟନ୍ତ ଆମ ଦେଶ ରନ୍ଧା ଖାଆଇ ଆସୁଥିଲି ।

Digitized by srujanika@gmail.com

ଅତନୁ ମଧ୍ୟ ଆମ ଦେଶ ଖାଦ୍ୟକୁ ବେଶ୍ ଭଲପାଉଥିଲା । ନ ପାଇବ ବା କେମିତି ? ଏଇ ଦେଶରେ ତ ତାର ଜନ୍ମ । ଏଇ ଦେଶର ଆବହାଓ୍ୱା, ଖାଦ୍ୟକୁ ଛାଡ଼ି ସେ ଚଳିବ ବା କେମିତି ? ତା ବାପା, ମା' ଯିନା ଭାରତୀୟ; କିନ୍ତୁ ସେ ଏ ଦେଶର ମାଟି ପବନରେ ତ ବଢ଼ିଛି । ତେଣୁ ଏ ଦେଶର ଖାଦ୍ୟକୁ ସେ ଅନାଦର ଦେଖାଇବ କାହିଁକି ? ମାର୍ଗାରେଟ ତାକୁ ପିଲାଟି ଦିନରୁ ଆମ ଦେଶ ରନ୍ଧା ଖୁଆଇ ଆସୁଥିଲା ।"

"ତେବେ ହଠାତ୍ ଏ ପରିବର୍ତ୍ତନ କାହିଁକି ହେଲା ଫାଦର ?"

"କିଛି ବର୍ଷତଳେ ଏହି ସହରରେ ଆମ ଘରଠାରୁ ଅଳ୍ପ ଦୂରରେ ରହୁଥିଲେ ଏକ ଭାରତୀୟ ପରିବାର, ଡକ୍ଟର କୁମୁଦରଞ୍ଜନ ମହାନ୍ତି ଓ ତାଙ୍କ ସ୍ତ୍ରୀ । ଡକ୍ଟର ମହାନ୍ତି ରୁଟଗରସ ବିଶ୍ୱବିଦ୍ୟାଳୟକୁ ପରିଦର୍ଶକ-ଅଧ୍ୟାପକ ଭାବେ ଆସିଥାନ୍ତି । ସେ ଆମର ଏହି ସହରରେ ରହି ପ୍ରତିଦିନ ନିଉବ୍ରାନ୍‌ସଉଇକକୁ ଯିବାଆସିବା କରନ୍ତି । ସେ ଆସିଥାନ୍ତି ମୋଟେ ଛଅମାସ ପାଇଁ । ସ୍ୱାମୀ, ସ୍ତ୍ରୀ ଦୁହେଁ ଏକା; ପିଲାପିଲି ସାଙ୍ଗରେ ଆଣି ନଥାନ୍ତି । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସେମାନେ ଭାରତରେ ରହୁଥାନ୍ତି । ତାଙ୍କର ପୁଅ ଡାକ୍ତର, ଭାରତରେ ଚାକିରି କରନ୍ତି । ଝିଅଟି ଏମ୍. ଏ. କ୍ଲାସରେ ପଢ଼େ । ସେହି ପରିବାର ସହିତ ଆମର ଜଣାଶୁଣା ହେବାରେ ଅତନୁକୁ ସେମାନେ ଭାରତୀୟ ପୁଣି ଓଡ଼ିଆ ଦେଖି ଅତି ନିଜର କରିନେଲେ । ମିସେସ୍ ମହାନ୍ତି ଅତନୁକୁ ନିଜ ପୁଅ ଭଳି ସ୍ନେହ କରିବାକୁ ଲାଗିଲେ । ଅତନୁ ତ ପିଲାଟି ଦିନରୁ ମା'ଛେଉଣ୍ଡ, ମାତୃ-ସ୍ନେହ କ'ଣ ଜାଣିନଥିଲା । ମିସେସ୍ ମହାନ୍ତିଙ୍କ ବାତ୍ସଲ୍ୟ ସ୍ନେହରେ ସେ ଏତେ ମୁଗ୍ଧ ହୋଇଗଲା ଯେ ତାଙ୍କ ସ୍ନେହରେ ସେ ସତେ ଯେମିତି ତାର ମାଆକୁ ଫେରପାଇଛି, ସେମିତି ଅନୁଭବ କଲା । ମିସେସ୍ ମହାନ୍ତି ଅତନୁକୁ ଦିନେ ନ ଦେଖିଲେ ପାଗଳ ହୋଇଯାଉଥିଲେ । ସେ ଅତନୁକୁ ନିଜ ପୁଅଠୁ ବଳି ସ୍ନେହ କରିବାକୁ ଲାଗିଲେ । ସେହି ଦିନଠାରୁ ଆମ ଦୁଇଟି ପରିବାର ଭିତରେ ହେଲା କ୍ଷୀର-ନୀର ସମ୍ବନ୍ଧ । ପ୍ରତିଦିନ ସନ୍ଧ୍ୟାବେଳକୁ ଅତନୁ ହସପିଟାଲରୁ ଫେରିଲାବେଳକୁ ମିସେସ୍ ମହାନ୍ତି ଆମ ଘରେ ଆସି ହାଜର । ଅତନୁ ଗାଧୁଆପାଧୁଆ ସାରିଲାବେଳକୁ ମିସେସ୍ ମହାନ୍ତି ତାକୁ ଡାକି ନେଇଯାନ୍ତି ତାଙ୍କ ଘରକୁ ସାନ୍ଧ୍ୟଭୋଜନ ପାଇଁ । ମୁଁ ବି କେତେ ଥର ଅତନୁ ସହିତ ଯାଇଛି ସେହି ସାନ୍ଧ୍ୟଭୋଜନ ପାଇଁ । ମିସେସ୍ ମହାନ୍ତି ଆମକୁ ଯେ କେତେ ପ୍ରକାର ଭାରତୀୟ ରାନ୍ଧଣା ଖୁଆନ୍ତି, ତାକୁ ହିସାବ କରି ହେବନି । ପ୍ରତିଦିନ ନୂଆ ନୂଆ ପ୍ରକାର ରାନ୍ଧଣା । ସେ ନିଜେ ଖୁବ୍ ସୁନ୍ଦର ରାନ୍ଧିପାରନ୍ତି । ପ୍ରଥମେ ପ୍ରଥମେ ମୋତେ ଭାରତୀୟ ଖାଦ୍ୟ କେମିତି କେମିତି ଲାଗୁଥିଲା, ତରକାରିରେ ରଙ୍ଗ, ମସଲା ମୋତେ ପ୍ରଥମେ ପ୍ରଥମେ ଭଲ ଲାଗୁନଥିଲା; କିନ୍ତୁ ପରେ ସେଗୁଡ଼ିକ ମୋ ଦେହରେ ଏମିତି ଚଳିଣି ହୋଇଗଲା ଯେ ଖାଇଲାବେଳେ ଆଉ କିଛି ଅସୁବିଧା ହେଉନି । ମୁଁ ତାଙ୍କ ଘରେ କେତେ ପ୍ରକାର ଭାରତୀୟ ରାନ୍ଧଣା, ପିଠା, ମିଠାଇ ଆଦି ଯେ ଖାଇଛି, ତାହାର ହିସାବ ଦେବା ମୋ ପକ୍ଷରେ କଷ୍ଟକର । ଭାରତୀୟମାନେ କେତେ ପ୍ରକାର ରାନ୍ଧଣା ଯେ ଖାଆନ୍ତି, ସେମାନଙ୍କ ଖାଇବା ରୀତି ଦେଖି ମୁଁ ଆଶ୍ଚର୍ଯ୍ୟ ହୁଏ । ଜଣେ ଜଣେ ଲୋକ ଭାତ ଖାଇବସିଲେ କାଳେ ପନ୍ଦର ଷୋଳ ପ୍ରକାର ତରକାରି ନହେଲେ ନହୁଏ । କି ଆଭିଜାତ୍ୟ !

Digitized by srujanika@gmail.com

ରଜା, ମହାରଜାମାନେ କାଳେ ଆହୁରି ଅଧିକ ପ୍ରକାର ଖାଆନ୍ତି । ମିସେସ୍ ମହାନ୍ତି ଯାହା ବର୍ଣ୍ଣନା କରନ୍ତି, ସେହି ରନ୍ଧା ପୁଣି ଆମ ଦେଶ ରନ୍ଧାଭଳି ସେତେ ସରଳ ନୁହେଁ । ସେହି ରନ୍ଧାରେ ବହୁ ଜିନିଷ୍ଟ ଓ ବହୁ ସମୟ ଖରଚ ହୁଏ । ଭାରତୀୟ ସ୍ତ୍ରୀଲୋକମାନଙ୍କର ଅଧିକାଂଶ ସମୟ ଏହି ରନ୍ଧାରେ କେବଳ ଯାଏ ବୋଲି ସେ ଖୁବ୍ କ୍ଷୋଭ କରନ୍ତି ।

ଅତନୁ ମିସେସ୍ ମହାନ୍ତିଙ୍କ ରନ୍ଧଣା ବାରମ୍ବାର ଖାଇବାପରେ ତା'ର ଭାରତୀୟ ରନ୍ଧଣା ପ୍ରତି ଏକ ଅସ୍ୱାଭାବିକ ଆକର୍ଷଣ ଗ୍ଲୁଆସିଲା । ଏହି ରନ୍ଧା ଖାଇ ତା'ର ଖାଇବାରେ ଏମିତି ଏକ ପରିବର୍ତ୍ତନ ଆସିଲା, ଯା' ଫଳରେ ସେ ମାର୍ଗାରେଟ୍‌ର ରନ୍ଧା ଭଲଭାବରେ ଖାଇ ପାରିଲାନି । ଘରେ ଖାଇଲେ ଏଣୁତେଣୁ କିଛିଏ ଖାଇଦେଇ ଉଠିଯାଏ । ମିସେସ୍ ମହାନ୍ତିଙ୍କ ଘରେ ଖାଇଲେ ଖୁବ୍ ଭଲ ଭାବରେ ପେଟପୂରି ଖାଏ । ଅତନୁର ଏଭଳି ଖାଇବା ରୀତି ଦେଖି ମୋର ବଡ଼ ଚିନ୍ତାହେଲା । ଏହାକୁ ନେଇ ଅନେକ ଭାବିଲି । ମୋର ଧାରଣା ହେଲା ଯେହେତୁ ଅତନୁ ଭାରତୀୟ, ଆମେରିକା ଆବହାଓ୍ୱାରେ ବଢ଼ି ମଧ୍ୟ ଭାରତୀୟ ରନ୍ଧାଆଡ଼କୁ ତା ମନ ଟାଣିହୋଇଯାଉଛି ।

ମୁଁ ବହୁତ ଦିନଧରି ଅତନୁର ଖାଇବା ରୀତିକୁ ଚୁପ୍‌ଚାପ୍ ଲକ୍ଷ୍ୟକଲି, ଦେଖିଲି ତା'ର ଖାଇବା ରୀତି ଆମ ଦେଶର ଖାଇବା ରୀତିଠାରୁ ଧୀରେ ଧୀରେ ବଦଳିଯାଉଛି । ଅତନୁର ଏଭଳି ଖାଇବା ରୀତିର ପରିବର୍ତ୍ତନ ଦେଖି ମାର୍ଗାରେଟ୍ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହେଲା । ଆମ ଦେଶ ରନ୍ଧା ଅତନୁ ଯେ ଭଲଭାବରେ ଖାଉନି, ମୋତେ ବହୁତ ଥର ଆସି କହିଲା । ଏ ବିଷୟରେ କ'ଣ କରାଯାଇପାରିବ, ବହୁତ ଦିନଧରି ଚିନ୍ତାକଲି । ଶେଷରେ ମୁଁ ଠିକ୍ କଲି ପୁଅକୁ ଯାହା ଭଲ ଲାଗୁଛି, ଆମର ତାହାହିଁ କରିବା ଦରକାର । ମୁଁ ତ ଜୀବନର ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଲିଣି, ମୋର ବା ଆଉ କେତେ ଦିନ ! ଅତନୁ ଯେଉଁଥିରେ ସୁଖୀ, ଆମର ସେଥିରେ ସୁଖୀହେବା କଥା । ଦିନେ ମାର୍ଗାରେଟ୍‌କୁ ଡାକି କହିଲି । ସେ ଯଦି ଆମ ଘରେ ସୁଖରେ ରହିବାକୁ ଚାହୁଁଥାଏ, ତେବେ ଅତନୁ ଯେଉଁ ପ୍ରକାର ଖାଦ୍ୟ ଚାହୁଁଛି, ତା'ର ସେହିଭଳି ଖାଦ୍ୟ ତିଆରିକରିବା ଦରକାର । କହିଦେଲି ସିନା, ପରେ ଭାବିଲି, ମାର୍ଗାରେଟ୍ ତ ମାର୍କିନ ମହିଳା, ଭାରତୀୟ ରନ୍ଧା ରାନ୍ଧିବ କେମିତି ?

ସେକଥା ମଧ୍ୟ ଚିନ୍ତା କରିବାକୁ ପଡ଼ିଲା । ଶେଷରେ ଠିକ୍ କଲି ମିସେସ୍ ମହାନ୍ତିଙ୍କ ସାହାଯ୍ୟ ନ ନେଲେ ହେବନି । ମିସେସ୍ ମହାନ୍ତିଙ୍କୁ ଫୋନକଲି, ମାର୍ଗାରେଟ୍ ଯଦି ତାଙ୍କ ଘରକୁ ଯାଏ, ସେ ତାକୁ ଭାରତୀୟ ରନ୍ଧଣା ଶିଖାଇଦେବେ କି ବୋଲି ପଚାରିଲି । ପୁଅ ଯେତେବେଳେ ଭାରତୀୟ ରନ୍ଧଣାକୁ ଭଲପାଉଛି, ଆମର ତାକୁ ସେଭଳି ଖାଦ୍ୟଦେବା ଦରକାର । ମିସେସ୍ ମହାନ୍ତି ମନା କରନ୍ତେ ବା କେମିତି ? ସେ ତ ଏଇ ଗୋଳମାଳର ମୂଳରେ । ସେହି ଦିନଠାରୁ ମାର୍ଗରେଟ ମିସେସ୍ ମହାନ୍ତିଙ୍କ ଘରକୁ ଯାଇ ସବୁପ୍ରକାର ଭାରତୀୟ ରନ୍ଧଣା ଶିଖିଆସିଲା । ମାର୍ଗାରେଟ୍ ଯେତେପ୍ରକାର ଭାରତୀୟ ରନ୍ଧଣା ଜାଣିଛି, ଖୁବ୍ କମ୍ ଭାରତୀୟ ମହିଳା ସେତେ ପ୍ରକାର ରନ୍ଧା ଜାଣିଛନ୍ତି । ପୁଅ ସହିତ ଭାରତୀୟ ରନ୍ଧଣା

Digitized by srujanika@gmail.com

ଖାଇ ଖାଇ ମୁଁ ମଧ୍ୟ ଆମ ଦେଶ ଖାଇବା ଭୁଲିଗଲିଣି ମା' ! ଉତ୍କଳର ମହାନ୍ତି ଓ ମିସେସ୍ ମହାନ୍ତି ଛଅମାସ ପରେ ଏ ଦେଶରୁ ଚାଲିଗଲେ ସତ; କିନ୍ତୁ ଆମ ଘରର ଖାଇବା ରୀତିକୁ ସବୁଦିନ ପାଇଁ ବଦଳାଇ ଦେଇଗଲେ । ମିସେସ୍ ମହାନ୍ତି ଏବେ ବି ଅତନୁ ପାଖକୁ ଚିଠି ଲେଖନ୍ତି, ଅତନୁ ସେହି ଚିଠି ଜରିଆରେ ମିସେସ୍ ମହାନ୍ତିଙ୍କ ଭିତରେ ନିଜର ହରାଇଥିବା ମାଆର ପ୍ରତିବିମ୍ବ ଦେଖିବାକୁ ପାଏ ।"

ଫାଦର ଏହିଭଳି କହିଚାଲିଛନ୍ତି, ହଠାତ୍ ଗେଟ୍ ପାଖରେ ମଟର ହର୍ଣ୍ଣ ଶୁଭିଲା । ଫାଦର ଚମକିପଡ଼ି କହିପକାଇଲେ, "ଅତନୁ ଏଥର ଆସିଗଲା ମା ! ଯା, ଏଥର ବଢ଼ାବଢ଼ି କର । ଢେର୍ ଡେରି ହୋଇଗଲାଣି । ପୁଅଟା ଭୋକରେ ଆଉଟୁପାଉଟୁ ହୋଇଯିବଣି ।

ସୁଯାନ ରୋଷେଇଶାଳକୁ ଯାଉଛି କି ନାହିଁ ଅତନୁ ଘରଭିତରକୁ ପଶି ଆସି କହିଲା, "ଫାଦର, ଶୁଣିଲେଣି, ମାର୍ଗାରେଟ ପୁଅ ରବର୍ଟ ସାଂଘାତିକ ଭାବରେ ରୋଗଗ୍ରସ୍ତ । ମୁଁ ତାକୁ ପରୀକ୍ଷାକରି ଯାହା ଦେଖିଲି, ତାର ମୁଖର ଶବ୍ଦଯନ୍ତ୍ରଟିରେ କ୍ୟାନ୍ସର ବ୍ୟାପିଯାଇଛି । ଅପରେସନ ଛଡ଼ା ଅନ୍ୟ ଉପାୟ ନାହିଁ । ମୁଁ ତାକୁ ଆମ କ୍ୟାନସର ଇନ୍‌ଷ୍ଟିଚ୍ୟୁଟକୁ ପଠାଇଦେଇ ଆସିଛି । ମୋତେ ଆଜି ତା'ର ଅପରେସନ ଏହି ରାତିରେ କରିବାକୁ ପଡ଼ିବ । ଆଜି ନ କଲେ ଆଉ ହୋଇପାରିବନି । କାଲି ଦିନରେ ଏତେଗୁଡ଼ିଏ ଅପରେସନ ହେବା ଠିକ୍ ହୋଇଛି ଯେ ତାକୁ ଦେଖିବାକୁ ବି ଆମ କାହାରିକୁ ବେଳ ମିଳିବନି । ଆଜି ରାତିରେ ଯଦି ନ ହେଉଛି, ତେବେ ଆସନ୍ତା ମାସକ ଭିତରେ ଅପରେସନ ଥିଏଟର ମିଳି ନପାରେ ତା ଅପରେସନ ପାଇଁ । ବର୍ତ୍ତମାନ ଯଦି ଅପରେସନ କରାନଯାଉଛି, ତେବେ ରବର୍ଟକୁ ବଞ୍ଚାଇବା କଷ୍ଟକର ହୋଇପଡ଼ିବ ଫାଦର !"

ଫାଦର ଆଶ୍ଚର୍ଯ୍ୟହୋଇ ଅତନୁକୁ ଅନାଇ ରହିଥାନ୍ତି ।

"ଆପଣ ଜାଣନ୍ତି ଫାଦର, ରବର୍ଟ ଅସମ୍ଭବ ଧରଣର ସିଗାରେଟ ଖାଏ । ଖାଲି ସିଗାରେଟ ନୁହେଁ, ସିଗାର, ଚୁରୁଟ ସବୁ କିଛି । ମୁଁ ତାକୁ ଯେଉଁଠି ଦେଖିଛି, ସିଗାରେଟ ତା' ପାଟିରେ ନଥିବ, ଏମିତି କେବେ ଦେଖିନି । ମୁଁ ମାର୍ଗାରେଟ୍‌କୁ ଏକଥା କେତେ ଥର କହିଛି । ମୋର ସନ୍ଦେହ ହେଉଛି ଫାଦର, ତା'ର ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତହୋଇ ପାରିଥାଏ । ତାହା ଯଦି ହୋଇଥାଏ, ତେବେ ରବର୍ଟକୁ ବଞ୍ଚାଇବା କଷ୍ଟକର । ତେବେ ଭଲ ଭାବରେ ଇନ୍‌ଷ୍ଟିଚ୍ୟୁଟରେ ପରୀକ୍ଷା ନ କଲା ପର୍ଯ୍ୟନ୍ତ କହିହେବନି । ବାହ୍ୟ ଲକ୍ଷଣରୁ ଯାହା ଜଣାପଡ଼ୁଛି, ତା ଫୁସ୍‌ଫୁସ୍ ଆକ୍ରାନ୍ତ ହୋଇ ନ ପାରିଥାଏ । ଇନ୍‌ଷ୍ଟିଚ୍ୟୁଟରେ ତାର ଛାତିର ଏକ୍ସ-ରେ' ଫଟୋ ସଙ୍ଗେସଙ୍ଗେ ବ୍ରୋଙ୍କୋସ୍କୋପରେ ପରୀକ୍ଷା ନ କଲା ପର୍ଯ୍ୟନ୍ତ କହିହେବନି । ତା'ଛଡ଼ା ସାଇଟୋଲଜି ଓ ହିଷ୍ଟୋଲଜି ପରୀକ୍ଷା ନ କଲେ ଠିକ୍ ଭାବରେ ଜାଣିହେବନି । ଆଜି ରାତିରେ ଏସବୁ ପରୀକ୍ଷାକରି ଜାଣିହେବ, ତା'ର ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତ କି ନୁହେଁ । ଫୁସ୍‌ଫୁସ୍ ଯଦି ଆକ୍ରାନ୍ତ ହୋଇ ନଥାଏ, ତେବେ ବିଶେଷ ଚିନ୍ତା କରିବାର ନାହିଁ । ମୁଖର ସ୍ୱରଯନ୍ତ୍ରରେ ଯେଉଁ କର୍କଟରୋଗ ହୋଇଛି,

Digitized by srujanika@gmail.com

ତାକୁ ଅପରେସନଦ୍ୱାରା ଦୂର କରାଯାଇପାରିବ । ସ୍ୱରଯନ୍ତ୍ରକୁ ଅପରେସନକରି ବାହାରକରି ଦେଲେ ରବର୍ଟ ବଡ଼ପାଟିରେ କଥାବାର୍ତ୍ତା କରିପାରିବ ନାହିଁ ସତ; କିନ୍ତୁ ରୋଗରୁ ପୂରାପୂରି ମୁକ୍ତହୋଇ ପାରିବ । ମୁଁ ରବର୍ଟକୁ ମାର୍ଗାରେଟ ସହିତ ହସପିଟାଲକୁ ପଠାଇ ଦେଇଆସିଛି । ମୁଁ ସଙ୍ଗେ ସଙ୍ଗେ ନ ଗଲେ ଚଳିବନାହିଁ । ମୁଁ ଆପଣଙ୍କୁ ଏତିକି ଜଣାଇଦେବାପାଇଁ ଧାଇଁ ଆସିଲି । ଆପଣ ଖାଇନିଅନ୍ତୁ ଫାଦର, ମୋତେ ଖାଇବାକୁ ବେଳ ହେବନି । ମୁଁ ଆମ ରେଷ୍ଟୁରାଣ୍ଟରେ କିଛି ଖାଇନେବି ।”

ଏତିକି କହି କହି ଅତନୁ ଉଠିସିବାକୁ ବାହାରିଲା ଫାଦର କ’ଣ କହିବେ ସେ ଆଡ଼କୁ ଲକ୍ଷ୍ୟ ନ ରଖି । ଫାଦର ଅତନୁକୁ ଖାଇବାପାଇଁ ଅଟକାଇବେ କି କଅଣ ଭାବି ଠିକ୍ କରି ପାରିଲେନି । ଅତନୁ ଗାଡ଼ିରେ ଷ୍ଟାର୍ଟଦେବା ଶୁଣି ସୁହାନ ରନ୍ଧାଘରୁ ଦୌଡ଼ିଆସିଲି । “ଏ କ’ଣ ଫାଦର, ଅତନୁ ପୁଣି କୁଆଡ଼େ ବାହାରିଗଲା ?”

“ରଫେଲର କ୍ୟାନସର ଇନଷ୍ଟିଚ୍ୟୁଟ ।”

“କ’ଣ, ଏତେ ରାତିରେ ?”

“ହଁ, ମା, ବର୍ତ୍ତମାନ ରବର୍ଟର ପରୀକ୍ଷା ହୋଇ ଆଜି ରାତିରେ ତା’ର ଅପରେସନ ହେବ । ନ ହେଲେ ତାର ବଞ୍ଚିବା ଆଶା କମ୍ ମା’ ।”

“ଏମିତି ନ ଖାଇ ନ ପିଇ ଅତନୁ କେମିତି ବଞ୍ଚିବ, ମୁଁ ଭାବିପାରୁନି ଫାଦର !”

“ମୋର ତ ସେଇ ଚିନ୍ତା ମା’ । ପାଗଳାଟା ନିଜ ସ୍ୱାସ୍ଥ୍ୟ ପ୍ରତି ଏତେ ଅବହେଳା କଲେ, ନିଜେ ବେମାର ହେବା ହିଁ ସାର ହେବ ।”

“ଅତନୁର ସ୍ୱାସ୍ଥ୍ୟପାଇଁ ମୋର ବଡ଼ ଚିନ୍ତା ଫାଦର !”

“ମୁଁ କ’ଣ ତାହା ବୁଝୁନି ମା’ ! ହେଲେ ଆଉ କ’ଣ କରିପାରିବି କହିଲୁ ? ତୁ ତ ଦେଖୁଛୁ ତାକୁ । ସବୁବେଳେ କାମ କାମ ବୋଲି ତ ବ୍ୟସ୍ତ ରହୁଛି, ଭୋକ-ଶୋଷ କଥା ଛାଡ଼ । ହେଇ ତ ଆସିଲାବେଳେ କହୁଥିଲା, ଫାଦର ଭାରି ଭୋକ, ରୋଗୀ ଯେମିତି ଦେଖିଲି ଭୋକ ଶୋଷ ଭୁଲି ନ ଖାଇ ନ ପିଇ ପଳାଇଲା । ପାଗଳାଟାକୁ ମୁଁ କେମିତି ବାଟକୁ ଆଣିବି, ଭାବି ଭାବି କିଛି ଥଳକୂଳ ପାଉନି ମା !”

“ତା ହେଲେ ଅନ୍ତତଃ ଖାଇବେ ଆସନ୍ତୁ, ଫାଦର ! ଅତନୁ ପାଇଁ ଆପଣ ଉପାସ ରହିପାରିବେନି ତ ।”

“ଆମେ ତ ଆସି ଜୀବନର ଶେଷ ମୁହୂର୍ତ୍ତରେ ପହଞ୍ଚିଲୁଣି । ଆମପାଇଁ ଖାଇବାଟା କ’ଣ ଏତେ, ବଡ ମା’ ! ଯିଏ ଖାଇବା କଥା, ସିଏ ତ ରୋଗୀ ରୋଗୀ ହୋଇ ପାଗଳ ହେଲା । ମୁଁ ଆଉ କ’ଣ କରିବି ମା ।”

ଫାଦର ଖାଉଁ ଖାଉଁ କହିଲେ, “ମା’ ସୁହାନ, ମୋର ଦୁଃଖ, ତୁ ଅତନୁ ଅତନୁ ହୋଇ ପାଗଳ ହେଉଛୁ । ଅତନୁ ସଙ୍ଗସୁଖ ପାଇବାପାଇଁ ଏତେ ଆସୁଛୁ । କାହିଁ ! ପାଗଳଟା ତୋ କଥା ଟିକିଏ ଖିଆଲ କରନ୍ତା ଭଲ । ଏହାଠାରୁ ବଳି ଦୁଃଖ ମୋ ପକ୍ଷରେ

Digitized by srujanika@gmail.com

ଆଉ କଣ ହୋଇପାରେ ମା' ! ଆଚ୍ଛା, ପୁଅକୁ ଡାକ୍ତରୀ ପଢ଼ାଇଲି ଯେ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଦିନରାତି ଖାଲି ରୋଗୀ ଚିନ୍ତାରେ ଧାଇଁଲା । ମୁଁ ଜଣେ ଧର୍ମଯାଜକ ହୋଇ ମଧ୍ୟ ଜନସେବାରେ ତା ଭଳି ନିଜକୁ ଏତେ ନିୟୋଜିତ କରିପାରିନି । ମୋର ପ୍ରଭୁ ଯୀଶୁଙ୍କଠାରେ ଏତିକି ମାତ୍ର ପ୍ରାର୍ଥନା, ସେ ତାକୁ ଘଣ୍ଟ ଘୋଡ଼ାଇ ରଖିଥାଆନ୍ତୁ, ତା ଆୟୁଷ ବଢ଼ୁ । ସେ ଏହିଭଳି ଜନସମାଜ ଉପକାରରେ ଲାଗିଥାଉ । ଯୀଶୁ ଖ୍ରୀଷ୍ଟ କ'ଣ କହିଛନ୍ତି ଜାଣୁ ମା, ରୋଗୀର ସେବା ହିଁ ଭଗବାନଙ୍କ ପ୍ରକୃତ ସେବା । ରୋଗୀକୁ ସେବା କରିବା ଯାହା, ଭଗବାନଙ୍କୁ ସେବା କରିବା ସେଇଆ । ମୁ ଜୋର୍ ଦେଇ କହିପାରେ ମା, ପୁଅର ରୋଗୀସେବା ତୁଳନାରେ ପୃଥିବୀର ଶ୍ରେଷ୍ଠ ମିସନାରୀର ଜନସେବା କିଛି ନୁହେଁ ।"

"କିନ୍ତୁ ଫାଦର, ଆପଣଙ୍କ ଆଜ୍ଞା ହିଁ ତାକୁ ନିଜ ସ୍ୱାସ୍ଥ୍ୟପ୍ରତି ସଚେତନ କରାଇ ପାରିବ । ଅତନୁର ସ୍ୱାସ୍ଥ୍ୟଭଗ୍ନକୁ ମୋର ଖାଲି ଡର ଫାଦର !"

"ଅତନୁର କ୍ୟାନ୍‌ସର ଚିକିତ୍ସାରେ ପାରଦର୍ଶିତା ବହୁ ଲୋକଙ୍କ ମୁହଁରେ ପ୍ରଶଂସିତ ହେବାର ମୁଁ ଶୁଣିଛି ଫାଦର ! ରକ୍‌ଫେଲର କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍‌ରେ ସେ ଏକ ମଣି । ମୋର ବିଶ୍ୱାସ ଆଉ ଅଳ୍ପ କେଇଦିନ ଭିତରେ ପୃଥିବୀର ଜଣେ ଶ୍ରେଷ୍ଠ କ୍ୟାନସର ସର୍ଜନ ଭାବରେ ଆମେରିକାର ମୁଖୋଜ୍ଜ୍ୱଳ କରିବ । ତା ଭଳି ଦେଶର ଜଣେ ଅତି ଯୋଗ୍ୟ ସନ୍ତାନକୁ ଜୀବନର ସାଥୀ ଭାବରେ ପାଇବା କମ୍ ବଡ଼ ସୌଭାଗ୍ୟର କଥା ନୁହେଁ, ଫାଦର !"

"ମା' ସୁସାନ, ତୋର ବହୁତ ଡେରି ହୋଇସିବଣି । ତୋ ବାପା ମା' ଚିନ୍ତାରେ ବ୍ୟସ୍ତ ହେଉଥିବେ । ତୁ ଆଜି ଯା, ଆରଥରକୁ ଆସିଲାବେଳକୁ ମୁଁ ଅତନୁକୁ ନିଶ୍ଚୟ ଅଟକାଇ ରଖିଥିବି । ଅତନୁର ସଙ୍ଗସୁଖ ପାଇବା ଆଶାରେ ଘରେ କହିଦେଇ ଆସିଛୁ, ଏଠି ଖାଲି ଏ ବୁଢ଼ାଟା ସାଙ୍ଗରେ ଗପ କରି କରି ଫେରୁଛୁ । ଅତନୁର ସାଙ୍ଗ ହେବାପାଇଁ ଆଗରୁ ଯେତେ ଝିଅ ଆସୁଥିଲେ, ଆଜିକାଲି ସେମାନେ କ'ଣ ଆଉ ଆସୁଛନ୍ତି ? ଏଲିନା, ଲରା, ଲିଜ ଆଦି କେତେ ଝିଅ ବନ୍ଦ ହୋଇଗଲେଣି । ତୁ ଏକମାତ୍ର ଝିଅ ମା, ଅତନୁକୁ ଛାଡ଼ିପାରୁନୁ । ପାଗଳାଟା ତୋ କଷ୍ଟ ବୁଝୁଛି କାହିଁ ?

ହେଉ, ଯା ମା, ହଁ, ତୋ ବାପା ଓ ମା' ସହିତ ବହୁତ ଦିନ ହେଲା ଭେଟ ହୋଇନାହିଁ । ସେମାନଙ୍କୁ ମୋର ଆଶୀର୍ବାଦ ଜଣାଇଦେବୁ ମା' । ସେମାନେ ଚର୍ଚ୍ଚକୁ ନିଶ୍ଚୟ ଆସୁଥିବେ । ଏତେ ଲୋକଙ୍କ ଭିତରେ କ'ଣ ମୁଁ ସେମାନଙ୍କୁ ଭେଟିପାରୁଛି ? କହିବୁ ମା' ! ଆସନ୍ତା ରବିବାର ଚର୍ଚ୍ଚକୁ ଆସିଲେ ମୋତେ ଦେଖା ନ ଦେଇ ସେମାନେ ଯେମିତି ଚାଲି ନ ଯାନ୍ତି । ମୁଁ ସେମାନଙ୍କୁ ଭେଟିଲେ ଖୁବ୍ ଖୁସିହେବି ମା' ।"

"ହେଉ ଫାଦର, ମୁଁ ବାପା, ମା'ଙ୍କୁ ଆପଣଙ୍କ କଥା କହିବି । ମୁଁ ଏବେ ଯାଉଛି । ଶୁଭରାତ୍ରି ଫାଦର ।"

× × ×

Digitized by srujanika@gmail.com

"କଣ ଆସିଗଲୁଣି ମା' ସୁହାନ । ଆ, ବସ । ମୋତେ ବଡ଼ ଦୁଃଖ ଲାଗୁଛି ମା' ସେ ଏଇ ବର୍ତ୍ତମାନ ନିଉୟର୍କରୁ ଫୋନ କରିଥିଲା । ଫେରୁ ଫେରୁ ପଥ ଦୁର୍ଘଟଣା କି ଘଟଣା ହୋଇଯିବ । ଆଜି ତା ହସ୍‌ପିଟାଲରେ ଏକ ସାଂଘାତିକ ମସ୍ତିଷ୍କ କେନ୍‌ସର ଅପରେସନ ହେବ । କାଲିଫର୍ଣ୍ଣିଆର ପୃଥିବୀ ବିଖ୍ୟାତ ମସ୍ତିଷ୍କ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଆରଇ ସମେନ ତାଙ୍କ ହସପିଟାଲକୁ ଆସିଛନ୍ତି । ସେ ତାଙ୍କ ସହକର୍ମୀ ଭାବରେ ଏଇ ଅପରେସନରେ ତାଙ୍କୁ ସାହାଯ୍ୟ କରିବ ।"

ସୁହାନ ଫାଦରଙ୍କ ସାମନା ସୋଫାରେ ବସୁ ବସୁ ଫାଦର୍ ଏଇତକ କହିଗଲେ । "ଅତନୁର ବାପା ଆସିଛନ୍ତି । ସେ ଆସିଲା ବେଳଠାରୁ ପୁଅକୁ ଅପେକ୍ଷା କରି ବସିଛନ୍ତି । ମୁଁ ତାଙ୍କୁ ଅତନୁ କଥା କହିଦେଇ ଆସେ । ତୁ ଏଠି ବସିଥା ମା' !"

ସେ କୋଠରୀରେ ଯେଉଁ ଭଦ୍ରଲୋକ ବସିଛନ୍ତି ସେ କ'ଣ ଅତନୁର ବାପା ? ସୁହାନ ପଚାରିଲା ।

"ହଁ ମା' ! ସେ ହେଉଛନ୍ତି ଅତନୁର ପ୍ରକୃତ ବାପା । ସେ ନିଉଆରଲିଆନ୍‌ସ ମେଡିକେଲ କଲେଜର ପ୍ରସୂତି-ବିଜ୍ଞାନ ଅଧ୍ୟାପକ । ପ୍ରସୂତି-ବିଜ୍ଞାନରେ ଏକ ଖ୍ୟାତନାମା ବିଶେଷଜ୍ଞ ଭାବରେ ଆମ ଦେଶରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେ ବେଳେ ବେଳେ ଅତନୁକୁ ଦେଖିବାକୁ ଏଠାକୁ ଚାଲିଆସନ୍ତି । ଅତନୁ ଛଡ଼ା ତାଙ୍କର ଏହି ସଂସାରରେ ଆଉ କେହି ନାହିଁ । ସେ ସକାଳୁ ଆସିଲେଣି, ଅତନୁକୁ ଦେଖିନାହାନ୍ତି, ବଡ଼ ବ୍ୟସ୍ତ ହେବେଣି । ମୋତେ ଦୁଇଥର ଅତନୁ ଫେରିବା କଥା ପଚାରିଗଲେଣି ।

"କ'ଣ ଫାଦର୍, ଅତନୁ ପାଖରୁ କିଛି ଖବର ଆସିଲା ? ସେ କେତେବେଳେ ଫେରୁଛି ?" କହୁଁ କହୁଁ ଫାଦରଙ୍କ କୋଠରୀ ଭିତରକୁ ପଶିଆସିଲେ ଅତନୁର ବାପା ଡକ୍ଟର ରବୀନ୍ଦ୍ର କୁମାର ପଟ୍ଟନାୟକ ।

ସୁହାନ ଠିଆହୋଇପଡ଼ି ତାଙ୍କୁ ନମସ୍କାର ଜଣାଇଲା । ଏ ଝିଅଟି କିଏ ଜାଣିବା ପାଇଁ ସେ ଫାଦରଙ୍କ ଆଡ଼କୁ ଅନାଇ ରହିଲେ ।

ଫାଦର ଡାକ୍ତରଙ୍କ ଆଡ଼କୁ ଅନାଇ କହିଲେ, "ଏ ହେଲା ଅତନୁର ଜଣେ ବାନ୍ଧବୀ, ସୁହାନ । ଅତନୁ ସହିତ ଏମିତି ଖୁସିଗପ କରିବାପାଇଁ ସନ୍ଧ୍ୟାବେଳେ ଚାଲିଆସେ । ଅତନୁ ଆଜି ଛ'ଟାବେଳେ ଆସିବ ବୋଲି କହିଦେଇ ଯାଇଥିଲା । ବର୍ତ୍ତମାନ ଫୋନ କରିଛି ସେ ଫେରୁ ଫେରୁ ପଥ ଦୁର୍ଘଟଣା କି ଘଟଣା ହୋଇଯାଇପାରେ ।

"ଆଁ, ପଥ ଦୁର୍ଘଟଣା କି ଘଟଣା ହୋଇଯିବ ?" ଚମକିପଡ଼ିଲେ ଅତନୁର ବାପା । ସୁହାନ ଆଡ଼କୁ ଅନାଇ, ହେଉ ବସ ମା' ଠିଆହୋଇ ରହିଲୁ ଯେ । ଏତକ କହୁ କହୁ ସେ ନିଜେ ଫାଦରଙ୍କ ସାମନା ସୋଫାରେ ବସିପଡ଼ିଲେ ।

"ଫାଦର ! ଅତନୁ ପିଲାଟା, ଏତେ ଅଳ୍ପ ବୟସରେ ଏତେ କାର୍ଯ୍ୟବ୍ୟସ୍ତ ରହୁଛି, ଆପଣ ତାକୁ ଟିକିଏ ତାଗିଦ୍ କରୁନାହାନ୍ତି ? ଦିନସାରା ଏତେ ଖଟିଲେ ତା' ସ୍ୱାସ୍ଥ୍ୟ ସମ୍ଭାଳିବଟି ?"

Digitized by srujanika@gmail.com

"ମୁଁ ତାକୁ କଣ ସେକଥା କହିନି ଡକ୍ଟର ପଟ୍ଟନାୟକ ! ବହୁଥର କହିଛି, କହି କହି ଥକିଗଲିଣି । ତୁମେ ଯିନା ଏଠି ରହିନ୍ତ, ଦେଖନ୍ତ ପୁଅର ଗୁଣ । ସେ କ'ଣ ମୋ ଡାକିଦିକୁ ଶୁଣୁଛି । ଯେ କୌଣସି କର୍କଟ ରୋଗୀଟିଏ ଦେଖିଲେ ରୋଗୀଟିର ସବୁ କିଛି ଦାୟିତ୍ୱ ସେ ସଙ୍ଗେ ସଙ୍ଗେ ନିଜ ଉପରକୁ ନେଇନିଏ । ରୋଗୀଟି ହସପିଟାଲରେ ଭର୍ତ୍ତି ହେବାଠାରୁ ଆରମ୍ଭକରି ଅପରେସନ କରି ଭଲକଲା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ତାହାର । ସେଥିରେ ପୁଣି ବାଛବିଗ୍ଭର କିଛିନାହିଁ । ରୋଗୀଟି ଧନୀ ହେଉ ବା ଦରିଦ୍ର ହେଉ ଏକାପ୍ରକାର ବ୍ୟବହାର । ଯିଏ ଏଭଳି ଭାବରେ ଜନହିତକର କାମରେ ଲଗିରହିବ, ତୁମେ ତାକୁ କ ଡାଗିଦ କରିବ ଶୁଣେ ?"

"ଅନ୍ୟର ଉପକାର କରୁ କରୁ ଏଣେ ନିଜ ସ୍ୱାସ୍ଥ୍ୟଟିକକ ଯେ ଭାଙ୍ଗିପଡ଼ିବ । ନିଜ ସ୍ୱାସ୍ଥ୍ୟ ଭଲ ରହିଲେ ଯିନା ସେ ଅନ୍ୟର ଉପକାର କରିପାରିବ । ଇଏ କ'ଣ ଠିକ୍ ନୁହେଁ ମା ?" ସୁଯାନ ଆଡ଼କୁ ଅନାଇ ଡକ୍ଟର ପଟ୍ଟନାୟକ କହିଲେ ।

ସୁଯାନ ଡକ୍ଟର ପଟ୍ଟନାୟକଙ୍କ କଥାରେ ମୁଣ୍ଡ ଟୁଙ୍ଗାରିଲା ।

"ଅତନୁର ନୂଆ ନୂଆ ଅପରେସନ ଶିଖି ନିଜ ବିଭାଗରେ କିପରି ଆଗକୁ ଆଗକୁ ଯିବ, ସେଥିପାଇଁ ତାର ଯେଉଁ ଆଗ୍ରହ, ତୁମେ କଳ୍ପନା କରିପାରିବନି ଡକ୍ଟର ପଟ୍ଟନାୟକ ! ସେଇ ଆଗ୍ରହକୁ ବାଧାଦେଇ ହେବନି । ଆଜ ପୁଅର ହସପିଟାଲକୁ ଅପରେସନ ପାଇଁ ଆସିଛନ୍ତି କାଲିଫର୍ଣ୍ଣିଆର ପୃଥିବୀପ୍ରସିଦ୍ଧ ମସ୍ତିଷ୍କ କର୍କଟ ରୋଗ ବିଶେଷଜ୍ଞ ଡକ୍ଟର ଆଇଜେନ୍‌ମେନ । ତୁମେ ତ ନିଶ୍ଚୟ ଆଇଜେନ୍‌ମେନଙ୍କ ନାଁ ଶୁଣିଥିବ ଡକ୍ଟର ପଟ୍ଟନାୟକ ! ତୁମେ ଆହୁରି ଜାଣିଛ ପୁଅର କାର୍ଯ୍ୟଦକ୍ଷତା ଓ ଅସ୍ତ୍ରୋପଚାରର ପଟୁତା ଦେଖି ଆଇଜେନ୍‌ମେନ ଖୁବ ପ୍ରଶଂସା କରନ୍ତି । ଗତଥର ନିଉୟର୍କ ଆସିଲାବେଳେ ସେ ଆମ ଘରକୁ ଆସିଥିଲେ । ସେ ଅତନୁକୁ ନିଜ ପୁଅ ଭଳି ଭଲପାଆନ୍ତି । ସେ ମୋତେ କେତେଥର କହିଛନ୍ତି, 'ଦେଖିବ ଫାଦର, ଅତନୁ ଭବିଷ୍ୟତରେ ଏକ ବଡ଼ କେନ୍‌ସର ସର୍ଜନ ହେବ । ପିଲାଟିର ଯାହା ଶିଖିବା ପାଇଁ ଏହିଭଳି ଝୁଙ୍କ ରହେ, ନିଜ କାର୍ଯ୍ୟ ପ୍ରତି ଏମିତି ଶ୍ରଦ୍ଧା ରହେ, ମୁଁ ଜୋର୍‌ଦେଇ କହିପାରେ ଫାଦର, ସେ ଖାଲି ଆମେରିକାର ମୁଖୋଜ୍ଜ୍ୱଳ କରିବନି, ସାରା ପୃଥିବୀରେ ଏକ ଶ୍ରେଷ୍ଠ କେନ୍‌ସର ସର୍ଜନ ଭାବରେ ସୁନାମ ଅର୍ଜନ କରିପାରିବ ।" କେନ୍‌ସର ଅପରେସନରେ ମୁଁ ବହୁ ଦକ୍ଷ ଅସ୍ତ୍ରୋପଚାରକଙ୍କୁ ଦେଖିଛି; କିନ୍ତୁ ଅତନୁର ଅସ୍ତ୍ରୋପଚାର ହାତ ମୁଁ କେଉଁଠି ଦେଖିନି । ତାର ଅସ୍ତ୍ରୋପଚାରପଟୁତା ଦେଖି ମୁଁ ବେଳେ ବେଳେ ନିଜକୁ ହୀନ ମଣେ । ଏତେ ଧୀର ଏତେ ଏକାଗ୍ର, ଏତେ ମେଥୋଡ଼ିକାଲ ମୁଁ କଳ୍ପନା କରିପାରେନି ଫାଦର ! ଅପରେସନ ବେଳେ ଟୋପାଏ ରକ୍ତ ଯେମିତି ଅଯଥା ନଷ୍ଟ ନ ହୁଏ, ସେଥିପ୍ରତି କଡ଼ା ନଜର । ତା'ର ସବୁଠାରୁ ବଡ଼ ଗୁଣ ଅସ୍ତ୍ରୋପଚାର ବେଳେ ସେ ସହକାରୀମାନଙ୍କ ଉପରେ ମୋଟେ ନିର୍ଭର କରେନି । ଯେଉଁଠି ସାହାଯ୍ୟ ନ ନେଲେ ନ ଚଳିବ, ସେଠି ସେ ସାହାଯ୍ୟ ନେବ । ଅନ୍ୟମାନଙ୍କ ଭଳି ପ୍ରଧାନ ଅପରେସନ ପରେ ସହକାରୀମାନଙ୍କ ଉପରେ ବାକିତକ କାମ ଛାଡ଼ିଦେଇ ନିଶ୍ଚିନ୍ତ ହେବା ପିଲା ସେ ନୁହେଁ । ଯେମିତି ନିଜ ହାତରେ ଆରମ୍ଭ କରିଥିବ

Digitized by srujanika@gmail.com

ଠିକ୍ ସେହିପରି ନିଜ ହାତରେ ଶେଷକରିବ । ଅପରେସନ ପରେ ଅପରେସନ କରି ଚାଲିଥିବ, କେବେ ଥକିପଡ଼ିବାର ମୁଁ ତାକୁ ଦେଖିନି ।' ଆଇଟେସ୍‌ମେନଙ୍କ ପ୍ରଶଂସା ଶୁଣି ମୁଁ ମନେ ମନେ ଈଶ୍ୱରଙ୍କୁ ପ୍ରଣାମ ଜଣାଏ । ପରମେଶ୍ୱରଙ୍କୁ ଡାକେ 'ହେ ପ୍ରଭୋ, ପୁଅର ଏହିଭଳି ପ୍ରଶଂସା ସବୁଦିନେ ଯେମିତି ମୋ କାନରେ ପଡ଼ୁଥାଉ ।"

ଏହିଭଳି କଥାବାର୍ତ୍ତା ଚାଲିଛି, ମାର୍ଗାରେଟ ଆସି କହିଲା, "ଅତନୁ ତ ଆଜି ଆସିବ ନାହିଁ । ଆପଣମାନେ ଆଉ କେତେ ସମୟ ନଖାଇ ଅପେକ୍ଷା କରିବେ ?"

"ହଁ ହଁ ଡକ୍ଟର ପଟ୍ଟନାୟକ ! ଆମେ ସତରେ କାହାକୁ ଅପେକ୍ଷା କରିଛେ ଯେ ? ହେଉ ବଢ଼ାବଢ଼ି କର ମାର୍ଗାରେଟ, ଆମେ ଉଠୁଛୁଁ । ସୁଜାନ ଆଡ଼କୁ ଅନାଇ, "ଆଜି ଆମ ଘରେ ଦ'ଟା ଖାଇଦେ ମା ।' ଆଉ କ'ଣ କରିବ ? ଦେଖୁଛୁ ତ ପାଗଳାଟାର କାର୍ତ୍ତି ।"

ସୁଜାନ, ଡକ୍ଟର ପଟ୍ଟନାୟକ, ଫାଦର ସମସ୍ତେ ମୁହଁ ହାତ ଧୋଇ ଡିନର ଟେବୁଲ ପାଖକୁ ଚାଲିଗଲେ । ଟେବୁଲ ଉପରେ ପୁରାପୁରି ଭାରତୀୟ ଖାଦ୍ୟ ବଢ଼ାହେବା ଦେଖି ଡକ୍ଟର ପଟ୍ଟନାୟକ ଆଶ୍ଚର୍ଯ୍ୟ ହୋଇଯାଇ ଫାଦରଙ୍କୁ ପଚାରିଲେ, "ଏ କ'ଣ ଫାଦର, ମୁଁ ଆଜି କ'ଣ ସବୁ ନୂଆ ଖାଇବା ଦେଖୁଛି । ଆମେରିକାନ ରୋଷେଇଘର କ'ଣ ପୁରାପୁରି ଭାରତୀୟ ରୋଷେଇଘର ପାଲଟି ଯାଇଛି । ଏସବୁକୁ ତିଆରି କଲା କିଏ ?"

"କାହିଁକି, ମାର୍ଗାରେଟ୍ ?"

"ଆଁ, ମାର୍ଗାରେଟ୍ ?" ଚମକି ପଡ଼ିଲେ ଡକ୍ଟର ପଟ୍ଟନାୟକ । "ଆପଣ କ'ଣ କହୁଛନ୍ତି ଏସବୁକୁ ରାନ୍ଧିଛି ମାର୍ଗାରେଟ୍ ?"

"ହଁ ମାର୍ଗାରେଟ୍ ତ କେତେଦିନ ହେଲା ଏଇ ଭାରତୀୟ ରନ୍ଧା ରାନ୍ଧୁଛି ।"

"ସେ ଶିଖିଲା କେଉଁଠୁ ? ତାକୁ ଭାରତୀୟ ରନ୍ଧା ଶିଖାଇଲା କିଏ ? ଆପଣ କ'ଣ ସବୁଦିନେ ଭାରତୀୟ ରନ୍ଧା ଖାଉଛନ୍ତି ?"

"ନ ଖାଇବି କେମିତି ?"

"ହଠାତ୍ ଏ ପରିବର୍ତ୍ତନ କାହିଁକି ଫାଦର ?"

"ପୁଅକୁ ଯାହା ଭଲଲାଗିବ ମୋତେ ତ ସେଇଆ କରିବାକୁ ପଡ଼ିବ ।"

"କିନ୍ତୁ ଗତଥର ଏଠାକୁ ଆସିଲାବେଳକୁ ଏମିତି ଭାରତୀୟ ରନ୍ଧାତ ନ ଥିଲା ? ଏଇ ଛଅମାସ ଭିତରେ ଏତେ ପରିବର୍ତ୍ତନ ?"

ଫାଦର ଗୋଟି ଗୋଟି କରି ସବୁକଥା ବର୍ଣ୍ଣନା କରିଗଲେ । "ଅତନୁ ଯେତେବେଳେ ଭାରତୀୟ ରନ୍ଧା ଖାଇବାକୁ ପସନ୍ଦ କରୁଛି, ଆମର ନ କରି ଚାରା କଅଣ ? ସେଥିଯୋଗୁଁ ମୋ ଖାଇବା ଚାଳିକୁ ବଦଳାଇବାକୁ ବାଧ୍ୟ ହେଲି । ମୁଁ ଭାରତୀୟ ରନ୍ଧାକୁ ବର୍ତ୍ତମାନ ବେଶ୍ ଖାଇପାରୁଛି । ପ୍ରଥମେ ପ୍ରଥମେ ଟିକିଏ ଟିକିଏ ଅଡ଼ୁଆ ଲାଗୁଥିଲା, ଆଜି କାଲି ବେଶ୍ ଚଳିଯାଉଛି ଅସୁବିଧା ହେଉନି ।"

Digitized by srujanika@gmail.com

ଡକ୍ଟର ପଟ୍ଟନାୟକ ଟେବୁଲ ଉପରକୁ ଆଖି ବୁଲାଇ ଆଣି ଆଶ୍ଚର୍ଯ୍ୟ ହୋଇ କହିଲେ, "କିନ୍ତୁ ଏସବୁ ଏକ ଭେଜ ଭଳି ଜଣାପଡ଼ୁଛି ଫାଦର । ଏ ତ ସାଧାରଣ ଘରୋଆ ରନ୍ଧା ନୁହେଁ । ଏ ପଲାଉ, ଏ ମାଛ ଝୋଳ, ଏ କୋବି ତରକାରି, ଏ ଖଟା, ଏ ଖିରି, ଏ ଭଜା କ'ଣ ସବୁ ଘରୋଆ ଖାଦ୍ୟ । କାମକାର୍ଯ୍ୟକୁ ଭେଜ ଖାତ କଲେ ଲୋକେ ଏସବୁ କରନ୍ତି ନା ।"

ଟେବୁଲ ଉପରକୁ ଆହୁରି ପ୍ରକାର ପ୍ରକାର ଖାଦ୍ୟ ଆଣି ସଜାଇ ଦେଉଁ ଦେଉଁ ମାର୍ଗାରେଟ କହିଲା, ଅତନୁ ଆଜ ସକାଳେ ହସପିଟାଲକୁ ଗଲାବେଳେ ମୋତେ କହିଦେଇ ଯାଇଥିଲା ଯେ ବାପା ଆଜ ନିଉଅରଲିୟାନ୍ସରୁ ଆସିବେ ବୋଲି । ତେଣୁ ଜଣ ଜଣ ରନ୍ଧା ହେବ ତାହାଁର ଏକ ତାଲିକା ଦେଇଯାଇଥିଲା । ନିଉବ୍ରାନ୍ସଉଇକର ସେହି ମାଛ ଦୋକାନୀକୁ ଟଟକା ରୋହି ମାଛ ପଠାଇ ଦେବାପାଇଁ ଫୋନରେ ବରାଦ କରିଦେଇ ଯାଇଥିଲା । ସେ ମୋତେ କହି ଯାଇଥିଲା ଖୁବ୍ ସାବଧାନରେ ତରକାରି ରନ୍ଧାରନ୍ଧି କରିବାକୁ । ତରକାରିରେ ଯେମିତି ଅଧିକ ମସଲା ପଡ଼ିଆନପାଏ ସେଥିପାଇଁ ତାଗିଦ କରି ଦେଇ ଯାଇଥିଲା ଗଲାବେଳେ ।"

"ଆଁ, ଏସବୁ ଅତନୁର ବରାଦ ଅନୁସାରେ ରନ୍ଧାହୋଇଛି ? ପାଗଳାଟା ବାପା ପାଇଁ କେତେ ଭାବୁଛି ସତେ !" ସେ ଟେବୁଲ ଚାରିପାଖକୁ ଆଖି ବୁଲାଇ ଆଣୁ ଆଣୁ କହିଲେ । ସୁଧାନ ପ୍ଲେଟ୍‌ରେ ପଲାଉ ବାଢ଼ି ସାରି କଣ୍ଟା ସାହାଯ୍ୟରେ ଖଣ୍ଡିଏ ରୋହିମାଛ ନେଉଥିବାର ଦେଖି କହିଲେ, "କିନ୍ତୁ ମା' ତୁ କ'ଣ ରୋହିମାଛରୁ କଣ୍ଟାକାଢ଼ି ଖାଇପାରିବୁ ? ଏଥିରେ ଯେ କଣ୍ଟା ଭରତି । ରୋହିମାଛରୁ କଣ୍ଟାବାହାର କରିବାପାଇଁ ଯେମିତି କିଛି ଯନ୍ତ୍ର ବାହାରିନାହିଁ । ମୁଁ ନିଜେ କଣ୍ଟା ବାହାରକରି ଖାଇପାରିବି । ଫାଦର ଖାଇ ପାରିବେ କି କଅଣ ଜାଣିନି । ତେବେ ତୋ କଥା ମୋର ସବୁଠାରୁ ଚିନ୍ତା ।" ମାର୍ଗାରେଟକୁ ଅନାଇ କହିଲେ, "ସୁଧାନପାଇଁ ଅଣ୍ଡାର ପୋଚ କରିଦିଅ ମାର୍ଗାରେଟ୍ । ସେ ମାଛ ବଦଳରେ ଅଣ୍ଡାଖାଇ ଚଳାଇନେଉ ।"

ଡକ୍ଟର ପଟ୍ଟନାୟକଙ୍କ କଥାରେ ଡରିଯାଇ ସୁଧାନ ରୋହିମାଛ ଗୁଡ଼ି ମାଛ ବଦଳ ଭଜା, କୋବି ତରକାରି ନେଇ ପ୍ଲେଟରେ ଥୋଇଲା । ଫର୍କରେ ତ ଏସବୁ ଖାଇ ହେବନି । ଚାମୁଚରେ ନେଇ ଖାଇବାକୁ ଆରମ୍ଭକଲା ।

ଡକ୍ଟର ପଟ୍ଟନାୟକ ଖାଉଁଖାଉଁ ମାର୍ଗାରେଟ ରନ୍ଧାକୁ ଖୁବ୍ ତାରିଫକଲେ । ଆମେରିକାନ ହୋଇ ସେ ଏତେ ସୁନ୍ଦର ରାନ୍ଧିପାରେ; ଭାରତୀୟଙ୍କ କାନ କାଟିଦେବ କହିବାକୁ ଭୁଲିଲେ ନାହିଁ । ସୁଧାନ ଖାଇଲାବେଳେ ନୂଆ ପ୍ରକାର ଖାଦ୍ୟ ଖାଇ ବେଶ୍ ଆନନ୍ଦିତ ହେଲା ଭଳି ଜଣାପଡୁଥାଏ ।

ଫାଦରଙ୍କୁ ଭାରତୀୟଙ୍କ ଭଳି ମାଛରୁ କଣ୍ଟାକାଢ଼ି ଖାଇବା ଦେଖି ଡକ୍ଟର ପଟ୍ଟନାୟକ ପଚାରିଲେ, "ଆପଣ ମାଛରୁ ଏଭଳି କଣ୍ଟାକାଢ଼ି ଖାଇବା କେଉଁଠୁ ଶିଖିଲେ

Digitized by srujanika@gmail.com

ଫାଦର ? ଆମେରିକାନମାନେ ତ କଣ୍ଟାଥିବା ମାଛ ଖାଆନ୍ତିନି । ସେମାନଙ୍କ ଖାଇବା ମାଛ ହେଲା ଚିଙ୍ଗୁଡ଼ି, ନହେଲେ ମଗର ।"

"ତା' ଠିକ୍, ଡକ୍ଟର ପଟ୍ଟନାୟକ! ଅତନୁ ବେଳେବେଳେ ଚିଙ୍ଗୁଡ଼ିମାଛ ଖାଏ ସତ, କିନ୍ତୁ ମଗରମାଛ ମୋଟେ ଖାଏନି । ସେ ରୋହି, ଭାକୁଡ଼ି ମାଛ ଖାଇବାକୁ ଭଲ ପାଉଥିବାରୁ ମାର୍ଗାରେଟ ତା ପାଇଁ ରୋହିମାଛ ବଜାରରୁ କିଣି ଆଣେ । ବେଳେବେଳେ ମାଛ ଦୋକାନୀକୁ ଫୋନ୍‌କରି ଦେଲେ ସେ ରୋହି, ଭାକୁଡ଼ି ମାଛ ଦେଇଯାଏ । ମୋତେ ପ୍ରଥମରୁ ଏହି ମାଛ ଖାଇବାକୁ ଭୟ ଲାଗୁଥିଲା, କାଳେ କଣ୍ଟା ତଣ୍ଟିରେ ଲାଗିଯିବ; କିନ୍ତୁ ଅତନୁ ମୋତେ କଣ୍ଟାକାଢ଼ି ମାଛଖାଇବା ଶିଖାଇଦେଇଛି ।"

"କିନ୍ତୁ ଅତନୁ କଣ୍ଟାକାଢ଼ିବା ଶିଖିଲା କେଉଁଠୁ ?"

"ଆଉ କେଉଁଠୁ ଶିଖନ୍ତା ? ସେଇ ମିସେସ୍ ମହାନ୍ତିଙ୍କଠାରୁ । ମିସେସ୍ ମହାନ୍ତି ଖାଲି ଅତନୁକୁ ଶିଖାଇଦେଇ ନାହାନ୍ତି, ମାର୍ଗାରେଟକୁ ମଧ୍ୟ ଶିଖାଇ ଦେଇଛନ୍ତି ।"

ଏହିଭଳି କଥା ହେଉଁହେଉଁ ସୁସାନ କୌତୂହଳବଶତଃ ଖଣ୍ଡିଏ ରୋହିମାଛ ତା ପ୍ଲେଟକୁ ନେଇଗଲା । ମାଛ ଖଣ୍ଡଟିକୁ ଭାଙ୍ଗିଦେଲାରୁ ଗୁଡ଼ିଆଡ଼ିଆ କଣ୍ଟା ସବୁ ମୁଣ୍ଡଟେକି ରହିଲା । ଏହି କଣ୍ଟା ସବୁକୁ ଦେଖି ସେ ଖାଇବ କଅଣ ମାଛ ଖଣ୍ଡକୁ ଯେଉଁଠୁ ଆଣିଥିଲା ପୁଣି ସେଇଠି ଥୋଇଦେଲା । ସୁସାନର ଏଭଳି ଅବସ୍ଥା ଦେଖି ମାର୍ଗାରେଟ୍ ଗୋଟିଏ ଫର୍କ ଓ ଚମୁଚ ସାହାଯ୍ୟରେ ମାଛରୁ କଣ୍ଟାତକ ବାହାରକରି ଦେଇ ସୁସାନ ପ୍ଲେଟରେ ଥୋଇଦେଲା । ଭୟ ନକରି ମାଛକୁ ଖାଇବାପାଇଁ ସୁସାନକୁ ଇସାରାଦେଲା ମାର୍ଗାରେଟ୍ । ସୁସାନ ସେଇ ମାଛତକକୁ ଖଣ୍ଡିଏ ଫର୍କ ସାହାଯ୍ୟରେ ନେଇ ଖାଉଁଖାଉଁ କହିଲା, "ଏହି ମାଛ ତ ବଡ଼ ସୁସ୍ୱାଦୁ ଫାଦର । ପ୍ରକୃତରେ ଭାରତୀୟମାନେ ଖାଇବାର ସୌଖିନ ଜାଣିଛନ୍ତି ।"

"ତୁମେ ଜାଣିଛ ଫାଦର, ଆଜିକୁ ପ୍ରାୟ ପଚାଶ ବର୍ଷପରେ ମୁଁ ଆଜି ଭାରତୀୟ ଖାଦ୍ୟ ଖାଉଛି । ଅତନୁର ମା' ଏହିଭଳି ଖାଦ୍ୟ ରାନ୍ଧିବାରେ ବେଶ୍ ଧୂରନ୍ଧର ଥିଲା । ଯେଉଁ ଦିନଠାରୁ ମୁଁ ଅତନୁର ମା'କୁ ହରାଇଛି, ସେହି ଦିନଠାରୁ ଭାରତୀୟ ଖାଦ୍ୟଖାଇବା ଭୁଲିଛି ।"

ଖିଆପିଆ ସରିଲାବେଳକୁ ରାତି ନଅଟା । ଫାଦର ଓ ଡକ୍ଟର ପଟ୍ଟନାୟକଙ୍କଠାରୁ ବିଦାୟନେଇ ସୁସାନ ତା' ଘରକୁ ବାହାରିଲା । ଡେଟିଙ୍ଗ ନାଁରେ ଘରୁଆସି ଏହିଭଳି ବିଫଳ ମନୋରଥ ହୋଇ ଫେରିବା ସୁସାନ ପକ୍ଷରେ କିଛି ନୂଆ ନୁହେଁ । ଏହା ତା'ର ନିତିଦିନିଆ-କଥା ହୋଇଗଲାଣି । ସେଥିପାଇଁ ସେ ବିଶେଷ ମନକଷ୍ଟ କରେନାହିଁ । ସେଥିପାଇଁ ଅନ୍ୟ ଝିଅମାନେ ଅତନୁକୁ ଛାଡ଼ି ଦେଲେଣି, କିନ୍ତୁ ସୁସାନ ଛାଡ଼ିପାରୁନି ।

ସୁସାନ ଚାଲିଯିବା ପରେ ଡକ୍ଟର ପଟ୍ଟନାୟକ ଫାଦରଙ୍କୁ ତାଙ୍କ ବୈଠକଖାନା କୋଠରୀକୁ ଡାକିନେଲେ । ଉଭୟେ ବସି କଥାବାର୍ତ୍ତା ହେଉହେଉ ଡକ୍ଟର ପଟ୍ଟନାୟକ

Digitized by srujanika@gmail.com

ପଚାରିଲେ, "ଫାଦର, ଅନନ୍ୟର ବିଷୟରେ ନେଇ ଆପଣ କ'ଣ ଚିନ୍ତା କରୁଛନ୍ତି ? ଅନନ୍ୟକୁ ବିବାହ କରିଦେବା ଆମର ଉଚିତ୍ ନୁହେଁ କି ? ଆମେ ତାଙ୍କୁ ହାତକୁ ଦିହାତ କରିଦେଲେ ଆମର ଗୋଟିଏ ବଡ଼ ଦାୟିତ୍ୱ ଯିବ । ତା'ପରେ ସେମାନେ ସେମାନଙ୍କ ଘରସଂସାର କଥା ବୁଝିବେ । ଆମକୁ ମିଳିବ ଛୁଟି । କ'ଣ କହୁଛନ୍ତି ଫାଦର ?"

"ତା ତ ନିଶ୍ଚୟ, ମୁଁ ତ ଠିକ୍ ତାହାହିଁ ଭାବୁଛି । ଅନନ୍ୟ ସହିତ ସାଙ୍ଗହେବା ପାଇଁ ସାତ ଆଠଗୋଟି ଝିଅ ଆସନ୍ତି । ଡେଟିଙ୍ଗ ନାଁରେ ଘରୁ ଆସନ୍ତି; କିନ୍ତୁ ଅନନ୍ୟର ତ ବେଳେବେଳେ ଖିଆଲ ନଥାଏ । ଅଧିକାଂଶ ଦିନେ ତ କାମ ପଡ଼ିଯାଏ । ଯଥା ସମୟରେ ଆସିପାରେନି । ଝିଅମାନେ ମୋ ସହିତ ଗପକରି ରାତି ହେଲେ ଘରକୁ ଫେରନ୍ତି । କେଉଁଦିନ ଯଦି ଅନନ୍ୟ ଆସିଗଲା, ତେବେ ବଡ଼ ଭାଗ୍ୟ । ସାଙ୍ଗହୋଇ ବୁଲି ଯାଆନ୍ତି ।"

"ଅନନ୍ୟ ଝିଅମାନଙ୍କ ସହିତ ଭଲ ଭାବରେ ମିଶେ ତ ?"

"ଅନନ୍ୟକୁ ତ ପାଇବା କଷ୍ଟକର । ଝିଅମାନେ ଆସି କେତେ ବସିବସି ଫେରିବେ ? ସୁସାନ ବୋଲି ଯେଉଁ ଝିଅଟି ଆସିଥିଲା, ସେଇ ଝିଅଟି ଆଜିପର୍ଯ୍ୟନ୍ତ ଆସୁଛି । ଏଣିକି ଏଲିନା, ଲିଜା ଆଦି ଝିଅମାନେ ଆସିବା ପ୍ରାୟ ବନ୍ଦକରି ଦେଲେଣି । ଏଇ ସୁସାନ ଝିଅଟି ଆମ ପରିବାର ସହିତ ମିଶିଯିବା ଭଳି ମନୋଭାବନେଇ ଆସୁଛି ।"

"ସୁସାନ ଝିଅଟି ସମ୍ବନ୍ଧରେ ତମ ମତ କଅଣ ଫାଦର ?"

"ଅତି ଚମତ୍କାର ଝିଅଟି । ଦେଖୁଛ ତ ତମେ, ଝିଅଟି କେଡ଼େ ସୁନ୍ଦର । ରୂପ ଯେମିତି, ଗୁଣ ସେମିତି । ସ୍ୱଭାବ, ଚରିତ୍ର ଅତି ଚମତ୍କାର, ଖୁବ୍ ଧୀରସ୍ଥିର । ତା ବାପା ମା'ଙ୍କୁ ମୁଁ ଭଲ ଭାବରେ ଜାଣେ । ସେମାନେ ବି ଅତି ସୁନ୍ଦର ଲୋକ । ସୁସାନ ପୁଣି ଉଚ୍ଚ ଶିକ୍ଷିତା ଓ ବୁଦ୍ଧିମତୀ । ରୁଟଗରସ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଏମ୍. ଏସ୍.ସି ପାସକରି ପି. ଏଚ୍‌ଡ଼ି ପାଇଁ ଗବେଷଣା ଚେଷ୍ଟା କରୁଛି ।

"ଅନନ୍ୟ ଝିଅଟିକୁ କେମିତି ପସନ୍ଦ କରୁଛି ଫାଦର ?"

"ମୁଁ ତ ଆଜିପର୍ଯ୍ୟନ୍ତ ଜାଣିପାରିନି ।"

"ସେମାନେ କେତେଦିନ ହେଲା ସାଙ୍ଗ ହେଲେଣି ଶୁଣେ ।"

"ବେଶିଦିନ ହେବନି, ପ୍ରାୟ ବର୍ଷେ ହେବ ।"

"କେତେ ଥର ସେମାନେ ସାଙ୍ଗହୋଇ ବୁଲି ଗଲେଣି ?"

"ଚାରି ପାଞ୍ଚ ଥରରୁ ଅଧିକ ହେବନି ।"

"ଅନ୍ୟ ଝିଅମାନଙ୍କ ସହିତ ?"

"ଆହୁରି କମ୍ ।"

"ଆଁ, ଏ ତ ବଡ଼ ଅସ୍ୱାଭାବିକ ଫାଦର ? ଅନନ୍ୟ ଯୁବକ; ଯୁବତୀମାନଙ୍କଠାରୁ ଦୂରେଇ ରହିବା ଅର୍ଥ ? ତାର କ'ଣ ଏ ଝିଅମାନଙ୍କ ପ୍ରତି ଆକର୍ଷଣ ନାହିଁ ?"

"ଜାଣିହେଉଛି କେଉଁଠି ?"

Digitized by srujanika@gmail.com

ଏହା ମୋତେ ବଡ଼ ଅସ୍ୱାଭାବିକ ଲାଗୁଛି ଫାଦର । ଅତନୁର ଝିଅମାନଙ୍କ ପ୍ରତି ଯଦି ଆକର୍ଷଣ ନାହିଁ, ତେବେ ବଡ଼ ଗୋଳମାଳିଆ କଥା । ଏହାର ପରିଣାମ ହୁଏତ ଖୁବ୍ ଭୟାନକ ହୋଇପାରେ । ମୋତେ ଆପଣ ଖୋଲିକରି କହିଲେ ଫାଦର, ଅତନୁ ଝିଅମାନଙ୍କ ପ୍ରତି କେମିତି ଆଦର ଦେଖାଏ ?”

“ମନ୍ଦ ନୁହେଁ, ସେ ଝିଅମାନଙ୍କୁ ବେଶ୍ ଆଦର ଦେଖାଏ । ଝିଅମାନଙ୍କ ସହିତ ବାହାରକୁ ବୁଲିଯାଏ ସତ; କିନ୍ତୁ ଯାଉଁ ଯାଉଁ କଣ ମନେପଡ଼ିଗଲେ ସେମାନଙ୍କୁ ବିଦା କରିଦେଇ ପଢ଼ିବାପାଇଁ ଘରକୁ ପଳାଇଆସେ । ପଢ଼ୁଁ ପଢ଼ୁଁ ରାତି ଦୁଇଟା ତିନିଟା ବାଜିଯାଏ । ସାଙ୍ଗମାନଙ୍କ ସହିତ ବୁଲିଯାଉଛି, କିଏ ଯଦି ରୋଗୀ ଦେଖିବାକୁ ଡାକିନେଲା, ତେବେ ସେ ଝିଅମାନଙ୍କୁ ଛାଡ଼ି ତା ସହିତ ଚାଲିଯିବ । ଯଦି ଦରକାର ହୁଏ, ତେବେ ସଙ୍ଗେ ସଙ୍ଗେ ରୋଗୀକୁ ଧରି ନିଉୟର୍କ ଚାଲିଯିବ । ଏହିସବୁ କାରଣଯୋଗୁଁ ଏହି ସୁସାନଟିକୁ ଛାଡ଼ିଦେଲେ ଆଉ କେହି ତା ପାଖ ମାଡ଼ୁନାହାନ୍ତି । ବେଳେ ବେଳେ ସୋଫିଆ ଆସେ । ସେ ସୁସାନ ଭଳି ଏତେ ନୁହେଁ ।”

“ଜଣେ ପ୍ରାପ୍ତବୟସ୍କ ଯୁବକ ପକ୍ଷରେ ଏହା କ'ଣ ଅତି ଅସ୍ୱାଭାବିକ ନୁହେଁ ଫାଦର ?” କହୁଁ କହୁଁ ମନେ ମନେ ଭାବିଲେ 'ଅତନୁଠାରେ ତା'ର ମା ଦୋଷ ନାହିଁ ତ ? ବହୁ ତଥାକଥିତ ଉପରକୁ ଦିଶୁଥିବା ଯୁବକ ଯୁବତୀମାନଙ୍କ ସହିତ ମିଳିମିଶି ପାରନ୍ତିନାହିଁ । ସେମାନେ ଯୁବକ ହେଲେ ବି ଯୁବତୀମାନଙ୍କ ପ୍ରତି ସେମିତି କିଛି ଆକର୍ଷଣ ନ ଥାଏ । ସେମାନେ ଏକୁଟିଆ ରହିବାକୁ ଭଲ ପାଆନ୍ତି । ସେମାନେ ପୁରୁଷ ହେଲେ ବି ସୁନ୍ଦରୀ ଝିଅଟିଏ ଦେଖିଲେ ସେମାନଙ୍କ ମନରେ ଯୌନଭାବ ଉଦ୍ରେକ ହେବାର ଦେଖାଯାଏନି । ପୁରୁଷ ହେଲେ ବି ଝିଅମାନଙ୍କ ଖେଳ ଖେଳିବାକୁ ଭଲପାଆନ୍ତି । ଏହିଭଳି ଯୁବକମାନେ ପରେ ଲିଙ୍ଗ ପରିବର୍ତ୍ତନର ଶିକାର ହୁଅନ୍ତି । ଯୁବକ ଭାବରେ ଜନ୍ମହୋଇ ପରିଶେଷରେ ଯୁବତୀ ଭାବରେ ଦିନ କଟାନ୍ତି । ନିଜର ଯୌନାଙ୍ଗ ବଦଳିଯାଏ । ପୁରୁଷର ନାଁ ବଦଳି ସ୍ତ୍ରୀ ନାଁ ହୁଏ । ଦିନ ଆସେ, ସେମାନେ ପୁଣି ବାହାହୋଇ ଘରସଂସାର କରନ୍ତି । ପୁଅ ଝିଅର ମା' ହୁଅନ୍ତି ।' ମନ ଭିତରେ ଡକ୍ଟର ପଟ୍ଟନାୟକଙ୍କର ବଡ଼ ଭୟ ଥାଏ, ଅତନୁ ସେଭଳି ପ୍ରକୃତି ଦେଖାଇବନାହିଁ ତ ? କିଏ ଜାଣେ ମା'ର ଦୋଷ ଯଦି ତା 'ଠାରେ ଦେଖାଦିଏ, ତେବେ ସବୁ ଓଲଟପାଲଟ ହୋଇଯିବ । ଏହିଭଳି ସେ କେତେ କଣ ଭାବିଯାଉଛନ୍ତି, ହଠାତ୍ ଫାଦର କହିଉଠିଲେ, “ମୁ ଭାବୁଛି ଡକ୍ଟର ପଟ୍ଟନାୟକ, ଦିନେ ଅତନୁକୁ ସିଧାସଳଖ ବିବାହହେବା କଥା ପଚାରିଦେବ । ସେ ତା ସାଙ୍ଗ ଝିଅମାନଙ୍କ ଭିତରୁ କାହାକୁ ଅଧିକ ପସନ୍ଦକରୁଛି କହିଲେ ତା' ବିବାହର ଦିଗରେ ଆମେ ଚେଷ୍ଟା ଚଳାଇବା ।”

ଫାଦରଙ୍କ ଏହି କଥା କେଇପଦରେ ଡକ୍ଟର ପଟ୍ଟନାୟକଙ୍କ ଚିନ୍ତାର ଖିଅ ହଠାତ୍ ଛିଡ଼ିଗଲା । ସେ ପ୍ରକୃତିସ୍ଥ ହୋଇ କହିଲେ, “ହଁ, ହଁ, ଫାଦର ସେଇଟା ସବୁଠାରୁ ଭଲକଥା ହେବ ।”

Digitized by srujanika@gmail.com

× × × ×

ତହିଁ ପରଦିନ ଡକ୍ଟର ପଟ୍ଟନାୟକ ନିଜ ଶୋଇବା ଘର ଖୋଲିଲାକ୍ଷଣି ଅନନ୍ତ ଯାଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ଡକ୍ଟର ପଟ୍ଟନାୟକ ପୁଅକୁ ତଳୁ ଉଠାଇ ନେଉଁ ନେଉଁ କହିଲେ, "କାଲି କ'ଣ ଡାକ୍ତରଖାନାରେ ଏତେ ଡେରି ହୋଇଗଲା ବାପ ?"

"ହଁ ବାପା, କାଲି ତିନି ତିନୋଟି ମେଜର ମସ୍ତିଷ୍କ ଅପରେସନ ଥିଲା । ସେଥିଭିତରୁ ଦୁଇଟି ଆଇ.ଏସ୍.ମେନ କଲେ, ମୁଁ ତାଙ୍କୁ ସାହାଯ୍ୟ କଲି । ଶେଷଟି ମୁଁ କଲି, ସେ ତଦାରଖ କଲେ । ବଡ଼ ସାଂଘାତିକ ଏହି ରୋଗୀଟି ବାପା ! ମସ୍ତିଷ୍କର ମେଡ୍ୟୁଲା ଭିତରେ ଏ କାନସର । ରୋଗୀଟି ହେଉଛି ବୋଇଙ୍ଗ ଉଡ଼ାଜାହାଜ ତିଆରି କୋମ୍ପାନୀର ଚେୟାରମ୍ୟାନଙ୍କ ପୁଅ । ରୋଗୀଟି ଯେତେବେଳେ ଆମ ପାଖକୁ ଆସିଲା, ତାର ପରିବାରବର୍ଗ ପୁଅଟିର ଆଶା ଛାଡ଼ି ଦେଇଥିଲେ । ସାତଦିନ ହେଲା ରୋଗୀ ଅଚେତ । ରୋଗୀଟିକୁ ଦେଖି ଆଇ.ଏସ୍.ମେନ ବି ଭୟ ପାଇଯାଇଥିଲେ । ଯାହାହେଉ ଅପରେସନଟି ଖୁବ୍ ସଫଳ ହୋଇଛି ବାପା ! ମୋର ବିଶ୍ୱାସ ରୋଗୀଟି ପୂରାପୂରି ରୋଗମୁକ୍ତ ହୋଇପାରିବ । ଆଇ.ଏସମେନଙ୍କ ସାହସ ଓ ସାହାଯ୍ୟ ପାଇନଥିଲେ ମୁଁ ଏତେ ବଡ଼ ଅପରେସନ କରିପାରିନଥାନ୍ତି ବାପା !"

"ବେଶ ଭଲ କରିଚୁ ବାପ ! ଏହିଭଳି ସାହସ କରି ଆଗେଇଲେ ବହୁତ କଥା ଶିଖି ହବ । ତୋର ସାହସ ଓ ଶିଖିବାପାଇଁ ପ୍ରବଳ ଇଚ୍ଛା ଦେଖି ମୁଁ ଖୁବ୍ ଖୁସିହେଲି ବାପ ! ତୁ ଏହିଭଳି ଉତ୍ତରୋତ୍ତର ଉନ୍ନତି କରି ଆମ ଦେଶ ତଥା ଯୁକ୍ତରାଷ୍ଟ୍ରର ମାନ ଉପରେ ରଖ୍, ଏଇଆ ମୋର ଭଗବାନଙ୍କଠାରେ ମାଗୁଣି ।

Digitized by srujanika@gmail.com

ଦୁଇ

"ଟ୍ରିଂ, ଟ୍ରିଂ, ଟ୍ରିଂ" ଫୋନ୍ ବାଜିଉଠିଲା । ମାର୍ଗାରେଟ ଫୋନ ଧଇଲା ।

"ହଁ ହଁ ମୁଁ ମାର୍ଗାରେଟ । କିଏ ସୋଫିଆ ?"

... ...

"କ'ଣ କି ?" "ଆଁ, ଅତନୁ ?"

... ...

"ହଁ ହଁ, ଅତନୁ ହସପିଟାଲରୁ ଆସିଗଲେଣି ।

... ...

"ହଁ ଝିଆପିଆ ସରଯାଇଛି ।"

... ...

"ହଁ, ଅତନୁ ବର୍ତ୍ତମାନ ପଢ଼ାଘରେ ।"

ମାର୍ଗାରେଟ୍ ଫୋନ ଥୋଇଦେଇ ତରତର ହୋଇ ଅତନୁର ପଢ଼ାଘରକୁ ପଶିଗଲା । ଅତନୁ ସେତେବେଳକୁ ଆଲମାରୀ ଖୋଲି କ'ଣ ଖଣ୍ଡିଏ ବହି ଖୋଜିବାରେ ଲାଗିଛି ।

ମାର୍ଗାରେଟ ଡାକିଲା "ଅତନୁ ।"

"କ'ଣ 'ମାର୍ଗାରେଟ ?"

ସୋଫିଆ ଫୋନ କରିଛି ସେ ବର୍ତ୍ତମାନ ଆସୁଛି ।

"ହେଉ, ଆସୁ" ମାର୍ଗାରେଟ ଆଡ଼କୁ ନ ଅନାଇ ଅତନୁ ଉତ୍ତର ଦେଲା । ସେ ପୂର୍ବଭଳି ବହି ଖୋଜିବାରେ ଲାଗିଗଲା ।

ମାର୍ଗାରେଟ ଏତିକି କହିଦେଇ ବାହାରିଗଲା । ଆରପାଖ ଡ୍ରଇଂରୁମରେ ବସି ଫାଦର ଖବରକାଗଜ ପଢ଼ୁଥିଲେ ।

କିଛି ସମୟ ପରେ ଫାଦର ବସିଥିବା ଡ୍ରଇଂରୁମ ଭିତରକୁ ତରତର ହୋଇ ପଶିଆସିଲା ସୋଫିଆ । ଆସୁ ଆସୁ ପଚାରିଲା "ଅତନୁ କାହିଁ ଫାଦର ?"

ଫାଦର ଖବରକାଗଜ ଉପରୁ ମୁହଁଟେକି ଅନାଇଲେ "କିଏ ମା' ସୋଫିଆ ଆସିଗଲୁଣି ? ଅତନୁ ତା' ପଢ଼ାଘରେ ଅଛି, ତୁ ସେଠିକି ଯାଆ ମା ।"

ସୋଫିଆ ଚକ୍ରବର୍ତ୍ତୀ ଭୁବନେଶ୍ୱର ବିଶ୍ୱବିଦ୍ୟାଳୟର ଏମ. ଏ ଶ୍ରେଣୀର ଛାତ୍ରୀ । ଅତନୁର ବିଭିନ୍ନ ବାନ୍ଧବୀମାନଙ୍କ ଭିତରୁ ଜଣେ । ପ୍ରତିଦିନ ସନ୍ଧ୍ୟାବେଳେ ଅତନୁ ଖାଇସାରିଲାବେଳକୁ ଏହି ବାନ୍ଧବୀମାନଙ୍କ ଭିତରୁ କେହି ନା କେହି ଜଣେ ଜୁଟିଯାନ୍ତି ।

Digitized by srujanika@gmail.com

ଅତନୁ ସହିତ ମିଶାମିଶି କରି ଅତନୁର ମନ ସହିତ ନିଜ ମନକୁ ମିଳାଇବାକୁ ସମସ୍ତଙ୍କର ପ୍ରଚେଷ୍ଟା ।

"ହାଏ ଅତନୁ, ମୋର ଆଜି ବଡ଼ ସୌଭାଗ୍ୟ ତୁମେ ଆଜି ଶୀଘ୍ର ଆସିଯାଇଛ ।"

"ହଁ, ସୋଫିଆ" କହିଦେଇ ଅତନୁ ତାର ବହି ଖୋଜିବାରେ ଲାଗିଗଲା । ଅତନୁକୁ କାର୍ଯ୍ୟବ୍ୟସ୍ତ ଦେଖି ସୋଫିଆ କିଛିସମୟ ଠିଆହୋଇ ରହିଲା । ଅତନୁ ପାଖକୁ ଚାଲିଯାଇ କହିଲା "ତୁମେ କଣ ଗୋଟାଏ ଖୋଜିବାରେ ଲାଗିଯାଇଛ ଅତନୁ । ମୁଁ ତୁମକୁ ଖୋଜିବାରେ ସାହାଯ୍ୟ କରିପାରେ କି ?"

"ନାହିଁ ସୋଫିଆ ତୁମେ ବ୍ୟସ୍ତ ହୁଅନି, ବସ । ମୋର ଏଇ ସରିଲା ।" ଏତକ କହି ତା' କାମରେ ଲାଗିଗଲା ।

କିଛି ସମୟ ଧରି ଖୋଜାଖୋଜି ପରେ ନ ପାଇ ଖୋଜା ବନ୍ଦ କରି ସୋଫିଆ ନିକଟସ୍ଥ ସୋଫାରେ ଆସି ବସିପଡ଼ି କହିଲା, "ଆଜି ବଡ଼ ଖରାପ ଦିନ ସୋଫିଆ । ସେଦିନ ସେ ମେଗାଜିନ୍‌ଟା ସେଇଠି ଥୋଇ ଦେଇଥିଲି । ଆଜି ଖୋଜି ଖୋଜି ପାଉନି ।"

ତୁମେ ଠିକ୍ ମନେରଖିଛ ଅତନୁ, ତୁମେ ମେଗାଜିନ୍‌ଟା ସେଠି ରଖିଥିଲ ବୋଲି । ତୁମର ତ ଭୁଲା ମନ । ସେଦିନ ଯେମିତି ଶୋଇବା ଘରେ ରଖିଦେଇ ଡ୍ରଇଂ ରୁମରେ ଖୋଜୁଥିଲ । ଆଜି ସେଇଆ ହୋଇନାହିଁ ତ ?"

"ଆଁ, ଶୋଇବା ଘରେ ? ନା ନା ଶୋଇବାଘରକୁ ନେଇନାହିଁ ତ ।"

"କେଉଁ ମେଗାଜିନଟା କହିଲ, ମୁଁ ଶୋଇବା ଘରୁ ଦେଖିଆସେ ।"

"କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ମେଡ଼ିକାଲ୍ ଜର୍ଣ୍ଣାଲ୍ ।"

ସୋଫିଆ ସଙ୍ଗେ ସଙ୍ଗେ ଅତନୁର ଶୋଇବାଘରକୁ ଉଠିଗଲା । ଦେଖିଲା ମେଗାଜିନଟି ଖଟତଳେ ପଡ଼ିଯାଇଛି । ସମ୍ଭବତଃ ପଢ଼ୁ ପଢ଼ୁ ଶୋଇଯାଇଛି । ମେଗାଜିନଟି ହାତରୁ ଖସିଯାଇ ଚଟାଣରେ ପଡ଼ିଯାଇଛି । ଅତନୁ ସମ୍ଭବତଃ ଖଟର ସେ ପାଖକୁ ଯାଇନି । ତା ଆଖିରେ ପଡ଼ିନି ।"

ସୋଫିଆ ମେଗାଜିନଟି ହାତରେ ଧରି ଶୋଇବା ଘରୁ ବାହାରିଆସିଲା । ମେଗାଜିନଟିକୁ ସୋଫିଆ ହାତରେ ଦେଖି ଅତ୍ୟଧିକ ଖୁସିହୋଇ ଅତନୁ କହିଲା, "ତୁମେ ମୋର ଦରକାରୀଜିନିଷଗୁଡ଼ାକ କେମିତି ଠିକ୍‌ଭାବରେ ଧରିପାର ମୁଁ ଭାବିପାରେନି ସୋଫିଆ । ମୁଁ ନିଜେ ସେଠି ରଖିଛି ଅଥଚ ମନେ କରିପାରୁନି ।

ସବୁ ବଡ଼ ବଡ଼ ଲୋକଙ୍କର ଏହିଭଳି ଭ୍ରମ ହୁଏ ଅତନୁ । ଆଇନଷ୍ଟାଇନଙ୍କର, ପଲ୍ ଏରଲିଚଙ୍କର ଏହିଭଳି ଭୁଲ ହେଉଥିଲା । ତୁମେ ଯେ ସେମାନଙ୍କ ଭଳି ଜଣେ ବଡ଼ଲୋକ ହେବ, ଏହା ତାହାର ପୂର୍ବାଭାସ ।

"ଥାଉ ଥାଉ ତୁମର ପ୍ରଶଂସା ସୋଫିଆ । ମୁଁ ଏହି ମେଗାଜିନଟିକୁ କାହିଁକି ଏତେ ଖୋଜୁଥିଲି ଜାଣିଛ ? କାଲିଫର୍ଣ୍ଣିଆ ମେଡ଼ିକାଲ କଲେଜର ଜଣେ ଅଧ୍ୟାପକ ଦାବି କରିଛନ୍ତି

Digitized by srujanika@gmail.com

ଯେ, ଜଠର କର୍କଟ ରୋଗକୁ ରସାୟନିକ ଚିକିତ୍ସା ସାହାଯ୍ୟରେ ଭଲ କରିହେବ । କିନ୍ତୁ ଏପର୍ଯ୍ୟନ୍ତ ଜଠର କର୍କଟ ରୋଗକୁ କେମୋଥେରାପି ସାହାଯ୍ୟରେ ଭଲ କରିବା ସମ୍ଭବ ହେଉନଥିଲା । ମୁଁ ଦେଖିବାକୁ ଚାହେଁ ରୋଗୀର ରୋଗ କେଉଁ ଅବସ୍ଥାରେ ପହଞ୍ଚିଥିଲେ ରସାୟନ ଚିକିତ୍ସା ସାହାଯ୍ୟରେ ଭଲକରିବା ସମ୍ଭବପର ।"

"ହେଉ, ତା ହେଲେ ତୁମେ ପଢ଼, ମୁଁ ଯାଉଛି ।" ମୁଖରେ କୃତ୍ରିମ ହସ ଫୁଟାଇ ମେରାଜନ ଅତନୁ ହାତକୁ ବଢ଼ାଇଦେଇ ସୋଫିଆ ବାହାରିଲା ଯିବାପାଇଁ ।

"ଆରେ ନାହିଁ ନାହିଁ, ଚାଲ ଟିକିଏ ବୁଲିଆସିବା । ଫେରିଲେ ରାତିରେ ପଢ଼ିବି । ତୁମେ ଏତେବଡ଼ ଉପକାରଟାଏ କଲ, ତୁମ ମନରେ କଷ୍ଟ ଦେବା କ'ଣ ଉଚିତ ?"

ମେରାଜନଟି ଡ୍ରଇଂରୁମରେ ଥୋଇଦେଇ ସୋଫିଆ ଓ ଅତନୁ ଚାଲି ବାହାରିଗଲେ । ଯେତେବେଳକୁ ଫାଦର ଡ୍ରଇଂରୁମ୍‌ରେ ବସି ଟେଲିଭିଜନ ଦେଖୁଥାନ୍ତି ।

ଅତନୁ ଓ ସୋଫିଆ ଯାଇ ସୋଫିଆ ଗାଡ଼ିରେ ବସିଲେ । ସୋଫିଆ ଗାଡ଼ିରେ ଷ୍ଟାର୍ଟ ଦେଲା । ଗାଡ଼ିଟି ନାଉବ୍ରାନ୍‌ସଉଇକ ସହର ଅଭିମୁଖରେ ଛୁଟି ଚାଲିଲା ।

କାର୍‌ରେ ଯାଉଁ ଯାଉଁ ସୋଫିଆ କହିଲା, "ତୁମେ ଆଜି ବଡ଼ ଚିନ୍ତିତ ଦେଖାଯାଉଛ ଅତନୁ । ସମ୍ଭବତଃ ଜର୍ଣ୍ଣାଲଟି ଖୋଜି ପାଉନଥିବାରୁ ତୁମର ଚିନ୍ତାର ସ୍ରୋତ ପ୍ରଖର ହୋଇଯାଇଥିଲା । ଜର୍ଣ୍ଣାଲଟି ପାଇ ନ ପଢ଼ି ପାରିଥିବାରୁ ତୁମେ ଚିନ୍ତିତ ବୋଧହୁଏ ?"

ହସିଲା ଅତନୁ । "ନାହିଁ ସୋଫିଆ, ମୁଁ ସେଥିପାଇଁ ଚିନ୍ତିତ ନୁହେଁ । ଆଜି ଆମ ହସପିଟାଲରେ ଯେଉଁ ଏକ ଅଜବ୍ କ୍ୟାନସର ଅପରେସନ ହେଲା, ସେଇ କଥାଟି ମୋ ମନରୁ ଯାଇପାରୁନି ।"

"ସେ ଏମିତି କି ଅପରେସନ କି ଅତନୁ, ଯା' ପାଇଁ କି ତୁମେ ଏତେ ଚିନ୍ତିତ ?"

"ସେ ହେଉଛି ଏକପ୍ରକାର ସ୍ତନ କର୍କଟ ରୋଗ ।"

"ଏ ତ ଆମ ଦେଶରେ ବହୁତ ଦେଖାଯାଉଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?"

"ନା ସୋଫିଆ, ଏହା ସାଧାରଣ ସ୍ତନ କର୍କଟ ରୋଗ ନୁହେଁ । ଏ ଏକ ଅଜବ ସ୍ତନ କର୍କଟ ରୋଗ, ଯାହାକୁ ତୁମେ ଧାରଣା କରିପାରିବ ନାହିଁ । ପୁରୁଷ ଲୋକଙ୍କ ଦେହରେ ସ୍ତନ କର୍କଟ ରୋଗ ହେବା କଥା ତୁମେ କେବେ ଶୁଣିଛ ?"

"ପୁରୁଷ ଲୋକମାନଙ୍କର ସ୍ତନ କର୍କଟ ରୋଗ ? ତୁମେ କ'ଣ ଯେ କହୁଛ ମୁଁ ବୁଝିପାରୁନି ।"

"ହଁ, ପୁରୁଷ ଲୋକଙ୍କ ସ୍ତନ କର୍କଟ ରୋଗ ।"

"ପୁରୁଷଙ୍କର ତ ସ୍ତ୍ରୀ ଲୋକଙ୍କ ଭଳି ସ୍ତନ ନାହିଁ, ସ୍ତନ କର୍କଟ ରୋଗ ହେବ କେମିତି ?"

"ହଁ ସୋଫିଆ, ପୁରୁଷମାନଙ୍କର ସ୍ତ୍ରୀଲୋକମାନଙ୍କ ଭଳି ସ୍ତନ ନ ଥିଲେ କ'ଣ ହେବ ସ୍ତ୍ରୀଲୋକମାନଙ୍କ ଭଳି ସେମାନଙ୍କର ସ୍ତନ କର୍କଟ ରୋଗ ହେବାର ଦେଖାଯାଏ । ଅବଶ୍ୟ

Digitized by srujanika@gmail.com

ସେଗୁଡ଼ିକର ସଂଖ୍ୟା ସ୍ତ୍ରୀ ସ୍ତନ କର୍କଟ ରୋଗ ଭଳି ଏତେ ନୁହେଁ । ପ୍ରତି ଶହେଗୋଟି ସ୍ତନ କର୍କଟ ରୋଗ ଭିତରୁ ପୁରୁଷ ସ୍ତନ କର୍କଟ ରୋଗ ପାଞ୍ଚରୁ ବେଶି ନୁହେଁ ।"

"ଏହା କ'ଣ ପୁରୁଷମାନଙ୍କର ଛାତିରେ ହୁଏ ?"

ହଁ, ସ୍ତନ କର୍କଟ ରୋଗ ଯେମିତି ସ୍ତ୍ରୀଲୋକମାନଙ୍କ ଛାତିରେ ଥିବା ସ୍ତନରେ ହୁଏ, ଏହା ଠିକ ପୁରୁଷମାନଙ୍କ ଛାତିରେ ହୁଏ । ରୋଗ ଯଦି ଆରମ୍ଭରୁ ଧରାପଡ଼ିଯାଏ, ତେବେ ଭଲ ହେବାର ସମ୍ଭାବନା ଥାଏ । ପୁରୁଣା ହୋଇଯାଇଥିଲେ ବଞ୍ଚିବାର ଆଶା କମ୍ । ଏହି କର୍କଟ ରୋଗରେ ସ୍ତ୍ରୀଲୋକମାନଙ୍କର ଯେଉଁ ଦଶା, ପୁରୁଷମାନଙ୍କର ଠିକ୍ ସେହି ଦଶା ।"

"ଅତନୁ ମୁଁ ତୁମକୁ ଗୋଟିଏ କଥା ବହୁଦିନରୁ ପଚାରିବି ପଚାରିବି ବୋଲି ହେଉଥିଲି, ପଚାରିପାରୁ ନଥିଲି । ସ୍ତ୍ରୀଲୋକମାନଙ୍କର ଏହି ଯେଉଁ ସ୍ତନ କର୍କଟ ରୋଗ ହୁଏ, ତା'ର କାରଣ କ'ଣ କହିଲ ?"

ସୋଫିଆ ଏହି ପ୍ରଶ୍ନଟି ପଚାରିଲାବେଳକୁ ଗାଡ଼ିଟି ନଉବ୍ରାନ୍ସଉଇକର ଡେଟିଙ୍ଗ ପାର୍କ ଭିତରକୁ ପଶି ଯାଇଥିଲା । ଡେଟିଙ୍ଗ ପାର୍କ ନଉବ୍ରାନ୍ସଉଇକର ଏକ ପ୍ରସିଦ୍ଧ ପାର୍କ । ସନ୍ଧ୍ୟା ହେଲେ ଏହା ଡେଟିଙ୍ଗ କରୁଥିବା କିଶୋରକିଶୋରୀ, ଯୁବକ ଯୁବତୀଙ୍କ ଦ୍ୱାରା ପୂରିଯାଏ । ପାର୍କଟି ନାନାପ୍ରକାର ଗ୍ରେଟ ବଡ଼ ଗଛ, ବୁଦା ଲତା କୁଞ୍ଜରେ ପୂର୍ଣ୍ଣ । ଠାଏଠାଏ ପାରଦ ପ୍ରଦୀପ ଦିଆଯାଇ ପାର୍କଟିକୁ ସୁନ୍ଦର ଭାବରେ ଆଲୋକିତ କରାଯାଇଛି । ଠାଏଠାଏ ଶଙ୍ଖ ମଲମଲ ପଥରର ଆସନ ବେଦୀ । ସୋଫିଆ ପାର୍କର ମଝି ଅଂଶରେ କାରଟିକୁ ପାର୍କ କଲା । ଅତନୁ କାର୍‌ରୁ ଓହ୍ଲାଉ ଓହ୍ଲାଉ କହିଲା, "କ'ଣ ସୋଫିଆ ତୁମେ ଆଜି ଡେଟିଙ୍ଗ ପାର୍କକୁ ଚାଲିଆସିଲ ? ଆମ ବୟସ ଆଉ ଦଶ ପନ୍ଦରବର୍ଷ କମି ଗଲା ନା କଅଣ ?"

ହସିଲା ସୋଫିଆ, "କୌଣସି ଏକ ଖୋଲା ମୁକ୍ତ ବାୟୁମଣ୍ଡଳରେ ବସିବା କଥା ତ । ଆଜି ଏଠି ବସାଯାଉ । ଆମେ ତ କିଶୋର କିଶୋରୀ ମନୋବୃତ୍ତି ନେଇ ଏଠାକୁ ଆସି ନାହାନ୍ତି । ତେଣୁ ଆମପାଇଁ ସବୁପ୍ରକାର ପାର୍କ ସମାନ ।"

ଏତକ କହୁଁ କହୁଁ ସୋଫିଆ ପାର୍କର ଏକ ମାର୍ବଲ ବେଦୀ ଉପରେ ବସିପଡ଼ିଲା । ପାର୍କର ସେହି ଅଞ୍ଚଳରେ ବେଶି ଚଳପ୍ରଚଳ ନାହିଁ । ପାର୍କର ଅନ୍ୟ ଅଂଶ ଅପେକ୍ଷା ବେଶ୍ ନିର୍ଜ୍ଜନ ।

ଅତନୁ ବସୁ ବସୁ ପଚାରିଲା, "ତୁମେ ମୋତେ ଠିକ୍ କାରରୁ ଓହ୍ଲାଇବା ପୂର୍ବରୁ କେଉଁ ପ୍ରଶ୍ନଟି ପଚାରିଥିଲ ସୋଫିଆ ? ସ୍ତନ କର୍କଟ ରୋଗ କାହିଁକି ହୁଏ ଏହି କଥା ତ ?"

"ହଁ" ସୋଫିଆ ଉତ୍ତରଦେଲା । "ମୁଁ କାହିଁକି ସେହି ପ୍ରଶ୍ନଟି ପଚାରିଲି ତୁମେ ବୋଧେ ଆଶ୍ଚର୍ଯ୍ୟ ହେଉଥିବ ଅତନୁ । ମୁଁ କୌଣସି ଏକ ମେଗାଜିନ୍‌ରେ ପଢ଼ିଥିଲି ସ୍ତନ କର୍କଟରୋଗ ବଂଶଗତ । ତୁମେ ଜାଣିନ ଅତନୁ, ମୋ ମାଆର ମୃତ୍ୟୁ ହୋଇଥିଲା ସ୍ତନ କର୍କଟରୋଗରୁ । ମୋ ମାଆର ସାନ ଭଉଣୀମାନେ ମୋର ମାଉସୀ ସେହି ସ୍ତନ କର୍କଟରୋଗରୁ

Digitized by srujanika@gmail.com

ଅଳ୍ପ ବୟସରେ ପ୍ରାଣ ହରାଇଥିଲେ । ମୋର ଭୟ ଏହା ଯଦି ବଂଶଗତ ହୋଇଥାଏ, ତେବେ ମୋର ମଧ୍ୟ ହେବା ଅସମ୍ଭବ ନୁହେଁ ।"

"ତୁମେ ଠିକ୍ ପ୍ରଶ୍ନଟିଏ ପଚାରିଛ ସୋଫିଆ । କେତେକ ବିଶେଷଜ୍ଞ ମତ ଦିଅନ୍ତି, ଏହା ଏକ ବଂଶଗତ ରୋଗ । ଚିକାଗୋ ବିଶ୍ୱବିଦ୍ୟାଳୟର ସୁବିଖ୍ୟାତ କର୍କଟରୋଗ ବିଶେଷଜ୍ଞ ଡକ୍ଟର ମୋଡ଼େ ସ୍ଲାର ଏହି ମତର ପୃଷ୍ଠପୋଷକ । ସେ ତାଙ୍କର ଗବେଷଣାଗାରରେ ହଜାରହଜାର ମୂଷା ଉପରେ ପରୀକ୍ଷାକରି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ତାଙ୍କ ମତରେ କର୍କଟରୋଗ ପୂରାଭାବରେ ବଂଶଗତ ହେଉ ବା ନହେଉ, ପୂର୍ବ ପୁରୁଷରେ ଏହି ରୋଗ ଥିଲେ ବଂଶଧରମାନଙ୍କ ଠାରେ ଏହି ରୋଗର ସମ୍ଭାବନା ବଢ଼ିଯାଏ । ଅଳ୍ପ କିଛି ସୁବିଧା ପାଇଲେ ଏଇ ରୋଗ ସେହିଭଳି ଲୋକଙ୍କୁ ଯେତେ ସହଜରେ ଆକ୍ରମଣ କରେ, ଅନ୍ୟମାନଙ୍କୁ ସେତେ ସହଜରେ ଆକ୍ରମଣ କରେନି । ଆଉ କେତେକଙ୍କ ମତରେ ଏହା ବଂଶଗତ ନୁହେଁ । ଏକପ୍ରକାର ଭାଇରସ ଏହି ରୋଗପାଇଁ ଦାୟୀ; କିନ୍ତୁ ଏହି ଭାଇରସ କେଉଁଠୁ ଆସେ, କିପରି ଆସେ, ସଠିକଭାବରେ ଜଣାଯାଇନି । ତେବେ ଆଧୁନିକ କର୍କଟରୋଗ ବିଶେଷଜ୍ଞମାନେ ମତ ଦିଅନ୍ତି, ନାରୀ ଶରୀରରେ କ୍ଷରିତ ହେଉଥିବା ସ୍ତ୍ରୀହରମୋନ 'ଇଷ୍ଟ୍ରିଓଲ୍' ଏହି ରୋଗପାଇଁ ଦାୟୀ । ଯେଉଁ ସ୍ତ୍ରୀ ଲୋକମାନେ ଡେରିରେ ବିବାହ କରନ୍ତି, ଯେଉଁମାନେ ବିବାହକରି ମଧ୍ୟ ପିଲାର ମାଆ ହେବାକୁ ଚାହାଁନ୍ତିନି, ପିଲାର ମାଆ ହୋଇ ମଧ୍ୟ କାଳେ ବକ୍ଷ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ସେହି ଭୟରେ ନିଜ ସ୍ତନରୁ ପିଲାମାନଙ୍କୁ କ୍ଷୀର ଖୁଆନ୍ତିନି, ବକ୍ଷର ସୌନ୍ଦର୍ଯ୍ୟ ବଢ଼ାଇବାପାଇଁ ସର୍ବଦା ଚେଷ୍ଟିତ ଓ ନାନା କୃତ୍ରିମ ବ୍ୟବସ୍ଥାର ସାହାଯ୍ୟ ନିଅନ୍ତି, ସେହିମାନେ ଏହି ରୋଗର ଶିକାରହୁଅନ୍ତି । ଉପରୋକ୍ତ ଅବସ୍ଥାରେ ସ୍ତନର ପ୍ରାକୃତିକ ଦୈନନ୍ଦିନ କ୍ରିୟା ବାଧାପ୍ରାପ୍ତ ହେବା ଫଳରେ ଏହି ରୋଗ ସୃଷ୍ଟି ହୁଏ ବୋଲି ବହୁ ବିଶେଷଜ୍ଞ ମତଦିଅନ୍ତି । ଆଭିଜାତ୍ୟଭରା ମନ ନେଇ ଯେଉଁ ସ୍ତ୍ରୀ ଲୋକମାନେ ସଦାସର୍ବଦା ବକ୍ଷବନ୍ଧନୀ ବ୍ୟବହାର କରନ୍ତି, ଏମିତିକି ଶୋଇଲାବେଳେ, ଘରେ ବସିଲାବେଳେ, ଟିପ୍‌ଟପ ଷ୍ଟାଇଲରେ ରହିଥାନ୍ତି ସେମାନଙ୍କୁ ଏହି ରୋଗ ଅଧିକ ଆକ୍ରମଣ କରିଥାଏ । ଆମେରିକାରେ କାହିଁକି ଏହି ରୋଗ ବଢ଼ିଚାଲିଛି, ଉପରୋକ୍ତ ଗୋଟିଏ ଗୋଟିଏ କାରଣ ଯେ ଏଥିପାଇଁ ଦାୟୀ, ଏଥିରେ ସନ୍ଦେହ ନାହିଁ ।"

"ଏହି ରୋଗ ହେଲା ବୋଲି କେମିତି ସନ୍ଦେହ କରିବ ଅଙ୍କଲ୍ ?" ସୋଫିଆ ପଚାରିଲା ।

"ରୋଗଆରମ୍ଭ ହେଲାକ୍ଷଣି ରୋଗର କେତେକ ଲକ୍ଷଣ ପ୍ରକାଶପାଏ । ଯେଉଁ ଲକ୍ଷଣ ଗୁଡ଼ିକୁ ଦେଖି ଏହି ରୋଗର ଉଦ୍ରେକ ହେଲା ବୋଲି ଧରାଯାଏ । ପ୍ରଥମେ ସ୍ତ୍ରୀ ଲୋକମାନଙ୍କ ସ୍ତନରେ ଏକ ବଥା ଲାଗୁ ନଥିବା ବଥ ବାହାରେ । ବେଳେବେଳେ ଏହା ହାତକୁ ଏକ ମାଂସପିଣ୍ଡୁଳା ଭଳି ଜଣାଯାଏ । କେତେକ ସ୍ଥଳରେ ଦୁଇଟି ସ୍ତନଭିତରୁ ଯେଉଁ ସ୍ତନରେ ଏହି ବଥ ଦେଖାଦିଏ, ସେହି ସ୍ତନଟି ଅନ୍ୟଟି ଅପେକ୍ଷା ବଡ଼ ହୋଇଯାଏ । କେତେକ

Digitized by srujanika@gmail.com

ସ୍ଥାନରେ କୁଷ୍ଠରରେ ଘା' ହେବାର ଦେଖାଯାଏ । କେତେକ ସ୍ଥାନରେ ସ୍ତନରୁ ରକ୍ତସ୍ରାବ ହେବାର ଦେଖାଯାଏ । ଯେଉଁ ସ୍ତନରେ ମାଂସପିଣ୍ଡୁଳା ଦେଖାଯାଏ, ସେହି ମାଂସପିଣ୍ଡୁଳାଟି ଧନକୁ ଧନ ବଢ଼ିବାକୁ ଲାଗେ । ଏହା ଧୀରେଧୀରେ ମାଂସପେଶି ଓ ଚର୍ମକୁ ଆକ୍ରାନ୍ତକରେ । ନିକଟସ୍ଥ ଲସିକା କଣିକାରେ ପ୍ରବେଶକରି ସେହି ସ୍ଥାନର ଲସିକାଗ୍ରନ୍ଥିକୁ ଆକ୍ରାନ୍ତକରେ । ଯଦି ଆବଶ୍ୟକୀୟ ଚିକିତ୍ସା କରାନଯାଏ, ଏହା ରକ୍ତ ସ୍ରୋତରେ ପ୍ରବେଶକରି ସାରା ଦେହକୁ ଚାଲିଯାଏ । ଏହା ଫୁସ୍‌ଫୁସ୍ ଯକୃତ, ମୁଣ୍ଡ, ଅସ୍ଥି ଆଦିରେ ଆସ୍ଥାନ ଜମାଇ ରୋଗ ସୃଷ୍ଟି କରେ । ଏହା ଫଳରେ ରୋଗୀ ଅଶେଷ ଯନ୍ତ୍ରଣାପାଇ ଶେଷରେ ମରେ ।

ଅତନୁର ଏହି ରୋଗ ବର୍ଣ୍ଣନରେ ସୋଫିଆ କମ୍ପିତ ଭୟ ପାଇଗଲା ଭଳି ବୋଧ ହେଉଥାଏ । "ଏ ରୋଗରୁ ରକ୍ଷା ପାଇବାପାଇଁ କ'ଣ କିଛି ଉପାୟ ନାହିଁ ଅତନୁ ?" ଭୟ ବିହ୍ୱଳ କଣ୍ଠରେ ପଚାରିଲା ସୋଫିଆ ।

"ରୋଗ ଯଦି ଆରମ୍ଭରୁ ଧରା ପଡ଼ିଯାଏ, ତେବେ ଅସ୍ତ୍ରୋପଚାରର ସାହାଯ୍ୟରେ ଭଲ ହେବା ଏକ ମାତ୍ର ଉପାୟ । କେତେକ ସ୍ଥାନରେ କେମୋଥେରାପି, ଇମ୍ୟୁନୋଥେରାପି ଆଦି ଉପଚାର ଦ୍ୱାରା ବହୁ ରୋଗୀଙ୍କୁ ଭଲ କରିହୁଏ । କିନ୍ତୁ ରୋଗ ଯଦି ପୁରୁଣା ହୋଇ ଯାଇଥାଏ, ତେବେ ଭଲହେବା ଆଶା କମ୍ । ଏହି ରୋଗରୁ ଆକ୍ରାନ୍ତ ନ ହେବାପାଇଁ ଏକମାତ୍ର ଉପାୟ ହେଉଛି ସ୍ତ୍ରୀ ଲୋକମାନେ ପ୍ରତି ତିନିମାସରେ ବା ଛଅମାସରେ ଥରେ ଲେଖାଏଁ ବିଶେଷଜ୍ଞମାନଙ୍କ ଦ୍ୱାରା ନିଜନିଜ ସ୍ତନ ପରୀକ୍ଷା କରିନେବା ଉଚିତ । ଏହି ରୋଗ ଆରମ୍ଭ ଅବସ୍ଥାରୁ ଯଦି ଧରାପଡ଼ିଯାଏ, ତେବେ ଭଲ ହୋଇଯିବା ସମ୍ଭାବନା ଅଧିକ ।"

"ଯାହା କୁହ ଅତନୁ, ଆମ ଦେଶରେ ସବୁଠାରୁ ଆତଙ୍କପୂର୍ଣ୍ଣ ରୋଗ ହେଉଛି ଏହି କ୍ୟାନସର । ଏହା କାହାକୁ କେତେବେଳେ କେଉଁ ଅବସ୍ଥାରେ ଧରିବ, ତାର ଠିକ୍ ନାହିଁ । କେଉଁଠି ନାନାପ୍ରକାର କୁଅଭ୍ୟାସ ଏହି ରୋଗର କାରଣ ତ, କେଉଁଠି ସଭ୍ୟଜଗତର ବିଷାକ୍ତ ବାୟୁମଣ୍ଡଳ ଏହି ରୋଗପାଇଁ ଦାୟୀ । ଆଉ କେଉଁଠି ଠିକଣା ଖାଦ୍ୟ ନ ଖାଇ ଏହି ରୋଗକୁ ଡାକି ଅଣାଯାଉଛି ।"

"ହଁ, ତୁମେ ଠିକ୍ କହୁଛ ସୋଫିଆ । ଆମେ ଯଦି କେତେକ ବିଷୟ ପ୍ରତି ସାବଧାନ ହୁଅନ୍ତେ, ତେବେ ଏହି ରୋଗରୁ ଏତେ ଆକ୍ରାନ୍ତ ହେବାକୁ ପଡ଼ନ୍ତାନାହିଁ । ସିଗାରେଟ, ସିଗାର ପାଇପ ଆଦି ଖାଇଲେ ଏହି ରୋଗକୁ ଡାକି ଅଣାଯାଏ—ଏହା ଆମର ହୃଦୟଙ୍ଗମ ହେବା ଉଚିତ । ମଦ ଆଉ ସିଗାରେଟ ଉଭୟ ଯେଉଁମାନେ ଖାଆନ୍ତି ସେମାନଙ୍କ ଠାରେ ଏହି ରୋଗ ଅଧିକପରିମାଣରେ ଦେଖାଦେବା ସ୍ୱାଭାବିକ । ଆମ ଲୋକଙ୍କୁ ଏକଥା ଯେତେ କହିଲେ ହେଁ କ'ଣ ସେମାନେ ବୁଝୁଛନ୍ତି ? ଲୋକେ ଯଦି ସେତିକି ବୁଝୁଥାଆନ୍ତେ ତେବେ ଏହା କଣ ଏତେ ବ୍ୟାପୁଥାଆନ୍ତା ? ଆମ ଦେଶରେ ତ ଟିକିଏ ରହା, ପୃଥିବୀର ଅନୁନ୍ନତ ରାଷ୍ଟ୍ର ଆଡ଼କୁ ଆଖି ଫେରାଉନ ? ସେ ସବୁ ଦେଶରେ ପାନ,

Digitized by srujanika@gmail.com

ଦୁକୁଡା, ନାଶ, ଗୁଣ୍ଡାଖୁ ଠାରୁ ଆରମ୍ଭ କରି ଖାଦ୍ୟରେ ନାନାପ୍ରକାର ଶସ୍ତା ରଙ୍ଗ, ଭେଜାଲ ଏହି ରୋଗକୁ ଡାକିଆଣୁଛି ।"

ଅତନୁର କ୍ୟାନସର ରୋଗର ବର୍ଣ୍ଣନା ଶୁଣି ସୋଫିଆ କିଛି ଭୟ ପାଇଗଲା ଭଳି ବୋଧ ହେଉଥାଏ । ସୋଫିଆର ବିମର୍ଷ ମୁହଁ ଦେଖି ଅତନୁ କହିଲା—ତୁମେ କ୍ୟାନସର ରୋଗର ବର୍ଣ୍ଣନା ଶୁଣି ଭୟ ପାଇଗଲ ନା କଅଣ ସୋଫିଆ ? ତୁମ ମୁହଁ ହଠାତ୍ ଏମିତି ଶୁଖିଲାପଡ଼ିଗଲା କାହିଁକି ?

ହସିଲା ସୋଫିଆ ଏକ ଶୁଖିଲା ହସ "ତୁମେ ଯେତେବେଳେ ମୋ ପାଖରେ ଅଛ, କର୍କଟ ରୋଗ ଭୟଙ୍କର କ'ଣ ମୋ ପାଖ ପଶିପାରିବ ?"

ଆଁ, ଏତେ ଦୁଃସାହସ ! କର୍କଟ ରୋଗର ଚିକିତ୍ସକମାନେ ବି କର୍କଟ ରୋଗକୁ ଅତ୍ୟନ୍ତ ଭୟ କରନ୍ତି । କର୍କଟ ରୋଗର ପ୍ରକୃତ କାରଣ ଜଣା ନ ଥିବାରୁ ସେମାନେ କର୍କଟ ରୋଗ ପ୍ରତି ସାବଧାନ ହୋଇପାରନ୍ତି ନାହିଁ । ପୃଥିବୀର ବହୁ ବଡ଼ ବଡ଼ ଚିକିତ୍ସକ, ବୈଜ୍ଞାନିକ ଏହି କର୍କଟ ରୋଗରୁ ହିଁ ପ୍ରାଣ ହରାଇଛନ୍ତି । ଏମିତି କି ପୃଥିବୀର ବହୁ କର୍କଟ ରୋଗ ବିଶେଷଜ୍ଞ ଏହି କର୍କଟ ରୋଗର ଶିକାର ନ ହୋଇ ରହିପାରିନାହାନ୍ତି ।

× × ×

"ଆଜି କି ଖରାପ ବେଳାରେ ରାତି ପାହିଥିଲା କି କେଜାଣି, ଡକ୍ଟର ପଟ୍ଟନାୟକ ଉଠିଲାବେଳୁ ଖାଲି ଅଶୁଭ ଖବର । ମୋର ଜଣେ ଦାଦିପୁଅ ଭାଇକୁ କେନସର ବୋଲି ସନ୍ଦେହ କରାଯାଉଛି । ମୋର ଆଉ ଜଣେ ପରିଚିତ ବନ୍ଧୁ ନିଉବ୍ରାନ୍ସଉଇକ୍‌ର, ତାଙ୍କ ସ୍ତ୍ରୀକୁ କେନସର । ଅତନୁର ଜଣେ ବାନ୍ଧବୀ ଏଲିନର ତା ବଡ଼ଭାଇକୁ କେନସର । ସମସ୍ତେ ଖୋଜୁଛନ୍ତି ପୁଅକୁ । ଫୋନରେ ସେମାନଙ୍କ କାକୁତି ମିନତି ଶୁଣି ଶୁଣି ମୋ କାନ ବଧିର, ହୋଇଗଲାଣି । କି ଦୁଃଖ ସେମାନଙ୍କର, କି ହତାଶା ଭାବ । ଠିକ ଏତିକବେଳକୁ ପୁଅ କ'ଣ ଅଛି ? ପୁଅ ଅନ୍ଧାରିଆ ବେଳୁଁ ନିଉୟର୍କ ଯାଇସାରିଲାଣି । କ'ଣ ନା ଆଜି ସେଠି ଗୁଡ଼ାଏ ଅପରେସନ । କି ବେଳ ଅସି ହେଲା, ଘରଆଡେ ଏହାଯୋଗୁଁ ଆର୍ତ୍ତନାଦ ।

ଆଜି କାଲି ତ ସେଇ ଅବସ୍ଥା ହୋଇଛି । ଆମେରିକାରେ କେନସର ରୋଗ ଦିନକୁଦିନ ବଢ଼ିବାରେ ଲାଗିଛି । ଆମ ପ୍ରସୂତି ବିଜ୍ଞାନ ବିଭାଗରେ କ'ଣ କମ୍ କେନସର ଆମ ବିଭାଗରେ ପ୍ରତିଦିନ ନିଶ୍ଚୟ କେତୋଟା କେସ ମୋ ଦୃଷ୍ଟିକୁ ଆସିଥିବ । ମୁଁ ସେଗୁଡ଼ିକୁ କେନସର ବିଭାଗକୁ ରେଫର କରିଦିଏ ।

"ମୁଁ ବୁଝିପାରେନି ଡକ୍ଟର ପଟ୍ଟନାୟକ, ଏହି କେନସର ରୋଗର ପ୍ରାଦୁର୍ଭାବ ଆମ ଦେଶରେ କ'ଣପାଇଁ ଦିନକୁଦିନ ବଢ଼ି ବଢ଼ି ଚାଲିଛି । ଆଉସବୁ ରୋଗ ତ ଆମ ଦେଶରୁ ନିର୍ମୂଳ ହେଲାଣି । କିନ୍ତୁ ଏହାର ପ୍ରାଦୁର୍ଭାବ ଟିକିଏ ବି ତ କମିବାକୁ ନାହିଁ ।

Digitized by srujanika@gmail.com

ଆଜକାଲ୍ ଯାହାର ଟିକଏ ଅସୁଖ ହେଲା ଶୁଣୁଛି, କିଛଦିନ ପରେ ଦେଖିଲାବେଳକୁ ତାର କେନସର ରୋଗ ! ଆପଣନ୍ତ ଜଣେ ବଡ଼ ଡାକ୍ତର, ମୋତେ ଟିକଏ ବୁଝାଇ କହିଲେ ଏ ରୋଗ କାହିଁକି ହୁଏ ? ଏହାର କାରଣ କ'ଣ ? ପୁଅକୁ ବେଳେ ବେଳେ ପଚାରିବାକୁ ମନ କରେ । କିନ୍ତୁ ପାଗଲାଟାକୁ କେବେ ଘଡ଼ିଏ ମୋ ପାଖରେ ବସି କଥା ହେଲେ ସିନା ପଚାରନ୍ତି, ତା'ର ସାକ୍ଷାତ ପାଇବା ତ କାଠିକର ପାଠ । ବର୍ତ୍ତମାନ ଦେଖୁଛ ଅଛି, ଆଉ ଟିକଏ ପରେ ନାହିଁ ।"

ହସିଲେ ଡକ୍ଟର ପଟ୍ଟନାୟକ, "ଏହା ଏକ ଅଦ୍ଭୁତ ରୋଗ । ଏହାର କାରଣ କିଛି ଜଣା ଅଛି ଯେ ମୁଁ କହିବି । କ'ଣ କଲେ ଏ ରୋଗ ହୁଏ ଓ କ'ଣ କଲେ ଏହି ରୋଗ ହେବନି, ଏହା କାହାରିକୁ ଜଣାନାହିଁ । କିଏ କହୁଛି, ଏକପ୍ରକାର ଭାଇରସ ଏ ରୋଗର କାରଣ, ଆଉ ଦଳେ କହୁଛନ୍ତି ନା, ଭାଇରସ ଏ ରୋଗର କାରଣ ନୁହେଁ । ଯେଉଁମାନେ କହୁଛନ୍ତି ଭାଇରସ ଏ ରୋଗର କାରଣ, ସେମାନେ ଭାଇରସକୁ ଅଲଗା କରି ଦେଖାଇ ପାରିନାହାନ୍ତି । ତେଣୁ ଏ ପରିସ୍ଥିତିରେ ମୁଁ ତୁମକୁ ଏ ରୋଗର କାରଣ କଥା କ'ଣ କହିବି ଫାଦର ?"

ଯେତେବେଳେ ରୋଗଟାଏ ହୋଇଛି, ଲକ୍ଷ ଲକ୍ଷ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ମରୁଛନ୍ତି, ଏ ରୋଗର ତ କିଛି ଗୋଟାଏ କାରଣ ନିଶ୍ଚୟ ଥିବ । ବିନା କାରଣରେ ରୋଗ ତ ହୋଇନପାରେ । ତା' ଠିକ୍, ଏ ରୋଗ ଏମିତି ଅଦ୍ଭୁତ ରୋଗ ଯେ, ଅନ୍ୟ ବହୁ ରୋଗରେ ଶରୀରର ଏକ ନିର୍ଦ୍ଦିଷ୍ଟ ଅଂଶ ରୋଗାକ୍ରାନ୍ତ ହେଉଥିଲା ବେଳେ ଏ ରୋଗରେ ଶରୀରର ଯେକୌଣସି ଅଂଶ ଆକ୍ରାନ୍ତ ହୋଇପାରେ । ଶରୀରର କୌଣସି ଅଂଶ ଏ ରୋଗରୁ ବାଦ ପଡ଼େନି । ହାତ ଗୋଡ଼ ମୁଣ୍ଡଠାରୁ ଆରମ୍ଭ କରି ହାଡ଼, ମାଂସପେଶୀ ସ୍ନାୟୁ, ହୃତପିଣ୍ଡ ରକ୍ତନଳୀ, ଶ୍ୱାସନଳୀ ଫୁସଫୁସ ଯକୃତ, ପରିସ୍ରା ନଳୀ, ସ୍ତନ, ବକ୍ଷ, ଜରାୟୁ, ଅଣ୍ଡକୋଷ, ଡିମ୍ବକୋଷ, ଚର୍ମ, ରକ୍ତ ଏପରିକି ମୁଣ୍ଡର ବାଳ ମଧ୍ୟ ଏହି ରୋଗଦ୍ୱାରା ଆକ୍ରାନ୍ତ ହୁଏ । ଏହି ଯେଉଁ ବିଭିନ୍ନପ୍ରକାର ଅଙ୍ଗ ପ୍ରତ୍ୟଙ୍ଗର କେନସର ରୋଗ, ତାହା ସବୁଦେଶରେ ପୁଣି ସମାନ ଭାବରେ ଦେଖାଯାଏନି । ହେଇ ଦେଖ, ଆଫ୍ରିକା ମହାଦେଶରେ ଯକୃତ କର୍କଟ ରୋଗ ବେଶି ଦେଖାଯାଏ ତ ଯାପାନରେ ପେଟ ବା ଜଠର କର୍କଟ ରୋଗ ଅଧିକ ଦେଖାଯାଏ । ଭାରତବର୍ଷରେ ପାଟି କର୍କଟ ରୋଗ ବେଶି ଦେଖାଯାଏ । ଆମେରିକା ଓ ଇଉରୋପରେ ସ୍ତନ ଓ ଫୁସଫୁସ ଚର୍କଟ ରୋଗ ବେଶି ଦେଖାଯାଏ । ହିନ୍ଦୁ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ଠାରେ ପୁରୁଷ ଲିଙ୍ଗ କର୍କଟ ରୋଗ ଅଧିକ ଦେଖାଯାଉଥିବା ସ୍ଥଳେ ମୁସଲମାନ ଓ ଇହୁଦୀମାନଙ୍କ ଠାରେ ଏ ରୋଗ ଆଦୌ ଦେଖାଯାଏନି । ସ୍ତନ କର୍କଟ ରୋଗ ସ୍ତ୍ରୀମାନଙ୍କଠାରେ ବେଶି ଦେଖାଯାଉଥିବା ସ୍ଥଳେ ପୁରୁଷମାନଙ୍କଠାରେ ଖୁବ୍ କମ୍ ଦେଖାଯାଏ । ଜରାୟୁ କର୍କଟ ରୋଗ ସବୁ ସ୍ତ୍ରୀ ଲୋକଙ୍କ ଠାରେ ଦେଖାଯାଉଥିବା ସ୍ଥଳେ ଇହୁଦୀ ଓ ମୁସଲମାନ ସ୍ତ୍ରୀଲୋକଙ୍କଠାରେ ଖୁବ୍ କମ ଦେଖାଯାଏ ।

Digitized by srujanika@gmail.com

"ଯେତେବେଳେ ଏହି ରୋଗ ଏଭଳି ପ୍ରକାରଭେଦରେ ହେଉଛି, ଏହାର ନିଶ୍ଚୟ କିଛି କାରଣ ଥିବ । ଏହା ସମସ୍ତଙ୍କୁ ସମାନ ଭାବରେ ନ ହୋଇ ଭିନ୍ନ ଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ସ୍ଥଳରେ ଆକ୍ରମଣ କରୁଥିବାରୁ ଏଭଳି ସନ୍ଦେହ ହେବା ସ୍ୱାଭାବିକ ।" ଫାଦର କହିଲେ ।

"କିନ୍ତୁ କର୍କଟ ରୋଗର କୌଣସି ଏକ ନିର୍ଦ୍ଦିଷ୍ଟ କାରଣ ଥିବାଭଳି ମୋତେ ଜଣା-ପଡ଼ୁନି । ଭିନ୍ନ ଭିନ୍ନ କର୍କଟ ରୋଗର ଅଲଗା ଅଲଗା କାରଣ ଥିବା ଜଣାଯାଇଛି । ତେବେ ଏତିକି ନିଶ୍ଚିତଭାବେ ଜଣାଯାଇଛି ଯେ ବହୁପ୍ରକାର କର୍କଟ ରୋଗ ମୂଳରେ କୌଣସି ସ୍ଥାନରେ ବାରମ୍ବାର ଉତ୍ତେଜନା ଏ ରୋଗର ମୁଖ୍ୟ କାରଣ । ସ୍ତନ କର୍କଟ ରୋଗ ଓ ଆଫ୍ରିକୀୟମାନଙ୍କ ଲସିକା ଗ୍ରନ୍ଥିରେ ହେଉଥିବା ଏକପ୍ରକାର କର୍କଟ ରୋଗର କାରଣ ଏକପ୍ରକାର ଭାଇରସ୍ ବୋଲି ଜଣାପଡ଼ୁଛି । କେତେପ୍ରକାର ଗର୍ହିତ ଖାଦ୍ୟ ଓ ବଦଭ୍ୟାସ ଏହି ରୋଗର କାରଣ ବୋଲି ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ୁଛି । ସିଗାରେଟ୍ ଖାଇଲେ ଫୁସଫୁସ କର୍କଟ ରୋଗ ଓ ଗଳା କର୍କଟ ରୋଗ ହୁଏ । ଭାରତୀୟମାନେ ପାନ, ଦୁକ୍ତା, ଗୁଣ୍ଡି, ଗୁଡ଼ାଖୁ ବ୍ୟବହାର କରୁଥିବାରୁ ସେମାନଙ୍କର ପାଟି ଓ ଗଳା କେନସର ହୁଏ । ଜାପାନୀମାନେ ଖଟା ପଖାଳଭାତ ଖାଉଥିବାରୁ ସେମାନଙ୍କର ଜଠର କର୍କଟ ରୋଗ ହୁଏ । ଖାଦ୍ୟରେ ଭେଜାଲ, ନାନାପ୍ରକାର ଗର୍ହିତ ରଙ୍ଗ ବ୍ୟବହୃତ ହେଉଥିବାରୁ ଯକୃତ୍ କର୍କଟ ରୋଗ ହୁଏ । ଇହୁଦୀ ଓ ମୁସଲମାନ-ମାନେ ପିଲାଦିନରୁ ସେମାନଙ୍କ ପୁରୁଷ ଲିଙ୍ଗର ଅଗ୍ରଭାଗରେ ଥିବା ଚମଡ଼ା କାଟି ଦେଉଥିବାରୁ ସେମାନଙ୍କୁ ପୁରୁଷ ଲିଙ୍ଗ କର୍କଟ ରୋଗ ହୁଏନି । କିନ୍ତୁ ହିନ୍ଦୁ ଓ ଖ୍ରୀଷ୍ଟିୟାନ-ମାନେ ତାହା କରୁନଥିବାରୁ ସେମାନଙ୍କୁ ଏ ରୋଗ ହୁଏ । ଯେଉଁମାନେ ଗାମାରଶ୍ମି, ରଞ୍ଜନ ରଶ୍ମି ସଂସ୍ପର୍ଶରେ ବାରମ୍ବାର ଆସନ୍ତି, ସେମାନଙ୍କୁ ମଧ୍ୟ କର୍କଟ ରୋଗ ଧରେ । ବଡ଼ ବଡ଼ ସହରମାନଙ୍କରେ ପରିବେଶ ଦୂଷିତକରଣ ଏହି ରୋଗର ଏକ ମୁଖ୍ୟ କାରଣ । ସହର ଓ ନଗରମାନଙ୍କରେ କଳକାରଖାନା ଓ ମଟର, ବସ, ଟ୍ରାକ୍‌ରୁ ବାହାରୁଥିବା ଧୂଆଁ କର୍କଟ ରୋଗ ସୃଷ୍ଟି କରିପାରିଥାଏ ।"

"ଏଗୁଡ଼ିକ ଯଦି କର୍କଟରୋଗର କାରଣ, ତେବେ ସେହି ସବୁ କାରଣ ସଂସ୍ପର୍ଶରେ ଆସୁଥିବା ସବୁ ଲୋକଙ୍କୁ କେନସର ହେଉନି କାହିଁକି ? ଏଇ ଧର, ସିଗାରେଟ ଧୂଆଁ ଯଦି କର୍କଟରୋଗର କାରଣ, ତେବେ ସିଗାରେଟ ଖାଉଥିବା ସବୁ ଲୋକଙ୍କୁ କର୍କଟରୋଗ ହେବା କଥା । ବିଭିନ୍ନ ପ୍ରକାର ଭେଜାଲ ଓ ଶସ୍ତାରଙ୍ଗ ଖାଇବା ଯଦି କର୍କଟରୋଗର କାରଣ, ଏ ଖାଦ୍ୟକୁ ଖାଉଥିବା ସବୁ ଲୋକଙ୍କୁ କର୍କଟରୋଗ ହେଉନାହିଁ କାହିଁକି ?"

"ଠିକ୍ କଥାଟିଏ ପଚାରିଛ ଫାଦର ! ତେବେ ଏ ପ୍ରଶ୍ନର ଉତ୍ତରରେ ମୁଁ ଏତିକି କହିବି ଯେ ସବୁ ଲୋକଙ୍କର ରୋଗ-ପ୍ରତିରୋଧ କ୍ଷମତା ସମାନ ନୁହେଁ । ଆମ ଦେହରେ ଯେତେବେଳେ କୌଣସି ରୋଗର କାରଣ ପ୍ରବେଶ କରେ, ଆମ ଶରୀର ନିଜର ରୋଗ-ପ୍ରତିରୋଧୀ କ୍ଷମତାଦ୍ୱାରା ସେହି କାରଣକୁ ପ୍ରତିହତ କରିବାକୁ ଚେଷ୍ଟାକରେ । ଯଦି ରୋଗ

Digitized by srujanika@gmail.com

ପ୍ରତିରୋଧୀ ଶକ୍ତି ବେଶି ପ୍ରବଳ ଥାଏ, ତେବେ ରୋଗର କାରଣ ପ୍ରତିହତ ହୋଇଯାଏ; ରୋଗ ଆକ୍ରମଣ କରିପାରେନାହିଁ । ଯଦି ପ୍ରତିରୋଧୀ ଶକ୍ତି ଦୁର୍ବଳଥାଏ, ତେବେ ରୋଗ ଧରିପାରେ । ଏହି କାରଣ ହେତୁ ପ୍ରବଳ ଧୂମପାନ କରୁଥିବା ଲୋକ କର୍କଟରୋଗରେ ଆକ୍ରାନ୍ତ ହୋଇ ନ ପାରେ । ଅଥଚ ଅଳ୍ପ ଅଧେ ଧୂମପାନ କରିଥିବା ଲୋକ କର୍କଟରୋଗରେ ଆକ୍ରାନ୍ତ ହୋଇଥାଏ ।"

"ଏହି ରୋଗରେ ପ୍ରକୃତରେ କ'ଣ ହୁଏ, ଟିକିଏ ମୋତେ ବୁଝାଇ କହିଲେ ଡକ୍ଟର ପଟ୍ଟନାୟକ ?" ଫାଦର ପଚାରିଲେ ।

"ଏହି ରୋଗହେଲେ ଆମ ଶରୀରରେ ଥିବା ଜୀବକୋଷର ସାଧାରଣ ପ୍ରକୃତିରେ କେତେକ ବିପଜ୍ଜନକ ପରିବର୍ତ୍ତନ ଦେଖାଦିଏ । ଉପରୋକ୍ତ କାରଣ ଯୋଗୁଁ ମଣିଷ ଶରୀରର ସୁସ୍ଥ ଜୀବକୋଷ ଏକ ପରିବର୍ତ୍ତିତ ଜୀବକୋଷରେ ପରିଣତ ହୁଅନ୍ତି । ଏହି ପରିବର୍ତ୍ତିତ ଜୀବ-କୋଷର ପରିବୃଦ୍ଧି ନିୟନ୍ତ୍ରଣକାରୀ ଶକ୍ତି ନଥାଏ, ଫଳରେ ଏହା ମନଇଚ୍ଛା ବଢ଼ିବଢ଼ି ଚାଲେ । ଗୋଟିଏ ସ୍ଥାନରେ କୋଷଗୁଡ଼ିଏ ଅତିମାତ୍ରାରେ ବଢ଼ିଚାଲିଲେ, ତାହା ଏକ ଟିଉମର ବା ଆବୁ ଭାବରେ ଦେଖା ଦିଏ । କିଛିଦିନପରେ ଏହି ଆବୁ ଯେତେବେଳେ ମେଲିଯାଏ, ଏଥିରୁ ବିଭିନ୍ନ ପରିବର୍ତ୍ତିତ ଜୀବକୋଷ ଶରୀରର ଅନ୍ୟସ୍ଥାନକୁ ଯାଇ ସେଠାକାର ସୁସ୍ଥ ଜୀବ-କୋଷକୁ ପରିବର୍ତ୍ତିତ ଜୀବକୋଷରେ ପରିଣତ କରେ । ଫଳରେ ପ୍ରତ୍ୟେକଟି ଗୋଟିଏ ଗୋଟିଏ କେନସର କେନ୍ଦ୍ର ବା ଘା'ରେ ପରିଣତ ହୁଏ । ଏହି କେନ୍‌ସର ଘା' ଥରେ ହେଲେ, ଏହା ଆଉ ଶୁଖେନା । ଥରେ ଗୋଟିଏ ଜୀବକୋଷ ଯଦି ପରିବର୍ତ୍ତିତ ଜୀବକୋଷରେ ପରିଣତ ହୁଏ, ତେବେ ତାକୁ ବଦଳାଇ ସୁସ୍ଥ କରି ହେବନି । ଏହା କେନସର ରୋଗ ସୃଷ୍ଟିର ଏକ ନିଶ୍ଚିତ ମୂଳ ହୋଇରହିବ । ପରିବର୍ତ୍ତିତ ଜୀବକୋଷଗୁଡ଼ିକ ଏକତ୍ରିତ ହୋଇ ଯେଉଁ ଟିଉମର ସୃଷ୍ଟିକରନ୍ତି, ତାହା ପରିଶେଷରେ କେନସରରେ ପରିସମାପ୍ତି ଘଟେ । ତାହା ଯେତେବେଳେ ଘା'ରେ ପରିଣତ ହୁଏ, ସେ ଘା' ଶୁଖେନା; ରୋଗୀ ସେହି 'ଘା'ରେ ହିଁ ମରେ ।"

"ମୁଁ ବେଳେବେଳେ ଶୁଣିଛି ଡକ୍‌ଟର ପଟ୍ଟନାୟକ, ଲୋକଙ୍କର ଟିଉମର ସୃଷ୍ଟି ହୋଇଛି; କିନ୍ତୁ ଏହା କେନ୍‌ସରରେ ପରିଣତ ନହୋଇ ଆପେ ଆପେ ମିଳାଇଯାଇଛି । ଏହା କଣ ପ୍ରକୃତରେ ସତ ?"

"ହଁ, ଅବସ୍ଥାଚକ୍ରରେ ହୋଇପାରେ । ମନେକର ଜଣେ ଶରୀରରେ ଟିଉମର ସୃଷ୍ଟି ହେଲ । ଏଇ ଟିଉମରକୁ ଏକ ବାହ୍ୟବସ୍ତୁ ବୋଲି ଭାବି ଶରୀର ତାର ପ୍ରତିରୋଧ କରିବାପାଇଁ ପ୍ରତିରୋଧକାରୀ ବସ୍ତୁ ସୃଷ୍ଟିକଲା । ସେମାନେ ଯାଇ ଟିଉମରଟିକୁ ଆକ୍ରମଣକରି ତାକୁ ଲୋପ କରିଦିଅନ୍ତି । ତେଣୁ କିଛିଦିନ ପରେ ଆପେ ଆପେ ଏଇ କ୍ୟାନସର କେନ୍ଦ୍ର ଲୋପପାଇଯାଏ । ତା'ଛଡ଼ା ସବୁ ଟିଉମର ଯେ କ୍ୟାନ୍‌ସର ରୋଗ ସୃଷ୍ଟିକରନ୍ତି, ତା ନୁହେଁ; ମଣିଷ ଦେହରେ ବହୁ ଆବୁ ବାହାରେ, ଯାହା ମୋଟେ ମାରାତ୍ମକ ନୁହେଁ ।

× × ×

Digitized by srujanika@gmail.com

ଅତନୁ ହସପିଟାଲରୁ ଆସି ଘରେ ଗୋଡ଼ଦେଇଛି କି ନାହିଁ, ଫାଦର କହିଲେ, "ବାବା ଅତନୁ, ସୋଫିଆର ମା' ତୋତେ ବାରମ୍ବାର ଫୋନ କରି ଥକିଗଲେଣି।"

"ସୋଫିଆର ମା' ? କାହିଁକି ?"

ଡାକ୍ତର କହୁଛି, "ସୋଫିଆର କାଲେ କେନ୍‌ସର ହୋଇଛି।"

"ଆଁ, ସୋଫିଆର କେନ୍‌ସର ?" ଚମକି ପଡ଼ିଲା ଅତନୁ।

"ହଁ, ବାବା ! ସୋଫିଆର କେନସର ହୋଇଛି, ବ୍ରେଷ୍ଟ କେନ୍‌ସର।"

"ଆଁ, ବ୍ରେଷ୍ଟ କେନ୍‌ସର ?"

ଅତନୁ ଘରଭିତରକୁ ଆସିବ କ'ଣ, ସେହି କାର୍‌ରେ ସଙ୍ଗେ ସଙ୍ଗେ ଦୌଡ଼ିଲା ସୋଫିଆ ଘରଆଡ଼େ। ମନେ ମନେ ଭାବୁଥାଏ, ତା' ମା' ମାଉସୀଙ୍କର ଏଇ କେନ୍‌ସର ରୋଗ ଥିବାରୁ ସେ କ'ଣ ଆଜି ସେହି ରୋଗର ଶିକାରହେଲା ?

ଘରେ ଯାଇ ଦେଖେ ତ ସୋଫିଆ ଖଟରେ ଶୋଇ କାନ୍ଦୁଛି। ତା ମା, ବାପା, କାନ୍ଦ କାନ୍ଦ ମୁହଁରେ ତାକୁ ଅସଂଖ୍ୟ ପ୍ରକାର ପ୍ରବୋଧନା ଦେଉଛନ୍ତି।

ଅତନୁକୁ ଦେଖି ତା' ବାପା, ମା' ତାକୁ ସୋଫିଆ ପାଖକୁ ନେଇଗଲେ। ସୋଫିଆକୁ କନ୍ଦନରତା ଦେଖି ଅତନୁ କ'ଣ ପ୍ରବୋଧନା ଦେବ ଭାବିପାରିଲାନି। କ୍ଷଣକପାଇଁ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲା; ଠିକ୍ କରିପାରିଲାନି ସେ କିଭଳି ଭାବରେ ପ୍ରବୋଧନା ଦେବ।

ତା'ର ସେଦିନ ମନେପଡ଼ିଗଲା ପାର୍କରେ ସୋଫିଆର ସେହି ଦାମ୍ଭିକତା। ମୁଁ ତା'ର ବନ୍ଧୁ ଭାବ ବର୍ଗୃଗୀର କି ସାହସ ! ଆଜି ତା'ରି ଭାଗ୍ୟରେ ଏ ଦୁଃଖ ? ଭାଗ୍ୟର କି ବିଡ଼ମ୍ବନା ସତେ !

ସୋଫିଆର ମା'ଠାରୁ ରୋଗ କଥା ସବୁ ଟିକିନିଖି ଶୁଣିଲା ଅତନୁ। ସେମାନଙ୍କ ଡାକ୍ତର ଏ ରୋଗର ସନ୍ଦେହ କରି ଅତନୁର ପରାମର୍ଶ ନେବାପାଇଁ ଉପଦେଶ ଦେଇଛନ୍ତି। ସୋଫିଆକୁ ସେ କିଭଳି ଭାବରେ ସାହସ ଦେବ, ତାର ଧୈର୍ଯ୍ୟଚ୍ୟୁତକୁ କିଭଳି ଭାବରେ ଫେରାଇଆଣିବ, ଠିକ୍‌କରିପାରିଲାନି ଅତନୁ। ତେବେ ଯେଉଁ ମୁହୂର୍ତ୍ତରେ ରୋଗର ସନ୍ଦେହ ହୋଇଛି ସେହି ମୁହୂର୍ତ୍ତରେ ରୋଗର ପୁଙ୍ଖାନୁପୁଙ୍ଖ ପରୀକ୍ଷା ଦରକାର। ସୋଫିଆକୁ କାର୍‌ରେ ଧରି ତାର ବାପା ମା'ଙ୍କୁ ନାଉସ୍ପର୍କ ଯିବାପାଇଁ ଉପଦେଶ ଦେଲା। ହସ୍ପିଟାଲରେ ତା ସାଙ୍ଗସାଥୀ ଡାକ୍ତରମାନେ ଘରକୁ ଚାଲି ନ ଯିବା ପାଇଁ ଫୋନ୍‌ରେ ଅନୁରୋଧ ଜଣାଇ ସେ ସଙ୍ଗେ ସଙ୍ଗେ ବାହାରିପଡ଼ିଲା ନାଉସ୍ପର୍କ ଅଭିମୁଖେ। କିଛିକ୍ଷଣ ପାଇଁ ସେ ଭୁଲିଗଲା ଯେ, ସେ ଏଇ ଅଳ୍ପସମୟ ତଳେ ନାଉସ୍ପର୍କରୁ ଫେରିଛି। ସାନ୍ଧ୍ୟକାଳୀନ ଗାଧୁଆ ପାଧୁଆ, ଖିଆପିଆ ଆଦି ତା'ର କିଛି ହୋଇନାହିଁ।

ସୋଫିଆର ସମସ୍ତ ପ୍ରକାର ପରୀକ୍ଷା ସରୁ ସରୁ ରାତିଦୁଇଟା। ଏକ୍‌ସ-ରେ' ରିପୋର୍ଟକୁ ଲକ୍ଷ୍ୟ କରୁ କରୁ ଅତନୁ ତା ସାଙ୍ଗ ଡାକ୍ତର ଟମାସଙ୍କୁ କହିଲା, "ବଡ଼ ଭାଗ୍ୟ ଟମାସ୍, ସୋଫିଆର। ରୋଗ ଠିକ୍ ଆରମ୍ଭରୁ ଧରାପଡ଼ିଯାଇଛି। ରୋଗ ଶରୀର ଭିତରର ଆଉ

Digitized by srujanika@gmail.com

କେଉଁଠିକୁ ପ୍ରସରିଯାଇନି । ତୁମେ ଏହିସବୁ ରିପୋର୍ଟ ଦେଖି ବର୍ତ୍ତମାନ କ'ଣ ବ୍ୟବସ୍ଥା କରିବାକୁ ଚାହୁଁଛ ଟମାସ୍ ?"

ହସିଲି ଟମାସ୍ ! "ଗୋଟିଏ ମାତ୍ର ତ ବ୍ୟବସ୍ଥା, ତୁମେ ତ ଜାଣିଛ ଅନ୍ତତଃ ! ମୋତେ ଫେର୍ କ'ଣ ପଚାରୁଛ ? ରୋଗର ଏହି ଅବସ୍ଥାରେ ଆଉ କିଛି ଅନ୍ୟ ବ୍ୟବସ୍ଥା ତ ନାହିଁ ।

"ମୁଁ ବୁଝୁଛି ଟମାସ୍ ! କିନ୍ତୁ..."

"କିନ୍ତୁ ଆଉ କ'ଣ ଅନ୍ତତଃ ?"

"ସୋଫିଆ ମା', କି ସୋଫିଆ ନିଜେ ତୁମ ପ୍ରସ୍ତାବରେ ରାଜି ହେବେ ତ ?"

"ରାଜି ନ ହେବା ଛଡ଼ା ଅନ୍ୟ ଉପାୟ ଆଉ କ'ଣ ଅଛି କହିଲ ?"

"ମୁଁ ତ ଜାଣୁଛି, ଆଉ କିଛି ଉପାୟ ନାହିଁ । ସୋଫିଆ କି ତା ମା'କୁ ରାଜି କରାଇବ କିଏ ?

"କାହିଁକି ? ମିସେସ୍ ସ୍ମିଥ୍‌ଙ୍କୁ କହିଲେ, ସୋଫିଆକୁ ଓ ତା' ମା'କୁ ଭଲଭାବରେ ବୁଝାଇଦେବେ ।"

"ମିସେସ୍ ସ୍ମିଥ୍ ପାରିବେନି ବୋଧହୁଏ ।"

"ତେବେ ?"

"ତୁମେ କ'ଣ ଚାହୁଁଛ ଟମାସ୍ ଆଜି ଅପରେସନ କରିବ ?"

"ହଁ, ଆଜି, ଏଇ ବର୍ତ୍ତମାନ ।" ଟମାସର ମୁହଁରେ ଆଶ୍ଚର୍ଯ୍ୟତାର ଚିହ୍ନ ।" ସାମାନ୍ୟ ଟିକିଏ କାଳବିଳମ୍ବ କରିବା ଉଚିତ ନୁହେଁ । ତୁମେ ମୋତେ ଏମିତି କଅଣ ପଚାରୁଛ ? ତୁମେ ଦୁର୍ବଳତା ଅନୁଭବ କରୁଛ ଅନ୍ତତଃ ?"

"ନାଁ ଭାଇ, ଦୁର୍ବଳତା ଅନୁଭବ କରିବି କଅଣ ? ମୋର ଚିନ୍ତା ସୋଫିଆକୁ ରାଜି କରାଯିବ କେମିତି ?"

"ସୋଫିଆ ତ ଉଚ୍ଚଶିକ୍ଷିତା, ତା ମା' ବାପା ଉଭୟେ ତ ଉଚ୍ଚଶିକ୍ଷିତ । ସେମାନେ ରୋଗର ଭୟାବହତା କ'ଣ ଉପଲବ୍ଧି କରିବେନି ? ସେମାନଙ୍କୁ ବୁଝାଇଦେଲେ ସେମାନେ ଜାଣିପାରିବେ, ରୋଗରୁ ରକ୍ଷାପାଇବା ପାଇଁ ଆଉ କିଛି ଉପାୟ ନାହିଁ ।

ମିସେସ୍ ସ୍ମିଥ୍ ଯେତେବେଳେ ସୋଫିଆ ଓ ସୋଫିଆର 'ମା'କୁ ଡାକ୍ତର ଟମାସଙ୍କ ସିଦ୍ଧାନ୍ତ ଜଣାଇଦେଲେ, ସେମାନଙ୍କ ମୁଣ୍ଡ ଫାଟିଗଲାଭଳି ଜଣାପଡ଼ିଲା । ଟମାସ୍ ସବୁପ୍ରକାର ପରୀକ୍ଷାକରି ଦେଖି ସାରିଲେଣି ଯେ ସୋଫିଆର ଆକ୍ରାନ୍ତ ହୋଇଥିବା ସ୍ତନଟିକୁ ଯେତେ ଶୀଘ୍ର କାଟି ବାହାର କରି ଦିଆଯିବ, ସେତେ ମଙ୍ଗଳ । ଆଉ କିଛି ସମୟ ବିଳମ୍ବ କଲେ ସୋଫିଆର ଜୀବନ ଫେରିପାଇବା କଷ୍ଟକର ହୋଇପଡ଼ିବ । ଟମାସଙ୍କ ସିଦ୍ଧାନ୍ତ ଶୁଣି ସେମାନେ ରାଜି ନହେବା ଛଡ଼ା ଅନ୍ୟ ଉପାୟ ନାହିଁ । ତେବେ ସେମାନଙ୍କର ଭୟ, ସୋଫିଆର ଗୋଟିଏ ସ୍ତନ କାଟିଦିଆଗଲେ ସମାଜରେ ତା' ଅବସ୍ଥା କଅଣ ହେବ ? ସେଇଆ ଭାବି ମା' ଝିଅ ଦୁହେଁ ଅସ୍ଥିର ହୋଇପଡ଼ୁଥିଲେ । ଏଭଳି ଝିଅକୁ କିଏ ଅବା

Digitized by srujanika@gmail.com

ସମାଜରେ ଗ୍ରହଣ କରିବ ? ବିବାହ କରିବା, କି ଘରସଂସାର କରିବା ସୋଫିଆ ପକ୍ଷରେ ସ୍ୱପ୍ନ ଛଡ଼ା ଆଉ କିଛିହୋଇ ରହିବନି ।

ସୋଫିଆ ଓ ତା'ର ମା'ର ଏଭଳି ଆଶଙ୍କା ଶୁଣି ହସିଲେ ମିସେସ୍ ସ୍ମିଥ୍ ।

"ଆପଣମାନେ ସେଭଳି ଭୟ କରନ୍ତୁନି । ଅପରେସନ ପରେ ପ୍ଲାଷ୍ଟିକ ଅସ୍ତ୍ରୋପଚାର କରି ସୋଫିଆର କଟିଯାଇଥିବା ସ୍ତନ ସ୍ଥାନରେ ସେମାନେ ଏଭଳି ଏକ ସିଲିକୋନ ସ୍ତନ ବସାଇଦେବେ, ଯେଉଁ ସ୍ତନକୁ ଦେଖିଲେ କେହି କେବେ ସନ୍ଦେହ କରିବନି କୃତ୍ରିମ ସ୍ତନ ବୋଲି । ରୂପ, ଆକାର, କୋମଳତା ସବୁଥିରେ ପ୍ରାକୃତିକ ସ୍ତନ ସହିତ ସମାନ । ପ୍ରାକୃତିକ ସ୍ତନ ଏହିଭଳି ରୋଗର କାରଣ ହେଉଥିବାରୁ ଆମେରିକାର ଦଳେ ଡାକ୍ତର ବର୍ତ୍ତମାନ ଚିନ୍ତା କରିବାକୁ ଆରମ୍ଭ କଲେଣି ଯେ ଝିଅମାନେ ପ୍ରାପ୍ତବୟସ୍କା ହେଲାବେଳକୁ ସେମାନଙ୍କ ପ୍ରାକୃତିକ ସ୍ତନ ଦୁଇଟିକୁ କାଟି କୃତ୍ରିମ ସ୍ତନ ଲଗାଇଦେଲେ, ଆଉ ଏ ରୋଗରୁ ଭୟ ପାଇବାକୁ ନ ଥିବ । ସୌନ୍ଦର୍ଯ୍ୟ ବୃଦ୍ଧି ଛଡ଼ା ସ୍ତନର ଆଉ କିଛି କାର୍ଯ୍ୟ ତ ଆମେରିକା ସମାଜରେ ଦେଖାଯାଏନି । ନବଜାତ ଶିଶୁକୁ ସ୍ତନରୁ ଦୁଧ ଖୁଆଇବା କଥା ତ ଲୋକେ ଭୁଲିଗଲେଣି । ତେଣୁ ସେଭଳି ପରିସ୍ଥିତିରେ ପ୍ରାକୃତିକ ସ୍ତନର ଆବଶ୍ୟକତା କେଉଁଠି ? ଆବଶ୍ୟକୀୟ ପିଲାଜନ୍ମ ପରେ ସ୍ତ୍ରୀଲୋକମାନଙ୍କର ଜରାୟୁର ଯେମିତି ଆବଶ୍ୟକତା କିଛି ନାହିଁ, ଏହା କେବଳ କର୍କଟ ରୋଗର ଆରମ୍ଭସ୍ଥଳୀ ହୋଇ ରହୁଛି, ସେ ପରିସ୍ଥିତିରେ ଯେମିତି ଆମ ସ୍ତ୍ରୀଲୋକମାନେ ପିଲାଜନ୍ମ ପରେ ପରେ ଜରାୟୁକୁ କାଟିଦେଇ ନିଶ୍ଚିନ୍ତ ହୋଇ ବସୁଛନ୍ତି, ପ୍ରାପ୍ତବୟସ୍କା ହେଲାକ୍ଷଣି ଝିଅମାନେ ସେହିଭଳି ସ୍ତନକୁ ବାଦ୍ ଦେଲେ କ୍ଷତି ନାହିଁ । ପ୍ରାକୃତିକ ସ୍ତନର ଯଦି ଏକମାତ୍ର କାମ ନାରୀମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି, ଯୌନାକର୍ଷୀ ରୂପ ପ୍ରଦାନ, ତେବେ ସେ କାମ ସିଲିକୋନ୍ ସ୍ତନ ତ ଆହୁରି ଅଧିକ ଭଲ ଭାବରେ କରିପାରିବ । ତେଣୁ ପ୍ରାକୃତିକ ସ୍ତନକୁ ବାଦ୍ ଦେଇ କୃତ୍ରିମ ସ୍ତନ ପ୍ରତି ଅଧିକ ଆଦର ନ ଦେଖାହେବ କାହିଁକି ?"

ମିସେସ୍ ସ୍ମିଥ୍ଙ୍କ ବୁଝାସୁଝାରେ ସୋଫିଆ ଓ ତା' ମା' ରାଜି ହୋଇଗଲେ । ଏହା ଝିଅର ଭବିଷ୍ୟତ ବୈବାହିକ ଜୀବନଯାପନରେ ବାଧା ସୃଷ୍ଟି କରିବନାହିଁ ବୋଲି ଜାଣି-ସାରିବା ପରେ ସୋଫିଆର ମା ଆଶ୍ୱସ୍ତ ହେଲେ । ତେଣୁ ରାଜିନହେବେ କେମିତି ? ଡାକ୍ତରଙ୍କ ପ୍ରସ୍ତାବରେ ରାଜି ନ ହେଲେ ଝିଅର ଜୀବନ ସଂକଟାବସ୍ଥାରେ । ଝିଅକୁ ତ ବଞ୍ଚାଇବାକୁ ପଡ଼ିବ ଯେକୌଣସି ଉପାୟରେ ।

× × ×

"କ'ଣ ଅଳନ୍ତୁଙ୍କ ବାପା ନଇଅରଲାସ୍ଥାନ୍‌ସକୁ ଫେରିଗଲେଣି ଫାଦର ?" —ପଚ୍ଛରୁ ପଚ୍ଛରୁ ଫାଦରଙ୍କ ବସିଥିବା କୋଠରି ଭିତରକୁ ପଶିଆସିଲା ସୁସାନ ।

"କିଏ ମା' ସୁସାନ, ଆସିଗଲୁଣି ? ହଁ ମା' ଅଳନ୍ତୁର ବାପା ଚାଲିଗଲେଣି । ତାଙ୍କ

Digitized by srujanika@gmail.com

ଛୁଟି ଆସନ୍ତା କାଲି ସରିବ । ଆଜି ସନ୍ଧ୍ୟା ଫ୍ଲାଇଟ୍‌ରେ ନିଉଅର୍କ ଉଡ଼ାଜାହାଜଘାଟିରୁ ଗଲେ । ଏଇ ତାଙ୍କୁ ତ ଛାଡ଼ିଦେଇ ମୁଁ ଫେରୁଛି ।”

“କିନ୍ତୁ ଫାଦର, ଅତନୁର ବାପା ତ ଅଛନ୍ତି, ଆପଣ ପୁଣି ତାଙ୍କୁ ପାଳିଲେ କେମିତି ? ଏମିତି କି ପରିସ୍ଥିତି ହେଲା ଯେ ଅତନୁ ତାଙ୍କ ବାପାଙ୍କଠାରୁ ଚାଲିଆସି ଆପଣଙ୍କ ପାଖରେ ରହିଲା ।”

“ସେ ଏକ ବିରାଟ ଇତିହାସ ମା’ ! ବସ୍, ତୋତେ କହୁଛି ।”

ସୁଯାନ ଫାଦରଙ୍କ ଆଡ଼କୁ ଜିଜ୍ଞାସୁ ନୟନରେ ଅନାଇରହିଲା ।

ଫାଦର ଆରମ୍ଭକଲେ, “ଆଜକୁ ଠିକ ପଚିଶବର୍ଷ ତଳର କଥା ମା ! ମୁଁ ବୋଷ୍ଟନରେ ହେଉଥିବା ଧର୍ମଯାଜକମାନଙ୍କର ଏକ ସମ୍ମିଳନୀରେ ଯୋଗ ଦେବାକୁ ଯାଇଥାଏ । ସମ୍ମିଳନୀ ଶେଷକରି ମୁଁ ମୋ କାରରେ ନିଉଜେରସି ଫେରୁଥାଏ । ବୋଷ୍ଟନରୁ ସିଧାସଳଖ ମୁଁ ଜାତୀୟ ରାଜପଥ ମାସ-ଟର୍ଣ୍ଣପାଇକ ଆଡ଼କୁ ଆସୁଥାଏ । ରାସ୍ତାରେ ସେମିତି କିଛି ଲୋକ କି ଯାନବାହନ ଗହଳି ନ ଥାଏ । ନିଛାଟିଆ ରାସ୍ତା ସେଦିନ । ଦେଖିଲି ରାସ୍ତାରେ ତିନି ଚାରିବର୍ଷର ପିଲାଟିଏ କାନ୍ଦି କାନ୍ଦି ଚାଲିଛି । ମୁଁ ନିଜେ ଗାଡ଼ି ଚଳାଉଥିଲି । ବଡ଼ ଦୟା-ହେଲା କାନ୍ଦୁରା ପିଲାଟିକୁ ଦେଖି । ଗାଡ଼ି ବନ୍ଦକରି ପିଲାଟିକୁ ପାଖକୁ ଡାକିଲି । ପିଲାଟି ମୋତେ ଦେଖି କାନ୍ଦ ବନ୍ଦକଲା ସତ, କିନ୍ତୁ ମୋ ପାଖକୁ ମୋଟେ ଆସିଲାନି । ପିଲାଟି ଆମେରିକା ପିଲା ନୁହେଁ । ଚେହେରାରୁ ଭାରତୀୟ ପିଲାଭଳି ଜଣାପଡ଼ୁଥାଏ । ପିଲାଟି ନ ଆସିବା ଦେଖି ମୁଁ ପିଲାଟି ପାଖକୁ ଗଲି । ସେ କାହିଁକି କାନ୍ଦୁଛି ପଚାରିଲେହେଁ କିଛି କହିପାରୁନଥାଏ । ଇଂରାଜୀ ଭଲ ଭାବରେ ବୁଝୁଛି କି ନାହିଁ ଜଣାପଡ଼ୁନଥାଏ । ମୁଁ ତାକୁ ପକେଟରୁ ଚକୋଲେଟଟିଏ ବାହାର କରି ଦେଲି । ପ୍ରଥମେ ପ୍ରଥମେ ନେଉନଥିଲା । ବହୁତ କହିଲାରୁ ନେଲା, କିନ୍ତୁ ଖାଇଲାନି, ବହୁତକରି କହିବାରୁ ଖାଇଲା । ତା ନାଁ କଅଣ, ତା ବାପା ମା କିଏ, ସେମାନେ କେଉଁଠି ରହନ୍ତି, ଯେତେ ପଚାରିଲେହେଁ କିଛି କହିପାରୁନଥାଏ । ବଡ଼ ଅଡୁଆରେ ପଡ଼ିଲି । ପିଲାଟିକୁ ସେହିଭଳି ରାସ୍ତାରେ ଏକୁଟିଆ ଛାଡ଼ିଦେଇ ଚାଲିଯିବାକୁ ମନ ହେଉନଥାଏ । ମୁଁ ତାକୁ କାର୍ ଭିତରକୁ ଡାକି ପାଖରେ ବସାଇଲି । ମୋ ସହିତ ଆମ ଘରକୁ ଯିବ କି କଅଣ ପଚାରିଲି । ସେ ନ ଯିବାର ଅନିଚ୍ଛା ଦେଖାଇଲାନାହିଁ । ଭାବିଲି ପିଲାଟିକୁ ଘରକୁ ନେଇଯାଇ ଖବରକାଗଜରେ ପିଲାଟିର ଫଟୋ ସହ ବିଜ୍ଞାପନ ଦେଇଦେଲେ ତା ବାପା ମା ଆସି ତାକୁ ମୋ ଘରୁ ନେଇଯିବେ । ସେହି ଆଶାରେ ସେଦିନ ସେହି ଛୋଟ ପିଲାଟିକୁ କାରରେ ବସାଇ ନିଉଜେର୍ସି ଫେରିଆସିଲି । ସେତେବେଳକୁ ଘରେ ମୁଁ ଏକା । ସ୍ତ୍ରୀ ତ ଏଥିପୂର୍ବରୁ କେନସର ରୋଗରେ ମରିଯାଇଥାନ୍ତି । ତାଙ୍କ ପରେ ପରେ ମୋର ଗୋଟିଏ ମାତ୍ର ପୁଅ, ଶିଶୁପକ୍ଷାଘାତ ରୋଗରେ କଷ୍ଟ ପାଇ ଇହଧାମ ତ୍ୟାଗ କଲା । ପିଲାଟିକୁ ସିନା ଫେରିଆସିଲି, ତା’ର ଲାଳନପାଳନ କେମିତି କରିବ ସେହି ହେଲା ଚିନ୍ତା । ପିଲାଟିର ଲାଳନପାଳନ ପାଇଁ ଗୋଟିଏ ଆୟା ରଖିଲି ଠିକାରେ; କାହିଁକି ନା ମୁଁ

Digitized by srujanika@gmail.com

ନିଷ୍ଟିତ ହୋଇଯାଇଥିଲି ଖବରକାଗଜରେ ବିଜ୍ଞାପନ ଦେଲେ ତା ବାପା, ମା' ଆସି ତାକୁ ନେଇଯିବେ । ଆସ୍ଥାଟି ମନକୁ ମନ ବନ୍ଦହୋଇଯିବ । ବୋଷ୍ଟନର ପ୍ରସିଦ୍ଧ ଦୈନିକ ଖବର-କାଗଜ କ୍ରିଷ୍ଟିଆନ ମନିଟରରେ ବିଜ୍ଞାପନ ଦେଲି । ଦିନେ ନୁହେଁ, ଦୁଇଦିନ ନୁହେଁ, ଲଗ୍ ଲଗ୍ ସାତଦିନ ପାଇଁ । ଅନାଇ ଅନାଇ ଆଖିରୁ ପାଣି ମଲା । ଜଣେ କେହି ପିଲାଟି ବିଷୟରେ ଖୋଜଖବର ନେବାପାଇଁ ଆସିଲେନି, କି କେହି ଚିଠିଟାଏ ଲେଖିଲେନି ପିଲାଟି ବିଷୟ ନେଇ । ଧରନେଲି, ପିଲାଟି ବାପ-ମା-ଛେଉଣ୍ଡ, ତାର କେହି ନାହିଁ । ଏହାପରେ ପରେ ପିଲାଟି ପ୍ରତି ମୋର ସ୍ନେହ ଯଥେଷ୍ଟ ବଢ଼ିଗଲା । ମୋ ପୁଅଟି ଯେତେବେଳେ ମରିଯାଇଛି, ଏହାକୁ ନିଜ ପୁଅଭଳି ପାଳିବାକୁ ଲାଗିଲି । ଯେଉଁ ଆସ୍ଥାଟିକୁ ଠିକାଭାବରେ ରଖିଥିଲି, ତାକୁ ମୁକ୍ତର କରିଦେଲି । ଆଜି ତୁ ଯେଉଁ ମାର୍ଗାରେଟ୍‌କୁ ଦେଖୁଛୁ ମା, ସେଇ ହେଉଛି ପ୍ରଥମ ଆସ୍ଥା । ଦିନେ ମାର୍ଗାରେଟ୍‌ର ଦେହ ଖରାପ ଥାଏ । କାମକୁ ଆସି ନଥାଏ । ରନ୍ଧାବଢ଼ା, ପିଲାକୁ ଗାଧୋଇଦେବା କାମ ମୋତେ କରିବାକୁ ପଡ଼ିଲା । ପିଲାଟିକୁ ଗାଧୋଇ ଦେଉଁ ଦେଉଁ ଦେଖିଲି, ପିଲାଟିର ଅଣ୍ଟାରେ ଗୋଟିଏ ରୁପା ଗୁପସୂତା ଅଛି ଓ ସେଥିରେ ଗ୍ରେଟ ଲକେଟଟିଏ ଲାଗିଛି । ସେହି ଲକେଟରେ ଇଂରାଜୀରେ ଲେଖାଅଛି, "ଅତନୁ କୁମାର ପଟ୍ଟନାୟକ ।" ଧରିନେଲି, ସମ୍ଭବତଃ ପିଲାଟିର ନାଁ ହେଉଛି 'ଅତନୁ କୁମାର ପଟ୍ଟନାୟକ' । ମାର୍ଗାରେଟ୍ ଖୁବ୍ ଯତ୍ନ ନେଇ ଅତନୁର ଲାଳନପାଳନ କଲା । ପିଲାଟି ବଡ଼ ହୋଇ ପାଠ ପଢ଼ିଲା । ସ୍କୁଲରେ ପିଲାଟି ଏତେ ଭଲ ପଢ଼ିଲା ଯେ ଶିକ୍ଷକମାନେ ତା'ର ବହୁତ ପ୍ରଶଂସା କଲେ । ସ୍କୁଲ ପଢ଼ା ଶେଷକରି ସେ ଯେତେବେଳେ କଲେଜରେ ପଢ଼ିଲା, ମେଧାବୀ ଛାତ୍ରଭାବରେ ତା'ର ଖ୍ୟାତି ଚାରିଆଡ଼େ ହୁ-ହୁ ହୋଇ ବ୍ୟାପିଗଲା । ଏଭଳି ମେଧାବୀ ପିଲାକୁ ଅନ୍ୟ କେଉଁଠି ନ ପଢ଼ାଇ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପଢ଼ାଇଲି । ଆଶା, ସେଠାରେ ସେ ଭଲ ଶିକ୍ଷା ପାଇପାରିବ । କଲମ୍ବିଆରେ ମଧ୍ୟ ସେ ଶ୍ରେଣୀରେ ସବୁବେଳେ ପ୍ରଥମ ହେଉଥାଏ । ଏତିକବେଳେ ଲକ୍ଷ୍ୟ କଲି ପିଲାଟିର ମେଡ଼ିକେଲ ଶିକ୍ଷା ଆଡ଼କୁ ଆକର୍ଷଣ ବେଶି । ତେଣୁ ଶିକ୍ଷକ-ମାନଙ୍କ ସହ ପରାମର୍ଶ କରି ତାକୁ କଲମ୍ବିଆ ବିଶ୍ୱବିଦ୍ୟାଳୟର ମେଡ଼ିକେଲ ସ୍କୁଲରେ ନାମ ଲେଖାଇଦେଲି । ସେଠାରେ ତା କୃତି କହିଲେ ନ ସରେ । ବଡ଼ ବଡ଼ ପ୍ରୋଫେସରମାନେ କହିଲେ ତା ଭଳି ମେଧାବୀ ଛାତ୍ର ସେମାନେ ସେମାନଙ୍କ ଜୀବନକାଳ ଭିତରେ ଦେଖିନାହାନ୍ତି । ଡାକ୍ତରୀ ପାସ୍ ପରେ ସର୍ଜରୀରେ ବିଶେଷଜ୍ଞାନ ଆହରଣପାଇଁ ସେ ସେହିଠାରେ ଏମ୍. ଏସ୍.କଲା । କେନସର ଅସ୍ତ୍ରୋପଚାରର ପ୍ରତି ତାର ବିଶେଷ ଆଗ୍ରହ ଦେଖି କଲମ୍ବିଆ ବିଶ୍ୱବିଦ୍ୟାଳୟର କେନସର-ବିଶେଷଜ୍ଞ ତାକୁ ପି:ଏଚ୍:ଡ଼ି; କରିବାପାଇଁ ସୁଯୋଗ ଦେଲେ । ସେଥିରେ ମଧ୍ୟ ତାର ସୁଖ୍ୟାତି ଚାରିଆଡ଼େ ବ୍ୟାପିଗଲା । ନିଉୟର୍କର ରକେଫେଲର କେନସର ଇନଷ୍ଟିଚ୍ୟୁଟ୍‌ର ଡିରେକ୍ଟର ତାକୁ ନିଜ ଇନଷ୍ଟିଚ୍ୟୁଟରେ ରଖାଇବାପାଇଁ ଅଧ୍ୟାପକଙ୍କୁ ବହୁତ କାକୁତି-ମିନତି କଲେ । ଯେତେବେଳେ ତାର ମନ କେନସର ରୋଗଆଡ଼କୁ ଯାଉଛି, ଏଇ ଇନଷ୍ଟିଚ୍ୟୁଟରେ ରହିଲେ ତାର ଉଦ୍ଭାବନର ଉନ୍ନତି ହେବ ଭାବି ମୁଁ ତାକୁ ସେହିଠାରେ ଯୋଗଦେବାକୁ

Digitized by srujanika@gmail.com

କହିଲି । ସେଥିରେ ସେ ଯୋଗଦେବ ବୋଲି ମନେମନେ ସିଦ୍ଧାନ୍ତ କରିନେଇଥିଲି । କେବଳ ମୋ ଅନୁମତିକୁ ଅପେକ୍ଷା କରିଥିଲି ।"

"ଅତନୁର ବାପାଙ୍କୁ ଆପଣ କେମିତି ପାଇଲେ ? ସେ ନିଜ ପୁଅକୁ ଚିହ୍ନିଲେ କେମିତି ?"

"ସେ ଆଉ ଏକ ଇତିହାସ ମା' ! ଅତନୁର ଶେଷ ଡାକ୍ତରୀ ପରୀକ୍ଷାରେ ପ୍ରସୂତିବିଜ୍ଞାନରେ ପରୀକ୍ଷକ ଭାବରେ ଅତନୁର ବାପା କଲମ୍ବିଆ ମେଡ଼ିକାଲ ସ୍କୁଲକୁ ଆସିଥିଲେ । ସେ ସେତେବେଳେ ନିଉଅରଲିୟାନସ ମେଡ଼ିକାଲ କଲେଜରେ ପ୍ରସୂତିବିଜ୍ଞାନ ଅଧ୍ୟାପକ ଥାନ୍ତି । ଦେଶସାରା ତାଙ୍କର ମଧ୍ୟ ଖୁବ୍ ସୁନାମ । ସେ ପରୀକ୍ଷାବେଳେ ପ୍ରଶ୍ନ ପଚାରୁ ପଚାରୁ ତାର କେତୋଟି ଲକ୍ଷଣ ଦେଖିଲେ, ଯେଉଁଥିରୁ ତାଙ୍କର ସନ୍ଦେହ ହେଲା । ସେ ଅତନୁଠାରୁ ମୋ ଠିକଣା ନେଇ ଆମ ନିଉଜେରସି ଏପାର୍ଟମେଣ୍ଟକୁ ଆସିଲେ । ମୋ ସହିତ କଥାବାର୍ତ୍ତା ହେଉ ହେଉ ପିଲାଟିକୁ କେଉଁଠାରୁ ପାଇଲି ବୋଲି ପଚାରିଲେ । ମୁଁ ପଚିଶବର୍ଷ ତଳର ସବୁ ଘଟଣା ଟିକିନିଖି କରି କହିଗଲି । ପିଲାଦିନେ ସେ ଯେଉଁ ଲକେଟ୍ ରୁପା ଗୁଆପୁଡ଼ା ପିନ୍ଧିଥିଲା, ତାକୁ ଆଣି ଦେଖାଇଲି । ସେଥିରୁ ସେ ନିଜ ପୁଅ ବୋଲି ଚିହ୍ନିଲେ । ତେବେ ସେ ଏତେଦିନଯାକେ କୁଆଡ଼େ ଥିଲେବୋଲି ପଚାରିଲି । ସାତଦିନ ଧରି ଖବରକାଗଜରେ ବିଜ୍ଞାପନ ଦେଲି, ତଥାପି ସେ କାହିଁକି ନଆସିଲେ ବୋଲି ଶୁଣିବାକୁ ଚାହାନ୍ତେ ସେ ଯେଉଁ ଉତ୍ତରଦେଲେ, ସେଥିରେ ମୋର ହୃଦୟ ତରଳିଗଲା । ଡାକ୍ତର ପଟ୍ଟନାୟକ ଓ ତାଙ୍କ ସାନ ଭାଇ ଉଭୟେ ପ୍ରସୂତିବିଜ୍ଞାନରେ ଅଧ୍ୟାପକ, ଉଭୟେ ମାସାଚୁସେଟସ୍ ଜେନେରାଲ ହସପିଟାଲରେ କାମ କରନ୍ତି । ଅତନୁ ଜନ୍ମହେବା ପରେ ତା' ମା' ମରିଗଲା । ଏହାର କିଛିଦିନ ପରେ ଅତନୁର ଦାଦା ଜଣୈକ ଭାରତୀୟ ମହିଳାଙ୍କୁ ବିବାହ କଲେ । ଅତନୁର ବାପା ନିଜ ପୁଅର ଭବିଷ୍ୟତପାଇଁ ଦ୍ୱିତୀୟବାର ବିବାହ କରିବାକୁ ମନାକରିଦେଲେ । ତାଙ୍କର ଆଶା, ସାନଭାଇର ସ୍ତ୍ରୀ ଅତନୁର ଯଥେଷ୍ଟ ଯତ୍ନ ନେବ; ତେଣୁ ତାଙ୍କର ଆଉଥରେ ବିବାହ କରିବା ଦରକାର କଣ ? ବିବାହ ହେବାର ବର୍ଷଟାଏ ପରେ ତାଙ୍କ ସାନଭାଇଙ୍କର ପୁଅଟିଏ ହେଲା । ସାନଭାଇର ସ୍ତ୍ରୀ ଅତନୁକୁ ଯାହା ଭଲପାଉଥିଲେ, ନିଜର ପୁଅଟିଏ ହେଲାରୁ ସେ ନିଜ ପୁଅ ପ୍ରତି ଅଧିକ ସ୍ନେହଶୀଳ ହୋଇପଡ଼ିଲେ । ଅତନୁ ପ୍ରତି ଅବହେଳା ତାଙ୍କର ଧୀରେ ଧୀରେ ଆରମ୍ଭହୋଇଗଲା । ଏହି ସମୟରେ ଡକ୍ଟର ପଟ୍ଟନାୟକ ଓ ତାଙ୍କ ସାନଭାଇ ଇଉରୋପକୁ ଦୁଇମାସପାଇଁ ପରିଦର୍ଶକ ଅଧ୍ୟାପକ ଭାବରେ ଯିବା ପାଇଁ ନିମନ୍ତ୍ରଣ ପାଇଲେ । ପୁଅଟିକୁ ସାନଭାଇ ସ୍ତ୍ରୀର ଦାୟିତ୍ୱରେ ଛାଡ଼ିଦେଇ ସେମାନେ ଇଉରୋପ ଚାଲିଗଲେ । ସେମାନଙ୍କ ଅନୁପସ୍ଥିତିରେ ଅତନୁ ପ୍ରତି ଅବହେଳା ଆହୁରି ବଢ଼ିଗଲା । ସାନଭାଇର ସ୍ତ୍ରୀ ନିଜ ପୁଅର ଯତ୍ନରେ ଏତେ ବୁଡ଼ିରହିଲେ ଯେ ଅତନୁ ପ୍ରତି ତାଙ୍କର ଦୃଷ୍ଟି ରହିଲାନାହିଁ । ଦିନେ କ'ଣ ଏକ କାଚପାତ୍ର ଭାଙ୍ଗିଦେଲାରୁ ଅତନୁକୁ ଏତେ ବାଡ଼େଇଲେ ଯେ ସେ କାନ୍ଦି କାନ୍ଦି ବାପାଙ୍କୁ ଖୋଜିବାକୁ ଘରୁ ବାହାରିଗଲା । ସେହି ସମୟରେ ମୁଁ ପିଲାଟିକୁ ବାଟରେ ଭେଟି ନିଜ ଘରକୁ ନେଇଆସିଲି । ପିଲାଟି କଥା ଖବରକାଗଜରେ ବିଜ୍ଞାପନ ଦିଅନ୍ତେ, ତାର ବାପା କି ଦାଦା ଆମେରିକାରେ ନଥିବାରୁ ଜାଣିପାରିଲେନି । ସେମାନେ ଇଉରୋପରୁ ଫେରି ପିଲାଟିକୁ

Digitized by srujanika@gmail.com

ବହୁତ ଖୋଜାଖୋଜି କଲେ, ଆଉ ପାଇଲେନି । ଆମେରିକାର ବହୁ ଶିଶୁସଦନ ସେମାନେ ଖୋଜିଲେ,କେଉଁଠି ପାଇଲେନି । ସେମାନଙ୍କ ଧାରଣା ହେଲା ପିଲାଟି ସେମାନଙ୍କ ଅନୁପସ୍ଥିତିରେ ଏଣେତେଣେ ସେମାନଙ୍କୁ ଖୋଜୁଁ ଖୋଜୁଁ କୌଣସି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛି । ପୁତ୍ରର ଦୁଃଖରେ ଜର୍ଜରିତ ହୋଇ ଡକ୍ଟର ପଟ୍ଟନାୟକ ବୋଷ୍ଟନ ଛାଡ଼ି ନିଉଅରଲିଆନସ ଚାଲିଆସିଲେ । ତାଙ୍କ ଭାଇ ଓ ଭାଇବୋହୂ ବୋଷ୍ଟନରେ ରହିଲେ । ଡକ୍ଟର ପଟ୍ଟନାୟକ ପୁଅକୁ ଝୁରି ଝୁରି ଆଉ ବିବାହ କଲେନି । ଯେଉଁ ଦିନ ଆମର ଏହି ଘରେ ବାପପୁଅଙ୍କର ମିଳନ ହେଲା ସେଦିନ ଉଭୟଙ୍କର ଯେଉଁ ଆନନ୍ଦ ମୁଁ ଭାଷାରେ ବର୍ଣ୍ଣନା କରିପାରିବିନି ମା' ! ଅତନୁ ସବୁବେଳେ ଜାଣିବାକୁ ଚାହୁଁଥିଲା ତା ବାପା ମା'ଙ୍କ କଥା । ସେ କେତେ ଥର ମୋତେ ପଚାରିଛି; ମୁଁ ଯେତେବେଳେ ଜାଣିନି ବୋଲି କହେ, ତା ମୁହଁ ଶୁଖିଯାଏ । ଦୁଇଚାରି ଥର ପଚାରିବା ପରେ ଯେତେବେଳେ ଜାଣିଲା ମୁଁ ସେ ଖବର ଏପର୍ଯ୍ୟନ୍ତ ପାଇନି ବୋଲି ସେ ଆଉ ପଚାରେନି । ଯେଉଁଦିନ ସେ ନିଜ ବାପାଙ୍କୁ ଚିହ୍ନିଲା, ତା ମନରୁ କେତେ ବଡ଼ ବୋଝ ଯେ ଗଲା ତା କହିହେବନି । ତାର ସେ ଦିନର ଆନନ୍ଦ ମୁଁ ବର୍ଣ୍ଣନା କରିପାରିବିନି ମା' ! ବାପପୁଅଙ୍କର ମିଳନ ହେଲା ସତ, କିନ୍ତୁ ଡକ୍ଟର ପଟ୍ଟନାୟକ ନିଜ ପୁଅକୁ ମୋଠାରୁ ଛଡ଼ାଇ ନେବାକୁ ଚାହିଁଲେନି । ତାଙ୍କଭଳି ଉଦାର ପ୍ରକୃତିର ଲୋକ ପୃଥିବୀରେ ଖୁବ୍ ବିରଳ ମା' ! ସେ ଓଲଟି କ'ଣ କହିଲେ ଜାଣୁ ମା' ? ସେ କହିଲେ, ମୁଁ ଅତନୁର ଜୀବନରକ୍ଷାକରି ତାକୁ ଛୋଟଟିଏଠାରୁ ଏତେବଡ଼ କରିଛି; ତେଣୁ ଅତନୁ ଉପରେ ମୋର ଅଧିକାର ଷୋଳପଣ ତାଙ୍କର କିଛି ନାହିଁ । ଅତନୁ ମୋ ପାଖରେ ରହିବା ହିଁ; ନ୍ୟାଯ୍ୟ । ସେ ଯଦି ମୋଠାରୁ ଅତନୁକୁ ଛଡ଼ାଇନେବେ, ମୋ ପ୍ରତି ଓ ଅତନୁ ପ୍ରତି ଅନ୍ୟାୟ କରିବେ । ସେ ଅତନୁକୁ ମୋଠାରେ ରଖି ବିଦାୟ ନେଇଗଲେ । ତେବେ ପ୍ରତି ଦୁଇମାସ ତିନିମାସରେ ଥରେ ଆସି ଅତନୁକୁ ନଦେଖିଲେ ତାଙ୍କ ହୃଦୟ ସ୍ଥିର ହୋଇ ରହେନାହିଁ । ବାପା ଆସିବା ଦିନେ ଦୁଇଦିନ ଡେରି ହୋଇଗଲେ ଏଣେ ଅତନୁ ପାଗଳ ହୋଇଯାଏ । ବାପା ଯେତେଦିନ ଏଠି ରହନ୍ତି, ଅତନୁର ଆନନ୍ଦ କହିଲେ ନସରେ; ସତେ ଯେମିତି ସ୍ୱର୍ଗର କୋଟିନିଧି ତା ହାତରେ । ଅତନୁ ରକେଫେଲର କେନସର ଇନଷ୍ଟିଚ୍ୟୁଟ୍‌ରେ ଯୋଗଦେବା ଦିନରୁ ସେ କେତେଥର ମୋତେ କହିଲଣି, ବାପାଙ୍କୁ କାର୍ଯ୍ୟରୁ ଅବସର ନେବାପାଇଁ କହିବାକୁ । ମା' ମରିଯାଇଥିବାରୁ ବାପା ଏକା ଏକା କି ନିଃସଙ୍ଗ ଜୀବନଯାପନ କରୁଛନ୍ତି, ସେଥିପାଇଁ ନିଜେ ବଡ଼ ଦୁଃଖ କରେ । ମୁଁ ଡକ୍‌ଟର ପଟ୍ଟନାୟକଙ୍କୁ ଅବସର ନେବାକଥା କହିଲେ, ସେ ହସି ଦିଅନ୍ତି, କହନ୍ତି, ପୁଅ ବାହାଦୂର ହୋଇ ଘର-ସଂସାର କରୁ । ସେ ଚାକିରିରୁ ଅବସର ନେଇ ପୁଅ ପାଖରେ ରହିବେ । ସେ ତ ବର୍ତ୍ତମାନ ବେଶ୍ କାର୍ଯ୍ୟଦକ୍ଷ ଅଛନ୍ତି । ଅଯଥା ଅବସର ନେବେ କାହିଁକି ?

"ଏଇ ହେଲା ଅତନୁର ଜନ୍ମ ଇତିହାସ ମା' ! ତା ବାପା ଯେ ଜଣେ ବଡ଼ ପ୍ରସିଦ୍ଧ ଡାକ୍ତର, ତୁ ଏଥର ଜାଣିଲୁ ମା' ! ତା ନିଜ ବାପା ଥାଉଁ ଥାଉଁ କେଉଁ ପରିସ୍ଥିତିରେ ମୁଁ ତାର ପାଳକ ବାପ ହେଲି ଏଥର ବୁଝିପାରିଲୁ ତ ?"

Digitized by srujanika@gmail.com

ତିନି

ଡକ୍ଟର ପଟ୍ଟନାୟକଙ୍କ କୋଠରୀକୁ ପଶିଯାଇ ଚୁପ୍‌ଚାପ୍‌ହୋଇ ଫାଦର କହିଲେ, "ମୁଁ ଦୁଇଦିନ ତଳେ ଅନିତାକୁ ଖୋଲାଖୋଲିଭାବରେ ପଚାରିଲି ତା ବିବାହର କଥା । ସେ କ'ଣ କହିଲା ଜାଣନ୍ତି ଡକ୍ଟର ପଟ୍ଟନାୟକ ? ସେ ମୋ ପ୍ରଶ୍ନରେ ପ୍ରଥମେ ହସିଲା, ତଳକୁ ମୁହଁପୋତି ମୋତେ ପରିଷ୍କାରଭାବେ କହିଦେଲା, 'ମୋ ଦ୍ୱାରା ଝିଅ ବାଛିବା ହୋଇପାରିବନି ଫାଦର !' ଆପଣ ଦେଖୁଛନ୍ତି, ମୋତେ ବେଳ କାହିଁ ଯେ ମୁଁ ସେମାନଙ୍କ ଭିତରୁ କାହାକୁ ବାଛିବି ? ଝିଅ ବଛାବଛି ମୋ ଦ୍ୱାରା ହୋଇ ପାରିବନି ? ଆପଣମାନେ ଯାହାକୁ ବାଛିଦେବେ ମୁଁ ତାକୁଇ ବିଭା ହୋଇଯିବି ।'

"ଶୁଣିଲ ତ ଡକ୍ଟର ପଟ୍ଟନାୟକ, ତୁମ ପୁଅଙ୍କ ଗୁଣ, ଏହା ପିଲାଳିଆମି ନୁହେଁ ତ ଆଉ କ'ଣ ? ମୁଁ ତା ବିବାହରକଥାକୁ ଯେତେ ଗୁରୁତ୍ୱଦେଇ କହିଲେହେଁ ସେ ତାକୁ ଏତେ ସାଧାରଣ ଭାବେ ଏଇଭଳି କହି ଉଡ଼ାଇଦିଏ । ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗେ, ତା' ସହିତ ମିଶିବା ପାଇଁ ଏତେ ଝିଅ ଆସୁଛନ୍ତି, ସୁସାନ୍, ଏଲିନର, ଲିଜ୍, ସୋଫିଆ କେତେ ଝିଅ, ତା ଭିତରୁ ଜଣକୁ କାହାକୁ ବାଛିଦେଲେ ହୁଅନ୍ତାନି; କିନ୍ତୁ ସେ କ'ଣ ମୋ କଥାକୁ ଶୁଣୁଛି ? ମୁଁ ସେଦିନ ଜୋର୍ କଲାରୁ ସେ କହିଦେଇଗଲା, ଆପଣ ଓ ବାପା ଯାହାକୁ ବାଛିଦେବେ, ମୁଁ ତାକୁଇ ବିଭା ହୋଇଯିବି ।"

ମୁଁ ତାକୁ ବୁଝାଇବାକୁ ଚେଷ୍ଟାକଲି, "ଦେଖ୍ ବାପ, ତୋ ମନ ପ୍ରକୃତିରେ କିଭଳି ଝିଅ ରହୁଛି, ଆମେ ଦୁ'ଟା ବୁଢ଼ା କେମିତି ଜାଣିବୁ କହିଲୁ ? ଆମ ଉପରେ ତୋ ଭବିଷ୍ୟତ ଜୀବନ ଦାୟିତ୍ୱ ଏଭଳି ଭାବରେ ପକାଇ ଦେଇ ତୁ ନିଶ୍ଚିନ୍ତ ହୋଇଗଲେ ଚଳିବ ବାପ ! ଏହା ହେଉଛି; ଜୀବନ ସଉଦା ଜୀବନରେ ଥରେ ମାତ୍ର କରିବାକୁ ପଡ଼େ । ସେଥିରେ ଏତେ ପିଲାଳିଆମୀ ଦେଖାଇଲେ ଚଳିବନି ବାପ !"

"ଆପଣ ଯେତେବେଳେ ମୋତେ ଗ୍ରେଟଟିଏଠାରୁ ଏତେବଡ଼ କରିଛନ୍ତି, ସେତିକି କ'ଣ କରିପାରିବେନି ଫାଦର ? ପୁଣି ଆପଣଙ୍କୁ ସାହାଯ୍ୟ କରିବାପାଇଁ ବାପା ତ ଅଛନ୍ତି । ମୋର ବିଶ୍ୱାସ ଆପଣ ଦୁଇଜଣ ଏହି କାର୍ଯ୍ୟଟି ଖୁବ୍ ଦକ୍ଷତାର ସହିତ କରିପାରିବେ । ତା'ଛଡ଼ା ବିବାହଟା ଜୀବନରେ ସେମିତି କିଛି ବଡ଼ ଘଟଣା ନୁହେଁ, ଯା ପାଇଁକି ମୁଁ ଏତେ ସମୟ ନଷ୍ଟ କରି ପାରିବ ।"

Digitized by srujanika@gmail.com

"ପୁଅର କଥା ଶୁଣି କାହାକୁ ହସ ନ ମାଡ଼ିବ କହିଲେ ଡକ୍ଟର ପଟ୍ଟନାୟକ ? ତାର ଯେତେବେଳେ ଏଭଳି ମନୋବୃତ୍ତି, ମୁଁ ତାକୁ କିଭଳି ବୁଝାଇବି, ବାଟ ପାଇଲିନି । ତଥାପି କହିଲି, ଦେଖ୍ ବାପ, ପାରିବାରିକ ଜୀବନଟାକୁ ତୁ ଏତେ ତୁଚ୍ଛ ବୋଲି ଭାବନା । ପାରିବାରିକ ଜୀବନ ସୁଖମୟ ନହେଲେ ତୋ ଜୀବନର ଗତିପଥ ସୁଗମ ହେବନି ବାପ ! ତୋ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ତୋତେ ସାହାଯ୍ୟ କରିବ କିଏ ?"

ହସିଲି ଅତନୁ, "ପାରିବାରିକ ଜୀବନକୁ ମୁଁ ସେତେ ଉଚ୍ଚ ଆସନ ଦିଏନି ଫାଦର ! ଜୀବନର କର୍ତ୍ତବ୍ୟ ଆଗରେ ଏସବୁ କିଛି ନୁହେଁ, ଏମିତିକି ବାଲିଗରଡ଼ାଠାରୁବି ତୁଚ୍ଛ । କର୍ତ୍ତବ୍ୟ ପରୋପକାର ହେଲା ଜୀବନର ମୁଖ୍ୟ । ତା ଆଗରେ ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ କଅଣ ? ଜଣେ ଯଦି ତା ଜୀବନର ଲକ୍ଷ୍ୟକୁ ଠିକ୍ ଭାବରେ ରଖିପାରିଥିବ, ତେବେ ପାରିବାରିକ ସୁବିଧା ଅସୁବିଧା ତାକୁ ଲକ୍ଷ୍ୟ ସ୍ଥଳରୁ ବିଚ୍ୟୁତ କରିପାରିବନି ଫାଦର ! ବାପା ଆଉ ଆପଣ ମୋ ସହିତ ଚଳିପାରିଲା ଭଳି ଯେଉଁ ଝିଅଟିକୁ ବାଛିଦେବେ, ମୋର ସେଥିରେ ରାଜି । ସେଥିପାଇଁ ମୁଁ ମୋ ଜୀବନର ବହୁ ମୂଲ୍ୟ ସମୟ ନଷ୍ଟ କରି ଝିଅ ବାଛିବା ମୋଦ୍ୱାରା ହୋଇପାରିବନି ।"

"ଶୁଣିଲ ତ ଡକ୍ଟର ପଟ୍ଟନାୟକ ପୁଅର କଥା, ଆମେ ତା'ପାଇଁ ଝିଅ ବାଛିବା, ସେ ଝିଅ ବାଛିପାରିବନି । ମୁଁ ତ ଭାବିପାରୁନି ଡକ୍ଟର ପଟ୍ଟନାୟକ, ଏହା କିପରି ସମ୍ଭବପର ହେବ ? ଆମ ଦେଶରେ ବାପ, ମା ଝିଅ ବାଛିବା ଯୁଗ ତ କେଉଁଦିନୁ ଚାଲିଗଲାଣି । ବହିରେ ପଢ଼ିଛି ଆଜକୁ ଶହେ ଦେଢ଼ଶହ ବର୍ଷ ତଳେ ବାପ ମା'ମାନେ ପୁଅ ଝିଅ ପାଇଁ ପାତ୍ର ପାତ୍ରୀ ବାଛୁଥିଲେ । ସେମାନଙ୍କ ବନ୍ଧୁବନ୍ଧୁରେ ବିଭାଘର ହେଉଥିଲା । ଆଜିକାଲି ଏକଥା କହିଲେ ଯୁବକ ଯୁବତୀମାନେ ହସି ହସି ଗଡ଼ିଯିବେ । ଅତନୁ ନିଜେ ନ ବାଛିଲା ପର୍ଯ୍ୟନ୍ତ କୌଣସି ଝିଅ ଯେ ଅତନୁକୁ ବିଭାହେବା ପାଇଁ ଆଗଭର ହୋଇ ବାହାରିଆସିବ, ସେ ବିଶ୍ୱାସ ମୋର ନାହିଁ । ଅତନୁ ଆଜି ଯେଉଁ ରୀତିକୁ ଧରିବସିଛି, ସେ ରୀତି ଅତୀତର ବିସ୍ମୃତି ସାଗରରେ କେଉଁ ଦିନରୁ ଯେ ଲୀନ ହୋଇଗଲାଣି ତାର ଖବର କେହି ରଖିନ । ସେଇ ପୁରୁଣା ରୀତିକୁ ଯେ ଆମେ କେମିତି ପୁଣି ଉଦ୍ଧାର କରିବା ମୁଁ ଭାବିପାରୁନି ଡକ୍ଟର ପଟ୍ଟନାୟକ ! ଆମ ବନ୍ଧୁବନ୍ଧୁରେ କେଉଁ ଆମେରିକାନ୍ ଝିଅ ଅତନୁକୁ ବିଭା ହେବାପାଇଁ କିପରି ଆଗେଇ ଆସିବ ମୁଁ ଭାବିପାରୁନି ?"

"କିନ୍ତୁ ଫାଦର୍" ଡକ୍ଟର ପଟ୍ଟନାୟକ କହିଲେ, "ଏହି ରୀତି ବର୍ତ୍ତମାନ ବି ଭାରତବର୍ଷରେ ଚାଲୁଛି । ଆମ ଦେଶରେ ପୁଅ କି ଝିଅ ନିଜେ ସେମାନଙ୍କ ଜୀବନସଙ୍ଗିନୀ କି ସଙ୍ଗୀଙ୍କୁ ବାଛନ୍ତିନି । ସେମାନଙ୍କ ବାପା ମା' ଯାହାକୁ ବାଛି ଠିକ୍ କରନ୍ତି, ପୁଅଝିଅମାନେ ତାକୁଇ ବିଭାହୋଇ ଘରସଂସାର କରନ୍ତି ।"

"ଏହା ତ ତା'ହେଲେ ବଡ଼ ବିପଦସଂକୁଳ ହୋଇଥିବ ଡକ୍ଟର ପଟ୍ଟନାୟକ ? ବିବାହପରେ ପୁଅ ଯଦି ଝିଅକୁ ଭଲ ନ ପାଇଲା, ତେବେ ସବୁ ଯେ ଗଲା । ସେମାନେ ପରସ୍ପରଠାରୁ ଅଲଗା ହୋଇ ପୁଣି ଆଉ ଥରେ ଅନ୍ୟକୁ ବିବାହ କରୁଥିବେ ?"

Digitized by srujanika@gmail.com

ହସିଲେ ଡକ୍ଟର ପଟ୍ଟନାୟକ । "ଭାରତରେ ସେମିତି ହୁଏନି ଫାଦର ! ବାପା, ମା, ଯାହାକୁ ଠିକ୍ କରନ୍ତି, ପୁଅଝିଅମାନେ ସେଥିରେ ରାଜି । ସେମାନେ ତାକୁଇ ନେଇ ଘରସଂସାର କରନ୍ତି । କେବେ ସେମାନଙ୍କ ଭିତରେ ବିବାହନେଇ କୌଣସି ମାନମନାନ୍ତର ସୃଷ୍ଟି ହୁଏନି, ଯାହା ବା କେଉଁଠି କାଁ ଭାଁ ହୁଏ, ତାହା ଖୁବ୍ ନଗଣ୍ୟ । ଜଣେ ପୁରୁଷ ଆଉ ଜଣେ ସ୍ତ୍ରୀ ସହିତ ମିଳିମିଶି ଚଳିବା ଏକ ମନୋବୃତ୍ତି ଉପରେ ନିର୍ଭରକରେ । ଉଭୟେ ଯଦି ଚଳିବା ମନୋବୃତ୍ତି ନେଇ ଘରସଂସାର ଆରମ୍ଭକରନ୍ତି, ତେବେ କିଛି ଅସୁବିଧା ହୁଏନି । ସବୁ ଚଳିଯାଏ, ଛାଡ଼ପତ୍ରର ପ୍ରଶ୍ନ ଉଠେନି । ଏହା ହିଁ ହେଉଛି ଭାରତୀୟ ସଂସ୍କୃତି । ସ୍ୱାମୀ-ସ୍ତ୍ରୀ ଉଭୟେ ଯଦି ନିଜ ନିଜ ସ୍ୱାର୍ଥ ପ୍ରତି ଅତ୍ୟାଧିକ ଚେତନଶୀଳ ହୋଇ ପଡ଼ନ୍ତି, କେହି କାହା ସ୍ୱାର୍ଥ କାଣିଚାଏ ଛାଡ଼ିବାକୁ ଆଗ୍ରହ ନ ଦେଖାନ୍ତି, ତେବେ ସେଠି ଦୁଇଜଣ ସ୍ୱାମୀ ସ୍ତ୍ରୀ ଏକହୋଇ ଚଳିବା କଷ୍ଟକର; ଯା'ପାଇଁକି ଏ ଦେଶରେ ବହୁ ସଂସାର ଦିନ କେଇଟାରେ ଭାଙ୍ଗିପଡ଼ୁଛି । ସ୍ୱାମୀ ଯଦି ନିଜ ସ୍ୱାର୍ଥକୁ ସ୍ତ୍ରୀ ସ୍ୱାର୍ଥ ସହିତ ମିଳେଇ ଦେଖେ ଓ ସ୍ତ୍ରୀ ଯଦି ନିଜ ସ୍ୱାର୍ଥକୁ ସ୍ୱାମୀ ସ୍ୱାର୍ଥ ସହିତ ମିଳାଇ ଦେଖେ, ତେବେ ସେ କ୍ଷେତ୍ରରେ ସେମାନଙ୍କ ସଂସାର ଭାଙ୍ଗିବାର ସମ୍ଭାବନା ନାହିଁ । ମାର୍କିନ୍ ପରିବାରରେ ସ୍ୱାମୀ ଓ ସ୍ତ୍ରୀର ଅତ୍ୟଧିକ ସ୍ୱାର୍ଥପରତା ସେମାନଙ୍କ ପରିବାର ଭାଙ୍ଗିବା ମୂଳରେ । ଭାରତରେ ଏ ଦେଶଭଳି ପରିବାର ଭାଙ୍ଗୁନି କାହିଁକି ? ସ୍ୱାମୀ ସ୍ତ୍ରୀ ପ୍ରତ୍ୟେକେ ପ୍ରତ୍ୟେକଙ୍କର ମତକୁ ସମ୍ମାନଦେଇ ଦୁଇଟି ମତକୁ ମିଳେଇ ଚଳିବା ରୀତି ଶିଖିଛନ୍ତି ବୋଲି । ବେଳେବେଳେ ଉଭୟଙ୍କ ଭିତରେ ମତର ଅମେଳ ଯେ ନ ହୁଏ ତା'ନୁହେଁ, ତେବେ ପାରିବାରିକ କୁତ୍ସା ଭୟରେ ଓ ବାପ ମା ଗୁରୁଜନଙ୍କ ମୃଦୁଚାପ ବଳରେ ସେହି ଅମେଳ ଦୂରହୋଇଯାଇ ସେମାନଙ୍କ ଭିତରେ ପୁଣି ମେଳ ଅଣାଯାଏ; ଫଳରେ ପରିବାର ଭାଙ୍ଗେନି । ତେବେ ଯେଉଁଠି ମେଳ ଅଣାଯାଇ ପାରେନି, ସେଠି ପରିବାର ଭାଙ୍ଗେ । ତେବେ ସେଭଳି ସଂଖ୍ୟା ଖୁବ୍ କମ୍ । ଭାରତରେ ଯଦିଓ ସ୍ୱାମୀ ସ୍ତ୍ରୀ ବିବାହପୂର୍ବରୁ ଏ ଦେଶଭଳି ନ ମିଶି ବିବାହ କରନ୍ତି, ତଥାପି ଭାରତରେ ଛାଡ଼ପତ୍ର ସଂଖ୍ୟା ଶତକଡ଼ା ଏକରୁ କମ୍ । ସ୍ୱାମୀ ସ୍ତ୍ରୀ ଉଭୟେ ପରସ୍ପର ସହିତ ଦୀର୍ଘଦିନ ଧରି ମିଶି, ପରସ୍ପରକୁ ଭଲଭାବରେ ଅନୁଧାନ କରି ବିବାହ କରିଥିଲେ ମଧ୍ୟ ଏ ଦେଶରେ ଛାଡ଼ପତ୍ର-ସଂଖ୍ୟା ଶତକଡ଼ା ପଚିଶରୁ ଅଧିକ । ତେବେ ଆପଣ କହନ୍ତୁ, କେଉଁ ପଦ୍ଧତିଟି ଭଲ ଫାଦର ?"

"ତାହେଲେ ଅତନୁ ମନରେ କ'ଣ ସେହି ଭାରତୀୟ ଚିନ୍ତାଧାରା ଖେଳୁଛି ? ସମ୍ଭବତଃ ସେଇଥିପାଇଁ ସେ ଏ ଦେଶର କନ୍ୟାବସ୍ତୁ ପଦ୍ଧତି ଡେଟିଙ୍ଗଠାରୁ ଦୂରେଇ ରହୁଛି ? ଅତନୁ ପ୍ରତି ଆକୃଷ୍ଟ ହୋଇ ଏତେଗୁଡ଼ାଏ ଝିଅ ତାକୁ କେନ୍ଦ୍ରକରି ଘୂରିବୁଲିଲେହେଁ କେହି ତାକୁ ନିଜର କରିପାରୁନାହାନ୍ତି । ମୁଁ ଯାହା ଏହି ଝିଅମାନଙ୍କଠାରୁ ବୁଝିଛି, ସେମାନେ ଏ ପର୍ଯ୍ୟନ୍ତ ଅତନୁକୁ ଭଲଭାବରେ ବୁଝିପାରିନାହାନ୍ତି । ଅତନୁର କଥାବାର୍ତ୍ତା, ଚାଲିଚଳଣି ଆଚାର-ବ୍ୟବହାର ସେମାନଙ୍କ ପ୍ରତି ଯାହା, ସେଥିରୁ କେହି ଧାରଣା କରିପାରିବ ନାହିଁ ଯେ ଅତନୁ ସେମାନଙ୍କ ଭିତରୁ କାହାକୁ ବାଛିନେବାକୁ ଚେଷ୍ଟା ଚଳାଇଛି । ସେଥିପାଇଁ

Digitized by srujanika@gmail.com

ସୁଯାନଟି ଛଡ଼ା ଆଉ ସବୁ ଝିଅ ତ ତା'ଠାରୁ ଦୂରେଇଗଲେଣି । ତାର ଆଉ ଗୋଟିଏ ସାଙ୍ଗ ସୋଫିଆ, ଯାହାକୁ ମୃତ୍ୟୁମୁଖରୁ ରକ୍ଷାକରିଥିଲା ଅତନୁ, ସେ ତ ଗତମାସରେ ବିଭାହୋଇଗଲା । ମୋର ମନେହେଉଛି ଅତନୁ ଯଦି ଭାରତୀୟ ଖାଦ୍ୟ, ଭାରତୀୟ ସଂସ୍କୃତି, ଭାରତୀୟ ବିବାହ ପଦ୍ଧତି, କନ୍ୟାବସ୍ତ୍ର ଶାଢ଼ି ଆଦିକୁ ଏତେ ଆଗ୍ରହ ଦେଖାଉଛୁ, ସେ ନିଶ୍ଚୟ ଭାରତୀୟ ଝିଅ ବିବାହ କରିବାକୁ ପସନ୍ଦ କରିବ । ତା'ପାଇଁ ଭାରତୀୟ ଝିଅ ଗୋଟିଏ ଯୋଗାଡ଼ କରିବା ତ ଏଠି କାଠିକର ପାଠ । ଭାରତ ହୋଇଥିଲେ ଅସୁବିଧା ହୁଅନ୍ତାନି; ଏଠି କିନ୍ତୁ ପାଇବା ତ ଅତି କଷ୍ଟକର । ଆପଣ କ'ଣ ଭାବୁଛନ୍ତି ଡକ୍ଟର ପଟ୍ଟନାୟକ ? ବଡ଼ ଅଡୁଆରେ ଆମକୁ ପକାଇଦେଲା ପିଲାଟା । ମୁଁ ଭାବୁଛି ମାର୍କିନ୍ ତଥା ଭାରତୀୟଝିଅଙ୍କ ଭିତରୁ ବାଛିବା ଉଚିତ, ଯାହା ମନ ସହିତ ଅତନୁ ମନ ମେଳଖାଇବ । ଆମେ ଖାଲି ମାର୍କିନ୍‌ଝିଅଙ୍କ ଭିତରୁ ବାଛିଲେ ହୁଏତ ଅତନୁ ଗ୍ରହଣ କରିନପାରେ । ଯେତେବେଳେ ତାର ସବୁ ଭାରତୀୟ ଖାଦ୍ୟଶାଢ଼ି ଆଦିକୁ ଶ୍ରଦ୍ଧା, ଭାରତୀୟ ଝିଅ ପାଇଁ ତା ମନ ହୁଏତ ଚାହିଁପାରୁଥାଏ । ବର୍ତ୍ତମାନ ଚିନ୍ତା ହେଲାଣି ଆମେରିକାରୁ ହେଉ ବା ଭାରତରୁ ହେଉ, ଉପଯୁକ୍ତ ଝିଅଟିଏ ପାଇବା କେମିତି ?

"ଅସଲ କଥାଟି ହେଉଛି ମନ ମେଳଖାଇବ କି ନାହିଁ ଆମେ ଜାଣିବା କେମିତି ? ଏ ଦେଶରେ ପିଲା ପୁଅଝିଅ ଡେଟିଙ୍ଗ କରୁଛନ୍ତି; ସେହି ଡେଟିଙ୍ଗରୁ ଜଣାପଡ଼ୁଯାଉଛି କେଉଁ ଝିଅର ମନ କେଉଁ ପୁଅର ମନ ସହିତ ମେଳ ଖାଉଛି । ଅତନୁ ତ ସେ ପ୍ରଥାକୁ ଏଡ଼େଇଦେଇ ଚାଲିଛି । ପୁଣି ଭାରତୀୟ ଝିଅଙ୍କ କଥା ତ କହୁଛ । ସେମାନେ ତ କାହିଁ ବାରହଜାର ମାଇଲ ଦୂରରେ ଅଛନ୍ତି । ଏ କାର୍ଯ୍ୟଟି ତ ମୁଁ ଦେଖୁଛି ଆମ ପକ୍ଷରେ କରିବା ପୂରାପୂରି ଅସମ୍ଭବ ।"

"ଅସମ୍ଭବ ନୁହେଁ ଫାଦର ! ଏହାପାଇଁ ମାତ୍ର ଗୋଟିଏ ବାଟ ଅଛି, ଯେଉଁ ବାଟଟି ଆମକୁ ବତାଇଦେଇପାରିବ, ମନମେଳ ଖାଉଛି କି ନାହିଁ ।"

"ସେ ପୁଣି କି ବାଟ ଡକ୍ଟର ପଟ୍ଟନାୟକ ?"

"କଂପ୍ୟୁଟର ପଦ୍ଧତି । ଏହି ପଦ୍ଧତିରେ ପୁଅଝିଅଙ୍କ ମନର ମେଳ ଅଛି କି ନାହିଁ ଜାଣିହେବ । ସେଇ ପଦ୍ଧତିରେ ଆମେରିକାରେ ପରା କେତେଟି ଏବେ ବିଭାଘର ହେଲାଣି । ଆମେ ସେଇ ପଦ୍ଧତି ଅନୁସରଣ କଲେ କ୍ଷତି କଣ ଫାଦର ?"

"କିନ୍ତୁ ସେ ପଦ୍ଧତି ତ ବିଶେଷ ଫଳପ୍ରଦ ପଦ୍ଧତି ବୋଲି ପ୍ରତିପାଦିତ ହୋଇନି ଡକ୍ଟର ପଟ୍ଟନାୟକ ! ସେ ପରିସ୍ଥିତିରେ ଆମର ସେ ପଦ୍ଧତିର ସାହାଯ୍ୟ ନେବା କ'ଣ ଉଚିତ ହେବ ?"

"କମ୍ପ୍ୟୁଟର ବାଛିଥିବା ବରକନ୍ୟାଙ୍କର କେତୋଟି ଅସଫଳ ବିଭାଘର ଯୋଗୁଁ ଡରିଯାଇ ଆପଣ ସେପରି ବୋଧହୁଏ କହୁଛନ୍ତି ? ମାର୍କିନ ସମାଜରେ ପୁଅଝିଅମାନେ

Digitized by srujanika@gmail.com

ନିଜେ ନିଜେ ବାଛି ବିବାହକରି ଅକୃତକାର୍ଯ୍ୟ ହେଉଥିବାରୁ ତାକୁ ଏଡ଼ାଇବାପାଇଁ ଏହି କଂପ୍ୟୁଟରର ସାହାଯ୍ୟ ନେବା ସପକ୍ଷରେ କେତେକ ମତ ଦେଉଛନ୍ତି । ସେମାନେ ଓଲଟି ଯୁକ୍ତି କରୁଛନ୍ତି, ଡେଟିଙ୍ଗ ପ୍ରଥାରେ ବରକନ୍ୟା ବଛାବଛି ପୁରୁଣାକାଳିଆ ହୋଇ ଗଲଣି । ପିଲାମାନେ ସଂସାର ବିଷୟରେ ଅଜ୍ଞ ଥାଇ ନିଜର ଜୀବନସଙ୍ଗୀ ବାଛିବାରେ କୃତକାର୍ଯ୍ୟ ହେବା ସମ୍ଭବ ହେଉନଥିବାରୁ ସେ ପଦ୍ଧତିକୁ ବାଦ୍‌ଦେଇ କଂପ୍ୟୁଟର ସାହାଯ୍ୟ ନିଆଯିବା ଦରକାର । ଏବେ ଗ୍ରେଟ ଆୟର୍ଲାଣ୍ଡ ରାଜ୍ୟରେ ଏହି ପଦ୍ଧତିରେ କେତୋଟି ସଫଳ ବିଭାଘର ହୋଇଥିବାର ମୁଁ ଖବର ପାଇଛି । ତେବେ କଂପ୍ୟୁଟରର ଠିକ୍ କେଉଁ ପଦ୍ଧତିଟି ପୁଅ ଝିଅ ବଛାବଛି କରି ବିଭାଘର କରାଏ, ସେ ସମ୍ପର୍କରେ ମୋର ପ୍ରତ୍ୟକ୍ଷ ଜ୍ଞାନ ନାହିଁ । ଗ୍ରେଟ ଆୟର୍ଲାଣ୍ଡ ରାଜ୍ୟର କିଙ୍ଗଷ୍ଟନ ସହରରେ କଂପ୍ୟୁଟର ସାହାଯ୍ୟ ନିଆଯାଇ ଯେଉଁ କେତୋଟି ସଫଳ ବିଭାଘର ହୋଇଛି, ସେଠାକୁ ଯାଇ ସେ ସମ୍ପର୍କରେ ପ୍ରତ୍ୟକ୍ଷଜ୍ଞାନ ଅର୍ଜନକରିବା ଦରକାର । ମୁଁ କ'ଣ କହୁଛି କି ଫାଦର, ଆପଣ ଥରେ କିଙ୍ଗଷ୍ଟନ ଯାଇ ଏହାର ବିଶଦ ପଦ୍ଧତି ଅନୁଧ୍ୟାନ କରି ଆସନ୍ତୁ । ଆମେ ସେହି ପଦ୍ଧତିକୁ ଏଠି କାର୍ଯ୍ୟକାରୀ କରିବା । ମୋର ବିଶ୍ୱାସ, ଅତନୁ ପାଇଁ ଆମେ ପାତ୍ରୀ ବାଛିବା ଅପେକ୍ଷା କଂପ୍ୟୁଟର ଆମ ଅପେକ୍ଷା ଯଥେଷ୍ଟ ଦକ୍ଷତାର ସହିତ ବାଛିପାରିବ ।"

ଯେଉଁଦିନ ଫାଦର ଗ୍ରେଟ ଆୟର୍ଲାଣ୍ଡରୁ କଂପ୍ୟୁଟର ସାହାଯ୍ୟରେ ବିଭାଘର କେମିତି ହେଉଛି ଅନୁଧ୍ୟାନ କରି ଫେରିଆସିଲେ, ସେଦିନ ଡକ୍ଟର ପଟ୍ଟନାୟକଙ୍କ ଆନନ୍ଦ କହିଲେ ନସରେ । ଫାଦର ଆସି ଘରେ ଗୋଡ଼ ଦେଉ-ନଦେଉଣୁ ଡକ୍ଟର ପଟ୍ଟନାୟକ ତାଙ୍କଠାକୁ ଦୌଡ଼ଯାଇ ତାଙ୍କ ଯାତ୍ରା ସଫଳ ହେଲା କି କଥାଣ ପଚାରି ପକାଇଲେ । ଫାଦର ହସି ହସି କହିଲେ—"ଆମର ବିବାହହେବା ବୟସ ଗଡ଼ିଗଲାଣି, ଡକ୍ଟର ପଟ୍ଟନାୟକ । ନଚେତ୍ ଏହି କଂପ୍ୟୁଟର 'ସାହାଯ୍ୟରେ କନ୍ୟା ବାଛି ବିଭାହୋଇପଡ଼ିବାକୁ ମନହେଉଛି ।"

ହସିଲେ ଡକ୍ଟର ପଟ୍ଟନାୟକ, "ବିବାହ ବୟସ ତୁମର ଗଡ଼ିଗଲାଣି ବୋଲି କିଏ କହିଲା ଫାଦର ? ଗ୍ରାର୍ଲି ଗ୍ରେପଲେନ୍ ତ ତୁମଠାରୁ ଢେର୍ ଅଧିକ ବୟସରେ ବିବାହ କରିଥିଲେ; ଯୁବକନ୍ତି ବୃଦ୍ଧ ବା ବାର୍ଦ୍ଧକ୍ୟ ବୃଦ୍ଧ, ଏହା ସମାଜର ଏକ ବିକାର । ମଣିଷ ମନ କି ଶରୀରର ଅକ୍ଷମତା ଦେଖାଇ ପ୍ରତିବନ୍ଧକ ହୁଏନି ଏଥିରେ ।"

ହସିଲେ ଫାଦର, "ହେଉ ହେଲା, ତା'ହେଲେ ଏଥର ବୁଢ଼ା, ଅଧବୁଢ଼ା ଓ ଅଧିକ ବୁଢ଼ାମାନଙ୍କୁ ବିବାହ କରିବାପାଇଁ ସୁପାରିସ କରିବା ।"

"ଖାଲି ସେତିକି ନୁହେଁ ଫାଦର ! ତୁମେ ଜାଣିଛ ଜଣେ ବୁଢ଼ା ଯଦି ଯୁବତୀ ସ୍ତ୍ରୀଟିଏ ବିବାହ କରେ, ତେବେ ବୁଢ଼ାର ପରମାୟୁ ଆହୁରି କିଛିଦିନ ବଢ଼ିଯାଏ ।"

'ଆଃ, ବାଃ ଏମିତି କଥା ହେଲେ ଏ ପ୍ରତିଯୋଗିତାମୂଳକ ଦୁନିଆରେ ବୁଢ଼ାମାନଙ୍କୁ ଯୁବତୀ ସ୍ତ୍ରୀ ମିଳିବେ କେଉଁଠୁ ? ପୁଣି ସମସ୍ୟା ସୃଷ୍ଟି ନକଲା ଭଲିଆ ସ୍ତ୍ରୀ । ଯୁବତୀ ସ୍ତ୍ରୀ ଯଦି

Digitized by srujanika@gmail.com

ଘରକୁ ଆସି ସମସ୍ୟା ସୃଷ୍ଟି କଲା, ତେବେ ସବୁ ଗଲା । ପରମାୟୁ ବଢ଼ିବ କ'ଣ ବର୍ଷକର ପରମାୟୁ ଛଅ ମାସକୁ କମିଆସିବ ।

× × × ×

"ହଁ, ତୁମେ ଜାଣିଛ ଡକ୍ଟର ପଟ୍ଟନାୟକ, କିଙ୍ଗସ୍ଟନରେ ଏଥିପାଇଁ ଯେଉଁ କଂପ୍ୟୁଟରର ବ୍ୟବହାର କରୁଛନ୍ତି, ତାହା ହେଉଛି ଏକ ଡିଜିଟାଲ କଂପ୍ୟୁଟର, ଆଇ.ବି.ଏମ୍. ୭୪୪ । ଏହି ପାତ୍ରୀ ବଛାବଛିରେ କଂପ୍ୟୁଟରର ଭୂମିକା ସେମିତି କିଛି ବଡ଼ ନୁହେଁ । ଅସଲ ହେଉଛି ପ୍ରଶ୍ନାବଳୀ ତିଆରି । ଏହି ପ୍ରଶ୍ନାବଳୀ ପୁଣି ଜଣେ ଦକ୍ଷ ମନସ୍ତତ୍ତ୍ୱବିତ୍ ଦ୍ୱାରା ତିଆରି ହେବା ଉଚିତ । ସେହି ମନସ୍ତତ୍ତ୍ୱବିତ୍ ପୁଣି ବିବାହ କରିବାକୁ ଯାଉଥିବା ପୁଅ ସହିତ ଭଲଭାବରେ ମିଶାମିଶି କରି ତାର ମନର ଗତି ଇଚ୍ଛା, ହାବଭାବ, ଭଲପାଇବା ଭଲନପାଇବା ଆଦି ଠିକ୍ ଠିକ୍ ଭାବରେ ଅନୁଧ୍ୟାନ କରିପାରିଥିବ । ପୁଅ କେଉଁ ଜିନିଷକୁ ଭଲପାଉଛି, କେଉଁ ଜିନିଷକୁ ଘୃଣା କରୁଛି, ତା ଆଖିକୁ କେଉଁଟା ସୁନ୍ଦର, କେଉଁଟା ଅସୁନ୍ଦର, ସେସବୁ ସେ ଠିକ୍ ଠିକ୍ ଭାବରେ ଅନୁଧ୍ୟାନ କରିପାରିଥିବ । ଖାଇବାରୀତି, ଖାଇବା ପଦାର୍ଥ ରନ୍ଧା ପ୍ରଣାଳୀଠାରୁ ଆରମ୍ଭ କରି କେଉଁ ଖେଳ ଭଲଲାଗେ, କେଉଁ ସିନେମା କ ଗୀତ ଭଲ ଲାଗେ, କେଉଁ ଅଭିନେତ୍ରୀ ତାର ପସନ୍ଦ, କେଉଁ ଥିଏଟର ଭଲଲାଗେ, କେଉଁ ପୋଷାକ ବିରକ୍ତିକର ହୁଏ ଆଦି ସବୁ ଅନୁଧ୍ୟାନ କରିବାକୁ ପଡ଼ିବ । ମନସ୍ତତ୍ତ୍ୱବିତ୍ ପୁଅ ସହିତ ମିଶାମିଶି କରି ଏ ସବୁ ଠିକ୍ ଠିକ୍ ଭାବେ ଅନୁଧ୍ୟାନ କରିସାରିଲାପରେ ସେ ଏକ ବିରାଟ ପ୍ରଶ୍ନାବଳୀ ପ୍ରସ୍ତୁତ କରିବ । ଏହି ପ୍ରଶ୍ନାବଳୀକୁ ଛାପି ପୁଅକୁ ବିବାହ କରିବାକୁ ଇଚ୍ଛୁକ ଥିବା ଝିଅମାନଙ୍କଠାରୁ ପଠାଇଦିଆଯିବ । ସେମାନେ ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଅନ୍ୟ କାହାକୁ ପଚାରି-ଉଚାରି ନ କରି ନିଜ ମନକୁ ଏହାର ଉତ୍ତର ଯାହା ଆସିବ ଲେଖି ପଠାଇଦେବେ । ପ୍ରଶ୍ନଗୁଡ଼ିକ ସରଳ, ସିଧାସଳଖ ହେବା ଉଚିତ ଓ ଏହାର ଯେମିତି ଏକାଧିକ ପ୍ରକାର ଉତ୍ତର ହେବାର ସମ୍ଭାବନା ନଥିବ ସେଥିପ୍ରତି ଦୃଷ୍ଟି ଦିଆଯାଇଥିବ ।

ବିବାହ-ଇଚ୍ଛୁକ ଝିଅମାନେ ସେହି ସବୁ ପ୍ରଶ୍ନର ଉତ୍ତର ସେଇ ପ୍ରଶ୍ନାବଳୀ ଉପରେ ଲେଖିଦେବେ । ବରପାତ୍ରକୁ ମଧ୍ୟ ସେହି ପ୍ରଶ୍ନାବଳୀ ଦିଆଯାଇ ତା'ଠାରୁ ମଧ୍ୟ ଉତ୍ତର ସେହିଭଳି ଭାବରେ ସଂଗ୍ରହ କରାଯାଇଥିବ । ତାପରେ ପୁଅର ଉତ୍ତର ସହିତ ଝିଅମାନଙ୍କର ଉତ୍ତରକୁ କଂପ୍ୟୁଟର ଭିତରକୁ ପୂରାଇବାକୁ ପଡ଼ିବ । ଏଥିପାଇଁ ଅନ୍ତତଃପକ୍ଷେ ପାଞ୍ଚହଜାର ପ୍ରଶ୍ନାବଳୀ ପୂରଣ ହେବା ଦରକାର । ପ୍ରାୟ ଅଧଘଣ୍ଟାକ ଭିତରେ କଂପ୍ୟୁଟର ପୁଅର ଉତ୍ତର ସହିତ କେଉଁ ଝିଅର ଉତ୍ତର ସବୁଠାରୁ ଅଧିକ ମିଳୁଛି, ବାହାର କରିଦେବ । ଖାଲି ଜଣକର ନୁହେଁ, ଅନ୍ତତଃପକ୍ଷେ ପ୍ରଥମ, ଦ୍ୱିତୀୟ, ତୃତୀୟକରି ତିନୋଟି ଝିଅ ବାଛିଦେବ, ଯେଉଁମାନଙ୍କର ମନ ପୁଅ ମନ ସହିତ ସବୁଠାରୁ ଅଧିକ ମିଳୁଛି ।

ଏହାପରେ ଝିଅ ତିନୋଟିଙ୍କର ସଦ୍ୟ ଉଠା ହୋଇଥିବା ବିଭିନ୍ନ ପୋଜରେ ଏକାଧିକ ଫଟୋଗ୍ରାଫ ପୁଅ ଆଗରେ ଥୋଇଦିଆଯିବ । ସେ ସେଥିଭିତରୁ ଯେଉଁଟିକ

Digitized by srujanika@gmail.com

ବାଛୁନେବ ସେହି ହେଲା ପୁଅ ପାଇଁ ସବୁଠାରୁ ଉପଯୁକ୍ତ ପାତ୍ରୀ। ବିଶେଷଜ୍ଞମାନଙ୍କ ମତରେ ପ୍ରଶ୍ନାବଳୀର ପ୍ରଶ୍ନର ସଂଖ୍ୟା ଅଧିକ ତଥା ବ୍ୟାପକହେବା ବାଞ୍ଛନୀୟ ଓ ପ୍ରଶ୍ନଗୁଡ଼ିକ ସୁଚିନ୍ତିତ ଭାବରେ ପ୍ରସ୍ତୁତ ହେବା ଉଚିତ। ସେଥିରେ ପୁଣି ମନସ୍ତତ୍ତ୍ୱବିତ୍‌ଙ୍କର ଦକ୍ଷତା ମଧ୍ୟ ରହିଛି। ପ୍ରତ୍ୟେକ ସ୍ତରରେ ଯଦି ଦକ୍ଷତାନୁସାରେ କାମ କରିଯାଏ, ଯେବେ ଏହି ବିଶ୍ୱବିଛୁ ଯେ ଖୁବ୍ ସଫଳ ହେବ, ଏଥିରେ ସନ୍ଦେହନାହିଁ।"

"କିନ୍ତୁ, ତୁମେ ଜାଣ ଫାଦର, ଏହି ପଦ୍ଧତି କିଛି ବର୍ଷ ତଳେ ଯେତେବେଳେ ଆମେରିକାରେ ପରୀକ୍ଷିତ ହେଲା, ଏହା ଶୋଚନୀୟ ଭାବରେ ବିଫଳ ହେଲା। ସେଥିଯୋଗୁ କିଛିଦିନଲାଗି ଏହା ଉପରୁ ଲୋକମାନଙ୍କର ଆସ୍ଥା ତୁଟିଯାଇଥିଲା। ସେ କିଛି ବେଶି ଦିନ ତଳର କଥା ନୁହେଁ ଫାଦର ! ଏଇ ଦଶପନ୍ଦର ବର୍ଷ ତଳର କଥା ହେବ। ଆମେରିକାର ଧନୀ ରାଜ୍ୟ କାଲିଫର୍ଣ୍ଣିଆର ରାଜଧାନୀ ସାକାମେଣ୍ଟୋ ସହରର ଏକ ଘଟଣା। ସେଇ ସହରରେ ବିରାଟ କୋଟିପତି ଟମାସ୍ ଗ୍ରିନଙ୍କ ବଡ଼ପୁଅ ଯେମିତି ରୂପ, ସେମିତି ଗୁଣ, ଯାହା କହନ୍ତି ଗୋଟିଏ ଛାଞ୍ଚରେ ଗଢ଼ା, ଖୁବ୍ ଉଚ୍ଚ ଶିକ୍ଷିତ। ବ୍ୟବସାୟ ପରିଚାଳନାରେ ଏମିତି ଧୁରନ୍ଧର ଯେ ସେମିତି ଜଣେ ପରିଚାଳକ ସାରା ଆମେରିକାରେ ପାଇବା କଷ୍ଟକର। ବ୍ୟବସାୟ-ବୁଦ୍ଧି ଅତି ତୀକ୍ଷ୍ଣ। ଯେଉଁ ବ୍ୟାବସାୟରେ ହାତଦେଲେ ସୁନାଫଳେ ବୋଲି ଜାଣିବ। ବାପ ମା ଏମିତି ଗୁଣ ଓ ରୂପର ପୁଅ ପାଇଅତ୍ୟନ୍ତ ଖୁସି। ବାପ ମା ଦିନେ ବିଚାରକଲେ ପୁଅର ବୟସ ହୋଇଗଲା, ହାତକୁ ଦିହାତ କରିଦେଲେ ନିଶ୍ଚିନ୍ତ। ପୁଅ ବ୍ୟବସାୟ ପାଇଁ ଏତେ ପାଗଳ ଯେ ମୁହୂର୍ତ୍ତେ ସୁଦ୍ଧା ସମୟ ନାହିଁ ନିଜ ପାଇଁ କନ୍ୟାଟିଏ ବାଛିବାକୁ। ସେ ଆଜି ଏ ସହରରେ ତ କାଲି ସେ ସହରରେ, ଆଜି ଏଠି ଅମୁକେଇ କାରଖାନା ବସିଲାଣି ତ' କାଲି ସେଠି ସମୁକେଇ କାରଖାନା ବସିବ। ତହିଁପରଦିନ ଆଉ କେଉଁଠି କାରଖାନା କି ଗୋଦାମ ଘର କଣାଗଲାଣି। ସ୍ୱଭାବ, ଚରିତ୍ର, କଥାବାର୍ତ୍ତା ଏତେ ସୁନ୍ଦର ଯେ କେଉଁ କାରଖାନାରେ ଯଦି ଧର୍ମଘଟ ଆରମ୍ଭହୁଏ, ସେ ଯାଇ ସେଠି ପହଞ୍ଚି ଶ୍ରମିକମାନଙ୍କ ସହି ଦୁଇ ଚାରିପଦ କଥାବାର୍ତ୍ତା କଲାକ୍ଷଣି ବିନା ଦାବୀରେ ଧର୍ମଘଟ ଉଠିଯାଏ, ଶ୍ରମିକମାନେ ତାଙ୍କ କଥାରେ ପ୍ରୀତ ହୋଇ ପୁଣି କାମରେ ଯୋଗଦିଅନ୍ତି। ଶ୍ରମିକମାନଙ୍କ ଦାବୀର ବହୁ ଅଂଶ ସଙ୍ଗେ ସଙ୍ଗେ ପୂରଣ ହୋଇଯାଏ। ସାରା ଆମେରିକାରେ ଏଭଳିଯୋଗ୍ୟ ଯୁବକ କୋଟିପତି ବିରଳ। ଚାରିଆଡ଼େ ତାଙ୍କର ପ୍ରଶଂସା। କିନ୍ତୁ ବାପମା'ଙ୍କର ଦିନରାତି ଚିନ୍ତା ପୁଅକୁ କେମିତି ହାତକୁ ଦି'ହାତ କରିବେ। ଆମେରିକାରେ ଶହ ଶହ ଧନୀଘରର ଝିଅମାନଙ୍କର ଆଖି ଏହାଙ୍କ ଉପରେ। ଏତେ ଯୁବତୀଙ୍କ ଭିତରୁ କେମିତି ମନଲାଖି ପାତ୍ରୀଟିଏ ବାଛିହେବ, ସେଇ ହେଲା କଥା। ଡେଟିଙ୍ଗ ପ୍ରଥା ଅନୁସାରେ ଏତେଗୁଡ଼ିଏ ଝିଅଙ୍କ ସହିତ ମିଶି ସେମାନଙ୍କ ଭିତରୁ ଜଣକୁ ଜୀବନସଙ୍ଗିନୀ ଭାବରେ ବାଛିବା ମଧ୍ୟ ସମ୍ଭବପର ନୁହେଁ; କାରଣ ଯୁବକଙ୍କର ଏଣେ ସମୟ ଅଭାବ। ସେ ପାତ୍ରୀ ବାଛିବା ପାଇଁ ଯେତେ ସମୟ ଦେବେ, ସେତିକି ସମୟ ମଧ୍ୟରେ ଗୋଟିଏ କାରଖାନାର ଯୋଜନା ତିଆରି ନକରିବେ କାହିଁକି ? ସେ ବାପାମା'ଙ୍କୁ କହିଦେଲେ ତାଙ୍କ ପାଇଁ ତାଙ୍କ

Digitized by srujanika@gmail.com

ଅଫିସରେ ଥିବା କଂପ୍ୟୁଟରର କନ୍ୟା ବାଛିଦେବ । ଯେଉଁ ପାର୍ଟୀଟିକୁ ତାଙ୍କ କଂପ୍ୟୁଟରର ବାଛିଦେବ, ସେ ତାକୁଇ ବିବାହ କରିବେ । ପାର୍ଟୀଟିର କେଉଁ କେଉଁ ଗୁଣ ଥିଲେ ଯୁବକଟିକୁ ସବୁଠାରୁ ଅଧିକ ଭଲ ଲାଗିବ ।ସେସବୁ ଗୁଣ ଟିକିନିଖି କରି ଯନ୍ତ୍ରକୁ ଯୋଗାଇ ଦିଆଗଲା । ପାର୍ଟୀର ଉଚ୍ଚତା କେତେ ହେବା ଦରକାର, କେତେ ହେଲେ ଚଳିବ, ତଳପେଟର ଚଉଡ଼ା, ଛାତିର ଚଉଡ଼ା ଓ ଉଚ୍ଚତା କେତେ ହେଲେ ଚଳିବ, ସେ କଥା ଯନ୍ତ୍ରକୁ ଜଣାଇଦିଆଗଲା । କନ୍ୟାଟିର ଆଖି ଏମିତି, ନାକ ଏମିତି, ଦାନ୍ତ ଏମିତି, ପାଠ ଏତିକି ପଢ଼ିଥିବ, ବୁଦ୍ଧିର ମାନ ଏତିକି ଥିବ ଆଦି ସବୁ କିଛି ଯନ୍ତ୍ରକୁ ଯୋଗାଇ ଦିଆଗଲା । ଯେଉଁ ଯୁବତୀମାନେ ସେହି ଧନୀ ଯୁବକଙ୍କୁ ବିବାହ କରିବାକୁ ବାହାରି ଆସିଲେ, ସେମାନଙ୍କର ଉପରୋକ୍ତ ଗୁଣ ସବୁ ନିଆଯାଇ ଯନ୍ତ୍ରକୁ ଯୋଗାଇ ଦିଆଗଲା । କଂପ୍ୟୁଟରର ନାନାପ୍ରକାର ଗଣନା ପରେ ଯୁବକଟି ପାଇଁ ପାର୍ଟୀଟିଏ ବାଛିଦେଲା । ସେହି ଯୁବତୀଟି ଉକ୍ତ ଧନୀ ଯୁବକଙ୍କୁ ବିବାହ ହେବା କଥା ସ୍ଥିରହେଲା । ଏହା ଏକ ଆଦର୍ଶ ବିବାହ ହେବ ବୋଲି ସମସ୍ତଙ୍କ ଆଶା । ଯୁବକଟିକୁ ଯେଉଁ ସବୁ ଗୁଣ ଓ ପ୍ରକୃତି ଭଲଲାଗେ, ସେହିସବୁ ଗୁଣ ଓ ପ୍ରକୃତି ଯୁବତୀଟିର ଅଛି । ବଡ଼ ବିଚିତ୍ର, ଯେତେବେଳେ ଯୁବକ ଯୁବତୀ ଦୁହେଁ ବନ୍ଧା ହେବାପାଇଁ ବିବାହ ବେଦି ଉପରକୁ ଆସନ୍ତି, ଦେଖାଗଲା କାହାରି କାହାପ୍ରତି ଆକର୍ଷଣ ନାହିଁ । ସେମାନଙ୍କ ମନ ଭଲଭାବରେ ମିଳାମିଶା ମଧ୍ୟ ଦେଖାଗଲାନି, ଶେଷରେ ବିବାହ ସିଦ୍ଧାନ୍ତ ରଦ୍ଦ ହେଲା । ଏଠାରେ କଂପ୍ୟୁଟରର ସିଦ୍ଧାନ୍ତ ପ୍ରମାଦଶୂନ୍ୟ ହୋଇପାରିଲାନି । ବୈଜ୍ଞାନିକମାନେ ପରସ୍ପରକୁ ପଚାରିଲେ, "ଏହାର କାରଣ କଣ ?"

ଏହାର କାରଣ ହୋଇପାରେ ଯେ ଯୁବକଟି ତା' ମନଲାଖି ସ୍ତ୍ରୀଟିଏପାଇଁ ଯେଉଁ ପ୍ରକାର ରୂପ, ଗୁଣ ଦରକାର ବୋଲି ସୂଚାଇଥିଲା, ପ୍ରକୃତରେ ତା' ମନ ତା'ଠାରୁ ଅଲଗା ବା ଅଧିକା କିଛି ଚାହୁଁଥିଲା, ଯାହାକୁ ହୁଏତ ଠିକ୍‌ଭାବରେ ଯନ୍ତ୍ରକୁ ସୂଚାଇବା ଯୁବକ ପକ୍ଷରେ ସମ୍ଭବ ହେଲାନି । ତେଣୁ ସେ କ୍ଷେତ୍ରରେ କଂପ୍ୟୁଟରର ସିଦ୍ଧାନ୍ତ ପ୍ରମାଦଶୂନ୍ୟ ହୋଇପାରିଲାନି ।

ଏଠାରେ ଆଉ ଗୋଟିଏ ମଜାକଥା ପ୍ରତିପାଦିତ ହେଲା । ବିବାହ କରିବାକୁ ଯାଉଥିବା ଯୁବକ-ଯୁବତୀଙ୍କ ମନ ପ୍ରକୃତରେ କ'ଣ ଚାହେଁ, ସେମାନଙ୍କ ପକ୍ଷରେ ସେସବୁ ଗୋଟି ଗୋଟି କରି ସଠିକ୍ ଭାବରେ ପ୍ରକାଶ କରିବା ଅସମ୍ଭବ । କାରଣ ଯୁବକ ଯୁବତୀଠାରୁ କ'ଣ ଚାହେଁ ଓ ଯୁବତୀ ଯୁବକଠାରୁ କ'ଣ ଚାହେଁ, ଏହା ଏତେ ଅବ୍ୟକ୍ତ ଓ ଜଟିଳ ଯେ ତାହାକୁ ନିର୍ଭୁଲ ଭାବରେ ପ୍ରକାଶ କରିବା ସମ୍ଭବ ନୁହେଁ । କେତେକଙ୍କ ମତରେ କିଏ କାହାଠାରୁ କ'ଣ ଆଶାକରେ, ଠିକ୍ ଠିକ୍ ପ୍ରକାଶକରିବା ଅସମ୍ଭବ । ସେମାନଙ୍କ ଜଟିଳ ମନକୁ ଠିକ୍ ଭାବରେ ବୁଝିବା ମଧ୍ୟ ସହଜ ନୁହେଁ । ତେଣୁ ସେପରି କ୍ଷେତ୍ରରେ କଂପ୍ୟୁଟରର ସିଦ୍ଧାନ୍ତ ପ୍ରମାଦଶୂନ୍ୟ ହେବ ବା କିପରି ?

Digitized by srujanika@gmail.com

ଯୁବକ-ଯୁବତୀମାନେ ଯଦି ଠିକ୍ ଠିକ୍ ଭାବରେ ସେମାନଙ୍କ ମନର ଇଚ୍ଛା ପ୍ରକାଶ କରିପାରନ୍ତେ, ତେବେ କଂପ୍ୟୁଟର ପକ୍ଷରେ କନ୍ୟା ବାଛିବା କଷ୍ଟକର ହୁଅନ୍ତାନି; ବରଂ ଯନ୍ତ୍ର ଯୁବକଯୁବତୀଙ୍କପାଇଁ ଅଧିକ ଦକ୍ଷତାର ସହିତ ଜୀବନସଙ୍ଗୀ ବାଛିପାରନ୍ତା । ସାଧାରଣ କ୍ଷେତ୍ରରେ ମିଳାମିଶାକରି ଯୁବକଯୁବତୀମାନେ ଯେଉଁ ଜୀବନସଙ୍ଗୀ ବାଛନ୍ତି, ସେଥିରେ ନାନା ଦୋଷ ତ୍ରୁଟି ରହିଯାଇପାରେ । କାରଣ ଯୁବକ ଯୁବତୀ ବେଳେବେଳେ ପରସ୍ପରର ମନମତାଣିଆ ରୂପରେ ମୁଗ୍ଧ ହୋଇଯାଇ ପରସ୍ପରର ଖରାପ ଗୁଣ ଆଡ଼କୁ ଦୃଷ୍ଟି ଦେଇ ନଥାନ୍ତି । ବିବାହପରେ ସେଗୁଡ଼ିକ ଯେତେବେଳେ ଦୃଷ୍ଟିରେ ପଡ଼େ, ସେମାନଙ୍କ ଭିତରେ ମନୋମାଳିନ୍ୟ ଓ ଅଶାନ୍ତି ଉପୁଜେ, ଯୁବକଯୁବତୀଙ୍କ ଜୀବନ ଦୁଃଖମୟ ହୁଏ । କିନ୍ତୁ ଯନ୍ତ୍ରକୁ ଯଦି କନ୍ୟା ବାଛିବା ଦାୟିତ୍ୱ ଦିଆଯାଇଥାଆନ୍ତା, ଯନ୍ତ୍ର ସେମିତି ରୂପରେ ମୁଗ୍ଧ ହୋଇଯାଇ ଖରାପ ଗୁଣଗୁଡ଼ିକୁ ଆଖି ନ ପକାଇ ଛାଡ଼ିଦେଇନଥାନ୍ତା । ଯନ୍ତ୍ର ଉଭୟଙ୍କର ସବୁପ୍ରକାର ଗୁଣ ଓ ରୂପକୁ ବିଗ୍ଭରକୁ ନେଇ ସିଦ୍ଧାନ୍ତ ନିଅନ୍ତା । ଯୁବକଯୁବତୀମାନେ ଯେଉଁ ଭୁଲ ସାଧାରଣତଃ କରିପକାନ୍ତି, ସେ ଭୁଲ ଯନ୍ତ୍ରର ହୁଅନ୍ତାନି । ତେଣୁ ଯନ୍ତ୍ରର ବରକନ୍ୟା ବିଗ୍ଭବିଛି ଆଦର୍ଶ ହୁଅନ୍ତା । କିନ୍ତୁ ବିବାହ କରିବାକୁ ଯାଉଥିବା ଯୁବକ ଯୁବତୀଙ୍କ ମନ ଏମିତି ଯେ ସେମାନେ ଠିକ୍‌ଭାବରେ କହିପାରିବେନି, ସେମାନେ ପରସ୍ପରଠାରୁ ପ୍ରକୃତରେ କ'ଣ ଗ୍ଭହାନ୍ତି, ବା ସେମାନେ ପରସ୍ପରର କେଉଁ ଗୁଣପ୍ରତି ଆଗ୍ରହୀ ଓ କେଉଁ କେଉଁ ଗୁଣ ପରସ୍ପରଠାରେ ଥିଲେ ସେମାନେ ଜୀବନସଙ୍ଗୀ ହେବାକୁ ଗ୍ଭହିଁବେ । ତେଣୁ ଅସଲ ତ୍ରୁଟି ରହୁଛି ଯୁବକଯୁବତୀଙ୍କ ମନରେ; କଂପ୍ୟୁଟର ଯନ୍ତ୍ରର କିଛି ତ୍ରୁଟି ନାହିଁ ?

"କିନ୍ତୁ ଡାକ୍ତର ପଟ୍ଟନାୟକ, ଆମର ଯଦି ଏଠି କିଛି ତ୍ରୁଟି ରହିଗଲା, ତେବେ ପିଲ୍ଲଟାର ଜୀବନ ଯେ ନଷ୍ଟ ହୋଇଯିବ ?" ଫାଦର କହିଲେ ।

"ନାଁ ଫାଦର, ମୁଁ ତାହା ଭାବୁନି । କାରଣ ଅତନୁ ଭାରତୀୟ ମନୋଭାବ ନେଇ ତା ଜୀବନରେ ଆଗଉଛି । ସେ ଯଦି ମାର୍କିନ ମନୋଭାବ ନେଇ ଆଗଉଥାନ୍ତା, ତେବେ ବିଭାଘର ହୁଏତ ବିଫଳ ହୋଇଯାଆନ୍ତା । ଭାରତରେ କେମିତି ବିଭାଘର ହୁଏ, ଅତନୁ ଭଲ ଭାବରେ ଜାଣେ । ବାପ ମା' ଯେଉଁ କନ୍ୟା ବାଛି ବିଭାଘର କରନ୍ତି; ତାକୁ ପୁତ୍ରକନ୍ୟାମାନେ କେମିତି ଆଦରି ନିଅନ୍ତି, ଅତନୁ ତାହାକୁ ଭଲଭାବରେ ଅନୁଧ୍ୟାନ କରିଛି । ତା ନହୋଇଥିଲେ ସେ ଆମ ଉପରକୁ ଏଡ଼େ ବଡ଼ ଦାୟିତ୍ୱ ପକାଇ ଦେଇନଥାନ୍ତା । ଏହି କଂପ୍ୟୁଟର ତା ପାଇଁ ଯେଉଁ କନ୍ୟା ବାଛିଦେବ, ମୋର ବିଶ୍ୱାସ ତାହା ଅତନୁ ପକ୍ଷରେ ଯେ ଗ୍ରହଣୀୟ ନ ହେବ, ତା' ନୁହେଁ । ତୁମେ ଏ ଦିଗରେ ଅନ୍ୟ କିଛି ଆଶଙ୍କା ନକରି ଅଗେଇଯାଅ ଫାଦର !"

"କିନ୍ତୁ ଡାକ୍ତର ପଟ୍ଟନାୟକ ! ସବୁଠାରୁ ଅସଲ ହେଉଛି ପ୍ରଶ୍ନାବଳୀ ତିଆରି । ତା'ରି ଉପରେ ଆମର କୃତକାର୍ଯ୍ୟତା ବା ଅକୃତକାର୍ଯ୍ୟତା ନିର୍ଭର କରୁଛି । ଜଣେ ଭଲ ମନସ୍ତତ୍ତ୍ୱବିତ୍‌ଙ୍କୁ ବାଛି ତାଙ୍କ ସହିତ ଆଲୋଚନା କରିବା ଦରକାର । ସେ ଯେମିତି ଅତନୁର

Digitized by srujanika@gmail.com

ସଂସ୍ପର୍ଶରେ ଆସି ଅତନୁଙ୍କୁ ଭଲଭାବରେ ଅନୁଧ୍ୟାନ କରିପାରନ୍ତି, ସେ ସୁବିଧା ତାଙ୍କୁ ଦେବା ଆବଶ୍ୟକ । ନିଉବ୍ରାନ୍‌ସୱିକସ୍ଥ ରୁଟଗରସ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିଜ୍ଞାନର ପ୍ରଧାନ ଅଧ୍ୟାପକଙ୍କୁ ମୁଁ ଜାଣେ । ତାଙ୍କ ସହିତ ଆଲୋଚନା କଲେ ସେ ଆମକୁ ଏ ଦିଗରେ ସାହାଯ୍ୟ କଲାଭଳି ମନସ୍ତତ୍ତ୍ୱବିତ୍‌ଟିଏ ଦେଇପାରନ୍ତି । ସେହି ଭଦ୍ରଲୋକ ଅତନୁର ଯେମିତି ଖୁବ୍ ସଂସ୍ପର୍ଶରେ ଆସନ୍ତି, ସେ ଦିଗରେ ଆମର ବ୍ୟବସ୍ଥା କରିବା ଉଚିତ ।”

ମୁଁ ଆଜି ରୁଟଗରସ ବିଶ୍ୱବିଦ୍ୟାଳୟକୁ ଯାଉଛି ଡାକ୍ତର ପଟ୍ଟନାୟକ ! ସେଠାକାର ଅଧ୍ୟାପକଙ୍କୁ ସାକ୍ଷାତ୍ କରି ତାଙ୍କ ସହିତ ଆଲୋଚନା କରିବାପାଇଁ । ତାଙ୍କ ସାହାଯ୍ୟ ଆମକୁ ଏ ଦିଗରେ ଖୁବ ସହାୟକ ହେବ ।

× × × ×

ଅତନୁ ଓ ତାଙ୍କ ବାପା ବୈଠକଖାନାରେ ବସି କଥାବାର୍ତ୍ତା ହେଉଥାନ୍ତି । କେନସର୍ ଚିକିତ୍ସାର ଅତ୍ୟାଧୁନିକ ଦିଗ ସମ୍ବନ୍ଧରେ ଆଲୋଚନା ଚାଲିଥାଏ । ଆଧୁନିକ କର୍କଟରୋଗ-ଚିକିତ୍ସାରେ ନୂଆ ନୂଆ ବାହାରିଥିବା ଔଷଧର ଉପଯୋଗିତା କେମିତି, ସେ ସମ୍ପର୍କରେ ଅତନୁ ବାପାଙ୍କୁ ବୁଝାଉଥାଏ । ବିଭିନ୍ନ ପ୍ରକାର ଏଣ୍ଟିବାୟୋଟିକ୍‌ସଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହରମୋନ, ସଂଶ୍ଳେଷିତ ଭେଷଜ, ତେଜସ୍କ୍ରିୟ ଆଇସୋଟୋପ୍, ପ୍ରତିରକ୍ଷଣ ଅନୁକ୍ରିୟା ସୃଷ୍ଟିକାରୀ ଭେଷଜ ଓ ସେ ନୂଆକରି ଆରମ୍ଭ କରିଥିବା ଏକାଧିକ ଭେଷଜର ସମ୍ମିଳିତ ପ୍ରୟୋଗ ସମ୍ପର୍କରେ ବାପାଙ୍କୁ ବୁଝାଉଥାଏ । ବିଭିନ୍ନ ଔଷଧର ସମ୍ମିଳିତ ପ୍ରୟୋଗଫଳରେ ଭେଷଜ କ୍ରିୟା ପ୍ରତିରୋଧୀ ଶକ୍ତି କର୍କଟ କୋଷ ଯେମିତି ହାସଲ ନ କରିବ, ସେଥିପାଇଁ ଏହା ଏକ ଉପଯୁକ୍ତ ବ୍ୟବସ୍ଥା । ହଡକିନ୍‌ସ ରୋଗରେ ଚାରୋଟି ଭେଷଜର ଏକତ୍ର ଉପଯୋଗ, ସ୍ତନ କର୍କଟରେ ତିନୋଟି, ବୃହଦନ୍ତ୍ର କର୍କଟ ରୋଗରେ ଦୁଇଟି ଭେଷଜର ସମ୍ମିଳିତ ପ୍ରୟୋଗ ଫଳରେ ସେହି ରୋଗ-ଚିକିତ୍ସାରେ ଆଶାତୀତ ଫଳ ସେ ପାଇଛି । ଏହାଫଳରେ କର୍କଟ ରୋଗ ଚିକିତ୍ସାରେ ଏକ ନୂତନ ଦିଗନ୍ତ ଦେଖାଦେଇଛି । ଏବେ ସେ ସମ୍ମିଳିତ ଭେଷଜ ଚିକିତ୍ସା ବ୍ୟତୀତ ସମ୍ମିଳିତ ଭେଷଜ ଓ ପ୍ରତିରକ୍ଷଣ ଚିକିତ୍ସା ଦ୍ୱାରା କର୍କଟରୋଗ-ଚିକିତ୍ସାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାର ଆଶା ପୋଷଣ କରିଛି । ତା' ନିର୍ଦ୍ଦେଶରେ ତାର କେତେଜଣ ସହକର୍ମୀ ଏ ଦିଗରେ ଲାଗିପଡ଼ିଛନ୍ତି । ଏହା ଯଦି କୃତକାର୍ଯ୍ୟ ହୁଏ, ତେବେ କର୍କଟରୋଗକୁ ସମ୍ପୂର୍ଣ୍ଣ ଓ ସହଜ ଭାବରେ ଆୟତ୍ତ କରିବା ଉପାୟ ଅଚିରେ ହାସଲ କରାଯାଇପାରିବ ।

ଏହିଭଳିଭାବରେ ଆଲୋଚନା ଚାଲିଥିବାବେଳେ ଫାଦର ହଠାତ୍ ବୈଠକଖାନା ଭିତରକୁ ପଶିଆସିଲେ । ତାଙ୍କ ପଛରେ ଜଣେ ଭଦ୍ରଲୋକ । ଫାଦର ଭଦ୍ରଲୋକଙ୍କୁ ଅତନୁ ସହିତ ଚିହ୍ନାକରିଦେବାପାଇଁ ଯାଇ କହିଲେ, “ଅତନୁ, ଏ ହେଉଛନ୍ତି ଡକ୍ଟର ମେକ୍‌ଡୋନାଲଡ, ରୁଟଗରସ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିଜ୍ଞାନରେ ସହଯୋଗୀ ଅଧ୍ୟାପକ । ସ୍ୱାଙ୍କ ସାନଭାଇ

Digitized by srujanika@gmail.com

କ୍ଷୁଦ୍ରାନ୍ତ୍ର କର୍କଟରୋଗରେ ଆକ୍ରାନ୍ତ ବୋଲି ସେ ତୋ ସଙ୍ଗେ କଣ ଏକ ପରାମର୍ଶ କରିବାକୁ ଆସିଛନ୍ତି ।"

"ଆଁ···କ୍ଷୁଦ୍ରାନ୍ତ୍ରରେ କେନସର ?" ଚମକିପଡ଼ିଲା ଅତନୁ, "ହେଉ ଆସନ୍ତୁ ଆର କୋଠରିକୁ, ଆଲୋଚନା କରିବା । ରୋଗ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି ?"

ଭଦ୍ରଲୋକଙ୍କୁ ନେଇ ଅତନୁ ପାଖ କୋଠରିକୁ ଚାଲିଗଲା । ଫାଦର ଏକ ସୋଫାରେ ବସିପଡ଼ି ଡାକ୍ତର ପଟ୍ଟନାୟକଙ୍କୁ କହିଲେ, "ଏହି ଭଦ୍ରଲୋକ ହେଉଛନ୍ତି ରୁଟଗରସ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଜ୍ଞାନର ସହଯୋଗୀ ଅଧ୍ୟାପକ । ତାଙ୍କ ଭାଇଙ୍କର କ୍ଷୁଦ୍ରାନ୍ତ୍ର କର୍କଟ-ରୋଗ ହୋଇଛି ବୋଲି ଡାକ୍ତରମାନେ ମତ ଦେଉଛନ୍ତି । ଏ ସମ୍ପର୍କରେ ଅତନୁ ସହିତ ପରାମର୍ଶ କରିବାପାଇଁ ସେମାନେ ସୁପାରିଶ କରିଛନ୍ତି । 'ରୋଗୀ ଚାହୁଁଥିଲା ଯାହା ବୈଦ୍ୟ ବତାଇଲା ତାହା' ପରିରେ ଆମକୁ ବଡ଼ ସୁଯୋଗଟିଏ ମିଳିଯାଇଛି ଡାକ୍ତର ପଟ୍ଟନାୟକ ! ଏ ଭଦ୍ରଲୋକ ପୁଣି ଗବେଷଣା ପାଇଁ ପ୍ରଶ୍ନାବଳୀ ତିଆରି କରିବାରେ ବେଶ୍ ଧୁରନ୍ଧର । ଏବେ କିଙ୍ଗ୍ଷ୍ଟନରେ କମ୍ପ୍ୟୁଟର ସାହାଯ୍ୟରେ ହୋଇଥିବା ଦୁଇ ତିନୋଟି ଗବେଷଣାରେ ସ୍ୱାଙ୍କ ପ୍ରଶ୍ନାବଳୀ ବେଶ୍ କାମ ଦେଇଛି । ମୋର ଆଶା, ଏ ଭଦ୍ରଲୋକ ଆମକୁ ଏ ଦିଗରେ ଖୁବ୍ ସାହାଯ୍ୟ କରିପାରିବେ । ମୁଁ ସ୍ୱାଙ୍କୁ ଆମ ଯୋଜନାଟି କଥା ପୂର୍ବ ଭାବରେ କହିଦେଇଛି । ସେ ଆମକୁ ଏ ଦିଗରେ ଯଥାସାଧ୍ୟ ସାହାଯ୍ୟ କରିପାରିବେ ବୋଲି କଥା ଦେଇଛନ୍ତି ।"

"ତା' ହେଲେ ଖୁବ୍ ଭଲ ହେଲା ଫାଦର ! ସେ ଦୁହିଁଙ୍କ ଭିତରେ ବର୍ତ୍ତମାନ ବାରମ୍ବାର ଭେଟ ହେବ । ମେକ୍ଡୋନାଲ୍ଡ ଅତନୁକୁ ଭଲଭାବରେ ଅନୁଧ୍ୟାନ କରିବାର ସୁଯୋଗ ପାଇବେ । ଅନୁଧ୍ୟାନ ଯେତେ ଭଲ ହେବ, ପ୍ରଶ୍ନାବଳୀ ସେତେ ଉପଯୋଗୀ ହେବ, କନ୍ୟା-ବସ୍ତୁ ସେତେ କ୍ରୁଟିଶୂନ୍ୟ ହେବ ।"

× × × ×

ଅତନୁ ପରଦିନ ସକାଳେ ଡ୍ରଇଂରୁମ୍‌ରେ ବସି ଖବରକାଗଜ ଓଲଟାଉଛି, ଫାଦର ଡ୍ରଇଂରୁମ୍‌କୁ ପଶିଆସିଲେ, "କାଲି ରାତିରେ ଫେରୁ ଫେରୁ ବୋଧହୁଏ ତୋର ଡେରି ଡେରି ହୋଇଗଲା ବାପ ! ଆମେ ଶୋଇପଡ଼ିବାପରେ ତୁ ବୋଧହୁଏ ଫେରିଲୁ ?"

"ହଁ ଫାଦର, ମୁଁ କାଲି ଫେରିବାବେଳକୁ ରାତି ଦୁଇଟା । ମେକ୍ଡୋନାଲ୍ଡଙ୍କ ଭାଇ ବୃହଦନ୍ତ୍ର କର୍କଟରୋଗରେ ସାଂଘାତିକ ଭାବରେ ଆକ୍ରାନ୍ତ । ତାଙ୍କୁ ଡାକ୍ତର ଭୁଲ୍‌ରେ କ୍ଷୁଦ୍ରାନ୍ତ୍ର କେନସର ବୋଲି କହିଦେଇଥିଲା । ତାଙ୍କୁ ପରୀକ୍ଷା କରି ସାରିବାପରେ ସଙ୍ଗେ ସଙ୍ଗେ ନେଇ ନ୍ୟୁୟର୍କକୁ ଗଲି । ନାନା ପରୀକ୍ଷା ପରେ କାଲି ରାତିରେ ତାଙ୍କର ଅପରେସନ ହେଲା । ଅପରେସନ ସରୁ ସରୁ ରାତି ଗୋଟାଏ । ଆପଣ ଜାଣିଛନ୍ତି ଫାଦର, ଏ ଦେଶରେ କ୍ଷୁଦ୍ରାନ୍ତ୍ର କର୍କଟରୋଗ ବହୁ ପରିମାଣରେ ଦେଖାଯାଏ । ଆମେ ଯେଉଁ ଅତ୍ୟଧିକ ମାଛ, ମାଂସ ଓ ଚର୍ବି ଜାତୀୟ ଖାଦ୍ୟ ଖାଉଁ ଓ ଶାଗ ଜାତୀୟ ଖାଦ୍ୟଠାରୁ ଦୂରରେ ରହୁଁ, ତାହାହିଁ ଏ ରୋଗର କାରଣ । ବୃହଦନ୍ତ୍ର କର୍କଟରୋଗ ହେଲେ ଖୁବ୍ ଆରମ୍ଭରୁ ସନ୍ଦେହ କରି ହେବ ।

Digitized by srujanika@gmail.com

ଝାଡ଼ା ଫେରିବାବେଳେ କଷ୍ଟ, ରକ୍ତ ପଡ଼ିବା, ଶରୀରରେ ରକ୍ତଶୂନ୍ୟତା, ଓଜନ କମିଯିବା, ବେଳେବେଳେ ତରଳ ଝାଡ଼ା ହେଲେ ଏ ରୋଗକୁ ସନ୍ଦେହ କରିବା କଥା । ସେଭଳି ଅବସ୍ଥା ଉପୁଜିବାକ୍ଷଣି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ପରୀକ୍ଷା କରିନେଲେ ରୋଗ ଜଣା-ପଡ଼ିଯାଇଥାନ୍ତା । ଝାଡ଼ାରେ ପଡ଼ୁଥିବା ମଳର ଅସ୍ୱାଭାବିକ ରୂପ ଗଠନ ଏଭଳି ରୋଗର ସନ୍ଦେହର କାରଣ ହୁଏ । ତେଣୁ ଏତେ ଲକ୍ଷଣ ଥାଉ ଥାଉ ସେ କିପରି ଏ ରୋଗକୁ ସନ୍ଦେହ କରି ନ ପାରିଲେ, ମୁଁ ଭାବିପାରୁନି । ମେକ୍‌ଡୋନାଲ୍‌ଡଙ୍କ ଭଳି ଉଚ୍ଚ ଶିକ୍ଷିତ ହୋଇ କିଭଳି ଏ ରୋଗକୁ ଧରି ଚୁପ ହୋଇ ବସିଗଲେ, ମୋତେ ତାହାହିଁ ଆଶ୍ଚର୍ଯ୍ୟ ଲାଗୁଛି ଫାଦର !'

"ସେ ଯଦି ମୂଳରୁ ଅର୍ଶ କି ଫିସର ବୋଲି ସନ୍ଦେହ କରିଥିବେ, ତେବେ କର୍କଟ ରୋଗ କଥା ମୁଣ୍ଡକୁ ଉଙ୍କି ନ ଥିବ । ସେ କ୍ଷେତ୍ରରେ ଚୁପହୋଇ ବସିଯିବା ଅସ୍ୱାଭାବିକ ନୁହେଁ । କାରଣ ଅର୍ଶ କି ଫିସର କେନସର ଭଳି ମାରାତ୍ମକ ନୁହେଁ ।" ଫାଦର କହିଲେ ।

"ତାହା ହୋଇପାରେ; କିନ୍ତୁ ଅର୍ଶ ହେଉ ବା ଅନ୍ୟ କୌଣସି ରୋଗ ହେଉ, ପରୀକ୍ଷା ନ କରି ଘରେ ବସିରହିବା ଉଚିତ ନଥିଲା । ସେଥିପାଇଁ ସେ ଆଜି ଏତେ କଷ୍ଟ ଭୋଗିଲେ ସିନା । ମୂଳରୁ ଯଦି ରୋଗ ଧରିପଡ଼ିଯାଇଥାନ୍ତା, ତେବେ ଆଜି ଏତେ କଷ୍ଟ ପାଇ ନ ଥାନ୍ତେ । ଭାଗ୍ୟର କଥା, ରୋଗ ବିଶେଷ ପ୍ରସାର ଲାଭ କରିପାରିନି । ଆଉ କିଛି ଦିନ ଡେରିହୋଇ-ଥିଲେ ତାଙ୍କୁ ଭଲ କରିବା କାଠିକର ପାଠ ହୋଇଥାନ୍ତା ଫାଦର !"

"ତେବେ ସେ ପୂରାପୂରି ଭଲ ହୋଇଯିବେ ତ ବାପ ?"

"ହଁ ଫାଦର, ସେଥିରେ ମୋର ସନ୍ଦେହ ନାହିଁ । ତାଙ୍କ ଅପରେସନ୍ ଖୁବ୍ ଭଲ ହୋଇଛି । ମୁଁ ଆଶା କରୁଛି ଅଳ୍ପ କେଇଦିନ ଭିତରେ ସେ ଡାକ୍ତରଖାନାରୁ ଛୁଟି ପାଇ-ପାରିବେ । ଭଲ ହୋଇଯିବେ ସିନା, ଦୈନନ୍ଦିନ ଚଳଣିରେ ଟିକିଏ ଅସୁବିଧା ହେବ ।"

"କାହିଁକି ବାପ ? କ'ଣ ହେଲା କି ? ଅପରେସନରେ କିଛି ଅସୁବିଧା ହେଲା ନା କ'ଣ ?"

"ନାହିଁ ଫାଦର ! ଅସୁବିଧା କିଛି ହୋଇନି । ଏ ରୋଗ ହେଲା ସେମିତି । କର୍କଟରୋଗ ସିନା ଅନ୍ୟ ଆଡ଼କୁ ପ୍ରସରି ଯାଇନାହିଁ; କିନ୍ତୁ ଏହି ରୋଗର ଆକ୍ରମଣ ଫଳରେ ମଳଦ୍ୱାର ଅଂଶଟି ପୂରାପୂରି ନଷ୍ଟ ହୋଇଯାଇଛି । ତେଣୁ ଅସ୍ତ୍ରୋପଚାର ବେଳେ ସେଇ ଅଂଶଟିକୁ କାଟି ପୂରାପୂରି ବାଦ୍ ଦିଆଯାଇଛି । ଏହା ଫଳରେ ସାଧାରଣ ଲୋକ ଭଳି ମଳଦ୍ୱାର ଦେଇ ଝାଡ଼ା ଫେରିବା ସମ୍ଭବପର ନୁହେଁ ।"

"ଆଁ, ଝାଡ଼ାଫେରିହେବନି, ତା'ହେଲେ ତ ବଡ଼ ସାଙ୍ଘାତିକ ଅବସ୍ଥା ଉପୁଜିବ ବାପ ?"

"ଝାଡ଼ାଫେରିବା ପାଇଁ ଏକ କୃତ୍ରିମ ବାଟ କରାଯାଇଛି । ସେହି କୃତ୍ରିମ ବାଟର ମୁହଁରେ ଏକ ରବର ଥଳୀ ଲଗାଯାଇଛି । ଏହି ବ୍ୟବସ୍ଥା ଫଳରେ ଆଉ ଝାଡ଼ା ମାଡ଼ିବା ସମ୍ଭବପର ନୁହେଁ । ଝାଡ଼ା ସ୍ୱାଭାବିକ ରୀତିରେ ଏହି ଥଳୀରେ ସଂଗୃହୀତ ହେଉଥିବ । ପ୍ରତିଦିନ ନିୟମିତ

Digitized by srujanika@gmail.com

ଭାବରେ ସକାଳେ, ସନ୍ଧ୍ୟାବେଳେ ନିଜେ ନିଜେ ଏହି ଅଲିରୁ ଝାଡ଼ାକୁ ସଫା କରିଦେବାକୁ ପଡ଼ିବ । ଏହି ବ୍ୟବସ୍ଥା ନ କଲେ ରୋଗୀ ପକ୍ଷରେ ବଞ୍ଚିରହିବା ସମ୍ଭବପର ନୁହେଁ ଫାଦର !"

"ମେକ୍‌ଡୋନାଲ୍‌ଡ଼ କେତେ ଚମତ୍କାର ଲୋକ । ତାଙ୍କ ଭାଇଙ୍କୁ ଭଗବାନ ଏତେ କଷ୍ଟ ଦେଲେ, ଏହାଠାରୁ ବଳି ଦୁଃଖ ଆଉ କ'ଣ ହୋଇପାରେ ବାପ !"

× × × ×

ଭାଇ ରୋଗମୁକ୍ତ ହୋଇଯିବା ଦିନଠାରୁ ଅନ୍ତନୁ ଓ ମେକ୍‌ଡୋନାଲ୍‌ଡଙ୍କ ମଧ୍ୟରେ ବନ୍ଧୁତା ତେର୍ ବଢ଼ିଗଲା । ଅନ୍ତନୁ ବେଳେବେଳେ ମେକ୍‌ଡୋନାଲ୍‌ଡଙ୍କ ଘରକୁ ବୁଲିଯାଏ । ମେକ୍‌ଡୋନାଲଡଙ୍କ ସ୍ତ୍ରୀ ଅନ୍ତନୁକୁ ନିଜ ସାନଭାଇ ଭଳି ଭଲପାଆନ୍ତି । ମେକ୍‌ଡୋନାଲଡ ଓ ତାଙ୍କ ସ୍ତ୍ରୀ ଅନ୍ତନୁ ଘରକୁ ବେଳେବେଳେ ବୁଲିଆସନ୍ତି । ମେକ୍‌ଡୋନାଲ୍‌ଡ ଏହା ମଧ୍ୟରେ ଅନ୍ତନୁକୁ ଭଲଭାବରେ ଅନୁଧ୍ୟାନ କରି ପାରିଛନ୍ତି । ମେକ୍‌ଡୋନାଲ୍‌ଡଙ୍କ ସ୍ତ୍ରୀ ମଧ୍ୟ ଜଣେ ମନଃ ଚିକିତ୍ସାବିତ୍ । ସେ ମଧ୍ୟ ଏହା ମଧ୍ୟରେ ଅନ୍ତନୁକୁ ଭଲ ଭାବରେ ଜାଣିପାରିଛନ୍ତି । ସେ ଦୁହେଁ ଅନ୍ତନୁର ଷ୍ଟାଇଲ, ଖାଇବା ପିଇବା, ପୋଷାକପତ୍ର ଆଦି ସମ୍ବନ୍ଧରେ ଟିକିନିଖି ଅନୁଧ୍ୟାନ କରି ପାରିଛନ୍ତି । ଫାଦର ତାଙ୍କ ଉପରେ ଯେଉଁ ବିରାଟ ଦାୟିତ୍ୱ ଦେଇଛନ୍ତି, ତାକୁ କେମିତି ତୁଲାଇବେ ସେଇ ତାଙ୍କର ଚିନ୍ତା । ଅନ୍ତନୁ ଯେମିତି ଏକ ଉପଯୁକ୍ତ ପତ୍ନୀ ପାଇ ସୁଖର ସଂସାର ଗଢ଼େ, ତାହା ମଧ୍ୟ ସେ ଦୁହିଁଙ୍କର ଇଚ୍ଛା । ଯେଉଁ ଲୋକ ତାଙ୍କ ଭାଇକୁ ମୃତ୍ୟୁମୁଖରୁ ଉଦ୍ଧାର କରି ଆଣିଛନ୍ତି, ତାଙ୍କ ପାଇଁ ସେମାନେ କ'ଣ ଏତିକି କରିପାରିବେ ନାହିଁ ? ସେ ଖୁବ୍ ଗମ୍ଭୀର ଚିନ୍ତା ଓ ଗବେଷଣା କରି ଫାଦରଙ୍କ ବିଚାର ମୁତାବକ ଏକ ଉପଯୁକ୍ତ ପ୍ରଶ୍ନାବଳୀ ତିଆରି କରିଦେଲେ । ଜୀବନର ପ୍ରତ୍ୟେକ ଦିଗକୁ ଅନୁଧ୍ୟାନ କରିବାପାଇଁ ଏହି ପ୍ରଶ୍ନାବଳୀରେ ବ୍ୟବସ୍ଥା ଥିଲା ।

ସେ ଯେଉଁଦିନ ପ୍ରଶ୍ନାବଳୀଟିକୁ ଟାଇପ୍ କରି ଫାଦରଙ୍କ ହାତକୁ ବଢାଇଦେଲେ, ସେଦିନ ଫାଦରଙ୍କ ଆନନ୍ଦ କହିଲେ ନ ସରେ । ସେ ମେକ୍‌ଡୋନାଲଡଙ୍କୁ କେଉଁ ଭାଷାରେ ଧନ୍ୟବାଦ ଦେବେ, ଖୋଜି ପାଇଲେନି । ଡାକ୍ତର ପଟ୍ଟନାୟକ ଘରକୁ ଆସିଲାକ୍ଷଣି ସେ ପ୍ରଶ୍ନାବଳୀକୁ ନେଇ ତାଙ୍କଠାରେ ହାଜର । ପ୍ରଶ୍ନାବଳୀଟିକୁ ପଢ଼ି ଡାକ୍ତର ପଟ୍ଟନାୟକ ଭାରି ଖୁସି ହୋଇ ମନ୍ତବ୍ୟ ଦେବାକୁଯାଇ କହିଲେ, "ଏହା ଏକ ଚମତ୍କାର ପ୍ରଶ୍ନାବଳୀ ଫାଦର ! ଏହି ପ୍ରଶ୍ନାବଳୀକୁ ଉତ୍ତର କଲେ ଯେକୌଣସି ଲୋକର ପ୍ରକୃତ ରୂପ ଜାଣିହୋଇଯିବ ।" ଫାଦରଙ୍କ ହାତକୁ ପ୍ରଶ୍ନାବଳୀଟିକୁ ଫେରାଇ ଦେଉଁ ଦେଉଁ କହିଲେ, "ଫାଦର, ଆମର ଏହି ଯୋଜନାଟି ସମ୍ବନ୍ଧରେ ପୁଅକୁ କହିଦେବା ଉଚିତ । ତା'ର ଏ ଯୋଜନା ଉପରେ ବିଶ୍ୱାସ ରହିବା ଆବଶ୍ୟକ । ଏହି ଯୋଜନା ଯେ ତା' ପାଇଁ ଏକ ଉପଯୁକ୍ତ କନ୍ୟାପାତ୍ରୀ ବାଛିଦେବ, ଏ ବିଶ୍ୱାସ ପୁଅର ଆସିବା ଉଚିତ । ତାର ଯଦି ଏଥିରେ ବିଶ୍ୱାସ ନ ଥାଏ, ଆମେ ଅଯଥା ଆଗେଇ ଲାଭ ନାହିଁ ।"

Digitized by srujanika@gmail.com

"ତା' ତ ନିଶ୍ଚୟ ଡାକ୍ତର ପଟ୍ଟନାୟକ, ଅତନୁର ବିନା ଜ୍ଞାତସାରରେ ଆମେ ତ ଏହାକୁ କାର୍ଯ୍ୟକାରୀ କରିପାରିବା ନାହିଁ । ସେ ତ ପୁଣି ନିଜେ ଏଇ ପ୍ରଶ୍ନାବଳୀର ଉତ୍ତର ଦେବ । ବର୍ତ୍ତମାନ ମୋର ପ୍ରଧାନ ଚିନ୍ତା ଆମେ ଏଇ ପ୍ରଶ୍ନାବଳୀକୁ ଆମ ଦେଶରେ ବିବାହ ପାଇଁ ଇଚ୍ଛୁକ ଥିବା ଝିଅମାନଙ୍କ ଭିତରେ ବାଣ୍ଟିବା ନା ଭାରତର ଝିଅମାନଙ୍କୁ ମଧ୍ୟ ଏ ସୁବିଧା ଦେବା ? ଆପଣଙ୍କର କ'ଣ ମତ ଏଥିରେ ଡାକ୍ତର ପଟ୍ଟନାୟକ ?"

କିଛି ସମୟ ଚିନ୍ତା କରି ଡାକ୍ତର ପଟ୍ଟନାୟକ କହିଲେ, "ମୋ ମତରେ ଆମେ ଉଭୟ ଦେଶର ଝିଅମାନଙ୍କୁ ଏ ସୁବିଧା ଦେବା ଉଚିତ । ଅତନୁର ହାବଭାବରୁ ମୁଁ ଯାହା ଜାଣିଛି, ଭାରତୀୟ ଝିଅ ତା' ପାଇଁ ଅଧିକ ଗ୍ରହଣଯୋଗ୍ୟ ହେବ । ଦେଖୁନାହାଁ ଫାଦର, ସେ କେମିତି ଭାରତୀୟ ଖାଦ୍ୟ, ଭାରତୀୟ ଋଚି, ଭାରତୀୟ ବିବାହ-ପଦ୍ଧତିକୁ ଆଦରି ନେଇଛି । ସେ ଏହି ଆମେରିକା ମାଟିରେ ଜନ୍ମି, ବଡ଼ ହୋଇ ମଧ୍ୟ ଭାରତୀୟ ଝିଅକୁ ଯେ ବିବାହ କରିବାପାଇଁ ଅଧିକ ପସନ୍ଦ କରିବ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ । କିନ୍ତୁ ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, କୌଣସି ଭାରତୀୟ ଝିଅ କ'ଣ ଏଭଳି ପ୍ରଶ୍ନାବଳୀର ଉତ୍ତର ଦେଇ ଅତନୁକୁ ବିବାହ କରିବାପାଇଁ ଆଗେଇ ଆସିବ ?"

"ହଁ, ସେ ବି ଗୋଟିଏ ଚିନ୍ତା," ଫାଦର ଚିନ୍ତାଶୀଳ ଭାବରେ କହିଲେ, "ଆମ ଦେଶରେ ଏହା ସମସ୍ୟା ସୃଷ୍ଟି ନ କରିପାରେ; କାରଣ ଆମ ଝିଅମାନେ ଏହି ନୂଆ ପଦ୍ଧତିକୁ ପରୀକ୍ଷା ମନୋବୃତ୍ତିରେ ଆଦରିନେବେ । ତେବେ କଥା ରହିଛି ଭାରତୀୟ ଝିଅମାନଙ୍କଠାରେ । ସେମାନେ କ'ଣ ଏତେ ସହଜରେ ଆଗେଇଆସିପାରିବେ ?" କିଛି ସମୟ ଚିନ୍ତାକରି, "ମୁଁ ଭାବୁଛି ମିସେସ୍ ମହାନ୍ତିଙ୍କୁ ଲେଖିଲେ ସେ ଆମକୁ ଏ ଦିଗରେ ନିଶ୍ଚୟ ସାହାଯ୍ୟ କରିବାକୁ ଆଗେଇ ଆସିବେ !"

"ଠିକ୍ କଥାଟିଏ ମନେପକାଇଛ ଫାଦର !" ଡକ୍ଟର ପଟ୍ଟନାୟକ କହିଉଠିଲେ, "ତାଙ୍କ ଛଡ଼ା ଭାରତରେ ମୋର ବହୁ ବନ୍ଧୁ ଅଛନ୍ତି । ସେମାନଙ୍କୁ ଲେଖିଲେ ସେମାନେ ସାହାଯ୍ୟ କରିବାକୁ ପଛାଇବେ ନାହିଁ । ଇତିମଧ୍ୟରେ ଅତନୁର ପ୍ରସିଦ୍ଧି ଭାରତରେ ବେଶ୍ ଖେଳି-ଗଲଣି । ଆମେରିକାରେ ଥାଇ ଜଣେ ଭାରତୀୟ ଡାକ୍ତରଙ୍କ ଏଭଳି ପ୍ରସିଦ୍ଧି ଭାରତର ଗୌରବ ବଢ଼ାଇବାରେ କମ୍ ସାହାଯ୍ୟ କରିନ । ତେଣୁ ଅତନୁକୁ ସ୍ୱାମୀ ଭାବରେ ପାଇବା ପାଇଁ କେଉଁ ଭାରତୀୟ ଝିଅ ଯେ ପଛାଇବ, ଏ ଧାରଣା ମୋର ନାହିଁ ।"

× × × ×

ଯେଉଁ ଦିନ ଭାରତର ଓ ଆମେରିକାର ବିଭିନ୍ନ ସହରରୁ ତାଡ଼ା ତାଡ଼ା ପ୍ରଶ୍ନାବଳୀ ଉତ୍ତର ସହିତ ସିଲ୍ ହୋଇ ଫାଦରଙ୍କଠାରେ ଆସି ପହଞ୍ଚିଲା, ସେଦିନ ଫାଦରଙ୍କ ଆନନ୍ଦ କହିଲେ ନ ସରେ । ଡାକ୍ତର ପଟ୍ଟନାୟକ ତାଙ୍କ ଘରକୁ ଚାଲିଯାଇଥିବାରୁ ଭାରି ମନ-କଷ୍ଟ କଲେ ଫାଦର । ଡାକ୍ତର ପଟ୍ଟନାୟକ ଏ ସବୁ ଦେଖିଥିଲେ କେତେ ଖୁସି ହୋଇ ନ ଥା'ନ୍ତେ ସତେ ? ହିସାବରୁ ଜଣାପଡ଼ିଲା ଏହି ଉତ୍ତରଗୁଡ଼ିକର ସଂଖ୍ୟା ସାତହଜାର

Digitized by srujanika@gmail.com

ପାଖା ପାଖି ହେବ । ସାତହଜାର ଝିଅଙ୍କ ଭିତରୁ ଝିଅଟିଏ ବଛା ହେବ ଅତନୁ ପାଇଁ । ଅତନୁ ମଧ୍ୟ ସେହି ପ୍ରଶ୍ନାବଳୀର ଏକ ଉତ୍ତର ସିଲ୍‌କରା ଖୋଳ ଭିତରେ ପୂରାଇ ଦେଇଛି ।

ଫାଦର ତନେ ସେଗୁଡ଼ିକୁ ଧରି ସ୍ପୁଟଗରସ ବିଶ୍ୱବିଦ୍ୟାଳୟକୁ ଗଲେ । ସେହି ବିଶ୍ୱବିଦ୍ୟାଳୟର କଂପ୍ୟୁଟର ଏହି କାର୍ଯ୍ୟପାଇଁ ଉପଯୋଗୀ । ମେକଡୋନାଲ୍‌ଡଙ୍କ ସାହାଯ୍ୟ ନେଇ ସେ କଂପ୍ୟୁଟର ସାହାଯ୍ୟରେ ଏଗୁଡ଼ିକୁ ପରୀକ୍ଷା କରାଇନେବେ ।

ସେଦିନ ଗୁଟଗରସ ବିଶ୍ୱବିଦ୍ୟାଳୟରେ ପହଞ୍ଚିଲାବେଳକୁ ପ୍ରାୟ ଦିନ ଦଶଟା । ଫାଦର ସେଗୁଡ଼ିକୁ ଧରି ସିଧା ଗ୍ଲଲେ ମେକଡୋନାଲ୍‌ଡଙ୍କ ରୁମ୍‌ ଆଡ଼େ । ସେଠାରୁ ତାଙ୍କୁ ସଙ୍ଗରେ ଧରି କଂପ୍ୟୁଟର କକ୍ଷରେ ଯାଇ ପହଞ୍ଚିଗଲେ । କଂପ୍ୟୁଟରକୁ ଚଳାଉଥିବା ଲୋକଙ୍କୁ ପୂର୍ବରୁ ଏହି ଯୋଜନା କଥା କୁହାଯାଇଥିଲା ଓ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କ ଆବଶ୍ୟକୀୟ ଅନୁମତି ନିଆଯାଇଥିଲା । କମ୍ପ୍ୟୁଟର ଚଳାଉଥିବା ଅଫିସର ସଙ୍ଗେ ସଙ୍ଗେ ପ୍ରୋଗ୍ରାମିଂ କରିଦେଲେ । ପ୍ରୋଗ୍ରାମିଂ କରିବାକୁ ଯାହା କିଛି ସମୟ ଲାଗିଲା; କିନ୍ତୁ ପ୍ରକୃତ ଗଣନା ଲାଗିଲା ମୋଟେ ତିନି ମିନିଟ । ସନ୍ଧ୍ୟା ଆଠଟା ସୁଦ୍ଧା ପ୍ରଥମ, ଦ୍ୱିତୀୟ, ତୃତୀୟ ଏହି ଭଳି ତିନୋଟି ଝିଅଙ୍କ ନାମ ବାହାରିପଡ଼ିଲା । ବଡ଼ ବିଚିତ୍ର । ସାତହଜାର ଝିଅଙ୍କ ଭିତରୁ ଯିଏ ପ୍ରଥମ ହେଲେ, ସେ ହେଉଛନ୍ତି ଜଣେ ଓଡ଼ିଆ ଝିଅ, ନାଁ ତନୁଶ୍ରୀ ମହାନ୍ତି, ଘର କଟକ ଜିଲ୍ଲା । ଦ୍ୱିତୀୟ ଜଣକ ହେଉଛି ସୁସାନ ଏଣ୍ଡରସନ୍‌ ଘର ନିଉଜର୍ସିରେ । ତୃତୀୟ ଝିଅଟି ହେଉଛି ଜଣେ ବଙ୍ଗାଳୀ ଝିଅ; ନାଁ ନେଲି ସେନ୍‌ଗୁପ୍ତ, ଘର କଲିକତା ମାନିକ୍‌ତଲାରେ । ସୁସାନର ନାଁ ଦେଖି ଫାଦର ଅତି ଖୁସି ହୋଇଗଲେ । ଯାହା ହେଉ ତାଙ୍କ ଜଣାଶୁଣା ଝିଅଟି ଏହି ତାଲିକା ଭିତରକୁ ଆସିଯାଇଛି; ପୁଣି ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

ବର୍ତ୍ତମାନ ଏ ତିନୋଟି ଝିଅଙ୍କ ଫଟୋଗ୍ରାଫ୍ ଅତନୁକୁ ଦିଆଯିବ । ସେ ସେଥିରୁ ଯାହାକୁ ବାଛିବ, ସେଇ ହେବ ତା'ର ଭାବୀ ପତ୍ନୀ । ଫାଦର ଏସବୁ ବଗ୍ଗବଛି ଦେଖି ଅତ୍ୟନ୍ତ ଖୁସି ହୋଇ ନିଉଅର୍ଲିଆନ୍‌ସକୁ ଫୋନ୍‌ କଲେ ଡାକ୍ତର ପଟ୍ଟନାୟକଙ୍କୁ ଏସବୁ ଜଣାଇବାପାଇଁ । ଡାକ୍ତର ପଟ୍ଟନାୟକ ତନେ ଦୁଇ ଦିନ ଭିତରେ ନିଉଜେରସି ଯେମିତି ଚାଲିଆସନ୍ତି ସେଥିପାଇଁ ଫୋନ୍‌ରେ ତାଗିଦ କରିଦେଲେ ତାଙ୍କୁ ।

ଫାଦରଙ୍କ ବିଶ୍ୱାସ, ଅତନୁ ଏହି ତିନୋଟି ଝିଅଙ୍କ ଫଟୋ ଦେଖିଲେ ସେଥିଭିତରୁ ସୁସାନକୁ ନିଶ୍ଚୟ ବାଛିବ । ସୁସାନ ସହିତ ତାର ପରିଚୟ ଅଛି । ଅତନୁକୁ ସୁସାନ ପ୍ରାଣଠାରୁ ଅଧିକ ଭଲପାଏ । ସୁସାନ ସହିତ ସେ କେତେଥର ଡେଟିଙ୍ଗ୍‌ କରିବାକୁ ମଧ୍ୟ ଯାଇଛି । ସୁସାନର ବାପ ମା' ଅତନୁକୁ ପୁଅ ଭଳି ସ୍ନେହ କରନ୍ତି । ଏତେ ପରିଚୟ ଥାଉ ଥାଉ ସେ ସୁସାନକୁ ନ ବାଛି ଅନ୍ୟ ଦୁଇଟିରୁ କାହାକୁ କ'ଣ ବାଛିବ ? ସେ ଝିଅ ଦୁହେଁ କେଉଁ ବାର ହଜାର ମାଇଲ ଦୂରରେ ଅଛନ୍ତି । ତାଙ୍କୁ ସେ ଦେଖିଛି ନା ତାଙ୍କ ସହିତ ମିଶିଛି ? ଏମିତି ଅଜଣା ଅଶୁଣା ଝିଅଙ୍କୁ କ'ଣ କେବେ ଅତନୁ ବାଛିପାରେ ? ଫାଦର ଏହି ସବୁ ଚିନ୍ତାକରି ମନେ ମନେ ନିଧାର୍ଯ୍ୟ କରିନେଲେ ଯେ ତାଙ୍କ ଘରକୁ ସୁସାନ ନିଶ୍ଚୟ କୁଳବଧୂ ହୋଇ

Digitized by srujanika@gmail.com

ଆସୁଛି । ସୁଜାନ ଅଡଲ୍ଫର ସ୍ତ୍ରୀ ଭାବରେ ଅଡଲ୍ଫର ଯେତେ ଯତ୍ନ ନେଇପାରବ, ଅନ୍ୟ କୌଣସି ସ୍ତ୍ରୀ ଲୋକ ସେତେ ନେଇପାରବ ନାହିଁ । ସୁଜାନ ଝିଅଟିକୁ ଫାଦର ଖୁବ୍ ଭଲ ପାଆନ୍ତି । ତାର ଗୁଣ ଯେମିତି ରୂପ ବି ସେମିତି । ଜାଣେ ଗୋଟିଏ ସୁନ୍ଦରୀ ଗଢ଼ା । କଥାବାର୍ତ୍ତାରେ ଏତେ ଧୀର ସ୍ଥିର ଯେ, କାହାକୁ ପାଟି କରି କିଛି କହିବା କେହି ଶୁଣି ନାହାନ୍ତି । ଫାଦର ମନେ ମନେ ବହୁବାର ଠିକ୍ କରିଛନ୍ତି ସୁଜାନକୁ ବୋହୂ କରି ଘରକୁ ଆଣିବା ପାଇଁ । ମାର୍ଗାରେଟ୍ ମଧ୍ୟ କେତେଥର ସୁଜାନ ସପକ୍ଷରେ ଫାଦରଙ୍କଠାରେ ଯୁକ୍ତି ବାଢ଼ିଛି । ଫାଦର ଡିନର ଖାଇବାବେଳେ କେତେଥର ସୁଜାନ ସପକ୍ଷରେ ଅଡଲ୍ଫଠାରେ କେତେ ପ୍ରକାର ସୁପାରିଶ କରିଛନ୍ତି । ଫାଦରଙ୍କ ସୁପାରିଶକୁ ଅଡଲ୍ଫ ଯେ ନ ଶୁଣିଛି ତା' ନୁହେଁ; କିନ୍ତୁ ସୁଜାନକୁ ବିଭାହେବା ପାଇଁ କେଉଁଦିନ ଅଡଲ୍ଫ ତା' ଇଚ୍ଛା ଫାଦରଙ୍କୁ ଜଣାଇନି ।

× × × ×

ଡକ୍ଟର ପଟ୍ଟନାୟକ ନ୍ୟୁଅର୍ଲିଆନସରୁ ଆସି ଘରେ ଗୋଡ଼ ଦେଇଛନ୍ତି କି ନାହିଁ ଫାଦର ତାଙ୍କୁ ସ୍ୱାଗତ କରିବେ କ'ଣ, ତାଙ୍କ ହାତ ଧରି ଟାଣି ନେଇଗଲେ ବୈଠକଖାନା ଘରକୁ । ସେହି ଘରର ଗୋଟିଏ ବଡ଼ିଆ ଆଲମାରିରେ, ସେହି ସାତହଜାର ପ୍ରଶ୍ନାବଳୀର ଉତ୍ତର ସବୁ ଥୁଆହୋଇଥାଏ । କଂପ୍ୟୁଟରର ଗଣନା କାଗଜ ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଥିବା ତିନୋଟିଯାକ ଉତ୍ତର ଓ ସେଥି ସହ ସେମାନଙ୍କର ଫଟୋ ଡ୍ରଇଂ ରୁମର ଟିପୟ ଉପରେ ଥୁଆ ହୋଇଛି । ସେଗୁଡ଼ିକୁ ସେଠାରୁ ଉଠାଇ ଡକ୍ଟର ପଟ୍ଟନାୟକଙ୍କ ହାତକୁ ବଢ଼ାଇ ଦେଇ ଦେଇ କହିଲେ, "ଏଥିଭିତରୁ ଯେକୌଣସି ଗୋଟିକୁ ବାଛି ଏଥର ବୋହୂ କରିବାକୁ ପଡ଼ିବ ଡକ୍ଟର ପଟ୍ଟନାୟକ !"

"କିନ୍ତୁ ଆମକୁ ବାଛିବାକୁ ପଡ଼ିବ ନାହିଁ ଫାଦର ! ଏଥି ଭିତରୁ ଯେଉଁ ଗୋଟିକୁ ଅଡଲ୍ଫ ବାଛିବ, ଆମର ସେଇ ।"

ଡକ୍ଟର ପଟ୍ଟନାୟକ ଫଟୋ ତିନୋଟିକୁ ଦେଖୁଁ ଦେଖୁଁ କହିଲେ, "ଏ ବୋଧ ହୁଏ ସେଇ ଝିଅଟି ଫାଦର ଯେ ଆମ ଘରକୁ ଆସେ । ଅଡଲ୍ଫର ସାଙ୍ଗ ।"

"ହିଁ ଠିକ୍ ଚିହ୍ନିଛ ଡକ୍ଟର ପଟ୍ଟନାୟକ । ସେଇ ଝିଅଟି ହେଉଛି ସୁଜାନ । ଅତି ଚମତ୍କାର ଝିଅଟି, ନୁହେଁ ? ଅଡଲ୍ଫକୁ ସେ ଖୁବ୍ ଭଲପାଏ । ମୁଁ ଜାଣେନି ଅଡଲ୍ଫ ତାକୁ ବାଛିବ କି ନାହିଁ ? ହେଲେ ଅଡଲ୍ଫ ପାଇଁ ସା କିଛି ଉପଯୁକ୍ତ ପାତ୍ରୀଟିଏ ।"

"ହଁ, ଫାଦର, ମୋର ମଧ୍ୟ ସେଇଆ ମତ । ଆମ ଘରକୁ ତା'ର ଆସିବା ବହୁବାର ଦେଖିଛି । ଝିଅଟି ଅତି ଧୀର, ସ୍ଥିର, ନମ୍ର । ସେହି ଭଲ ଝିଅ ବୋହୂ ହେବା ଯୋଗ୍ୟା ।"

"କିନ୍ତୁ ଅଡଲ୍ଫ କ'ଣ ଏଇ ଝିଅଟିକୁ ବାଛିବ ? ଭଗବାନଙ୍କୁ ଜଣା, ଦୟାମୟ ଯାହା କରିବେ ତାଙ୍କର ଇଚ୍ଛା ।"

ପ୍ରଥମ ହୋଇଥିବା ଝିଅଟିର ଠିକଣା ଦେଖୁ ଦେଖୁ ଡକ୍ଟର ପଟ୍ଟନାୟକ ଚମକିପଡ଼ି କହିଲେ, "ଆରେ ଏ ତ ହେଉଛି ସେହି ଝିଅ, ମିସେସ୍ ମହାନ୍ତିଙ୍କ ଝିଅଟି, ତାଙ୍କ ସାନ

Digitized by srujanika@gmail.com

ଭଉଣୀର ଝିଅ । କଟକର ରେଭେନ୍ସା କଲେଜରେ ଇଂରାଜୀ ଏମ୍. ଏ. ପଢ଼ୁଛି, ଶେଷବର୍ଷ । ମିସେସ୍ ମହାନ୍ତି ଏଇ ଝିଅପାଇଁ ସୁପାରିଶ୍ କରି ତୁମଠାକୁ ଚିଠି ଲେଖି ନଥିଲେ ? ଆଣିଲ ଆଣିଲ ତାଙ୍କ ଚିଠିଟି । ଝିଅଟିର ଚେହେରାରୁ ଯାହା ଜଣାପଡ଼ୁଛି ମିସେସ୍ ମହାନ୍ତି ସୁପାରିଶ କରିବାକୁ ଯାଇ ଏହି ଝିଅଟି ସପକ୍ଷରେ ଯାହାସବୁ ଲେଖିଛନ୍ତି ସେସବୁ ପ୍ରକୃତରେ ଠିକ୍ । ଝିଅଟି ଯେ ଧୀର ସ୍ଥିର, ନମ୍ର ଏହି ଫଟୋରୁ ବେଶ୍ ଜଣାପଡ଼ୁଛି ।'' ଝିଅଟିର ରୂପ କେଡ଼େ ସୁନ୍ଦର, ସାକ୍ଷାତ ପରୀଟିଏ ଭଳି !''

"ଆଁ, ଇଏ ମିସେସ୍ ମହାନ୍ତିଙ୍କ ଝିଆରୀ ?'' ଫାଦର ଚମକି ପଡ଼ିଲେ । ''ଝିଅଟି ତ ବେଶ୍ ସୁନ୍ଦର ଓ ନମ୍ର । ଦେଖାଯାଉ ଅତନୁ ତାକୁ ବାଛୁଛି କି କଅଣ ?''

ଅତନୁକୁ ଫାଦର ସବୁକଥା ଜଣାଇଦେବା ଦୁଇ ତିନିଦିନ ହୋଇଗଲାଣି । ଏପର୍ଯ୍ୟନ୍ତ ଅତନୁଠାରୁ କିଛି ସିଦ୍ଧାନ୍ତ ମିଳିବାକୁ ନାହିଁ । ଫାଦର ମଧ୍ୟ କିଛି ପଚାରିପାରୁ ନଥାନ୍ତି । ଡକ୍ଟର ପଟ୍ଟନାୟକ ଦିନକୁଦିନ ବଡ଼ ସନ୍ଦିହାନ ହୋଇ ପଡ଼ୁଥାନ୍ତି । ଏତେ ଡେରି କାହିଁକି ? ଅତନୁର ମନେପକାଇଦେବାପାଇଁ ଫାଦରଙ୍କୁ ଡକ୍ଟର ପଟ୍ଟନାୟକ କେତେଥର କହିଲେଣି । ପିଲାଟା କାଳେ ସେକଥା ଭୁଲି ଯାଇଥିବ । ସେ ଦିନରାତି ଅନ୍ୟ କଥାରେ ଏତେ ବ୍ୟସ୍ତ ଯେ ନିଜକଥା ଭାବିବାପାଇଁ ହୁଏତ ବେଳ ପାଉ ନଥିବ । ବେଳେବେଳେ ଦି ବୁଢ଼ାଙ୍କ ଭିତରେ ଆଲୋଚନା ପଡ଼େ, ସମ୍ଭବତଃ ପୁଅ କିଛି ସ୍ଥିରକରି ପାରୁନି ବୋଲି କହନ୍ତି । ଫାଦରଙ୍କ ସବୁବେଳେ ଇଚ୍ଛା ସେ ସୁସାନକୁ ବାଛନ୍ତା କି, ସୁସାନ ସପକ୍ଷରେ ପଦେ ଦିପଦ କହିବାକୁ ମନ ଥିଲେହେଁ ପିଲାଟା କାଳେ ଅନ୍ୟକିଛି ଭାବିବ ସେହି ଭୟରେ କିଛି କହିପାରନ୍ତି ନାହିଁ । ତେବେ ଏହା ଭିତରେ ମାର୍ଗାରେଟ ସୁସାନକୁ ପ୍ରଶଂସାକରି କେତେଥର କହିଲାଣି, କିନ୍ତୁ ଅତନୁର ସେଆଡ଼କୁ ମୋଟେ ଦୃଷ୍ଟି ନାହିଁ । ସୁସାନକଥା ପଡ଼ିଲାବେଳକୁ ସେ ଅନ୍ୟ କ'ଣ ସବୁ ଭାବୁଥିବାର ଦେଖାଯାଏ ।

ଏମିତି ଅନେଇଁଅନେଇଁ ସାତଦିନ କଟିଗଲା । ଅତନୁ ପାଖରୁ କିଛି ଉତ୍ତର ମିଳିଲାନି । ଦିନେ ଫାଦର ଧୈର୍ଯ୍ୟ ହରାଇ ଅତନୁକୁ ଖାଇବା ଟେବୁଲ ଉପରେ ପଚାରିପକାଇଲେ ।

ହସିଲା ଅତନୁ, "ଆପଣ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ଫାଦର ! ଆପଣ ବଳେ ଜାଣିଯିବେଣି ଏହା ଭିତରେ । ଆସନ୍ତାକାଲି ସକାଳୁ ଆପଣଙ୍କ ଟେବୁଲ ଉପରେ ମୋ ସିଦ୍ଧାନ୍ତ ଥୁଆ ହୋଇଥିବ ।

ସେଦିନ ଶୋଇବାକୁ ଯିବାପୂର୍ବରୁ ଫାଦରଙ୍କର ଡକ୍ଟର ପଟ୍ଟନାୟକଙ୍କ ସହିତ ବହୁ ସମୟଧରି ଆଲୋଚନା ଚାଲିଥିଲା । ଅତନୁ କାହାକୁ ବାଛିବ ତାହାରି ଉପରେ ଆଲୋଚନା । ଫାଦରଙ୍କର ଯୁକ୍ତି, ଅତନୁ ନିଶ୍ଚୟ ସୁସାନକୁ ବାଛିବ । ଡକ୍ଟର ପଟ୍ଟନାୟକଙ୍କ ଯୁକ୍ତି, ଅତନୁ ଓଡ଼ିଶାର ଝିଅ ତନୁଶ୍ରୀ ମହାନ୍ତିକୁ ବାଛିବ । ଉଭୟେ ଉଭୟଙ୍କ ସପକ୍ଷରେ ଯୁକ୍ତି ବାଢ଼ୁଥାନ୍ତି । ଆଉ ଅଧିକ ଯୁକ୍ତିତର୍କ ନକରି ଫାଦର ଡକ୍ଟର ପଟ୍ଟନାୟକଙ୍କୁ ଶୁଭରାତ୍ରି ଜଣାଇ ଶୋଇବାକୁ ଗଲେ ।

Digitized by srujanika@gmail.com

× × ×

ଫାଦର ଶୋଇବାକୁ ଗଲେ ସିନା, ଆଖିକୁ ମୋଟେ ନିଦ ଆସୁନଥାଏ। ପିଲାଟି । କାହାକୁ ପ୍ରକୃତରେ ବାଛିବ, ସେହି ଥାଏ ତାଙ୍କର ଚିନ୍ତା । ଅତନୁ ଯଦି ସୁଜାନକୁ ବାଛନ୍ତା, କେତେ ଭଲ ହୁଅନ୍ତା ସତେ ? ସେ ଯଦି ଡକ୍ଟର ପଟ୍ଟନାୟକଙ୍କ ମତ ଅନୁସାରେ ସେଇ ଓଡ଼ିଆ ଝିଅଟିକୁ ବାଛେ ସବୁ ଗୋଳମାଳ ହୋଇଯିବ । କେଉଁ ବାରହଜାର ମାଇଲ ଦୂରରେ ଝିଅଟି ଅଛି । ସେ କେମିତିକା, କେଉଁ ପ୍ରକୃତିର, ଏ ଦେଶରେ ଚଳିପାରିବ କି କଥଣ ତାଙ୍କର ବଡ଼ ସନ୍ଦେହ ଥାଏ । ସେ ଏତେ ଦୂରକୁ ଆସି ଅତନୁର ମନକୁ କ'ଣ ନିଶ୍ଚୟକରି ପାରି ଅତନୁର ସଂସାରର ଦାୟିତ୍ୱ ନେଇପାରିବ ? ଅତନୁ ତାକୁ ଦେଖିନି, ତା' ସହିତ ମିଶିନି, ବିବାହ ପରେ ପ୍ରଥମ ଦେଖା ସାକ୍ଷାତ ହେବ । ସେଥିରେ ଯଦି ଦୁ'ଜଣଙ୍କ ମନ ନମିଳିଲା ତେବେ ସର୍ବନାଶ । ପିଲାଟାର ସଂସାର ନଷ୍ଟ ହୋଇଯିବ । ଏତେ କଷ୍ଟକରି ସେମାନେ ବିଶେଷଜ୍ଞ ଓ କମ୍ପୁଟରର ସାହାଯ୍ୟ ନେଇ ଯାହା କଲେ, ସବୁ କ'ଣ ଏମିତି ପଣ୍ଡ ହୋଇଯିବ ?

ହେଉ, ପୁଅ ତ କହିଛି ସକାଳକୁ ତା ସିଦ୍ଧାନ୍ତ ନିଶ୍ଚୟ ଜଣାଇବ । ଉଠିବାପୂର୍ବରୁ ମୋ ଟେବୁଲ ଉପରେ ତା ସିଦ୍ଧାନ୍ତ ଥୋଇ ଦେଇଥିବ ବୋଲି ତ କହିଛି । ହେଉ, ଦେଖାଯାଉ ସେ ପ୍ରକୃତରେ କାହାକୁ ବାଛୁଛି । ଈଶ୍ୱର ତାକୁ ଏ ବିଗରେ ସହାୟ ହୁଅନ୍ତୁ । ସେ ମନେମନେ ଏତିକ କହି ଈଶ୍ୱରଙ୍କୁ ସ୍ମରଣକରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତଟେକି ନମସ୍କାର ଜଣାଇ ଶୋଇଲେ ।

ତହିଁ ପରଦିନ ସକାଳ । ହଠାତ୍ ଫାଦରଙ୍କ ନିଦ ଭାଙ୍ଗିଗଲା । ସେତେବେଳକୁ ତେର ଡିନ ହୋଇଗଲାଣି । ମନ ତ ଛକଛକ ହେଉଛି । ପୁଅ କାହାକୁ ବାଛିଲା ? ଏତେ ଡେରି ହୋଇଗଲାଣି, ପୁଅ ନିଶ୍ଚୟ ତାଙ୍କ ଟେବୁଲ ଉପରେ ଥୋଇଦେଇ ଯାଇଥିବ । ସେ ଉଠିପଡ଼ି ମୁହଁ ହାତ ନଧୋଇ ଦୌଡ଼ିଲେ ନିଜ ଡ୍ରଇଂ ରୁମ୍‌କୁ । ସେତେବେଳକୁ ଡକ୍ଟର ପଟ୍ଟନାୟକ ଉଠି ତାଙ୍କ ଡ୍ରଇଂ ରୁମ୍‌ରେ ଖବରକାଗଜ ପଢ଼ୁଥା'ନ୍ତି । ଅତନୁର ରହିବା କୋଠରି ବନ୍ଦ । ସମ୍ଭବତଃ ସେ ପ୍ରାତଃକର୍ମ ଶେଷକରି ନିଉୟର୍କ ଅଭିମୁଖେ ବାହାରିଗଲାଣି । ଫାଦର ବଡ଼ ସଂଶୟ ଚିତ୍ତରେ ଡ୍ରଇଂରୁମ୍ ଖୋଲିଲେ । ସତକୁ ସତ ତାଙ୍କ ଟେବୁଲ ଉପରେ କାଗଜଟିଏ ଥୁଆ ହୋଇଛି । ସେ ତରତରରେ ଯାଇ କାଗଜଟିକୁ ଖୋଲିପକାଇ ଦେଖନ୍ତି ତ ଅତନୁ ବାଛିଥିବା ଝିଅଟିର ଫଟୋ । ଅତନୁ ତା ଜୀବନସଙ୍ଗିନୀଭାବରେ ବାଛିଛି ଓଡ଼ିଶାର ସେହି ପ୍ରଥମ ହୋଇଥିବା ଝିଅ ତନୁଶ୍ରୀ ମହାନ୍ତିକୁ । ଫଟୋ ସହିତ ଖଣ୍ଡିଏ କାଗଜରେ ଲେଖି ଦେଇଯାଇଛି : "ଫାଦର, ବହୁଚିନ୍ତା ଓ ଆଲୋଚନା ପରେ ଜୀବନସଙ୍ଗିନୀ ଭାବରେ ଏହି ଝିଅଟିକୁ ବାଛିଲି । ମୁଁ ଜାଣେନା ଆପଣମାନେ ମୋ ସିଦ୍ଧାନ୍ତ ସହିତ ଏକମତ ହେବେ କି କଥଣ । ଏ ବିଗରେ ଆଉ ଯାହା ଯାହା କରିବାକଥା ତାହା ଆପଣମାନେ ଜାଣନ୍ତୁ । ଆଜି ହସପିଟାଲ୍‌ରେ ଏକ ଜରୁରୀ ଅପରେସନ ଅଛି । ତେଣୁ ଶୀଘ୍ର ଚାଲିଯାଉଛି । ବାପାଙ୍କୁ ମୋ

Digitized by srujanika@gmail.com

ସିଦ୍ଧାନ୍ତଟି ଜଣାଇଦେବେ । ଆଶା କରୁଛୁ ଆପଣମାନଙ୍କ ଆଶୀର୍ବାଦ ଏଥିରେ ସହାୟକ ହେବ ।"

ଚିଠିଟି ପଢ଼ି ଫାଦର ଥମ୍‌ହୋଇ ବସିପଡ଼ିଲେ । ସେ ଯାହା ଆଶଙ୍କା କରୁଥିଲେ, ଶେଷରେ ତାହାହିଁ ହେଲା ? ଅତନୁ ବହୁଚିନ୍ତା ଓ ଆଲୋଚନା ପରେ ଏହି ସିଦ୍ଧାନ୍ତ ନେଇଛି । ଭାବପ୍ରବଣତାରେ ଭାସିଯାଇ ନେଇ ନାହିଁ । ତେଣୁ ଏହା ଯେ ଏକ ଉପଯୁକ୍ତ ସିଦ୍ଧାନ୍ତ ହୋଇଥିବ ଏଥିରେ ସନ୍ଦେହ କରିବାର କିଛି ନାହିଁ । ଅତନୁ ସୁଧାନକୁ ନ ବାଛିବାର କିଛି ଗୋଟାଏ କାରଣ ଥିବ । ସେ ସୁଧାନକୁ ଯେ ଭଲ ପାଏ ନାହିଁ ତା ନୁହେଁ । ସେ ବି ଭଲ ଭାବରେ ଜାଣେ ସୁଧାନ ତାକୁ କେତେ ଭଲ ପାଏ । ତଥାପି ବି ସେ ସୁଧାନକୁ ବାଛି ପାରିଲାନି । ସମ୍ଭବତଃ ଡକ୍ଟର ପଟ୍ଟନାୟକ ଯାହା ସନ୍ଦେହ କରୁଥିଲେ ତାହା ସତ । ଅତନୁର ମନ ଭାରତୀୟଙ୍କ ଆଡ଼କୁ ଅଧିମାତ୍ରାରେ ବେଶି । ତେଣୁ ସେ ଭାରତୀୟ ଝିଅଟିକୁ ବାଛି ନେଇଛି । ଅତନୁର ଜନ୍ମ ଆମେରିକାରେ, ଆମେରିକା ଅଧିବାସୀଙ୍କ ଦ୍ୱାରା ଆମେରିକା ଜଳବାୟୁରେ ଲାଳିତପାଳିତ ହୋଇଥିଲେହେଁ ତାର ମନ ରହିଯାଇଛି ଭାରତୀୟ । ସେ ଯେଉଁ ଭାରତୀୟ ପିତାମାତାଙ୍କ ଔରସରୁ ଜନ୍ମ ନେଇଛି, ତାର ପ୍ରଭାବ ଆଉ ଯିବ କୁଆଡ଼େ ? ସେଥିପାଇଁ ସେ ଭାରତୀୟ ଖାଦ୍ୟ, ଭାରତୀୟ ସାଜସଜା, ଭାରତୀୟ ସଂସ୍କୃତି ଆଡ଼କୁ ଅତ୍ୟଧିକ ଆକୃଷ୍ଟ । ଆମର ସେଥିରେ ବାଧାଦେବା ଉଚିତ ହେବନି । ପୁଅ ଯାହାକୁ ବାଛିଛି, ଆମେ ତାକୁ ଆଦରିନେଇ ଆଗେଇଯିବା ଉଚିତ । ଭଗବାନ ସେ ଦୁହିଁଙ୍କୁ ଯଣ୍ଡଯୋଡ଼ି ଇ ରଖିଥାନ୍ତୁ ।

ଡକ୍ଟର ପଟ୍ଟନାୟକଙ୍କୁ ପୁଅର ସିଦ୍ଧାନ୍ତ ଜଣାଇଦେବାପାଇଁ ଝିଅଟିର ଫଟୋ ଓ ପୁଅର ଚିଠି ନେଇ ଡକ୍ଟର ପଟ୍ଟନାୟକ ବସିଥିବା ରୁମ୍ ଭିତରକୁ ପଶିଗଲେ । ଫାଦରଙ୍କୁ ଦେଖି ଡକ୍ଟର ପଟ୍ଟନାୟକ ପଚାରିଲେ, "କଅଣ ଫାଦର, ଅତନୁ ତା ସିଦ୍ଧାନ୍ତ ଜଣାଇଲା ?"

"ହଁ, ଡକ୍ଟର ପଟ୍ଟନାୟକ ! ଏଇ ହେଉଛି ପୁଅର ସିଦ୍ଧାନ୍ତ ।" ଏତକ କହି ଅତନୁର ଚିଠି ଓ ଝିଅଟିର ଫଟୋ ଡକ୍ଟର ପଟ୍ଟନାୟକଙ୍କ ହାତକୁ ବଢ଼ାଇଦେଲେ ।

ଫଟୋଟିକୁ ଦେଖି ଡକ୍ଟର ପଟ୍ଟନାୟକ ଅଳ୍ପହସି କହିଲେ, "ମୁଁ କ'ଣ କହୁଥିଲି ଫାଦର, ଆମେରିକା ପରିବେଶ ଭିତରେ ଜନ୍ମି ଓ ବଡ଼ହୋଇ ମଧ୍ୟ ଅତନୁର ମନ ଭାରତୀୟ ହୋଇ ରହିଯାଇଛି । ସେ ଯେ ଏହି ଓଡ଼ିଆ ଝିଅଟିକୁ ବାଛିବ, ମୋ ମନ ସର୍ବଦା ଏହାହିଁ ଡାକୁଥିଲା । ଅତନୁ ସୁଧାନ ଓ ତନୁଶ୍ରୀ ଭିତରୁ କାହାକୁ ବାଛିବ, ସେ ବହୁଦିନ ଧରି ଦ୍ୱନ୍ଦ୍ୱରେ ପଡ଼ିଥିଲା । ତୁମେ ଯେଉଁ ଆଶଙ୍କା କରୁ ନଥିଲ ଫାଦର, ତନୁଶ୍ରୀ ଏହି ଆମେରିକୀୟ ସମାଜ ଭିତରେ କେମିତି ଚଳିପାରିବ, ସେ ଆଶଙ୍କା ସମ୍ଭବତଃ ପୁଅର ବି ଥିଲା । ଯାହା ହେଉ ବହୁ ଚିନ୍ତା ଓ ଆଲୋଚନା ପରେ ସେ ଯେଉଁ ସିଦ୍ଧାନ୍ତ ନେଇଛି, ମୋ ମତରେ ତାହା ଖୁବ୍ ଠିକ୍ ହୋଇଛି ଓ ଆମର ସେହି ସିଦ୍ଧାନ୍ତକୁ ସମ୍ମାନଦେବା କଥା ।

□□□

Digitized by srujanika@gmail.com

ଚ୍ୟର

ଅତନୁର ଇଚ୍ଛା, ତାର ବାହାଘର ପୂରାପୂରି ଭାରତୀୟ ରୀତିରେ ହେବ । ଆମେରିକାନମାନେ ଭାରତ ବିଷୟରେ ଏତେ ଅଜ୍ଞ, ସେମାନେ ନିଜ ଆଖିରେ ଦେଖନ୍ତୁ, ଭାରତର ରୀତିନୀତି ସଂସ୍କୃତି କେତେ ହୃଦୟଗ୍ରାହୀ । ଭାରତର ପ୍ରତ୍ୟେକ ବିଷୟରେ ଏକ ନିଜସ୍ୱ ଚିନ୍ତାଧାରା ରହିଛି । ସେ ଆଜିକାଲିକାର ବହୁଦେଶ ଭଳି ଅନ୍ୟର ଗୋଡ଼ାଣିଆ ନୁହେଁ । ସେ ଫାଦରଙ୍କୁ କହି ଦେଇଥିଲା, ତା' ବିଭାଘର ପୂରାପୂରି ଭାରତୀୟ ରୀତିରେ ହେବା ଦରକାର । ତାର ନିଜର ଯେତେ ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ, କନ୍ୟାଘରର ଜ୍ଞାତିକୁଟୁମ୍ବ ଯେତେ ଭାରତରେ ଅଛନ୍ତି, ସମସ୍ତଙ୍କୁ ଆଣିବାକୁ ପଡ଼ିବ ଆମେରିକାକୁ । ବିଭାଘର ପାଇଁ ବ୍ରାହ୍ମଣ, ଜ୍ୟୋତିଷ, ଭଣ୍ଡାରୀ ଶଙ୍ଖୁଆଠାରୁ ଆରମ୍ଭକରି ବିଭାଘର ସହିତ ସଂପୃକ୍ତ ସମସ୍ତେ ଯେମିତି ଆମେରିକା ଆସନ୍ତି, ତହିଁର ତଦବିର କରିବ ପାଇଁ ବାପାଙ୍କୁ ଅତନୁ କହିଦେଇଥାଏ । ବିଭାଘର ଭୋଜି ଭାରତୀୟ ରୀତିରେ ହେବ ବୋଲି ଭୋଜି ରାନ୍ଧିବା ପାଇଁ ରାନ୍ଧୁଣିଆମାନେ ଭାରତରୁ ଆସିବେ । ଯେଉଁ ଖାଦ୍ୟ ପଦାର୍ଥ ଆମେରିକାରେ ମିଳେନି, ସେସବୁ ଭାରତରୁ ଆମେରିକା ଆସିବ । ତାଛଡ଼ା ବିଭାଘର ପାଇଁ ଯାବତୀୟ ପଦାର୍ଥ ଦୂବ, ବରକୋଳିପତ୍ର, ଆମ୍ବଡାଳଠାରୁ ବିବାହମୁକୁଟ, ପଇଡ଼ ମସିଣା ପର୍ଯ୍ୟନ୍ତ ସବୁ ଭାରତରୁ ଆସିବ । ପୁଅର ଏଭଳି ଜିଦ୍ ଦେଖି ଡକ୍ଟର ପଟ୍ଟନାୟକ ଧନେ ଏକ ତାଲିକା କରିବାରେ ଲାଗିପଡ଼ିଲେ । ନିଜ ବାହାଘରରେ ଯାହାସବୁ କରାଯାଇ ନଥିଲା, ପୁଅ ବାହାଘରରେ ଯେମିତି ସେସବୁ ହୁଏ ସେଥିପ୍ରତି ତାଙ୍କର ପ୍ରଗାଢ଼ ଚେଷ୍ଟା । ଆଶଙ୍କା, କାଳେ ପୁଅ ଜାଣିପାରିବ, ବାପା ତା ବିଭାଘରରେ କେଉଁଠି କିଛି ଊଣା କରିଦେଲେ, ମନକଷ୍ଟ କରିବ । ଏହି ଭୟରେ ସେ ସବୁକିଛି ଭାବିଚିନ୍ତି ତାଲିକା କରୁଥାନ୍ତି । ଏତେଗୁଡ଼ାଏ ଲୋକ, ଏତେ ଜିନିଷ ଭାରତରୁ ଆମେରିକା ଆଣିବା କେତେ ଖର୍ଚ୍ଚାନ୍ତଜନକ, ପୁଅ ଜାଣି ମଧ୍ୟ ଏଥିପାଇଁ ତାର ଅଗ୍ରହ ଥିବାରୁ ସେ କୌଣସିଟିକୁ ବାଦ୍ ଦେବାକୁ ଚାହୁଁ ନଥାନ୍ତି ।

ବିଭାଘର ସମ୍ପର୍କୀୟ ବିରାଟ ବ୍ୟୟକଥା ଚିନ୍ତାକରି ବେଳେବେଳେ ଡକ୍ଟର ପଟ୍ଟନାୟକ ଅପ୍ରସ୍ତୁତ ହୋଇ ପଡ଼ୁଥାନ୍ତି । ବେଳେବେଳେ ଭାବୁଥାନ୍ତି, ଫାଦରଙ୍କୁ ପଚାରି ଏହାର କିଛି କାଟଛାଣ୍ଟ କରିବାକୁ । ଫାଦର ବି ପୁଅ କଥାରେ ମାତିଯାଇଥାନ୍ତି । ପୁଅଭଳି ଫାଦରଙ୍କର ଭାରି ଝୁଙ୍କ, ଠିକ୍ ଭାରତୀୟ ରୀତିରେ ବିଭାଘର ହେବ । ଭାରତରେ ବିଭାଘର ହୋଇଥିଲେ ଯେମିତି ହୋଇଥାନ୍ତା, ଆମେରିକାରେ ହେଲେ ବି ଠିକ୍ ଯେମିତି ହେବ । ଫାଦର ତ ଭାରତୀୟ ବିଭାଘର କଥା ଜାଣିନାହାନ୍ତି । ଏ ବିଭାଘର ହେଲେ କେତେ ଲୋକଙ୍କ ସହଯୋଗ ଦରକାର ପଡ଼େ, ତାଙ୍କର ଧାରଣା ନାହିଁ । ଏତେଗୁଡ଼ାଏ ଲୋକଙ୍କୁ ଆମେରିକା ଆଣି ବିଭାଘର

Digitized by srujanika@gmail.com

ପରେ ଭାରତକୁ ପୁଣି ଫେରାଇନେବା କେତେ ବ୍ୟୟସାପେକ୍ଷ—ଫାଦରଙ୍କର ଧାରଣା ଆସିବ କୁଆଡ଼ୁ ?

ତନେ ଡକ୍ଟର ପଟ୍ଟନାୟକ ଫାଦରଙ୍କୁ ଡାକି କହିଲେ, "ପୁଅ କଥାରେ ତ ଫାଦର ମାତିଯାଇଛ । ଠିକ୍ ଭାରତୀୟ ଘରେ ବାହାଘର କଲେ କେତେ କଷ୍ଟ, ପୁଣି କେତେ ଖରଚ, ସେ ଆଡ଼କୁ ଧାରଣା ଅଛି ତ ? ଏ ଦେଶରେ ଏତେଗୁଡ଼ାଏ ଅର୍ଥ ବ୍ୟୟକରିବା କ'ଣ ଉଚିତ ହେବ ?

ହସିଲେ ଫାଦର, "ପୁଅକୁ ଏତେ ଦୁଃସ୍ଥ ବୋଲି ଭାବନ୍ତି ଡକ୍ଟର ପଟ୍ଟନାୟକ ! ତା ବାହାଘରରେ କ'ଣ ବା ଖରଚ ହେବ, ସେଥିପାଇଁ ଆମେ ସେଥିରେ କାର୍ପଣ୍ୟ କରିବା ? ପୁଅ ଯେମିତି ଚାହୁଁଛି, ଆମର ସେମିତି କରିବା ଦରକାର । ତୁମର ତ ଚିନ୍ତା ଭାରତରୁ ଏତେ ଗୁଡ଼ାଏ ଲୋକ କେମିତି ଆସିବେ ? ଏତେ ଜିନିଷପତ୍ର କେମିତି ଆସିବ ? ତୁମେ ଏ ଦେଶରେ ଯେଉଁ ବିରାଟ ଖରଚହେବ, ସେକଥା ଭାବି ସମ୍ଭବତଃ ପଛେଇ ଯାଉଛ । ପୁଅର କ'ଣ ସେତିକି ଖରଚ କରିବାକୁ ଶକ୍ତି ନାହିଁ ?

ଦୁଇ ଦୁଇଥର ପରେ ପାନ୍ ଆମେରିକାନ କମ୍ପାନୀର ଚେୟାରମେନ ପୁଅ ବାହାଘର କଥା ଶୁଣି ମୋତେ ଦେଖାକରିଗଲେଣି । ପୁଅ ଚେୟାରମେନଙ୍କ ବଡ଼ପୁଅର କର୍କଟରୋଗ ଅପରେସନ କରି ତା ଜୀବନରକ୍ଷା କରିଥିବାରୁ ଚେୟାରମେନ ଅତନୁ ପ୍ରତି ଅତ୍ୟଧିକ କୃତଜ୍ଞ । ସେଥିପାଇଁ ପୁଅକୁ କଣ ଉପହାର ଦେବେ ଭାବି ଭାବି ଠିକ୍ କରିପାରୁ ନଥାନ୍ତି । ପୁଅକୁ କିଛି ଉପହାର ଦେବାକଥା କହିଲେ ପୁଅ ଏଣୁତେଣୁ କହି ବାଆଁରେଇ ଦିଏ, ମୋତେ ଧରିଚୁଆଁ ଦିଏନା । ପୁଅ ବାହାଘର କଥାଶୁଣି ଦୁଇଦିନ ତଳେ ମୋ ପାଖରେ ଆସି ହାଜର । ସେମାନଙ୍କ ମନଦୁଃଖ, ସେ ଯାହା କିଛି ଦେବାକୁ ଚାହିଁଲେହେଁ ପୁଅ ନେବାକୁ ପୂରାପୂରି ଅମଙ୍ଗ । ପୁଅ ବାହାଘର ଯୋଜନା ମୋଠାରୁ ଶୁଣି କହିଦେଇଯାଇଛନ୍ତି, ବାହାଘର ପାଇଁ ଭାରତରୁ ଯେତେ ଲୋକ, ଯେତେ ଜିନିଷପତ୍ର ଆଣିବା ଦରକାର ପଡ଼ିବ ତାଙ୍କର ଗୋଟାଏ ସ୍ପେଶାଲ୍ ଏରୋପ୍ଲେନ୍ କଲିକତା ଯାଇ ସେଠାରୁ ସମସ୍ତ ଲୋକ ଓ ଜିନିଷପତ୍ର ଆମେରିକାକୁ ବୋହିଆଣିବ । ଏଥିପାଇଁ ଆମକୁ ପଇସାଟିଏ ଦେବାକୁ ପଡ଼ିବନାହିଁ । ଖାଲି ଯଥାସମୟରେ ସେମାନଙ୍କୁ ଖବର ଦେଲେ ହେଲା । ପାନ୍ ଆମେରିକାନ କମ୍ପାନୀର ଚେୟାରମେନଙ୍କ ଏ ଅନୁରୋଧ କଥା ପୁଅକୁ କହିନାହିଁ, ପୁଅକାଲେ ଅମଙ୍ଗ ହେବ । ଭଲ ବେଳ ଦେଖି ବୁଝାଇଦେଲେ ପିଲାଟା ବୁଝିଯିବ । ଆମକୁ ଗୋଟିଏ କେତେ ବଡ଼ ଚିନ୍ତାରୁ ମୁକ୍ତି ମିଳିବ କୁହ ତ । ତାଙ୍କର ବିରାଟ ବୋଇଙ୍ଗ ଜେଟ ବିମାନରେ ଥରକେ କ'ଣ କମ୍ ଲୋକ ଓ ମାଲପତ୍ର ଆସିପାରିବ ? ତୁମ ତାଲିକାରୁ ମୁଁ ଯାହା ଅନୁମାନ କରିନେଲିଣି, ଗୋଟିଏ ଥରରେ ତାଙ୍କ ଜେଟ ଜାହାଜ ବୋଇଙ୍ଗ-୭୪୭ ସବୁକିଛି ଭାରତରୁ ବୋହି ନେଇଆସିବ ।

ଫାଦରଙ୍କ ଯୋଜନା ଶୁଣି ଡାକ୍ତର ପଟ୍ଟନାୟକ ଖରଚ ପାଇଁ ଯାହାକିଛି ପଚାରୁଥିଲେ, ଏଥର ଆଉ ପଚାରିବା ଦରକାର ନାହିଁ । ପୁଅ ଯେଉଁଭଳି ଭାବରେ ଚାହୁଁଛି ତା'ଠାରୁ ଅଧିକ

Digitized by srujanika@gmail.com

ଜାକଜମକରେ କଲେ କ୍ଷତି କଅଣ ? ଆମେରିକାନମାନେ ଦେଖନ୍ତୁ, ଭାରତୀୟ ବାହାଘର କେମିତି ହୁଏ । ଭାରତୀୟ ବାହାଘରର ଜାକଜମକ ସାଜସଜ୍ଜା ଦେଖିଲେ ସେମାନେ ଜାଣିପାରିବେ ଭାରତ ବର୍ତ୍ତମାନ ପାଇଁ ଏକ ଦରିଦ୍ର ଦେଶ ହେଲେହେଁ ଏହାର ଏକ ମହାନ୍ ପରମ୍ପରା ଅଛି, ଏହାର ଏକ ଉଚ୍ଚ କୋଟୀର ସଂସ୍କୃତି ଅଛି ।

ବାହାଘର ହେବାକୁ ପ୍ରାୟ ସାତଦିନ ଅଛି । ଭାରତରୁ ଉତ୍କଳ ପଟ୍ଟନାୟକଙ୍କ ବନ୍ଧୁବାନ୍ଧବ ଜ୍ଞାତି-କୁଟୁମ୍ବ ସବୁ ଆମେରିକା ଚାଲିଆସିଲେ । କନ୍ୟାଘର ପକ୍ଷ ଓ ତାଙ୍କ ଜ୍ଞାତି କୁଟୁମ୍ବ ମଧ୍ୟ ସେମାନଙ୍କ ସହିତ ଆମେରିକା ଚାଲିଆସିଲେ । ଭାରତରୁ ବ୍ରାହ୍ମଣ ପୁରୋହିତ, ଜ୍ୟୋତିଷଠାରୁ ଆରମ୍ଭକରି ବାଜାବାଲା ପର୍ଯ୍ୟନ୍ତ ସମସ୍ତେ ସାତଦିନ ଆଗରୁ ଆମେରିକାରେ ପହଞ୍ଚିଗଲେ । ବାହାଘର ପାଇଁ ଯାହା ଯାହା ଦରକାର, ଭୋଜିଭାତ ପାଇଁ ଯାହା ଯାହା ଆମେରିକାରେ ମିଳୁ ନଥିବା ଖାଦ୍ୟପଦାର୍ଥ ଦରକାର, ସେସବୁ ଭାରତରୁ ଆସି ଫାଦରଙ୍କ ଘରେ ମହଜୁଦ ହୋଇଯାଇଛି । ଉତ୍କଳ ପଟ୍ଟନାୟକଙ୍କ ବଡ଼ଭାଇ, ଭାଉଜ, ପୁତୁରା ଝିଅମାନେ ଆସି ଆମେରିକାରେ ଭିଡ଼ ଜମାଇଦେଲେଣି । ଆମେରିକାକୁ ଉଡ଼ାଜାହାଜରେ ଆସିବାକୁ କାହାର ବା ମନ ନ ହେବ ? ଭାଗ୍ୟରେ ନଥିଲେ, ଏଭଳି ଦେଶ କ'ଣ ସହଜରେ ଦେଖିହୁଏ ?

କନ୍ୟା ଓ କନ୍ୟାଘରର ସମସ୍ତେ ତାଙ୍କ ଘରଠାରୁ ଦୁଇ ତିନି ମାଇଲ ଦୂରରେ ଖାଲି ପଡ଼ିଥିବା ଅତନୁର ଏକ ବନ୍ଧୁଙ୍କ ଘରେ ରହିଥାଆନ୍ତି । ଅତନୁଙ୍କ ବନ୍ଧୁ କାଉନ୍ସେଲରଙ୍କ ଛୁଟି କାଲିଫର୍ଣ୍ଣିଆ ଚାଲିଯାଇ ଥିବାରୁ ତାଙ୍କ ଘରଟି ଖାଲି ପଡ଼ିଥାଏ । ଅତନୁର ଅନୁରୋଧରେ ବାହାଘର ପାଇଁ ସେ ସେହି ଘରଟିକୁ ଛାଡ଼ିଦେଇଥାଆନ୍ତି । ସେହି ଘରେ କନ୍ୟା ଘରର ସମସ୍ତେ ରହିଥାଆନ୍ତି । ବାହାଘର ସେହି ଘରେ ହେବା ସ୍ଥିର ହୋଇଥାଏ । ଉତ୍କଳ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବାହାଘର ପାଇଁ ସମସ୍ତ ସାଜସଜ୍ଜା ଆରମ୍ଭ ହୋଇ ଯାଇଥାଏ । ଆଲୋକ-ସଜ୍ଜାଠାରୁ ଆରମ୍ଭକରି ଅନ୍ୟାନ୍ୟ ସାଜସଜ୍ଜା କେମିତି ହେବ, ଉତ୍କଳ ପଟ୍ଟନାୟକ ତାହାର ଏକ ରୂପରେଖ ଜଣେ ଆମେରିକାନ କଣ୍ଟ୍ରାକ୍ଟରଙ୍କୁ ଦେଇଥାଆନ୍ତି । ବେଦି କେମିତି ତିଆରି ହେବ ବେଦିର ସାଜସଜ୍ଜା କେମିତି ହେବ, ଉତ୍କଳ ପଟ୍ଟନାୟକ ସେ ସବୁର ଯୋଜନା ନିଜେ କରିଥାଆନ୍ତି ।

ଉତ୍କଳ ପଟ୍ଟନାୟକଙ୍କ ବଡ଼ଭାଇ ସଙ୍ଗରେ ଆସିଥିବା ଜ୍ୟୋତିଷଙ୍କୁ ଡକାଇ ବାହାଘର ଦିନ ହାତଗଣ୍ଠି ସମୟ ସବୁ ଗଣନା କରାଇନେଲେ । ଗଣନା କରୁକରୁ ପୁଅ ଝିଅଙ୍କର ଜାତକ କେମିତି ମିଳୁଛି ନପଚାରି ରହିପାରିଲେନି । ଅତନୁ ଭାରତରେ ଜନ୍ମି ଏଠାରେ ଲାଳିତପାଳିତ ହୋଇଥିବାରୁ ତା'ର ଜାତକ ତିଆରି ହୋଇ ନଥାଏ । ଉତ୍କଳ ପଟ୍ଟନାୟକଙ୍କ ବଡ଼ଭାଇ ଜ୍ୟୋତିଷଙ୍କୁ ଡକାଇ ପ୍ରଥମେ ଅତନୁର ଗୋଟିଏ ଜାତକ କରାଇନେଲେ । ଝିଅ ଜାତକ ଓ ପୁଅ ଜାତକ ମିଳାଇଲାରୁ ଦେଖାଗଲା ଯେ, ରାଜଯୋଟକ ହୋଇଛି । ଯେତେବେଳେ ଜ୍ୟୋତିଷ ଜାତକ ମିଳାଉଥିଲେ, ସେଠାରେ ଉତ୍କଳ ପଟ୍ଟନାୟକଙ୍କ ବଡ଼ଭାଇ ବ୍ୟତୀତ ଉତ୍କଳ ପଟ୍ଟନାୟକ ଓ ଫାଦର ମଧ୍ୟ ଉପସ୍ଥିତ ଥିଲେ । ଏ ଜାତକମେଳା କାରବାର କ'ଣ ଫାଦର ବୁଝିପାରୁ ନଥାନ୍ତି ।

Digitized by srujanika@gmail.com

ଜାତକ ଦୁଇଟି ଅନ୍ୟ ସବୁ ଦୃଷ୍ଟିରୁ କେମିତି ମିଳୁଛି ପଗ୍ଭରିବାରୁ ଜ୍ୟୋତିଷୀ ମହାଶୟ କହିଲେ ''ଆଜ୍ଞା ଏ ଖାଲି ରାଜଯୋଟକ ନୁହେଁ; ଏମିତି ଜାତକମିଳା ଲକ୍ଷେକରେ ଗୋଟିଏ ମିଳେ କି ନାହିଁ ସନ୍ଦେହ । କଥିତ ଅଛି ରାମଚନ୍ଦ୍ର ଓ ସୀତାଙ୍କର ଜାତକ ଠିକ୍ ଏହିଭଳି ଭାବରେ ମିଳିଥିଲା । ରାଜଯୋଟକ ତ ଢେର୍ ହେଉଛି; ହେଲେ ଏଭଳି ରାଜଯୋଟକ କୋଟିକରେ ଗୋଟିଏ ହୁଏ କି ନାହିଁ ସନ୍ଦେହ ।''

''କ'ଣ ଜ୍ୟୋତିଷେ, ରାମଚନ୍ଦ୍ର ଓ ସୀତାଙ୍କ ଜାତକ କ'ଣ ଏଭଳି ଭାବରେ ମିଳିଥିଲା ? ଡକ୍ଟର ପଟ୍ଟନାୟକ ବସି ଶୁଣୁଶୁଣୁ ପଗ୍ଭରିଲେ ।''

''ହଁ, ଆଜ୍ଞା, ଶାସ୍ତ୍ର ତ କହୁଛି ।''

''ରାମଚନ୍ଦ୍ର ପରା ସ୍ୱୟମ୍ବରରେ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲେ । ତାଙ୍କର ପୁଣି ଜାତକ ମିଳା ହେଲା କେତେବେଳେ ?''

ରାମଚନ୍ଦ୍ର ସୀତାଙ୍କୁ ଧରି ଯେତେବେଳେ ଅଯୋଧ୍ୟାରେ ପହଞ୍ଚିଲେ, ରାଜା ଦଶରଥ ନିଜ ନଅରରେ ରାମଚନ୍ଦ୍ର ଓ ସୀତାଙ୍କର ଏକ ବାହାଘର ବୈଦିକ ରୀତିରେ କରାଇଥିଲେ । ବାହାଘର ପୂର୍ବରୁ ସେ ଜ୍ୟୋତିଷ ଦ୍ୱାରା ଉଭୟଙ୍କ ଜାତକ ମିଳାଇଥିଲେ । ଏହା ପୁଣି ରାଜ-ଯୋଟକ ହୋଇଥିଲା ।''

''କ'ଣ, ଜ୍ୟୋତିଷେ ରାଜଯୋଟକ ହୋଇ ତ ସୀତା ରାମଚନ୍ଦ୍ରଙ୍କଠାରୁ ଅଲଗା ହୋଇ ଲଙ୍କାରେ ବନ୍ଦିନୀ ହୋଇ ରହିଲେ କେତେ ଦିନ । ରାବଣର ମୃତ୍ୟୁପରେ ଘରକୁ ଆସିଚନ୍ତି କି ନାହିଁ ଲୋକ ଅପବାଦରେ ବଣକୁ ଗଲେ । ସୀତା ଏମିତି କି ଗାର୍ହସ୍ଥ୍ୟ ସୁଖ ପାଇଥିଲେ ଯେ ତୁମେ ତାକୁ ଆଦର୍ଶ ବିବାହ ବୋଲି କହୁଛ ? ରାଜଯୋଟକରେ ବରକନ୍ୟା ଯେଉଁ ସୁଖରେ ରହିବାକଥା, ତାହା କ'ଣ ଏଇଆ ? ପୁଅର ବାହାଘର ଯଦି ରାମଚନ୍ଦ୍ରଙ୍କର ବାହାଘର ଭଳି ହେବ, ତେବେ ଆମ ସମସ୍ତଙ୍କର ଦୁଃଖ ବଢ଼ିଯିବ ଜ୍ୟୋତିଷେ, କମିବ ନାହିଁ ।

''ସୀତା, ରାମଚନ୍ଦ୍ରଙ୍କ ଜାତକ ଛାଡ଼ି ଆଉ କାହା ଜାତକ ସହିତ ଏ ଜାତକ ମିଳଯାଉଛି କହିଲ ?'' ଡକ୍ଟର ପଟ୍ଟନାୟକଙ୍କ ବଡ଼ଭାଇ ପଗ୍ଭରିଲେ ।

''ରାବଣ, ମନ୍ଦୋଦରୀଙ୍କ ଜାତକ ଠିକ୍ ଏମିତି ମିଳିଥିଲା ଆଜ୍ଞା ।''

''କାହିଁକି ସେକଥା କହୁଛ ଜ୍ୟୋତିଷେ ! ରାବଣର ସ୍ତ୍ରୀ ମନ୍ଦୋଦରୀ ତ ନିଜର ସ୍ତ୍ରୀ ନ ଥିଲା । ତାକୁ ରାବଣ ଜୋର ଜବରଦସ୍ତି ଆଣି ନିଜ ରାଣୀ କରି ରଖିଲା । ରାବଣର ତ ପୁଣି ବହୁତ ରାଣୀ । ଏତେ ରାଣୀ ଥାଉଁଥାଉଁ ସେ ପୁଣି ସୀତାଙ୍କଠାରେ ମନ ବଳାଇଲା । ରାବଣର ଏମିତି ମତିଗତି ଦେଖି ମନ୍ଦୋଦରୀ ଯେଉଁ ସୁଖରେ ଥିବେ, ସେକଥା ଛାଡ଼ । ପୁଅ-ବୋହୂଙ୍କ ଜାତକ ମିଳା ଯଦି ରାବଣ-ମନ୍ଦୋଦରୀଙ୍କ ଜାତକ ମେଳ ସହିତ ସମାନ ହେଲା, ମନରେ ଆନନ୍ଦ ହେବା ତ ଦୂରର କଥା, ଦୁଃଖହିଁ ସାର ହେବ । ମୋ ପୁଅ-ବୋହୂ ରାମ-ସୀତା କି ରାବଣ-ମନ୍ଦୋଦରୀଙ୍କଠାରୁ ଅଧିକ ସୁଖରେ ରହିବେ କି ନାହିଁ, ଭଲଭାବରେ ଗଣନା କରି ଦେଖିଲ ?'' ଡକ୍ଟର ପଟ୍ଟନାୟକ କହିଲେ ।

Digitized by srujanika@gmail.com

ଏଭଳି ଏକ ଆଲୋଚନା ଫାଦରଙ୍କୁ ବଡ଼ ଅଡୁଆ ଅଡୁଆ ଲାଗୁଥାଏ । ଚଟାଣ ଉପରେ ଗାର କାଟି ଏ ଭାରତୀୟ ଜଣକ କ'ଣ କରୁଛନ୍ତି, ସେ ବୁଝିପାରୁ ନଥାନ୍ତି । ଏତେ ଲୋକ ତାଙ୍କୁ ଘେରିପଡ଼ି ସେଠି କ'ଣ ପଚାରୁଛନ୍ତି, ସେ ଜାଣିବାକୁ ଚାହିଁଲେ । ଫାଦରଙ୍କର ଜାଣିବାପାଇଁ ଅଧୀର ହେବା ଦେଖି ଡକ୍ଟର ପଟ୍ଟନାୟକ ବୁଝାଇଦେଲେ । ଜାତକ କଅଣ, ଏହା କିପରି ମିଳାଯାଏ, ସେସବୁ ବିଶଦ ଭାବରେ ବୁଝାଇବାକୁ ଭୁଲିଲେ ନାହିଁ— "ଆମେରିକାରେ ଶହ ଶହ ଝିଅଙ୍କ ପ୍ରଶ୍ନାବଳୀ ଉତ୍ତର ସହିତ ପୁଅର ଉତ୍ତରକୁ ମିଳାଇ କମ୍ପ୍ୟୁଟର ଯେମିତି ପୁଅପାଇଁ କନ୍ୟା ବାଛେ, ଭାରତରେ ପ୍ରଶ୍ନାବଳୀ ପରିବର୍ତ୍ତେ ପୁଅ ଓ ଝିଅର ଜାତକ ମିଳାଇ ଜ୍ୟୋତିଷ ପୁଅ ଝିଅଙ୍କ ବିଭାଘର ଠିକ୍ କରେ ।" ଫାଦର ଡକ୍ଟର ପଟ୍ଟନାୟକଙ୍କଠାରୁ ଏସବୁ ଟିକିନିଖି ବୁଝିଲେ । ସିନା ବୁଝିଲେ ସତ; କିନ୍ତୁ ରାଜଯୋଟକ କ'ଣ ବୁଝିପାରିଲେନି ।

ଡକ୍ଟର ପଟ୍ଟନାୟକ ବୁଝାଇଦେଲେ ଏହା ଏକ ଆଦର୍ଶ ମିଳନ । ପୁଅ ବୋହୂ ଜୀବନସାରା ସୁଖରେ ମିଳିମିଶି ରହିବେ ବୋଲି ଜାତକ-ମିଳାରୁ ଏହି ଭବିଷ୍ୟତବାଣୀ କରାଯାଇଥାଏ ।

"ଆଁ, ଏମିତି ?" ଫାଦର ଖୁସିହୋଇ କହିପକାଇଲେ—"ତା'ହେଲେ ଆମ ପୁଅବୋହୂ ଖୁବ୍ ଆନନ୍ଦରେ ଘର-ସଂସାର କରି ରହିବେ ? ବେଶ୍ ଭଲ ହେଲା । ଏମିତି ଗୋଟିଏ ସଂସ୍ଥା ଭାରତବର୍ଷରେ ଥାଇ ଥାଇ ତାହା ସାହାଯ୍ୟରେ କନ୍ୟା ନ ବାଛି, ଆମେ କମ୍ପ୍ୟୁଟର ସାହାଯ୍ୟ କାହିଁକି ନେଉଥିଲେ ? ତୁମେ ତ ମୋତେ ଏକଥା କହିପାରିଥାନ୍ତ ଡକ୍ଟର ପଟ୍ଟନାୟକ ! ହଁ ଗୋଟିଏ କଥା ଡକ୍ଟର ପଟ୍ଟନାୟକ, ଭୁଲିଗଲି ପଚାରିବାକୁ । ଏହି ଜ୍ୟୋତିଷ ଶାସ୍ତ୍ରରେ ଗ୍ରହନକ୍ଷତ୍ରମାନଙ୍କର ଯେଉଁ ପ୍ରଭାବ ମଣିଷ ଉପରେ ରହିଛି ବୋଲି ଏହି ପଣ୍ଡିତ ମହାଶୟ କହୁଛନ୍ତି, ତାହା କ'ଣ ପ୍ରକୃତରେ ସତ ?"

ଡକ୍ଟର ପଟ୍ଟନାୟକ ଉତ୍ତର ଦେବାପୂର୍ବରୁ ଜ୍ୟୋତିଷ ମହାଶୟ କହିପକାଇଲେ, "ନିଶ୍ଚୟ ଆଜ୍ଞା, ଏଥିରେ କ'ଣ ସନ୍ଦେହ କରିବାର ଅଛି ? ଗ୍ରହ ଉପଗ୍ରହମାନଙ୍କ ପ୍ରଭାବ କ'ଣ ନଥିବ ? ଚନ୍ଦ୍ରଙ୍କର ଆକର୍ଷଣ ଫଳରେ ସମୁଦ୍ରରେ ଯେତେବେଳେ ଜୁଆର ଉଠୁଛି, ମଣିଷମାନଙ୍କ ଉପରେ କେମିତି ପ୍ରଭାବ ନଥିବ ? ଚନ୍ଦ୍ର ଯଦି ପୃଥିବୀପୃଷ୍ଠର ବିରାଟ ସମୁଦ୍ରର ଜଳରାଶିକୁ ଆକର୍ଷଣ କରିପାରିଲା, ସାତ ଚାଖଣ୍ଡ ଲମ୍ବ ଚୁର ମଣିଷଗୁଡ଼ାକଙ୍କ ଭାଗ୍ୟକୁ କ'ଣ ପ୍ରଭାବିତ କରିପାରିବନି । ଜ୍ୟୋତିଷଶାସ୍ତ୍ରର ସ୍ରଷ୍ଟା ଭଗବାନ ବ୍ରହ୍ମା ପରା ସ୍ୱମୁଖରେ ଏହା କହିଛନ୍ତି । ଗ୍ରହନକ୍ଷତ୍ରମାନଙ୍କର ଶୁଭାଶୁଭ ଫଳ ପ୍ରଦାନରେ ମଣିଷସମାଜରେ ସୁଖ-ଅସୁଖର ଉଦ୍ରେକ ହୋଇଥାଏ । ଏହା ପରା ଆଜ୍ଞା ବେଦବାଣୀ ! ଏହା କ'ଣ କେବେ ଅନ୍ୟଥା ହୋଇପାରେ ।"

ହସିଲେ ଡକ୍ଟର ପଟ୍ଟନାୟକ, "ଥାଉ ଥାଉ, ପଣ୍ଡିତ ମହାଶୟ ! ଫାଦର ସେସବୁ କିଛି ଜାଣିବାକୁ ଚାହୁଁନାହାନ୍ତି । ମଣିଷ ଉପରେ ଗ୍ରହନକ୍ଷତ୍ରମାନଙ୍କର ପ୍ରକୃତରେ ପ୍ରଭାବ ଅଛି କି କଅଣ, ତାହାର ବୈଜ୍ଞାନିକ ପ୍ରମାଣ ସେ ଚାହୁଁଛନ୍ତି ।"

Digitized by srujanika@gmail.com

ଫାଦରଙ୍କ ଆଡ଼କୁ ଅନାଇ କହିଲେ "ନାହିଁ ଫାଦର ! ମଣିଷ ଉପରେ ଗ୍ରହନକ୍ଷତ୍ର-ମାନଙ୍କର କିଛି ପ୍ରଭାବ ଅଛି କି କଅଣ, ସେମିତି କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ତେବେ ବହୁ ପୂର୍ବକାଳରୁ ଏହି ଗଣନା ଚଳିଆସୁଥିବାରୁ ଆଜିକାଲି ମଧ୍ୟ ଭାରତରେ ବିବାହବେଳେ ବରକନ୍ୟାଙ୍କ କୋଷ୍ଠୀ ମିଳାଯାଏ । ଅବଶ୍ୟ ଭାରତରେ ବି ଧୀରେଧୀରେ ଏହାର ଲୋକପ୍ରିୟତା କମିଆସୁଛି । ଏହି ଜ୍ୟୋତିଷଶାସ୍ତ୍ରରେ ଲୋକମାନଙ୍କର ଆଉ ପୂର୍ବଭଳି ଆସ୍ଥା ନାହିଁ ।"

"ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ, ଡକ୍ଟର ପଟ୍ଟନାୟକ !" ଫାଦର କହିଲେ, "କିଛିବର୍ଷ ପୂର୍ବେ ଆମେରିକାର କେତେକ ସ୍ଥାନରେ ପ୍ରାର୍ଥୀମାନଙ୍କର କୋଷ୍ଠୀ ଗଣନାକରି ବିବାହ କରାଯାଉଥିଲା । ଏମିତି କି ଇଉରୋପର ଜର୍ମାନୀରେ ଏହି ଜ୍ୟୋତିଷଶାସ୍ତ୍ରର ପ୍ରଚଳନ ଥିଲା ଖୁବ୍ ବ୍ୟାପକ । ଲୋକେ କହନ୍ତି, ହିଟଲର ନିଜେ ଜ୍ୟୋତିଷ ଶାସ୍ତ୍ରରେ ଅତ୍ୟଧିକ ବିଶ୍ୱାସୀ ଥିଲେ । କୌଣସି ଦେଶ ଆକ୍ରମଣ କରିବାପୂର୍ବରୁ ଅବା ଯୁଦ୍ଧକ୍ଷେତ୍ରକୁ ଯିବାପୂର୍ବରୁ ସେ ଜ୍ୟୋତିଷ ଡକାଇ ଆକ୍ରମଣର ଶୁଭାଶୁଭ ଗଣନା କରି ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ କରୁଥିଲେ ।

× × × ×

ବାହାଘର ଦିନ ଯେତେ ପାଖେଇ ଆସୁଥାଏ, ଫାଦରଙ୍କ ଘରେ ବାହାଘର ତନାଘନା ସେହି ଅନୁସାରେ, ବଢ଼ି ଚାଲିଥାଏ । ଭାରତୀୟ ବାହାଘରରେ ଏତେ ଝନ୍‌ଝଟ ଫାଦରଙ୍କ ଧାରଣା ନଥାଏ । ଅମୁକେଇ ଜିନିଷ ସେଠୁ ଆସିବା ଦରକାର, ସମୁକେଇ ଜିନିଷ ନହେଲେ ନହୁଏ । ଏହିଭଳି ଦିନରାତି ଶୁଣି ଶୁଣି ସେ ପାଗଳ ହୋଇଯିବା ଉପରେ । ଅମୁକେଇ ଜାଗାକୁ ଫୋନ୍ କର, ସମୁକେଇ ଜାଗାକୁ ନ କଲେ ଚଳିବନାହିଁ । ଏହା ଦେଖି ଦେଖି ସେ ତାଟଙ୍କା । ଡକ୍ଟର ପଟ୍ଟନାୟକ ଓ ତାଙ୍କ ଭାଇଙ୍କ କେତେ ଦିନହେଲା ରାତିରେ ନିଦ ନାହିଁ ।

ଯେଉଁଦିନ ବାହାଘର ତାରିଖ, ସେଦିନ ସକାଳୁ ଡକ୍ଟର ପଟ୍ଟନାୟକଙ୍କ ଘରେ ବନାରସରୁ ଆସିଥିବା ସାହାନାଇଦଳ ତାଙ୍କ ବାଦ୍ୟ ପରିବେଷଣ ଆରମ୍ଭ କରିଦେଇଥା'ନ୍ତି । ସାହାନାଇ ବାଜିବାରୁ ଘର ଭିତରେ ଏକପ୍ରକାର ବାହାଘର ଶିହରଣ ଖେଳି ଯାଇଥାଏ । ଅତନୁ ଏଠାରୁ ବର ସାଜି ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ କନ୍ୟାଘରକୁ ଯିବ । କନ୍ୟାଘରେ ବାହାଘର ହେବ । ବାହାଘର ସରିଲେ ବରକନ୍ୟା ଉଭୟେ ଏହି ଘରକୁ ଫେରିଆସିବେ । ଏଠାରେ ଚତୁର୍ଥୀ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହେବ ।

ବରଘର ଭଳି କନ୍ୟାଘରେ ମଧ୍ୟ ବିବାହର ଧୁମ୍‌ଧାମ୍ ଆରମ୍ଭ ହୋଇଯାଇଥାଏ । ସେଠାରେ ଆଉ ଗୋଟିଏ ସାହାନାଇଦଳ ସାହାନାଇ ବଜାଇବା ଆରମ୍ଭ କରିଦେଇଥାନ୍ତି । ଉଭୟ ସ୍ଥାନରେ ଆଲୋକସଜ୍ଜା ଅତି ଉଚ୍ଚକୋଟୀର ହୋଇଥାଏ । ପାଖଆଖର ଆମେରିକାନ ପରିବାର ଏଭଳି ସାଜସଜ୍ଜା ଦେଖି ଅବାକ୍ । ନିଜ ଜ୍ଞାତି କୁଟୁମ୍ବ ଛଡ଼ା ଫାଦର, ଅତନୁ, ଡକ୍ଟର ପଟ୍ଟନାୟକଙ୍କର ଯେତେ ବନ୍ଧୁ ସାଙ୍ଗସାଥୀ ଥିଲେ, ସେମାନେ ସମସ୍ତେ ଆସି ହାଜର । ସମସ୍ତଙ୍କୁ ବରଯାତ୍ରୀରେ ଯିବାପାଇଁ ନିମନ୍ତ୍ରଣ । ଅନେକେ ଅତନୁ ଦ୍ୱାରା ବିଭିନ୍ନ ଭାବରେ ଉପକୃତ । ସେପରି କ୍ଷେତ୍ରରେ ଅତନୁର ବାହାଘରରେ ଯୋଗ ନ ଦେବେ ବା

Digitized by srujanika@gmail.com

କେମିତି ? ଶତାଧିକ ଗାଡ଼ିରେ ଭରତିହୋଇ ବରଯାତ୍ରୀମାନେ ପ୍ରୋସେସନରେ ବାହାରିଲେ । ସାହାନାଇଦଳ ବ୍ୟତୀତ ଦୁଇ ସ୍କୁଲ୍‌ର ବ୍ୟାଣ୍ଡପାର୍ଟି ଏହି ପ୍ରୋସେସନ ଆଗରେ ଥାଆନ୍ତି । ବିଭିନ୍ନ ପ୍ରକାର ଗ୍ୟାସବତି ସାହାଯ୍ୟରେ ଜଳୁଥିବା ଆଲୋକ ଝାଡ଼ ପ୍ରୋସେସନର ମହତ୍ତ୍ୱ ବଢ଼ାଇ ଦେଉଥାଏ । ଉତ୍କଳର ପଟ୍ଟନାୟକଙ୍କ ଦ୍ୱାରା ବିଶେଷ ଭାବରେ ବରାଦ କରାଯାଇ ଆମେରିକାର ବିଭିନ୍ନ ବାଣ କାରଖାନାରୁ ନାନାପ୍ରକାର ବାଣ ଅଣାଯାଇଥାଏ । ଏହି ପ୍ରୋସେସନର ଆଡ଼ମ୍ବର ଦେଖି ଆମେରିକାନ୍‌ମାନେ ତାଟଙ୍ଗା । ପ୍ରୋସେସନ ରାସ୍ତାରେ ଯାଉଥିଲା ବେଳେ ରାସ୍ତାଧାରରେ ଆମେରିକାନମାନେ ନିଜ ନିଜ ଘରୁ ବାହାରିଆସି ରାସ୍ତାରେ ଠିଆହୋଇ ଏହି ବିଚିତ୍ର ପ୍ରୋସେସନ ଦେଖୁଥାନ୍ତି । ସେଥି ସହିତ ଆତସବାଜି ଖେଳ । ଆମେରିକାର ଖ୍ରୀଷ୍ଟୀୟ ଉତ୍ସବମାନଙ୍କରେ ସରକାରଙ୍କ ପକ୍ଷରୁ ଆତସବାଜି ଖେଳ ଦେଖାଯାଏ । ବିଭାଘରରେ କେହି କେବେ ଆତସବାଜି ବ୍ୟବହାର କରିବା ସମ୍ପର୍କ ଧାରଣା ବାହାରେ । ଏହି ପ୍ରୋସେସନରେ ଆତସବାଜି ଖେଳ ଓ ପ୍ରୋସେସନର ଜାକଜମକ ଓ ସାଜସଜ୍ଜା, ବାଦ୍ୟଯନ୍ତ୍ର ସେମାନଙ୍କୁ ପୂରାପୂରି ମୂକ କରି ଦେଇଥାଏ । ସେମାନେ ଭାବିପାରୁ ନଥାନ୍ତି ପ୍ରକୃତରେ ଏସବୁ କ'ଣ ହେଉଛି ! ଏ ବିଭାଘର ନା ଆଉ କିଛି···

ସର୍ବପ୍ରଥମ ଗାଡ଼ିରେ ବର ବସିଥାଏ । ଗାଡ଼ିଟି ନାନାପ୍ରକାର ଫୁଲରେ ସଜ୍ଜିତ ହୋଇଥାଏ । ପର ପର କାରରେ ଫାଦର, ଉତ୍କଳ ପଟ୍ଟନାୟକ, ଅନ୍ୟାନ୍ୟ ବନ୍ଧୁ ବାନ୍ଧବ ଓ ବରଯାତ୍ରୀମାନେ । ଅତନୁ ଦ୍ୱାରା ବିଭିନ୍ନ ଭାବରେ ଉପକୃତ ହୋଇଥିବା ଶତାଧିକ କୋଟିପତି ଏହି ପ୍ରୋସେସନରେ ଯୋଗଦେଇଥାନ୍ତି, ଯେଉଁମାନଙ୍କ ଦେଖାପାଇବା ଅନ୍ୟ ସମୟରେ କଷ୍ଟକର ହୋଇଥାଏ । ଅତନୁର ବରବେଶ ଦେଖି ଆମେରିକାନମାନେ ତାଟଙ୍ଗା ! ଧୋତି, ପଞ୍ଜାବି, ଚଦର, ମୁହଁରେ ଚନ୍ଦନପାଟି, ଏସବୁ ଭିତରେ ଅତନୁକୁ ଚିହ୍ନିବା କଷ୍ଟକର ।

ନାନାପ୍ରକାର ଆଲୋକସଜ୍ଜା, ବାଦ୍ୟଯନ୍ତ୍ର ଓ ରୋଷଣୀ ଭିତରେ ଗତିକରି ପ୍ରୋସେସନ କନ୍ୟାଘରଠାରେ ପହଞ୍ଚିଲାବେଳକୁ ପ୍ରାୟ ଦୁଇଘଣ୍ଟା ଲାଗିଗଲା । କନ୍ୟାଘରଠାରେ ବର ଓ ବରଯାତ୍ରୀମାନେ ପହଞ୍ଚିଲାବେଳକୁ ଶଙ୍ଖ ହୁଳହୁଳିରେ ମେଦିନୀ କମ୍ପିଯାଉଥାଏ । ଫାଦର ଏସବୁ ଜାକଜମକ ଦେଖି ପୂରାପୂରି ଜଡ଼ ପାଲଟିଯାଇଥାନ୍ତି । ଏସବୁ ଗୋଟିକ ପରେ ଗୋଟିଏ କ'ଣ ହୋଇଯାଉଛି ମୋଟେ ଜାଣିପାରୁ ନଥାନ୍ତି ।

କନ୍ୟାଘରଠାରେ ବର ପହଞ୍ଚିଲା ବେଳକୁ କନ୍ୟା ପିତା, ପୁରୋହିତ, ଜ୍ୟୋତିଷମାନେ ଆସି ବରକୁ ବରଣି କରି ନେଇଗଲେ । ଘରର ସ୍ତ୍ରୀଲୋକମାନଙ୍କର ଶଙ୍ଖ ହୁଳହୁଳିରେ ଚାରିଆଡ଼ କମ୍ପି ଉଠୁଥାଏ । ବିଭାଘରର ଏଭଳି ଜାକଜମକ ଦେଖି ଆମେରିକାନମାନେ ତାଟଙ୍ଗା । ପ୍ରଥମ ବରଣି, ଦ୍ୱିତୀୟ ବରଣି, ବ୍ରାହ୍ମଣ ପୁରୋହିତମାନଙ୍କର ଶ୍ଳୋକ ଉଚ୍ଚାରଣ ଓ ଶଙ୍ଖ ହୁଳହୁଳି ଧ୍ୱନିସହ ନାନାପ୍ରକାର ବାଦ୍ୟଯନ୍ତ୍ରର ସମ୍ମିଳିତ ଶବ୍ଦ କନ୍ୟାଘରଠାରେ

Digitized by srujanika@gmail.com

ଏଭଳି ଏକ ଘଟଣା ସୃଷ୍ଟି କରିଥାଏ ଯେ ପାଖଆଖର ଲୋକେ ବୁଝିପାରୁ ନଥାନ୍ତି, ଏକଣ ହେଉଛି ।

ବରଯାତ୍ରୀମାନଙ୍କୁ ଭୂରିଭୂରି ଭାରତୀୟ ଭୋଜନରେ ଆପ୍ୟାୟିତ କରାଗଲା । ଆମେରିକାନ-ମାନେ ଭାରତୀୟମାନଙ୍କର ଏତେ ପ୍ରକାର ସୁସ୍ୱାଦୁ ଖାଦ୍ୟପଦାର୍ଥ ଦେଖି ତାଟଙ୍କା । ସବୁଯାକ ଖାଦ୍ୟପଦାର୍ଥ ସେମାନଙ୍କୁ ନୂଆ । ଏସବୁ ଖାଦ୍ୟପଦାର୍ଥ କେମିତି ଖିଆଯାଏ, ଆମେରିକାନମାନଙ୍କ ସାଙ୍ଗରେ ଥିବା ଭାରତୀୟମାନେ ବୁଝାଇ ଦେଉଥାଆନ୍ତି । ହେଲେ ଖାଇଲାବେଳେ ସେମାନଙ୍କୁ ଯେ ଅଡୁଆ ଅଡୁଆ ଲାଗୁନଥାଏ, ତା ନୁହେଁ । ରାତ୍ରି-ଭୋଜନ ପର୍ବ ଶେଷ ହେଉଁ ହେଉଁ ରାତି ଦଶଟା । ଆମେରିକାନମାନେ ଖାଇସାରି ଘରକୁ ଯିବେ କ'ଣ କୌତୂହଳୀ ହୋଇ ବାହାଘର ଦେଖିବାପାଇଁ ଜଗି ବସିଲେ । ଭାରତୀୟ ବାହାଘର କେମିତି ହୁଏ, ଆମେରିକାର ଜନସାଧାରଣଙ୍କୁ ଦେଖାଇବାପାଇଁ କେତେଗୋଟି ଟେଲିଭିଜନ କୋମ୍ପାନୀ ଟେଲିଭିଜନ ଚିତ୍ର ଉଠାଇବାପାଇଁ ବିବାହ ମଣ୍ଡପ ଚାରିପାଖରେ ନାନାପ୍ରକାର ଯନ୍ତ୍ରପାତି, ଆଲୋକ, ସାଜସରଞ୍ଜାମ ସହିତ ଭିଡ଼ ଜମାଇ ଦେଇଥାଆନ୍ତି । ସେମାନେ ବରର ପ୍ରୋସେସନ ବାହାରିବାଠାରୁ ବିବାହ ଶେଷପର୍ଯ୍ୟନ୍ତ ସବୁ କାର୍ଯ୍ୟର ଚିତ୍ର ଉଠାଇବାପାଇଁ ବ୍ୟବସ୍ଥା କରି ଆସିଥାନ୍ତି ।

ଯଥାସମୟରେ ବିବାହ କାର୍ଯ୍ୟ ଆରମ୍ଭ ହେଲା । ବାହାଘରପାଇଁ ଅତି ସୁନ୍ଦର ବେଦୀଟିଏ ତିଆରି ହୋଇଥାଏ । ନାନା ଭାବରେ ବେଦୀଟିକୁ କନ୍ୟାଘରର ଲୋକେ ସଜାଇଥାଆନ୍ତି । ଅସଂଖ୍ୟ ପ୍ରକାର ଆଲୋକବତୀର ସାଜସଜ୍ଜାରେ ବେଦୀଟି ଏକ ସ୍ୱପ୍ନପୁରୀଭଳି ପ୍ରତୀୟମାନ ହେଉଥାଏ । ବ୍ରାହ୍ମଣ, ଜ୍ୟୋତିଷ, ପୁରୋହିତଙ୍କ ବେଦମନ୍ତ୍ର ଉଚ୍ଚାରଣରେ ଚାରିପାଖ କମ୍ପି ଉଠିଲା । ସେଥି ସହିତ ସାହାନାଇର ବାଜଣା ଆହୁରି ମନୋମୁଗ୍ଧକର ହେଉଥାଏ ।

ଠିକ୍ ସମୟରେ ବରକନ୍ୟା ବେଦୀ ଉପରକୁ ଆସିଲେ । ବୈଦିକ ରୀତିରେ ବାହାଘର କାର୍ଯ୍ୟ ଆରମ୍ଭହେଲା । କନ୍ୟା, ଭାରତୀୟ ଢଙ୍ଗରେ ଓଢ଼ଣା ଉପରଣି ପକାଇ ନଇଁନଇଁ ବେଦୀଉପରକୁ ଆସିଲା । ବ୍ରାହ୍ମଣମାନେ ନାନା ମନ୍ତ୍ର ଉଚ୍ଚାରଣ କରି ବିବାହ କାର୍ଯ୍ୟ କରିବାକୁ ଲାଗିଲେ । ବିବାହପରେ ହାତଗଣ୍ଠି, ହୋମ ଆଦି ଦେଖି ଆମେରିକାନ୍‌ମାନେ ତାଟଙ୍କା । ଗୁଆଘିଅ ଢଳାଯାଇ ହୋମାଗ୍ନିକୁ ପ୍ରଜ୍ଜ୍ୱଳିତ କରାଯାଉଥାଏ । ସେଥି ସହିତ ବ୍ରାହ୍ମଣମାନଙ୍କର ବୈଦିକ ଶ୍ଲୋକୋଚ୍ଚାରଣ ଏହାର ମହତ୍ତ୍ୱକୁ ଆହୁରି ବଢ଼ାଇ ଦେଉଥାଏ । ବାହାଘର ସକାଳବେଳକୁ ରାତି ଶେଷ । ଆମେରିକାନ୍‌ମାନେ ଉଜାଗର ହୋଇ ଏହି ଭାରତୀୟ ବାହାଘର ଦେଖୁଥାନ୍ତି । ସେମାନଙ୍କୁ ଏସବୁ ପୂରାପୂରି ନୂଆ ଓ ଆନନ୍ଦଦାୟକ ବୋଧ ହେଉଥାଏ ।

ପରଦିନ ସନ୍ଧ୍ୟାବେଳକୁ ବରକନ୍ୟା ବରଯାତ୍ରୀମାନଙ୍କ ସହିତ ବରଘରକୁ ଫେରି-ଆସିଲେ । ଯେଉଁ ଜାକଜମକରେ ସେମାନେ ବାଜା ଓ ଆଲୋକସଜ୍ଜା ଭିତରେ ଯାଇଥିଲେ, ଠିକ୍ ସେହି ଜାକଜମକରେ କନ୍ୟାକୁ ଧରି ଫେରିଆସିଲେ ।

Digitized by srujanika@gmail.com

ଚତୁର୍ଥୀଦିନ ଅତନୁଘରେ ବିରାଟ ଭୋଜିର ନିମନ୍ତ୍ରଣ । ଅତନୁର ଯେତେ ବନ୍ଧୁ ବାନ୍ଧବ, ସାଙ୍ଗସାଥୀ ଆମେରିକାରେ ଖେଳାଇ ହୋଇ ରହିଥିଲେ ସେମାନେ ସମସ୍ତେ ଆସି ସେଦିନ ହାଜର । ବିଭାଘରର ଜାକଜମକଠାରୁ ଚଉଠି ଦିନର ଜାକଜମକ ଆହୁରି ବଳିଗଲା । ସେହିଭଳି ଆଲୋକସଜ୍ଜା, ବାଦ୍ୟଯନ୍ତ୍ର, ସାହାନାଇ, ଆତସବାଜି ସ୍ଥାନଟିକୁ ମୁଖରିତ କରୁଥାଏ । ଖିଆପିଆରେ ଗୃହଆଡ଼େ ପୂରିଉଠୁଥାଏ । ଜେରସି ସିଟିର ଏମିତି କେହି ଲୋକ ନାହିଁ, ଯେ ନିମନ୍ତ୍ରିତ ହୋଇ ଆସିନାହିଁ ଏଠାକୁ । ବରକନ୍ୟାଙ୍କ ପାଇଁ ଆଣିଥିବା ଅସଂଖ୍ୟ ଉପହାରରେ ଘର ଭରତି ହୋଇ ଯାଇଥାଏ ।

ଚତୁର୍ଥ ଦିନର ଭୋଜିକାର୍ଯ୍ୟ, ଖିଆପିଆ ସମାପନାନ୍ତେ ସମସ୍ତଙ୍କଠାରୁ ବିଦାୟ ନେଇ ଅତନୁ ଓ ତନୁଶ୍ରୀ ଏକ କାରରେ ନିଉୟର୍କ ଏୟାରପୋର୍ଟ ଅଭିମୁଖେ ଯାତ୍ରା କଲେ । ସେଠାରେ ରାତି ବାରଟାରେ ଧରିବେ ପାନ ଆମେରିକାନ୍ କୋମ୍ପାନୀର ଏକ ଜେଟ୍‌ବିମାନ । ସେଥିରେ ସେମାନେ ସୁଇଜରଲାଣ୍ଡର ଜେନିଭା ସହରକୁ ଯିବେ ମଧୁଚନ୍ଦ୍ରିକା ବିତାଇବାପାଇଁ । ଜେନିଭାରେ ତିନିଦିନ ରହିବାପରେ ସେମାନେ ଫେରିଆସିବେ ଆମେରିକା । ପୃଥିବୀପ୍ରସିଦ୍ଧ କୋଟିପତି ରକ୍‌ଫେଲରଙ୍କ ପରିବାରର ଜେନିଭାରେ ଯେଉଁ ବିରାଟ ପ୍ରାସାଦ ଅଛି, ଅବସର ବିନୋଦନ ପାଇଁ, ଅତନୁ ଓ ତନୁଶ୍ରୀର ମଧୁଚନ୍ଦ୍ର ଉପଭୋଗ ପାଇଁ ସେହି ପ୍ରାସାଦଟି ଛାଡ଼ି ଦିଆଯାଇଥାଏ । ରକ୍‌ଫେଲର ପ୍ରାସାଦର କର୍ମଚାରୀ, ରକ୍ଷକ ଜଗୁଆଳି, ଚାକର, ପୂଝାରି-ମାନଙ୍କୁ ନିର୍ଦ୍ଦେଶ ଯାଇଥାଏ ଏମାନଙ୍କ ଚର୍ଚ୍ଚାରେ ଯେମିତି ସାମାନ୍ୟ ମାତ୍ର ତ୍ରୁଟି ନ ହୁଏ । ରକ୍‌ଫେଲର ପରିବାରର ସଦସ୍ୟମାନଙ୍କ ପାଇଁ ଯେଉଁ ଯତ୍ନ ନିଆଯାଏ, ଏମାନଙ୍କ ପାଇଁ ଠିକ୍ ସେହି ପ୍ରକାର ଯତ୍ନରେ ଯେମିତି ହେଳା ନ ହୁଏ, ଫୋନରେ ତାଗିଦ୍ କରି ଦିଆଯାଇଥାଏ ।

Digitized by srujanika@gmail.com

ପାଞ୍ଚ

"ସ୍ନେ...ଉଠୁଛ," ଏତିକି କହି ଅତନୁଙ୍କୁ ହଲାଇଦେଲା ତନୁଶ୍ରୀ । ଅତି ସଂଶୟଚିତ୍ତରେ ଝଙ୍କାର ଥାଉଁ ଥାଉଁ ଉଠି ଗାଧୁଆପାଧୁଆ ସାରି ଚା' କରି ଆଣି ଟେବୁଲ ଉପରେ ଥୋଇ ଦେଇ ବଡ଼ ସନ୍ତର୍ପଣରେ ଡାକିଲା ସେ । ସେ ଜାଣେନି ଅତନୁ ସକାଳୁ ଉଠିବା ପୂର୍ବରୁ ବିଛଣାରେ ଶୋଇରହି ବେଡ-ଟି ଖାଏ କି କଅଣ । ରୋଷେଇଘରେ ତନୁଶ୍ରୀଙ୍କୁ ଚା' କରୁଥିବାର ଦେଖି ରକ୍‌ଫେଲର ପ୍ରାସାଦର ଚାକର-ଚାକରାଣୀମାନେ ଅବାକ୍ ! ରକଫେଲର ପରିବାରର ଅତିଥି କିଏ ହାତରେ ଚା' 'ତିଆରି' କରୁଛନ୍ତି ଦେଖି ସେମାନେ ଡରରେ ଥରିବାକୁ ଆରମ୍ଭ କଲେଣି । ମେନେଜର ଯଦି ଜାଣନ୍ତି, ତେବେ ସେମାନଙ୍କ ଚାକିରିରୁ ସଙ୍ଗେ ସଙ୍ଗେ ଛୁଟି ।

ପୃଥିବୀର ସବୁଠାରୁ ଧନଶାଳୀ ରକ୍‌ଫେଲର ପରିବାରର ଜେନିଭାରେ ଥିବା ଅବସରବିନୋଦନ ପ୍ରାସାଦ ଅତି ଆଧୁନିକ ଢଙ୍ଗରେ ଗଢ଼ା । ଚାକର ଚାକରାଣୀ, ବବୁର୍ଚ୍ଚି ଖାନ୍‌ସମା ମିଶି ତେର୍ ଗୁଡ଼ିଏ ଲୋକ ଏଠି ପୋଷା ହେଉଛନ୍ତି । ସେହି ଘରକୁ ମାସ ଦିନ ପାଇଁ ଅତିଥି ହୋଇ ଆସିଛନ୍ତି ଅତନୁ ଓ ତନୁଶ୍ରୀ । ସେମାନଙ୍କ ରହିବା ଖାଇବା ଚଳପ୍ରଚଳରେ ଯେମିତି କିଛି ଅସୁବିଧା ନ ହୁଏ, ମେନେଜରଙ୍କ ଫୋନ୍‌ରେ ଓ ଚିଠିରେ କଡ଼ା ତାଗିଦ୍ । ସେମାନଙ୍କ ଯିବା ଆସିବା ବୁଲାବୁଲି ପାଇଁ ପ୍ରାସାଦର ଗାଡ଼ି, ବୋଟ୍ ଆଦି ସବୁକିଛି ଛାଡ଼ି ଦିଆଯାଇଥାଏ ।

ଜେନିଭାରେ ରକ୍‌ଫେଲର ପ୍ରାସାଦଟି ସବୁଠାରୁ ସୁନ୍ଦର । ଜେନିଭା ହ୍ରଦର ନୀଳ ଜଳ-ରାଶିକୁ ଲାଗିଛି ପ୍ରାସାଦ ସମ୍ମୁଖସ୍ଥ ଉଦ୍ୟାନଟି । ପ୍ରାସାଦର ପଛ ଭାଗରେ ବିରାଟ ଉପବନ । ଉଦ୍ୟାନଟିରେ ଅସଂଖ୍ୟ କୃତ୍ରିମ ଝରଣା ଆକାଶକୁ ଜଳ ଉତ୍କ୍ଷେପଣରେ ବ୍ୟସ୍ତ । ଅସଂଖ୍ୟ ବର୍ଣ୍ଣର ପୁଷ୍ପରାଜିରେ ଉଦ୍ୟାନଟି ଭରିଯାଇଛି । ଉଦ୍ୟାନ ଭିତରେ ଠାଏ ଠାଏ ମାର୍ବଲ ତିଆରି କ୍ଷୁଦ୍ର କ୍ଷୁଦ୍ର ପୁଷ୍କରିଣୀ । ସେଥିଭିତରେ ସୁନ୍ଦର ସୁନ୍ଦର ମାର୍ବଲ ମୂର୍ତ୍ତି ଉଦ୍ୟାନଟିର ସୌନ୍ଦର୍ଯ୍ୟକୁ ଶତ ଗୁଣିତ କରୁଛି । ପ୍ରାସାଦର ସମ୍ମୁଖଠାରୁ ନୀଳ ଜଳରାଶି ପର୍ଯ୍ୟନ୍ତ ଏକ ଗାଢ଼ ସବୁଜରଙ୍ଗର ଗାଲିଚା ପରି ମେଲିଯାଇଛି ଉଦ୍ୟାନର ଘାସବଣ । ବହୁ କୋଟିପତିଙ୍କ ପ୍ରାସାଦ ଜେନିଭା ହ୍ରଦ କୂଳରେ ରହିଛି । କିନ୍ତୁ ରକ୍‌ଫେଲର ପ୍ରାସାଦ ଭଳି କୌଣସିଟି ଏତେ ସୁନ୍ଦର ନୁହେଁ ବା ଏତେ ସାବଧାନତା ସହିତ ଯତ୍ନ ନିଆଯାଇ ରଖାଯାଇନି । ସଂଖ୍ୟାଧିକ ଚାକର ଚାକରାଣୀ ଏହି ପ୍ରାସାଦଟିକୁ ସଦାସର୍ବଦା ସଫାସୁତୁରା କରିବାରେ ବ୍ୟସ୍ତ । ପ୍ରାସାଦଟିର ଯେଉଁ ଅଂଶକୁ ଅନାଇବ, ଦେଖିବ ଚକଚକ୍ । କେଉଁଠି ଧୂଳି ଟିକିଏ ବି ଲାଗିନି । ସେମାନଙ୍କର ଭୟ, ରକଫେଲର ପରିବାରର କେହି ଯଦି ଅବସରବିନୋଦନ

Digitized by srujanika@gmail.com

ପାଇଁ ହଠାତ୍ ଚାଲିଆସନ୍ତି, ସେମାନେ ଯଦି କେଉଁଠି ଧୂଳି ମଳି ଲାଗିଥିବାର ଦେଖନ୍ତି, ତେବେ ସେମାନଙ୍କର ଚାକିରିରୁ ଛୁଟି ହୋଇଯିବା କିଛି ଡେରି ଲାଗିବନି ।

ଅତନୁକୁ ପୁଣିଥରେ ହଲାଇ ଦେଲା ତନୁଶ୍ରୀ । ଏଥର ଅତନୁ ଉଠିବ କଅଣ ଆହୁରି କୁଣ୍ଡକାଷ୍ଠ ହୋଇ ସେହି ଦୁଗ୍ଧଫେନନିଭ ଗଦି ଉପରେ ଶୋଇରହିଲା । ବିବାହ ପୂର୍ବରୁ ଅତନୁ ସହିତ ତନୁଶ୍ରୀର କେବେ ଦେଖା ହୋଇ ନଥିଲା, କଥାବାର୍ତ୍ତା ତ ଦୂରର କଥା ।

ପୁଣି ଥରେ ଜୋରରେ ହଲାଇ ଦେଇ ଡାକିଲା ତନୁଶ୍ରୀ "ହେଇ ଉଠୁଛ ?" "ହେଁ, ଉଠୁଛି" ଶବ୍ଦରେ ହଠାତ୍ ଅତନୁର ନିଦ ଭାଙ୍ଗିଗଲା । ଦେଖିଲା ଖଟ ଉପରେ ତାର ପାଖରେ ଗୋଟିଏ ସୁନ୍ଦର ଲାଲ ରଙ୍ଗର ସିଲକ ଶାଢ଼ୀ ପିନ୍ଧି ବସିଛି ତନୁଶ୍ରୀ । ଭାରତୀୟ ବୋହୂମାନେ ସକାଳୁ ଉଠି ଗାଧୁଆ ପାଧୁଆସାରି ସଜାଇ ଗୁଜାଇ ହୋଇ ଯେମିତି ବସିଥାନ୍ତି, ଠିକ୍ ସେମିତି । ତନୁଶ୍ରୀ ଏକେ ତ ସୁନ୍ଦରୀ, ସେଥିରେ ଗାଢ଼ ଲାଲ ରଙ୍ଗର ବନାରସୀ ଶାଢ଼ୀ ସଙ୍ଗେ ସ୍ୱର୍ଣ୍ଣ ଅଲଙ୍କାର ପିନ୍ଧି ଦିଶୁଥିଲା ଆହୁରି ସୁନ୍ଦର, ଆହୁରି ଆକର୍ଷଣୀୟ । ଯେତେ ଯେମିତି ସ୍ୱର୍ଗରୁ ଓହ୍ଲାଇ ଆସିଥିବା ପରୀଟିଏ । ଅତନୁକୁ ସ୍ୱର୍ଗରାଜ୍ୟକୁ ନିମନ୍ତ୍ରଣ କରି ନେଇଯିବାପାଇଁ ଏହି ପରୀଟି ପୃଥିବୀକୁ ଓହ୍ଲାଇ ଆସିଛି !

ଅତନୁ ଆଖି ଖୋଲି ଦେଇ ଅନାଇଲା, ପାଖରେ ବସିଛି ତନୁଶ୍ରୀ, ହାତରେ ଚା କପ୍ ଧରି, ମୁଖରେ ତା'ର ଦନ୍ତବିକଶିତ ହାସ୍ୟରେଖା । ଲାଲବର୍ଣ୍ଣର ସିଲ୍କ ଶାଢ଼ୀରେ ସେ ଦିଶୁଛି ଅନବଦ୍ୟମାୟା । ତନୁଶ୍ରୀକୁ ଏଡ଼େ ସୁନ୍ଦର ଭାବରେ କେବେ ଦେଖିନଥିଲା ଅତନୁ । ଅତନୁ ନିଜକୁ ସମ୍ଭାଳି ପାରିଲାନି । ସେ ହଠାତ୍ ତନୁଶ୍ରୀ ହାତରୁ ଚା କପ୍‌ଟିକୁ ନେଇ ପାଖ ଟିପାୟ ଉପରେ ଥୋଇ ଦେଇ ତନୁଶ୍ରୀକୁ ନିଜ ଛାତି ଉପରକୁ ଟାଣିନେଲା, ତନୁଶ୍ରୀର ଉନ୍ନତ ବକ୍ଷ ଭିତରେ ମୁହଁକୁ ଲୁଚାଇ ଫୁସ୍‌ଫୁସ୍ କରି ପଚାରିଲା, "ତୁମେ ମୋତେ କ'ଣ ବୋଲି ଡାକୁଥିଲ ତନୁଶ୍ରୀ ?" ତନୁଶ୍ରୀ ସେତେବେଳକୁ ବେଶ୍ ଦୁର୍ବଳ ଅନୁଭବ କରୁଥିଲା ନିଜକୁ । ଅତନୁର ଛାତି ଉପରେ ପଡ଼ିରହି କହିଲା "ହଁ, ହଁ, ଏ କ'ଣ କରୁଛ । ଦୁଆର ବନ୍ଦ ହୋଇନି ଯେ । ଖୋଲାଅଛି ପରା ।"

ଅତନୁ ତନୁଶ୍ରୀକୁ ନିଜ ବକ୍ଷ ସହିତ ଚାପିଧରି ତା' ଭିତରେ ଆବିଷ୍କାର କରିବାକୁ ଚାହୁଁଥିଲା ତା'ର ଅସୁମାରି ସୌନ୍ଦର୍ଯ୍ୟ । "ତୁମେ ଯେ ଏ ଭାରତୀୟ ପୋଷାକରେ ଏଡ଼େ ସୁନ୍ଦର ଦିଶିପାର, ମୋର ଧାରଣା ନଥିଲା ତନୁଶ୍ରୀ ! ତୁମେ ଆଜି ମୋ ଆଖିରେ ଯେତେ ସୁନ୍ଦର ଦିଶୁଛ, ପୃଥିବୀର ଯେକୌଣସି ସୁନ୍ଦରୀ ନାରୀ ତୁମ ଆଗରେ ମଉଳି ପଡ଼ିବ ତନୁଶ୍ରୀ !"

"ଥାଉ, ଥାଉ ଏତେ ଆଉ ଟେକନି ମୋତେ ।" କୃତ୍ରିମ ରାଗମିଶା ସ୍ୱରରେ କହିଲା, "ମୋତେ ଛାଡ଼ିଦିଅ ମ, କାଳେ କିଏ ଘର ଭିତରକୁ ପଶି ଆସିବ । ଆମ ଦି' ଜଣଙ୍କୁ ଏମିତି ଅବସ୍ଥାରେ ଦେଖିଲେ ସେ କ'ଣ ଭାବିବ କହିଲ ?"

Digitized by srujanika@gmail.com

"ଇଏ, ଭାରତବର୍ଷ ହୋଇବ ତନୁଶ୍ରୀ ! ଏହା ପରା ଇଉରୋପ, ପୁଣି ସୁଇଜରଲାଣ୍ଡ । ଘର କବାଟ ଖୋଲା ହୋଇ ନ ଥିଲେହେଁ କେହି ଘର ଭିତରକୁ ପଶିଆସିବେନି ଅନୁମତି ନ ନେଇ । ଦୁଆରେ କଲିଙ୍ଗ୍‌ବେଲ୍ ଚପି ସେମାନେ ପ୍ରଥମେ ଅନୁମତି ନେବେ ଆସିବା ପାଇଁ; ଅନୁମତି ପାଇଲେ ଯାଇ ଘର ଭିତରକୁ ପଶିବେ ।"

"ତା ଛଡ଼ା ଏ ଦେଶର ରୀତି ହେଉଛି ସକାଳୁ ସକାଳୁ ବିଛଣାରୁ ନ ଉଠି ସ୍ତ୍ରୀକୁ ବିଛଣାରେ ଭିଡ଼ିଧରିଥିବେ । ଏତିକି କହିଲନି । ଆଉ ବାକି ରଖିଲ କାହିଁକି ?"

"ସେତିକି ତ ତୁମେ କହିଦେଲ; ମୋତେ କହିବାକୁ ଦେଲ କେଉଁଠି ?"

"ତା ହେଲେ, ତୁମେ ମୋତେ ଛାଡ଼ିବନି । ଏଇଆ ତ ?"

"ଉଁ, ହୁଁ, ଛାଡ଼ିବାକୁ ହୋଇଥିଲେ ତୁମକୁ ଧରି ଚାରି ହଜାର ମାଇଲ ଦୂରରୁ କ'ଣ ଏଠାକୁ ଆସିଥାନ୍ତି ?"

"ତା ହେଲେ ଛାଡ଼, ମୁଁ ଦୁଆର ବନ୍ଦ କରି ଦେଇ ଆସେ । ଆମେ ଯେତେବେଳେ ଚାରି ହଜାର ମାଇଲ ଦୂରରୁ ଆସିଛେ, ବିଛଣାରେ ଆମେ ଦୁଜଣ ପଡ଼ିରହିଥିବା ।"

"ତୁମେ ବଡ଼ ଦୁଷ୍ଟ ତନୁଶ୍ରୀ !"

"ଦୁଷ୍ଟାମୀ ପାଇଁ ଦଣ୍ଡ ତ ତୁମ ହାତରେ ଅଛି । ମୁଁ ତ ବର୍ତ୍ତମାନ ପୁରାପୁରି ତୁମ ଅକ୍ତିଆରରେ ପଡ଼ିରହିଛି । ଯେଉଁ ଦଣ୍ଡ ଦେବାର ଇଚ୍ଛା, ଦେଇପାର ।"

ଅତନୁର ବାହୁବନ୍ଧନ ଅଧିକ ନିବିଡ଼ ହୋଇ ଆସିଲା । ଅତନୁ ଚାହୁଁଥିଲା ତନୁଶ୍ରୀ ଓ ସେ ମିଶି ଗୋଟାଏ ହୋଇଯାଆନ୍ତେ କି !

ତନୁଶ୍ରୀ ବଡ଼ ବ୍ୟସ୍ତ ହୋଇ କହିଲା, "ଆହା ବିଚାରୀ ଚା' ଦେବୀ କେତେ ମନ କରି ଆସି ନ ଥିଲେ ସତେ, ତୁମଠାରୁ ଏକ ହୃଷ୍ଟ ଚୁମ୍ବନ ପାଇବା ପାଇଁ । ବିଚାରୀ ମନ କଷ୍ଟ କରି ଦେଖୁଛି ତାକୁ ଚୁମ୍ବନ ଦେଲାବାଲା ଅନ୍ୟକୁ···

"ଆହାଃ, କେଉଁ ଦିନରୁ ତୁମେ କବିତ୍ୱର ଏଭଳି ପୂଜାରିଣୀ ହେଲଣି ଶୁଣେ ତନୁଶ୍ରୀ ! ବାଃ···ତୁମର ବର୍ଣ୍ଣନାଚାତୁରୀ ତ ବେଶ୍ ମଧୁମୟ ।

"ହେଉ ହେଲା, ଏଥର ଛାଡ଼, ଚା' ଯେ ତେଣେ ଥଣ୍ଡା ହୋଇଗଲା ।"

"ତୁମକୁ କିଏ କହିଲା ତନୁଶ୍ରୀ, ମୁଁ ବିଛଣାରେ ଚା' ଖାଏ ବୋଲି । ମୋର ତ ସେ କୁଅଭ୍ୟାସ ନାହିଁ । ଦାନ୍ତ ନ ଘଷି ମୁହଁ ହାତ ନ ଧୋଇ ମୁଁ ତ କେବେ ଚା' ଖାଏନି ।" ପୁଣି ଚା ତିଆରି କଲା କିଏ ? ମୁଁ ତ ସେମାନଙ୍କୁ ବେଡ଼ଟି ପାଇଁ ବରାଦ କରି ନ ଥିଲି ।"

ତନୁଶ୍ରୀ ଉତ୍ତରଦେବ କଅଣ ତଳକୁ ମୁହଁ କରି ରହିଲା ।

"ଓଃ ତା' ହେଲେ ତୁମେ ନିଜେ ଚା ତିଆରି କରି ଆଣିଛ ?"

"ହଁ, କ'ଣ କିଛି କ୍ଷତି ହେଲା କି ?"

"କ୍ଷତି ହେଲାନି କଅଣ ? ତୁମେ ଚା' କଲେ ଏ ଘରର ଖାନସମା ବବର୍ଚ୍ଚିମାନେ କ'ଣ ଭାବିବେ କହିଲ ? ଆମେ ପରା ଏହି ବିରାଟ ଧନୀ ପରିବାରର ଅତିଥି । ଆମେ ନିଜ ହାତରେ କାମ କଲେ ସେମାନେ ଖରାପ ଭାବିବେ ନାହିଁ ତ କଅଣ ?"

Digitized by srujanika@gmail.com

"କିନ୍ତୁ ତୁମେ ପରା ସେମାନଙ୍କ ରନ୍ଧା ଖାଇ ପାରନା ? ସେମାନେ ତ ଆମ ଦେଶ ରନ୍ଧା ରାନ୍ଧି ପାରିବେନା । ତୁମେ ଖାଇବ କେମିତି ?"

"ମୁଁ ପରା ଏହି ଦେଶର ପାଣି ପବନରେ ଜନ୍ମି ବଡ଼ ହୋଇଛି ତନୁଶ୍ରୀ । ମୋତେ ପୁଣି ଏ ଦେଶର ରନ୍ଧା ଭଲ ଲାଗେନା ବୋଲି ତୁମକୁ କିଏ କହିଲା ?"

"ମାର୍ଗାରେଟ୍ ମୋତେ ଆସିଲା ବେଳେ କହିଥିଲେ ।"

"ତା ମାନେ, ସେ ତୁମକୁ କହିଛି ତୁମେ ମୋତେ ଏଠି ରାନ୍ଧି କରି ଖୁଆଇବ ଏଇଆ ତ ! ଜେନାଭାରେ ଯେଉଁ ଅବସର ବିନୋଦନ ପାଇଁ ଆମେ ଆସିଛେ, ସେହି ଅବସର ବିନୋଦନ କେନ୍ଦ୍ର ହେବ ଏଠା ହାଣ୍ଡିଶାଳ । ତୁମେ ରାନ୍ଧିବ, ଆଉ ମୁଁ ଖାଇବି । ଏଇଆ ନା ଆଉ କିଛି ?"

ତନୁଶ୍ରୀ ଉତ୍ତର ନଦେଇ ତଳକୁ ମୁହଁ ପୋତି ଅନାଇ ରହିଲା ।

ହସିଲା ଅତନୁ । "ତୁମେ ମୋତେ ହସାଇଲ ତନୁଶ୍ରୀ । ଆମେ ଏଠାକୁ ଆସିଥିଲେ ଆମର ମଧୁଯାମିନୀ ବିତାଇବା ପାଇଁ । ଏଇ କେତୋଟି ଦିନ ଆମ ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ । ଏଭଳି ମୁହୂର୍ତ୍ତ ଜୀବନରେ ଦ୍ୱିତୀୟବାର ଆସେନା ତନୁଶ୍ରୀ ! ଏହି ଦିନ କେତୋଟି ଯଦି ତୁମର ହାଣ୍ଡିଶାଳରେ କଟେ, ଆମ ଜେନାଭା ଆସିବାଟା ସାର୍ଥକ ହୋଇଗଲା ତନୁଶ୍ରୀ ! ଆମେ ହେଲେ ରକ୍‌ଫେଲର ପରିବାରର ଅତିଥି । ଏମାନେ ଆମର ଖାଇବା, ପିଇବା, ଯିବା, ଆସିବା, ବୁଲାବୁଲାର ସବୁ ଦାୟିତ୍ୱ କରିବେ । ଆମେ ଏଠି ଖାଲି ପୃଥିବୀର ଏହି ସୁନ୍ଦରତମ ସହରଟିକୁ ଉପଭୋଗ କରିବା କଥା ।"

ବାହାରେ କଲିଂ ବେଲ୍ ବାଜି ଉଠିଲା । କେହି ଦେଖା କରିବାକୁ ସମ୍ଭବତଃ ଚାହୁଁଛନ୍ତି ।

ଅତନୁ ପାଟିକରି କହିଲା, "ହଁ, ଆସିପାର ।"

ପ୍ରାସାଦର ମେନେଜର ରୁମ୍ ଭିତରକୁ ପଶିଆସି ନମସ୍କାର ଜଣାଇଲା ।

"ହଁ, ମେନେଜର, କଣ କି ?" ଅତନୁ ପଚାରିଲା ।

"ଆଜି ଆପଣଙ୍କର ପ୍ରୋଗ୍ରାମ କ'ଣ ସାର୍ ? ଆମେ କିଛି ଜାଣି ପାରୁନୁ ।"

"ଆରେ, ଆମର ତ ପ୍ରୋଗ୍ରାମ ଏ ପର୍ଯ୍ୟନ୍ତ ତିଆରି ହୋଇନା । ଆମେ ଏଠି ତିନି ଚାରିଦିନରୁ ବେଶି ରହିବୁନି । ତୁମେ ଗୋଟିଏ ପ୍ରୋଗ୍ରାମ ତିଆରି କରି ଆଣିଲ ମେନେଜର ଏହି ତିନି-ଚାରିଦିନ ପାଇଁ । ଏଠାରେ ସବୁ ଦର୍ଶନୀୟ ସ୍ଥାନ ତ ତୁମକୁ ଜଣାଥିବ ।"

ହେଉ ସାର୍ ଗୋଟିଏ କରି ଆଣିଛି, ଆପଣ ଦେଖିବେ । ଆପଣଙ୍କ ମନ ପାଇଲେ ସେହି ଅନୁସାରେ ଅନ୍ୟମାନଙ୍କୁ ଜଣାଇ ଦିଆଯିବ । ଜେନାଭାରେ ତ ଦର୍ଶନୀୟ ସ୍ଥାନ ଭରପୂର । ଯେଉଁ ଆଡ଼କୁ ଚାହିଁବେ, ସେ ଆଡ଼େ ପ୍ରକୃତିରାଣୀର ଅସରନ୍ତି ସୌନ୍ଦର୍ଯ୍ୟ ପସରା ମେଲି ଠିଆହୋଇଛି । ହ୍ରଦ ଚାରିପାଖରେ ସୁନ୍ଦର ସୁନ୍ଦର ବଗିଚା, ପାହାଡ଼,

Digitized by srujanika@gmail.com

ବନ ଉପବନ ଆଦି ରହିଛି । ସେହି ବନ ଉପବନ ଭିତରେ ଯେତେବେଳେ ବୁଲି ଆସିଲେ ମନ ଆନନ୍ଦରେ ପୂରିଉଠେ । ସାର୍, ଆମେରିକା କି ଇଉରୋପରେ ଏତେ ସୁନ୍ଦର ହ୍ରଦ ଓ ହ୍ରଦ ଶୃଙ୍ଗପାଖରେ ଏତେ ସୁନ୍ଦର ସୁନ୍ଦର ବଗିଚା, ଉଦ୍ୟାନ, ଉପବନ ଆଉ କେଉଁଠି ପାଇବେ ନାହିଁ । ଏହାହିଁ ହେଉଛି ଜେନିଭାର ବିଶେଷତ୍ୱ ଓ ଏଥିପାଇଁ ଲକ୍ଷ ଲକ୍ଷ ଦର୍ଶକ ପ୍ରତିବର୍ଷ ଏଠାକୁ ଅବସର ବିନୋଦନ ପାଇଁ ଆସନ୍ତି । ଯେ ଥରେ ଜେନିଭାକୁ ଦେଖିଛି, ସେ ଜୀବନରେ କେବେ ଭୁଲି ପାରିବନି ସାର୍ ।

× × ×

ଅତନୁ ଆଉ ତନୁଶ୍ରୀ ପ୍ରାତଃଭୋଜନ ସାରି ବୁଲି ବାହାରିଲା ବେଳକୁ ପ୍ରାସାଦର ପୋର୍ଟିକୋରେ ଥୁଆ ହୋଇଛି ଏକ ବିରାଟ କେଡିଲାକ୍ ଗାଡ଼ି; ଚଳାଇବା ପାଇଁ ପୋଷାକ ପିନ୍ଧା ଡ୍ରାଇଭର କାର୍‌ରେ ବସିଛି । ଅତନୁ ଓ ତନୁଶ୍ରୀ ଗାଡ଼ି ପାଖକୁ ଚାଲି ଆସିବା ଦେଖି ସେ ଦୁଆର ଖୋଲି ଦେଇ ସଲାମ୍ ଧକାଇ ଠିଆହେଲା । ଡ୍ରାଇଭରକୁ ଠିଆ ହେବାର ଦେଖି ଅତନୁ କହିଲା, "ନାହିଁ ଷ୍ଟିଫେନ୍, ତୁମେ ଯାଅ ବିଶ୍ରାମ କର । ମୁଁ ନିଜେ ଗାଡ଼ି ଚଳାଇପାରିବି । ତୁମେ କାହିଁକି ଆମପାଇଁ କଷ୍ଟ କରିବ ? ଭୟକର ନାହିଁ, ମୋର ଆନ୍ତର୍ଜାତିକ ଡ୍ରାଇଭିଂ ଲାଇସେନ୍‌ସ ଅଛି । ତେଣୁ ମୋତେ ପୋଲିସ କେଉଁଠି ଦଣ୍ଡବିଧାନ କରିବାର ସମ୍ଭାବନା ନାହିଁ । ତୁମେ ବିଶ୍ରାମ କର । ଆମେ ଯେତେବେଳେ ବୁଲିଆସୁଁ । ଜେନିଭା ସହରର ଗୋଟିଏ ମାନଚିତ୍ର ମୋତେ ଦେଲ । କାଳେ କେଉଁଠି ବାଟ ହୁଡ଼ିଗଲେ ମାନଚିତ୍ରକୁ ଦେଖି ଠିକ୍ ଏଠାକୁ ଫେରି ଆସି ହେବ ।"

ଏତିକ କହି ଅତନୁ ଯାଇ ଡ୍ରାଇଭର ସିଟ୍‌ରେ ବସି ଷ୍ଟିଅରିଂ ଧରିଲା । ଡ୍ରାଇଭର ସାମନାପଟ ଡାହାଣପାଖ ଦ୍ୱାର ଖୋଲିଦେଇ ଠିଆହେଲା, ତନୁଶ୍ରୀ ଗାଡ଼ି ଭିତରକୁ ଯିବାପାଇଁ ।

ତନୁଶ୍ରୀ ଗାଡ଼ିରେ ବସୁଁ ବସୁଁ କହିଲା, "ତୁମେ ଗାଡ଼ି ନ ଚଳାଇଲେ କ'ଣ ହୁଅନ୍ତା ନାହିଁ ? ସେମାନଙ୍କ ଲୋକ ତ ଅଛନ୍ତି ଚଳାଇବା ପାଇଁ । ତମେ ଅଯଥା କଷ୍ଟ କରୁଛ କାହିଁକି ? ସେମାନେ ଖରାପ ଭାବିପାରନ୍ତି ତୁମେ ଗାଡ଼ି ଚଳାଇଲେ । ସେମାନଙ୍କ ରାନ୍ଧଶାଳରେ ମୁଁ ପଶି ଚା' କଲାବେଳକୁ ମୋତେ କେତେ ତାଗିଦ କରୁଥିଲେ, କ'ଣ ନା ସେମାନେ ଖରାପ ଭାବିବେ । ଆଜି ସେମାନଙ୍କ ଡ୍ରାଇଭର ଥାଉଁ ଥାଉଁ ତୁମେ ଗାଡ଼ି ଚଳାଇଲେ ସେମାନେ ଆମକୁ ଖରାପ ଭାବିବେନି କେମିତି ?"

"ମୋର କଥାକୁ ମୋତେ ଫେରାଇଲ ତନୁଶ୍ରୀ ? କାର୍ ଚଳାଇବା ଓ ରାନ୍ଧିବା କ'ଣ ସମାନ ?" ସେମାନେ ଭାବନ୍ତି କାର୍ ଚଳାଇବା ଏକ ସୌଖୀନ୍ କାମ । ତେଣୁ କିଛି ଭାବିବେ ନାହିଁ ।

"ଆଉ ରାନ୍ଧିବାଟା ?"

"ନୀଚ୍ଛୁଣା କାମ ।"

Digitized by srujanika@gmail.com

“ବେଶ୍, ତା’ ହେଲେ ତୁମେ ଖିଆପିଆ ଛାଡ଼ିଦିଅ ।”

“ତା’ ନୁହଁ ତନୁଶ୍ରୀ ! ମୋତେ କାର୍ ଚଳାଇବାକୁ ଖୁବ ଭଲଲାଗେ । କାର୍ ଚଳାଇବାଟା କେତେ ଆନନ୍ଦଦାୟକ ତୁମେ ଜାଣନା ତନୁଶ୍ରୀ । ଇଏ ପୁଣି କେଡ଼ିଲାକ୍ କାର୍ । ଏଭଳି ଗାଡ଼ିଟିଏ ଦେଖିଲେ ଲୋଭ ସମ୍ଭରଣ କରିହୁଏନା । ଇଏ ପୁଣି ଇମିତିକା ଗାଡ଼ି ଷ୍ଟିଅରିଂ ଉପରେ ହାତ ପକାଇଲେ ହିଁ ଗାଡ଼ି ମନକୁ ମନ ଚାଲିଲା ।”

“ତେବେ, ଏଠା ନୂଆ ଜାଗା, ନିଜେ ନ ଚଳାଇଲେ କ’ଣ ହୁଅନ୍ତାନି ? ସେମାନେ ଚଳାନ୍ତୁ ।”

“ତୁମେ ଭୟ କରନାହିଁ ତନୁଶ୍ରୀ, ତୁମ ସ୍ୱାମୀ ଜଣେ ସିଦ୍ଧହସ୍ତ ମଟର ଚାଳକ । ଯିଏ ନିଉୟର୍କ ସହରରେ ଗାଡ଼ି ଚଳାଇଛି, ସେ ପୃଥିବୀର ଅନ୍ୟ କେଉଁଠି ଗାଡ଼ି ଚଳାଇବାକୁ ଭୟ କରିବନାହିଁ ।”

ଏତକ କହୁଁ କହୁଁ ଅତନୁ ଗାଡ଼ିରେ ଷ୍ଟାର୍ଟ ଦେଇଛି କି ନାହିଁ, ଗାଡ଼ିଟି ତୀବ୍ର ବେଗରେ ଛୁଟି ଚାଲିଲା ଗେଟ୍ ପାରହୋଇ । ଇଏ ପୁଣି ଅଦ୍ଭୁତ ପ୍ରକାର ଗେଟ୍ । ଗେଟ୍ ପୂରାପୂରି ବନ୍ଦ ଥିଲା । ଗେଟ୍ ପାଖରେ କାର୍ ପହଞ୍ଚିଲା କ୍ଷଣି ଗେଟ୍ ମନକୁ ମନ ଖୋଲିଗଲା । କାର୍ ଯେମିତି ଚାଲିଯାଇଛି, ପୁଣି ମନକୁ ମନ ବନ୍ଦ ହୋଇଗଲା । ଗେଟ୍‌ର ଏଭଳି ମନକୁ ମନ ଖୋଲିଯିବା ଓ ବନ୍ଦ ହେବା ଦେଖି ତନୁଶ୍ରୀ ତାଜୁବ୍ । ମନେ ମନେ ଭାବିଲା, ପିଲା ଦିନେ ସେ ଯେଉଁ ଫଟୋ ଇଲେକ୍ଟ୍ରିକ୍ ସେଲ୍ କଥା ପଢ଼ିଥିଲା, ତା’ର କାରସାଦି କଣ ଏଇ ? ଗାଡ଼ିଟି ଜେନିଭା ହ୍ରଦର କୂଳେ କୂଳେ ପଡ଼ିଥିବା ରାସ୍ତାରେ ତୀବ୍ର ବେଗରେ ଛୁଟିଚାଲିଲା । କିଛି ଦୂର ଗଲାପରେ ଅତନୁ ଗାଡ଼ିର ବେଗ ଈଷତ୍ କମାଇଦେଇ ଡାକିଲା, “ତନୁଶ୍ରୀ, ତୁମେ ବୋଧହୁଏ ଭୟ ପାଇଗଲଣି ମୋ ଗାଡ଼ି ଚଲା ଦେଖି । କାହିଁ ତୁମ ପାଟିରୁ କ’ଣ ପଦେ ଭାଷା ବାହାରୁନି । ତୁମେ ଜଡ଼ ପାଲଟି ଗଲଣି ନା କଅଣ ?”

ଏତକ କହି ବାଁ ହାତଟା ତନୁଶ୍ରୀର କାନ୍ଧ ଉପରେ ପକାଇ ନିଜ ଆଡ଼କୁ ଈଷତ୍ ଟାଣି ନେଲା ଅତନୁ ।

“ଓଃ, ଏଇଥିପାଇଁ ପରା ଡ୍ରାଇଭରକୁ ବିଦା କରିଦିଆଗଲା ।”

“ତୁମେ ଜାଣିଛ ତନୁଶ୍ରୀ, ଆମେ ବର୍ତ୍ତମାନ କେଉଁଆଡ଼େ ଯାଉଛୁଁ ?”

“କେଉଁଆଡ଼କୁ ?”

“ଆମେ ବର୍ତ୍ତମାନ ଯାଉଛୁଁ, ଜେନିଭାର ଡାଉନ ଟାଉନ ଅର୍ଥାତ୍ ବଜାର ଅଭିମୁଖେ । ତୁମକୁ ମଧୁଯାମିନି ପାଇଁ କିଛି ଗୋଟାଏ ଉପହାର ଦେବାକୁ ପଡ଼ିବ । କ’ଣ ଦେବି ଠିକ୍ କରିନ । ଚାଲ, ଦେଖିବା ବାଟରେ କେଉଁ ଦୋକାନ ପଡ଼ୁଛି । ତୁମକୁ ଏମିତି ଗୋଟିଏ ଉପହାର ଦେବାକୁ ପଡ଼ିବ, ଯେମିତିକି ତୁମେ ଜୀବନରେ କେବେ ଭୁଲିପାରିବନି ଆମ ଜୀବନର ଏଇ ଶ୍ରେଷ୍ଠ ଦିନ କେତୋଟିକୁ ।”

Digitized by srujanika@gmail.com

ଅତନୁ ଏତକ କହୁଁ କହୁଁ ଗାଡ଼ିଟି ପୃଥିବୀ ପ୍ରସିଦ୍ଧ ଘଣ୍ଟା ନିର୍ମାତା ରୋଲେକ୍ସ କୋମ୍ପାନୀ ସୋ-ରୁମ୍ ଗେଟ୍ ଦେଇ ଭିତରକୁ ପଶିଲା । ପୋର୍ଟିକୋରେ ଗାଡ଼ି ଥୋଇ ଦେଇ ଅତନୁ ଆଉ ତନୁଶ୍ରୀ ରୋଲେକ୍ସ କୋମ୍ପାନୀର ବିରାଟ ସୋ-ରୁମ୍ ଭିତରକୁ ପଶିଲେ । ସୋ-ରୁମ୍ ଭିତରେ ବହୁ କ୍ରେତା ବିଭିନ୍ନ ପ୍ରକାର ଘଣ୍ଟା ଦେଖିବାରେ ଓ କିଣିବାରେ ବ୍ୟସ୍ତ । ଅତନୁ ଏକ ବିରାଟ କେଡିଲାକ୍ ଗାଡ଼ିରେ ଆସି ଥିବାରୁ ସେ ନିଶ୍ଚୟ ଏକ ବିରାଟ ଲୋକ ହୋଇଥିବେ ଭାବି କୋମ୍ପାନୀର ମ୍ୟାନେଜର ସମେତ ସେଲସ୍ ଗାର୍ଲମାନେ ଘେରିଗଲେ । ଅତନୁ ଓ ତନୁଶ୍ରୀକୁ ଏକ ସୋଫାରେ ବସାଇ ସେମାନଙ୍କ ସମ୍ମୁଖରେ କୋମ୍ପାନୀର ଯେତେ ପ୍ରକାର ନୂଆ ନୂଆ ଡିଜାଇନ୍‌ର ଘଣ୍ଟା ବାହାରିଛି, ସବୁଥିରୁ ଏକାଧିକ ମଡେଲ୍ ଥୋଇଦେଲେ । ତନୁଶ୍ରୀ କଲେଜରେ ପଢ଼ିଲା ବେଳେ ରୋଲେକ୍ସ ଘଣ୍ଟାର ନାଁ ଶୁଣିଥିଲା । ଆହୁରି ଜାଣିଥିଲା ପୃଥିବୀର ସବୁଠାରୁ ଶ୍ରେଷ୍ଠ ଓ ମୂଲ୍ୟବାନ୍ ଘଣ୍ଟା ଏହି କୋମ୍ପାନୀ ତିଆରି କରେ । ରୋଲେକ୍ସ ଘଣ୍ଟା ଗୋଟିଏ ଦୁଇଟି ଦେଖିବାର ସୌଭାଗ୍ୟ ଭାରତରେ ଜୁଟିନଥିଲା । ଏଠି ଦେଖିଲା ବେଳକୁ ଶହ ଶହ ପ୍ରକାରର ରୋଲେକ୍ସ ଘଣ୍ଟା ।

ବିଭିନ୍ନ ପ୍ରକାର ଘଣ୍ଟାକୁ ଦେଖୁଁ ଦେଖୁଁ ଅତନୁ ମେନେଜରଙ୍କୁ କହିଲା, "ମେନେଜର ସାହେବ, ଆପଣଙ୍କ କୋମ୍ପାନୀ ତିଆରି ସବୁଠାରୁ ମୂଲ୍ୟବାନ୍ ଓ ଆଧୁନିକ ଧରଣର ଘଣ୍ଟା ଦେଖାଇଲେ ।"

ମେନେଜରଙ୍କ ଇଙ୍ଗିତରେ ସେଲସ୍ ଗାର୍ଲ ଅତି ଆଧୁନିକ ଧରଣର ଘଣ୍ଟା ଥିବା ବାକ୍ସଟିଏ ଆଣି ସେମାନଙ୍କ ଆଗରେ ଥୋଇଦେଲା । ସେଇ ବାକ୍ସରୁ ଗୋଟିଏ ଘଣ୍ଟା ବାହାର କରି ମେନେଜର କହିଲେ, "ଦେଖନ୍ତୁ ଆଜ୍ଞା, ଏହା ହେଉଛି ଆମ କୋମ୍ପାନୀର ତଥା ସାରା ପୃଥିବୀର ସବୁଠାରୁ ଆଧୁନିକ ଘଣ୍ଟା । ଏଇ ଘଣ୍ଟାରେ ଆପଣ ଆଧୁନିକ ଇଲେକ୍ଟ୍ରୋନିକ୍ ପଦ୍ଧତିର ପ୍ରଚଳନ ପାଇବେ । ତାଛଡ଼ା ଏଥିରେ ଦୁଇଟି ପଦ୍ଧତିରେ ସମୟ ଦେଖାଇଦିଆଯାଏ । ଏଥିରେ ମିନିଟ କଣ୍ଟା, ଘଣ୍ଟା କଣ୍ଟା ବି ଅଛି, ତେଣେ ଇଲେକ୍ଟ୍ରୋନିକ୍ ଘଣ୍ଟାରେ ଯେମିତି ସମୟ ମନକୁ ମନ ଲେଖି ହୋଇଯାଉଥାଏ, ସେମିତି ବି ଅଛି । ଦୁଇଟିଯାକ ସିଷ୍ଟମ ପରମାଣୁଦ୍ୱାରା ପରିଚାଳିତ । ଏ ଘଣ୍ଟାରେ କେବେ ସମୟ ଭୁଲ ଦେଖାଏନି । ଅଢ଼େଇହଜାର ବର୍ଷ ଗଲେ ସେକେଣ୍ଡଟାଏ ଭୁଲ ହେବ କି ନାହିଁ ସନ୍ଦେହ । ଏହା ଭିତରେ ଗୋଟିଏ କଂପ୍ୟୁଟର ଓ ପରମାଣୁ ଘଣ୍ଟା ରହି ସମୟ ଦେଖାଉଛି । ତେଣୁ ଭୁଲ ହେବାର ସମ୍ଭାବନା କେଉଁଠି ନାହିଁ । ଘଣ୍ଟା, ମିନିଟ, ସେକେଣ୍ଡ ବ୍ୟତୀତ ଏଥିରେ ଦିନ, ମାସ, ବାର, ବର୍ଷ ସବୁ କିଛି ସୂଚିଯାଏ । ମାସ, ତାରିଖ ଦେଖାଇଲା ବେଳେ ଏହା କେଉଁ ମାସ ତିରିଶିଆ, କେଉଁ ମାସ ଏକତିରିଶିଆ ଓ କେଉଁ ମାସ ଅଠେଇଶିଆ ଘଣ୍ଟା ମନେରଖି ସେହି ଅନୁସାରେ ମାସ ଶେଷ କରେ । କେଉଁ ବର୍ଷ ଲିପ୍-ଇଅର, କେଉଁ ବର୍ଷ ଲିପ୍-ଇଅର ହେବନି ଘଣ୍ଟା ମନେରଖିଥାଏ । ଏହା ଭିତରେ ଏକ କଂପ୍ୟୁଟର ଥାଇ ସେସବୁ ଚଳାଉଥିବାରୁ ଭୁଲ୍ ହେବାର ସମ୍ଭାବନା ମୋଟେ ନଥାଏ । ଏହି ଘଣ୍ଟାରେ ଏତେ ପ୍ରକାର ବନ୍ଦୋବସ୍ତ ଥିଲେ ହେଁ ଏହାକୁ ଚଳାଏ ସୌରଶକ୍ତି । ଏହା

Digitized by srujanika@gmail.com

ଭିତରେ କେତୋଟି ସିଲିକନ୍ କୋଷ ଥାଇ ଘଣ୍ଟା ଉପରେ ପଡ଼ୁଥିବା ଆଲୋକକୁ ବିଦ୍ୟୁତ୍‌ଶକ୍ତିରେ ପରିଣତ କରି ସେହି ବିଦ୍ୟୁତ୍‌ଶକ୍ତି ଦ୍ୱାରା ଏହି ଘଣ୍ଟାଟିକୁ ଚଳାଏ । ଏହାକୁ ଚଳେଇବା ପାଇଁ ବେଟେରୀ ଆଦିର ଦରକାର ନାହିଁ ।

ଘଣ୍ଟାଟିର ଗଢ଼ଣ ବେଶ୍ ସୁନ୍ଦର ହୋଇଥିବାରୁ ଅତନୁର ମନ ଏଥିରେ ଲାଖିଗଲା । ଘଣ୍ଟାଟି ପୁଣି ଖାଣ୍ଟି ସୁନାରେ ତିଆରି । ତେଣୁ ଏହାର ରୂପ ମଳିନ ପଡ଼ିବାର ସମ୍ଭାବନା ମଧ୍ୟ ନାହିଁ । ଏହାକୁ ପିନ୍ଧିଲେ ଏହା ସବୁଦିନେ ଦାଉଦାଉ ହୋଇ ଦିଶୁଥିବ । ଅତନୁ ଏହି ଘଣ୍ଟା ଭିତରୁ ଗୋଟିଏ ଲେଡ଼ିଜ୍ ଘଣ୍ଟା ବାଛି ତନୁଶ୍ରୀ ହାତରେ ପିନ୍ଧାଇଦେଲା ।

ଘଣ୍ଟାଟିକୁ ପିନ୍ଧାଇଲା ବେଳକୁ ମେନେଜର ସାହେବ କହିଲେ, "ଆପଣ ଯେଉଁ ଘଣ୍ଟାଟି ବାଛିଲେ ସାର୍, ସେହି ଘଣ୍ଟା ଗତମାସଠାରୁ ବଜାରକୁ ଆସିଛି । ଆମ କୋମ୍ପାନୀ ବରାଦ ଅନୁସାରେ ଏହି ଘଣ୍ଟା ମାତ୍ର ପାଞ୍ଚୋଟି ତିଆରି କରିଥିଲେ । ସେଥି ଭିତରୁ ଗୋଟିଏ ବିକ୍ରୟ ହୋଇଛି ଯୁକ୍ତରାଷ୍ଟ୍ର ଆମେରିକାରେ, ଅନ୍ୟଟି ଇଂଲଣ୍ଡରେ । ତୃତୀୟଟି କାନାଡ଼ାରେ । ସେହି ଦେଶର କୋଟିପତିମାନଙ୍କର ପିଲାମାନେ ଏଥିରୁ ଗୋଟିଏ ଗୋଟିଏ କିଣିଛନ୍ତି । ଚତୁର୍ଥ ଘଣ୍ଟାଟି ହେଇ ଆପଣ ନେଉଛନ୍ତି ।"

ତନୁଶ୍ରୀ ହାତରେ ଘଣ୍ଟାଟି ବାନ୍ଧୁ ବାନ୍ଧୁ ଅତନୁ କହିଲା, "ତୁମ ହାତକୁ ଏହି ଘଣ୍ଟାଟି ବେଶ୍ ସୁନ୍ଦର ଦିଶୁଛି ତନୁଶ୍ରୀ ! ଏହି ଘଣ୍ଟାଟି ତୁମ ହାତରେ ଥିଲେ, ତୁମେ ନିଶ୍ଚୟ ସବୁଦିନ୍ ପାଇଁ ଆମର ସୁଇଜରଲାଣ୍ଡରେ ଅବସର ବିନୋଦନ ଦିନଗୁଡ଼ିକୁ ମନେ ରଖିଥିବ । ଘଡ଼ିଟି ପିନ୍ଧାଇ ସାରି ମେନେଜରଙ୍କୁ ଅନେଇ ଅତନୁ ପଚାରିଲା, "ମୋତେ କେତେ ଦେବାକୁ ପଡ଼ିବ ମେନେଜର ସାହେବ ?"

"ନାଇଁ ବେଶି ନୁହେଁ ଆଜ୍ଞା; ମାତ୍ର ପଚିଶ ହଜାର ଡଲାର ।"

ମେନେଜରଙ୍କ ହାତକୁ ନୋଟ୍ ବିଡ଼ାଟିଏ ବଢ଼ାଇ ଦେଇ ଅତନୁ କହିଲା, "ଅଶେଷ ଧନ୍ୟବାଦ ମେନେଜର ସାହେବ । ଆପଣ ଆମକୁ ଆଜି ବଢ଼ିଆ ଜିନିଷଟିଏ ଦେଲେ ।"

ଏତିକି କହି ଅତନୁ ଯିବା ପାଇଁ ଉଠି ଠିଆହେଲା । ତନୁଶ୍ରୀ ଉଠୁଁ ଉଠୁଁ କହିଲା, "ଏତେ ଟଙ୍କା ଦେଇ ଏହି ଘଡ଼ିଟା କିଣି ନଥିଲେ କ'ଣ ହୋଇନଥାନ୍ତା ? ପାଞ୍ଚ ଲକ୍ଷ ଟଙ୍କା ସାମାନ୍ୟ ଘଡ଼ିଟାଏ ପାଇଁ ଖର୍ଚ୍ଚ କରି ଦେଲେ ଏହା ବଦ୍ ଖର୍ଚ୍ଚ ବୋଲି କୁହାଯିବ ନାହିଁ ତ ଆଉ କ'ଣ କୁହାଯିବ । ବାପା ଶୁଣିଲେ ବିରକ୍ତ ହେବେ ନିଶ୍ଚୟ ।"

ପାଞ୍ଚ ଲକ୍ଷ ଟଙ୍କା ତୁମ ପାଇଁ କିଛି ନୁହେଁ ତନୁଶ୍ରୀ । ତୁମେ କ'ଣ ପାଞ୍ଚ ଲକ୍ଷ ଟଙ୍କାର ଉପହାର ପାଇବା ଭଳି ପାତ୍ରୀ ନୁହଁ ନା କଅଣ ? ମନେରଖ ତନୁଶ୍ରୀ, ବାପା ଏଭଳି ଛୋଟ ଛୋଟ କଥାରେ ବିରକ୍ତ ହୁଅନ୍ତିନି । ଫାଦର କ'ଣ କହିବେ ଜାଣ ? ଏହାଠାରୁ

Digitized by srujanika@gmail.com

କ'ଣ ଅଧିକ. ମୂଲ୍ୟର କିଛି ମିଳିଲାନି ? ଆଉ ଟିକିଏ ଅଧିକ ମୂଲ୍ୟର ଉପହାର ବୋହୂକୁ ଦେଇଥିଲେ ଭଲ ହୋଇଥାଆନ୍ତା ।

ତନୁଶ୍ରୀର ହାତ ଧରି ଅତନୁ ଗାଡ଼ିଠାକୁ ଫେରି ଆସିଲା । ଏତେ ମୂଲ୍ୟବାନ୍ ଘଣ୍ଟାଟିଏ ପିନ୍ଧିଥିବାରୁ ତନୁଶ୍ରୀ ବଡ଼ ଅସ୍ୱସ୍ତି ବୋଧ କରୁଥାଏ ।

× × ×

ସନ୍ଧ୍ୟା ଆଗତ ପ୍ରାୟ । ଜେନିଭାରେ ସନ୍ଧ୍ୟା ଅତ୍ୟନ୍ତ ମନୋରମ । ଜେନିଭାରେ ଯେ ସୂର୍ଯ୍ୟାସ୍ତ ନ ଦେଖିଛି, ତାକୁ ବର୍ଣ୍ଣନା କରି କହି ହେବନି । ପଶ୍ଚିମ ଆକାଶର ଦୂର ଦିଗବଳୟରେ ଯେତେବେଳେ ସୂର୍ଯ୍ୟ ବୁଡ଼ିଯିବାକୁ ବସନ୍ତି ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣରେ ଜେନିଭାର ଦୂର ଦିଗ୍‌ବଳୟର ପର୍ବତ ରାଜି ସ୍ୱର୍ଣ୍ଣ ରଙ୍ଗରେ ରଞ୍ଜିତ ହେଲାଭଳି ଦିଶେ । ସତେ ଯେମିତି ପାହାଡ଼ଗୁଡ଼ିକ ଶୁଭ୍ର ତୁଷାର କିରୀଟ ଉପରେ ସ୍ୱର୍ଣ୍ଣମୁକୁଟ ପିନ୍ଧିଛନ୍ତି । ରକଫେଲର ପରିବାରର କେଡ଼ିଲାକ୍ ଗାଡ଼ି ଛୁଟିଚାଲିଲା ନିକଟବର୍ତ୍ତୀ କୁଲୁର ଉପବନ ଅଭିମୁଖେ । ଜେନିଭାର କୁଲୁର ଉପବନ ପୃଥିବୀ ପ୍ରସିଦ୍ଧ । ସଦ୍ୟ ବିବାହିତ ନବ ଦମ୍ପତିଙ୍କର ବିହାରସ୍ଥଳୀ ଭାବରେ ପୃଥିବୀ ପ୍ରସିଦ୍ଧ । ଗାଡ଼ିଟି ଅବିରତ ଗତିରେ ଗଡ଼ି ଚାଲିଥାଏ ଉପବନ ଅଭିମୁଖେ । ଗାଡ଼ି ଭିତରେ ମାତ୍ର ଦୁଇଟି ପ୍ରାଣୀ ଅତନୁ ଆଉ ତନୁଶ୍ରୀ । ଚାରିପାଖର ଅସଂଖ୍ୟ ସୌନ୍ଦର୍ଯ୍ୟଚ୍ଛଟାରେ ସେମାନେ ପୁଲକିତ ହୋଇ ଉଠୁଥାଆନ୍ତି । ଭାରତୀୟ ସିଲକ୍ ଶାଢ଼ି ଓ ସ୍ୱର୍ଣ୍ଣାଲଙ୍କାରରେ ଭୂଷିତା ହୋଇ ତନୁଶ୍ରୀ ଦିଶୁଥିଲା ଅତୀବ ସୁନ୍ଦରୀ ଓ ଲୋଭନୀୟ, ସତେ ଯେମିତି କୋଟିବ୍ରହ୍ମାଣ୍ଡର ଅକଳନ୍ତି ସୌନ୍ଦର୍ଯ୍ୟ ଲୋଟିପଡ଼ୁଛି ତନୁଶ୍ରୀର ପାଦତଳେ । ଗାଡ଼ିର ଚାଳକ ସ୍ୱୟଂ ଅତନୁ । କୁଲୁର ଉପବନର ମନୋରମ ସାନ୍ଧ୍ୟ ଉପଭୋଗ ଆଶା ନବ-ଦମ୍ପତିଙ୍କ ଜୀବନରେ ଏକ ଅବ୍ୟକ୍ତ ଆନନ୍ଦ ଖେଳାଇ ଦେଉଥାଏ ।

ଅତନୁର ଡାହାଣ ପାର୍ଶ୍ୱକୁ ଲାଗି ବସିଥିଲା ତନୁଶ୍ରୀ । ସ୍ୱର୍ଣ୍ଣ ଜରିଖଚିତ ଗାଢ଼ ନୀଳ ରଙ୍ଗର ଏକ ବନାରସୀ ସିଲ୍‌କ ଶାଢ଼ି ପିନ୍ଧିଥିଲା ସେ । ହାତ, ବେକ, ବାହୁ, କାନ, ନାକରେ ନାନାଦି ସ୍ୱର୍ଣ୍ଣାଲଙ୍କାର । ମୁଖରେ ତାର ମିଳନ ମଧୁର ହାସ୍ୟର ଏକ ଅରୁଣାଭ ସଙ୍କେତ, ଲୋଲ ବିଲୋଳନୟନରେ ବିରହବିଧୁରା ନବବଧୂର ଅବ୍ୟକ୍ତ ଭାଷା ଭଳି ନୀରବ ଭାଷା । ଘନ କୃଷ୍ଣ କେଶ ଗୁଚ୍ଛରେ ସଯତ୍ନ ଅଙ୍କିତ ସୀମନ୍ତିନୀ ରେଖା, ଆଉ ନବନୀତ କୋମଳ ତଳୁଲତାରେ ସରଳ ଯୌବନର ତରଳସ୍ରୋତ ସଙ୍ଗେ ଲସିତ ଅଧରରେ ଶତସହସ୍ର ଅମୀମାଂସିତ ପ୍ରଶ୍ନ ଗୁଚ୍ଛର ଆବରଣରେ ସେ ଦିଶୁଥିଲା ଅତି କମନୀୟ ଓ ମନମତାଣିଆ । ପଦ୍ମ ଫୁଲ ପରି ତଳ ତଳ ମୁଖମଣ୍ଡଳରୁ ବାହାରୁଥିଲା ଅପରୂପ ଜ୍ୟୋତି । ଦେଖି ମନେ ହେଉଥିଲା ସତେ ଯେମିତି ସ୍ୱର୍ଗରୁ ଓହ୍ଲାଇ ଆସିଛି ପୁରାଣ ବର୍ଣ୍ଣିତ ପରୀଟିଏ ।

Digitized by srujanika@gmail.com

ଝିଅମାନେ ଭାରତୀୟ ପୋଷାକରେ ଯେ ଏତେ ସୁନ୍ଦର ଦିଶି ପାରନ୍ତି ଅତନୁ କେବେ କଳ୍ପନା କରି ନଥିଲା । ଆମେରିକାରେ ସେ ବହୁ ଭାରତୀୟ ରମଣୀଙ୍କୁ ଦେଖିଛି, ସେମାନେ ସମସ୍ତେ ଭାରତୀୟ ପୋଷାକକୁ ପରିତ୍ୟାଗ କରି ପାଶ୍ଚାତ୍ୟ ପୋଷାକକୁ ନିଜର କରି କେତେ ହତଶ୍ରୀ ଦିଶନ୍ତି । ଅତନୁର ଆଖିରେ ଭାରତୀୟ ନାରୀ ଦେହରେ ପାଶ୍ଚାତ୍ୟ ପୋଷାକ କେମିତି ଖାପଛଡ଼ା ଦିଶେ, ମୋଟେ ନୟନ ତୃପ୍ତିକର ହୁଏନି । ଭାରତୀୟ ରମଣୀ ଭାରତୀୟ ପୋଷାକ ପିନ୍ଧିଲେ ତା'ର ରୂପ, ସୌନ୍ଦର୍ଯ୍ୟ ଯେମିତି ଫୁଟି ଉଠେ ପାଶ୍ଚାତ୍ୟ ପୋଷାକ ତାକୁ ଶ୍ରୀହୀନ କରି ଦିଏ, ଏ କଥା ବହୁ ଯୁବତୀ ହୃଦୟଙ୍ଗମ କରି ମଧ୍ୟ ପାଶ୍ଚାତ୍ୟ ପୋଷାକକୁ ନିଆଦରି ରହି ପାରନ୍ତିନି । ତନୁଶ୍ରୀର ଅପରୂପ ସୌନ୍ଦର୍ଯ୍ୟକୁ କାର୍‌ର ଦର୍ପଣରେ ଦେଖୁଁ ଦେଖୁଁ ଅତନୁ ହୋଇ ପଡ଼ୁଥିଲା ଅସ୍ଥିର । ସତେ ଯେମିତି ତାର ସାରା ଶରୀରରେ ଖେଳିଯାଉଥିଲା ବେଦନାର ଏକ ଅସ୍ପଷ୍ଟ ସ୍ରୋତ । ଦର୍ପଣରେ ଲକ୍ଷ୍ୟ କରୁଁ କରୁଁ ସେ ବେଳେବେଳେ ହୋଇ ପଡ଼ୁଥିଲା ଅନ୍ୟମନସ୍କ । ଅନୁଭବ କରୁଥିଲା ତାର ହାତଗୋଡ଼ ଯେମିତି ଅବଶ ହୋଇପଡ଼ୁଛି, ସେ କାର୍ ଚଳାଇବାକୁ ଅକ୍ଷମ ।

ଧୀରେ ଧୀରେ ଅତନୁର ଡାହାଣ ହସ୍ତ ତନୁଶ୍ରୀର କାନ୍ଧ ମଣ୍ଡନ କଲା । କାନ୍ଧ ଉପରେ ଈଷତ୍ ଚାପଦେଇ ନିଜ ଆଡ଼କୁ ଟାଣି ଆଣି କହିଲା, "ବାସ୍ତବିକ ତନୁଶ୍ରୀ, ତୁମକୁ ଏହି ଭାରତୀୟ ପୋଷାକ କେତେ ସୁନ୍ଦର ଦିଶୁଛି, ତୁମେ ଜାଣି ପାରୁନାହଁ । ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିପାରେ, ତୁମର ଏ ଅକଳନ୍ତ ସୌନ୍ଦର୍ଯ୍ୟ ଆଗରେ ସ୍ୱର୍ଗର ସୁନ୍ଦରୀ ମେନକା କି ଉର୍ବଶୀଙ୍କ ସୌନ୍ଦର୍ଯ୍ୟ ଯେ ମଳିନ ପଡ଼ିଯିବ ଏହା ଅନସ୍ୱୀକାର୍ଯ୍ୟ ।"

"ଆଉ ଥାଉ, ତୁମଭଳି ବୈଜ୍ଞାନିକଙ୍କ ମୁଖରେ ଏଭଳି କବିତାର ସ୍ୱର ଶୋଭାପାଏନି ।" କହୁଁ କହୁଁ ଅତନୁର ପାଟିକୁ ନିଜର ତପ୍ତକାଞ୍ଚନବର୍ଣ୍ଣୀ ଫୁଲିଲା ଫୁଲିଲା ପାପୁଲିରେ ବନ୍ଦ କରିବାକୁ ଚେଷ୍ଟା କଲା ତନୁଶ୍ରୀ ।

ତନୁଶ୍ରୀର ହାତକୁ ଈଷତ୍ କାମୁଡ଼ିଦେଇ ଅତନୁ କହିଲା, "ଏହା ମୋର ହୃଦୟର ଭାଷା ତନୁଶ୍ରୀ ! ତୁମେ ଏହି ଭାଷାର ସ୍ରୋତକୁ ପାପୁଲି ସାହାଯ୍ୟରେ ବନ୍ଦ କରିପାରିବନି । ବୃଥା ଚେଷ୍ଟା ମାତ୍ର ।

ସେତେବେଳକୁ ଅତନୁର ବାମହସ୍ତ ତନୁଶ୍ରୀର ଗ୍ରୀବାଦେଶକୁ ବେଷ୍ଟନ କରି ସାରିଥିଲା । ଶରୀରରେ ଏକ ଅପରୂପ ଶିହରଣରେ ତନୁଶ୍ରୀ ହୋଇ ପଡ଼ୁଥିଲା ଦୁର୍ବଳ । ସେ ନିଜକୁ ବେଳାକୁବେଳ ଆହୁରି ଦୁର୍ବଳ ଅନୁଭବ କରି ଅତନୁ ଆଡ଼କୁ ଢଳି ପଡ଼ୁଥିଲା । ଧୀରେ ଧୀରେ ଅତନୁର ଦେହ ସହିତ ଲାଗି ଲାଗି ଆସୁଥିଲା ତନୁଶ୍ରୀର କୁସୁମ କୋମଳ ଅଙ୍ଗଲତା ।

Digitized by srujanika@gmail.com

କୁନୁର ଉପବନରେ ହେମନ୍ତବେଳକୁ ସନ୍ଧ୍ୟା ହୋଇଗଲାଣି । ଶୁଭ୍ର ଜ୍ୟୋତ୍ସ୍ନା ପୁଲକିତ ଯାମିନୀ, ପ୍ରକୃତି ରାଣୀ ହସି ଉଠୁଛି ଏକ ଅପୂର୍ବ ମାଦକତା ନେଇ । ଚାରିଆଡ଼େ ବାସନ୍ତୀ ପୂର୍ଣ୍ଣିମାର ଫେନିଳ ପ୍ଲାବିତ କୌମୁଦୀ ଅଯତ୍ନ ଭାବରେ ବିଞ୍ଚାଡ଼ି ହୋଇପଡ଼ିଛି ଶାନ୍ତ ପ୍ରଭାତର ମ୍ଳାନମୁଖୀ ରଜନୀଗନ୍ଧା କି ହେମନ୍ତ ନିଶାନ୍ତର ବୃନ୍ତଚ୍ୟୁତ ଶିଶିର ମିଶ୍ରିତ ଦୁର୍ବାଦଳ ବିଲୁଣ୍ଠିତ ଶ୍ରୀଭ୍ରଷ୍ଟ ଶେଫାଳିକା ଭଳି ।

କାର୍‌କୁ ଯଥାସ୍ଥାନରେ ପାର୍କ କରିଦେଇ ଅତନୁ ଓ ତନୁଶ୍ରୀ ଚାଲିଲେ ଉପବନ ଭିତରକୁ । ତନୁଶ୍ରୀର ବାହୁ ସହିତ ଅତନୁର ବାହୁ ଛନ୍ଦିହୋଇ ରହିଥିଲା, ସତେ ଯେମିତି କେହି କାହାରିକୁ ଛାଡ଼ିବାକୁ ଇଚ୍ଛୁକ ନୁହନ୍ତି । ଉପବନର ସାନ୍ଧ୍ୟକାଳୀନ ସୌନ୍ଦର୍ଯ୍ୟ ସେଥିରେ ପୁଣି ଶୁଭ୍ର ଜ୍ୟୋତ୍ସ୍ନାର ଶ୍ରେଷ୍ଠଶ୍ରେଷ୍ଠ ଲହରୀ ଉପବନକୁ ଆହୁରି ଅଧିକ ମନୋରମ କରି ତୋଳିଥାଏ । ଉପବନଠାରୁ ଅଳ୍ପ ଦୂରରେ କୃତ୍ରିମ ହ୍ରଦ ଦୂର ଦିଗ୍‌ବଳୟକୁ ଆଚ୍ଛାଦିତ କରି ମେଲିରହିଥାଏ । ହ୍ରଦର ମୃଦୁବାତ ବିକ୍ଷୋଭିତ ସାନ୍ଧ୍ୟ ସୌନ୍ଦର୍ଯ୍ୟରେ ଚହଲି ଉଠୁଥିବା ଚନ୍ଦ୍ରାଲୋକ ସ୍ଥାନଟିକୁ ଆହୁରି ସୁନ୍ଦର କରି ତୋଳିଥାଏ । ଉପବନର ବୃକ୍ଷଗୁଡ଼ିକ ବସନ୍ତ ଋତୁର ନବପତ୍ର ସମ୍ଭାରରେ ହସି ଉଠୁଥାନ୍ତି । ହ୍ରଦର ବକ୍ଷ ଉପର ଦେଇ ବହିଆସୁଥିବା ଜଳସିକ୍ତ ମୃଦୁମନ୍ଦ ସମୀରଣ ତନୁଶ୍ରୀର ଚୂର୍ଣ୍ଣ କୁନ୍ତଳ ସହିତ ଲୁଚକାଳି ଖେଳିବା ଆରମ୍ଭ କରି ଦେଇଥାଏ । ସମୀରଣର ଅପୂର୍ବ ହିଲ୍ଲୋଳରେ ଉଭୟଙ୍କ ମନ ଏକ ଅନିର୍ବଚନୀୟ ଉନ୍ମାଦନାରେ ଉଲୁସି ଉଠୁଥାଏ । ହ୍ରଦ ଜଳ ଠାରୁ ଅଳ୍ପ ଦୂରରେ ଗଛପତ୍ରର ଏକ ସୁନ୍ଦର ଆଢ଼ୁଆଳରେ ଏକ ସୁନ୍ଦର ଲତାକୁଞ୍ଜ । ବହୁ ବର୍ଣ୍ଣର ବିବିଧ ପତ୍ର ଓ ପୁଷ୍ପ ସମ୍ଭାରରେ ଲତାକୁଞ୍ଜଟି ଭାଙ୍ଗି ପଡ଼ୁଛି । ଅତନୁ ତନୁଶ୍ରୀର ଚମ୍ପକ କଳିକାନିନ୍ଦି ଅଙ୍ଗୁଳି ଉପରେ ସ୍ୱଳ୍ପ ଚାପ ପ୍ରଦାନ କରି ଆବେଗ ଭରା କଣ୍ଠରେ କହିଲା, 'ଦେଖୁଛ ତନୁଶ୍ରୀ, ସମ୍ମୁଖସ୍ଥ ସେହି ପୁଷ୍ପକୁଞ୍ଜଟି ଏହି ଜ୍ୟୋତ୍ସ୍ନା ବିଧୌତ ରଜନୀରେ କେଡ଼େ ମନୋରମ ଦିଶୁଛି । ଯେଉଁ ଆଡ଼କୁ ଚାହିଁବ କୁଞ୍ଜଟି ଅସଂଖ୍ୟ ପ୍ରକାର ବିବିଧବର୍ଣ୍ଣା ପୁଷ୍ପସମ୍ଭାର ଘେନି ଠିଆହୋଇଛି, ସତେ ଯେମିତି ଆମନ୍ତ୍ରଣ କରୁଛି ନବ ବିବାହିତା ଦମ୍ପତିଙ୍କୁ ତାର କୋଳରେ ବାସର ରାତ୍ରିର ମଧୁଚନ୍ଦ୍ରିକା ବିତାଇବା ପାଇଁ । ଏମିତି ଦୁର୍ବଳ ମୁହୂର୍ତ୍ତରେ ମଣିଷର ମନ କ'ଣ ଲୋଡ଼େ ଜାଣ ତନୁଶ୍ରୀ ?"

ଉପବନର ଅପୂର୍ବ ସୌନ୍ଦର୍ଯ୍ୟ ସମ୍ଭାରରେ ତନୁଶ୍ରୀ ହୋଇପଡ଼ିଥିଲା ଆତ୍ମହରା । ସେ ନିଜକୁ ଏତେ ଦୁର୍ବଳ ଅନୁଭବ କରୁଥିଲା ଯେ ଅତନୁର କଥା ତା'ର କର୍ଣ୍ଣଗହ୍ୱରରେ ପ୍ରବେଶ କରୁଥିଲେ ହେଁ ସେ କିଛି ଶୁଣିପାରୁ ନଥିଲା । କେବଳ ଉତ୍କଣ୍ଠା ବ୍ୟଞ୍ଜିତ ଦୃଷ୍ଟିରେ ସେ ଅତନୁକୁ ଚାହିଁ ରହିଥିଲା । ଅତନୁର କୋଳରେ ସେ କେତେବେଳୁ ଆଶ୍ରୟ ନେଇସାରିଲାଣି ସେ ଜାଣେନା ।

ତନୁଶ୍ରୀକୁ କୋଳରେ ଧରି ଅତନୁ ଲକ୍ଷ୍ୟକଲା ଲୋହିତ-ରାଗ-ରଞ୍ଜିତ ସନ୍ଧ୍ୟାକାଶର ରଙ୍ଗଭଳି ତନୁଶ୍ରୀର ଲଜ୍ଜାନମ୍ରୀଳିତ ମୁଖମଣ୍ଡଳ ଆହୁରି ଆରକ୍ତ ହୋଇ ଉଠିଛି ଅତି

Digitized by srujanika@gmail.com

ଆକର୍ଷଣୀୟ ଭଙ୍ଗୀରେ । କ୍ଷୀଣ ବସନ ପରିହିତା, ତପ୍ତକାଞ୍ଚନ ବର୍ଣ୍ଣା ନିରୂପମା କୋମଳାଙ୍ଗୀ ମୁଖରେ ସଲ୍ଲଜ ମଧୁର ମୃଦୁହାସି, ଜ୍ୟୋତ୍ସ୍ନା ବିଧୌତ ମୁଖମଣ୍ଡଳରେ ଆକର୍ଷଣୀୟ ଯୌବନ ରକ୍ତିମ ଆଭା ସାରା ତନୁଲତାରେ ତା'ର ସମସ୍ତ ଜୀବନ ଯୌବନ ବିଭବର ଢଳ ଢଳ ମନମତାଣିଆ ରୂପ ଅତନୁ ଆଗରେ ତାକୁ ଯେ କେଉଁ ଅଭିସାରିକା ରୂପରେ ଠିଆ କରାଇଥାଏ, ତାହା କବିର ବର୍ଣ୍ଣନା ବାହାରେ । ଅତନୁର ମନେ ହେଉଥାଏ, ସତେ ଯେମିତି କୋଟି ବ୍ରହ୍ମାଣ୍ଡର ଅସୁମାରି ସୌନ୍ଦର୍ଯ୍ୟର ଅସରନ୍ତି ଭଣ୍ଡାର ଲୋଟିପଡ଼ୁଛି ତାର କୋଡ଼ରେ ।

ନିଜକୁ ଆଉ ସମ୍ଭାଳି ପାରିଲାନି ଅତନୁ । ଧୀରେ ଧୀରେ ତାର ବାହୁଯୁଗଳ ଅଲକ୍ଷ୍ୟରେ କଠିନ ହୋଇ ଆସିଲା । ଅତନୁର ପ୍ରଶସ୍ତ ବାହୁ ବନ୍ଧନୀ ଭିତରେ ଆବଦ୍ଧ ହୋଇ ତନୁଶ୍ରୀ ଅନୁଭବ କରୁଥିଲା ଶତ ବୃଶ୍ଚିକର ସମ୍ମିଳିତ ଦଂଶନ । ଗୃହୁଁ ଗୃହୁଁ ଅତନୁର ପ୍ରଶସ୍ତ ବକ୍ଷ ସହିତ ତନୁଶ୍ରୀର ଉନ୍ନତ ବକ୍ଷ ପାଖେଇ ଆସିଲା । ଦୁଇଟି ସ୍ଫୁରିତ ଅଧର ମିଳିତ ହେବା ଆଶାରେ ପାଖେଇଆସିଲେ ।

କିଛି ସମୟପରେ ଥର ଥର ଗଳାରେ ଅତନୁ ଡାକିଲା, "ତନୁଶ୍ରୀ !"

"ଉଁ", ଅତନୁର ପ୍ରଶସ୍ତ ବକ୍ଷ ଭିତରେ ନିଜକୁ ପୁରାପୁରି ହଜାଇ ଦେଇ ତନୁଶ୍ରୀ ଦେଖୁଥିଲା ସ୍ୱପ୍ନ । କେବଳ 'ଉଁ' କହିବାଛଡ଼ା ଅନ୍ୟ କିଛି କହିବା ଅବସ୍ଥାରେ ସେ ସେତେବେଳେ ନଥିଲା ।

ଅତନୁ କହିଲା, "ଦୁର୍ବଳ ମନର ଏହି ମୁହୂର୍ତ୍ତଗୁଡ଼ିକ ପ୍ରକୃତରେ କେତେ ମଧୁମୟ ତନୁଶ୍ରୀ ? ମନ ହେଉଛି ଏହି ଦୁର୍ବଳ ମୁହୂର୍ତ୍ତଗୁଡ଼ିକ ଆଉ ଅପସରି ନ ଯାଆନ୍ତା କି । ଯାହା କୁହ ତନୁଶ୍ରୀ, ଜୀବନରେ ଏଭଳି ମଧୁମୟ ମୁହୂର୍ତ୍ତ ଖୁବ୍ କମ୍ ସମୟପାଇଁ ଆସେ । ଏଭଳି ମୁହୂର୍ତ୍ତରେ ଜୀବନ ଯେଭଳି ରସମୟ ହୋଇଉଠେ, ସେଭଳି ରସମୟ ମୁହୂର୍ତ୍ତ ସାରା ଜୀବନରେ ଆଉ କେବେ ମିଳେ କି ନାହିଁ ସନ୍ଦେହ ।

ଧୀରେ ଧୀରେ ତନୁଶ୍ରୀର ମୁଦ୍ରିତ ନୟନ ମେଲିଲା, ଠିକ୍ ଅଙ୍ଗ ସ୍ପର୍ଶର କିଛି ସମୟପରେ ମୁଦ୍ରିତ ଲାଜକୁଳିଲତା ତାର ପତ୍ର ସମୂହ ମେଲିଲାଭଳି । ଅତନୁର ବାହୁବନ୍ଧନ ଭିତରେ ପୁରାପୁରି ଆବଦ୍ଧଥିଲା ତନୁଶ୍ରୀର ଚିକ୍କଣ ସ୍ନିଗ୍ଧ ଅଙ୍ଗଲତା । ରକ୍ତ ଗୋଲାପର ଛିନ୍ନ ପାଖୁଡ଼ା ଭଳି ତା'ର ଲଜ୍ଜାରୁଣ କପୋଳ ଉପରେ ଆଙ୍କି ହୋଇ ଯାଇଥାଏ ମଧୁର ଚୁମ୍ବନର କେତୋଟି ଅଲିଭା ସୁନେଲି ଦାଗ । ତନୁଶ୍ରୀ ତା'ର ଅରୁଣ ରକ୍ତିମ ଅଧରରେ ଦରବିକଶିତ ହାସ୍ୟରେଖାକୁ ଖେଳାଇ ବଙ୍କିମ ଭ୍ରୂଲତା ତଳେ ମଦଭରା ମୃଗାକ୍ଷି ଦୁଇଟିକୁ ନଚାଇ କହିଲା, "ଜେନିଭା ପ୍ରକୃତରେ କେତେ ସୁନ୍ଦର ? କଳ୍ପନାର ନନ୍ଦନକାନନ ଏହା ଆଗରେ କିଛିନୁହେଁ । ପୃଥିବୀରେ ଏତେ ସୁନ୍ଦର ସହର ଅଛି ବୋଲି ମୋର ଧାରଣା ନଥିଲା । ଜେନିଭାର ଏହି ବିରାଟ ହ୍ରଦକୂଳରେ ଏହି ଉପବନଟି କେତେ ମନୋରମ । ପ୍ରାଚୀର ଭଳି ତିନିଦିଗକୁ ମାଡ଼ି ରହିଛି ତୁଷାର କିରୀଟ ପାହାଡ଼ ରାଜି । ଅନ୍ୟ ଦିଗଟିକୁ ଆବଦ୍ଧ କରିଛି ଦିଗନ୍ତ ବିସ୍ତାରୀ

Digitized by srujanika@gmail.com

ନୀଳବର୍ଣ୍ଣର ଏହି ସୁନ୍ଦର ଦୃଶ୍ୟଟି । ଛାୟା ଓ ଜ୍ୟୋତ୍ସ୍ନାର କି ଅପୂର୍ବମିଳନ ସତେ ! ନିର୍ମଳ ଆକାଶରେ ଶୁଭ୍ର କୌମୁଦୀ, ଜଳ ପୃଷ୍ଠରେ ଜ୍ୟୋତ୍ସ୍ନା ପ୍ରତିଫଳିତ କରାଉଛି। ଶତ ପୁଷ୍ପ ଗନ୍ଧବାହୀ ନୈଶ ସମୀରଣ, ସମ୍ମୁଖସ୍ଥ ଅମରାବତୀର ନନ୍ଦନକାନନନିନ୍ଦ ଉପବନ ଲୋଡ଼େ କବିର ବର୍ଣ୍ଣନା, କବିତାର ଝଙ୍କାର ଆଉ…”

“ଆଉ ଆତ୍ମାର ମିଳନ ।” ତନୁଶ୍ରୀ ମୁହଁରୁ କଥା ଛଡ଼ାଇ ନେଇ ଅତନୁ କହିଲା, “ଅତୃପ୍ତ ଆତ୍ମାର ମିଳନ ଭଳି କେବେ ମଧୁମୟ ହୋଇପାରେନା କବିର କଳ୍ପନା କି କବିତାର ଝଙ୍କାର ତନୁଶ୍ରୀ ।”

ପରମୁହୂର୍ତ୍ତରେ ଅତନୁର ଆଲିଙ୍ଗନ ଆହୁରି ନିବିଡ଼ ହୋଇଆସିଲା । ପରସ୍ପରର କମ୍ପିତ ଅଧର ଦୁଇଟି ପୁନର୍ମିଳନ ଆଶାରେ ପୁଣି ପାଖେଇ ଆସିଲେ । ଉଭୟଙ୍କ ଚକ୍ଷୁ ପୂରାପୂରି ମୁଦ୍ରିତ । ସେଇ ମୁଦ୍ରିତ ନୟନର ଘନ ଅନ୍ଧକାର ଭିତରେ ଉଭୟେ ପରସ୍ପରକୁ ଦେଖୁଥିଲେ ଆହୁରି ପାଖରେ, ଆହୁରି ନିବିଡ଼ଭାବରେ, ସତେ ଯେମିତି ଦୁଇଟି ଅତୃପ୍ତ ଆତ୍ମା ଏକ ହୋଇ ଦିଗନ୍ତହୀନ ମହାଶୂନ୍ୟଭିତରେ ଲୀନ ହୋଇଯାଉଛି ।

ନିଜ ଛାତି ଉପରୁ ତନୁଶ୍ରୀର ଲଜ୍ଜା ରଞ୍ଜିତ ମୁହଁକୁ ଉଠାଇ ଅତନୁ ପଚାରିଲା, “ଆମେ ବର୍ତ୍ତମାନ ଫେରିଯିବା ତନୁଶ୍ରୀ । ରାତିର ପ୍ରଥମ ପ୍ରହର ଯେ ଶେଷ ହେବା ଉପରେ ।”

ପୂର୍ବଭଳି ଚକ୍ଷୁ ଦ୍ୱୟକୁ ମୁଦ୍ରିତ କରି ତନୁଶ୍ରୀ ଉତ୍ତର ଦେଲା, “ଉଁ ହୁଁ …।”

ତନୁଶ୍ରୀର ରକ୍ତିମ ଅଧର ସହିତ ମିଳିତ ହେବାପାଇଁ ଅତନୁର ଅଧର ପୁଣି ପାଖେଇ ଆସିଲା ।

× × ×

ରଜନୀର ମଧ୍ୟମ ପ୍ରହର ।

ନୈନିଭ ହ୍ରଦ କୂଳରେ ଉପବନର ସୀକରଶିକ୍ତ ଦୂର୍ବାବେଦୀ ଉପରେ ଅତନୁ ଅର୍ଦ୍ଧଶାୟିତ । କୋଳରେ ମୁଣ୍ଡ ରଖି ସୁନ୍ଦରୀ ତନୁଶ୍ରୀ ମୁଦ୍ରିତନୟନା । ତାର ନିମୀଳିତ ଚକ୍ଷୁ ପଲ୍ଲବ ଶାନ୍ତ ସୁଷୁପ୍ତିରେ ଅପୂର୍ବ ଆକର୍ଷଣ ସୃଷ୍ଟି କରୁଛି । ତନୁଶ୍ରୀ କଟୀର କ୍ଷୀଣ ମେଖଳା ସ୍ରସ୍ତ ବସନ ଯୋଗୁଁ ବେଶ୍ ପରିସ୍ଫୁଟ । କମ୍ର ବକ୍ଷରୁ ଝୀନବସନ ଅଯତ୍ନଭାବରେ ତଳକୁ ଖସି ଆସିଛି । ଆବୃତହୀନ ଉନ୍ନତ ବକ୍ଷରୁ ଝରିପଡ଼ୁଛି ଶୁଭ୍ର ଜ୍ୟୋତ୍ସ୍ନାର ଅଗଣିତ ପୁଷ୍ପରାଜି । ଲାକ୍ଷା ବର୍ଣ୍ଣରଞ୍ଜିତ ଚରଣ ଯୁଗଳର କମନୀୟ ପାର୍ଶ୍ୱକୁ ଚୁମ୍ବନ କରୁଛି ପୀନୋନ୍ନତ ବକ୍ଷକୁ ଅନାବୃତ କରି ଖସି ଆସିଥିବା ଝୀନ ରେଶମ ବସ୍ତ୍ର । କବରୀ ବନ୍ଧନ ବିମୁକ୍ତ କୃଷ୍ଣ କେଶରାଜି ଆବୃତ କରୁଛି ବକ୍ଷବନ୍ଧନୀ ବିମୁକ୍ତ ଆନତ ବିମୁଖ ବକ୍ଷ ସୌନ୍ଦର୍ଯ୍ୟ ଯୁଗଳକୁ । ବିନ୍ୟସ୍ତ ବସ୍ତ୍ରାଭରଣ ସମଗ୍ର ତନୁଟିକୁ ଆବୃତ କରିପାରିନି । ଅତନୁ ତନୁଶ୍ରୀର ମୃଣାଳ ନିନ୍ଦିତ ବାହୁର ମଣିମାଣିକ୍ୟ ଖଚିତ ସ୍ୱର୍ଣ୍ଣ କେୟୂରର ପଦ୍ମକଳିକାକୁ ଇତଃସ୍ତତଃ କରୁଁ କରୁଁ ପଚାରିଲା,

Digitized by srujanika@gmail.com

"ରାତିର ମଧ୍ୟମ ପ୍ରହର ଶେଷହେବା ଉପରେ ତନୁଶ୍ରୀ, ଆମେ ବର୍ତ୍ତମାନ ଫେରିଯିବା ରକଫେଲର ପ୍ରାସାଦକୁ ।

"ଉଁ ହୁଁ ।"

ତନୁଶ୍ରୀ ଫେରିବା ଅବସ୍ଥାରେ ନଥିଲା । ସେ ଶୁଇଥିଲା ଅତନୁଙ୍କୁ ଆଦୁରି ପାଖରେ, ଆଦୁରି ନିବିଡ଼ ଛାତିରେ ।

× × ×

"ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଡକ୍ଟର ଗୋଲଡ଼୍ ଓ୍ୱାଟର । ଆପଣମାନେ କେମିତି ଜାଣିଲେ ମୁଁ ବର୍ତ୍ତମାନ ନେ୍ୟୁୟର୍କରେ ଅଛି ବୋଲି ? ମୋର ଏଠାକୁ ଆସିବା କଥା ତ କେହି ଜାଣି ନାହାନ୍ତି । ମୁଁ ତ ମାତ୍ର ଛୁଟିଦିନ ପାଇଁ ଆସିଛି ଏଠାକୁ ସମସ୍ତଙ୍କ ଅଜାଣତରେ ।"

"ଗତକାଲି ଆମ ହସପିଟାଲର ସିନିୟର କେନସର ସର୍ଜନ ଡକ୍ଟର ହେରିଙ୍ଗଟନ୍ ଆପଣଙ୍କୁ ରୋଲେକ୍‌ସ କୋମ୍ପାନୀର ସୋ ରୁମ୍‌ରେ ଘଡ଼ି କିଣିବାର ଦେଖିଥିଲେ । ଆପଣ ରକଫେଲର ପ୍ରାସାଦର କେଡ଼ିଲାକ ଗାଡ଼ିରେ ଆସିଥିବାରୁ ଆମେ ସମସ୍ତେ ଧରିନେଲୁଁ ଆପଣ ନିଶ୍ଚୟ ରକ୍‌ଫେଲର ପ୍ରାସାଦରେ ରହୁଥିବେ । ସେଠାକୁ ଫୋନ କରି ବୁଝିଲୁ ଆମ ଅନୁମାନ ଠିକ୍ । ତେଣୁ କାଳ ବିଳମ୍ବ ନକରି ଆପଣଙ୍କ ସାକ୍ଷାତ ପାଇଁ ଚାଲିଆସିଲୁଁ ।"

"କିନ୍ତୁ ଆପଣମାନଙ୍କର ଆସିବାର ଉଦ୍ଦେଶ୍ୟ ?"

"ଆଜ୍ଞା, ସେମିତି କିଛି ନୁହେଁ । ତେବେ ରୋଲକ୍‌ସ କୋମ୍ପାନୀର ମେନେଜିଂଡିରେକ୍ଟରଙ୍କ ସ୍ତ୍ରୀ ସ୍ତନକର୍କଟ ରୋଗରେ ପୀଡ଼ିତା । ସେ ଆସନ୍ତାକାଲି ତାଙ୍କ ସ୍ତ୍ରୀଙ୍କୁ ଧରି ନିଉୟର୍କ ଯାଇଥାନ୍ତେ ଆପଣଙ୍କ ଇନଷ୍ଟିଚ୍ୟୁଟ୍‌କୁ ଚିକିତ୍ସା ପାଇଁ । ତାଙ୍କର ଇଚ୍ଛା, ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଆପଣଙ୍କ ଛଡ଼ା ଆଉ କେହି କରିବେନି । ଯଦି ଅପରେସନ୍ ଦରକାର ପଡ଼େ ତେବେ ଆପଣଙ୍କ ହାତରେ ହିଁ ଅପରେସନ କରାଇବା ତାଙ୍କର ଇଚ୍ଛା । ଆପଣଙ୍କ ପ୍ରସିଦ୍ଧି ସେମାନେ ଏତେ ଶୁଣିଛନ୍ତି ଯେ, ଆପଣଙ୍କ ଛଡ଼ା ଅନ୍ୟ କାହାଦ୍ୱାରା ଚିକିତ୍ସିତ ହେବା ଚାହାଁନ୍ତିନି ।

"ଆମେ ତାଙ୍କ ସ୍ତ୍ରୀଙ୍କୁ ପରୀକ୍ଷା କରି ଦେଖିଛୁ ଯେ, ରୋଗ ବେଶି ଦୂର ବ୍ୟାପିନି; ଆରମ୍ଭ ଅବସ୍ଥାରେ ଅଛି । ତେବେ ଅଳ୍ପଦିନ ଭିତରେ ଅପରେସନ୍ ନକଲେ ରୋଗ ଆୟତ୍ତ ବାହାରକୁ ଚାଲିଯିବ । ତେବେ ସେମାନଙ୍କର ଗୋଟିଏ ଚିନ୍ତା । ସେମାନେ ନିଉୟର୍କ ଗଲେ ନିଉୟର୍କରେ ଯେଉଁ ବ୍ୟବସ୍ଥା, ସେଥିରେ କ'ଣ ସଙ୍ଗେ ସଙ୍ଗେ ଆପଣଙ୍କଠାରୁ ଅପରେସନର ସୁବିଧା ପାଇପାରିବେ ? ଆମେ ଯାହା ଶୁଣିଛୁଁ, ଆପଣଙ୍କ ସେଠି ଯାହା ଭିଡ଼, ଛଅ ସପ୍ତାହ ଆଗରୁ ଡେଟ୍ ପାଇବା ସମ୍ଭବପର ନୁହେଁ ।"

Digitized by srujanika@gmail.com

"ଆପଣମାନେ ରୋଗୀକୁ ନର୍ସିଂହୋମ୍‌କୁ ନେଇ ଆସନ୍ତୁ, ମୁଁ ଚେଷ୍ଟା କରିବି ଆପଣମାନେ ଯେମିତି ଖୁବ୍ ଶୀଘ୍ର ଡେଟ୍ ପାଇଯିବେ ।"

"ଆପଣ ଯଦି କିଛି ମନେ ନକରନ୍ତି, ତେବେ ଥରେ ମାତ୍ର ରୋଗୀ ଉପରେ ଆଖି ପକାଇ ଦେବେକି ଆଜ୍ଞା । ଆମର ରୋଗର ପ୍ରସାର ନିର୍ଣ୍ଣୟରେ ଯଦି କେଉଁଠି କିଛି ପ୍ରମାଦ ଥାଇପାରେ ।"

ହସିଲି ଅତନୁ । "ଆପଣମାନେ ତ ସବୁପ୍ରକାର ପରୀକ୍ଷା ନିରୀକ୍ଷା କରିସାରିଥିବେ ! ଆପଣମାନଙ୍କ ନିର୍ଣ୍ଣୟରେ ଯେ କେଉଁଠି ପ୍ରମାଦଥିବ, ତାହା ମୁଁ ଭାବିପାରୁନି ।"

"ତଥାପି ଆପଣ ଟିକିଏ ଆମ ସହିତ ଚାଲନ୍ତୁ ଆଜ୍ଞା । ବେଶି ଡେରି ହେବନି ଆପଣଙ୍କର । ଏହି ଯିବେ ପୁଣି ଚାଲିଆସିବେ ।"

"ଆଜ୍ଞା, ମୋ ପ୍ରତି ଟିକିଏ ଦୟା କରନ୍ତୁ ସାର୍ । ମୁଁ ମହା ଦରିଆରେ ଭାସୁଛି । ଆପଣଙ୍କ ସାହାଯ୍ୟ ନ ପାଇଲେ ମୋ ସଂସାର ଭାସିଯିବ ଆଜ୍ଞା ।" ଲୋତକପୂର୍ଣ୍ଣ ନୟନରେ କହିଲେ ରୋଲେକ୍ସ୍ କୋମ୍ପାନୀର ମେନେଜିଂ ଡିରେକ୍ଟର ।

"ଆପଣମାନେ ମୋ ଅବସ୍ଥା ଟିକିଏ ବୁଝନ୍ତୁ । ମୁଁ ବର୍ତ୍ତମାନ ରୋଗୀ ଦେଖିବା ଅବସ୍ଥାରେ ନାହିଁ । ଏକ ବ୍ୟକ୍ତିଗତ କାମରେ ମୁଁ ଆସିଛି ଏଠାକୁ । ରୋଗୀକୁ ଦେଖିବାକୁ ଫୁରୁସତ ଥିଲେ ସିନା ଯାଇ ଦେଖିବି । ମୋ କାମ ସାରି ମୁଁ କେମିତି ନର୍ସିଂହୋମ୍ ଫେରିଯିବି ସେଇ ମୋର ଚିନ୍ତା । ଆପଣ ସେଠାକୁ ରୋଗୀକୁ ନେଇ ଚାଲନ୍ତୁ । ରୋଗ ଚିକିତ୍ସାରେ କିଛି ଅସୁବିଧା ହେବନି ।"

"ତେବେ ଆପଣ ଯେତେବେଳେ ଏଠାକୁ ଆସିଛନ୍ତି, ରୋଗୀ ଉପରେ ଟିକିଏ ଦୃଷ୍ଟି ପକାଇଦେଲେ ଆମେ ଆପଣଙ୍କଠାରେ ଚିର କୃତଜ୍ଞ ରହନ୍ତୁ ଆଜ୍ଞା । ବେଶି ସମୟ ନଷ୍ଟ ହେବନି ଆପଣଙ୍କର ।"

"ଆପଣମାନେ ମୋତେ ଏତେ ଅସୁବିଧାରେ ପକାଇ ଦେବେ ବୋଲି ମୁଁ ଜାଣିନଥିଲି ଡାକ୍ତର ଗୋଲଡ଼୍‌ୱାଟର୍ । ହେଉ ଚାଲନ୍ତୁ, ରୋଗୀର ସବୁ ରିପୋର୍ଟ ରୋଗୀ ପାଖରେ ଅଛି ତ ?"

"ହଁ ଆଜ୍ଞା, ସବୁ ରିପୋର୍ଟ ରୋଗୀ ପାଖରେ ଅଛି ।"

ସଙ୍ଗେ ସଙ୍ଗେ ଅତନୁ ଓ ଆସିଥିବା ଡାକ୍ତରମାନେ ଚାଲିଲେ ମେନେଜିଂ ଡିରେକ୍ଟରଙ୍କ ଘରଆଡ଼େ । ରୋଗୀକୁ ପରୀକ୍ଷାକରି ତାର ବିଭିନ୍ନ ରିପୋର୍ଟ ଦେଖି ଦେଖି ଅତନୁ ଚମକିପଡ଼ି କହିଲି, "ଏ କ'ଣ ଡାକ୍ତର ଗୋଲଡ଼୍‌ୱାଟର, ଆପଣ କହୁଛନ୍ତି ରୋଗୀର ଅବସ୍ଥା ଆୟତ୍ତ-ବହିର୍ଭୂତ ଅବସ୍ଥାରେ ଅଛି ? ହେଇ ଦେଖନ୍ତୁ ଏହା କେମିତି ଶରୀରର ବିଭିନ୍ନ ଅଂଶକୁ ଆକ୍ରମଣ କଲାଣି ।

Digitized by srujanika@gmail.com

ଲସିକାନଳୀକୁ ଥରେ ଆକ୍ରାନ୍ତ କଲେ ଏହା ସାରା ଦେହକୁ ଚରିଯିବ କଙ୍କଡ଼ା ଗୃହଲ ଭଳି ଅଳ୍ପ କେଇଦିନ ଭିତରେ । ରୋଗୀକୁ ସେତେବେଳେ ବଞ୍ଚାଇବା ଆଉ କାହା ପକ୍ଷରେ ସମ୍ଭବପର ହେବନି ।"

"ମୁଁ ଯାହା ଦେଖୁଛି ରୋଗୀକୁ ସଙ୍ଗେ ସଙ୍ଗେ ଅପରେସନ୍ କରିବା ଦରକାର । ନିଉୟର୍କ ଯାଇ ଆମ ଇନ୍‌ଷ୍ଟିଚ୍ୟୁଟରେ ଭର୍ତ୍ତି ହେଲାବେଳକୁ ରୋଗ ଆୟତ୍ତ ବାହାରକୁ ଚାଲିଯାଇଥିବ । ସେ କ୍ଷେତ୍ରରେ ରୋଗୀକୁ ବଞ୍ଚାଇବା କାହାରି ପକ୍ଷରେ ସମ୍ଭବ ହେବନି ।

"ତେବେ—"

ରୋଗୀର ଅପରେସନ୍ ଯେତେ ଶୀଘ୍ର ହୁଏ ସେତେ ଭଲ । ଆପଣମାନେ ରୋଗୀର ଆଉ କେତୋଟି ପରୀକ୍ଷା କରି ଦିଅନ୍ତୁ । କାଲି ସକାଳେ ମୁଁ ଏହାର ଅପରେସନ କରିବି । କାଲି ଯଦି ଏହାର ଅପରେସନ ନହେଉଛି, ରୋଗୀକୁ ବଞ୍ଚାଇବା ସମ୍ଭବପର ନୁହେଁ । ଆପଣମାନଙ୍କର ଯଦି ନିଉୟର୍କ ନେବାର ଇଚ୍ଛାଥିଲା ତେବେ ନ ନେଇ ଆପଣମାନେ ବସି ରହିଥିଲେ କାହିଁକି ? ଆପଣମାନେ ଅନ୍ତତଃ ମାସେ ଆଗରୁ ନିଉୟର୍କ ନେଇଯାଇ ପାରିଥାନ୍ତେ । ରୋଗ ଏତେ ପ୍ରସାର ଲାଭ କଲାଣି, ଅଥଚ ଆପଣମାନେ କହୁଛନ୍ତି, ରୋଗ ଆୟତ୍ତରେ ଅଛି । ଏଭଳି ଭୁଲ ଆଉ କେବେ କରିବେନି ଡାକ୍ତର ଗୋଲଡ୍ ଓ୍ୱାଟର ।

× × ×

"ଆମର ଆଜି ପରା ମିଳିତ ରାଷ୍ଟ୍ର-ସଂଘର ପ୍ରାସାଦଆଡ଼େ ବୁଲିଯିବା କଥା ଥିଲା ?" କହୁଁ କହୁଁ ବୈଠକଖାନା ଭିତରକୁ ପଶିଆସିଲା ତନୁଶ୍ରୀ । "ସେଠାରୁ ଫେରିସାରି ଜେନିଭା ହ୍ରଦରେ ନୌକାବିହାର ପ୍ରୋଗ୍ରାମ ଅଛିନା କଅଣ ? ମେନେଜର କାଲି କହୁଥିଲେ ସେଥିପାଇଁ ଜାହାଜଟିଏ ପ୍ରସ୍ତୁତ ହୋଇ ରହିଛି ସାତ ନମ୍ବର ଜେଟିରେ ।"

"ମୁଁ ବଡ଼ ଦୁଃଖିତ ତନୁଶ୍ରୀ, ଆମର ସେଇ ପ୍ରୋଗ୍ରାମରେ କିଛି ପରିବର୍ତ୍ତନ ଦରକାର ପଡ଼ୁଛି ବର୍ତ୍ତମାନ । ମୁଁ ତୁମଠାରେ ଲଜ୍ଜିତ ତନୁଶ୍ରୀ । ତୁମ ସହିତ ମଧୁଯାମିନୀ ବିତାଇବା ପାଇଁ ଆସି ମୁଁ ଏକ ଗୁରୁତର ଅପରେସନରେ ଏଠି ଜଡ଼ିତ ହୋଇପଡ଼ିଲିଣି । ମୁଁ ଆଶା କରି ନ ଥିଲି ମୋର ଜେନିଭା ଆସିବା କଥା ଏଠାରେ ପ୍ରଚାରିତ ହୋଇଯିବ ବୋଲି । ଆମ ପ୍ରୋଗ୍ରାମ ଯେତେ ଗୋପନୀୟ ରଖିଲେ ହେଁ ସେତେବେଳେ ଏଠା ହସପିଟାଲରେ ଆମ ଜେନିଭା ରହଣି ଜଣାପଡ଼ିଲାଣି, ଆମକୁ ଏମାନେ ବ୍ୟସ୍ତ ନ କରି ଛାଡ଼ୁଛନ୍ତି କେମିତି ? ଏଠା ରୋଲେକ୍ସ କୋମ୍ପାନୀର ମେନେଜିଂ ଡାଇରେକ୍ଟରଙ୍କ ସ୍ତ୍ରୀ ସ୍ତନ କର୍କଟ ରୋଗରେ ଆକ୍ରାନ୍ତା । ଅବସ୍ଥା ବିଶେଷ ଭଲ ନୁହେଁ । ସଙ୍ଗେ ସଙ୍ଗେ ଅପରେସନ ନକଲେ ରୋଗୀକୁ ବଞ୍ଚାଇବା କଷ୍ଟକର ହୋଇ ପଡ଼ିବ । ମୋ ଛଡ଼ା ଅନ୍ୟ କାହାଦ୍ୱାରା ସେମାନେ ଅପରେସନ କରିବାକୁ ଚାହୁଁ ନାହାନ୍ତି । ଏଥିପାଇଁ ସେମାନେ ନିଉୟର୍କ ଆଜି ଯାଇଥାନ୍ତେ । ରୋଗୀର ଅବସ୍ଥା ଦେଖି ଏଠାରେ ଅପରେସନ୍ କରିବାପାଇଁ କାଲି ବାଧ୍ୟ ହୋଇ ସମ୍ମତି ଦେଇ ଆସିଲି । ରୋଗୀର

Digitized by srujanika@gmail.com

ସମସ୍ତ ପ୍ରକାର ପରୀକ୍ଷା କାଲି ସରି ଯାଇଛି । ଆଜି ଯଦି ମୁଁ ଅପରେସନ୍ ନ କରୁଛି, ତେବେ ରୋଗୀକୁ ବଞ୍ଚାଇବା କଷ୍ଟକର ହୋଇ ପଡ଼ିବ ତନୁଶ୍ରୀ । ମୁଁ ବର୍ତ୍ତମାନ ଅପରେସନ କରିବାକୁ ଯାଉଛି । ଆସିଲେ ଆମେ ମିଳିତ ଜାତିସଂଘ ଅଫିସ ଆଡ଼େ ବୁଲିଯିବା । ଆମର କାଲି ସକାଳ ଫ୍ଲାଇଟରେ ନ୍ୟୁୟର୍କ ଫେରିଯିବା କଥା ଥିଲା । ମୁଁ ତାହାକୁ ଆଉ ବାରଘଣ୍ଟା ଘୁଞ୍ଚାଇ ଦେଇଛି । ଆମେ କାଲି ସନ୍ଧ୍ୟା ଫ୍ଲାଇଟରେ ନ୍ୟୁୟର୍କ ଫେରିଯିବା ତନୁଶ୍ରୀ । ଆମର ଜେନିଭାରେ ଆଉ ଯେଉଁ ସ୍ଥାନ ସବୁ ଦେଖିବା ବାକି ଥିଲା, କାଲି ସକାଳଓଳି ଶେଷ କରି ଦେବା । ଜେନିଭା ହ୍ରଦରେ ଜାହାଜରେ ବୁଲିବା କାମ ଆଜି ନକରି କାଲି କଲେ କ'ଣ ଚଳିବ ନାହିଁ ? ହେଉ, ତୁମେ ଏଠି ବସି ଟେଲିଭିଜନ ଦେଖୁଥାଅ, ମୁଁ ଅପରେସନ ସାରି ଫେରିଆସେ । ଦିନ ଦୁଇଟା ସୁଦ୍ଧା ମୁଁ ହସପିଟାଲ୍‌ରୁ ଫେରି ଆସି ପାରିବି ତନୁଶ୍ରୀ । ମୋର ଆଶା ତୁମେ ଏଥିପାଇଁ କିଛି ମନେ କରିବ ନାହିଁ ।"

ଅତନୁର ଫେରିବା ବାଟକୁ ତନୁଶ୍ରୀ ଅନାଇ ବସିଥାଏ । କିଛି ସମୟ ଟେଲିଭିଜନ ଦେଖିବା ପରେ ଆଉ ଟେଲିଭିଜନ ଦେଖିବାକୁ ଭଲ ଲାଗିଲାନି ତାକୁ । ଅତନୁ ଫେରି ଆସିଲେ ସେମାନେ ବୁଲିଯିବେ । ଏହି ଆଶାରେ ସେ ଅତନୁର ବାଟକୁ ଅନାଇ ରହିଲା । ଅତନୁ ଦିନ ଦୁଇଟା ସୁଦ୍ଧା ଫେରିବା କଥା । ଅନେଇଁ ଅନେଇଁ ଦୁଇଟା, ତିନିଟା, ଚାରିଟା ପାଞ୍ଚଟା ବାଜିଗଲାଣି । ଅତନୁର ଦେଖାନାହିଁ, ହସପିଟାଲ୍‌କୁ ଫୋନ କଲାରୁ ଉତ୍ତର ମିଳିଲା ଅପରେସନ ସରିନାହିଁ । ଅତନୁ ଅପରେସନ ଥିଏଟରରେ ଅଛି ।

ତନୁଶ୍ରୀର ମନଭିତରେ ଦେଖା ଦେଲା ଅଭିମାନ । ସେ କେତେ ସମୟ ଧରି ଅତନୁକୁ ଅନାଇ ବସିବ ? ଆମେରିକା ଗ୍ରଡ଼ିବା ପୂର୍ବରୁ ସୁହାନ କହିଥିଲା, "ଅତନୁ ଠାରୁ ସ୍ତ୍ରୀଭାବରେ ସ୍ନେହ ସୋହାଗ ପାଇବା ଅତୀବ କଷ୍ଟକର ତନୁଶ୍ରୀ । ସେ ସବଦା ରୋଗୀ, ଅପରେସନ ନେଇ ଏତେ ବ୍ୟସ୍ତ ରହେ ଯେ, ସ୍ୱାମୀ ଠାରୁ ସ୍ତ୍ରୀ ଭାବରେ ଯାହା ପ୍ରାପ୍ୟ, ତାହା ମିଳିବା ଅତି କଷ୍ଟ ।

ତନୁଶ୍ରୀ ଏହିଭଳି କେତେ କ'ଣ ଭାବି ଚାଲିଛି, ଭାବନାର ଅନ୍ତ ନାହିଁ । ସୁହାନ ଯାହା କହିଛି ତାହା କ'ଣ ସତ ? ମଧୁଯାମିନୀ ବିତାଇବା ପାଇଁ ଆସି ସେ ଯଦି ନିଜ ସ୍ତ୍ରୀକୁ ଏପରି ହତାଦର କରି ନିଜ ଅପରେସନ୍ ଓ କେନସର ରୋଗ ଚିନ୍ତା ନେଇ ବ୍ୟସ୍ତ ରହନ୍ତି ତେବେ ସେ ତାଙ୍କଠାରୁ ସ୍ୱାମୀ ଭାବରେ ଆଉ ବା କ'ଣ ଅଧିକ ସୋହାଗ ଆଶା କରିପାରେ ? ଅତନୁକୁ ବିବାହ କରି ସେ ତା ହେଲେ ସୁଖୀ ହୋଇପାରିବ ନାହିଁ । ଭାବୁଁ ଭାବୁଁ ତନୁଶ୍ରୀର ଆଖି ଛଳ ଛଳ ହୋଇ ଆସିଲା ।

ଏହି ସମୟରେ ହଠାତ୍ ଗେଟ୍ ପାଖରେ ହର୍ଣ୍ଣ ଶୁଭିଲା । ଝରକା ଦେଇ ତନୁଶ୍ରୀ ଦେଖିଲା ଅତନୁ ଫେରି ଆସିଛି । ଘର ଭିତରକୁ ପଶି ଆସୁ ଆସୁ କହିଲା, "ମୋତେ କ୍ଷମାକର

Digitized by srujanika@gmail.com

ତନୁଶ୍ରୀ, ଆମର ଆଜିର ଉପରଓଲି ପ୍ରୋଗ୍ରାମଟା ମଧ୍ୟ ମାଡ଼ ଖାଇଗଲା । ତୁମେ ନିଶ୍ଚୟ ମୋ ଉପରେ ଭୀଷଣ ଭାବରେ ରାଗିଥିବ ତନୁଶ୍ରୀ ।"

ତନୁଶ୍ରୀ କିଛି ଉତ୍ତର ନ ଦେଇ ଝରକା ଆଡ଼କୁ ମୁହଁ କରି ବସି ରହିଲା ।

"ଆଁ, ଏତେ ଅଭିମାନ ?" କହି ଅତନୁ ତନୁଶ୍ରୀକୁ ହଲାଇ ଦେଲା । ତନୁଶ୍ରୀର ଆଖି ଛଳ ଛଳ ଦେଖି ତାକୁ କୋଳକୁ ଟାଣି ଆଣି ତାର ଆଖିରୁ ଲୁହ ପୋଛିଦେଇ କହିଲା, "କ'ଣ କରିବ ତନୁଶ୍ରୀ । ଗୋଟିଏ ଅପରେସନ କରିବାକୁ ଯାଇ ମୋତେ ତିନୋଟି ଅପରେସନ କରିବାକୁ ପଡ଼ିଲା । ତିନ କର୍କଟ ରୋଗୀକୁ ଠିକ୍ ଅପରେସନ କରି ସାରିବା ପରେ ଦୁଇଟି ଅସହାୟ ରୋଗୀଙ୍କୁ ଦେଖିବାକୁ ପଡ଼ିଲା ମୋତେ ।

ଏଠା ଡାକ୍ତରମାନେ ସେମାନଙ୍କ ଆଶା ଛାଡ଼ି ଦେଇଥିଲେ । ସେମାନଙ୍କ ଆର୍ଥିକ ଦୁରବସ୍ଥା ହେତୁ ସେମାନେ ନିଉୟର୍କ ଯିବା ଅବସ୍ଥାରେ ନ ଥିଲେ । ସେମାନଙ୍କ ଅସହାୟ ଅବସ୍ଥା ଦେଖି ମୋତେ ଦୟା ଲାଗିଲା । ମୁଁ ଯଦି ଏମାନଙ୍କୁ ଛାଡ଼ି ଚାଲିଯାଉଛି, ତେବେ ଏମାନଙ୍କୁ ବଞ୍ଚାଇବା କଷ୍ଟକର ହୋଇପଡ଼ିବ । ପ୍ରଥମ ଅପରେସନ ପରେ ମୁଁ ପୋଷାକ ପତ୍ର ବାହାର କରି ହାତ ମୁହଁ ଧୂଆଧୋଇ ହୋଇ ବାହାରି ଆସୁଥିଲି । ହଠାତ୍ ମୋ ବିବେକ ମୋତେ ବାଧା ଦେଲା । ପୁଣି କାଢ଼ି ପକାଇଥିବା ପୋଷାକପତ୍ର ପିନ୍ଧିଲି । ସେ ଦୁଇଟି ରୋଗୀଙ୍କୁ ଏକ ସଙ୍ଗରେ ଅପରେସନ କରିବା ଠିକ୍ କଲି । ରୋଗୀ ଦୁଇଟି ଯାଆଁଳା ଭାଇ । ଦେଖିବାକୁ ଏକାପରି, ଏକା ରକମର କଣ୍ଠ କର୍କଟ ରୋଗ । ଦୁଇ ଜଣଙ୍କୁ ଠିକ୍ ଏକ ସମୟରେ ଏହି ରୋଗ ଧରିଲା । ରୋଗର କାରଣ ଏପର୍ଯ୍ୟନ୍ତ ଠିକ୍ ଭାବରେ ଧରା ପଡ଼ିନି । ସେହି ଦୁଇଟି ଅପରେସନ ସାରି ମୁଁ ସିଧା ଏଠାକୁ ପଳାଇ ଆସିଛି । ମୁଁ ଯାହା ଦେଖୁଛି ଏଠି ଆଉ ରହିବା ସମ୍ଭବପର ନୁହେଁ । ଦିନକୁ ଦିନ ଆମ ଆସିବା କଥା ଅଧିକ ଲୋକ ଜାଣିଗଲେ ଆମ ଦୁଆରେ ଆସି ଭିଡ଼ ଜମାଇ ଦେବେ । ଆମପକ୍ଷରେ କେଜିଭାବରେ ବୁଲାବୁଲି କରିବା କଷ୍ଟକର ହୋଇ ପଡ଼ିବ । ମୁଁ ଭାବୁଛି ତନୁଶ୍ରୀ, ଆମେ ଏହି ମୁହୂର୍ତ୍ତରେ କେଜିଭା ଛାଡ଼ି କୁରିଖ ପଳାଇଯିବା । କୁରିଖ ମଧ୍ୟ ଏକ ସୁନ୍ଦର ସହର । ସେଠାରେ ଦିନେ ଦୁଇଦିନ କଟାଇ ଆମେରିକା ଫେରିଯିବା । ଜୁରିଖରେ ଆମକୁ ବ୍ୟସ୍ତ କରିବା ପାଇଁ କେହି ନଥିବେ । ତୁମର ତ ଜୁରିଖ ଯିବାରେ ଆପତ୍ତି ନଥିବ ତନୁଶ୍ରୀ ?" ଏତିକ କହି ସଙ୍ଗେ ସଙ୍ଗେ ଫୋନ୍ ଧରିଲା ଉଡ଼ାଜାହାଜ କମ୍ପାନୀକୁ ସଙ୍ଗେ ସଙ୍ଗେ ଦୁଇଟି ସିଟ ରିଜର୍ଭ କରିବା ପାଇଁ ଜୁରିଖକୁ ସନ୍ଧ୍ୟା ଫ୍ଲାଇଟରେ ।

ଅଭିମାନ ଛାଡ଼ି ତନୁଶ୍ରୀ ଦଉଡ଼ି ଆସିଲା ଅତନୁ ପାଖକୁ । ଅତନୁ ହାତରୁ ଫୋନ୍ ରିସିଭରଟା ଛଡ଼ାଇ ନେଇ କହିଲା, "ତୁମେ ଏଡ଼େ ଭୀରୁ ? କେଜିଭାରେ କାଲେ ରୋଗୀମାନେ ଆସି ତୁମକୁ ବ୍ୟସ୍ତ କରିବେ ବୋଲି ତୁମେ କେଜିଭା ଛାଡ଼ି ଜୁରିଖ ପଳାଇବ ? ତୁମେ ଯେଉଁ ଦେଶର ସନ୍ତାନ, ଯା'ର ଟେକ ରଖିବାକୁ ସର୍ବଦା ଚେଷ୍ଟିତ, ସେହି ଦେଶର

Digitized by srujanika@gmail.com

ଆଦର୍ଶ କଅଣ ଏଇଆ ? ରୋଗୀମାନଙ୍କୁ ତୁମେ ଆସନ୍ନ ମୃତ୍ୟୁ ମୁଖରୁ ଫେରାଇ ଆଣୁଛ, ଏହାଠାରୁ ବଡ଼ କାର୍ଯ୍ୟ ଜୀବନରେ ଆଉ କ'ଣ ହୋଇପାରେ ? ଜୀବନ ଯେଉଁ ଦୁର୍ଲଭ ପଦାର୍ଥ ତାକୁ ରକ୍ଷା କରିବା କମ ବଡ଼ ସୌଭାଗ୍ୟର କଥା ନୁହେଁ । ସ୍ୱାମୀ-ସ୍ତ୍ରୀଭାବରେ ମଉଜ ମଜଲିସ ଆମୋଦ ପ୍ରମୋଦ କରିବା ଏକ ମାମୁଲି କଥା । ତୁମେ ଯେଉଁ କର୍ତ୍ତବ୍ୟ ପଥରେ ଆଗେଇ କେତେ ଜୀବନ ରକ୍ଷା କରୁଛ, ତାହା ଆଗରେ ଏସବୁଗୁଡ଼ିକ ଅଳୀକ ମାତ୍ର । ତୁମେ ତୁମ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଲୋକଙ୍କ ଉପକାରରେ ବ୍ରତୀ ହୋଇଛ ଅଥଚ ମୁଁ ତମର ସହଧର୍ମିଣୀ ହୋଇ ଆମୋଦ ପ୍ରମୋଦରେ ସାମାନ୍ୟ ବ୍ୟାଘାତ ହେଲା ବୋଲି ମନ କଷ୍ଟ କରିବସିବି, ଏହା କେତେ ଦୂର ନ୍ୟୂନ, ମୁଁ ବର୍ତ୍ତମାନ ଅନୁଭବ କରୁଛି । ମୁଁ ସେଥିପାଇଁ ଅତ୍ୟଧିକ ଲଜ୍ଜିତ । ଆମର ଏଠାକୁ ଆସିବାଦ୍ୱାରା ଯଦି ଏତେ ଲୋକ ଉପକୃତ ହେଉଛନ୍ତି ମୋର ଅନୁରୋଧ ଆଉ କିଛି ଦିନ ଛୁଟି ବଢ଼ାଇଦେଇ ଏହି ଲୋକଙ୍କର ସେବାରେ ନିଜକୁ ନିୟୋଜିତ କରିବା ଉଚିତ୍ ।

ଯେଉଁଦିନ ଅତନୁ ଓ ତନୁଶ୍ରୀ ଜେନିଭା ଛାଡ଼ି ଆମେରିକା ବାହାରିଲେ ସେଦିନ ଜେନିଭା ଏୟାର ପୋର୍ଟରେ ଲୋକାରଣ୍ୟ । ନିଜ ମଧୁଚନ୍ଦ୍ରିକା ବିତାଇବା ପାଇଁ ପାଇଥିବା ତିନିଦିନ ଛୁଟିକୁ ସେମାନେ ବଢ଼ାଇ ସାତଦିନ କଲେ ଓ ସେହି ରହିବା ଭିତରେ ଜେନିଭାରେ କେନସର ଅପରେସନ କଲେ ପଚିଶ ଗୋଟି । ସେଥିପାଇଁ ସେ କାହାରିଠାରୁ କିଛି ପାରିଶ୍ରମିକ ଗ୍ରହଣ କରିନାହାନ୍ତି । ଯେହେତୁ ସେ ଅବସର ବିନୋଦନ ପାଇଁ ଆସିଥିଲେ ତାରି ଭିତରେ ଅପରେସନ କରିଥିବାରୁ ଏହା ମାଗଣା କରିବେ ନାହିଁ ତ ଆଉ କଣ ? ଏହାପାଇଁ ପୁଣି ଗୋଟାଏ ପାରିଶ୍ରମିକ କ'ଣ ନେବେ ? ସେ ତ ଅପରେସନ କରିବା ପାଇଁ ଏଠାକୁ ଆସି ଅପରେସନ କରିନାହାନ୍ତି । ଅତନୁର ଏହିଭଳି ମନୋଭାବ ରୋଗୀ ତଥା ସେମାନଙ୍କର ଦେଖାଶୁଣା କରୁଥିବା କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ଠାରେ ତା'ର ବଦାନ୍ୟତାକୁ ଆହୁରି ବଢ଼ାଇ ଦେଇଥାଏ । ଅତନୁ ପାଖରେ ସେମାନଙ୍କ କୃତଜ୍ଞତାର ସୀମାନାହିଁ । ଏହି ଦେବ-ପ୍ରତିମ ସର୍ଜନଙ୍କୁ ସେମାନେ କିଭଳି ଭାବରେ ନିଜ ଦେଶରୁ ବିଦାୟ ଦେବେ ? ଦେଶ ଛାଡ଼ିଲାବେଳେ ଅନ୍ତତଃ ତାଙ୍କୁ ସାକ୍ଷାତ କରି ତାଙ୍କର ଏହି ବଦାନ୍ୟତା ପାଇଁ ଆଶୀର୍ବାଦ ପୂର୍ବକ ସେ କିପରି ଚିରଜୀବୀ ଜଗତରେ ଆହୁରି ସୁନାମ ଅର୍ଜ୍ଜନ କରନ୍ତୁ ତାଙ୍କପାଇଁ ଦୟାମୟଙ୍କ ଠାରେ ପ୍ରାର୍ଥନା କରିବା କଥା ।

ଠିକ୍ ଉଡ଼ାଜାହାଜ ଛାଡ଼ିବାକୁ ଯାଉଛି, ରୋଲେକ୍ସ କୋମ୍ପାନୀର ମେନେଜିଂ ଡିରେକ୍ଟର ଲଣ୍ଡଭଣ୍ଡ ହୋଇ ଉଡ଼ାଜାହାଜ ଭିତରକୁ ପଶିଆସିଲେ । ଉଡ଼ାଜାହାଜର ପ୍ରଥମ ସିଟ୍ ଦୁଇଟିରେ ବସିଥିଲେ ଅତନୁ ଓ ତନୁଶ୍ରୀ । ଅତନୁଙ୍କ ହାତକୁ ଲକ୍ଷେ ଡଲାରର ଖଣ୍ଡିଏ ଚେକ ଓ ଅତନୁ ପାଇଁ ଆଉ ଗୋଟିଏ ଠିକ୍ ସେହିଭଳି ଘଡ଼ି ବଢ଼ାଇ ଦେଇ ଅନୁନୟ କରି କହିଲେ, "ଆଜ୍ଞା, ଏତକ ଗ୍ରହଣ ନକଲେ ଆମ ମନ ଅତ୍ୟଧିକ କଷ୍ଟ ହେବ । ଆପଣ ଆମର ଯେଉଁ ବିରାଟ ଉପକାର କଲେ ତା' ତୁଳନାରେ ଏ କିଛି

Digitized by srujanika@gmail.com

ନୁହେଁ । ଆପଣ ଆମ ଦୋକାନରୁ ସ୍ତ୍ରୀଙ୍କ ପାଇଁ ଯେଉଁ ଘଣ୍ଟାଟି କିଣିଥିଲେ ଏ ତାହାର ଠିକ୍ ଅନୁରୂପ; ଆମର ଅନୁରୋଧ ଏ ଘଣ୍ଟାଟିକୁ ଆପଣ ପିନ୍ଧିବେ । ଏ ଘଣ୍ଟାଟିକୁ ପିନ୍ଧିଥିଲେ ଆମକୁ ଆପଣ ଭୁଲିବେ ନାହିଁ ସାର୍ ।

× × ×

"ଫାଦର୍ ! ବାପା କୁଆଡ଼େ ଗଲେ ? ଆପଣଙ୍କ ସହିତ ବର୍ତ୍ତମାନ ପରା କଥା ହେଉଥିଲେ ? ଇଏତ ଏଇ କିଛି ସମୟତଳେ ବାଥରୁମ୍‌ରେ ଥିଲେ । ବାଥରୁମ୍‌ରୁ ବାହାରି ଗଲେ କୁଆଡ଼େ ? ଜଳଖିଆ ତେଣେ ଥଣ୍ଡା ହୋଇ ଥଣ୍ଡା ହୋଇଗଲା ଉପରେ ଫାଦର୍ !"

"ତୁ ମା ଯେ ପଚାରିଲୁ, ଇଏ କୁଆଡ଼େ ଗଲେ । ଇଏ କାହାକୁ କହିଲୁ ମା ? ତୁ କା'କଥା ପଚାରୁଛୁ ଶୁଣେ ?"

ହସିଲା ତନୁଶ୍ରୀ, "ଆପଣ ଏମିତି ଖୋଲା ତାଡ଼ ପଚାରିଲେ ମୁଁ କ'ଣ ଉତ୍ତର ଦେବି କୁହନ୍ତୁ ତ ।"

ହଠାତ୍ ଫାଦରଙ୍କର ମନେ ପଡ଼ିଗଲା । ଭାରତୀୟ ସ୍ତ୍ରୀମାନେ ସ୍ୱାମୀଙ୍କ ନାଁ ଧରନ୍ତି ନା । ହସିହସି କହିଲେ, "ଓଃ ଅତନୁ ! ମୋର ଭୁଲ ହୋଇଗଲା ମା, କିଛି ମନେ କରନ୍ତୁନା । ଗାଧୋଉ ଗାଧୋଉ ପାଗଳାଟାର କ'ଣ ମନେ ପଡ଼ିଯାଇଥିବ, ଦୌଡ଼ିଥିବ ପଢ଼ା ଘରକୁ । ବନ୍ଧୁ କ ମେଗାଜିନ ଖୋଜାରେ ଲାଗିଯାଇଥିବ ବର୍ତ୍ତମାନ ।

"ଆଉ ତୋ ଶ୍ୱଶୁର ? ସେ ତାଙ୍କର ଜଣେ ବନ୍ଧୁଙ୍କ ସହିତ କଥା ହେଉଁହେଉଁ ଗେଟ୍ ପାଖକୁ ଯାଇଛନ୍ତି ତାଙ୍କୁ ବିଦାୟ ଦେବାପାଇଁ । ସେ ଆସିଯିବେ ଯେ ବର୍ତ୍ତମାନ । ତୁ ମା ଅତନୁକୁ ପଚାରିଦେଇ ମାର୍ଗାରେଟ୍‌କୁ କହ, ଟେବୁଲ ଉପରେ ଜଳଖିଆ ବାଢ଼ିବାପାଇଁ ।"

ତନୁଶ୍ରୀ ଅତନୁର ପଢ଼ାଘରକୁ ପଶିଗଲା । "ଫାଦର୍ ଯାହା କହୁଥିଲେ ତା ଠିକ୍ । ତୁମେ ଗାଧୋଉଁ ଗାଧୋଉଁ ଗାଧୁଆ ଛାଡ଼ି ହଠାତ୍ ପଢ଼ା ଘରକୁ ଚାଲି ଆସିଲ ଯେ ? ବହି ଘାଣ୍ଟିବା କ'ଣ ଆରମ୍ଭ କରିଦେଲଣି ?"

"ତୁମେ ଜାଣିଛ ତନୁଶ୍ରୀ । ଆମ ଦେଶରେ ଏପର୍ଯ୍ୟନ୍ତ ତିନୋଟି ଫୁସ୍‌ଫୁସ୍ କର୍କଟ ରୋଗ ଅସ୍ତ୍ରୋପଚାର ଦ୍ୱାରା ଭଲ କରାଯାଇପାରିଛି । ସେ ସମ୍ବନ୍ଧରେ ପ୍ରକାଶ ପାଇଥିବା ତିନୋଟି ପ୍ରବନ୍ଧ ତିନୋଟି ଜର୍ଣ୍ଣାଲରେ ବାହାରି'ଥିଲା । ସେଥିଭିତରୁ ଦୁଇଟି ପାଇଗଲିଣି । ଆଉ ଗୋଟିଏ ଖୋଜୁଛି ପାଉନି । ଆଜି ଡକ୍ଟର ବାଇକୋଭସ୍କି ଆସୁଛନ୍ତି ଆମ ଇନ୍‌ଷ୍ଟିଚ୍ୟୁଟ୍‌କୁ । ଆମ ଇନ୍‌ଷ୍ଟିଚ୍ୟୁଟ୍‌ର ତିନୋଟି ଫୁସ୍‌ଫୁସ୍ କର୍କଟ ରୋଗ କଥା ତାଙ୍କୁ ରେଫର୍ କରାଯାଇଛି । ସେ ଆଜି ଏ ତିନୋଟି କେଶକୁ ପରୀକ୍ଷା କରିବେ । ଅପରେସନ ହେବ କି କଅଣ ଜାଣେନି । ଆଜି ଡକ୍ଟର ବାଇକୋଭସ୍କିଙ୍କ ସହିତ ସେହି ରୋଗ ସମ୍ବନ୍ଧରେ ଆଲୋଚନା ହେବ । କେତେଟା ବିଷୟ ଜାଣିବାପାଇଁ ମୁଁ ସେ ଜର୍ଣ୍ଣାଲଟିକୁ ଖୋଜୁଛି ତନୁଶ୍ରୀ । କହି ପାରିବ ସେ ଜର୍ଣ୍ଣାଲଟି କେଉଁଠି ଅଛି ?

Digitized by srujanika@gmail.com

ସେହି ଜର୍ଣ୍ଣାଲଟି ପରା ଆମ ଶୋଇବାଘରେ ଅଛି । ଦୁଇଦିନ ତଳେ ପଢ଼ିବାପାଇଁ ଶୋଇବାଘରକୁ ନେଇଥିଲ, ମନେ ନାହିଁ ? ମୁଁ ଶୋଇ ସାରିଲାପରେ ତୁମେ ସେହି ବିଛଣାରେ ଶୋଇରହି ପଢ଼ୁ ନଥିଲ ? ପଢ଼ିସାରି ସେଇଠି ରଖିଦେଇଛ, ମନେନାହିଁ ଏ ଘରକୁ ଆଣିବାପାଇଁ ।"

"ଆରେ ସତେ ତ । ହଁ ହଁ ସେଦିନ ତୁମେ ଶୋଇ ସାରିଲାପରେ ମୁଁ ଜର୍ଣ୍ଣାଲଟିକୁ ପଢ଼ୁଥିଲି । ମୋ.ର ମନେ ନାହିଁ, ଜର୍ଣ୍ଣାଲଟିକୁ ସେଠି ରଖିଦେଇ ଏଠି ଖୋଜୁଛି ? ମୋ ଭଳି ବୋକା ଦୁନିଆରେ ନଥିବେ ।" ଏତିକ କହି ଅତନୁ ଦୌଡ଼ିଲା ଶୋଇବା ଘରକୁ ।

ତନୁଶ୍ରୀ ଅତନୁର ପଛେ ପଛେ ଶୋଇବା ଘରକୁ ଗଲା, "ତୁମେ ଏମିତି ଅଧା ଗାଧୁଆ ହୋଇ ଏଘରୁ ସେ ଘରକୁ ଦୌଡ଼ୁଥିବ, ଆଉ ମୁଁ ତୁମ ପଛେ ପଛେ ଧାଉଁଥିବି ? ତେଣେ ଜଳଖିଆ ପରା ଥଣ୍ଡା ହୋଇ ଯାଉଛି ?"

"ତୁମେ ଚାଲ ତନୁଶ୍ରୀ, ମୁଁ ସଙ୍ଗେ ସଙ୍ଗେ ଆସୁଛି । ଫାଦର୍ ଓ ବାପାଙ୍କୁ ଡାକ ଆଣ । ସେମାନେ ଟେବୁଲ ପାଖରେ ବସୁଁ ବସୁଁ ମୁଁ ପହଞ୍ଚି ଯାଉଛି ।"

ଗେଟ୍ ଆଡ଼ୁ ଡାକ୍ତର ପଟ୍ଟନାୟକ ଘର ଭିତରକୁ ଆସୁଥିଲେ । ଶ୍ୱଶୁରଙ୍କୁ ଦେଖି ଅଳ୍ପ ଓଢ଼ଣା ଟାଣି ତନୁଶ୍ରୀ କହିଲା, "ବାପା ! ଜଳଖିଆ ବଢ଼ା ହେଲାଣି—ଆପଣ ଆସନ୍ତୁ । ଫାଦର୍‌ଙ୍କୁ କହି ଦେଇଛି ଆସିବା ପାଇଁ ।"

"ତୁ ଚାଲ ମା, ମୁଁ ଯାଉଛି । ପୁଅର ଗାଧୁଆ ସରିଲାଣି ତ ?"

ଟେବୁଲ ଚାରି ପାଖରେ ଫାଦର୍, ଡାକ୍ତର ପଟ୍ଟନାୟକ ଘେରି ବସିଲେ । ସମସ୍ତଙ୍କୁ ପରଷିବା ଆରମ୍ଭ କରିଦେଲା ତନୁଶ୍ରୀ ।

"ତୁ ମା କ'ଣ ବାଢ଼ି ବସିଲୁଣି ? ମାର୍ଗାରେଟ୍ କୁଆଡ଼େ ଗଲା କି ? ମାର୍ଗାରେଟ୍ ଆଜି ଆସି ନାହିଁ ନା କଅଣ ?" ଫାଦର୍ ପଚାରିଲେ ।

"ମାର୍ଗାରେଟ୍ ଏହି ଘରେ ରାନ୍ଧି ରାନ୍ଧି ବୁଢ଼ି ହେଲେଣି, ଫାଦର୍ । ଆଉ ତାଙ୍କୁ ଏ ବୟସରେ ଖଟାଇବା କଣ ଆମର ଉଚିତ ହେଉଛି ?"

ତାହେଲେ ଆଉ ଗୋଟିଏ ଲୋକ ଠିକ୍ କରିବାକୁ ପଡ଼ିବ । ଲୋକ ଠିକ୍ ହେଲା ପର୍ଯ୍ୟନ୍ତ ସିଏ ରାନ୍ଧୁ ମା' । ତାନହେଲେ ଏ ଘର ଅଚଳ ହୋଇଯିବ ଯେ ?"

"କାହିଁକି, ଫାଦର ! ମୁଁ ତ ଅଛି । ଅସୁବିଧା ହେବନି । ମୁଁ ତ ରାନ୍ଧି ପାରିବି । ଆଉ ଗୋଟିଏ ଲୋକ ରଖିବା କ'ଣ ଦରକାର ? ମାର୍ଗାରେଟ୍ ଏତେଦିନ ହେଲା ଏ ଘରେ ରାନ୍ଧିଲାଣି । ତାଙ୍କୁ ବର୍ତ୍ତମାନ ପେନ୍‌ସନ୍ ଦେବାକଥା । ମୁଁ ତାଙ୍କୁ କହି ଦେଇଛି । ସେ ଆଉ ରାନ୍ଧିବା ଦରକାର ନାହିଁ । ପ୍ରତି ମାସରେ ଆସି ତା' ଦରମାଟା ନେଇଯାଉଥିବ ।"

"ତୁ କ'ଣ ଏତେ ବଡ଼ ସଂସାରର ଦାୟିତ୍ୱ ସହିତ ରନ୍ଧାବଢ଼ା କରି ତୁଲାଇପାରିବୁ ମା ? ତୋର ଏହି କୋମଳ ଦେହ ରହିବଟି ! ତୁ ଏତେ ଗୁଡ଼ାଏ କାମ ହାତକୁ ନେଲେ

Digitized by srujanika@gmail.com

ଖାଙ୍ଗି ପଡ଼ୁନାହିଁ ମା' ? ତୁ ପିଲାଲୋକ । ଘର ଜଞ୍ଜାଳ କ'ଣ ଜାଣିନୁ । ଆମକୁ ସବୁ ନ ପଚାରି ଏତେ ବଡ଼ ସିଦ୍ଧାନ୍ତ ନେବାକୁ ତୋତେ କିଏ କହିଲା ଶୁଣେ ? ତୋ ସିଦ୍ଧାନ୍ତ ଠିକ ହୋଇନି ମା ।"

"ଆମର ପୁଣି କି ବଡ଼ ସଂସାର ଟାଏ ଯେ, ଆପଣ ଡର ଯାଉଛନ୍ତି ଫାଦର୍ । ଏଠି ତ ବହୁ ଜିନିଷ ସୁବିଧାରେ ମିଳୁଛି । ଭାରତୀୟ ରନ୍ଧା ହେଲେ ବି ଭାରତରେ ଯେତେ କଷ୍ଟ କରିବାକୁ ପଡ଼େ, ଏଠାରେ ତାର କାଣିଚାଏ ନାହିଁ । ମାତ୍ର ଚାରିଜଣ କୁଟୁମ୍ବରେ ଆପଣ ଏତେ ବ୍ୟସ୍ତ ହୋଇ ପଡ଼ୁଛନ୍ତି ଫାଦର ? ଭାରତରେ ଗୋଟିଏ ଗୋଟିଏ ପରିବାରରେ ଚାଳିଶ ଜଣ କୁଟୁମ୍ବ । ମୋଭଳି ଜଣେ ଦୁଇ ଜଣ ବୋହୂ ତ ରନ୍ଧାବଢ଼ା କରି ଏତେ ଲୋକଙ୍କୁ ଖାଇବାକୁ ଦେଇ ସେମାନଙ୍କ ପରିବାରକୁ ଚଳାଇ ପାରୁଛନ୍ତି ?"

"ତା ହୋଇପାରେ ମା ! ହେଲେ ତୁ' କଣ ରନ୍ଧାବଢ଼ା କରି ଆମ ସମସ୍ତଙ୍କୁ ଖାଇବାକୁ ଦେଇ ପାରିବୁ ? ତୋର ଏ କଅଁଳିଆ ଦେହ ଆଉ ରହିବକି ?"

ହସିଲା ତନୁଶ୍ରୀ—"ଏ ଦେଶରେ ରନ୍ଧାରନ୍ଧି ସେତେ ଭିଡ଼ ନୁହେଁ ଫାଦର୍ ! ଭାରତରେ ଝିଅମାନେ ଯେତିକି ପରିଶ୍ରମରେ ଖେଳନ୍ତି, ସେତିକି ପରିଶ୍ରମରେ ଏ ଦେଶରେ ରନ୍ଧାରନ୍ଧି କରିହେବ ଫାଦର୍ ।"

"ତା ମାନେ ତୁମେ କହିବାକୁ ଚାହୁଁଛ ତନୁଶ୍ରୀ, ଭାରତରେ ଖେଳିବା ଯାହା ଆମେରିକାରେ ରାନ୍ଧିବା ତାହା ?" କହୁ କହୁ ପଶି ଆସିଲା ଅତନୁ ।

ଅତନୁ ଟେବୁଲ ପାଖରେ ଖାଲି ପଡ଼ିଥିବା ଏକ ଚେୟାରରେ ବସିପଡ଼ି ଫାଦର୍‌ଙ୍କୁ ଲକ୍ଷ୍ୟ କରି କହିଲା "ଆପଣ ଅସ୍ଥିର ହେଉଛନ୍ତି କାହିଁକି ଫାଦର୍ ? ତନୁଶ୍ରୀ ଦିନାକେତେ ରାନ୍ଧୁ । ବର୍ତ୍ତମାନ ନୂଆ ନୂଆ ରାନ୍ଧିବାକୁ ଖୁସିଲାଗୁଛି । ଦୁଇ ଚାରିମାସ ପରେ ଯେତେବେଳେ ରାନ୍ଧି ରାନ୍ଧି ବିରକ୍ତ ହୋଇପଡ଼ିବ କହିବ, "ତୁମେ ଗୋଟିଏ ଲୋକ ରଖ, ମୁଁ ଆଉ ରାନ୍ଧି ପାରିବିନାହିଁ ।"

"ହେଉ ହେଲା, ତାହା ହିଁ ହେଉ । ମୁଁ କିଛିଦିନ ରାନ୍ଧେ, ଯେତେବେଳେ ଥକିପଡ଼ିବ କହିବ ଲୋକ ରଖିବା ପାଇଁ । ତେବେ ଗୋଟିଏ କଥା, ଭାରତୀୟ ଝିଅମାନେ ଆମେରିକାନ୍ ଝିଅ ମାନଙ୍କ ଅପେକ୍ଷା ଅଧିକ କଷ୍ଟ ସହିଷ୍ଣୁ । ସେମାନେ ଏଇ ସାମାନ୍ୟ କାମରେ ଥକି ପଡ଼ିବେନି । ମୁଁ ପରି କହୁଛି ଆମେରିକାରେ ରାନ୍ଧିବା ଭାରତରେ ଖେଳିବା ସହିତ ସମାନ । କଷ୍ଟ ବେଶି କିଛି ନାହିଁ ।"

"ହେଉ ମା, ତୋର ଇଚ୍ଛା ହିଁ ହେଉ । ଅତନୁ ପିଲାଟା ଜାଣିନି ।" ଡାକ୍ତର ପଟ୍ଟନାୟକ କହିଲେ, "ତେବେ ତୁ ମାର୍ଗାରେଟ୍‌କୁ ପୁରାପୁରି ଛାଡ଼ ଦେ ନା ମା । ସେ ସବୁଦିନେ ଆସୁଥାଉ । ତୋତେ ସାହାଯ୍ୟ କରୁ । ମାର୍ଗାରେଟ୍ ଯେ ସେମିତି କିଛି ଅସମର୍ଥ ହୋଇ ଗଲାଣି ମୋର ମନେହେଉନି । ତା'ର ଆମ ଘରେ ରନ୍ଧାରନ୍ଧିକୁ ଭାରି ଆଗ୍ରହ । ତାଛଡ଼ା ଅତନୁକୁ ସେ ପୁଅଭଳି ଭଲପାଏ । ସେଇତ ଆଜି ଅତନୁକୁ ଗ୍ରେଟଟିଏରୁ ଏତେ ବଡ଼

Digitized by srujanika@gmail.com

କରୁଛି । ତାକୁ ପୁରାପୁରି ବନ୍ଦ କରିଦେଲେ ସେ ଭାରି ମନ କଷ୍ଟ କରିବ ମା । ଏଇ ଘରେ ସେ ପଚିଶ ବର୍ଷ ହେଲା ଚାଲିଆସିଲାଣି । ସେ ଏହି ପରିବାରର ଜଣେ ହୋଇ ଯାଇଛି । ତା ପୁଅଟି ତ କେନସରରୁ ଭଲ ହୋଇଗଲା ପରେ କାଲିଫର୍ଣ୍ଣିଆରେ ଚାକିରି କରୁଛି । ତା ଘରେ ଆଉ କିଏ ଅଛି ? ସେ ତ ଏକା । ଏଠି ଆମ ପରିବାରକୁ ନିଜ ପରିବାର ବୋଲି ମନେକରି ଚାଲିଯାଉଛି । ତୁ ଯେଉଁ ସିଦ୍ଧାନ୍ତ ନେଇଛୁ, ମାର୍ଗାରେଟ୍‌କୁ ପେନ୍‌ସନ ଦେଇ ଘରେ ବସାଇଦେବୁ, ସେ ସିଦ୍ଧାନ୍ତ ତୁ ବଦଳା ମା ।"

"ହଁ ମା, ଡାକ୍ତର ପଟ୍ଟନାୟକ ଯାହା କହୁଛନ୍ତି, ତା ଠିକ୍ । ମାର୍ଗାରେଟ୍ ଯେମିତି ଆସୁଛି ସେମିତି ଆସୁଥାଉ । ସେ ଯାହା ରନ୍ଧାବଢ଼ା କରୁଛି କରୁ । ତୁ ଯଦି କିଛି ଅଧିକା କରିବାକୁ ଚାହୁଁଛୁ ତେବେ କର । ସେଥିରେ ଆମର କାହାରି ଆପତ୍ତି ନାହିଁ । ତୁ ମାର୍ଗାରେଟ୍‌କୁ ପୁରାପୁରି ଛାଡ଼ି ଦେଇ ସବୁ କାମ ନିଜ ଉପରକୁ ନେଲେ ତୋ ଦେହ ଭାଙ୍ଗି ପଡ଼ିବ ମା । ମାର୍ଗାରେଟ୍ ରନ୍ଧା ତୋର କଣ ପସନ୍ଦ ହେଉନି ମା ?" ଫାଦର ପଚାରିଲେ ।

"ନାଁ ଫାଦର୍, ମାର୍ଗାରେଟ୍ ଖୁବ୍ ଭଲ ରାନ୍ଧନ୍ତି, ଏମିତି କି ମୁଁ ସେମିତି ଭାରତୀୟ ରନ୍ଧା ରାନ୍ଧି ପାରିବି କି ନାହିଁ ସନ୍ଦେହ । ହେଲେ ତାଙ୍କୁ କେତେ ବର୍ଷ ହେଲାଣି ? ମୁଁ ଥାଉଁ ଥାଉଁ ତାଙ୍କୁ ଖଟାଇବାକୁ ଇଚ୍ଛା ହେଉନି ?

"ମାର୍ଗାରେଟ୍ ଭାରତୀୟ ରନ୍ଧା କେଉଁଠାରୁ ଶିଖିଛି ଜାଣିଛୁ ମା ?"

"ହଁ ସତେ ତ, ମୁଁ ବେଳେବେଳେ ଆଶ୍ଚର୍ଯ୍ୟ ହୁଏ । ମାର୍ଗାରେଟ୍ ଆମେରିକାନ୍ ହୋଇ ଏଡ଼େ ସୁନ୍ଦର ଭାରତୀୟ ରନ୍ଧା ରାନ୍ଧି ପାରୁଛନ୍ତି କେମିତି ?"

ମାର୍ଗାରେଟର ଗୁରୁ ହେଉଛନ୍ତି, ତୋର ମାଉସୀ, । ତୁ ତ ଜାଣିଥିବୁ ମା ସେ ଆଜକୁ କିଛି ବର୍ଷତଳେ ତୁମ ମଉସାଙ୍କ ସହିତ ଆମେରିକା ଆସିଥିଲେ । ସେ ଏହି ସହରରେ ଆମ ଘରଠାରୁ ଚାରିପାଞ୍ଚୋଟି ଘର ଛାଡ଼ି ଗୋଟିଏ ଘରେ ରହୁଥିଲେ । ଆମ ପରିବାର ସହିତ ତାଙ୍କର ଖୁବ୍ ଭଲ ଚଳ ପ୍ରଚଳ ଥିଲା । ଅତନୁକୁ ସେ ପୁଅଭଳି ଭଲ ପାଉଥିଲେ । ଅତନୁର ଭାରତୀୟ ଖାଦ୍ୟପ୍ରତି ଯଦି ଆଗ୍ରହ ବଢ଼ିଥାଏ, ତେବେ ତାହା ତାଙ୍କର ଯୋଗୁ । ସେ ଏଠାକୁ ଆସିବା ପୂର୍ବରୁ ଅତନୁ ଆମେରିକାନ ଖାଦ୍ୟ ଖାଉଥିଲା । ଭାରତୀୟ ଖାଦ୍ୟ କ'ଣ ସେ ଜାଣିନଥିଲା । ଜାଣନ୍ତାବା କେମିତି ? ମାର୍ଗାରେଟ୍ ତାକୁ ଆମେରିକାନ୍ ଖାଦ୍ୟ ଖୁଆଇ ବଢ଼ାଇଛି । ଅତନୁର ଭାରତୀୟ ଖାଦ୍ୟପ୍ରତି ଅତ୍ୟଧିକ ଆଗ୍ରହ ସେହିଠାରୁ ହେଲା । ଏହି ଆଗ୍ରହ ବଢ଼ିବାରୁ ତୋ ମାଉସୀଙ୍କଠାକୁ ଯାଇ ମାର୍ଗାରେଟ ଭାରତୀୟ ରନ୍ଧା ଶିଖିଲା ।

"ଆଁ, ମାଉସୀ ଏହି ପାଖରେ ଥିଲେ ? ମାଉସୀ ଆମେରିକା ଆସିଥିଲେ ମୁଁ ଜାଣିଛି । କିନ୍ତୁ ସେ ଏଠି ଏତେ ପାଖରେ ଥିଲେ ବୋଲି ଜାଣିନଥିଲି ।"

"ହେଉ ହେଉ, ତୁମେତ ଜଳଖିଆ କରିଛ ବୋଲି ମୂଳରୁ କହି ଆସିଲଣି ମାର୍ଗାରେଟ୍‌କୁ ପେନ୍‌ସନ୍ ଦେଇ ବିଦାକରିବାକୁ ବସିଲଣି । କାହିଁ ଆମେ ତୁମ ଝିଆରି

Digitized by srujanika@gmail.com

କରିଥିବା ଜଳଖିଆର ତ ଏ ପର୍ଯ୍ୟନ୍ତ ଦର୍ଶନ ପାଇଲୁନି । ଆମକୁ ଏତେଦିନ ଧରି ମାର୍ଗାରେଟ ଖୁଆଇ ଆସୁଥିଲା । ତୁମେଟି କ'ଣ ଖୁଆଇବ ଆମର ଧାରଣା ନାହିଁ । ତୁମ ଖାଦ୍ୟ ଯଦି ପସନ୍ଦ ହୁଏ ତେବେ ଯାଇ ସିନା ଯାହା କିଛି ସିଦ୍ଧାନ୍ତ ନେବା ।

ତନୁଶ୍ରୀ ଆଉ ତେଗନକର ଆଲମାରୀରୁ ତିଆରି କରିଥିବା ଆଉ କେତେକ ଜଳଖିଆ ବାହାର କରି ଟେବୁଲ ଉପରେ ଥୋଇ ଦେଲା । ପ୍ରତ୍ୟେକଙ୍କ ପ୍ଲେଟରେ ବାଢ଼ୁବାଢ଼ୁ କହିଲା "ମୁଁ ଜାଣେନି, ଆପଣମାନେ ଏହାକୁ କେମିତି ପସନ୍ଦକରିବେ । ତେବେ ଏହା ପୁରାପୁରି ଭାରତୀୟ । ଏଥିସହିତ ଆପଣମାନଙ୍କ ଗତାନୁଗତିକ ଟୋଷ୍ଟ, ଆମଲେଟ୍, ସେଣ୍ଡଉଇଚ, ପିଶପ୍ଲେଟ୍ ଆଦି ମଧ୍ୟ ରହିଛି । ଆପଣମାନଙ୍କୁ ଯଦି ଭାରତୀୟ ଖାଦ୍ୟ ଭଲ ନ ଲାଗିବ ତେବେ ଆପଣମାନେ ନିତିଦିନିଆ ଖାଉଥିବା ଖାଦ୍ୟ ଖାଇବେ ।

କହୁଁ କହୁଁ ତନୁଶ୍ରୀ ସମସ୍ତଙ୍କ ପ୍ଲେଟରେ ପରଶି ଦେଲା ସରୁ ସୂଚୀପତ୍ର ପିଠା, ସରୁ ବରିଚକୁଳି ପିଠା, ବରିମଣ୍ଡା, କାକରା, ସିଙ୍ଗଡ଼ା ଆଦି କେତେ କଅଣ ଜଳଖିଆ । ଏତେ ପ୍ରକାର ଖାଦ୍ୟ ଦେଖି ଫାଦର ଚମକିଗଲେ । ମିସେସ୍ ମହାନ୍ତି ଏଠାରେ ଥିଲାବେଳେ ସେ ତାଙ୍କ ଘରେ ଖାଇଥିବା ସିଙ୍ଗଡ଼ାକୁ ଚିହ୍ନି ପାରିଲେ । କିନ୍ତୁ ଅନ୍ୟସବୁ ଖାଦ୍ୟ ପୁରାପୁରି ନୂଆ । ବରିଚକୁଳି ହୋଇଛି କାଗଜପରି ପତଳା, ତା'ଭିତରେ ପୁରି ରହିଛି ମସଲାଦିଆ ଶୁଖିଲା ତରକାରୀ । ଉପରକୁ ମୋଟେ ଜଣାପଡ଼ୁନି ।

ଫାଦର ଏଗୁଡ଼ାକ ଖାଉଁ ଖାଉଁ ଖୁବ ପ୍ରୀତ ହୋଇ ସେଥିରୁ ଆଉ ଗୋଟିଏ ଏଥିରୁ ଆଉ ଗୋଟିଏ କହି ଅଧିକ ଖାଇପକାଇଲେ । ଅତନୁ ଏତେ ପ୍ରକାର ନୂଆ ଖାଦ୍ୟ ଦେଖି ଖୁବ୍ ପ୍ରୀତ । ସେ ଖାଉଁ ଖାଉଁ ଏତେ ଖୁସି ହୋଇଯାଉ ଥାଏ ଯେ ତାକୁ ଖୋଇବାକୁ ଖୁସି ଲାଗିବ । ଡାକ୍ତର ପଟ୍ଟନାୟକ ତ ଏହି ଖାଦ୍ୟ ସହିତ ଅପରିଚିତ ନୁହନ୍ତି । ତେଣୁ ସେ ସାଧାରଣ ଭାବରେ ଖାଉଥାଆନ୍ତି ।

"ତୁ, ମା ଏତେ ସୁନ୍ଦର ଭାବରେ ରାନ୍ଧିପାରୁ ଆମର ଧାରଣା ନଥିଲା । "ଫାଦର ଖାଉଁ ଖାଉଁ କହିପକାଇଲେ, "ତୋଭଳି ବୋହୂ ପାଇ ଆମେ ସମସ୍ତେ ଧନ୍ୟ । ଭାରତୀୟ ଝିଅମାନେ ଆମେରିକାନ ଝିଅମାନଙ୍କ ଅପେକ୍ଷା ଯେ ଅଧିକ ଯୋଗ୍ୟା, ଏହା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିପାରେ । ତୁ ଯେ ଅତନୁର ଯୋଗ୍ୟତମା ସ୍ତ୍ରୀ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ ମା । ତୋତେ ଏ ଦେଶର କମ୍ପ୍ୟୁଟର ଅତନୁର ସ୍ତ୍ରୀଭାବରେ ଯେଉଁଦିନ ବାଛିଲା ସେହିଦିନଠାରୁ ମୁଁ ବଡ଼ ସନ୍ଦିହାନ ହୋଇପଡ଼ିଥିଲି । ଆମେ ଯନ୍ତ୍ରର ନିର୍ଦ୍ଦେଶ ମାନିନେଇଥିଲୁ ସତ, କିନ୍ତୁ ମୋ ମନଟା କେମିତି ସନ୍ଦେହୀ ସନ୍ଦେହୀ ହୋଇ ରହିଥିଲା ।"

"ଆଁ, କମ୍ପ୍ୟୁଟର କଣ ବାଛିଲା? ଏହାର ଅର୍ଥ କ'ଣ ଫାଦର୍?"

Digitized by srujanika@gmail.com

ହସିଲେ ଡାକ୍ତର ପଟ୍ଟନାୟକ । ଫାଦର ଡାକ୍ତର ପଟ୍ଟନାୟକଙ୍କ ଆଡ଼କୁ ଅନାଇଲେ । ଡାକ୍ତର ପଟ୍ଟନାୟକ ଫାଦରଙ୍କୁ ତନୁଶ୍ରୀକୁ ବୁଝାଇଦେବାପାଇଁ ଇସାରା ଦେଇ ବାହାରି ଗଲେ । ଅତନୁ ଖାଇସାରି ବାହାରିଗଲାବେଳେ କହିଦେଇ ଗଲା, "ଫାଦରଙ୍କ ଠାରୁ ବୁଝିଥାଅ ତନୁଶ୍ରୀ, କଂପ୍ୟୁଟର କାପର ବାହାଘର ପାଇଁ କନ୍ୟା ବାଛେ ।"

ଫାଦର ଈଷତ୍ ହସି ଆରମ୍ଭକଲେ, "ତୁ ମା ଅତନୁର ସ୍ତ୍ରୀ ଭାବରେ କେମିତି ଆସିଲୁ ଜାଣିଛୁ ? ଅତନୁ ତ ତୋତେ ଦେଖିନ କି ତୁ ଅତନୁକୁ ଦେଖିନୁ । ତଥାପି ତୁମେ ଦୁହେଁ ଏକାଠି ହେଲ କେମିତି ?"

"ମୋ ବାପା ଆପଣଙ୍କଠାକୁ ପ୍ରସ୍ତାବ ପଠାଇଥିବେ । ଫଟୋ ଆସିଥିବ । ମୋ ସଂପର୍କରେ ଆପଣଙ୍କୁ କେହି ସୁପାରିସ୍ କରିଥିବେ । ତେଣୁ ଆପଣ ବାହାଘର ପ୍ରସ୍ତାବରେ ରାଜି ହୋଇଥିବେ । ମୋ ବଡ଼ ମାଉସୀ କୁଆଡ଼େ ଏହି ପ୍ରସ୍ତାବର ମୂଳ । ତାଙ୍କ ସୁପାରିସ୍ ଅନୁସାରେ ମୋ ବାପା ପ୍ରସ୍ତାବ ପଠାଇଥିଲେ ଓ ଆପଣ ସେ ପ୍ରସ୍ତାବକୁ ରଖିଥିଲେ ।"

"ତୋତେ ସେହି ଧାରଣା ଦିଆଯାଇଛି ମା । ପ୍ରକୃତ କଥାଟା ତୋତେ ଲୁଚି ଯାଇଛି ।" "କ'ଣ କହୁଛନ୍ତି ଫାଦର ? ମୁଁ କିଛି ବୁଝିପାରୁନି ।"

"ହଁ ମା, ପ୍ରକୃତ କଥା ତୁ ଜାଣିନୁ । ତୋର ମା ମନେଥିବ ବାହାଘରର ଦୁଇ ତିନି ମାସ ପୂର୍ବରୁ ତୋ କଲେଜର ପ୍ରିନ୍ସିପାଲ ତୋତେ ତାଙ୍କ ଅଫିସକୁ ଡାକି ଏକ ପ୍ରଶ୍ନାବଳୀ ତାଙ୍କ ଆଗରେ ପୂରଣ କରିବାକୁ କହିଥିବେ ।"

"ହଁ, କହିଥିଲେ ।"

"ତୁ, କରିଥିଲୁ ?"

"ହଁ ଫାଦର, କରିଥିଲି ।"

"ପ୍ରିନ୍ସିପାଲଙ୍କୁ ପଚାରିଲୁନି, ତୁ ଏହାକୁ କାହିଁକି ପୂରଣ କରିବୁ ।"

"ଇରେ ବାପ, ପ୍ରିନ୍ସିପାଲଙ୍କୁ କିଏ ପଚାରିବ ? ସେ ଯେଉଁ କଡ଼ା ପ୍ରିନ୍ସିପାଲ ନା ତାଙ୍କୁ ଦେଖିଲେ ଆମ ଛାତି ଥରେ ।"

"ପ୍ରିନ୍ସିପାଲ୍‌ଙ୍କ ଆଗରେ ଏକ ନିର୍ଦ୍ଦିଷ୍ଟ ସମୟଭିତରେ ତୋତେ ସେ ପ୍ରଶ୍ନାବଳୀର ଉତ୍ତର ଦେବାକୁ ହୋଇଥିବ ?"

"ହଁ, ଫାଦର୍ ।"

"ସେହି ପ୍ରଶ୍ନାବଳୀ ଆମେ ମିସେସ୍ ମହାନ୍ତିଙ୍କଠାକୁ ପଠାଇଥିଲୁ । ଡକ୍ଟର ମହାନ୍ତି ପ୍ରିନ୍ସିପାଲଙ୍କୁ ଦେଇ ତାଙ୍କ ଆଗରେ ଏହା ତୋ ଦ୍ୱାରା ପୂରଣ କରାଇନେବାପାଇଁ ଅନୁରୋଧ ଜଣାଇଥିଲେ । ତୁ ଯେମିତି ପ୍ରଶ୍ନାବଳୀର ଉତ୍ତର ଦେଇଥିଲୁ, ଆମେକୋ

Digitized by srujanika@gmail.com

ଭାରତ ସମେତ ବହୁ ଦେଶରୁ ସାତ ହଜାର ଝିଅ ସେହିଭଳି ଉତ୍ତର ପୂରଣ କରିଥିଲେ । ସମସ୍ତେ ଚାହିଁଥିଲେ ଅତନୁଙ୍କୁ ବାହାହେବା ପାଇଁ । ଅତନୁ ବି ସେହିଭଳି ଉତ୍ତର ପୂରଣ କରିଥିଲା । ଏହି ସାତ ହଜାର ଉତ୍ତର ଭିତରୁ କେଉଁଟି ଅତନୁର ଉତ୍ତର ସହିତ ସବୁଠାରୁ ଅଧିକ ମିଳୁଛି ସେହି ମିଳାଇବା କାର୍ଯ୍ୟ କରିଥିଲା ଏଠା ରୁଟ୍‌ଗରସ ବିଶ୍ୱବିଦ୍ୟାଳୟର କଂପ୍ୟୁଟର । ଯେଉଁ ପ୍ରଶ୍ନାବଳୀକୁ ତିଆରି କରିଥିଲେ ସେହି ବିଶ୍ୱବିଦ୍ୟାଳୟର ଜଣେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ ଯେ କି ଅତନୁ ସହିତ ବନ୍ଧୁ ଭାବରେ ମିଳାମିଶା କରି ତାର ମନର ବିଭିନ୍ନ ଇଚ୍ଛା, ଆଦର୍ଶକୁ ଅନୁଧ୍ୟାନ କରିପାରିଥିଲେ । ସେହି ସାତ ହଜାର ଝିଅଙ୍କ ଭିତରୁ କେବଳ ଆମେରିକାରୁ ଥିଲେ ପାଞ୍ଚହଜାରରୁ ବେଶି । ଭାରତରୁ ଥିଲେ ହଜାରକରୁ କିଛି କମ୍ ।

"ସେହିସବୁ ଝିଅଙ୍କ ଭିତରୁ ତୁ ହେଲୁ ପ୍ରଥମ । ଦ୍ୱିତୀୟ ହେଲା ସୁସାନ୍, ଅତନୁର ଏଠା ବିଭିନ୍ନ ବାନ୍ଧବୀମାନଙ୍କ ଭିତରୁ ଜଣେ । ତୃତୀୟ ହେଲା ପଶ୍ଚିମବଙ୍ଗର ଜଣେ ଝିଅ । ଅତନୁକୁ ତୁମ ତିନିଜଣଙ୍କର ଫଟୋ ଦିଆଗଲା ସେଥିଭିତରୁ ବାଛିବାକୁ ସେ କାହାକୁ ଜୀବନସଙ୍ଗିନୀ ଭାବରେ ଗ୍ରହଣକରିବ । ବହୁତ ଦିନ ଧରି ଭାବିଭାବି ସେ ଶେଷରେ ତୋତେ ହିଁ ବାଛିଥିଲା ଜୀବନସଙ୍ଗିନୀ ଭାବରେ । ସେ ବାଛିସାରିଲାପରେ ଆମେ ବିବାହ ପ୍ରସ୍ତାବରେ ଆଗେଇ ଥିଲୁ ।"

"ମୋ ବାହାଘର ପଛରେ ଏତେ କଥା ଅଛି ! ମୋ ବାପା ମା'ତ ଜାଣି ନାହାଁନ୍ତି ।"

"ନାଁ ଏସବୁ ଜାଣିଛନ୍ତି ତୁମ ମାଉସୀ । ତୁମ ମାଉସୀ ତ ଅତନୁକୁ ନିଜ ପୁଅ ଭଳି ସ୍ନେହ କରନ୍ତି । ସେ ପ୍ରଥମେ ଆମଠାକୁ ଅତନୁ ସହିତ ତୋ ବିବାହ ପ୍ରସ୍ତାବ ପଠାଇଥିଲେ । ଆମେ କଂପ୍ୟୁଟର ବ୍ୟବସ୍ଥା କଥା ତାଙ୍କୁ ଲେଖିଥିଲୁଁ । କହିଥିଲୁ ବିବାହରେ ସବୁଠାରୁ ବଡ଼ କଥାହେଲା ଦି ଜଣଙ୍କ ମନ ମିଳିବା । ଦି ଜଣଙ୍କ ମନ ଯେତେ ମିଳିବ ବିବାହ ସେତେ ସୁଖମୟ ଓ କୃତକାର୍ଯ୍ୟ ହେବ । ଏହି ମନ ମିଳାକୁ ଠିକ୍ କରିବ ପ୍ରଶ୍ନାବଳୀ ଜରିଆରେ କଂପ୍ୟୁଟର । ଆମେ କହିଥିଲୁ, ଏହି କଂପ୍ୟୁଟର ଜରିଆରେ ତାଙ୍କ ଝିଆରୀ ଯଦି ବଛା ଯାନ୍ତି, ତେବେ ବାହାଘର କରିବାକୁ ଆମର ଆପତ୍ତି ନାହିଁ । ସେହି ପ୍ରଶ୍ନାବଳୀ ପୂରଣ ନକଲେ କିଛି ହୋଇ ପାରିବ ନାହିଁ । ସେ ପରିଶେଷରେ ଆମ ପଦ୍ଧତିରେ ରାଜିହୋଇ ପ୍ରିନ୍‌ସପାଲଙ୍କ ଜରିଆରେ ପ୍ରଶ୍ନାବଳୀର ଉତ୍ତର ପୂରଣ କରି ଆମ ନିକଟକୁ ପଠାଇଥିଲେ ।"

"କଂପ୍ୟୁଟରକୁ ଆପଣ ନିଶ୍ଚୟ ବିଶ୍ୱାସ କରୁଥିବେ ଫାଦର ! ତା ନହୋଇଥିଲେ ଆପଣ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ କଂପ୍ୟୁଟର ଉପରେ ଛାଡ଼ି ଦେଇଥାନ୍ତେ କେମିତି ? ଏସବୁ ପରିକଳ୍ପନା କାହାର ଫାଦର୍ ?"

"ଆଉ କାହାର ହେବ ମା ! ଆମେ ଦୁଇଟି ବୁଢ଼ା ଏହିପରି ପରିକଳ୍ପନାର ମୂଳରେ । ତୋ ଶ୍ୱଶୁର ଓ ମୁଁ ବସି ବହୁତ ଆଲୋଚନା କରି ଏହି ପଦ୍ଧତିଟି କଥା ଠିକ୍ କରିଥିଲୁଁ । ମୁଁ ଜାଣେନା, ତୁ ଜାଣିଛୁକି ମା । ଏହି ଗାଁରେ ଆମେରିକାରେ କେତୋଟି ବାହାଘର

Digitized by srujanika@gmail.com

ଇତି ମଧ୍ୟରେ ହୋଇଗଲାଣି । ସେଥିଭିତରୁ କେତୋଟି ସଫଳ ଓ କେତୋଟି ଅସଫଳ ବିଭାଘର । ଆମର ବଡ଼ ସନ୍ଦେହ ଥିଲା ଏହି ବିଭାଘର ସଫଳ ହେବ କି କଅଣ ? ତୁ ଆସିବା ଦିନଠାରୁ ମୁଁ ବଡ଼ ସନ୍ଦେହରେ ଥିଲି । ତୁମେ ଦୁହେଁ କିପରି ପରସ୍ପରକୁ ଭଲ ପାଇବ, ତୁମ ଦୁହିଁଙ୍କ ମନ କେମିତି ସବୁବେଳେ ମିଳିବ, ସେହି ଥାଏ ମୋର ଦିନ ରାତି ଚିନ୍ତା । ବିଭାଘରର ପ୍ରଥମ କେଇଦିନ ଭିତରେ ମୁଁ ପ୍ରମାଣ ପାଇଗଲି ଯେ ଅତନୁ ତୋତେ ଖୁବ୍ ଭଲପାଏ ଓ ତୁ ଅତନୁକୁ ଖୁବ୍ ଭଲପାଉ । ସେହିଦିନୁ ମୋ ପିଣ୍ଡରେ ପ୍ରାଣ ପଶିଲା । ତୁମର ଏହି ସୁଖପୂର୍ଣ୍ଣ ମିଳନ ପାଇଁ ମନେ ମନେ ଭଗବାନଙ୍କୁ ଶତ ନମସ୍କାର ଜଣାଇଲି ।

ସେ କେମିତି ଏଇ ପଦ୍ଧତିରେ ରାଜିହେଲେ ଫାଦର ? ସେ ତ ଏଠିକାର ଡେଟିଙ୍ଗ୍ ପଦ୍ଧତିରେ ଏ ଦେଶରେ କନ୍ୟା ବାଛିପାରିଥାନ୍ତେ । ତାଙ୍କୁ ତ ଏ ଦେଶରେ କନ୍ୟା ଅଭାବ ନଥିଲା ।

ଅତନୁକୁ ତୁ କ'ଣ ମା ଏପର୍ଯ୍ୟନ୍ତ ଅନୁଧ୍ୟାନ କରିପାରିଲୁନି ? ସେ ଏ ଦେଶ ମାଟିରେ ଜନ୍ମହୋଇ, ଏ ଦେଶର ସମାଜରେ ଲାଳିତ ପାଳିତ ହୋଇ, ଏ ଦେଶର ଖାଦ୍ୟ ଖାଇ, ଏ ଦେଶର ଆଚାର ବ୍ୟବହାର, ରୀତିନୀତି, ସଂସ୍କୃତିକୁ ନିଜର ବୋଲି ଗ୍ରହଣ କରିପାରିନି । ସେ ସବୁବେଳେ ଭାରତୀୟ ଆଚାର, ବ୍ୟବହାର, ରୀତିନୀତି, ସଂସ୍କୃତିକୁ ଶ୍ରଦ୍ଧା ଦେଖାଇ ଆସିଛି । ଏ ଦେଶର ବହୁ ଝିଅ ତାକୁ ସ୍ୱାମୀଭାବରେ ପାଇବାକୁ ଆଗ୍ରହର ସହିତ ଆଗେଇ ଆସିଥିଲେ । ସେ କିନ୍ତୁ ସେମାନଙ୍କୁ ଗ୍ରହଣ କରିପାରିଲାନି । ଏ ଦେଶର ଡେଟିଙ୍ଗ୍ ପଦ୍ଧତିକୁ ସେ ମୂଳରୁ ପସନ୍ଦ କରେନି । ଏ ଦେଶର ବହୁ ଯୁବତୀ ତା ମନ ସହିତ ମନକୁ ମିଳାଇବାକୁ ଆସିଥିଲେ, କିନ୍ତୁ ବ୍ୟର୍ଥ ମନୋରଥ ହୋଇ ଫେରିଯାଇଥିଲେ । ସୁଯାନ ବୋଲି ଝିଅଟି ଅତନୁକୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଉଥିଲା; କିନ୍ତୁ ଅତନୁ ତାକୁ ବି ଶେଷରେ ଗ୍ରହଣ କରିପାରିଲାନି ।

Digitized by srujanika@gmail.com

ସାତ

ଆମେରିକାର ଅନ୍ୟତମ କୋଟିପତି ଜାଏସଲର ତାଙ୍କର ଜେନେରାଲ ମେନେଜର, ଅର୍ଥ ପରାମର୍ଶଦାତା, ଆଞ୍ଚଳିକ ମେନେଜର, ଇଞ୍ଜିନିୟର, ଆରକିଟେକ୍ଟ ଆଦିଙ୍କୁ ନେଇ ଯେଉଁଦିନ ଅତନୁର ବାସଭବନରେ ଆସି ପହଞ୍ଚିଗଲେ, ଫାଦର୍ ଓ ଡାକ୍ତର ପଟ୍ଟନାୟକ ସେମାନଙ୍କୁ ଦେଖି ଚକିତ ହୋଇଗଲେ ନାହିଁ । ଅତନୁ ସେମାନଙ୍କୁ ପାଛୋଟି ନେଇ ନିଜ ଡ୍ରଇଂ ରୁମ୍‌ରେ ବସାଇଲା । ଫାଦର ଓ ନିଜ ପିତାଙ୍କୁ ସେମାନଙ୍କ ସହିତ ପରିଚିତ କରାଇଦେଲା । କୋଟିପତି ଓ ତାଙ୍କ କର୍ମଚାରୀମାନେ ପ୍ରାୟ ପାଞ୍ଚଗୋଟି କାର୍‌ରେ ଭର୍ତ୍ତି ହୋଇ ଆସିଥିଲେ ମିଚିଗାନ ରାଜ୍ୟରୁ । ଯଦିଓ କୋଟିପତିଙ୍କ ପ୍ରଧାନ ଅଫିସ ନିଉୟର୍କରେ ଓ ନିଉୟର୍କର ତୃତୀୟ ଉଚ୍ଚତମ ପ୍ରାସାଦ ତାଙ୍କର; କିନ୍ତୁ କୋଟିପତି ରହନ୍ତି ମିଚିଗାନ ରାଜ୍ୟରେ ତାଙ୍କ ନିଜ ଘରେ । ମିଚିଗାନ ରାଜ୍ୟରେ ତାଙ୍କର ବହୁତ ଗୁଡ଼ିଏ ସ୍ୱୟଂକ୍ରିୟ ମଟର ଗାଡ଼ି ତିଆରି କାରଖାନା ବିଆଡ଼ି ହୋଇ ପଡ଼ିଥିବାରୁ ସେ ମିଚିଗାନ ଛାଡ଼ି ଅନ୍ୟତ୍ର ରହିପାରୁ ନଥିଲେ । ବିଭିନ୍ନ ପ୍ରକାର ମଟର ଗାଡ଼ି ତିଆରି ତାଙ୍କର ପ୍ରଧାନ ବ୍ୟବସାୟ ହୋଇଥିବାରୁ ଜେନେରାଲ ମୋଟରସ୍, ଫୋର୍ଡ ଭଳି ତାଙ୍କ ଚିନ୍ତା ସବୁବେଳେ ନୂଆ ନୂଆ ମଟର ଗାଡ଼ି ତିଆରି ପାଇଁ । ସେ ଏଥିପାଇଁ ଏତେ କାର୍ଯ୍ୟବ୍ୟସ୍ତ ରହନ୍ତି ଯେ, ନିଜ ହେଡ଼୍ ଅଫିସ୍‌ରୁ ନିଉୟର୍କକୁ ଆସିବାକୁ ବେଳ ପାଆନ୍ତି ନାହିଁ । ତେବେ ଜାଏସଲର ତାଙ୍କ ପିତାଙ୍କ ନାମାନୁସାରେ ଏକ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରିବାକୁ ଆଗ୍ରହୀ । ନିଉୟର୍କରେ ରକ୍‌ଫେଲର କେନସର ଇନ୍‌ଷ୍ଟିଚ୍ୟୁଟଠାରୁ ଏହା ଯେମିତି ବଡ଼ହେବ ତାହାହିଁ ତାଙ୍କର ଇଚ୍ଛା । ଏହି ଇନ୍‌ଷ୍ଟିଚ୍ୟୁଟ୍‌ର ଡିରେକ୍ଟର ଭାବରେ ସେମାନେ ଅତନୁକୁ ମନୋନୀତ କରିସାରିଛନ୍ତି । ଅତନୁ ସହ ପରାମର୍ଶ କରି ଇନ୍‌ଷ୍ଟିଚ୍ୟୁଟ ପାଇଁ ସ୍ଥାନ ବାଛିବେ ଓ ସ୍ଥାନ ବାଛି ସରିଗଲେ କୋଟିପତିଙ୍କ ଇଞ୍ଜିନିୟରମାନେ ଛ'ମାସ ଭିତରେ ଇନଷ୍ଟିଚ୍ୟୁଟ ପାଇଁ ଏକ ବିଂଶତଳ ପ୍ରାସାଦ ତିଆରି କରିଦେବେ । ଏହି ପ୍ରାସାଦର ଡିଜାଇନ୍ କୋଟିପତିଙ୍କ ସମ୍ମତି ପାଇ ସାରିଛି । ଖାଲି ଅତନୁର ସମ୍ମତି ମିଳିଲେ ହେଲା । ସ୍ଥାନ ବାଛିସାରି ଅତନୁ ସହିତ ଆଲୋଚନା କରି କୋଟିପତି ଆଜି ଫାଇନାଲ କରିବେ । ସେଥିପାଇଁ ସେ ମିଚିଗାନରୁ ନିଜ କର୍ମଚାରୀମାନଙ୍କୁ ଧରି ଅତନୁ ଘରେ ଆସି ପହଞ୍ଚି ଯାଇଛନ୍ତି ।

ଅତିଥିମାନଙ୍କୁ ଚା'ପାନରେ ଆପ୍ୟାୟିତ କଲାପରେ ତନୁଶ୍ରୀକୁ କୋଟିପତିଙ୍କ ସହିତ ପରିଚିତ କରାଇ ଦେଲା ଅତନୁ । ଅତନୁକୁ ଯେତେ ସେମାନେ ଯେତେବେଳେ ଇନ୍‌ଷ୍ଟିଚ୍ୟୁଟ ପାଇଁ ସ୍ଥାନ ବାଛିବାକୁ ନିଉବ୍ରାନ୍‌ସଉଇକ୍ ଯିବାକୁ ବାହାରିଲେ ଫାଦର, ଡାକ୍ତର

Digitized by srujanika@gmail.com

ପଟ୍ଟନାୟକ ଓ ତନୁଶ୍ରୀଙ୍କୁ ସେମାନଙ୍କ ସହିତ ଯିବାପାଇଁ ନିମନ୍ତ୍ରଣ କରିବାକୁ କୋଟିପତି ଭୁଲିଲେ ନାହିଁ । ତାଙ୍କର ଇଚ୍ଛାଥିଲା ସେ ଯେଉଁ ଶିଶୁ ଅନୁଷ୍ଠାନଟି ଗଢ଼ିବାକୁ ଯାଉଛନ୍ତି, ସେଥିର ପରିଚାଳନାଭାର ଅତନୁ ଉପରେ ରହିଲେ ହିଁ ଅତନୁର ପୂରା ପରିବାରଟି ଏହି ଅନୁଷ୍ଠାନଟି ସହିତ ଜଡ଼ିତ ହୋଇଗଲେ ଏହାର ଉତ୍ତରୋତ୍ତର ଅଭିବୃଦ୍ଧିରେ ତାହା ସାହାଯ୍ୟ କରିବ । ଇନ୍‌ଷ୍ଟିଚ୍ୟୁଟଠାରୁ ହଜାରେ ମାଇଲ ଦୂରରେ ରହି ସେ ଏହାର ଅଭିବୃଦ୍ଧିରେ କ'ଣ ବିଶେଷ କିଛି ସାହାଯ୍ୟ କରିପାରିବେ ? ଏମାନଙ୍କ ଚେଷ୍ଟା ଓ ପରିଶ୍ରମରେ ଅନୁଷ୍ଠାନଟି ଯାହା ଅଭିବୃଦ୍ଧି କରିବ ।

ନିଉବ୍ରାନ୍‌ସଉଇକର ବିଭିନ୍ନ ସ୍ଥାନ ଦେଖିସାରିଲା ପରେ ସେମାନେ ଗୋଟିଏ ସ୍ଥାନ ବାଛିଲେ । ସ୍ଥାନର ଅବସ୍ଥିତି ନେଇ ନାନା ଆଲୋଚନା ପରେ ଯେତେବେଳେ ସ୍ଥାନଟି ସ୍ଥିରହେଲା ସଙ୍ଗେ ସଙ୍ଗେ ସେଠାରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ମିଳିଗଲା । ସଙ୍ଗରେ ଆସିଥିବା ଆର୍କିଟେକ୍ଟ ଅତନୁକୁ ଇନ୍‌ଷ୍ଟିଚ୍ୟୁଟର ଡିଜାଇନ ଦେଖାଇ ସମ୍ମତି ନେଇନେଲେ । ଆର୍କିଟେକ୍ଟଙ୍କ ଡିଜାଇନ ଦେଖି ଅତନୁର ଆଖି ଖୋସି ହୋଇଗଲା । କି ବିରାଟ ଆକାରରେ ଅନୁଷ୍ଠାନଟି ହେବାକୁ ଯାଉଛି । ଏତେ ବଡ଼ ଅନୁଷ୍ଠାନ ତା' ପରିଚାଳନାଧୀନରେ ରହିବ, ଭାବିଲାବେଳକୁ ଅତନୁ ଦେହରେ ଏକ ଅପୂର୍ବ ଶିହରଣ ଖେଳି ଯାଉଥାଏ । ସ୍ଥାନ, ଡିଜାଇନ ଆଦି ସବୁ ଫାଇନାଲ୍ ହୋଇସାରିଲା ପରେ କୋଟିପତି ସଙ୍ଗେ ସଙ୍ଗେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆର୍କିଟେକ୍ଟ, ଇଞ୍ଜିନିଅରମାନଙ୍କୁ ଆଦେଶ ଦେଇ ନିଉୟର୍କ ଅଫିସକୁ ଯିବାକୁ ବାହାରିଲେ । ସେଠାରୁ ନିଜ ଉଡ଼ାଜାହାଜ ଧରିବେ ମିଚିଗାନ । ଗଲାବେଳେ ତନୁଶ୍ରୀକୁ ଅନାଇ କହିଲେ, "ତୋ ସହିତ ଆଜି ମୋର ପ୍ରଥମ ସାକ୍ଷାତ୍ ହେଉଛି ମା । ଆମ ଦେଶର ରୀତି ଅନୁଯାୟୀ ତୋତେ ଗୋଟିଏ କିଛି ଉପହାର ଦେବାକଥା । ତୋତେ କ'ଣ ଉପହାର ଦେବି ଭାବିପାରୁନି । ତେବେ ଆମ କାରଖାନାରେ ଏବେ ନୂଆ ହୋଇ ସୌରଶକ୍ତି ଚାଳିତ ମଟରଗାଡ଼ି ତିଆରି ହୋଇଛି । ସେଥିରୁ ଗୋଟିଏ ତୋ ବ୍ୟବହାର ପାଇଁ ପଠାଇ ଦେଉଛି ମା । ଏ ଗାଡ଼ିଟି ଅଦ୍ଭୁତ ଧରଣର, ଏହା ବିନା ପେଟ୍ରୋଲରେ ଚାଲେ । ସୌରଶକ୍ତି ଏହାର ପେଟ୍ରୋଲ କାମ କରେ । ଏହି ମଟରଗାଡ଼ିକୁ ଚଳାଇବାକୁ ଡ୍ରାଇଭର ଦରକାର ପଡ଼େନି । ଏହା ଏକ କମ୍ପ୍ୟୁଟର ଦ୍ୱାରା ଚାଲୁଥିବାରୁ ଏହାର ଚାଳକ ଦରକାର ନାହିଁ । ଗାଡ଼ିରେ ବସି ଗାଡ଼ିକୁ ଚାଲିବାକୁ ଆଦେଶଦେଲେ ହିଁ ଚାଲିଲା । କେଉଁ ଯାଗାରୁ କେଉଁ ଯାଗାକୁ ଯିବ ରାସ୍ତାର ଏକ ରୁଟ୍‌ଚାର୍ଟ ଦେଇଦେଲେ ହେଲା । ଏହି ଗାଡ଼ିଟି ଏବେ ତିଆରି ହୋଇଛି । ବଜାରକୁ ଆସିନାହିଁ ମା । ବଜାରକୁ ଆସିବାକୁ ଆହୁରି କେତେଦିନ ଡେରିଅଛି । କାଲି ସକାଳୁ ସେହି ଗାଡ଼ି ଯେମିତି ଆସି ଅତନୁର ଘରଠାରେ ପହଞ୍ଚେ, ଆଞ୍ଚଳିକ ମେନେଜରଙ୍କୁ ଆଦେଶ ଦେଇ କୋଟିପତି ନିଉୟର୍କ ଅଭିମୁଖେ ବାହାରିଗଲେ ।

କୋଟିପତି ଚାଲିଗଲା ପରେ ଅନ୍ୟାନ୍ୟ ଅଫିସରମାନେ ଅତନୁଠାରୁ ବିଦାୟନେଇ ଚାଲିଗଲେ । ଡାକ୍ତର ପଟ୍ଟନାୟକ, ଫାଦର, ତନୁଶ୍ରୀ ଓ ଅତନୁ ନିଜ ଗାଡ଼ିରେ ଘରକୁ

Digitized by srujanika@gmail.com

ଫେରିଆସିଲେ । ଘରେ ପହଞ୍ଚିବାଠାରୁ ଫାଦର, ତନୁଶ୍ରୀ ଓ ଡକ୍ଟର ପଟ୍ଟନାୟକଙ୍କ ଭିତରେ ଆଲୋଚନା ଆରମ୍ଭ ହୋଇଗଲା କୋଟିପତି ଦେବାପାଇଁ କହିଯାଇଥିବା ସୌର-ଚାଳିତ ମଟରଗାଡ଼ିଟି ସମ୍ବନ୍ଧରେ ଏହା କେମିତି ହୋଇଥିବ ? ସେଥିରେ ପୁଣି ଚାଳକ ଦରକାର ନାହିଁ । ଏକ କଂପ୍ୟୁଟର ଏହି କାର୍‌ର ଚାଳକ । ଖାଲି ବରାଦ କଲେ ଚାଲିବ । ଏହି ଗାଡ଼ିଟି କେମିତି ହୋଇଥିବ ଫାଦର ନିଜ ବିଦ୍ୟାବୁଦ୍ଧି ଠୁଳକରି ବର୍ଣ୍ଣନାକଲା ବେଳକୁ ଡକ୍ଟର ପଟ୍ଟନାୟକ ଏହାର ରୂପରେଖ ଆଉ ଏକ ପ୍ରକାରରେ ଚିତ୍ରଣ କରୁଥାନ୍ତି । ବିଚରା ତନୁଶ୍ରୀ ସେମାନଙ୍କ ବର୍ଣ୍ଣନା ଶୁଣି ଶୁଣି ତାଜୁବ୍ ।

× × ×

ଜେରସି ସିଟିସ୍ଥିତ ଘରଗୁଡ଼ି ଯେଉଁଦିନ ଅତନୁ, ତନୁଶ୍ରୀ, ଫାଦର ଓ ଡକ୍ଟର ପଟ୍ଟନାୟକ ନିଉବ୍ରାନ୍‌ସଉଇକ୍‌ସ୍ଥ ଇନ୍‌ଷ୍ଟିଚିଉଟ ନିକଟବର୍ତ୍ତୀ ନବନିର୍ମିତ ବାସଭବନକୁ ଆସିଲେ ସେଦିନ ସମସ୍ତଙ୍କ ମନରେ ଯେଉଁ ଆନନ୍ଦ କହିଲେ ନସରେ । ନୂଆହୋଇ ତିଆରି ହୋଇଥିବା ଘରଟି ଖୁବ୍ ବିରାଟ ଓ ଚାକଚକ୍ୟମୟ । ଇନ୍‌ଷ୍ଟିଚିଉଟ୍ ପ୍ରାସାଦଠାରୁ ବେଶି ଦୂରନୁହେଁ । ହ୍ୱାଏସଲର କେନସର୍ ଇନଷ୍ଟିଚିଉଟର ନିର୍ଦ୍ଦେଶକଙ୍କ ବାସଭବନ, ତାହା କ'ଣ ଯେମିତି ସେମିତି ହେଲେ ହୁଏ ? ଏଘରକୁ ଆସିବା ସପ୍ତାହକ ଆଗରୁ ତନୁଶ୍ରୀର ଚିନ୍ତା ଘରଟିକୁ କେମିତି ସଜେଇବ । ଅତନୁ ସହିତ ତାର ଇତି ମଧ୍ୟରେ କେତେଥର ଆଲୋଚନା ହୋଇଗଲଣି । ଘରଟି ପୂରାପୂରି ଭାରତୀୟ ଶୈଳୀରେ ସଜାହେବ । ଡ୍ରଇଂ ରୁମଠାରୁ ଆରମ୍ଭ କରି ଶୋଇବା କକ୍ଷ ପର୍ଯ୍ୟନ୍ତ ସବୁକିଛି ଏମିତି ଭାବରେ ସଜାହେବ, ଯେମିତିକି ଯେକୌଣସିଲୋକ ଦେଖିଲେ ଜାଣି ନେବ ଯେ ଏହା ପୂରାପୂରି ଜଣେ ଭାରତୀୟଙ୍କର । ଓଡ଼ିଶାକୁ ଓ ଭାରତର ବିଭିନ୍ନ ସ୍ଥାନକୁ ଲେଖାଲେଖି କରି ବହୁ ଚିତ୍ରକଳା, ସ୍ଥାପତ୍ୟ ମୂର୍ତ୍ତିମାନ କିଣାହୋଇ ଆସିଗଲଣି । ତନୁଶ୍ରୀର ଯାହା ଯୋଜନା, ସେ ନିଜ ପ୍ରାସାଦଟିକୁ ଏକ ଯାଦୁ କୋଠିରେ ପରିଣତ କରିଦେବ । ଆମେରିକାନମାନେ ଦେଖନ୍ତୁ ଭାରତୀୟ ଚିତ୍ରକଳା, ସ୍ଥାପତ୍ୟ ଆଦି କେମିତି । ଭାରତରେ ଯେତେ ପ୍ରକାର ଦର୍ଶନୀୟ ପଦାର୍ଥ ଅଛି ସେ ସବୁର ପ୍ରତିମୂର୍ତ୍ତି ଆସି ଏହି ପ୍ରାସାଦରେ ଯେମିତି ସ୍ଥାନ ପାଏ ସେଥିପାଇଁ ସେ ସର୍ବଦା ଚେଷ୍ଟିତ । ତନୁଶ୍ରୀ ଯେଉଁଠି ଯାହା କରିବାକୁ ବସେ, ଫାଦର୍ ଓ ଶ୍ୱଶୁରଙ୍କ ମତାମତ ନ ନେଇ କିଛି କରେନି ।

ତାର ବିଭିନ୍ନ ଯୋଜନା କଥା ଶୁଣିବାକୁ ଅତନୁର ବେଳ କାହିଁ ? ତେଣୁ ସେ ତାର ଯୋଜନା ଆଗେ ଫାଦର୍ ଓ ଶ୍ୱଶୁରଙ୍କୁ ଶୁଣାଏ । ଆଜି ଯଦି ଘର ସଜାଇବା ଯୋଜନାଟି ଏମିତି ହୋଇଛି କାଲିକୁ ତାହା ବଦଳିଯାଇ ଅନ୍ୟରୂପ ନେଲଣି । ତା' ଯୋଜନାର ଏଭଳି ଘନଘନ ପରିବର୍ତ୍ତନ ଦେଖି ଫାଦର୍ ଓ ଡକ୍ଟର ପଟ୍ଟନାୟକ ହସିହସି ଗଡ଼ିଯାଆନ୍ତି । ତନୁଶ୍ରୀ ଏହି କେତେଦିନ ଭିତରେ ଫାଦର୍ ଓ ଡକ୍ଟର ପଟ୍ଟନାୟକଙ୍କର

Digitized by srujanika@gmail.com

ଅତି ପ୍ରିୟ ହୋଇପଡ଼ିଛୁ । ସେମାନେ ତନୁଶ୍ରୀକୁ ଘଡ଼ିଏ ନ ଦେଖିଲେ ଅସ୍ଥିର ହୋଇପଡ଼ନ୍ତି ।

ଡାକ୍ତର ପଟ୍ଟନାୟକଙ୍କ ଛୁଟି ପୂରି ଯିବାରୁ ସେ ଯେଉଁଦିନ ତାଙ୍କ କର୍ମସ୍ଥଳୀ ନଉଅରଲିୟାନ୍ସକୁ ଯିବାକୁ ବାହାରନ୍ତି, ସେଦିନ ଘରେ ଚହଳ ପଡ଼ିଗଲା । ତନୁଶ୍ରୀ ଶ୍ୱଶୁର ଗୃହକାମରେ ପୁଣି ଯୋଗଦେବା ବିରୁଦ୍ଧରେ । ତାର ସବୁବେଳେ ଶ୍ୱଶୁରଙ୍କ ଠାରେ ଅଳି, ସେ ଗୃହକାମରୁ ଅବସର ନେଇ ଘରେ ରହନ୍ତୁ । ସେ ନିଜେ କାର୍ଯ୍ୟଦକ୍ଷ ଥାଉଁ ଥାଉଁ କେମିତି ବା ଅବସର ନେବେ ? ଅବସର ନେବା ବୟସ ଆସିଗଲେ ସେ ନିଶ୍ଚୟ ଅବସର ନେବେ ଓ ସେମାନଙ୍କଠାରେ ସବୁଦିନ ପାଇଁ ଆସି ରହିବେ ବୋଲି ଯେତେ କହିଲେ ହେଁ ତନୁଶ୍ରୀ ସେଥିରେ ଖୁସି ନୁହେଁ । ଅତନୁ ବାପାଙ୍କୁ କିଛି କହି ପାରେନି । ସେ ଜାଣେ ତା ବାପା ଜଣେ ବିଖ୍ୟାତ ସ୍ତ୍ରୀରୋଗ ବିଶେଷଜ୍ଞ ଓ ସର୍ଜନ । ତାଙ୍କ ବିଭାଗରେ ତାଙ୍କର ଯଥେଷ୍ଟ ସୁନାମ ଅଛି । ଏହି ସୁନାମରେ ଯବନିକା ପକେଇ ଘରେ ଆସି ବସିବେ କାହିଁକି ? କାର୍ଯ୍ୟଦକ୍ଷ ଥାଉଁ ଥାଉଁ ଅବସର ନେଲେ କ'ଣ ଭଲଲାଗେ ? ଅବସର ବୟସ ଆସୁ, ସେ ବଳେବଳେ ଅବସର ନେବେ ନାହିଁ ତ ଆଉ କ'ଣ କରିବେ ।

ଅତନୁର ଏହିଭଳି କଥାରେ ତନୁଶ୍ରୀ ପ୍ରତିବାଦ କରେ । ସେ କହେ "ବାପା ଏକା ରହୁଛନ୍ତି । ସଂସାର ବୋଲି ତାଙ୍କର କିଛିନାହିଁ । ହଁ, ବୋଉ ଥାଆନ୍ତେ ଆମର କିଛି ଚିନ୍ତା କରିବାର ନ ଥାନ୍ତା । ତାଙ୍କର ଏ ବୟସରେ, ତାଙ୍କର ତତ୍ତ୍ୱ ନେବାପାଇଁ ସେଠି ନିଜର ବୋଲି କେହିନାହିଁ । ଏଭଳି ପରିସ୍ଥିତିରେ ଆମେ ତାଙ୍କୁ ସେଠି ଛାଡ଼ିଦେଇ ଏଠି କ'ଣ ନିଶ୍ଚିନ୍ତ ହୋଇ ରହିପାରିବା ?"

ଅତନୁ ତନୁଶ୍ରୀର ଯୁକ୍ତି ମାନେ, କିନ୍ତୁ କ'ଣ କରିବ ଭାବିପାରେନି । ତେବେ ତନୁଶ୍ରୀକୁ ଆଶ୍ୱାସନା ଦିଏ, ବାପାଙ୍କ ଅବସର ନେବା ଆଉ ମାତ୍ର ଦୁଇ ବର୍ଷ ବାକି । ଏଇ ଦୁଇ ବର୍ଷ ଏମିତି ଅନଉଁ ଅନଉଁ ଚାଲିଯିବ ନାହିଁ ତ ଆଉ କ'ଣ ।

ଶ୍ୱଶୁର ବିଦାୟ ନେଲାବେଳକୁ ତନୁଶ୍ରୀ କହିଲା, "ବାପା, ଆପଣ ବେଶୀ ଦିନ ନିଉଅର୍ଲିୟାନ୍ସରେ ରହିବେନି । ଆମକୁ ଏଠି ଭଲ ଲାଗିବନି ।"

ବୋହୂର ଏଇ କଥା କେଇପଦରେ ଡାକ୍ତର ପଟ୍ଟନାୟକଙ୍କ ଆଖି ଛଳଛଳ ହୋଇ ଆସିଲା । ସ୍ତ୍ରୀକୁ ଛାଡ଼ିବା ଦିନଠାରୁ ଗତ ପଚଶ ବର୍ଷ ଧରି କେହି ଜଣେ ତାଙ୍କୁ ଏଭଳି ଦରଦି କଥା ପଦଟିଏ କହିନାହିଁ । ସେ ଗଲାବେଳେ ବାଷ୍ପ ଗଦ୍ ଗଦ୍ ହୋଇ କହିଗଲେ, "ହଁ, ମା, ତୁମ୍ଭମାନଙ୍କୁ ଛାଡ଼ି ମୁଁ କ'ଣ ସେଠି ବେଶିଦିନ ରହିପାରିବି ? ସୁବିଧା ପାଇଲେ ସଙ୍ଗେ ସଙ୍ଗେ ଏଠାକୁ ଚାଲି ଆସିବି ମା । ତୁ ସେଥିପାଇଁ ବ୍ୟସ୍ତ ହୁଅନା ।"

ତନୁଶ୍ରୀର ଆଖି ଛଳଛଳ ହୋଇ ଆସିଲା । ଫାଦର୍ ଠିଆହୋଇ ଏହି ବିଦାୟପର୍ବ ଦେଖୁଥିଲେ । ତାଙ୍କ ଚକ୍ଷୁ ମଧ୍ୟ ଲୋତକପୂର୍ଣ୍ଣ ନ ହୋଇ ରହିପାରିଲାନି ।

× × ×

Digitized by srujanika@gmail.com

"ତନୁଶ୍ରୀ ଶୁଣିଲଣି···" କହୁଁ କହୁଁ ଘର ଭିତରକୁ ପଶି ଆସିଲା ଅଚଲୁ । ମୋତେ ଦିନକ ପାଇଁ ବମ୍ବେ ଯିବାକୁ ପଡ଼ିବ । ବମ୍ବେର ଟାଟା ମେମୋରିଆଲ କେନ୍‌ସର ଇନଷ୍ଟିଚ୍ୟୁଟରୁ ଗୋଟିଏ ଜଟିଳ କେନସର୍ କେଶ ମୋତେ ରେଫର୍ ହୋଇଛି । ମୁଁ ବମ୍ବେ ଯାଇ ଏକାଦିନେ ଫେରି ଆସିବି । କାଏମଲର ଫାଉଣ୍ଡେସନର ଗୋଟିଏ ସ୍ପେସାଲ ପ୍ଲେନ ମୋତେ ନେବା ଆଣିବାପାଇଁ ବନ୍ଦୋବସ୍ତ ହୋଇଛି । ଟାଟା କେନସର ଇନ୍‌ଷ୍ଟିଚ୍ୟୁଟର କେନସର ବିଶେଷଜ୍ଞମାନେ ମୋର ଅତି ପରିଚିତ । ସେମାନଙ୍କ ଅନୁରୋଧକୁ ଏଡ଼ି ନପାରି ମୁଁ ନିଜେ ଯିବାପାଇଁ ରାଜି ହୋଇଛି । ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ତନୁଶ୍ରୀ, ମୁଁ ପିନା ଆମେରିକାରେ ଆମ ଦେଶ ଆମ ଦେଶ କହି ଗର୍ବକରେ; କିନ୍ତୁ ମୁଁ କେବେ ଆମ ଦେଶ ଦେଖିନି କି ଆମ ଦେଶ ମାଟିରେ ଗୋଡ଼ ଦେଇନି । ବମ୍ବେ ଯିବାପାଇଁ ରାଜିହେବାର ଆଉ ଏକ କାରଣ ହେଉଛି ନିଜ ମାତୃଭୂମିକୁ ଦେଖିବା । ମାତୃଭୂମିର ମାଟି ଉପରେ ଗୋଡ଼ଦେଇ ମୁଁ ନିଜେ ଧନ୍ୟହେବାକୁ ଚାହେଁ ତନୁଶ୍ରୀ ।"

"ଆଁ, ତୁମେ ବମ୍ବେ ଯିବ ?" ଚମକି ପଡ଼ିଲା ତନୁଶ୍ରୀ । "ତୁମର ଏହି ସିଦ୍ଧାନ୍ତ ଶୁଣି ମୁଁ ଅତ୍ୟଧିକ ଖୁସି । ଭାରତୀୟ ହୋଇ ଭାରତର ଅଧିବାସୀଙ୍କର ଉପକାରରେ ଯଦି ଆସି ନ ପାରିଲ ତେବେ ଦେଶ ପକ୍ଷରେ ତୁମର ବିଶେଷ ଦକ୍ଷତା ବା ଜ୍ଞାନର କିଛି ଲାଭନାହିଁ । ତୁମ ଜ୍ଞାନ କି ଦକ୍ଷତା ଯଦି ନିଜ ଦେଶ ଲୋକଙ୍କ ଉପକାରରେ ଲାଗିନପାରିଲା ତେବେ ସେ ଜ୍ଞାନ ଓ ଦକ୍ଷତାର କି ମୂଲ୍ୟ ଅଛି ? ବାପା ଶୁଣିଲେ ଆହୁରି ଖୁସି ହେବେ । ମୁଁ ଫାଦରଙ୍କୁ କହିଦେଇ ଆସେ ।"

"ଯିବା ତ ଆହୁରି ତିନି ସପ୍ତାହ ବାକି । ତୁମେ ଏତେ ତରବର ହେଉଛ କାହିଁକି ? ଠିକ୍ ବେଳ ହେଲେ ମୁଁ ବାପାଙ୍କୁ କି ଫାଦରଙ୍କୁ କ'ଣ କହିବିନି ?"

"କିନ୍ତୁ ଏତେ ଡେରି କାହିଁକି ? ଯଦି ଯିବ, ଶୀଘ୍ର ଯିବା କଥା । ତୁମେ ପରା କୁହ, କେନସର ରୋଗରେ ଆଶୁ ଚିକିତ୍ସାହିଁ ସବୁଠାରୁ ଅଧିକ ଫଳପ୍ରଦ । ଜାଣୁ ଜାଣୁ ଏତେ ଡେରିରେ ଯାଇ ଲାଭ କଅଣ ?"

ହସିଲା ଅଚଲୁ । ତୁମ ଉଦ୍‌ବେଗ ମୁଁ ବୁଝୁଛି ତନୁଶ୍ରୀ । କିନ୍ତୁ ଏ ଦେଶର ରୀତିନୀତି କ'ଣ ତୁମେ ଭୁଲିଯାଉଛ ? ଆସନ୍ତା ତିନି ସପ୍ତାହ ପାଇଁ ଆମ ପ୍ରୋଗ୍ରାମ ପରା ସ୍ଥିର ହୋଇଯାଇଛି । କେଉଁଦିନ କାହା କାହା ଅପରେସନ ହେବ, କେଉଁ ଧରଣର ଅପରେସନ ହେବ ସବୁ ତ ଠିକ୍ ହୋଇଯାଇଛି । ଏଠି ରୋଗୀମାନେ ତ ସେହି ତାରିଖକୁ ପ୍ରାଣ ବିକଳରେ ଅନାଇ ବସିଛନ୍ତି । ସେମାନଙ୍କୁ ଛାଡ଼ି କ'ଣ ଅନ୍ୟତ୍ର ଯାଇ ହେବ ? ତୁମେତ ଜାଣିଛ ଆମ ଇନଷ୍ଟିଚ୍ୟୁଟରେ ଦିନକୁ କେତେ ଅପରେସନ ହେଉଛି । ସକାଳୁ ରାତି ପର୍ଯ୍ୟନ୍ତ ତିନୋଟି ସିଫ୍‌ଟରେ ଆମର ତିନୋଟିଯାକ ଅପରେସନ ଥିଏଟରରେ କାମ ଚାଲିଛି । ମୋ ଉପରେ ଯେଉଁସବୁ ଅପରେସନର ଦାୟିତ୍ୱ ଅଛି ସେ ଗୁଡ଼ିକୁ ଛାଡ଼ି କ'ଣ ମୁଁ ଅନ୍ୟତ୍ର ଯାଇପାରିବି ?"

Digitized by srujanika@gmail.com

"ଆରେ ସତେ ତ, ମୋର ସେକଥା ମୋଟେ ଖିଆଲ ନାହିଁ । ହଁ, ତୁମ ଅପ୍ରେସନ୍‌ର ପ୍ରୋଗ୍ରାମ ତ ତିନ ସପ୍ତାହ ପାଇଁ ଠିକ୍ ହୋଇ ଯାଇଥାଏ । ତୁମେ ଏହା ଭିତରେ କେମିତି ଯିବ ?"

"ତୁମର କଣ ମନହେଉଛି ବମ୍ବେ ଯିବାକୁ ତରୁଣୀ ? ଗୋଟିଏ ପ୍ଲେନ୍ ଯେତେବେଳେ ମୋତେ ଏକା ନେଇ ବମ୍ବେ ଯାଉଛି, ସେତେବେଳେ ତୁମେଗଲେ କ୍ଷତି କଅଣ ?"

"ମୋର ଯେ ଯିବାକୁ ଇଚ୍ଛା ନାହିଁ, ତା ନୁହେଁ । ଖାଲି ତ ବମ୍ବେ ଗଲେ ଚଳିବନି । ବାପା ବୋଉ ଏଠୁ ଯିବା ବର୍ଷେ ହୋଇଗଲାଣି । ସେମାନଙ୍କୁ ମୋର ଦେଖିବାକୁ ଖୁବ ଇଚ୍ଛା ହେଉଛି । ଯଦି ଭାରତକୁ ଯାଇ ବାପା ବୋଉଙ୍କୁ ଦେଖିବାର ସୁଯୋଗ ଦେବ, ତେବେ ଯାଇ ଲାଭ ଅଛି ।"

"ତା ମାନେ ପ୍ରାୟ ପାଞ୍ଚ ଦିନରୁ କମ୍ ଲାଗିବନି । ଏତେଦିନ କ'ଣ ଭାରତକୁ ଯାଇ ରହିହେବ ? ଏଠି ଦେଖୁଛ ତ, ରୋଗୀମାନେ କେମିତି ଧାଡ଼ି ଲଗାଇଛନ୍ତି । ତେବେ ଗୋଟିଏ କଥା କରାଯାଇପାରେ ତରୁଣୀ । ବାପାବୋଉଙ୍କୁ ଲେଖିଲେ ସେମାନେ କ'ଣ ବମ୍ବେ ଆସିବେନି ? ଆମର ସେମାନଙ୍କ ସହିତ ଯେଉଁଠି ଦେଖାହେବ ।"

"ହଁ, ସେଇଟା ଦେଖୁଛି ସବୁଠାରୁ ସୁବିଧା ହେବ । ତୁମର ଯେଉଁ ପ୍ରୋଗ୍ରାମ, ତୁମେ କ'ଣ ଏତେ ଦିନ ଭାରତରେ ରହିପାରିବ ? ବମ୍ବେରେ ବାପା ବୋଉଙ୍କ ସାଥିରେ ଦେଖାହୋଇଗଲେ ଚଳିବ ।"

"ତା ହେଲେ ସେଇଆ ହେଲା । ସେହି ଅନୁସାରେ ପ୍ରୋଗ୍ରାମ ତିଆରି କରିବା ପାଇଁ ସେକ୍ରେଟେରୀଙ୍କୁ କହିଦେଉଛି ।

"ବାପା ବି ତ ଢେର ବର୍ଷ ହେଲା ନିଜ ଦେଶକୁ ଯାଇ ନାହାନ୍ତି । ଆମେ ଯାଉଛେ ଓ ଗୋଟିଏ ସ୍ୱତନ୍ତ୍ର ପ୍ଲେନ୍ ଆମପାଇଁ ଯାଉଛି ଶୁଣିଲେ ସେ ବି ବାହାରିପାରନ୍ତି । ତାଙ୍କୁ ସଙ୍ଗରେ ନେଇଗଲେ କ୍ଷତି କଅଣ ?"

"ବାପା ଯଦି ଯିବେ ଫାଦର୍ ବି ଚାଲନ୍ତୁ । ଫାଦର୍ ତ କେବେ ଆମ ଦେଶ ଦେଖିନାହାନ୍ତି । ଦେଖି ଆସିବେ । ହେଉ, ତୁମେ ବାପାଙ୍କୁ ଲେଖ ଭାରତ ଯିବା କଥା । ଫାଦରଙ୍କୁ ରାଜି କରାଅ । ସେହି ଅନୁସାରେ ଘରକୁ ଲେଖ ବମ୍ବେ ଆସିବା ପାଇଁ । ତୁମେ ସେ ସବୁ ଲେଖାଲେଖି କର, ମୁଁ ଆସୁଛି ।"

ଏତକ କହୁଁ କହୁଁ ଅତନୁ ହସପିଟାଲକୁ ବାହାରିଗଲା । ଯାଉଁ ଯାଉଁ ତରୁଣୀକୁ ଡାକି କହିଲା, "ଦେଖ ତରୁଣୀ, ଆଜି ଆମଘରେ ପିକଚର ଫୋନ୍ ବସିବ । ପିକଚର ଫୋନ୍ କମ୍ପାନୀର ଅଫିସରମାନେ, ଯନ୍ତ୍ରଟି କେଉଁଠି ବସିବ, କେମିତି ବସିବ ମୋ ସହିତ ଆଲୋଚନା କରି ଯାଇଛନ୍ତି । ସେମାନେ ଆଜି ସମସ୍ତ ଯନ୍ତ୍ରପାତି ଧରି ଆସିବେ । ମୁଁ ହସପିଟାଲକୁ ଯାଉଛି । ଆଉ କିଛି ସମୟପରେ ଅପରେସନ ଥିଏଟରକୁ ପଶିଯିବି । ସେଠୁ

Digitized by srujanika@gmail.com

ବାହାକୁ ବାହାରୁ ବହୁତ ଡେଣ ହୋଇଯିବ । ସେମାନେ ଆସିଲେ ମୋତେ ଅପେକ୍ଷା ନ କରି ସେମାନଙ୍କ ଦ୍ୱାରା ଯନ୍ତ୍ର ବସାଇନେବ ।"

"ତୁହ, ତୁହ, କ'ଣ ଆସିବ କହିଲ ?"

"ପିକ୍‌ଚର୍ ଫୋନ୍ ।"

"ଆଁ, ପିକଚରଫୋନ୍ ? ସେ ପୁଣି କ'ଣ ?"

"ଆରେ, ତୁମେ କ'ଣ ଜାଣିନ ପିକଚର୍ ଫୋନ୍ କାହାକୁ କହନ୍ତି ? କ'ଣ ମୋତେ ଏମିତି କଲବଲ କରି ଅନେଇ ରହିଛ ମ ?"

"ହଁ ମ, ମୁଁ ପରା ପଚାରୁଛି ପିକଚର ଫୋନ କଅଣ ? ମୁଁ ଜାଣିଥିଲେ ତୁମକୁ ପଚାରନ୍ତି କାହିଁକି ? ମୁଁ ଏଠି ତ କାହାଘରେ ପିକଚରଫୋନ ବସିବା ଦେଖିନାହିଁ । ଆମେରିକାକୁ ଆସିବା ଭିତରେ ମୁଁ ତ ଢେର ଲୋକଙ୍କ ଘରକୁ ବୁଲି ଗଲିଣି । କାହିଁ କେଉଁଠି ତ ପିକଚର ଫୋନ୍ ଦେଖିଲି ଭଳିଆ ମନେ ହେଉନି । ପିକଚର ଫୋନ ନାଁ ବି ତ ମୁଁ କେଉଁଠି ଶୁଣିନ । ଆଜି ତୁମରି ଠାରୁ ପ୍ରଥମେ ସେ ନାଁଟା ଶୁଣୁଛି । ଏଟା ପ୍ରକୃତରେ କି ଜିନିଷ କହିଲ ?"

ତୁମେ ତ ଟେଲିଫୋନ ଦେଖିଛ ତରୁଣୀ । ପିକଚର ଫୋନ୍ ଟେଲିଫୋନ୍ ଭଳି ଏକ ଯନ୍ତ୍ର । ତେବେ ତଫାତ୍ ହେଉଛି ଟେଲିଫୋନ୍‌ରେ ତୁମେ କାହା ସହିତ କଥାବାର୍ତ୍ତା କଲେ ଟେଲିଫୋନ୍‌ର ଆରପାଖରେ କଥାହେଉଥିବା ଲୋକ ସହିତ ତୁମେ କଥାବାର୍ତ୍ତା କର ସତ; କିନ୍ତୁ ସେ ଲୋକକୁ ଦେଖି ପାରକି ? ପିକଚର ଫୋନରେ କଥାବାର୍ତ୍ତା କଲେ ତୁମେ ଆରପାଖର ଲୋକକୁ ପାଖରେ ଥାଇ ଦେଖିଲଭଳି ଦେଖି ପାରିବ ଓ ତା' ସହିତ କଥାବାର୍ତ୍ତା କରି ପାରିବ । ସେଇ ଯନ୍ତ୍ରରେ ଟେଲିଭିଜନ ପରଦା ଭଳି ପରଦା ଅଛି । ସେଇ ପରଦାରେ ତୁମେ ଆରପାଖର ଲୋକକୁ ଦେଖିପାରିବ । ତୁମେ କାହା ସହିତ କଥାବାର୍ତ୍ତା କରିବାକୁ ଆରମ୍ଭ କଲେ, ଫୋନ୍ ଉଠାଇଲାକ୍ଷଣି ତୁମେ ଶୁଣୁଥିବା ଲୋକର ଏକ ଜୀବନ୍ତ ପ୍ରତିଛବି ଯନ୍ତ୍ରର ପରଦାଉପରେ ଫୁଟି ଉଠିବ । ତୁମର ଏକ ପ୍ରତିଛବି ଆରପାଖ ଯନ୍ତ୍ର ପରଦାରେ ଫୁଟି ଉଠିବ । ତୁମେ ଦୁହେଁ କଥାବାର୍ତ୍ତା କଲାବେଳେ ପରସ୍ପରକୁ ପାଖରେ ଥାଇ ଦେଖିଲା ଭଳି ଜୀବନ୍ତ ଦେଖିପାରିବ । କଥାବାର୍ତ୍ତା କଲାବେଳେ ଓଠ, ପାଟି, ଆଖି ଯେମିତି ଚଳପ୍ରଚଳ ହୁଏ, ସେମିତି ହେବା ଦେଖିହେବ । ତୁମକୁ ମନେହେବ, ଯେମିତି କି ତୁମେ ତା' ପାଖରେ ଠିଆହୋଇ କଥାବାର୍ତ୍ତା ହେଉଛ ।

"ଆଁ, ସତେ, ପୁଣି ଏମିତି ଯନ୍ତ୍ର ବାହାରିଲାଣି ? କାହିଁ ମୋତେ ତ କେବେ ଏକଥା କହୁ ନ ଥିଲ । ସେମାନେ ଆସି ଏ ଭିତରେ ଏ ଯନ୍ତ୍ର ବସାଇବା ପାଇଁ ଆମ ଘରର ମାପଚୁପ କରି ଗଲେଣି ଅଥଚ ମୁଁ କିଛି ଜାଣିନ ।"

Digitized by srujanika@gmail.com

ମୁଁ ସେକଥା ତୁମକୁ କହିବା ପାଇଁ ପୂର୍ବପୂର୍ବ ଉତ୍କଳ ଯାଇଥିଲି ତନୁଶ୍ରୀ । ସେଦିନ ତୁମେ ଘରେ ନ ଥିଲ । ସମ୍ଭବତଃ ପଢ଼ଶାଘରକୁ ବୁଲି ଯାଇଥିଲ । ମୁଁ ହସପିଟାଲରେ ଥିଲି । ସେଦିନ ମୋର ଅପରେସନ ସରିଯାଇଥିଲା । ସେମାନେ ଆସି ପହଞ୍ଚିଗଲେ । ସେମାନଙ୍କୁ ନେଇ ଘରକୁ ଆସିଲି । ଆସି ଦେଖେଁ, ତୁମେ ଘରେ ନାହିଁ । ଫାଦର୍ ଥିଲେ । ସେ ସେମାନଙ୍କ ସହିତ ଏହି ଯନ୍ତ୍ର କେଉଁଠି ବସିବ ଆଲୋଚନା କରିଥିଲେ । ଆମ ଡ୍ରଇଂ ରୁମରେ ଏହି ଯନ୍ତ୍ରଟି ବସିବ । ଆମ ରଙ୍ଗୀନ ଟେଲିଭିଜନ ଯେଉଁ ପଟରେ ଅଛି ଠିକ୍ ତାର ବିପରୀତ ପଟରେ କାନ୍ଥ ପାଖକୁ ଲଗି ଏହା ବସିବ ।"

ଏମିତି ଯନ୍ତ୍ରର ନାଁ ତ କେବେ ଶୁଣିନଥିଲି । ବ୍ୟବହାର ତ ଦେଖିବା ଦୂରର କଥା । ଅନ୍ୟ କେଉଁଠି ତ ବସିନି । ଆମଘରେ ବସାଇବାକୁ ଏତେ ତରବର ହୋଇପଡ଼ିଲ କାହିଁକି ଶୁଣେ ?"

"ଆମ ଏ ଅଞ୍ଚଳରେ ସିନା ବସିନି । ଓ୍ୱାସିଙ୍ଗଟନ୍, ନ୍ୟୁୟର୍କରେ କେତେଲୋକଙ୍କ ଘରେ ଏହା ବସିଲାଣି । ହାଏସଲର କୋମ୍ପାନୀର ବିଭିନ୍ନ କାରଖାନାମାନଙ୍କରେ ଏହା ବସିଗଲାଣି । ହାଏସଲର କୋମ୍ପାନୀ ଯେତେବେଳେ ବସାଇବାକୁ ଇଚ୍ଛୁକ, ଆମେ ମନା କରିବା କାହିଁକି ? ସେମାନେ ତ ଏହାର ପୂରାପୂରି ଖରଚ ବହନ କରିବେ । ତାଛଡ଼ା ଇନ୍ଷ୍ଟିଚ୍ୟୁଟରେ ଯେତେବେଳେ ବସିଛି, ଏହା ସାଥିରେ ଘରେ ବି ବସିଯିବ । ତା ଛଡ଼ା ସୁବିଧା ହେବ ତୁମ ସହିତ ଯେତେବେଳେ ସୁବିଧା ସେତେବେଳେ ସଂଯୋଗ ସ୍ଥାପନ କରି ହେବ ।

ଟେଲିଫୋନ୍‌ରେ ତ କଥାବାର୍ତ୍ତା ହେଉଛି । ଆଉ ପିକ୍‌ଚର ଫୋନ୍ ଲଗାଇଲେ ଅଧିକା କ'ଣ ହେବ ?

ଟେଲିଫୋନ୍ ଆଉ ପିକ୍‌ଚର ଫୋନ୍ କ'ଣ ସମାନ ? ସେଥିରେ ପରା ମୁଁ ଗୁହାଳ ମାତ୍ରକେ ତୁମକୁ ଦେଖି ପାରିବି ! ତୁମର ଏ ଛନଛନିଆ ମୁହଁକୁ ଦିନରେ ଦୁଇ ଗୁରଥର ନ ଦେଖିଲେ କ'ଣ କାମରେ ମନ ଲାଗୁଛି ? ଆଉ ସେଥି ସହିତ—କହୁ କହୁ ଅତନୁ ତନୁଶ୍ରୀକୁ ନିଜ ବକ୍ଷ ଆଡ଼କୁ ଆଉଜାଇ ନେଲା । ତତ୍ପରେ ତାର ମୁଖ ତନୁଶ୍ରୀର କପୋଳ ସହିତ ମିଳିତ ହେବା ଆଶାରେ ପାଖେଇ ଆସିଲା ।

ଏଁ .ଏଁ ଏ କଣ କରୁଛ ମ ? ଦୁଆର ପରା ମେଲା ଅଛି । ଫାଦର୍ ଯଦି ଗୁଲି ଆସିବେ, ସେ କ'ଣ ଭାବିବେ କୁହ ତ ?

"ଫାଦର କିଛି ଭାବିବେନି ତନୁଶ୍ରୀ । ସେ ପରା ଏ ଦେଶର ଲୋକ । ଏ ଦେଶରେ ଚୁମ୍ବନ ଏକ ନିତିଦିନିଆ ଖୋଲାଖୋଲି କଥା । ଆମ ଦେଶରେ ସିନା ଚୁମ୍ବନ ଲୋକଆଢ଼ୁଆଳରେ ହୁଏ, କିନ୍ତୁ ଏ ଦେଶରେ ଚୁମ୍ବନ ସମସ୍ତଙ୍କ ଆଖି ସାମନାରେ ଗୁଲେ ।" କହୁ କହୁ ଅତନୁ ତନୁଶ୍ରୀର ଲଜ୍ଜାରୁଣ କପୋଳ ଉପରେ ଅଙ୍କିଦେଲା ଗାଢ଼ ଚୁମ୍ବନର ଏକ ସୁନେଲି ରେଖା ।

Digitized by srujanika@gmail.com

ଟେଲିଫୋନରେ ଏହା ଜନସ୍ତା ହୋଇ ପାରୁନ ବୋଲି ପିକଚର ଫୋନ ପାଇଁ ତମର ଏତେ ଜିଦ୍ । କିନ୍ତୁ ପିକଚର ଫୋନ୍‌ରେ ତୁମେ ଚୁମ୍ବନ ଦେବ କାହାକୁ । ମୋତେ ନା କାଚ ପରଦାକୁ ।

କାଚ ପରଦାରେ ଫୁଟି ଉଠିଥିବା ତୁମ ପ୍ରତିଛବିକୁ । ବଡ ବଡ଼ ଅପରେସନ କରିବାକୁ ଯିବା ପୂର୍ବରୁ ତୁମ ମୁହଁକୁ ଚାହିଁ ଅପରେସନ ଥିଏଟରକୁ ଗଲେ ବଡ଼ ଶୁଭ ହୁଏ ତନୁଶ୍ରୀ । ସେଥିପାଇଁ ପିକ୍‌ଚର ଫୋନ୍ ବସାଇବାକୁ ମୋର ଏତେ ଆଗ୍ରହ । ଏବେ ଏଣିକି ପ୍ରତ୍ୟେକ ଅପରେସନକୁ ଯିବା ପୂର୍ବରୁ ତୁମ ମୁହଁ ଚାହିଁ କରି ଯିବ ।

"ମୁଁ ଯଦି ପିକ୍‌ଚର ଫୋନ୍‌ଠାକୁ ନ ଆସେ ?"

ତେବେ, ଅପରେସନ ଥିଏଟରକୁ ଯିବିନି ।

"ତା, ମାନେ ଅପରେସନ ବନ୍ଦ କରିଦେବ ?" ବାଃ, ବଢ଼ିଆ ସର୍ଜନ ତ ତୁମେ ? ଲୋକେ ତୁମକୁ କ'ଣ କହିବେ ଜାଣିଛ ?"

"କ'ଣ କହିବେ ?"

"କହିବେ, ସ୍ତ୍ରୀ ସୁହାଗିଆ । ଆଉ…"

"ଆଉ କଣ ?"

"ତହିଁ ପରଦିନ ହ୍ୱାଏସଲର କାନ ମୋଡ଼ି ବାହାର କରିଦେବେ ଏହି ଇନଷ୍ଟିଚ୍ୟୁଟରୁ ।"
"ହେଉ ଦିଅନ୍ତୁ, କ୍ଷତି ନାହିଁ । ତୁମକୁ ତ ମୋଠାରୁ ଛଡ଼ାଇ ନେଇ ପାରିବେନି ।" ଏତିକି କହୁଁ କହୁଁ ଆଲିଙ୍ଗନ ଆହୁରି କଠୋର ହୋଇ ଆସିଲା ।

ତନୁଶ୍ରୀ ପାଟି କରି ଉଠିଲା, "ମୋତେ ଗୁଡ଼ିବନି ? ଏହିଭଳି କଣ ଭିଡ଼ିଧରିଥିବ ?"

"ଯଦି ନ ଗୁଡ଼େ !"

ତା ହେଲେ ରୁହ ମୁଁ କବାଟ ବନ୍ଦ କରି ଦେଇଆସେ । ଆଜି ତୁମେ ଛୁଟି ପାଇଁ ଫୋନ୍ କରିଦିଅ । ଜାଣ ପୁଣି ସେହି ଚଉଠି ରାତି ଆରମ୍ଭ କରିଦେବା ।"

"ଯା କୁହ ତନୁଶ୍ରୀ, ଜୀବନରେ ସେହି ରାତିଟି ଭୁଲିବାର ନୁହେଁ । ସେ ରାତି ଜୀବନରେ ଥରଟିଏ ମାତ୍ର ଆସେ । ଥର ଥର ଏତେ ଥର ଆସେନି । ସେହି ରାତିକୁ ମନେ ପକାଇ ଯାହା କିଛି ଉତ୍‌ଫୁଲ୍ଲ ହେବା କଥା ।

ହେଉ, ଶୁଣ ତୁମେ ଗୁଟିକର ଗୁଡ଼ିଦିଅ, ଚାଲ ଆମେଦିହେଁ କେଉଁ ବଣକୁ ଚାଲିଯିବା । ସେଠି ଆମେ ଗୋଟିଏ କୁଡ଼ିଆ କରି ରହିବା । ବଣରୁ ଫଳମୂଳ ଯାହା ମିଳିବ ଆଣି ଖାଇବା । ସକାଳୁ ଉଠି ତମେ ଚାହିଁଥିବ ମୋ ମୁହଁକୁ, ମୁଁ ଚାହିଁଥିବ ତୁମ ମୁହଁକୁ ।

Digitized by srujanika@gmail.com

"ଯାହା କହିଲ ତନୁଶ୍ରୀ, ସେଭଳି ଜୀବନ କେତେ ବଢ଼ିଆ ସତେ । ସେଥିରେ ଅଛି ଜୀବନର ପୂର୍ଣ୍ଣତା, ଜୀବନର ସରସତା ଆଉ ସାର୍ଥକତା ।

ଆଉ ଏଠି ଏସବୁ କ'ଣ ଅପୂର୍ଣ୍ଣତା ଓ ନୀରସତା । ସକାଳୁ ସକାଳୁ ଆଜି ତୁମର କଅଣ ହୋଇଛି ଶୁଣେ ! ଏତେ କବିତ୍ୱ ଆଜି କାହିଁକି ?

× × ×

ଅତନୁ ସେଦିନ ସଅଳ ସଅଳ ହସପିଟାଲକୁ ବାହାରୁଛି । ତନୁଶ୍ରୀ ଟେବୁଲ ଉପରେ ଜଳଖିଆ ବାଢ଼ୁଁ ବାଢ଼ୁଁ କହିଲା, "ତୁମର ଆଜି ବୋଧହୁଏ, ହସପିଟାଲରୁ ଫେରିବା ଡେରି ହୋଇଯିବ ? ଆଜି ବହୁତ ଗୁଡ଼ିଏ ଅପରେସନ ଅଛି ! ତା ନ ହୋଇଥିଲେ ଏତେ ସକାଳୁ ବାହାରିଥାନ୍ତ କାହିଁକି ! ବାପା ଓ ଫାଦର କେହି ତ ଏ ପର୍ଯ୍ୟନ୍ତ ପ୍ରାତଃ ଭ୍ରମଣରୁ ଫେରି ନାହାଁନ୍ତି ।

ଅଛି ତ ନିଶ୍ଚୟ । ତେବେ ସଅଳ ସଅଳ ଫେରିବାକଥା ଜାଣିବାକୁ ଏତେ ଆଗ୍ରହ କାହିଁକି ଦେବୀଙ୍କର ?

"ତୁମର ଫେରିବା ସବୁଦିନେ ଡେରି ହେଉଛିନା, ଆଜି ଜାଣିବାକୁ ଚାହିଁଲି କେତେବେଳେ ଫେରିବ ?"

"କାହିଁକି, କେଉଁଠାକୁ ଯିବାର ଅଛି କି ? ବାପା କି ଫାଦର କାହାକୁ ତ ନେଇକି ଯାଇପାର ।"

ନାଁ, ତା' କେମିତି ହେବ ? ମୁଁ କ'ଣ କହୁଥିଲିକି, ଆଜି ଟିକିଏ ଡ୍ରାଇଭ-ଇନ-ସିନେମା ଦେଖିଯାଇଥାନ୍ତେ । ମୁଁ ଆମେରିକା ଆସିବା ତେରଦିନ ହୋଇଗଲାଣି । ଡ୍ରାଇଭ—ଇନ—ସିନେମା କ'ଣ କେବେ ଦେଖିନି । ସୁସାନ କହୁଥିଲା ପନ୍ଦର ଦିନ ସେ ଓ ତା ବୟ ଫ୍ରେଣ୍ଡ ଡ୍ରାଇଭ-ଇନ-ସିନେମା ଦେଖି ଯାଇଥିଲେ । ମୁଁ ତାକୁ ପଚାରିବାକୁ ସାହସ କଲିନି ଡ୍ରାଇଭ-ଇନ-ସିନେମା କ'ଣ । କାଲେ ଭାବିବ ଭାରତୀୟମାନଙ୍କର ସାଧାରଣ ଜ୍ଞାନ ଅଭାବ ଡ୍ରାଇଭ-ଇନ-ସିନେମା କ'ଣ ଜାଣନ୍ତିନି ।"

ମହାଦେବୀଙ୍କର ତା'ହେଲେ ଡ୍ରାଇଭ-ଇନ-ସିନେମା ପାଇଁ ମନ ବଳିଛି । ହେଉ ଯିବା ! ମୋର ସେଥିରେ ଆପତ୍ତିନାହିଁ । ସେ ସିନେମା ତ ଆରମ୍ଭ ହୁଏ ସନ୍ଧ୍ୟାପରେ । ଆଜିକାଲିତ ଖରାଦିନ, ସନ୍ଧ୍ୟା ହେଉଁ ହେଉଁ ରାତି ସାଢ଼େନଅ । ସିନେମା ଆରମ୍ଭ ହେଉଁ ହେଉଁ ରାତିଦଶ, ସରିଲା ବେଳକୁ ରାତି ଗୋଟାଏ । ଥରକେ ଦୁଇ ଦୁଇଟା ଫିଲମ୍ ଦେଖିବାକୁ ପଡ଼ିବ ।

"ତା ହେଲେ କ'ଣ ଆଜି ସନ୍ଧ୍ୟାରେ ଯିବା ? ତୁମେ ଫେରିଲା ବେଳକୁ ମୁଁ ପ୍ରସ୍ତୁତ ହୋଇ ରହିଥିବ । ଖାଇଦେଇ ବାହାରି ପଡ଼ିବା ?"

Digitized by srujanika@gmail.com

କିନ୍ତୁ ଗୋଟିଏ କଥା ତନୁଶ୍ରୀ, ସେଠାକୁ ସାଧାରଣତଃ ଡେଟିଙ୍ଗ୍ କରୁଥିବା ବା ନୂଆ ହୋଇ ବାହା ହୋଇଥିବା ବା ବାହାହେବାକୁ ଯାଉଥିବା ଯୁବକଯୁବତୀମାନେ ବେଶି ଯାଆନ୍ତି । ତା ମାନେ ନୁହେଁ ଯେ ବୟସ୍କମାନେ ମୋଟେ ଯାଆନ୍ତିନ । ତେବେ ସିନେମା ବ୍ୟତୀତ ସେଠି ଆଉ ଯେଉଁ ସବୁ ଦୃଶ୍ୟ ହୁଏ ତାକୁ ତୁମେ ଦେଖିପାରିବ ତ ?

ସିନେମା ତ ଦେଖିବ, ସେଠି ଫେର୍ ଆଉ କ'ଣ ଦୃଶ୍ୟ ହେବ ଯେ ଦେଖିବାକୁ କହୁଛ ? ଡ୍ରାଇଭ-ଇନ୍-ସିନେମା ପ୍ରକୃତରେ କଅଣ କହିଲ ?

ଡ୍ରାଇଭ-ଇନ୍-ସିନେମା ହେଉଛି ଏମିତି ସିନେମା, ଯେଉଁଠାକୁ ତୁମେ ଗାଡ଼ି ଧରି ଯିବ ଓ ଗାଡ଼ିରୁ ଥାଇ ସିନେମା ଦେଖିବ । ସେଠି ସିନେମା ଘରଭଳି ଘର ଫର କିଛିନାହିଁ । ଖାଲି ଅଛି ବିରାଟ ପଡ଼ିଆଟିଏ, ପଡ଼ିଆର ଗୋଟିଏ ପାଖରେ ଏକ ବିରାଟ ପରଦା ଟଙ୍ଗା ହୋଇଛି । ସେହି ପଡ଼ିଆରେ ସମାନ୍ତରାଳ ଭାବରେ ଧାଡ଼ି ଧାଡ଼ି ହୋଇ ସରୁ ସରୁ ଲୁହା ଖୁଣ୍ଟ ବସିଅଛି । ଖୁଣ୍ଟ ଦେହରେ ଲାଉଡ୍‌ସ୍ପିକର ଲାଗିଛି । ସେହି ଷ୍ଟେଣ୍ଡ ପାଖରେ ନେଇ ଗାଡ଼ିକୁ ଥୋଇଦେଇ ଷ୍ଟେଣ୍ଡରୁ ଲାଉଡ୍‌ସ୍ପିକରକୁ ଟାଣି ଆଣି ନିଜ ଗାଡ଼ି ଭିତରେ ରଖିବ । ସିନେମା ଆରମ୍ଭ ହେଲେ ପରଦାକୁ ଅନାଇ ଦେଖିବ ଓ ଲାଉଡ୍‌ସ୍ପିକରରୁ ଛବି କ କଥା କହିଲା ଶୁଣିବ ।

"ବେଶ୍ ତ, ସିଏ ତ ଏକ ପ୍ରକାର ଅନୁଭୂତି । ଭାରି ମଜା ଲାଗୁଥିବ ଦେଖିବାକୁ, ତାହେଲେ ଆମେ ଆଜି ଯିବା ନିଶ୍ଚିତ ।"

"ସେଠିକରେ ମୋ କଥା ସରିନି ତନୁଶ୍ରୀ । ମଟରଗାଡ଼ି ସବୁ ତ ଧାଡ଼ି ଧାଡ଼ି ହୋଇ ତୁମ ଗାଡ଼ି ପାଖରେ ଠିଆ ହୋଇଥିବ । ସବୁ ଗାଡ଼ିର ମୁହଁ ପରଦାଆଡ଼କୁ । ତୁମ ଦ ପାଖରେ, ଆଗରେ, ପଛରେ ଗାଡ଼ିସବୁ । ସେହି ଗାଡ଼ିରେ ସବୁ ନୂଆ ନୂଆ ଟୋକାଟୋକୀ ସିନେମା ଅଭିନୟ ଭିତରେ ସେମାନେ ନିଜ ନିଜ ଗାଡ଼ି ଭିତରେ ଯେଉଁସବୁ ଅଭିନୟ ଆରମ୍ଭ କରିଦିଅନ୍ତି, ତୁମେ ଦେଖିପାରିଲେ ହୁଏ ।"

ଅତନୁ କ'ଣ କହୁଛି ବୁଝିନପାରି ତନୁଶ୍ରୀ ଅତନୁକୁ ବଲବଲ କରି ଅନାଇ ରହିଲା । "ହଁ ତନୁଶ୍ରୀ, କାର୍ ଭିତରେ ସେମାନଙ୍କ ବଭତ୍ସ ଅଭିନୟ ଦେଖିଲେ ତୁମେ ସେ ସ୍ଥାନ ଛାଡ଼ି ପଳାଇ ଆସିବ । ସେମାନେ ତ ସିନେମା ଦେଖିବା ପାଇଁ ଯାଇନଥାନ୍ତି । ସେହିସବୁ ଅଭିଳାଷ ପୂରଣ ପାଇଁ ଯାଇଥାନ୍ତି ସେଠାକୁ । ତେଣୁ ସେ ସବୁ କାଣ୍ଡ ଦେଖିଲେ ଯେ କୌଣସି ଲୋକ ଲଜ୍ଜିତ ହୋଇ ପଳାଇଆସିବ । ସେଥିପାଇଁ ଖୁବ୍ କମ୍ ବୟସ୍କ ଲୋକ ଯାନ୍ତି ଡ୍ରାଇଭ-ଇନ-ସିନେମା ଦେଖି । ସିନେମା ଅଭିନୟ ସଙ୍ଗେ ସଙ୍ଗେ ସେସବୁ ଅଭିନୟ ଯଦି ଦେଖି ପାରିବ, ତେବେ ଚାଲ ମୋର ଆପତ୍ତି ନାହିଁ ।

"ଛିଃ, ଛିଃ, ଛିଃ, ସେଠି ଏଗୁଡ଼ାକ ହୁଏ । ମୋତେ ସେ କଥା ମୂଳରୁ କହୁନ । ମୋର ଡାଇଭ-ଇନ୍-ସିନେମା ଦେଖାହୋଇଗଲା । ସେଠି ସିନେମା ହୁଏ, ନା ଏହିସବୁ ହୁଏ ?"

Digitized by srujanika@gmail.com

ଉଭସ୍ମୃଘାକ ହୁଏ । ଯିଏ ଯାହା ଦେଖିଲ । ଅବଶ୍ୟ ଆମେରିକାନମାନେ ସେଆଡ଼କୁ ନଜର ଦିଅନ୍ତିନ; କାରଣ ସେସବୁ ସେମାନଙ୍କର ଦେହ ସୁହା । କିନ୍ତୁ ତୁମକୁ ଖରାପ ଲାଗିବ । ତୁମେ ସେଠି ଦେଖିପାରିବନି ।

"ଥାଉ, ଥାଉ, ଆଉ ସେ କଥା କହନି । ତେବେ ଆଜି ଏତେ ସକାଳୁ କାହିଁକି ହସପିଟାଲ୍‌କୁ ବାହାରିଛ ଶୁଣେ ? ସମ୍ଭବତଃ କିଛି ଗୋଟାଏ ବଡ଼ ଅପରେସନ ଅଛି ବୋଧେ ।

ଠିକ୍ ଅନୁମାନ କରିଛ ତନୁଶ୍ରୀ । ଆଜି ତିନି ତିନୋଟା ଅପରେସନ ଅଛି । ସକାଳୁ ସକାଳୁ ଅଛି ଗୋଟିଏ ମସ୍ତିଷ୍କ ଅପରେସନ୍ । ରୋଗୀଟି ଜଣେ ଭାରତୀୟ । ପୃଥିବୀର ବହୁ ଦେଶ ବୁଲି ବୁଲି ଶେଷରେ ଏଠାକୁ ଆସିଛି । ରୋଗୀଟି ଅଳ୍ପ ବୟସର ଟୋକାଟିଏ । ସଙ୍ଗରେ ଆସିଛନ୍ତି ତାଙ୍କ ନବବିବାହିତା ସ୍ତ୍ରୀ । କୋଡ଼ିଏ ବାଇଶି ବର୍ଷର ଝିଅଟିଏ । ସେମାନଙ୍କ ସାଙ୍ଗରେ ଆଉ କେହି ନାହିଁ । ଝିଅଟିର କରୁଣ କାହାଣୀ ଦେଖିଲେ ଯେ କୌଣସି ଲୋକର ଦୟା ହେବ ତା ସ୍ୱାମୀକୁ ଚିକିତ୍ସା କରିବାକୁ ।

"ଆଁ, ଭାରତରୁ ଏତେ଼ ଦୂରକୁ ଝିଅଟେ ତା'ର ସ୍ୱାମୀକୁ ଧରି ଆସିଛି ତୁମଠାରୁ ଚିକିତ୍ସା ପାଇଁ । କଣ ହୋଇଛି ତାଙ୍କର ?"

ମସ୍ତିଷ୍କ କ୍ୟାନ୍‌ସର, ରୋଗୀ ବେଳେବେଳେ କଥା କହୁଛି ତ, କହୁଁ କହୁଁ ଅଚେତ୍ ହୋଇଗଲଣି । ଦୁଏତ ଅଚେତ ହୋଇ ରହୁଛି ଦୁଇଗୁରି ଦିନ । ଯୁବକଟି ଏକ ଧନୀ ଘରର ପିଲା । ତା ନ ହୋଇଥିଲେ ସେ ଏତେ ଦୂର କ'ଣ ଆସି ପାରିଥାନ୍ତା ? ତା ବାପା ଦିଲ୍ଲୀର ଜଣେ ବଡ଼ ବ୍ୟବସାୟୀ । ବିଭାଘର ହେବାର ମଧୁଶଯ୍ୟା ରାତିରେ ଏହି ରୋଗ ହଠାତ୍ ଦେଖାଦେଲା ଯୁବକଟିଠାରେ । ସଙ୍ଗେ ସଙ୍ଗେ ଡାକ୍ତର ଡକାଗଲେ । ରୋଗ ପ୍ରଥମେ କେହି ଚିହ୍ନି ପାରିଲେନି । ଏକ ଅଚିହ୍ନା ରୋଗ, ଯନ୍ତ୍ରଣା ହେଉଛି ଅତିଶୟ । ଦୋଷହେଲା ନବ ବିବାହିତା ବୋହୂଟିର । ବୋହୂଟିର ପହରା ଖରାପ ଥିବାରୁ ତା' ସ୍ୱାମୀ ଏଭଳି ସାଂଘାତିକ ରୋଗର ଶିକାର ହେଲା । କିଏ କହିଲା ବୋହୂଟି ଡାହାଣୀ କିଏ କହିଲା ନାଗୁଣୀ, କିଏ କହିଲା ବିଷକନ୍ୟା । ସେ ବୋହୂଟିକୁ ସଙ୍ଗେ ସଙ୍ଗେ ଘରୁ ଯଦି ବାହାର କରି ଦିଆ ନଯାଏ ତେବେ ଅନ୍ୟ କିଛି ବିପଦ ସେମାନଙ୍କ ଘର ଉପରକୁ ମାଡ଼ି ଆସିବ । ତେଣୁ ବୋହୂଟିକୁ ଜୋର ଜବରଦସ୍ତି ଘରୁ ବାହାର କରିଦିଆଗଲା । ବୋହୂଟି ଧନୀ ଘରର ଝିଅ ବୋଲି ଏ ଅପବାଦକୁ ସମ୍ଭାଳି ନେଲା । ଶାଶୁ ଶ୍ୱଶୁରଙ୍କୁ କିଛି ନ କହି ରୋଗାକ୍ରାନ୍ତ ସ୍ୱାମୀକୁ ଧରି ଚାଲି ଆସିଲା ଲଣ୍ଡନ, ସେଠାରୁ ପ୍ୟାରିସ, ସେଠାରୁ ସୁଇଜରଲାଣ୍ଡ । ସୁଇଜରଲାଣ୍ଡରୁ ଠିକଣା ନେଇ ଆମ ଇନ୍‌ଷ୍ଟିଚ୍ୟୁଟରେ ଆସି ପହଞ୍ଚିଲା । ଭାରତରେ ରୋଗଟି କ'ଣ ଜଣାପଡ଼ିଲାନି । ସୁଇଜରଲାଣ୍ଡର ଡାକ୍ତରମାନେ ଚିହ୍ନିଲେ ଏହା ମସ୍ତିଷ୍କ କ୍ୟାନ୍‌ସର ବୋଲି ଓ ସଙ୍ଗେ ସଙ୍ଗେ ମୋତେ ରେଫର କରି ରୋଗୀଟିକୁ ଏଠାକୁ ପଠାଇଦେଲେ । ଝିଅଟି ବାପ ମା'ଙ୍କର ଏକମାତ୍ର ସନ୍ତାନ । ବାପ ମା' ବୁଢ଼ା ବୁଢ଼ୀ

Digitized by srujanika@gmail.com

ହେଲେଣି । ତେଣୁ ଅନନ୍ୟୋପାୟ ହୋଇ ଏଡ଼େ ଅଳ୍ପ ବୟସରେ ବୋହୂଟି ସ୍ୱାମୀକୁ ଧରି ଏକା ଏ ଦେଶକୁ ସେ ଦେଶ ଏମିତି ହେଉଛି । ଯାହା କୁହ ତନୁଶ୍ରୀ, ଝିଅଟିର ଅପୂର୍ବ ସାହସ ପାଇଁ ମୁଁ ତାକୁ ଶତ ଧନ୍ୟବାଦ ଦେବି । ଝିଅଟି ତ ନିଜ ସ୍ୱାମୀ ପାଇଁ ଦୁଃଖିତ । ତା ଉପରକୁ ପୁଣି ଏ ଅପବାଦ । ଏସବୁକୁ ସେ ମୁଣ୍ଡାଇ ଚାଲିଛି । ତା ଦୁଃଖର କାହାଣୀ ଶୁଣି ଶୁଣି ମୋ ଆଖିରେ ବି ଲୁହ ଆସି ଯାଉଛି । ତା କହିବା ଅନୁସାରେ ଭାରତରେ କୌଣସି ନବବିବାହିତା ସ୍ତ୍ରୀଲୋକର ସ୍ୱାମୀ ଯଦି ମରିଯାଏ, ତେବେ ସ୍ତ୍ରୀର ବୈଧବ୍ୟ ଲକ୍ଷଣ ଦୋଷ ଯୋଗୁଁ ସ୍ୱାମୀ ମଲାବୋଲି ସେ ଦେଶରେ ଅପବାଦ ଦିଅନ୍ତି । ଏହା କ'ଣ ସତ ତନୁଶ୍ରୀ ?

"ହଁ, ତୁମେ ଯାହା ଶୁଣିଛ ସତ । ଆମ ଦେଶର ଅଜ୍ଞତା ଓ ଅନ୍ଧବିଶ୍ୱାସ ଏ ସବୁର ମୂଳରେ । ଆମ ଦେଶରେ କେତେ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସ ଯେ ଅଛି, ତାର ହିସାବ ଦେଇହେବନି । ନବବିବାହିତ ସ୍ୱାମୀର ବିଭାଘର ପରେ ପରେ ଯଦି କିଛି ଅସୁଖ ହୁଏ, ତାର ମୂଳ ହେଲା ସ୍ତ୍ରୀର ଖରାପ ପାହିରା । ସ୍ୱାମୀ ଘରର ଯଦି ଅର୍ଥହାନି ଘଟେ ତେବେ ସେଥିପାଇଁ ଦାୟୀ ସ୍ତ୍ରୀ । କ'ଣନା ସେ ଅଲକ୍ଷ୍ମୀ । ଏମିତି କି ସ୍ୱାମୀ ଯାଉଁ ଯାଉଁ ଯଦି ନିଜ ଦୋଷରୁ ହାବୁଡ଼ି ପଡ଼ିଲା, ତେବେ ପୁଅର 'ମା' ଦୋଷଦିଏ ବୋହୂକୁ । ପୁଅର ଚାଲି ନ ଜାଣିବା ଦୋଷକୁ ନୁହେଁ ।"

ଏହି ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ କ'ଣ କିଛି ଚେଷ୍ଟା ହେଉନି ଆମ ଦେଶରେ ?
"ସବୁଠାରୁ ଆଶ୍ଚର୍ଯ୍ୟ କ'ଣ ଜାଣିଛ ? ଆମ ଦେଶରେ ଶିକ୍ଷିତ ଲୋକେ ମଧ୍ୟ ଏହିଭଳି ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଅନ୍ତି । ସେ ପରିସ୍ଥିତିରେ ଏହା ଦୂର ହେବ କେମିତି ? ଅନ୍ଧବିଶ୍ୱାସ ବେଶି କମ୍ ହୋଇ ପ୍ରାୟ ସବୁ ଦେଶରେ ଅଛି । କିନ୍ତୁ ଆମ ଦେଶରେ ଯେଉଁ ଆକାର ଧାରଣ କରିଛି; ତାର କୁପ୍ରଭାବ ବିଶେଷ କରି ସ୍ତ୍ରୀ ସମାଜ ଉପରେ ଯେମିତି ପଡ଼ୁଛି ତାହା କଳ୍ପନାତୀତ । ତୁମେ ଜାଣିଛ, ଏହିପରି ଏକ ଅନ୍ଧବିଶ୍ୱାସରୁ ନବବିବାହିତା ସ୍ତ୍ରୀକୁ ତାର ଶାଶୂ, ନଣନ୍ଦମାନେ ମାରି ଦେଇଛନ୍ତି—କ'ଣନା ଏ ସ୍ତ୍ରୀଟି ଡାହାଣୀ, ନାଗୁଣୀ ନଚେତ୍ ବିଷକନ୍ୟା ।

"ଆଁ, ମାରି ଦେଇଛନ୍ତି ?"

"ଏହି ସ୍ତ୍ରୀଟି ଧନୀଘରର ଝିଅ ବୋଲି ବର୍ତ୍ତିଯାଇଛି । ଯଦି ଗରିବ ଘରର ଝିଅ ହୋଇଥାଆନ୍ତା, ତେବେ କେଉଁ ଦିନରୁ ଇହଧାମ ତ୍ୟାଗ କରି ସାରନ୍ତାଣି । ଏହି ଧରଣର ଅତ୍ୟାଚାର ତୁମେ ବେଶି ପାଇବ ଉତ୍ତର-ଭାରତରେ ।

ଏହି ଯେଉଁ ସ୍ତ୍ରୀଟି ତା ସ୍ୱାମୀକୁ ନେଇଆସିଛି, ବେଶ୍ ଶିକ୍ଷିତା, ସୁନ୍ଦରୀ, ଭଦ୍ର, ଶାନ୍ତଶିଷ୍ଟ । ଏମିତି ସ୍ତ୍ରୀର ପ୍ରହରା କେବେ ଖରାପ ହେବ କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିବନି । ଏଡ଼େ ଶ୍ରେଷ୍ଠ ବୋହୂଟିକୁ ଏଭଳି ମିଥ୍ୟା ଅପବାଦ ଦେଇ ଘରୁ ବାହାର କରିଦେବା କି ଅନ୍ୟାୟ ? ମୋତେ ବଡ଼ ଦୁଃଖ ଲାଗୁଛି ତନୁଶ୍ରୀ ।

Digitized by srujanika@gmail.com

ସେହି ସ୍ତ୍ରୀଟିକୁ ମୁଁ ଟିକଏ ଦେଖିବାକୁ ଯାଆନ୍ତି କି ହସପିଟାଲ୍‌କୁ । ମୋର ଭାରି ଇଚ୍ଛା ହେଉଛି ସ୍ତ୍ରୀଟିକୁ ଦେଖିବା ପାଇଁ । କେଡ଼େ ହତଭାଗିନୀ ସେ । କେଡ଼େ ବଡ଼ କଳଙ୍କ ମୁଣ୍ଡ ଉପରେ ନେଇ ସେ ନ ବୁଲୁଛି ଏ ଦେଶ ସେ ଦେଶ ହୋଇ ରୋଗାକ୍ରାନ୍ତ ସ୍ୱାମୀକୁ ଧରି ।

ରୋଗୀକୁ ପରୀକ୍ଷା କରିସାରି ସ୍ତ୍ରୀଟିର ଦୁଃଖର କାହାଣୀ ଶୁଣିଲି । ମୋର ଧୈର୍ଯ୍ୟ ଚ୍ୟୁତ ଘଟିଲା ତନୁଶ୍ରୀ । ମନେମନେ ଭାବିଲି, ମୁଁ ଯଦି ଏହାକୁ ସଙ୍ଗେ ସଙ୍ଗେ ଡେଟ୍ ନଦେଉଛି ଭଗବାନ ମୋ ଉପରେ ଅସନ୍ତୁଷ୍ଟ ହେବେ । ପରୀକ୍ଷାରୁ ଯାହା ଜଣାପଡ଼ୁଛି ଅସ୍ତ୍ରୋପଚାରର ଦ୍ୱାରା ରୋଗୀଟି ଭଲ ହୋଇଯିବ । ବଡ଼ ସୌଭାଗ୍ୟ ଝିଅଟିର । ରୋଗ ବିଶେଷ ଦୂର ଆଗେଇନ । ରୋଗୀଟି ଯଦି ବିଦେଶକୁ ନଆସି ଭାରତରେ ଥାଆନ୍ତା, ଲୋକେ ଅଚିହ୍ନା ରୋଗ ବୋଲି କହି ଏଣୁତେଣୁ ଚିକିତ୍ସା କରିଥାନ୍ତେ । ଫଳରେ ରୋଗଟି ପୁରୁଣା ହୋଇ ଯାଇଥିଲେ ଆଉ କିଛି କରିଯାଇ ପାରିନଥାନ୍ତା । ଝିଅଟିର ସାହସକୁ ଧନ୍ୟ, ସେ ଭାରତରେ କାହାଦ୍ୱାରା ଚିକିତ୍ସା ନ କରାଇ ବିଦେଶକୁ ସିଧାସଳଖ ଚାଲି ଆସିଛି । ସବୁ ପ୍ରକାର ପରୀକ୍ଷାପରେ ଆଜି ଦିନ ଧାର୍ଯ୍ୟ ହୋଇଛି ଅପରେସନ୍‌ପାଇଁ ।

"ଭଲ ହୋଇ ଯିବ ତ ?" ତନୁଶ୍ରୀ ଆଖିରେ ଆଖିଏ ଲୁହ ।

ଭଲ ହେବା ନହେବା କ'ଣ ମୋ ହାତରେ ତନୁଶ୍ରୀ । ତେବେ ମୋତେ ଯାହା ଜଣାପଡ଼ୁଛି ରୋଗୀଟି ନିଶ୍ଚୟ ଭଲ ହୋଇ ଯିବ ।"

ମୁଁ ଟିକଏ ହସପିଟାଲ୍‌କୁ ଯାଆନ୍ତିକି । ଦେଖିଆସନ୍ତି ସେହି ସ୍ତ୍ରୀ ଲୋକଟିକୁ । କେତେ ହତଭାଗିନୀ ସେ । ତା ଅବସ୍ଥା ଶୁଣି ମୋତେ ବଡ଼ ଦୁଃଖ ଲାଗୁଛି—ଏଡ଼ିକି ଗ୍ରେଟିଆ ଝିଅଟି ଭାଗ୍ୟରେ ଏଡ଼େ ବଡ଼ ଦୁଃଖ ?

× × ×

ତନୁଶ୍ରୀକୁ ହସପିଟାଲ୍‌ରେ ଦେଖି ସମସ୍ତେ ତାଟଙ୍ଗା । ଡିରେକ୍ଟରଙ୍କ ସ୍ତ୍ରୀ ତ କେବେ ହସପିଟାଲ ମାଡ଼ନ୍ତିନି, ହଠାତ୍ କ'ଣ ପାଇଁ ଚାଲିଆସିଲେ ? ଡିରେକ୍ଟରଙ୍କ ପ୍ରାଇଭେଟ୍ ସେକ୍ରେଟେରୀ ଆସି ପୋର୍ଟିକୋରୁ ପାଛୋଟି ନେଇଗଲେ । ପ୍ରାଇଭେଟ୍ ସେକ୍ରେଟେରୀ ଆଗରୁ ନିର୍ଦ୍ଦେଶ ପାଇଥିବା ମୁତାବକ ତନୁଶ୍ରୀକୁ ସେହି ଭାରତୀୟ ସ୍ତ୍ରୀଟି ପାଖକୁ ଘେନିଗଲେ । ସ୍ତ୍ରୀଟିକୁ ଦେଖି ତନୁଶ୍ରୀର ମନରେ ଦୁଃଖ ଆହୁରି ବଢ଼ିଗଲା । କେତେ ଅଳ୍ପ ବୟସର ଝିଅଟିଏ । ଭଗବାନ ତାକୁ କି ଦଣ୍ଡ ନଦେଇଛନ୍ତି ! ସେକ୍ରେଟେରୀ ଯେତେବେଳେ ଯୁବତୀଟି ସହିତ ପରିଚୟ କରାଇଦେଲେ ଡିରେକ୍ଟରଙ୍କ ସ୍ତ୍ରୀ ବୋଲି, ଦେଖି ଖୁସି ହୋଇଗଲା ସେ ଝିଅଟି । ସେ ଅତନୁକୁ ଭାରତୀୟ ବୋଲି ଜାଣିଥିଲା; କିନ୍ତୁ ଜାଣି ନଥିଲା ତାଙ୍କ ସ୍ତ୍ରୀ ଭାରତୀୟ ବୋଲି । ସେ ଯେତେବେଳେ ଆମେରିକାରେ ଜନ୍ମ ହୋଇ ବଢ଼ି ଏଠାକାର ବାସିନ୍ଦା ହୋଇ ରହିଗଲେଣି, ସେ କ'ଣ କେବେ ଭାରତୀୟ ବିଭାହୋଇଥିବେ ? ତନୁଶ୍ରୀକୁ ଦେଖି

Digitized by srujanika@gmail.com

ସ୍ୱୀଟି ଏତେ ଖୁସି ହୋଇଗଲା ଯେ, ତା'ର ମନେହେଲା ତା ମୁଣ୍ଡ ଉପର ବୋଝ ଯେମିତ ଓହ୍ଲାଇ ଯାଉଛି । ସେ ଏ ଦେଶରେ କାହାକୁ ସାହା ଭରସା ପାଉନଥିବା ବେଳେ ତନୁଶ୍ରୀକୁ ଦେଖି ସେ ହିଁ ତାର ଏକମାତ୍ର ସାହାଭରସାର ମୂଳ ବୋଲି ମନେ ମନେ ଧରନେଲା । ଶାଶୁ ଘରୁ ବାହାର କରଦେବା ପରେ ସେ ରୋଗାକ୍ରାନ୍ତ ସ୍ୱାମୀକୁ ଧରି ଏ ଦେଶ, ସେଦେଶ ହୋଇ କେମିତ ଏଠି ପହଞ୍ଚିଲା ସବୁ ବର୍ଣ୍ଣନାକରଗଲା ତନୁଶ୍ରୀ ପାଖରେ । ବର୍ଣ୍ଣନା କଲାବେଳେ ତା ଆଖିରୁ ଲୁହ ଝର ଗୃଲୁଥାଏ ଅବାରିତ ବାରିଗିଶି ଭଳି । ସ୍ୱୀଟିର କ୍ରନ୍ଦନ ଦେଖି ତନୁଶ୍ରୀ ନିଜ ଲୋତକ ସ୍ରୋତକୁ ସମ୍ଭାଳି ପାରିଲାନ । ତନୁଶ୍ରୀକୁ ଦେଖିଲାବେଳୁ ସ୍ୱୀଟିର ମନରେ ଟିକଏ ଦମ୍ଭ ହେଲାଣି ଯେ ତା ସ୍ୱାମୀର ଚିକତ୍ସାରେ ଆଉ କିଛି ବ୍ୟାଘାତ ଘଟିବନ ଏଥର ।

ତନୁଶ୍ରୀ ହସ୍‌ପିଟାଲରେ ପହଞ୍ଚିଲା ବେଳକୁ ତାର ସ୍ୱାମୀକୁ ଅପରେସନ ଥିଏଟରକୁ ନିଆଗଲାଣି । ସ୍ୱୀଟି ତହିଁପରଠାରୁ ଖାଲି ଲୋତକ ଗଡ଼ାଇବାରେ ଲାଗିଛି । କ୍ରନ୍ଦନ ରତା ସ୍ୱୀଟିକୁ ତନୁଶ୍ରୀ ପ୍ରବୋଧ ଦେଇ, କହିଲା, "କିଛି ଆଶଙ୍କା କରନ ଭଉଣୀ । ତୁମ ସ୍ୱାମୀ ନିଶ୍ଚୟ ରୋଗମୁକ୍ତ ହୋଇଯିବେ ।"

କାନ୍ଦୁ କାନ୍ଦୁ ସ୍ୱୀଟି ଥର ଥର ଗଳାରେ କହିଲା, "ତୁମ ତୁଣ୍ଡ ସୁତୁଣ୍ଡ ହେଉ ଭଉଣି ! ମୋ ଦୁଃଖରେ ତୁମେ ଏଭଳି ଭାବରେ ଦୁଃଖୀ ହେବ ବୋଲି ଜାଣିନଥିଲି ଭଉଣୀ । ଭଗବାନ ତୁମର ମଙ୍ଗଳକରନ୍ତୁ । ତୁମକୁ ଦେଖିଲା ବେଳୁ ମୋ ମନ କହୁଛି ତୁମେ ଯେମିତ ମୋର ଅତିପରିଚିତ । ମୁଁ ଆଉ ଏକ ଅଜଣା ଦେଶରେ ନାହିଁ । ମୋ ସ୍ୱାମୀ ଯେ ଭଲ ହୋଇ ମୋ ସହିତ ଆମ ଦେଶକୁ ଫେରିବେ ଏହା ମୋ ମନକୁ ମୋଟେ ଆସୁନ । ସେ ଯଦି ମୋ ସହିତ ନ ଫେରନ୍ତି, ତେବେ ମୁଁ ଏହି ପୋଡ଼ା ମୁହଁ ନେଇ କ'ଣ ଘରକୁ ଫେରିବ ? ସ୍ୱାମୀଙ୍କ ପଥକୁ ଅନୁସରଣ କରି ମୁଁ ଟିକଟ କାଟିବ ଆରପାରିକୁ ।"

"ଛି, ଛି, ଏ କି କଥା ମୁହଁକୁ ଆଣୁଛ ଭଉଣୀ ! ଡାକ୍ତରଙ୍କ ପାଖରୁ ଯାହା ଶୁଣିଲି ରୋଗ ଆରମ୍ଭ ଅବସ୍ଥାରେ ଅଛି । ବେଶିଦୂର ଆଗେଇନ । ତେଣୁ ଅପରେସନ ଦ୍ୱାରା ସେ ପୂର୍ଣ୍ଣ ଭଲହୋଇଯିବେ । ତୁମେ ସେଥିପାଇଁ ଚିନ୍ତା କରନ । ଭଗବାନଙ୍କ ଉପରେ ଭରସା ରଖ ।"

ସ୍ୱୀଟି ତନୁଶ୍ରୀକୁ ନିଜ ଭଉଣୀ ବୋଲି ଭାବି, ତା'ଠାରେ ଜୀବନର କରୁଣ କାହାଣୀ ସବୁ ବର୍ଣ୍ଣନା କରଗଲା । ଶ୍ୱଶୁର ଘରେ ଶାଶୁର ତା' ପ୍ରତି କି କଟୁକ୍ତି, କି ଅତ୍ୟାଚାର ଶୁଣି ଶୁଣି ତନୁଶ୍ରୀ ନକାନ୍ଦି ରହିପାରିଲାନ । ସ୍ୱାମୀର ଅସୁଖ ହେଲେ ସ୍ତ୍ରୀର ଯେଉଁ ଅବସ୍ଥା, ସେଥିରେ ପୁଣି ଶାଶୁ ଶ୍ୱଶୁରଙ୍କ ଅପବାଦ ଯେ ବୋହୂର ପଦଚି ଖରାପ, ଏହା କେତେ ଦୁଃଖ ଦାୟକ ସତେ ଅନୁଭବ କଲା ତନୁଶ୍ରୀ । କାନ୍ଦୁ କାନ୍ଦୁ କହିଲା ସ୍ୱୀଟି, "ଏଥିପାଇଁ ଦୁଃଖ ସହିନପାରି ମୁଁ କେତେ ଥର ଆତ୍ମହତ୍ୟା କରିବାକୁ ଯାଇଛି ଭଉଣୀ, ଖାଲି ସ୍ୱାମୀଙ୍କ କଥା ମନେ ପକାଇ ଫେରି ଆସେଁ । ଆତ୍ମହତ୍ୟା କରିପାରିଲିନ । ବାପ ମା'ଙ୍କର ଏକମାତ୍ର ସନ୍ତାନ

Digitized by srujanika@gmail.com

ରୂପେ ବଡ଼ ଅଲ୍‌ଅଲରେ ବଢ଼ିଥିଲ ଭଉଣୀ । ଦୁନିଆର ଦୁଃଖ କ'ଣ ଜାଣିନଥିଲ । ଦାୟିତ୍ୱ କାହାକୁ କହନ୍ତି, ମୋତେ ଜଣା ନ ଥିଲା । ବସ୍ତି ହେଉନ୍ତୁ ନ ହେଉନ୍ତୁ ଭଗବାନ ମୋ ମୁଣ୍ଡ ଉପରେ ଏଡ଼େ ବଡ଼ ବୋଝ ଲଦି ଦେବେ ବୋଲି କେବେ ଆଶା କରିନଥିଲ ଭଉଣୀ ।

× × ×

ଅପରେସନ ସରୁ ସରୁ ଦିନ ଦିଟା । ଅତନୁ ଅପରେସନ ଥିଏଟରରୁ ବାହାରି ଆସିଲା ବେଳକୁ ତନୁଶ୍ରୀ ଯାଇ ପହଞ୍ଚିଗଲା । ତନୁଶ୍ରୀକୁ ଦେଖି ଅତନୁ ହସିଲା, "ତୁମେ କ'ଣ ସେତିକ ବେଳୁଁ ଏଠିଅଛ ତନୁଶ୍ରୀ ?"

"ହଁ, ସ୍ୱୀଟିର ଦୁଃଖର କାହାଣୀ ଶୁଣୁଣୁଣୁ ବେଳ କେମିତି ଗୃଲିଗଲା ଜାଣି ପାରିଲିନି । ଅପରେସନ କେମିତି ହୋଇଛି ? ସ୍ୱୀଟି ବଡ଼ ଦୁଃଖରେ ଅଛି ସେତିକ ବେଳୁଁ ।

ଅପରେସନ ଖୁବ୍ ଭଲ ହୋଇଛି ତନୁଶ୍ରୀ । ସ୍ୱୀଟିକୁ ବୁଝାଇ ଦିଅ ତା ସ୍ୱାମୀ ଏଥର ନିଶ୍ଚୟ ଭଲ ହୋଇଯିବ । ତୁମେତ ମଧ୍ୟାହ୍ନ ଭୋଜନକୁ ଯାଇନଥିବ ? ତୁମର ତ ଧୈର୍ଯ୍ୟ କମ୍ ଦେଖୁନି ।

ସ୍ୱୀଟିର କଥା ଶୁଣି ମୋ ଭୋକ ଶୋଷ କୁଆଡ଼େ ଉଭେଇ ଗଲାଣି । କେତେ ଛୋଟ ବୟସରେ ଭଗବାନ ତାକୁ କେତେ କଷ୍ଟ ନ ଦେଲେ ? ତାରି ବୟସରେ ମୋତେ ଏତେ କଷ୍ଟ ଦେଇଥିଲେ, ମୁଁ କେଉଁ ଦିନରୁ ଏ ସଂସାରରୁ ବିଦାୟ ନେଇ ସାରନ୍ତିଣି । ସ୍ୱିଟିର ଏହି ଅପୂର୍ବ ଧୈର୍ଯ୍ୟପାଇଁ ମୁଁ ତାକୁ ତାରିଫ ନକରି ରହିପାରୁନି ।

ରୋଗୀଟି ବର୍ତ୍ତମାନ ପୂରାପୂରି ଅଚେତ । ଚେତା ଫେରୁ ଫେରୁ ଦୁଇ ତିନି ଦିନ ଲାଗିଯିବ । ସ୍ୱୀଟିକୁ କହିଦିଅ ବ୍ୟସ୍ତ ନ ହେବାପାଇଁ ।

ହେଉ ମୁଁ କହିଦେଇ ଆସୁଛି । ଲଞ୍ଚ ଖାଇବାକୁ ଘରକୁ ଯିବଟି !

ହସିଲା ଅତନୁ । ତୁମେ କ'ଣ ଆଜି ମୋତେ ନୂଆ ଦେଖୁଛ ? ଲଞ୍ଚତ ଏଠାକୁ ଆସିଯାଇଛି । ଏହାପରେ ଆହୁରି ଦୁଇଟା ଅପରେସନ୍ ଅଛି । ଘରୁ ସରୁ ରାତି ନଅଟା ହୋଇପାରେ ?

ତୁମ ଲଞ୍ଚ ବାଢ଼ି ଦେବି ଟେବୁଲ ଉପରେ ? ତୁମେ କେମିତି ଖାଇବ ତା ହେଲେ ?

ତୁମେ ଆଜି କ'ଣ ମୋତେ ନୂଆ ଦେଖୁଛ ତନୁଶ୍ରୀ ? ସବୁଦିନେ ତ ଏଠି ମୁଁ ଲଞ୍ଚଖାଏ ? କିଏ ମୋତେ ବାଢ଼ିଦିଏ ଏଠି ? ମୁଁ ନିଜେ ତ ବାଢ଼ିଖାଏ ।

ମୁଁ ଆଜି ଏଠି ଅଛି, ତୁମେ ହାତରେ କାହିଁକି ବାଢ଼ି ଖାଇବ ? ମୁଁ ବାଢ଼ି ଦେଲେ କ'ଣ ଖରାପ ହେବ ?

ତୁମେତ ନିଜେ ଏ ପର୍ଯ୍ୟନ୍ତ ଖାଇନ ଅଥଚ ମୋତେ ଏଠି ଖୁଆଇବ । ତୁମେ ଯଦି ବାଢ଼ି ବସିବ ନା ତେବେ ଅପରେସନ୍ ଆଜି ସରିପାରିବନି । ସ୍ୱୀଙ୍କୁ ଖାଅ ତାଙ୍କୁ ଖାଅ

Digitized by srujanika@gmail.com

କହି ସବୁ ଗୋଳମାଳ ଲଗାଇବ । ଅନ୍ୟ ସର୍ଜନମାନେ ବିରକ୍ତ ହୋଇଯିବେ । ମନେରଖ ତନୁଶ୍ରୀ ଜୀବନରେ ଖାଇବାଟା ବଡ଼ ନୁହେଁ, କର୍ତ୍ତବ୍ୟଟା ବଡ଼ । ତୁମେ ଯାଅ । ଡେରି ହୋଇ ଗଲାଣି । ତୁମ ଖାଇବା ବେଳ ଗଡ଼ିଗଲାଣି । ତୁମ ଦେହ ଖରାପ ହେବ । ମୋ ପାଇଁ ମୁଣ୍ଡ ଖେଳାଇ ଲାଭ ନାହିଁ ।

× × ×

"ଶୁଣିଲଣି ତନୁଶ୍ରୀ" କହୁଁ କହୁଁ ଡ୍ରଇଂ ରୁମ୍ ଭିତରକୁ ପଶି ଆସି ସୋଫାରେ ବସିପଡ଼ିଲେ ଅତନୁ । ତନୁଶ୍ରୀ ପାଖ ବାରଣ୍ଡାରେ ଠିଆ ହୋଇ ମାଳୀକୁ ବରାଦ କରୁଥିଲା ଫୁଲଗଛ ପୋତିବାକୁ । ହଠାତ୍ ଅତନୁଙ୍କୁ ଡ୍ରଇଂରୁମ୍ ଭିତରକୁ ପଶି ଆସିବା ଦେଖି ବ୍ୟତିବ୍ୟସ୍ତ ହୋଇ ଦୌଡ଼ିଲା ଅତନୁ ପାଖକୁ । ଅତନୁ ମୁଣ୍ଡରେ ହାତଦେଇ ସୋଫାକୁ ଆଉଜି ବସିଥିବାର ଦେଖି ତା ପାଖରେ ବସିପଡ଼ି କ'ଣ ହୋଇଛି ବୋଲି ପଚାରିଲା ।

"ଏକ ସାଂଘାତିକ କେନ୍‌ସର କେସ୍ ତନୁଶ୍ରୀ, ଏକ ସାଂଘାତିକ କେସ୍ । ଯୁକ୍ତରାଷ୍ଟ୍ରର ଇତିହାସରେ କାହିଁକି ସାରା ପୃଥିବୀର ଇତିହାସରେ ଏମିତି ରୋଗୀ କେବେ ଅଛି କି ନାହିଁ ସନ୍ଦେହ । ମୋର ଏତେ ବର୍ଷର ଅଭିଜ୍ଞତା ଭିତରେ ମୁଁ ଏଭଳି ରୋଗୀ କେବେ ଦେଖିନି ତନୁଶ୍ରୀ ! ସେ ରୋଗୀକୁ ବଞ୍ଚାଇ ପାରିବି କି କଥିରେ ଭାବି ପାରୁନି ?"

"ଏମିତି କି ରୋଗୀକି ସେ ? କ'ଣ ହୋଇଛି ତା'ର ?"

"ସାଂଘାତିକ କେନ୍‌ସର, ଗୋଟିଏ ରୋଗୀ ଦେହରେ ତିନୋଟି ଜାଗାରେ କେନ୍‌ସର୍ ଜରାୟୁରେ କେନ୍‌ସର୍, ଦୁଇଟିଯାକ ସ୍ତନରେ କେନ୍‌ସର୍ । ଭାଗ୍ୟ ଭଲ । କୌଣସିଟି କେନ୍‌ସର ପ୍ରସାର ଲାଭ କରିପାରିନି । ସଅଳ ସଅଳ ଧରାପଡ଼ିଯାଇଛି, ସେତିକି ସୌଭାଗ୍ୟ ।"

"ତୁମେ ପରା କୁହ ଆଜିକାଲି ଜରାୟୁ କି ସ୍ତନ କର୍କଟ ରୋଗକୁ ଭୟ କରିବା କଥା ନୁହେଁ ।

"ମୁଁ କହେଁ ଯେ—କିନ୍ତୁ ଏ ରୋଗୀ ପରା ଅଳ୍ପ ବୟସର ଝିଅଟିଏ । ବୟସ ୧୯/୨୦ରୁ ଅଧିକ ହେବନି ।

"ଆଁ ଏତେ କମ୍ ବୟସ ?"

"ହଁ"

"ଏଭଳି ରୋଗୀର କି ଚିକିତ୍ସା କରିବ ଶୁଣେ ?"

"ଏ ରୋଗର ତ ମାତ୍ର ଗୋଟିଏ ଚିକିତ୍ସା । ଅନ୍ୟ କିଛି ଚିକିତ୍ସା ନାହିଁ । ରୋଗ ସନ୍ଦେହ ହେବାକ୍ଷଣି ସଙ୍ଗେ ସଙ୍ଗେ ପରୀକ୍ଷା କରିସାରି ଅସ୍ତ୍ରୋପଚାର ।

Digitized by srujanika@gmail.com

"ତା ମାନେ, ଝିଅଟିର ଜରାୟୁ କାଟିଦେବ, ଏଣେ ଦୁଇଟିଯାକ ସ୍ତନ କାଟିଦେବ ।"

"ହଁ, ତାଛଡ଼ା ଅନ୍ୟ ଉପାୟ ଆଉ କ'ଣ ଅଛି ?"

"ସେମିତି ଭାବରେ କରି ଲାଭ କଅଣ । ଜରାୟୁ କାଟିଦେଲେ ମାତୃତ୍ୱ ଗଲା । ସ୍ତନ ଦୁଇଟି କାଟିଦେଲେ ସ୍ତ୍ରୀତ୍ୱ ଗଲା । ସେ ଝିଅ ଆଉ ବଞ୍ଚିରହି ଲାଭ କଅଣ ?
"କିନ୍ତୁ ଜାଣ, ଜାନୁଗ୍ରୀ ସେ ରୋଗୀଟି କିଏ ? ଜୁଡ଼ି କାଏସଲ୍‌ର, ଆମ କୋଟିପତିଙ୍କ ଝିଅଟା, ସାନ ଝିଅର ଝିଅ ।"

ଆଁ କାଏସଲ୍‌ରଙ୍କ ଝିଅଟା ? ଓଃ ଭଗବାନ୍ କ କଷ୍ଟ ନଦେଲେ ତାକୁ ? ଏତେ ଅଳ୍ପ ବୟସର ଝିଅଟିର ଜରାୟୁ କେନ୍‌ସର ବୋଲି କେମିତି ସନ୍ଦେହ କଲ ?

"ଜରାୟୁ କର୍କଟ ରୋଗକୁ ଧରିବା ଅପେକ୍ଷାକୃତ ସହଜ । ବହୁ ପ୍ରକାର କେନ୍‌ସର ଅଛି, ଯାହାକୁ ପ୍ରଥମରୁ ସନ୍ଦେହ କରିହୁଏନି । ତେଣୁ ପରୀକ୍ଷା କରାଯାଏନି । ରୋଗ ଯେତେବେଳେ ବଢ଼ି ବଢ଼ି ଆସ୍ତେ ବାହାରକୁ ଚାଲିଆସେ ସେତେବେଳେ କେନ୍‌ସର ବୋଲି ସନ୍ଦେହ କରାଯାଏ ଓ ରୋଗୀକୁ ଚିକିତ୍ସା କରିବା ପାଇଁ ଆଣିଲାବେଳକୁ ଦେଖାଯାଏ ଯେ ଲେଡ଼ ଗୁଡ଼ କହୁଣିକୁ ବାହିଗଲାଣି । ଆଉ ରୋଗୀକୁ ବଞ୍ଚାଇବା ସମ୍ଭବପର ହୁଏନାହିଁ । ଡାକ୍ତରର ଆଉ କିଛି କରିବା ନଥାଏ । ତା' ଆଖି ଆଗରେ ରୋଗୀଟି ଏ ମରଜଗତ ଛାଡ଼ି ସ୍ୱର୍ଗଲୋକକୁ ଚାଲିଯାଏ । କିନ୍ତୁ ଜରାୟୁ କର୍କଟ ଅଲଗା । ଏହା ହେଲକ୍ଷଣି ଏହାର ଲକ୍ଷଣ ଜଣାଇଦିଏ କର୍କଟ ରୋଗ ହେଲା ବୋଲି । ଜରାୟୁ କର୍କଟର ସବୁଠାରୁ ବଡ଼ ଲକ୍ଷଣ, ହେଉଛି ଋତୁସ୍ରାବ ଅଧିକ ହୁଏ ଓ ଅଳ୍ପଦିନ ବ୍ୟବଧାନରେ ହୁଏ । ତୁମେ ତ ଜାଣିଛ ସ୍ତ୍ରୀଲୋକମାନଙ୍କର ଋତୁସ୍ରାବ ପ୍ରତି ୨୮ ଦିନରେ ହୁଏ । ଏହା ଅଣତିରିଶ ଦିନରେ ନହୋଇ ଯଦି ପନ୍ଦର ଦିନରେ କି କୋଡ଼ିଏ ଦିନରେ ହୁଏ ଓ ପରିମାଣ ଅଧିକ ହୁଏ, ତେବେ ଜରାୟୁ କର୍କଟ ରୋଗ ବୋଲି ସନ୍ଦେହ କରାଯାଇପାରେ । ତାଛଡ଼ା ଏ ରୋଗରେ ଜନନେନ୍ଦ୍ରିୟ କୁଣ୍ଡାଇ ହୁଏ । ଦୂଷିତ ପାଣି ବାହାରେ, ସହବାସ ପରେ ରକ୍ତସ୍ରାବ ହେବା ଆଦି ବହୁ ଲକ୍ଷଣ ଦେଖାଦିଏ । ଏହି ଲକ୍ଷଣ ଭିତରୁ ଗୋଟିଏ ବା ଏକାଧିକ ଦେଖାଗଲେ ସଙ୍ଗେ ସଙ୍ଗେ ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା କରାଇନେଲେ ରୋଗ ଧରାପଡ଼ିଯାଏ । କର୍କଟ ରୋଗ ହୋଇଛି ବୋଲି ଜଣାପଡ଼ିଲେ ସଙ୍ଗେ ସଙ୍ଗେ ଅପରେସନ ଦ୍ୱାରା ଜରାୟୁକୁ କାଟି ବାହାର କରି ଦିଆଯିବା ଉଚିତ୍ । ଏହି ରୋଗ ସାଧାରଣତଃ ୪୦-୪୫ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଠାରେ ଦେଖାଯାଏ ।

ଯେଉଁମାନେ ବହୁ ସନ୍ତାନର ଜନନୀ, ଯେଉଁମାନଙ୍କର ବହୁବାର ଗର୍ଭପାତ ହୋଇଛି ଯେଉଁମାନଙ୍କର ସ୍ୱାମୀ ଅସ୍ୱାସ୍ଥ୍ୟକର ପରିବେଶରେ ରହି ନିଜ ଲିଙ୍ଗକୁ ଠିକ୍ ଭାବରେ ସହିତ ପରିଷ୍କାର ପରିଚ୍ଛନ୍ନ ରଖନ୍ତି ନାହିଁ, ଯେଉଁମାନଙ୍କର ସ୍ୱାମୀ ଅତ୍ୟଧିକ କାମୁକ, ଅଧିକ ସହବାସପ୍ରିୟ ସେହିଭଳି ସ୍ତ୍ରୀ ଲୋକକୁ ଏହି ରୋଗ ଧରେ ।

Digitized by srujanika@gmail.com

"କିନ୍ତୁ ସ୍ତ୍ରୀମାନଙ୍କର ସ୍ତନ କର୍କଟ ରୋଗର କାରଣ ?"

ଯେଉଁମାନେ ବହୁବର୍ଷ ପର୍ଯ୍ୟନ୍ତ ବିବାହ କରିନଥାନ୍ତି କରିଥିଲେ ବି, ବନ୍ଧ୍ୟା ହୋଇଥାଆନ୍ତି । ସନ୍ତାନ ସନ୍ତତିର ମାଆ ହୋଇ ନଥାଆନ୍ତି, ସନ୍ତାନ ସନ୍ତତିର ମା' ହୋଇଥିଲେହେଁ ନିଜ ଶିଶୁକୁ ନିଜ ସ୍ତନରୁ ଦୁଧ ଖୁଆଇବାକୁ ଚାହାଁନ୍ତି ନାହିଁ, ପିଲାକୁ ଗାଈ ଦୁଧ ବା ଅନ୍ୟାନ୍ୟ ଦୁଧ ଦେଇ ବଢ଼ାନ୍ତି । ଯେଉଁମାନେ ନିଜ ସୌନ୍ଦର୍ଯ୍ୟକୁ ଉଚ୍ଚ ସ୍ତରରେ ରଖିବା ପାଇଁ ସର୍ବଦା ବକ୍ଷ ବନ୍ଧନୀ ବ୍ୟବହାର କରନ୍ତି, ବିଶେଷତଃ ସିନ୍ଥେଟିକ ତନ୍ତୁ ପ୍ରସ୍ତୁତ ବ୍ରେସେଟ୍ସ ଯେଉଁମାନଙ୍କର ଅତ୍ୟଧିକ ପ୍ରିୟ ସେହିମାନଙ୍କୁ ସାଧାରଣତଃ ଏହି ରୋଗ ଅଧିକ ଧରେ । ଆମେରିକାରେ ସ୍ତନ କର୍କଟ ରୋଗ ଏତେ ବେଶି କାହିଁକି ଉପରୋକ୍ତ ଗୋଟିଏ ଗୋଟିଏ କାରଣ ସେଥିପାଇଁ ଦାୟୀ ।

"ଓଃ ସେଥିପାଇଁ ତମେ ମୋତେ ସବୁବେଳେ ଘରେ ବ୍ରେସେଟ୍ସ ବ୍ୟବହାର କରିବାକୁ ବାରଣ କର ପରା ! ତମ ବାରଣକୁ ମୁଁ ଭାବେ ଅନ୍ୟ ପ୍ରକାର । ତୁମେ ଜଣେ କ୍ୟାନ୍‌ସର ସର୍ଜନ ଭାବରେ ଯେ ମୋର ଭଲପାଇଁ ସେ ଉପଦେଶ ଦିଅ ମୁଁ ବୁଝି ପାରେ ନାହିଁ, କହି କହି ତନୁଶ୍ରୀ ଖିଲ ଖିଲ୍ କରି ହସିଦେଲା । କିନ୍ତୁ ଏ ଦେଶରେ ବିନା ବ୍ରେସେଟ୍ସରେ ଘରେ ଚାଲିବା ଯେ ଅସଭ୍ୟତା, ଅଶ୍ଳୀଳତା, ବର୍ବରତା ।" ତନୁଶ୍ରୀ ହସ ସମ୍ବରଣ କରି ପଚାରିଲା ।

ଆମେରିକାନଙ୍କ ସେହି ଭୁଲ ମନୋବୃତ୍ତି ପାଇଁ ସେମାନଙ୍କୁ ଆଜି ଏ ରୋଗର ଏତେ ଅଧିକ ଶିକାର ହେବାକୁ ପଡ଼ୁଛି । ତଥାପି ବି ସେମାନେ କ'ଣ ସେଇ ମନୋବୃତ୍ତି ଛାଡ଼ୁଛନ୍ତି ? ବାହାରକୁ ବାହାରିବା ବେଳେ ବ୍ରେସେଟ୍ସ ବ୍ୟବହାର କର । କାରଣ ବାହାରକୁ ଗଲାବେଳେ ବ୍ୟବହାର ନ କଲେ ଲୋକେ ଅସମ୍ମାନ କରିବେ । କିନ୍ତୁ ଯେତିକି ସମୟ ବାହାର ଲୋକଙ୍କ ସାମନାକୁ ନ ଆସୁଛ ସେତିକି ସମୟ ଅନ୍ତତଃ ତା ଠାରୁ ଦୂରରେ ରହ ।

ତୁମେ ଜରାୟୁ କର୍କଟ ଓ ସ୍ତନ କର୍କଟ ରୋଗ ପାଇଁ ଯେଉଁସବୁ କାରଣ କହିଲ, ସେଥିରୁ କୌଣସି ଗୋଟିଏ କାରଣ ଏହି ଝିଅଟି ପାଇଁ ଯେ ପ୍ରଯୁଜ୍ୟ ମୋ ମନେ ହେଉନାହିଁ । ତେବେ ଏହାକୁ ଏହି ରୋଗ ଧରିଲା କେମିତି ?

ସେହି ତ ମୋର ଚିନ୍ତା । ଏତେ କମ୍ ବୟସର ଝିଅଟି ବିବାହ କରିନାହିଁ, ଘର-ସଂସାର କରିନାହିଁ ଏହାକୁ ଏହି ରୋଗ ଧରିଲା କାହିଁକି ଓ କେମିତି ? ରୋଗର ଚିକିତ୍ସା ପାଇଁ ମୁଁ ଯେତେ ବିବ୍ରତ ନୁହେଁ ରୋଗର କାରଣ ପାଇଁ ସେତେ ବିବ୍ରତ ।

ଏ ରୋଗ କଣ ବଂଶାନୁକ୍ରମିକ ? ତାର ମା', ଗୋପମା ଏହିଭଳି କାହାରିକୁ ଏହି ରୋଗ ହୋଇଥିବ, ସେହି ଅନୁସାରେ ହୁଏତ ଏହା ଗଡ଼ିଆସୁଛି ।

"ହୋଇପାରେ ତନୁଶ୍ରୀ ବଂଶଗତ କାରଣ ଛଡ଼ା ଅନ୍ୟ କିଛି କାରଣ ଥିଲା ଭଳି ଜଣାପଡ଼ୁ ନାହିଁ । କ୍ୟାନ୍‌ସର ରୋଗ ତ ଅନ୍ୟ ରୋଗ ଭଳି ସଂକ୍ରାମକ ନୁହେଁ । ତେଣୁ

Digitized by srujanika@gmail.com

ଜଣକ ଠାରୁ ଅନ୍ୟଜଣକୁ ଡେଇଁବାର ପ୍ରଶ୍ନ ନାହିଁ । ତା' ଛଡ଼ା ଦୁଇ ପ୍ରକାର କର୍କଟ ରୋଗ ଜଣେ ଲୋକ ଦେହରେ । ଏହା ଆଉ ଏକ ବିଚିତ୍ର । ଏହାର କାରଣ କଣ ହୋଇପାରେ ମୁଁ ଭାବିପାରୁ ନାହିଁ ।

"ତେବେ ଝିଅଟିର ଚିକିତ୍ସା ତ କରିବାକୁ ପଡ଼ିବ ।"

ନିଶ୍ଚୟ ଏଥିରେ ଆଉ ବିଳମ୍ବ ଅଛି । କାଲି ସକାଳରେ ଅପରେସନ ହେବା ସ୍ଥିର ହୋଇଛି । ଏକ ସଙ୍ଗରେ ତିନୋଟି ଅପରେସନ, ଗୋଟିଏ ଜରାୟୁ, ଦୁଇଟି ସ୍ତନ ।

ଝିଅଟିର ଏହି ତିନୋଟି ଅଂଶ କାଟିଦେଲେ ସେ ଆଉ କଣ ନେଇ ଘରସଂସାର କରିବ ? ସେହି ଝିଅଟିକୁ ବିବାହ କରିବ କିଏ ?

ହସିଲି ଅଜନୁ, "ସେ ଭୟ କରନି ତନୁଶ୍ରୀ ! ସ୍ତନ ଦୁଇଟି କାଟିଦେଲେ ତାର ସ୍ତ୍ରୀତ୍ୱ ଯେ ଚାଲିଗଲା ସେଭଳି ଭାବିବା ଭୁଲ । କଟାଯାଇଥିବା ସ୍ତନଠାରେ ସିଲିକୋନ ସ୍ତନ ଲଗାଯାଇ ତାହା ଏତେ ସୁନ୍ଦର କରି ଦିଆଯାଉଛି ଯେ ଏହା ପ୍ରାକୃତିକ ସ୍ତନର କାନ କାଟିଦେବ ! ତେଣୁ ସେ ଭଳି ଝିଅକୁ ଯେ କେହି ବିବାହ କରିବେ ନାହିଁ ସେ ଭଳି ଧାରଣା ଭୁଲ୍ । ମୋର ଗୋଟିଏ ସଙ୍ଗିନୀ ସେହିଭଳି ଗୋଟିଏ ସ୍ତନ ହରାଇ ଏବେ ଗୋଟିଏ ସନ୍ତାନର ମା' ହେଲଣି । ଆଉ ଜରାୟୁ କଥା କହୁଛ ? ଜରାୟୁ ନଥିଲେ ଯେ ମା' ହୋଇ ପାରିବ ନାହିଁ ଏ ଧାରଣା ମଧ୍ୟ ପୁରୁଣାକାଳିଆ । ଆଜିକାଲି ଯେଉଁ କୃତ୍ରିମ ଉପାୟରେ ଶିଶୁ ଜନ୍ମ ହେଲେଣି ସେ ଉପାୟ ଅବଲମ୍ବନ କଲେ ଜରାୟୁ ନଥିବା ସ୍ତ୍ରୀ ଲୋକ ବି ସନ୍ତାନର ମା' ହୋଇ ପାରିବ ।

ଆଁ, ଗର୍ଭାଶୟ ନଥିବା ସ୍ତ୍ରୀ ସନ୍ତାନର ମା' ହୋଇପାରିବ ?

ହଁ, ନ ହେବ କାହିଁକି ? ସେଥିପାଇଁ ପ୍ରଥମେ ସ୍ତ୍ରୀଟିର ଗର୍ଭାଶୟକୁ ପରୀକ୍ଷା କରି ଦେଖାଯିବ ସ୍ତ୍ରୀ ଡିମ୍ବାଣୁ ବୃଦ୍ଧିପ୍ରାପ୍ତ ହୋଇ କେଉଁ ଅବସ୍ଥାରେ ଅଛି । ଯେତେବେଳେ ଦେଖାଯିବ ଏହା ଠିକ୍ ବୃଦ୍ଧିପ୍ରାପ୍ତ ହୋଇ ଆସିଲଣି ସେତେବେଳେ ଅସ୍ତ୍ରୋପଚାର ଦ୍ୱାରା ଗର୍ଭାଶୟ ଡିମ୍ବାଣୁକୁ ବାହାର କରିଆଣି ନିଜ ସ୍ୱାମୀର ଶୁକ୍ରାଣୁ ସହିତ ବାହାରେ ନିଷେକ କରାଇବା ଆବଶ୍ୟକ । ତତ୍ପରେ ଏହି ନିଷିକ୍ତ ଡିମ୍ବାଣୁକୁ ଅନ୍ୟ କୌଣସି ସୁସ୍ଥ ସ୍ତ୍ରୀ ଲୋକର ଜରାୟୁରେ ସ୍ଥାପନ କରି ସେହି ସ୍ତ୍ରୀ ଲୋକଟିର ଜରାୟୁରେ ଭ୍ରୂଣଟିକୁ ବଢ଼ିବାକୁ ଦିଆଯିବା ବିଧେୟ । ଏହା ଫଳରେ ଏହି ଲୋକଟି ଗର୍ଭବତୀ ହେବ ଓ ସେ ବହନ କରୁଥିବା ଜରାୟୁହୀନା ସ୍ତ୍ରୀ ଲୋକଟିର ନିଜର ସନ୍ତାନକୁ ଦଶ ମାସ ପରେ ଜନ୍ମହେବା ସେହି ଗର୍ଭବତୀ ଧାତ୍ରୀ ସ୍ତ୍ରୀ ଲୋକଟି ଯେଉଁ ଶିଶୁ ଜନ୍ମ କରିବ ସେହି ଶିଶୁଟି ହେବ ଜରାୟୁହୀନା ସ୍ତ୍ରୀ ଓ ତାର ସ୍ୱାମୀର ନିଜ ସନ୍ତାନ ।

ତୁମେ କଣ ଯେ ସବୁ ଗାଇଯାଉଛ ମୁଁ ବୁଝିପାରୁନାହିଁ ।" ତୁମେ ଯାହା ସବୁ କହି-ଯାଉଛ ସେ ସବୁ କଣ ସତ, ମାନେ ସେ ସବୁ କଣ ସମ୍ଭବପର ।

Digitized by srujanika@gmail.com

"ହଁ ତନୁଶ୍ରୀ ଯେଉଁମାନଙ୍କର କର୍କଟ ରୋଗ ଯୋଗୁଁ ଜରାୟୁକୁ କାଟିଦିଆ ଯାଇ ବାହାର କରି ଦିଆଯାଉଛି, ସେମାନେ ସାଧାରଣତଃ ପଚାଶରୁ ବୟସର । ସେହିମାନଙ୍କର ପୁଅଝିଅ ସମସ୍ୟା ନଥାଏ । ଜୀବନ ଉପଭୋଗ ସେମାନଙ୍କର ମୂଳ ଲକ୍ଷ୍ୟ । କିନ୍ତୁ ବର୍ତ୍ତମାନ ଏହି ଯେଉଁ ଝିଅଟି ଆସିଛି, ତାର ସାଂସାରିକ ଜୀବନ ଆରମ୍ଭ ହୋଇନାହିଁ । ବିବାହ, ଘର ସଂସାର, ପୁଅ ଝିଅ ସଂସାର ଆରମ୍ଭ ହେବାକୁ ବାକିଅଛି । ଏହି ସମୟରେ ତାର ଜରାୟୁକୁ ଯଦି କାଟି ଦିଆଯାଏ ତେବେ ଉପରୋକ୍ତ ପଦ୍ଧତିର ଆଶ୍ରୟ ନେବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହି ପଦ୍ଧତିରେ ଆମେରିକାରେ କେତୋଟି ସ୍ଥାନରେ ବନ୍ଧ୍ୟା ସ୍ତ୍ରୀ ଲୋକମାନେ ନିଜ ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ମୁଁ ଯାହା କହିଲି ସେସବୁକୁ ତୁମେ କ'ଣ କାଳ୍ପନିକ ବୋଲି ଭାବୁଛ ? ମୋଟେ ନୁହେଁ । ତୁମେ ଖବର କାଗଜରେ ଦେଖିନାହଁ, ଅନ୍ୟ ଦମ୍ପତିର ସନ୍ତାନ ନିଜ ଉଦରରେ ଗ୍ରହଣ କରିବାକୁ କେତେ ସ୍ତ୍ରୀ ଲୋକ ବିଜ୍ଞାପନ ଦେଉଛନ୍ତି । ଦିନେ ତୁମେ ସେଭଳି ଗୋଟିଏ ବିଜ୍ଞାପନ ଦେଖି ମୋତେ ପଚାରିଥିଲ ନା ? ସେ ସ୍ତ୍ରୀ ଲୋକଟି ଗୋଟିଏ ସନ୍ତାନ ପାଇଁ କେତେ ପାରିଶ୍ରମିକ ଦାବୀ କରୁଥିଲା ମନେ ଅଛି ନା ? ପଚିଶ ହଜାର ଡଲାର ପରି । ସେ ଏତେ ଟଙ୍କା କଣ ପାଇଁ ଚାହୁଁଛି ଜାଣିବା ପାଇଁ ତୁମେ ମୋତେ ସେଦିନ ପଚାରିନଥିଲ ? ମୁଁ କ'ଣ କହିଥିଲି ତୁମର ମନେ ନାହିଁ । ଏହିଭଳି ଲୋକମାନେ ଅସ୍ତ୍ରୋପଚାର ପରେ ନିଜ ସନ୍ତାନର ମା ହେବାପାଇଁ ଉପରୋକ୍ତ ପଦ୍ଧତିର ସାହାଯ୍ୟ ନେବାଛଡ଼ା ଅନ୍ୟ ଉପାୟ ନାହିଁ ।

"ସେହି ଝିଅଟି କଣ ତୁମ ଅସ୍ତ୍ରୋପଚାର ପଦ୍ଧତିରେ ରାଜି ।"

ମୁଁ କାଲି ଫୋନ୍ କରି ତାଙ୍କ ମା ଓ ବାପାଙ୍କୁ ଜଣାଇଦେଇଛି । ସେମାନେ ଆସି ଝିଅ ସହିତ ଆଲୋଚନା କରି ଯାହା ସ୍ଥିର କରିବେ । ତେବେ ଢନୋଟିଯାକର ଅସ୍ତ୍ରୋପଚାର ବ୍ୟତୀତ ଅନ୍ୟ ଉପାୟ ନାହିଁ । ସେମାନେ ଯଦି ଏଥିରେ ରାଜି ନ ହେଉଛନ୍ତି, ଝିଅଟିକୁ ବଞ୍ଚାଇବା କାହାରି ପକ୍ଷରେ ସମ୍ଭବ ନୁହେଁ ।

× × ×

ହଠାତ୍ ତନୁଶ୍ରୀର ନିଦ ଭାଙ୍ଗିଗଲା । ଭୟରେ ତା ଗୋଟାସାରା ଦେହ ଥରୁଥାଏ । ଶୟନ କକ୍ଷର ଅସ୍ପଷ୍ଟ ନୀଳ ଆଲୋକ ତା'କୁ ଆହୁରି ଭୟଭୀତ କରି ପକାଉଥାଏ । ତାକୁ ଜଣାପଡ଼ୁଥାଏ ସତେ ଯେମିତି କଳା କଳା ଭୂଷୁଣ୍ଡା ଭୂଷୁଣ୍ଡା ଲୋକଗୁଡ଼ାକ ବାନ୍ଧି ନେବା ପାଇଁ ସେହି ଝରକା ଦେଇ ପଶି ଆସୁଛନ୍ତି । ଅତନୁକୁ ଛାଡ଼ି ଦେଇ ସେମାନେ ଏଥର ତାକୁ ବାନ୍ଧିନେବେ । ତାକୁ ବି ଯମପୁରକୁ ଯିବାକୁ ପଡ଼ିବ ସେମାନଙ୍କ ସହିତ । ହେଇ ସେମାନେ ପଶି ଆସୁଛନ୍ତି ଝରକାଦେଇ, ଏଥର ରକ୍ଷାନାହିଁ । ନିଜକୁ ବଡ଼ ଅସହାୟ ମନେ କଲା ତନୁଶ୍ରୀ ! ଏହି ସମୟରେ ହଠାତ୍ ଝରକା କବାଟ ଦୁଇଟି ପବନରେ ପିଟିହୋଇଗଲା । ସେହି ବିକଟ ଶବ୍ଦ ଶୁଣି ଭୟରେ ଚିତ୍କାର କରି ଉଠିଲା ତନୁଶ୍ରୀ ।

ତନୁଶ୍ରୀର ଚିତ୍କାରରେ ହଠାତ୍ ନିଦ ଭାଙ୍ଗିଗଲା ଅତନୁର । ତନୁଶ୍ରୀର କ'ଣ ହେଲା ଜାଣିବା ପାଇଁ ଘରକୁ ଆଲୋକିତ କରିଦେଲା ସେ । ଦେଖିଲା ତନୁଶ୍ରୀ ଖଟରେ ଶୋଇରହି

Digitized by srujanika@gmail.com

ବରଡ଼ାପତ୍ର ଭଳି ଥରୁଛି । ଆଲୋକିତ ଗୃହରେ ଅତନୁକୁ ଦେଖି ସେ ନିଜ ଆଖିକୁ ବିଶ୍ୱାସ କରିପାରିଲାନି । ସେ ଥର ଥର ଗଳାରେ ପଚାରିଲା, "ସେ-ମା-ନେ-ଗ-ଲେ-କୁ-ଆ-ଡ଼େ ।"

ତନୁଶ୍ରୀ କଥାରୁ ଅତନୁ କିଛି ବୁଝି ପାରିଲାନି । ସେ ପଚାରିଲା "କେଉଁମାନେ ।"

"ସେମାନେ, ଯେଉଁମାନେ ତୁମକୁ ନେଇଯାଇଥିଲେ ଏବଂ ଛାଡ଼ିଦେଇ ଗଲେ । ତୁମର କିଛି କ୍ଷତି ହୋଇନାହିଁ ତ ?

ତନୁଶ୍ରୀ ପୁଣି ଥରେ ଝରକା ଆଡ଼କୁ ଅନାଇ ପଚାରିଲା , ସେହି କଳା କଳା ମୋଟା ମୋଟା ଲୋକଗୁଡ଼ାକ କୁଆଡ଼େ ଗଲେ, ଯେଉଁମାନେ ତୁମକୁ ବାନ୍ଧିନେଇ ଯାଇଥିଲେ ।"

"ମୋତେ ବାନ୍ଧିନେଇଯାଇଥିଲେ ? ତୁମେ ପାଗଳ ହେଲ ନା କଅଣ ? ତୁମେ କ'ଣ ଯେ କହୁଛ ମୁଁ ବୁଝିପାରୁନି ।"

ତନୁଶ୍ରୀ ଅତନୁ କଥାରେ କିଞ୍ଚିତ୍ ସାହସ ସଞ୍ଚୟ କରି କହିଲା, "ତୁମେ କ'ଣ ଏହି ଖଟରେ ସେମିତି ଶୋଇରହିଛ ? କେହି ତୁମକୁ ଏଠୁ ନେଇ ନାହାନ୍ତି ?

"ହଁ, ମୁଁ ତ ସେମିତି ଶୋଇଛି । ମୋତେ ତ କେହି ଏଠୁ ନେଇନାହାନ୍ତି ।

ଓଃ "ଏକ ଦୀର୍ଘ ନିଃଶ୍ୱାସ ଛାଡ଼ି ତନୁଶ୍ରୀ କହିଲା ।" ତାହେଲେ ମୁଁ ସ୍ୱପ୍ନ ଦେଖୁଥିଲି ।"

ତୁମେ ସ୍ୱପ୍ନ ଦେଖୁଥିଲ ? କି ସ୍ୱପ୍ନ ? ସେଇଥିପାଇଁ ତୁମେ ବରଡ଼ାପତ୍ର ପରି ଥରୁଥିଲ ।

ହଁ ଏହା ଏକ ଖରାପ ସ୍ୱପ୍ନ । ଏମିତି ସ୍ୱପ୍ନ ମୁଁ କେବେ ଦେଖିନଥିଲି ।"

"କି ସ୍ୱପ୍ନ ଦେଖିଲି ଶୁଣେ ।

"ତୁମେ ପୃଥିବୀରେ ବହୁ କର୍କଟ ରୋଗୀଙ୍କ ରୋଗ ଦୂର କରି ସେମାନଙ୍କୁ ଭଲ କରି ଦେଉଥିବାରୁ ଯମପୁରରେ ଯମରାଜାଙ୍କ ଦରବାରରେ ବଡ଼ ଭଲେଣି ପଡ଼ିଯାଇଥାଏ । ତୁମେ ଏହି ଚିକିତ୍ସାକରି ତାଙ୍କ ଶାସନରେ ବ୍ୟାଘାତ ସୃଷ୍ଟି କରୁଥିବାରୁ ସେ ତୁମକୁ ଦଣ୍ଡଦେବା ପାଇଁ ମସୁଧା କରୁଥାନ୍ତି । ଦିନେ ସେ ତାଙ୍କ ଦୂତମାନଙ୍କୁ ଡାକି କହିଲେ, "ଆମେରିକାରେ ସେ ଯେଉଁ ଟୋକାଟା କର୍କଟ ରୋଗୀମାନଙ୍କୁ ମରଣ ମୁହଁରୁ ଫେରାଇ ନେଇ ବଞ୍ଚାଇ ଦେଉଛି, ତାକୁ ଯାଅ ମର୍ତ୍ତ୍ୟଲୋକରୁ ଏଠାକୁ ଧରିଆଣ ।"

ଯମରାଜାଙ୍କ ଡାହାଣ ପାଟିକୁ ତାଙ୍କ ମନ୍ତ୍ରୀ ଚିତ୍ରଗୁପ୍ତ ବସିଥିଲେ । ପୃଥିବୀର ସବୁ ଲୋକର ଜୀବନପଞ୍ଜିକା ତାଙ୍କ ପାଖରେ । ସେ ପାଞ୍ଜି ଓଲଟାଇ ଓଲଟାଇ କହିଲେ, "ସେ ଟୋକାର ନାଁ ହେଉଛି ଅତନୁ ପଟ୍ଟନାୟକ । ସେ ଏହା ଭିତରେ ହଜାର ହଜାର ମରିବାକୁ ଯାଉଥିବା କର୍କଟ ରୋଗୀକୁ ବଞ୍ଚାଇ ଦେଇ ଆମ ଶାସନରେ ବିରାଟ ବ୍ୟାଘାତ ସୃଷ୍ଟି କରିଛି । ତାକୁ ଏଠାକୁ ଧରିଆଣି କିଛି ଗୋଟାଏ ଦଣ୍ଡ ନ ଦେଲେ ତା' ଆସ୍ପର୍ଦ୍ଧା ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବ । ତା'ର କାମ ଜାଣ ଆମ ବିରୁଦ୍ଧରେ ଯୁଦ୍ଧ ଘୋଷଣା ଭଳି ।

Digitized by srujanika@gmail.com

ଯମରାଜା ତାଙ୍କ ବଡ଼ ବଡ଼ ଆଖି ଦୁଇଟାକୁ ଘୂରାନ୍ତି କ୍ଷଣରେ ହାତ ବୁଲାଉ ବୁଲାଉ କହିଲେ, "କମ୍ ଆସ୍ପର୍ଦ୍ଧା ନୁହେଁ, ସେ ଗ୍ରର ଟୋକାଟାର । ମୋ ଶାସନ ବିରୁଦ୍ଧରେ ବିରାଟ ବିଦ୍ରୋହ । ରୋଗୀଗୁଡ଼ାକ ଯଦି ନମରିବେ ତେବେ ମୋ ଶାସନ ଚାଲିବ କେମିତି ?

ଯମଦୂତମାନେ ଯମରାଜାଙ୍କଠାରୁ ହୁକୁମ ପାଇ ଆମ ଘରକୁ ଆସିଲେ । ତୁମେ ଏହି ଖଟରେ ଶୋଇଥିଲ । ତୁମକୁ ସେମାନେ ଦୌଡ଼ିରେ ବାନ୍ଧି କାନ୍ଧରେ ପକାଇ ନେଇଗଲେ । ତୁମେ ସେତେବେଳେ ପୂରାପୂରି ଗାଢ଼ ନିଦରେ ବିଭୋର । ତୁମକୁ ନେଇଯିବା ଦେଖି ମୋର ହଂସା ଉଡ଼ିଗଲା । ମୁଁ ସେମାନଙ୍କ ପଛେ ପଛେ ଚାଲିଲି । ତୁମକୁ ଫେରାଇ ଦେବାପାଇଁ ଯେତେ କାକୁତି ମିନତି କଲି ସେମାନେ ଶୁଣିଲେନି । ସେମାନେ ତୁମକୁ ବହୁତ ବଣ, ପାହାଡ଼, ପର୍ବତ ଟପି ଯମପୁରକୁ ଘେନିଗଲେ । ମୁଁ ସେମାନଙ୍କ ପଛେ ପଛେ ଚାଲିଥାଏ । ଶେଷରେ ଯମ ରାଜାଙ୍କ ଦରବାରରେ ପହଞ୍ଚିଲି । ଯମରାଜାଙ୍କ ଦରବାରରେ ସେମାନେ ତୁମକୁ ଠିଆକରାଇ ତୁମକୁ ବନ୍ଧନମୁକ୍ତ କରିଦେଲେ । ଯମରାଜାଙ୍କ ସଭାଠାରୁ କିଛି ଦୂରରେ ଠିଆ ହୋଇ କ'ଣ ହେଉଛି ମୁଁ ଦେଖୁଥାଏ । ଯମରାଜାଙ୍କ ଭୟଙ୍କର ରୂପ ଓ ତାଙ୍କ ଦରବାରର କଳା କଳା ଲୋକ ଗୁଡ଼ାକଙ୍କୁ ଦେଖି ମୋ ପିଳେହି ପାଣି ହୋଇଗଲାଣି ।

ଯମରାଜା ତାଙ୍କ ନାଲି ନାଲି ଆଖି ଦେଖାଇ ତୁମକୁ କହିଲେ, "ତୁମେ ମରିବାକୁ ଯାଉଥିବା ରୋଗୀମାନଙ୍କୁ ରୋଗମୁକ୍ତ କରି ମୋ ଶାସନ ବିରୁଦ୍ଧରେ କମ ବଡ଼ ବିଦ୍ରୋହ କରିନାହିଁ । ତୁମ ରୋଗ ଚିକିତ୍ସା ମୋ ଶାସନରେ ବିରାଟ ବାଧା ସୃଷ୍ଟି କରିଛି ଯୁବକ ।"

ଏହି ସମୟରେ ସେହି ଯମ ସଭାରେ କୁଆଡ଼ୁ ଆସି ନାରଦ ମୁନି ପହଞ୍ଚିଗଲେ । ଯମରାଜାଙ୍କ କଥାରୁ ଶୁଣି ସେ କହିଲେ, ହେ ଯମରାଜ, ଆପଣ ଏହି ଯୁବକଟିକୁ ମର୍ତ୍ତ୍ୟ-ପୁରରୁ ଧରି ଆଣିଛନ୍ତି ଦଣ୍ଡ ଦେବାପାଇଁ ? ଏହାଙ୍କର କି ଅପରାଧ ?

ଏ ମୋ ଶାସନ ବିରୁଦ୍ଧରେ ଯାଇ ଶାସନରେ ବ୍ୟାଘାତ ସୃଷ୍ଟି କରୁଛନ୍ତି ।

ରୋଗୀ ସେବା କ'ଣ ଆପଣଙ୍କ ବିରୋଧ ?

ରୋଗୀ ସେବା କରିବ ବୋଲି ଯେଉଁମାନେ ମରିବା କଥା ଯାହାଙ୍କ ନାଁ ଆମ ଚିତ୍ରଗୁପ୍ତଙ୍କ ପାଞ୍ଜିରେ ଉଠିସାରିଲାଣି, ତାଙ୍କୁ ବଞ୍ଚାଇଦେଲେ ଆମ ଶାସନରେ କେତେ ବ୍ୟାଘାତ ସୃଷ୍ଟି ହେବ କୁହନ୍ତୁ ତ ? ଆପଣ ଜାଣିପାରୁନାହାନ୍ତି ମୁନିବର ।

ଏହି ସମୟରେ ଚିତ୍ରଗୁପ୍ତ ତାଙ୍କ ପଞ୍ଜିକା ଧରି ନାରଦ ମୁନିଙ୍କୁ କହିଲେ, "ମୁନିବର, ହେଇ ଦେଖନ୍ତୁ । ଏହି ପଞ୍ଜିକାକୁ କାଟି କାଟି ମୁଁ ନସ୍ୟାନ୍ତ ହୋଇଗଲିଣି । ଯେଉଁ ଲୋକଙ୍କ ନାଁ ଆମ ପଞ୍ଜିକାରେ ଉଠିଗଲା, ଆମେ ଜାଣିଲୁ ସେ ମରିଗଲେ । ଆମ ଦୂତମାନେ ତାଙ୍କୁ ଆଣିବାକୁ ଯାଆନ୍ତେ ଦେଖନ୍ତି ରୋଗୀ ପୁଣି ବଞ୍ଚିଲାଣି । ଦୂତମାନେ ଫେରିଆସି ମୋତେ ବଞ୍ଚିବା କଥା କହନ୍ତି । ମୁଁ ପୁଣି ପଞ୍ଜିକାରୁ ସେମାନଙ୍କ

Digitized by srujanika@gmail.com

ନାମ କାଟିଦିଏ । ଆପଣ ସ୍ୱଚକ୍ଷୁରେ ଦେଖନ୍ତୁ ମୁନିବର କେତେ କଟାକଟି ହେଲାଣି । ଫଳରେ ଏହି ପଞ୍ଜିକା କ'ଣ ଆଉ ପଞ୍ଜିକା ହୋଇ ରହିଛି ?''

''ନାରାୟଣ, ନାରାୟଣ, ପୃଥିବୀରେ ଯେଉଁଟା ଶ୍ରେଷ୍ଠ ସେବା, ତାକୁ ଯମରାଜ ଓ ତାଙ୍କ ମନ୍ତ୍ରୀ ଯଦି ତାଙ୍କ ଶାସନରେ ବ୍ୟାଘାତ ବୋଲି ଭାବନ୍ତି, ତେବେ ଏହି ବିଶ୍ୱରେ ନ୍ୟାୟ ଆଉ ରହିବନି । ସେ ଶହଶହ ରୋଗୀଙ୍କୁ ରୋଗମୁକ୍ତ କରିବା ଦ୍ୱାରା ଯେଉଁ ଅଜସ୍ର ପୁଣ୍ୟ ଅର୍ଜନ କରୁଛନ୍ତି, ସେ ଯମପୁରକୁ ନଆସି ବୈକୁଣ୍ଠପୁରକୁ ଆସିବା କଥା । ଆପଣଙ୍କର ବିରାଟ ଭୂଲ୍ ହୋଇଛି ଧର୍ମରାଜ, ଆପଣ ଏହାଙ୍କ ଭଳି ଜଣେ ପରୋପକାରୀ ଲୋକଙ୍କୁ ଯମପୁରକୁ ଘେନି ଆସିଛନ୍ତି । ନାରାୟଣ ଯଦି ଆପଣଙ୍କ ଏ ଭୂଲ୍ ଜାଣନ୍ତି, ତେବେ ତାଙ୍କ କୋପରେ ଆପଣ ଧ୍ୱଂସ ପାଇଯିବେ ।

ଯମରାଜ ନାରଦଙ୍କ କଥା ଶୁଣି ହସିଲେ, ''ମୁଁ ଏ ସମ୍ପର୍କରେ ବ୍ରହ୍ମାଙ୍କୁ ଜଣାଇ ଦେଇଛି ମୁନିବର ।''

ସେ କ'ଣ କହିଲେ ଏଭଳି ଜଣେ ପୁଣ୍ୟାତ୍ମାଙ୍କୁ ମର୍ତ୍ତ୍ୟଲୋକରୁ ଧରିଆଣି ଦଣ୍ଡ ଦେବାପାଇଁ ?''

ବ୍ରହ୍ମାଙ୍କ ନିରୁତ୍ତର ହିଁ, ମୌନ ସମ୍ମତି ଲକ୍ଷଣଂ, ନ୍ୟାୟରେ ମୁଁ ଏହାଙ୍କୁ ଦଣ୍ଡ ଦେବା କଥା ବିଚାର କଲି ।

କିନ୍ତୁ ଏହା ବଡ଼ ଅନ୍ୟାୟ ଧର୍ମରାଜ । ଆପଣ ଏହାଙ୍କୁ ଦଣ୍ଡ ଦେବା ପୂର୍ବରୁ ମୁଁ ନାରାୟଣଙ୍କ ସହିତ ଦେଖାକରି ଆସେ । ମୋ ଫେରିବା ପର୍ଯ୍ୟନ୍ତ ଆପଣ ଅପେକ୍ଷା କରନ୍ତୁ ଧର୍ମରାଜ !

ଏତକ କହି 'ନାରାୟଣ' 'ନାରାୟଣ' ଉଚ୍ଚାରଣ କରି ନାରଦ ମୁନି ଯମପୁରରୁ ବୈକୁଣ୍ଠପୁରକୁ ଯିବାକୁ ବାହାରିଲେ । ବାଟରେ ଗଲାବେଳେ ମୋ ଉପରେ ତାଙ୍କର ଆଖି ପଡ଼ିଗଲା । ମୁଁ ତାଙ୍କୁ ପ୍ରଣାମ ଜଣାଇଲି । ମୋ ଆଖି ସେତେବେଳେ ଲୋତକପୂର୍ଣ୍ଣ । ମୋ ଲୋତକପୂର୍ଣ୍ଣ ନୟନକୁ ଅନାଇ ନାରଦ ମୁନି କହିଲେ, ''ମୁଁ ତୋ କଷ୍ଟ ବୁଝୁଛି ମା' । ଯମରାଜାଙ୍କ ମସ୍ତିଷ୍କ ବିଭ୍ରମ ଘଟିଛି । ତା ନହୋଇଥିଲେ ଯେ ସାରାଜୀବନରେ ଜନସେବା କରି ଆସିଛି, ତାକୁ ଶାସ୍ତି ଦେବା ପାଇଁ ଧରିଆଣିନଥାନ୍ତେ ଯମପୁରକୁ । ମୁଁ ବର୍ତ୍ତମାନ ତୋ ଦୁଃଖ ନାରାୟଣଙ୍କୁ ଜଣାଇବାକୁ ଯାଉଛି । ନାରାୟଣଙ୍କ ଆଦେଶ ପାଇଲେ ଯମରାଜ ତୁମ ସ୍ୱାମୀଙ୍କୁ ନିଶ୍ଚୟ ଛାଡ଼ି ଦେବେ ମା' ।''

ନାରଦ ମୁନିଙ୍କ କଥା କେଇପଦ ମୋ ମନରେ ଆଶା ସଞ୍ଚାର କଲା । ଅନାଇଲି ତୁମେ ସେହିଭଳି ଯମରାଜାଙ୍କ ଦରବାରରେ ଠିଆହୋଇଛ । ତୁମର ଏହି ଦୁର୍ଦ୍ଦଶା ଦେଖି ମୋତେ କାନ୍ଦମାଡ଼ିଲା । ନାରାୟଣ ଯଦି ତୁମକୁ ବର୍ତ୍ତମାନ ରକ୍ଷା ନ କରନ୍ତି, ତେବେ ଯମରାଜ ତୁମକୁ କେତେ ଅକଥନୀୟ ଦଣ୍ଡ ଦେବେ । ଯମରାଜଙ୍କ ଦଣ୍ଡ କଥା ମନରେ ଆଣିଲା ବେଳକୁ ମୋ ପ୍ରାଣବାୟୁ ଉଡ଼ିଗଲା ଭଳି ବୋଧହେଉଥାଏ ।

Digitized by srujanika@gmail.com

କିଛି ସମୟ ପରେ ନାରଦ ମୁନି କଠଉ ଠକ୍ ଠକ୍ କରି ଆସି ଯମସଭାରେ ପହଞ୍ଚିଗଲେ । ହାତରେ ଆଣିଥିଲେ ନାରାୟଣଙ୍କଠାରୁ ଏକ ଚିଠାଉ । ସେହି ଚିଠାଉଟିକୁ ସେ ଯମରାଜାଙ୍କ ହାତକୁ ବଢ଼ାଇ ଦେଲେ ।

ଯମରାଜ ନାରାୟଣଙ୍କଠାରୁ ଆସିଥିବା ଚିଠାଉଟି ପଢ଼ି ମୁଖ ବକ୍ରିତ କରି ଚିତ୍ରଗୁପ୍ତଙ୍କୁ ପଚାରିଲେ, "ଏହି ଯୁବକଙ୍କ ବିରୁଦ୍ଧରେ ଆଉ କ'ଣ କ'ଣ ଅଭିଯୋଗ ଅଛି ଚିତ୍ରଗୁପ୍ତ ?"

ଚିତ୍ରଗୁପ୍ତ ଜୀବନ ପଞ୍ଜିକାକୁ ଏପଟ ସେପଟ କରି ପ୍ରଚକ୍ଷୁକୁ ଥରକୁ ଥର ବାହାର କରି ପୋଛି ଲଗାଉ ଲଗାଉ କହିଲେ, "ନାହିଁ ହଜୁର, ଏହାଙ୍କ ବିରୁଦ୍ଧରେ ଆଉ କିଛି ଅଭିଯୋଗ ନାହିଁ । ଅନ୍ୟ ଚିକିତ୍ସକଙ୍କ ଭଳି ଏ ରୋଗୀମାନଙ୍କୁ ଅର୍ଥ ଲାଳସାରେ ଚିକିତ୍ସା କରନ୍ତିନି । ମର୍ତ୍ତ୍ୟ ଲୋକରେ ଆଜି ବହୁ ଚିକିତ୍ସକ ଚିକିତ୍ସା ଓ ଲୋକସେବା ନାଁରେ ନିରୀହ ରୋଗୀଙ୍କଠାରୁ ଅଜସ୍ର ଅର୍ଥ ନେଇ ବଡ଼ଲୋକ ସାଜୁଛନ୍ତି । ବିରାଟ ବିରାଟ କୋଠା, ବିରାଟ ବିରାଟ ମଟର ଗାଡ଼ି କରି ସେମାନେ ଆଉ କାହାକୁ ମାନୁନାହାନ୍ତି । ମଦ, ବ୍ୟଭିଚାରରେ ବୁଡ଼ିରହି ସେମାନେ ଆଉ ମଣିଷ ଭଳି ରହୁନାହାନ୍ତି । ଏମିତିକି କେତେକ ଡାକ୍ତର ସରକାରୀ ଡାକ୍ତରଖାନାରେ ରୋଗୀକୁ ଭର୍ତ୍ତି କରିବା ପାଇଁ ନାନା ପ୍ରକାର ଲାଞ୍ଚ ନେଇ ବିଭତ୍ସ କାଣ୍ଡମାନ କରୁଛନ୍ତି । ବିଭିନ୍ନ ପ୍ରକାର ଔଷଧ ତିଆରି କୋମ୍ପାନୀଙ୍କଠାରୁ ଉପହାର, ଉତ୍କୋଚ, ଉପଢ଼ୌକନ ଆଦି ଗ୍ରହଣ କରି ଅଳ୍ପ ମୂଲ୍ୟର ଔଷଧ ଦେଲେ ଯେଉଁଠି ରୋଗୀ ଭଲ ହୋଇଯିବା କଥା, ସେଠି ସେ ସବୁ କୋମ୍ପାନୀର ମୂଲ୍ୟବାନ୍ ଔଷଧ ଖାଇବାକୁ କହି ରୋଗୀମାନଙ୍କୁ ତଲାତଲାନ୍ତ କରି ପକାଉଛନ୍ତି । ଏହା ଫଳରେ ଔଷଧ କୋମ୍ପାନୀମାନେ ଅଧିକରୁ ଅଧିକ ଧନୀ ହୋଇଯାଉଛନ୍ତି । ଯେଉଁ ବଟିକା ପଛରେ ପଇସାଟିଏ ଖରଚ ହୋଇନି, ସେହି ବଟିକା ଯଦି ଟଙ୍କାଏ ଦରରେ ବିକ୍ରୟ ହୁଏ, ତେବେ ସେ କୋମ୍ପାନୀଗୁଡ଼ାକ ଧନୀ ହେବେ ନାହିଁ ତ ଆଉ କ'ଣ ହେବେ ? ମର୍ତ୍ତ୍ୟଲୋକରେ ରୋଗ ଚିକିତ୍ସା ନାଁରେ ଅଙ୍କା ହରିଲୁଟ୍ ଚାଲିଛି । ଡାକ୍ତରଖାନାର ଔଷଧ ସବୁକୁ କଳାପୋତେଇରେ ବିକିଦେଇ ରୋଗୀମାନଙ୍କ ମରଣପଥ ପରିଷ୍କାର କରି ଦେଉଛନ୍ତି ଡାକ୍ତର ମାନେ । ରୋଗୀମାନେ ଡାକ୍ତରମାନଙ୍କ ଦ୍ୱାରା ଶୋଷିତ ହୋଇ ନସ୍ୟାନ୍ତ ହୋଇଗଲେଣି । ଆଉ କେତେକ ଡାକ୍ତର ରୋଗକୁ ବଢ଼ାଇ ଦେଇ ଅଧିକ ରୋଜଗାର ଆଶାରେ ଚିକିତ୍ସା ଆରମ୍ଭ କରନ୍ତି । ପୃଥିବୀରେ ଯେଉଁ ରକ୍ତ ପିପାସୁ ପୁଞ୍ଜିପତିମାନେ ଅଛନ୍ତି, ଏମାନେ ସେମାନଙ୍କ ଦାଲାଲ ଭଳି କାମ କରନ୍ତି । ସାରା ମର୍ତ୍ତ୍ୟଲୋକରେ ବଡ଼ ବଡ଼ ମଲଟିନ୍ୟାସନାଲ ଔଷଧ କୋମ୍ପାନୀମାନଙ୍କ ଦୌରାତ୍ମ୍ୟ ଯଦି ବଢ଼ିଛି, ତେବେ ତାହାର ମୂଳରେ ଅଛନ୍ତି, ଏହି ଡାକ୍ତର-ମାନେ । ହେଲେ ଏହି ଲୋକଟି ସେହି ସବୁ ଗର୍ହିତ କାର୍ଯ୍ୟରୁ ମୁକ୍ତ । ଏ ସାରା ପୃଥିବୀରେ ସବୁ ଦେଶକୁ ଯାଇ ରୋଗୀଙ୍କର ଚିକିତ୍ସା କରନ୍ତି । କିନ୍ତୁ କେଉଁଠି ପଇସାଟିଏ ନିଅନ୍ତିନି । ପରୋପକାର ମନୋବୃତ୍ତି ଏହାଙ୍କ ଚିକିତ୍ସାର ମୂଳ ମନ୍ତ୍ର, ଅର୍ଥ ରୋଜଗାର ମୂଳମନ୍ତ୍ର ନୁହେଁ —

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ଏହିଭଳି ପଢ଼ି ଯାଉଥିବା ବେଳେ ହଠାତ୍ ଯମରାଜ ସିଂହାସନରୁ ଉଠିପଡ଼ି ତଳକୁ ଚାଲି ଆସିଲେ । "ତା ହେଲେ ଆମର ବଡ଼ିଆ ଭୁଲ ହୋଇଛି, ଚନ୍ଦ୍ରଗୁପ୍ତ ।" ଏତକ କହୁଁ କହୁଁ ସେ ତୁମ ହାତ ଧରି ପକାଇ କହିଲେ, "ଆମର ବଡ଼ ଭୁଲ ହୋଇଛି ଯୁବକ । ମୋ ଦୂତମାନେ ଭୁଲରେ ତୁମକୁ ଏଠାକୁ ନେଇ ଆସିଛନ୍ତି । ସେଥିପାଇଁ ମୁଁ ଦୁଃଖିତ ଓ ଲଜ୍ଜିତ ମଧ୍ୟ । ତୁମଭଳି ଚିକିତ୍ସକ ଯାବ୍ ବିଶ୍ୱର ଆଦର୍ଶ ।" ଏତକ କହି ସଙ୍ଗେ ସଙ୍ଗେ ଦୂତମାନଙ୍କୁ ଆଦେଶ ଦେଲେ ତୁମକୁ ମର୍ତ୍ତ୍ୟଲୋକରେ ଛାଡ଼ିଦେଇ ଆସିବା ପାଇଁ । ଯେଉଁ ବାଟରେ ନେଇଥିଲେ, ଠିକ୍ ସେଇ ବାଟରେ ଆଣି ଏଠି ଛାଡ଼ିଦେଇଗଲେ । ମୁଁ ସେମାନଙ୍କ ପଛେ ପଛେ ଯମପୁରରୁ ଏଠାକୁ ଫେରି ଆସିଲି ।"

"ମୋତେ ତ ନେଇଥିଲେ, ଛାଡ଼ି ଦେଇଗଲେ, ତୁମେ କାହିଁକି ଥରୁଥିଲ !"

"ମୋର ଡର, କାଲେ ମୋତେ ପୁଣି ନେଇଯିବେ ।"

"ତୁମେ ତ ଡାକ୍ତର ନୁହଁ, ତୁମକୁ କାହିଁକି ନେବେ ?"

"ମୋର କାଲେ କେଉଁଠି ପାପ ଥିବ, ସେଥିପାଇଁ ଯଦି ନେଇଯାନ୍ତି ।"

ମୁଁ ସେତେବେଳୁ ଭାବୁଛି ତନୁଶ୍ରୀ, ତୁମେ ଏଭଳି ଅଦ୍ଭୁତ ସ୍ୱପ୍ନ ଦେଖିଲ କାହିଁକି ? ତୁମେ ଭାରତରେ ଥିଲାବେଳେ ଏହିଭଳି ଧର୍ମମୂଳକ ଚଳଚ୍ଚିତ୍ର ବୋଧହୁଏ ଦେଖିଥିଲ, ସେଥିରେ ଏସବୁ ଯମପୁର ବୈକୁଣ୍ଠପୁର କଥା ଥିଲା । ତା ନ ହୋଇଥିଲେ ତୁମର ଯମପୁର ବର୍ଣ୍ଣନା ଏତେ ହୃଦୟଗ୍ରାହୀ ହୋଇ ନ ଥାନ୍ତା । ତୁମ ବର୍ଣ୍ଣନାରୁ ମୋତେ ବୋଧ ହେଲା ତୁମେ ସତେ ଯେମିତି ଯମପୁରକୁ ଯାଇ ବୁଲି ଆସିଛ । ତୁମର ସେ ଚଳଚ୍ଚିତ୍ର ଦେଖା ଏଣେ ମୋ ରୋଗୀ ଚିକିତ୍ସା ହଠାତ୍ ତୁମ ମସ୍ତିଷ୍କରେ ଏକତ୍ରିତ ହୋଇ ଯାଇ ଏ ସ୍ୱପ୍ନ ସୃଷ୍ଟି କରିଛି ।

× × ×

"ତନୁଶ୍ରୀ, ତନୁଶ୍ରୀ" ଡାକୁ ଡାକୁ ଅତନୁ ଶୋଇବା ଘର ଭିତରକୁ ପଶିଆସିଲା । ତନୁଶ୍ରୀ ସେତେବେଳେ ଶୋଇବା ଘରେ ବସି ତକିଆ ଖୋଳ ଉପରେ ରେଶମ ସୂତାରେ ଏକ ଫୁଲ ପକାଉଥିଲା । ଫୁଲଟି ଦେଖିବାକୁ ଏଡ଼େ ସୁନ୍ଦର ହୋଇଥାଏ ଯେ ଅତନୁ ଦେଖୁ ଦେଖୁ ଖୁସି ହୋଇ କହିଲା, "ତୁମକୁ ଏଡ଼େ ସୁନ୍ଦର ହାତକାମ ଆସେ, ମୁଁ ଜାଣି ନଥିଲି ତନୁଶ୍ରୀ । ତୁମ ଭିତରେ ଯେଉଁ ସବୁ ଲୁକ୍କାୟିତ ପ୍ରତିଭା ଅଛି ତାକୁ ଆବିଷ୍କାର କରିବାକୁ ମୋତେ ତେର ଦିନ ଲାଗିଯିବ ଦେଖୁଛି ।"

"ଥାଉ ଥାଉ, ମୋତେ ଏତେ ଟେକନା । କ'ଣଟାଏ କରିଦେଲି ଯେ ଏତେ ପ୍ରଶଂସା ଅଜାଡ଼ି ପକାଉଛ । ଆଜି ଏତେ ଶୀଘ୍ର କେମିତି ଇନ୍‌ଷ୍ଟିଚ୍ୟୁଟ୍‌ରୁ ଚାଲି ଆସିଲ ମୁଁ ଶୁଣେ ।"

Digitized by srujanika@gmail.com

'ନାହିଁ' ଆଜି ଉପରଓଳି ମୋର କିଛି ଅପରେସନ ନଥିଲା । ତେଣୁ ଭାବିଲି ଏଠି ବସି ଲାଭ କଅଣ ? ତେରଦିନ ହେଲା ଆମେ କୁଆଡ଼େ ବୁଲି ଯାଇନାହାନ୍ତି । ଆଜି ଯେଉଁଏ ବୁଲି ଆସିଲେ ଭଲ ଲାଗିବ । ତୁମକୁ ବସି ବସି ବିରକ୍ତିଆ ଲାଗିଯିବଣି । ଚାଲ ଆଜି କୁଆଡ଼େ ବୁଲିଯିବା । କୁଆଡ଼େ ଯିବା କହିଲ ତନୁଶ୍ରୀ ?

ତୁମେ ଯେଉଁଆଡ଼େ ନେବ !

ହେଉ, ରନ୍ଧାବଢ଼ା ସରିଯିବଣି ବୋଧହୁଏ । ସାନ୍ଧ୍ୟ ଭୋଜନ ଖାଇ ଦେଇ ବାହାରି ପଡ଼ିବା । କ'ଣ କହୁଛ ତମେ ?

"ହେଉ, ମଣିମାଙ୍କର ଯେ ଇଚ୍ଛା । ତୁମେ ବାଥ୍ ରୁମ୍‌ରୁ ଆସ । ମୁଁ ଡାଇନିଂ ଟେବୁଲ ଉପରେ ବାଢ଼ୁଛି । ଦେଖ, ବେଶି ଡେରି କରିବନି ।

ଅତନୁ ଆଉ ତନୁଶ୍ରୀ ସାନ୍ଧ୍ୟ ଭୋଜନ ଶେଷ କରି ବାହାରୁଛନ୍ତି ହଠାତ୍ ଡକ୍ଟର ପଟ୍ଟନାୟକ ତାଙ୍କ ବନ୍ଧୁ ଘରୁ ଫେରିଆସିଲେ । ପୁଅ ବୋହୂଙ୍କୁ ପୋଷାକପତ୍ର ପିନ୍ଧି ବାହାରୁ ଥିବାର ଦେଖି ଡକ୍ଟର ପଟ୍ଟନାୟକଙ୍କ ମନ ଭାରି ଖୁସି ହୋଇଗଲା । ପିଲାଟା ଦିନସାରା ଖଟି ଖଟି ଯାଉ ଟିକିଏ ବାହାରେ ବୁଲିଆସୁ । ଖାଲି କାମ କାମ ବୋଲି ତ ସବୁବେଳେ ରୋଗ ଚିକିତ୍ସା ପଛରେ ଧାଉଁଛି । ବୁଲାବୁଲି କଅଣ, ମନଫୁର୍ତ୍ତି କ'ଣ ଟିକିଏ ବି ଜାଣିଲାନି । ଭାଗ୍ୟକୁ ଏମିତ ବୋହୂଟିଏ ଜୁଟିଲା ଯେ ସେ ମଧ୍ୟ ବାହାରକୁ ଯିବାକୁ ଆଗଭର ନୁହେଁ । ଏମାନେ ସାରାଜୀବନ ଆମେରିକାରେ କଟାଇବେ, ଅଥଚ ଏଠାକାର ସମାଜରେ ମିଶିପାରୁନାହାନ୍ତି । ଆମେରିକାନ୍‌ମାନଙ୍କ ସଂସ୍କୃତି ପଦ୍ଧତି ନିଜକୁ ସାମିଲ୍ କରି ପାରୁ ନାହାନ୍ତି । ସାଙ୍ଗସାଥୀ ସାଇ ପଡ଼ିଶାଙ୍କ ମେଳରେ ନ କଟାଇଲେ ଜୀବନଟା ବିରକ୍ତିଆ ନ ହୋଇ କ'ଣ ରହିବ ? ଆମେରିକାରେ ଜୀବନଧାରଣ ପ୍ରଣାଳୀ ଦେଖି ବୋହୂଟା ଗୁଳିଆ । ସବୁବେଳେ ଦୂରରେ ରହୁଛି । ପୁଅ ତ ମୂଳରୁ ଏମାନଙ୍କ ସଂସ୍କୃତିକୁ ପସନ୍ଦ କରିନି, ଆଉ ବୋହୂ କେମିତି ବା କରିବ ? କମ୍ପ୍ୟୁଟର ତ ସମାନ ମନୋବୃତ୍ତି ଦେଖି ବାଛିଛି । ଆଉ ଦିହେଁ ଅଲଗା ହେବେ କେମିତି ?

ଡକ୍ଟର ପଟ୍ଟନାୟକଙ୍କଠାରୁ ବିଦାୟ ନେଇ ପୁଅବୋହୂ ବୁଲି ବାହାରିଗଲେ । ଅତନୁ ଗାଡ଼ିରେ ଦିହେଁଯାକ ଯାଉଥାନ୍ତି । ଅତନୁ ଗାଡ଼ି ଚଳାଉଥାଏ ।

ବାଟରେ ଯାଉଁ ଯାଉଁ ଅତନୁ ପଚାରିଲା, "ଆଜି କେଉଁ ଆଡ଼କୁ ବୁଲିଯିବା କହିଲ ତନୁଶ୍ରୀ ।"

"ମୁଁ ଜାଣେ, ତୁମେ ଆଜି ମୋତେ କେଉଁଠିକି ନେବ ?"

"ତୁମେ ଆଜି ଯେଉଁ କଡ଼ା ପୋଷାକ ପିନ୍ଧିଛ ନା, ଭାରି ସୁନ୍ଦର ଦିଶୁଛ । ଚାଲ ଆଜି ନଉବ୍ରାନସ୍‌ଉଇକ୍ ନାଇଟ କ୍ଲବକୁ ଯିବା ।"

"ନାଇଟ କ୍ଲବ୍‌ରେ କ'ଣ ହୁଏ ? ଖେଳାଖେଳି, କଥାବାର୍ତ୍ତା ଏହିସବୁ ତ ?"

Digitized by srujanika@gmail.com

"ଖାଲି ସେତିକି ନୁହେଁ, ପିଆପିଇ, ନାଚ ତାମସା ହେଲା ପ୍ରଧାନ । ଗୀତ ବାଜୁଥିବ, ମିଉଜିକ୍ ଚାଲୁଥିବ, ସେଥିସହିତ ତାଳ ଦେଇ ଯୋଡ଼ ଯୋଡ଼ ହୋଇ ଯୁବକ ଯୁବତୀମାନେ ନାଚୁଥିବେ । ତୁମକୁ ସେଠି କେମିତି ଲାଗିବ ଜାଣିନି । ମୁଁ ଆଜକୁ ପାଞ୍ଚ ଛଅ ବର୍ଷ ହେଲା ସେ ଆଡ଼କୁ ଯାଇନି ।

ଅତନୁ କାରକୁ ଯଥା ସ୍ଥାନରେ ପାର୍କ କରିଦେଇ ତନୁଶ୍ରୀକୁ ଧରି ନାଇଟ୍ କ୍ଲବ୍ ହଲ ଭିତରକୁ ପଶିଲା । ଅତନୁ ଆଉ ତନୁଶ୍ରୀକୁ ଦେଖି ହଠାତ ନାଚ ବନ୍ଦ ହୋଇଗଲା । 'ହାଏ, ଅତନୁ', 'ହାଏ, ଅତନୁ' କହି ନାଚୁଥିବା ଝିଅଙ୍କ ଭିତରୁ କେତେଜଣ ନାଚ ଛାଡ଼ିଦେଇ ଅତନୁପାଖକୁ ଦୌଡ଼ି ଆସିଲେ । ଅତନୁ ପାଖରେ ତନୁଶ୍ରୀକୁ ଠିଆହୋଇଥିବାର ଦେଖି ସେମାନଙ୍କ ପାଟିରୁ ବାହାରି ପଡ଼ିଲା, "ଆଃ ! ତନୁଶ୍ରୀ କେତେ ସୁନ୍ଦର ଅତନୁ ? ସତେ ଯେମିତି ସ୍ୱର୍ଗରୁ ଓହ୍ଲାଇ ଆସିଥିବା ସାକ୍ଷାତ ପରୀଟିଏ । କି ସୁନ୍ଦର ତା ରୂପ, କି ସୁନ୍ଦର ତା ପୋଷାକ ?

ଏତେ ଲୋକଙ୍କ ସାମନାରେ ନିଜ ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣି ବଡ଼ ଲଜ୍ଜିତ ହୋଇପଡ଼ିଲା ତନୁଶ୍ରୀ । ଝିଅଙ୍କ ଭିତରୁ ଜଣେ ଅତନୁର ହାତଧରି ଟାଣିଟାଣି କହିଲା, "ତୁମେ କିଛି ମନେ କରିବନି ଅତନୁ, ମୁଁ ଯଦି ତୁମ ସହିତ ନାଚେ ?" ଏତିକି କହି ଝିଅଟି ଟାଣି ନେଇଗଲା ଅତନୁକୁ ନାଚ ଭିତରକୁ । ଅତନୁକୁ ଦେଖି ମିଉଜିକ୍ ଯାହା ବନ୍ଦ ହୋଇଯାଇଥିଲା ପୁଣି ଆରମ୍ଭ ହେଲା । ଅନ୍ୟମାନେ ତାଳ ଦେଇ ପୁଣି ନାଚିଲେ । ଅତନୁ ବାଧ୍ୟ ହୋଇ ଝିଅଟି ସହିତ ନାଚିଲା ।

ଝିଅଟି ଦୁଇଗୀତ ଯେବେ ନାଚିଛି କି ନାହିଁ, ଆଉ ଗୋଟିଏ ଝିଅ ଯାଇ ସେଠି ପହଞ୍ଚି କହିଲା, "ତୁ ଅତନୁକୁ ଛାଡ଼ି ଦେ, ଲିନା, ମୁଁ ଟିକିଏ ନାଚେ ।"

ଏହି ଯେଉଁ ଝିଅଟି ଲିନାକୁ ଅନୁରୋଧକଲା, ସେ ହେଉଛି ନାଇଟ କ୍ଲବ୍ ମାଲିକଙ୍କ ଝିଅ ଲିନା । ଏକ ସମୟରେ ସେ ଥିଲା ଅତନୁର ଜଣେ ବାନ୍ଧବୀ । ସେ ଇତି ମଧ୍ୟରେ ବାହା ହୋଇଗଲାଣି । ନିଜ ସ୍ୱାମୀଙ୍କୁ ଧରି ନାଚୁ ନାଚୁ ଅତନୁକୁ ଦେଖି ତା ସହିତ ନାଚିବା ପାଇଁ ଦୌଡ଼ିଆସିଲା ଲିନା । ଲିନାର ଆଗ୍ରହଦେଖି ଅତନୁକୁ ଛାଡ଼ିଦେଇ ତା ସ୍ୱାମୀ ସହିତ ନାଚିବାକୁ ଚାଲିଗଲା ଲିନା । ଏହି ଝିଅମାନଙ୍କ ସହିତ ଅତନୁକୁ ନାଚିବାର ଦେଖି ତନୁଶ୍ରୀର ଗୋଟାସାରା ଦେହ ରାଗରେ ଜଳିବାକୁ ଆରମ୍ଭ କଲାଣି ।

ତନୁଶ୍ରୀକୁ ଏକୁଟିଆ ଠିଆହୋଇଥିବାର ଦେଖି ନାଚୁଥିବା ଝିଅଟିର ସ୍ୱାମୀ ଆସି ତନୁଶ୍ରୀକୁ ଭଦ୍ରାମିର ସହିତ ଅନୁରୋଧକଲା ତା ସହିତ ନାଚିବାପାଇଁ । ତନୁଶ୍ରୀର ଦେହ ତ ଏହିସବୁ କାଣ୍ଡ ଦେଖି ଏକ ରକମ ଗରମ ହୋଇଯାଇଥିଲା । ବର୍ତ୍ତମାନ ଏହି ଅନୁରୋଧରେ ତାର ଗୋଟାସାରା ଦେହ ହୁ-ହୁ ହୋଇ ଜଳିବାକୁ ଆରମ୍ଭକଲା । ସେ ଏଠୁ କେମିତି ଅତନୁକୁ ଧରି ପଳାଇବ, ସେହି ଚିନ୍ତାରେ ରହିଲା । ଅତନୁ ତନୁଶ୍ରୀର ଏଭଳି ମନୋଭାବ ଦେଖି ମନେ ମନେ ଟିକେ ଭୟ ପାଇଯାଇଥିଲା । ସେ ନାଚୁଥିବା ଝିଅଟିକୁ ଛାଡ଼ିଦେଇ ତନୁଶ୍ରୀକୁ ଆସି

Digitized by srujanika@gmail.com

ଅନୁରୋଧ କଲା ତା' ସହିତ ନାଚିବା ପାଇଁ । ତନୁଶ୍ରୀ ରାଗରେ ଏତେ ଜଳୁଥାଏ ଯେ ତା ପାଟିରୁ କିଛି ଭାଷା ବାହାରୁନଥାଏ, କି ଅତନୁର ନାଚିବାପାଇଁ ଅନୁରୋଧ ତା'କୁ ଶୁଭୁନଥାଏ । ତା ମନହେଉଥାଏ ସେ ତା ଗୋଡ଼ରୁ ଚଟି କାଢ଼ି ତାକୁ ନାଚିବାପାଇଁ ଡାକୁଥିବା ସେଇ ଝିଅଟିର ସ୍ୱାମୀକୁ ପିଟନ୍ତାକି ।

ତନୁଶ୍ରୀର ଏହିଭଳି ମନୋଭାବ ଦେଖି ଅତନୁ ଭାବିନେଲାଣି ତନୁଶ୍ରୀ ରାଗରେ ଫଁ ଫଁ ହେଉଛି । ରାଗମାତ୍ରା ଆଉ ଟିକେ ବଢ଼ିଗଲେ କାଳେ ସେ ଏଠି ସମସ୍ତଙ୍କ ଆଗରେ କିଛି ଗୋଟାଏ କାଣ୍ଡ କରିପକାଇବ, ଏହି ଭୟରେ ସେ ତାକୁ ସେଠୁ ନେଇ ପଳାଇବାପାଇଁ ଠିକ୍ କଲା । ଅତନୁ ଯେତେବେଳେ ତନୁଶ୍ରୀକୁ ଧରି ନାଚ ଘରୁ ପଳାଉ ଆସୁଥିଲା ନାଚୁଥିବା ଝିଅମାନେ ନହସି ରହି ପାରିଲେନି । କେତେକଙ୍କ ପାଟିରୁ ବାହାରିପଡ଼ିଲା ଭାରତୀୟମାନଙ୍କୁ ଏହି ନାଚ ସୁହାଏ ନି । ସେମାନେ ନାଚିବେ କଣ ? ସେମାନଙ୍କ ଏହି ହାସ୍ୟୋକ୍ତି ତନୁଶ୍ରୀ କାନରେ ଯେ ନବାଜିଲା ତା ନୁହେଁ । ସେ ଏହି କଥା କେଇ ପଦରେ ଆହୁରି ରାଗିଗଲା ।

କାର୍‌ରେ କିଛି ଦୂର ଆସିଲା ପର୍ଯ୍ୟନ୍ତ ତନୁଶ୍ରୀର ରାଗର ମାତ୍ରା କିଛି କମି ନଥାଏ । ତନୁଶ୍ରୀର ରାଗ କେମିତି ଶାନ୍ତହେବ, ତାହା ହିଁ ଥାଏ ଅତନୁର ଚିନ୍ତା । ଗାଡ଼ି ଚଳାଉ ଚଳାଉ ଡାହାଣ ହାତକୁ ତନୁଶ୍ରୀ କାନ୍ଧଉପରେ ରଖିଛି କି ନାହିଁ, ତନୁଶ୍ରୀ ହାତଟାକୁ କାନ୍ଧ ଉପରୁ ଠେଲି ଦେଲା । ଆହୁରି କିଛି ବାଟ ଗଲା ପରେ ସେ ପୁଣିଥରେ ତନୁଶ୍ରୀର କାନ୍ଧଉପରେ ହାତ ରଖି ତନୁଶ୍ରୀକୁ ନିଜ ଆଡ଼କୁ ଟାଣିନେଇ କହିଲା, "ମୋର ବଡ଼ ଭୁଲ ହୋଇଛି, ତନୁଶ୍ରୀ, ତୁମେ ଏତେ ରାଗିବ ବୋଲି ମୁଁ ଜାଣିନଥିଲି ।"

"ନା, ମୁଁ ରାଗିବି କାହିଁକି ? ମଜା ଲାଗୁଛି ମୋତେ ଦେଖିବାକୁ ।"

"କେଉଁଠି କଣ ଭୁଲ ହୋଇଗଲା ଯେ ତୁମେ ଏତେ ରାଗୁଛ ?"

"ନା ରାଗିବି କାହିଁକି ? ମୋ ଆଖି ସାମନାରେ ତୁମେ ଅନ୍ୟ ଜଣେ ଲୋକର ସ୍ତ୍ରୀକୁ ନେଇ ନାଚିବ, ମୁଁ ସହ୍ୟ କରିବି କେମିତି କହିଲ ? ଆମ ସଂସ୍କୃତି କହୁଛି, 'ମାତୃବତ୍ ପର ଦାରେଷୁ ।' ସେଠି, ତୁମେ ତାକୁ ନିଜ ସ୍ତ୍ରୀକୁ ନେଇ ନାଚିଲା ଭଳିଆ ନାଚିବ । ମୋତେ ରାଗ ମାଡ଼ିବ ନାହିଁ ତ କ'ଣ ଖୁସି ଲାଗିବ ?"

"ସେହି ଝିଅଟିର ସ୍ୱାମୀ ତୁମ ସହିତ ନାଚିବା ପାଇଁ ଡାକିଲା, ତୁମେ ଗଲନାହିଁ କାହିଁକି ଯେ ?"

"ବାଃ ବଢ଼ିଆ କଥା । ତୁମେ ନାଚିବ ଅନ୍ୟ ଜଣଙ୍କର ସ୍ତ୍ରୀକୁ ନେଇ । ତୁମ ସ୍ତ୍ରୀ ନାଚିବ ଆଉ ଜଣେ ପୁରୁଷକୁ ନେଇ । ଏହା ନାଚଘର ନା ବେଶ୍ୟାଘର ?"

ହସିଲା ଅତନୁ । "ଏ ଦେଶରେ ଜଣେ ସ୍ତ୍ରୀ ଅନ୍ୟ ଜଣେ ପୁରୁଷ ସହ ମିଶି ନାଚିଲେ କିଛି କ୍ଷତି ହୁଏ ନାହିଁ ତନୁଶ୍ରୀ । ଏହା କିଛି ଖରାପ କଥା ନୁହେଁ । ଏହାପରା ଏହି ଦେଶର ସଂସ୍କୃତି ।"

Digitized by srujanika@gmail.com

"ନା ଖରାପ କଥା ହେବ କେମିତି ? ଯେଉଁ ପୋଷାକ ତ ପିନ୍ଧୁଛନ୍ତି ଗୁଡ଼ା, ଦେହର ସବୁ କିଛି ଦିଶୁଛି । ସେଥି ସହିତ ତୁମ ଗୁଡ଼ି ସହିତ ସେମାନଙ୍କ ଅଧାଲଙ୍ଗଳା ଗୁଡ଼ିକୁ ଭିଡ଼ି ନାଚିବେ । କହିବ କଣନା କିଛି କ୍ଷତି ନାହିଁ, ଏହା ଏ ଦେଶ ସଂସ୍କୃତି । ଏ ଦେଶ ସ୍ତ୍ରୀ ଲୋକ ଗୁଡ଼ା କେତେ ବେସରମ । ତୁମେ ତ ସେମାନଙ୍କ ସହିତ ବେଶ୍ ନାଚିପାରୁଛ । ସେମାନଙ୍କ ଭିତରୁ ଜଣକୁ ଧରିଲନି କାହିଁକି ? ବାର ହଜାର ମାଇଲ ଦୂରରୁ ମୋତେ ଡାକିଆଣି ବିବାହ ହେଉଥିଲ କିଆଁ ? ସେ ଝୋକାଝାର ତ କମ୍ ସାହସ ନୁହେଁ, ମୋତେ ଡାକୁଛି ତା ସହିତ ନାଚିବା ପାଇଁ । ମନ ହେଉଥିଲା ଗୋଡ଼ରୁ ଚଟି କାଢ଼ି ତା ଗାଲ ଦି'ଟାକୁ ସିଝାଇ ଦେଇଥାନ୍ତି ।

ହସିଲା ଅତନୁ, "ଥାଉ ଥାଉ, ଆଉ ଏତେ ରାଗନି ତନୁଶ୍ରୀ । ମୋର ଭୁଲ ହୋଇଛି । ମୋର ବର୍ତ୍ତମାନ ବଡ଼ ଚିନ୍ତା ତୁମେ ଯେତେବେଳେ ଏ ଦେଶରେ ସବୁଦିନ ପାଇଁ ରହିବ, ସେମାନଙ୍କଠାରୁ ଦୂରେଇ ରହି ତୁମେ କେମିତି ଚଳିବ ଶୁଣେ ?

ମୁଁ ବେଶ୍ ଚଳିପାରିବି । ସେଥିପାଇଁ ତୁମେ ମଥା ଖେଳାଇବା ଦରକାର ନାହିଁ । ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଧରି ଏ ଦେଶରେ କେମିତି ଚଳିହେବ ମୋତେ ବେଶ୍ ଭଲଭାବେ ଜଣା । ତମର ଯଦି ଅସୁବିଧା ହେଉଛି, ତେବେ ତୁମେ ଯାଉନ ସେହି ଛତଶାଙ୍କ ସହିତ ନାଚିବ । ଏ ନାଚ ନା ବେଶ୍ୟା ଘର ଆଖଡ଼ା । କମ୍ ସାହସ ନୁହେଁ ଛତଶାଙ୍କର । ନିଜ ସ୍ୱାମୀଙ୍କୁ ଛାଡ଼ି ଅନ୍ୟ ସ୍ୱାମୀଙ୍କ ସହିତ ନାଚିବାକୁ ଦୌଡ଼ି ଆସୁଛନ୍ତି ।

Digitized by srujanika@gmail.com

ଆଠ

ନିଉୟର୍କ ଏୟାରପୋର୍ଟରୁ ଅତନୁ, ତନୁଶ୍ରୀ, ଡକ୍ଟର ପଟ୍ଟନାୟକ ଓ ଫାଦରଙ୍କୁ ନେଇ ଏକ ସ୍ପେସିଆଲ ଉଡ଼ାଜାହାଜ ଭାରତ ଅଭିମୁଖେ ଯାତ୍ରାକଲା । ଜାହାଜଟି ନାଏସଲର ଫାଉଣ୍ଡେସନର । କ୍ୟାନସର ଚିକିତ୍ସା ପାଇଁ ବାହାରକୁ ଯିବାକୁ ହେଲେ ନାଏସଲର ଫାଉଣ୍ଡେସନ ଏହି ଉଡ଼ାଜାହାଜଟିକୁ ଅତନୁର ବ୍ୟବହାରରେ ଛାଡ଼ିଦିଅନ୍ତି । ଏହି ଜାହାଜର ଯିବାଆସିବା ଖର୍ଚ୍ଚ ଫାଉଣ୍ଡେସନ ବହନ କରେ । ଅତନୁ ଏହି ଜାହାଜରେ ପୃଥିବୀର ଯେ କୌଣସି ଅଂଶକୁ କ୍ୟାନସର ଚିକିତ୍ସାପାଇଁ ଯାଇ ଫେରି ଆସିପାରେ । ଏହା ଏକ ଦାତବ୍ୟ ବ୍ୟବସ୍ଥା ହୋଇଥିବାରୁ ଯେଉଁ ଲୋକର ଚିକିତ୍ସା ପାଇଁ ଏହି ଉଡ଼ାଜାହାଜ ବ୍ୟବହୃତ ହୁଏ ସେହି ଲୋକକୁ ଏହି ଉଡ଼ାଜାହାଜର ଖର୍ଚ୍ଚ କିଛି ବହନ କରିବାକୁ ପଡ଼େନି । ପର ଉପକାର ପାଇଁ ଉଦ୍ଦିଷ୍ଟ ନାଏସଲର ଫାଉଣ୍ଡେସନ ଏହାର ସମସ୍ତ ଖର୍ଚ୍ଚ ବହନ କରିଥାଏ ।

ସବୁ ପ୍ରକାର କର୍କଟ ରୋଗ ପାଇଁ ଯେ ଏ ଉଡ଼ାଜାହାଜ ବ୍ୟବହୃତ ହୋଇପାରିବ ଓ ଅତନୁ ଯେ ବାହାରକୁ ଯାଇପାରିବ ତା'ବି ନୁହେଁ । ରୋଗର ଗୁରୁତ୍ୱ ଦେଖି ବିଚାର କରିବାକୁ ପଡ଼ୁଥାଏ । ତେବେ ସେ ସମ୍ପର୍କୀୟ ସିଦ୍ଧାନ୍ତ ନେବା ଅତନୁ ଉପରେ ନ୍ୟସ୍ତ । ପୃଥିବୀର ବିଭିନ୍ନ କୋଣରୁ ଅତନୁକୁ ଯିବା ପାଇଁ ନାଏସଲର ଇନ୍‌ଷ୍ଟିଚ୍ୟୁଟ୍‌କୁ ଅନୁରୋଧ ଆସେ । କେଉଁଠାକୁ ଅତନୁ ଯିବ, ତାହା ନିର୍ଭର କରେ ରୋଗର ବର୍ଣ୍ଣନା, ରୋଗର ଉପଯୁକ୍ତ ଚିକିତ୍ସା କରୁଥିବା ଡାକ୍ତରଙ୍କ ନିବେଦନ ଉପରେ । ଧନୀ ନିର୍ଦ୍ଧନ, ଶିକ୍ଷିତ, ଅଶିକ୍ଷିତ, ସଭ୍ୟ, ଅସଭ୍ୟ କିଛି ବାଛ ବିଚାର ନାହିଁ । ସବୁ ଆଡ଼କୁ ଗଲେ ଏଠା ଅନୁଷ୍ଠାନ ଚଳିବ ନାହିଁ, ତେଣୁ ସବୁ ଦିଗରୁ ବିଚାର କରି କେଉଁଠାକୁ ଯିବ, କେଉଁଠାକୁ ଯିବ ନାହିଁ, ଠିକ୍ କରେ ନିଜେ ଅତନୁ ।

ଉଡ଼ାଜାହାଜଟି ନିଉୟର୍କରୁ ବାହାରି ଲଣ୍ଡନ୍, ପ୍ୟାରିସ୍ ଦେଇ ରୋମ ଯିବ । ରୋମ୍‌ରୁ ସିଧାସଳଖ ବମ୍ବେ । ଆଉ ବାଟରେ ଅଟକିବା ଦରକାର ନାହିଁ । ଏପଟେ ତେଲ ପାଇଁ ବି ନୁହେଁ । ଫାଦର୍‌ଙ୍କ ଇଚ୍ଛା ଗଲାବେଳେ ରୋମରେ ଅନ୍ତତଃ ୭।୮ ଘଣ୍ଟା ରହିବେ । ତାରି ଭିତରେ ଫାଦର୍ ଯାଇ ଭାଟିକାନ ସିଟିରେ ପୋପଙ୍କ ସହ ସାକ୍ଷାତ କରି ଚାଲି ଆସିବେ । ପୋପ ହେଲେ ଫାଦର୍‌ଙ୍କ ରୋମାନ କ୍ୟାଥଲିକ ଜଗତର ଶ୍ରେଷ୍ଠ ଗୁରୁ । ତାଙ୍କ ଦର୍ଶନ ଓ ଆଶୀର୍ବାଦ ନନେଇ ସେ ରୋମ ଛାଡ଼ିବେ ବା କେମିତି ? ତନୁଶ୍ରୀର ମଧ୍ୟ ଇଚ୍ଛା ରୋମ ଦର୍ଶନ କରିବ । ଇଂରାଜୀରେ ଏମ୍. ଏ. ପଢ଼ିବାବେଳେ ରୋମ ସମ୍ପର୍କରେ ସେ ବହୁ ପ୍ରାଚୀନ ଲେଖାମାନ

Digitized by srujanika@gmail.com

ପଡ଼ିଛି । ସେ ତା ପ୍ରିୟ ରୋମକୁ ଥରେ ମାତ୍ର ଆଖିରେ ନ ଦେଖିଲେ ନହୁଏ । ଡାକ୍ତର ପଟ୍ଟନାୟକ, ରୋମକୁ ବହୁବାର ଆସିଛନ୍ତି । ତାଙ୍କୁ ରୋମର ରାସ୍ତାଘାଟ ସବୁ କିଛି ଜଣା । ତେବେ ରୋମରେ ତାଙ୍କର କେତେଜଣ ବନ୍ଧୁଙ୍କୁ ଭେଟିବା ତାଙ୍କର ଇଚ୍ଛା । ଯେତେବେଳେ ରୋମରେ କିଛି ସମୟ ଅଟକିବା ସମସ୍ତଙ୍କ ଇଚ୍ଛା, ଉଡ଼ାଜାହାଜ ରୋମରେ ନ ଅଟକୁଛି ବା କେମିତି ?

ଯଥା ସମୟରେ ଉଡ଼ାଜାହାଜ ରୋମ ଉଡ଼ାଜାହାଜ ଘାଟିରେ ଓହ୍ଲାଇଲା । ରୋମରେ ସାତ ଅ.୦ ଘଣ୍ଟା ରହିବା ପରେ ସେମାନେ ରୋମ ଛାଡ଼ିବେ ସନ୍ଧ୍ୟା ସାତଟାରେ । କଥା ହୋଇଥାଏ, ଡାକ୍ତର ପଟ୍ଟନାୟକ ତାଙ୍କ ବନ୍ଧୁଙ୍କୁ ଭେଟିବାକୁ ରୋମ ସହର ଭିତରକୁ ଯିବେ । ଫାଦର୍ ପୋପ୍‌ଙ୍କୁ ଭେଟିବା ପାଇଁ ଭାଟିକାନ ଯିବେ । ତନୁଶ୍ରୀକୁ ରୋମ ସହର ଦେଖାଇ ନେବ ଅତନୁ । ତେଣୁ ଉଡ଼ାଜାହାଜରୁ ଓହ୍ଲାଇଲା ବେଳେ ଆଗେ ଅତନୁ ତା ପଛକୁ ତନୁଶ୍ରୀ, ତା ପଛକୁ ଡାକ୍ତର ପଟ୍ଟନାୟକ ଓ ସବା ପଛରେ ଥାଆନ୍ତି ଫାଦର୍ । କଥା ହୋଇଥାଏ ନିଜ ନିଜ କାମ ଶେଷକରି ଉଡ଼ାଜାହାଜଠାକୁ ସମସ୍ତେ ଠିକ୍ ସମୟରେ ଫେରିଆସିବେ । ଅତନୁ ଆଉ ତନୁଶ୍ରୀ କଷ୍ଟମସ୍ ଗେଟ୍ ପାଖରେ ପହଞ୍ଚିଲାବେଳକୁ ସେମାନଙ୍କୁ ସ୍ୱାଗତ କରିବା ପାଇଁ ରୋମ୍ ମେଡ଼ିକାଲ କଲେଜର କ୍ୟାନସର ବିଶେଷଜ୍ଞ ଡକ୍ଟର ଗୁଲେଟି ଅପେକ୍ଷା କରିଥାଆନ୍ତି । ଡକ୍ଟର ଗୁଲେଟିଙ୍କ ସହିତ ଅତନୁର ଆଗରୁ ପରିଚୟ ଥିଲା । ବିଭିନ୍ନ କ୍ୟାନସର କନଫରେନ୍ସରେ ସେମାନଙ୍କର ଦେଖା ସାକ୍ଷାତ୍ ଓ ପରିଚୟ । ଡକ୍ଟର ଗୁଲେଟି ଏକ ଦକ୍ଷ କ୍ୟାନସର ବିଶେଷଜ୍ଞ ଭାବରେ ପୃଥିବୀ ପ୍ରସିଦ୍ଧ । ଗୁଲଟିଙ୍କୁ ଦେଖି ଅତନୁ ଜାଣିପାରିଲା ନାହିଁ ସେ ଆସୁଛି ବୋଲି ଏମାନେ ଜାଣିଲେ କେମିତି ? ଗୁଲେଟିଙ୍କ ସହିତ ତାଙ୍କର ବହୁତ ସହକାରୀ ମଧ୍ୟ । ସେମାନଙ୍କ ସବିଶେଷ ଅନୁରୋଧ—ସେମାନଙ୍କ ସହିତ ରୋମ ମେଡ଼ିକାଲ କଲେଜ ହସ୍ପିଟାଲକୁ ଯିବାପାଇଁ । ଇଟାଲୀର ପ୍ରଧାନ ମନ୍ତ୍ରୀଙ୍କ ସାନ ଭାଇ କ୍ୟାନସର ରୋଗରେ ଆକ୍ରାନ୍ତ । ସେମାନେ ଉପରଓଳି ଫ୍ଲାଇଟ୍‌ରେ ଆମେରିକା ନେଇ ଯିବା ପାଇଁ ସ୍ଥିର କରି ଅତନୁଙ୍କ ପାଖକୁ ଫୋନ୍ କରିଥିଲେ । ସେମାନେ ଇନ୍‌ଷ୍ଟିଚ୍ୟୁଟରୁ ଖବର ପାଇଲେ ଯେ ଅତନୁ ଗତ ରାତିରେ ଆମେରିକା ଛାଡ଼ିଛି ଏକ ସ୍ପେଶାଲ ପ୍ଲେନ୍‌ରେ ବମ୍ବେ ଅଭିମୁଖେ । ତାଙ୍କ ପ୍ଲେନ୍ ରୋମରେ କିଛି ସମୟ ରହିବ ବୋଲି ସେମାନେ ଏୟାର୍‌ପୋର୍ଟରୁ ଖବର ପାଇ ତାଙ୍କୁ ସାକ୍ଷାତ୍ କରିବାପାଇଁ ଧାଇଁ ଆସିଛନ୍ତି । ରୋଗ ଅତି ଗୁରୁତର । ଅପରେସନ ଛଡ଼ା ଅନ୍ୟ ଉପାୟ ନାହିଁ । ଅତନୁ ନ ଦେଖିଲେ ନହୁଏ । ପ୍ରଧାନ ମନ୍ତ୍ରୀଙ୍କ ପ୍ରାଇଭେଟ୍ ସେକ୍ରେଟେରୀ ଅତନୁଙ୍କୁ ନେବାକୁ ଆସିଥାଆନ୍ତି ।

ଗେଟ୍ ପାଖରେ ଏମାନଙ୍କ ଭିଡ଼ ଦେଖି ହସିଲା ଅତନୁ । "ମୁଁ ତ ଯୁଆଡ଼େ ଗଲେ ଆପଣମାନେ ଜାଣିପାରୁଛନ୍ତି, ମୁଁ ଆଉ କଣ କରିବି ? ଆପଣମାନେ କଣ ଭାବୁଛନ୍ତି ମୁଁ ଦେଖିଦେଲେ ରୋଗ ଭଲ ହୋଇଯିବ ? ଦେଖନ୍ତୁ ମୁଁ ରୋମରେ ୭/୮ ଘଣ୍ଟାରୁ ଅଧିକ ସମୟ

Digitized by srujanika@gmail.com

ରହିପାରିବନି । ଆପଣମାନଙ୍କ ଯଦି ଏତେ ଜିଦ୍ ତାହା ଭିତରେ ମୁଁ ରୋଗୀକୁ ଦେଖିଦେଇପାରେ । ଏହାର ଅପରେସନ୍ ଆଦି କେମିତି ହେବ କହିଦେଇ ଦେଇପାରେ । କିନ୍ତୁ ମୁଁ ନିଜେ ଅପରେସନ କରିପାରିବି ନାହିଁ । ଦେଖୁଛନ୍ତି, ମୋ ହାତରେ ସମୟ ଖୁବ୍ ଅଳ୍ପ । ସେଥି ଭିତରେ ଅପରେସନ୍ କରିବା ମୋଟେ ସମ୍ଭବପର ନୁହେଁ । ଆପଣ ଯଦି ସେଥିକରେ ରାଜି, ତେବେ ମୁଁ ଆପଣମାନଙ୍କ ସହିତ ହସପିଟାଲକୁ ଯାଇ ରୋଗୀ ଦେଖିପାରେ ।"

ହେଉ ଆଜ୍ଞା, ତାହାହିଁ ହେଉ, ଆପଣଙ୍କ ପରାମର୍ଶ ହିଁ ଆମର ଯଥେଷ୍ଟ । ପଛରେ ଆସୁଥିଲେ ତନୁଶ୍ରୀ ଓ ଡାକ୍ତର ପଟ୍ଟନାୟକ । ଡାକ୍ତର ପଟ୍ଟନାୟକଙ୍କୁ ଲକ୍ଷ୍ୟ କରି ଅତନୁ କହିଲ, "ବାପା, ତନୁଶ୍ରୀକୁ ନେଇ ରୋମ ବୁଲି ମୋର ହୋଇପାରିବ ନାହିଁ । ଦେଖୁଛନ୍ତି ତ ଏମାନେ କେମିତି ଆସି ଭିଡ଼ ଜମେଇଦେଲେଣି । ଏମାନେ କ'ଣ ସହଜେ ଛାଡ଼ୁଛନ୍ତି ଯେ ମୁଁ ତାକୁ ବୁଲାଇ ନେଇଯିବି । ଆପଣ ତନୁଶ୍ରୀକୁ ନେଇ ରୋମ ବୁଲାଇ ଆଣନ୍ତୁ । ମୁଁ ରୋଗୀ ଦେଖି ଆସେ । ଠିକ୍ ସାତ ଘଣ୍ଟାପରେ ଆମର ରୋମ ଛାଡ଼ିବା ନିଶ୍ଚିତ । ଫାଦର ଭାଟିକାନ୍ ଯାଇ ବୁଲି ଆସନ୍ତୁ ।

ଏତିକ କହି ଡାକ୍ତରମାନଙ୍କ ସହିତ ହସପିଟାଲକୁ ଚାଲିଗଲ ଅତନୁ । ଡକ୍ଟର ପଟ୍ଟନାୟକ ତନୁଶ୍ରୀକୁ ଅନାଇ କହିଲେ, "ଦେଖିଲୁ ମା, ପାଗଳାଟାକୁ ଲୋକେ କେମିତି ଘେରି ଯାଉଛନ୍ତି । ତାକୁ କଣ ଟିକେ କେଉଁଆଡ଼କୁ ଛାଡ଼ୁଛନ୍ତି ? ତାର କେତେ ମନ ଥିଲା, ତୋତେ ରୋମ ସହର ବୁଲାଇ ଆଣିବା ପାଇଁ; କିନ୍ତୁ ପରିସ୍ଥିତି କଣ ହେଲା ଦେଖିଲୁତ ମା' । ଏହା ଦେଖି ତୋ ମନ କଣ ହେଉଥିବ, ମୁଁ କଣ ଜାଣି ପାରୁନାହିଁ ମା' ? ସ୍ୱାମୀର ଏଭଳି ଆଚରଣ ଦେଖିଲେ କେଉଁ ସ୍ତ୍ରୀ ଆଘାତ ନପାଇବ କହିଲୁ ?

ନା ବାପା, ମୋର ସେଥିରେ ଟିକେ ହେଲେ ବି ଦୁଃଖ ନାହିଁକି ମୁଁ ମନରେ କିଛିମାତ୍ର ଆଘାତ ପାଇନି । ମୁଁ ଦେଖୁଛି ତାଙ୍କର କି ଅପୂର୍ବ ଲୋକପ୍ରିୟତା । ସବୁଆଡ଼େ ରୋଗୀମାନେ ତାଙ୍କ ଚିକିତ୍ସାକୁ ଅନାଇ ବସିଛନ୍ତି । ଏହା ଆମ ପକ୍ଷରେ କମ୍ ବଡ଼ ଗୌରବର କଥା ନୁହେଁ ବାପା । ଏଥିରେ ଦୁଃଖ କରିବାର କଣ ଅଛି; ବରଂ ଗର୍ବ କରିବାର କଥା ।"

"କଣ ପାଗଳଟା ପଳାଇଲା ରୋଗୀ ଦେଖି ? ଲୋକେ କଣ ତାକୁ ରଖେଇ ଥୋଇ ଦେଉଛନ୍ତି ? ହେଉ, ତାହେଲେ ଡକ୍ଟର ପଟ୍ଟନାୟକ ତୁମେ ବୋହୂକୁ ନେଇ ରୋମ ସହର ବୁଲାଇ ଆଣ । ମୁଁ ଟିକିଏ ଯାଏ ଭାଟିକାନ୍ ସିଟି ଆଡ଼େ । ତୁମେ ତ ରୋମ ଦେଖିସାରି ଭାଟିକାନସିଟିକୁ ଦେଖିବାକୁ ନିଶ୍ଚୟ ଆସିବ । ମୁଁ ସେଇଠି ତୁମକୁ ଅପେକ୍ଷା କରିଥିବି । ସାଙ୍ଗହୋଇ ସେଠୁ ଏୟାରପୋର୍ଟକୁ ଆସିବା । ଯଦି ସୁବିଧା ହୁଏ ତୁମ୍ଭମାନଙ୍କୁ ପୋପଙ୍କ ସହିତ ସାକ୍ଷାତ୍ କରାଇଦେବି ।

ଏତିକ କହି ଫାଦର୍ ଗୋଟିଏ ଟାକ୍ସିରେ ଭାଟିକାନ୍ ସିଟି ଅଭିମୁଖେ ବାହାରିଗଲେ । ତନୁଶ୍ରୀକୁ ନେଇ ଡାକ୍ତର ପଟ୍ଟନାଏକ ଆଉ ଏକ ଟ୍ୟାକସି ଧରିଲେ ।

X   X   X

Digitized by srujanika@gmail.com

ଏୟାରପୋର୍ଟରେ ଥିବା ଉଡ଼ାଜାହାଜ ଭିତରେ ଅତନୁକୁ ଅନାଇ ଅନାଇ ସନ୍ଧ୍ୟା ହେଲା । ଅତନୁର ଦେଖାନାହିଁ । ଉଡ଼ାଜାହାଜ ଘାଟି ପରିଚାଳକ ଅତନୁର ଜାହାଜ ଛାଡ଼ିବା ଦୁଇଥର ଏନାଉନ୍ସ କରି ଦୁଇଥର କ୍ୟାନସଲ କରି ସାରିଲେଣି । ତନୁଶ୍ରୀ ବଡ଼ ଚିନ୍ତିତା । ଅତନୁର ଏତେ ଡେରି ହେବା କଥା ନୁହେଁ । ସେ ତ ଗଲାବେଳେ କହିଯାଇଥିଲେ ରୋଗୀ ଦେଖି ସଙ୍ଗେ ସଙ୍ଗେ ଫେରି ଆସିବେ । ଡାକ୍ତରଖାନାକୁ ଫୋନ୍ କରିବାରୁ ଉତ୍ତର ଆସିଲା ସେ ଅପରେସନ ଥିଏଟରରେ ଅଛନ୍ତି । ଅପରେସନ୍ ସରିନାହିଁ ।

ତନୁଶ୍ରୀ ବିବ୍ରତ ହୋଇ ଡକ୍ଟର ପଟ୍ଟନାୟକଙ୍କୁ ପଚାରିଲା, "ଗଲାବେଳେ ପରା ସେ କହିଯାଇଥିଲେ ବାପା, ସେ ଖାଲି ରୋଗୀ ଦେଖି ଫେରି ଆସିବେ ବୋଲି । ଅପରେସନ୍ କରିବାକୁ ତ ମନା କରୁଥିଲେ ।"

"ହଁ ମା' ତା ଠିକ୍ ଯେ ? ଅତନୁର ଗୋଟିଏ ଦୁର୍ବଳତା ତୁ କଣ ଜାଣିନୁ । ରୋଗୀକୁ ପରୀକ୍ଷା କରୁ କରୁ ଯଦି ସେ ଦେଖିଲା ଯେ ରୋଗୀକୁ ସଙ୍ଗେ ସଙ୍ଗେ ଅପରେସନ୍ ନକଲେ ସେ ବଞ୍ଚିବନି, ସେତେବେଳେ ସେ ସଙ୍ଗେ ସଙ୍ଗେ ପରୀକ୍ଷାକରି ଅପରେସନ କରିବାପାଇଁ ପ୍ରସ୍ତୁତ ହୋଇଯିବ । ସେ ପ୍ରଥମରୁ କଣ କହିଥିଲା ତା'ର ମନେ ନଥିବ । ସେମିତି କିଛି ପରିସ୍ଥିତି ହୋଇଛି ମା' ଯାହା ପାଇଁକି ସେ ବାଧ୍ୟ ହୋଇ ଅପରେସନ ଥିଏଟର ଭିତରକୁ ପଶିଛି ।

ଅତନୁ ଏୟାରପୋର୍ଟକୁ ଫେରିଲାବେଳକୁ ରାତି ନଅଟା । ଉଡ଼ାଜାହାଜ ଭିତରେ ରନ୍ଧାବଢ଼ା ହୋଇ ଖାଦ୍ୟ ପଦାର୍ଥ ସବୁ ଥଣ୍ଡା ହେବାକୁ ବସିଲାଣି । ତନୁଶ୍ରୀ ଅତନୁକୁ ଅନାଇ ଅନାଇ ବିଛଣାରେ ଶୋଇପଡ଼ିଛି । ଡାକ୍ତର ପଟ୍ଟନାୟକ ସନ୍ଧ୍ୟା ଖବରକାଗଜ ଉପରେ ଆଖି ପକାଉଛନ୍ତି । ପୋପ୍ ଉପହାର ଦେଇଥିବା ବାଇବେଲର ପୃଷ୍ଠାକୁ ଫାଦର୍ ଲେଉଟାଇବାରେ ଲାଗିଛନ୍ତି ।

ଅତନୁ ଧଇଁସଇଁ ହୋଇ ଉଡ଼ାଜାହାଜ ଭିତରକୁ ପଶିଆସିଲା । ଡାକ୍ତର ପଟ୍ଟନାୟକଙ୍କୁ ଦେଖି, "ମୋର ବହୁତ ଡେରି ହୋଇଗଲା । ବାପା, ଆପଣମାନେ କଣ ଏ ପର୍ଯ୍ୟନ୍ତ ଖାଇନାହାନ୍ତି ? ନଅଟା ବାଜିଗଲାଣି ଯେ ! ତନୁଶ୍ରୀ କାହିଁ ?"

"ଆରେ, ତୁ ଆସିନଥିଲୁ ବୋଲି ଆମେ ସମସ୍ତେ ତୋତେ ଅନାଇ ବସିଛୁ । ତୋତେ ଅନାଇ ଅନାଇ ବୋଧ୍ ହୁଏ ତା ବିଛଣାରେ ଶୋଇପଡ଼ିଛି ବୋଧେ । ତୁ ନଆସିଲେ ଆମେ କେମିତି ଖାଇଥାନ୍ତୁ କହିଲୁ ?

ଅତନୁ ବେଡ୍ ରୁମ୍ ଭିତରକୁ ପଶିଗଲାବେଳକୁ ତନୁଶ୍ରୀ ଅସ୍ୱାଭାବିକ ଭାବରେ ଖଟର ଗୋଟିଏ ପାଖକୁ ଶୋଇପଡ଼ିଛି । ଅତନୁ ତନୁଶ୍ରୀକୁ ହଲାଇ ଦେଲାରୁ ତନୁଶ୍ରୀ ଆଖି ମଳି ମଳି ଉଠି ବସିଲା ।

"ତୁମେ ଏତେ ସମୟ ଡେରି କରିବ ବୋଲି ଆମେ ଧାରଣା କରି ନଥିଲୁ, ରାତି ଆସି କେତେ ହେଲାଣି ?"

Digitized by srujanika@gmail.com

"ଆଉ ତୁମେ ସବୁ ନ ଖାଇ ନପିଇ ବସିଛ ?"

"ଆରେ ବାଃ, ତୁମେ ଆସିନ, ଆମେ କେମିତି ଖାଇଥାନ୍ତୁ ଯେ ? ବାପା, ଫାଦର ତୁମକୁ ତ ଅନାଇ ବସିଛନ୍ତି । ମୁଁ ତୁମପାଇଁ ଗୋଟିଏ ଭାରତୀୟ ରନ୍ଧା ରାନ୍ଧିଛି, ସେ ଥଣ୍ଡା ହୋଇ ନଷ୍ଟ ହୋଇଯିବଣି ।"

"ଆଁ ଏଠି ବି ପୁଣି ଭାରତୀୟ ରନ୍ଧା । ତୁମେ ଏ ଉଡ଼ାଜାହାଜକୁ ଭାରତୀୟ କରିଦେବ ଦେଖୁଛି । ତୁମେ ଯାଇ ଉଡ଼ାଜାହାଜର ରାନ୍ଧଣା ଗୃହରେ କଣ ରାନ୍ଧିଲ ? ଜାହାଜର ରାନ୍ଧୁଣିଆ କଅଣ ଭାବୁଥିବ କହିଲ ? ଏ କଅଣ ଆମ ଘର ହୋଇଛି ?"

"ବାଃ, ସେମାନେ କାହିଁକି କିଛି ଭାବିବେ ଯେ ? ବାପା ଓ ଫାଦର୍ଙ୍କ ସହିତ ଭାଟିକାନରୁ ଉଡ଼ାଜାହାଜ ଘାଟିକୁ ଫେରିଲାବେଳେ ବଜାରରେ ଦେଖିଲି ଭାରତୀୟ ପରିବା ପୋଟଳ । ସେ ପରିବା ଆମେରିକାରେ କେବେ ମିଳେନି । ଲୋଭ ସମ୍ଭାଳି ପାରିଲିନି । ସେଥିରୁ କିଛି ଆଣି ଗୋଟିଏ ଆଇଟମ୍ କରିଛି । ଖାଇଲେ କେମିତି ଲାଗୁଛି କହିବ ।

ତମ ଆଇଟମ୍ କଥା ଶୁଣି ମୋ ପାଟିରୁ ଲାଳବହିଲାଣି । ତୁମେ ବଢ଼ାବଢ଼ି କର ମୁଁ ବାଥ୍ ରୁମ୍ରୁ ଗାଧୋଇ ଆସେ ।

ଖାଉଁ ଖାଉଁ ବାପାଙ୍କୁ ଲକ୍ଷ୍ୟକରି ଅତନୁ କହିଲା, "ମୁଁ ରୋଗୀକୁ ପରୀକ୍ଷା କରିବାକୁ ଗଲାବେଳକୁ ରୋଗୀ ପାଖରେ ଇଟାଲୀର ପ୍ରଧାନମନ୍ତ୍ରୀ ଠିଆ ହୋଇଥିଲେ । ମୋତେ ଦେଖି ଭାରି ଖୁସି ହୋଇ ପାଛୋଟି ନେଲେ । ରୋଗୀଟି ଅସ୍ଥି କର୍କଟ ରୋଗରେ କଷ୍ଟ ପାଉଥିଲା । ବାମ ପାଖ ହାତରେ ହାଡ଼ ଭିତରେ ଏହି କ୍ୟାନ୍ସର ହୋଇଛି । ରୋଗୀଟି ଅସମ୍ଭବ ରକମର କଷ୍ଟ ପାଉଥିଲା । ତାର ସବୁ ପରୀକ୍ଷା ପ୍ରାୟ ସରିଯାଇଥିଲା । ପରୀକ୍ଷା ରିପୋର୍ଟଗୁଡ଼ିକ ଦେଖି ମୋତେ ସାନ୍ତ୍ୱନା ମିଳିଲା ଯେ ରୋଗ ଆରମ୍ଭରୁ ଧରା ପଡ଼ିଯାଇଛି । ବାମ ହାତରେ ଟିଉମର ହୋଇଥିବା ସ୍ଥାନଟି ଫୁଲି ଉଠିଛି । ଏହା ଉପରେ ଫୁଲକୋବି ଭଳି ଗ୍ରୋଟ ଗ୍ରୋଟ ଅଂଶ ବାହାରିଛି । ରକ୍ତସ୍ରାବ ଦିନକୁ ଦୁଇତିନି ଥର ହେଉଛି । ଶରୀରର ଅନ୍ୟ କୌଣସି ଅଂଶରୁ କର୍କଟ ରୋଗ ଏଠାକୁ ଆସିନି । ଏହା ପ୍ରଥମେ ଏହିଠାରୁ ହିଁ ଆରମ୍ଭ ହୋଇଛି । ରକ୍ଷା, ଏହା ଅନ୍ୟତ୍ର ପ୍ରସାର ଲାଭ କରିନି । ଦେଖିଲି ଯଦି ଶୀଘ୍ର ଅପରେସନ୍ କରାନଯାଉଛି, ଏହା ଶରୀରର ଅନ୍ୟତ୍ର ବ୍ୟାପିଗଲେ ରୋଗୀକୁ ବଞ୍ଚାଇବା କଷ୍ଟକର ହୋଇପଡ଼ିବ । ଏ ରୋଗରେ ରୋଗୀକୁ ବଞ୍ଚାଇବା ସହଜ ନୁହେଁ । ଏଠାକାର ଡାକ୍ତରମାନେ କହୁଥିଲେ ରୋଗୀର ପୂରା ହାତଟି କାଟି ବାହାର କରିଦେବାପାଇଁ । ପରୀକ୍ଷା କରି ଦେଖିଲି ଦରକାର ନାହିଁ । ଯେଉଁ ଅଂଶରେ କ୍ୟାନସର୍ ହୋଇଛି, ସେହି ଅଂଶଟିକୁ କାଟି ସଫା କରିଦେଲେ ଚଳିବ । ସେଥି ସହିତ ରଞ୍ଜନ ରଶ୍ମି ଚିକିତ୍ସା ଓ ନୂଆ ହୋଇ ବାହାରିଥିବା କେତୋଟି ଔଷଧ ବ୍ୟବସ୍ଥା କରିଦେଇ ଆସିଲି । ଏହି ଚିକିତ୍ସାରେ ରହିଲେ, ମୁଁ ଆଶା କରୁଛି ରୋଗୀଟି ଅନ୍ତତଃ ପକ୍ଷେ ଆଉ ପାଞ୍ଚବର୍ଷ ବଞ୍ଚିଯାଇ ପାରିବ । ଅସ୍ଥି କ୍ୟାନ୍ସରରେ ଖୁବ୍ କମ୍

Digitized by srujanika@gmail.com

ଲୋକ ବର୍ଷକରୁ ଅଧିକ କାଳ ବଞ୍ଚନ୍ତି ବାପା । ଏହି ରୋଗୀଟି ଯଦି ଆଉ ପାଞ୍ଚବର୍ଷ ବଞ୍ଚିଯାଏ, ତେବେ ଖୁବ୍ ଭାଗ୍ୟ । ଏ ରୋଗରେ ଆଜି ପର୍ଯ୍ୟନ୍ତ ସେମିତି କିଛି ଫଳପ୍ରଦ ଚିକିତ୍ସା ବାହାରିନି ।

"ବାବା ଅନିଲ, ଏହି ଅସ୍ଥି କର୍କଟ ରୋଗର କାରଣ କଅଣ ଟିକିଏ କହିଲୁ ।" ଫାଦର ଖାଉଁ ଖାଉଁ ପଚାରିଲେ ।

"ଅସ୍ଥି କର୍କଟ ରୋଗର କାରଣ ଠିକ୍ ଭାବରେ ଏପର୍ଯ୍ୟନ୍ତ ଜଣାପଡ଼ିନି ଫାଦର୍ । ଏବେ ବି ଆମେ ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ଚିକିତ୍ସା କରି ଚାଲିଛୁଁ । ଏ ରୋଗରେ ଭଲ ହେବାର ଆଶା ଖୁବ୍ କମ୍ । ଅସ୍ଥି ଟ୍ୟୁମର ଆରମ୍ଭ ହେଲେ ଶତକଡ଼ା ୧୦୦ ଭାଗ ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି । ମଣିଷ କେତେ ମାସ ବା ଅତି ବେଶୀ ହେଲେ ସାମାନ୍ୟ କେଇ ବର୍ଷ ପର୍ଯ୍ୟନ୍ତ ଅସ୍ଥି କର୍କଟ ରୋଗ ନେଇ ବଞ୍ଚିପାରେ । ତା ବଞ୍ଚିବା ପୁଣି ପ୍ରତି ମୁହୂର୍ତ୍ତରେ ଅସମ୍ଭବ ଯନ୍ତ୍ରଣାଦାୟକ । ଠିକଣା ଭାବରେ ଚିକିତ୍ସା କରାଇଥିଲେ ବି ପାଞ୍ଚବର୍ଷରୁ ଅଧିକ ବଞ୍ଚିବା ସମ୍ଭବ ନୁହେଁ ।" ଏହା ପୁରୁଣା ହେଲେ ବେଳେବେଳେ ଅସ୍ଥିରୁ ଫୁସ୍‌ଫୁସ୍‌କୁ ବିଚ୍ଛୁରିତ ହୋଇଥାଏ । ପରେ ଫୁସ୍‌ଫୁସ୍ କର୍କଟ ରୋଗାକ୍ରାନ୍ତ ହୁଏ । ମହିରଗରୁ ଯାଇ ପୁଣି କାନ୍ତାରରେ ପଡ଼ିବା କଥା ।

× × ×

"ଆପଣମାନଙ୍କ ସନ୍ଦେହ କଣ ମୁଁ ଜାଣେନି, ତେବେ ମୋତେ ଯାହା ଜଣାପଡ଼ୁଛି ଏହା ସ୍ତନ କର୍କଟ ରୋଗ । ଆପଣମାନେ ତ ଜାଣନ୍ତି ପୁରୁଷ ହେଲେବି ସ୍ତନ କର୍କଟ ରୋଗରୁ ରକ୍ଷା ପାଇ ହେବନାହିଁ । ପୁରୁଷ ମାନଙ୍କ ଭିତରେ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ଖୁବ୍ କମ୍‌ହେଲେ ହେଁ ଏହି କେସଟି ସେଥିଭିତରୁ ଗୋଟିଏ । ଏହି ପରୀକ୍ଷା ରିପୋର୍ଟରୁ ଜଣାପଡ଼ୁଛି ଡାକ୍ତର ସାକସେନା, ଏହି ରୋଗ ବିଶେଷ ବ୍ୟାପି ନାହିଁ । ଆପଣମାନଙ୍କ ଆଶଙ୍କା ଅମୂଳକ । ଭାଗ୍ୟ ଭଲ, ଠିକଣା ଅବସ୍ଥାରେ ଏହି ରୋଗ ଧରାପଡ଼ିଯାଇଛି । ଆଉ କିଛିଦିନ ଡେରି କରିଥିଲେ ଆପଣ ଏହି ରୋଗୀକୁ ବଞ୍ଚାଇ ପାରିନଥାନ୍ତେ । ମୋର ବିଶ୍ୱାସ ଅପରେସନ୍ ଦ୍ୱାରା ଏହି ରୋଗୀଟି ପୂରା ଭାବରେ ଭଲ ହୋଇପାରିବ ।" ବମ୍ବେର ବିରଳା କ୍ୟାନ୍‌ସର ଇନଷ୍ଟିଚ୍ୟୁଟ୍‌ରେ ଏକ ପୁରୁଷ ସ୍ତନ କର୍କଟ ରୋଗୀକୁ ପରୀକ୍ଷା କରୁ କରୁ ଅନିଲ ଇନ୍‌ଷ୍ଟିଚ୍ୟୁଟ୍‌ର ଡିରେକ୍‌ଟର୍ ଡକ୍ଟର୍ ସାକସେନାଙ୍କୁ ଏହି କଥା କହିଲା ।

"ତା ହେଲେ ଅପରେସନ୍ କରିବା ସିଦ୍ଧାନ୍ତ ହେଲା ?"

"ମୋର ତ ତାହାହିଁ ମତ । ତେବେ ଆପଣମାନଙ୍କ ମତ କଣ ଜାଣିନି । ରଞ୍ଜନରଶ୍ମି ଚିକିତ୍ସା ଓ ଭେଷଜ ଚିକିତ୍ସାରେ ଏ ରୋଗ ଭଲ ହେବାର ଆଶା ମୁଁ ଦେଖୁନି । ଅପରେସନ୍‌ହିଁ ସର୍ବୋତ୍କୃଷ୍ଟ ପନ୍ଥା ବୋଲି ମୁଁ ଭାବୁଛି ।"

Digitized by srujanika@gmail.com

"ଆପଣଙ୍କ ଭଳି ଏତେବଡ଼ ସର୍ଜନ ଯେତେବେଳେ ଏଭଳି ମତ ଦେଉଛନ୍ତି ଆମେ କଣ ତା'ଠାରୁ ଭିନ୍ନ ମତ ପୋଷଣକରିପାରୁଁ ? ଆପଣଙ୍କ ମତହିଁ ଆମର ମତ । ତେବେ··· ଅପରେସନ୍···"

"ହଁ, ଯେତେ ଶୀଘ୍ର କରାଯାଇପାରେ ସେତେ ଭଲ । ଆଜି କଲେ କିଛି କ୍ଷତି ନାହିଁ ।"

ଆଁ, ଆଜି ! ଆପଣ ପରା ଆଜି ଆସି ପହଞ୍ଚିଲେ । ଯଥେଷ୍ଟ କ୍ଲାନ୍ତ ଅନୁଭବ କରୁଥିବେ । ଏଥିରେ ଏହି ଅପରେସନ୍···?"

ହସିଲି ଅତନୁ । ହଁ, ହଁ, ସେଥିରେ କ'ଣ ଅଛି ? ଏଥିରେ ଘଣ୍ଟାଏ ବି ଡେରି ହେବା ସ୍ପୃହଣୀୟ ନୁହେଁ । ଆପଣମାନେ କଣ ମନେ କରୁଛନ୍ତି ମୁଁ ଆସିବାଦ୍ୱାରା ଅତ୍ୟଧିକ କ୍ଲାନ୍ତ ହୋଇପଡ଼ିଛି ଯେ ଆଜି ଅପରେସନ୍ କରି ପାରିବିନି । କାଲି ଆସିଲାବେଳେ ବାଟରେ ରୋମ୍‌ରେ ପରା ଗୋଟିଏ ଅପରେସନ୍ କରିଆସିଛି । ଆମେରିକାରୁ ଆସି ରୋମ୍‌ରେ ପହଞ୍ଚିବା ସଙ୍ଗେ ସଙ୍ଗେ ଅପରେସନ୍ ଥିଏଟର୍ ଭିତରକୁ ପଶିବାକୁ ପଡ଼ିଲା । ରୋମ୍‌ରୁ ଆସିଲାବେଳେ କାଲି ରାତିରେ ମୁଁ ବେଶ୍ ଆରାମରେ ଉଡ଼ାଜାହାଜରେ ଶୋଇଛି । ମୁଁ ମୋଟେ କ୍ଲାନ୍ତ ଅନୁଭବ କରୁନି । ଆପଣମାନେ ମୋ ପାଇଁ ବ୍ୟସ୍ତ ନହୋଇ ଅପରେସନ୍ ପାଇଁ ବ୍ୟବସ୍ଥା କରନ୍ତୁ ।

ଯଥା ସମୟରେ ଅପରେସନ୍ ଆରମ୍ଭ ହେଲା । ଅତନୁର କ୍ୟାନ୍‌ସର ଅପରେସନ୍ ଦେଖିବାପାଇଁ ଓ ତାକୁ ଅପରେସନ୍‌ରେ ସାହାଯ୍ୟ କରିବା ପାଇଁ ସର୍ଜନମାନଙ୍କ ଭିତରେ ଭିଡ଼ାଓଟରି । ଏତେ ବଡ଼ ପ୍ରଖ୍ୟାତନାମା ସର୍ଜନଙ୍କ ସହ କାର୍ଯ୍ୟକଲେ ବହୁତ କିଛି ଶିଖି ହେବ । ସେଭଳି ସୁଯୋଗ ଭାଗ୍ୟରେ ଥିଲେ ମିଳେ ।

ଅତନୁ ଶୁଣିଥିଲା ଭାରତରେ ଅପରେସନ୍ ଥିଏଟର୍‌ଗୁଡ଼ିକ ସେତେ ଭଲ ନୁହେଁ । ନୂଆ ନୂଆ ସୁବିଧା ଓ ଯନ୍ତ୍ରପାତି ଆଦି ସେମିତି କିଛି ନାହିଁ । ଅପରେସନ୍ ଥିଏଟରଗୁଡ଼ିକ ଅସ୍ୱାସ୍ଥ୍ୟକର । ଏଥିରେ ଅପରେସନ କଲେ ଗୋଟିଏ ରୋଗ ଭଲ ହେଉ ବା ନହେଉ ଅନ୍ୟ ରୋଗ ଆକ୍ରମଣ କରେ । ଏହି ଦେଶର ଅପରେସନ୍ ଥିଏଟରର ଯତ୍ନ ସର୍ଜନମାନେ ମୋଟେ ନିଅନ୍ତିନି । ଅପରେସନ୍ ଥିଏଟର୍‌କୁ ଜୀବାଣୁଶୂନ୍ୟ କରିବାପାଇଁ ତଳିଆ କର୍ମଚାରୀ-ମାନଙ୍କ ଉପରେ ଛାଡ଼ିଦେଇ ସର୍ଜନମାନେ ନିଶ୍ଚିନ୍ତ ରହନ୍ତି । ଅପରେସନ୍ ଯନ୍ତ୍ରପାତିକୁ ନିର୍ଜୀବିତ କରିବା ପାଇଁ ଷ୍ଟେରିଲାଇଜର ଯେତିକି ସମୟ କାର୍ଯ୍ୟ କରିବା କଥା ସେତିକି ନକରି ଅଳ୍ପ ସମୟ ଭିତରେ ଏଣୁ ତେଣୁ କରି ଟିକେ କରିଦେଇ ବାକି କିରାସିନ ତେଲକୁ ତଳିଆ କର୍ମଚାରୀମାନେ କଳାବଜାର କରିଥାଆନ୍ତି । ଅର୍ଦ୍ଧ ନିର୍ଜୀବିତ ହୋଇଥିବା ଯନ୍ତ୍ରପାତିରେ ଅପରେସନ୍ କଲାରୁ ରୋଗୀମାନଙ୍କ ଘା' ଶୁଖେନି । ଅନ୍ୟ ରୋଗ ସେମାନଙ୍କୁ ଆକ୍ରମଣ କରେ । କିନ୍ତୁ ବରଲା କେନ୍‌ସର ଇନ୍‌ଷ୍ଟିଚ୍ୟୁଟର ଅପରେସନ୍ ଥିଏଟର୍‌ରେ ସେଭଳି କିଛି ଅସୁବିଧା ସେ ଦେଖିଲା ନାହିଁ । ଅପରେସନ୍ ଥିଏଟରଟି ଖୁବ୍ ଆଧୁନିକ ଧରଣରେ ତିଆରି । ସର୍ଜନ୍‌ମାନେ ଖୁବ୍ ଯତ୍ନନେଇ ଭଲ ଭାବରେ ରଖିଛନ୍ତି । ସବୁପ୍ରକାର ଆଧୁନିକ ଅସ୍ତ୍ରୋପଚାର

Digitized by srujanika@gmail.com

ସାମଗ୍ରୀ ଓ ଯନ୍ତ୍ରପାତି ଏଠି ଅଛି । ଯଦିଚ ଆମେରିକାର ଅପରେସନ୍ ଥିଏଟର ଭଳି ସେ ଅନୁଭବ କଲାନି ତଥାପି ଏଭଳି ଥିଏଟରରେ ତାକୁ ଅପରେସନ୍ କରିବାକୁ ଖରାପ ଲାଗିଲା ନାହିଁ ।

ଅପରେସନ୍ ସବୁ ସରୁ ସରୁ ରାତି ନଅଟା । ସାହାଯ୍ୟ କରୁଥିବା ସର୍ଜନ୍‌ମାନେ ଅତ୍ୟନ୍ତ ହୋଇ ପଡ଼ିଲେଣି । ଏତେ ସମସ୍ତ ଧରି କୌଣସି ଅପରେସନ୍ ପୂର୍ବରୁ ଏଠାରେ ହୋଇ ନଥିଲା । କିନ୍ତୁ ଅତନୁର ମୋଟେ କ୍ଲାନ୍ତ ନାହିଁ । ସେ ହସ ହସ ବଦନରେ ଅପରେସନ୍ ସାରି ଥିଏଟର ଭିତରୁ ବାହାରି ଆସୁ ଆସୁ କହିଲା, "ମୁଁ ଆଶା କରିନଥିଲି ଡାକ୍ତର ସାକ୍‌ସେନା, କେଶ୍‌ଟି ଏତେ ଗୋଳମାଳିଆ ହୋଇଥିବ । ତେବେ ଏତେ ବଡ଼ ଗୋଳମାଳିଆ କେଶ୍‌ଟି ଯେ ଠିକ୍ ଭାବରେ କରାହୋଇ ପାରିଲା ଏହାହିଁ ମୋର ଆନନ୍ଦ । ମୁଁ ଆଶାକରେ ରୋଗୀଟି ଏଥର ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯିବ । ରୋଗୀଟିକୁ ଭଗବାନ ରକ୍ଷା କରି ଦେଲେ । ଆଉ ଯଦି କିଛିଦିନ ଡେରି ହୋଇ ଯାଇଥାନ୍ତା, ତେବେ ରୋଗୀଟିକୁ ରକ୍ଷାକରିବା କାହାରି ପକ୍ଷରେ ସମ୍ଭବ ହୋଇନଥାନ୍ତା ।

× × ×

କୋଟିପତି ସିଂଘାଣିଆ ବଂଶର ଏକମାତ୍ର ସନ୍ତାନଟି ଯେ ଏତେ ବଡ଼ ସାଂଘାତିକ ରୋଗରୁ ରକ୍ଷାପାଇ ଜୀବନ ଫେରି ପାଇବ କାହାରି ଆଶାନଥିଲା । କୋଟିପତି ମଖନ୍‌ଲାଲ୍ ସିଂଘାଣିଆ ଯେଉଁଦିନ ବିରଳା ଇନ୍‌ଷ୍ଟିଚ୍ୟୁଟ୍‌ର ସର୍ଜନ୍‌ମାନଙ୍କ ଦ୍ୱାରା ନିର୍ଭର ପ୍ରତିଶ୍ରୁତି ପାଇଲେ ଯେ ତାଙ୍କ ପୁଅ ଏଥର ପୁରାପୁରି ଭଲ ହୋଇଯିବ ସେଦିନ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଯେତେବେଳେ ଶୁଣିବାକୁ ପାଇଲେ ତାଙ୍କ ପୁଅର ଜୀବନ ରକ୍ଷାକାରୀ ହେଉଛନ୍ତି ଅତନୁବାବୁ, ସେ ଅତନୁବାବୁଙ୍କୁ ଭଗବାନଙ୍କ ଆସନ ଦେବାକୁ ଭୁଲି ନଥିଲେ । ତାଙ୍କ ପାଟିରୁ ମନକୁ ମନ ବାହାରି ପଡ଼ିଲା, ଅତନୁବାବୁ ମଣିଷ ନୁହଁନ୍ତି । ସେ ମଣିଷରୂପୀ ସ୍ୱୟଂ ଭଗବାନ । ସେ ବଡ଼ ହତଭାଗ୍ୟ, ଯେ ଏପର୍ଯ୍ୟନ୍ତ ତାଙ୍କ ଦର୍ଶନ ପାଇପାରିନାହାନ୍ତି । ସିଂଘାଣିଆ ତାଙ୍କୁ କେତେଥର ସାକ୍ଷାତ୍ କରିବାପାଇଁ ଅପେକ୍ଷା କରି ମଧ୍ୟ ଅକୃତକାର୍ଯ୍ୟ ହୋଇଛନ୍ତି । ଥରେ ସେ ଅପରେସନ୍ ଥିଏଟର ଭିତରକୁ ପଶିଗଲେ କେତେବେଳେ ବାହାରିବେ କହି ହେବନାହିଁ । ସେ ଯେତେବେଳେ ତାଙ୍କୁ ଦେଖା କରିବାକୁ ଯାଆନ୍ତି ସେ ଅପରେସନ୍ ଥିଏଟର ଭିତରେ । ସେ କେତେବେଳେ ବାହାରିବେ କେହି କହିପାରନ୍ତିନି । ଶେଠ୍ ସିଂଘାଣିଆ ଯେତେବେଳେ ଜାଣିଲେ ଯେ ଅତନୁବାବୁ ତାଜମହଲ ହୋଟେଲରେ ଅବସ୍ଥାନ କରୁଛନ୍ତି ସେତେବେଳେ ତାଙ୍କୁ ସେଠି ଦେଖା କରିବା ଉଚିତ୍ ହେବ ବୋଲି ଭାବି ଘରକୁ ଫେରିଗଲେ ।

ଅତନୁ ବମ୍ବେରେ ରହଣି ଭିତରେ ବିରଳା ଇନଷ୍ଟିଚ୍ୟୁଟରେ ସତର ଗୋଟି ଅପରେସନ୍ ସମ୍ପାଦନ କଲା । ସବୁ ଅପରେସନ୍‌ରେ ସେ ବେଶ୍ କୃତକାର୍ଯ୍ୟ । ଏହି ଅପରେସନ ଯେ

Digitized by srujanika@gmail.com

ଖାଲି ଟାଟା, ବିରଳା, ସିଂଘାଣିଆ, ଡାଲମିଆ ବଂଶର ଦାୟାଦମାନଙ୍କ ପାଇଁ କରାହେଉଥିଲା ତା ନୁହେଁ । ବହୁ ନିଃସ୍ୱ ଗରିବ ଶ୍ରେଣୀ ଲୋକେ ମଧ୍ୟ ସେ ଦୁର୍ଲଭ ଚିକିତ୍ସା ପାଇ ପାରୁଥିଲେ । ସେଇଟା ହେଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ନିଜ ଦେଶର ଦେଶବାସୀଙ୍କ ପ୍ରତି ଅନୁରାଗ ଦେଖାଇ ଏହି ଅପରେସନ୍ ପାଇଁ କୌଣସି ପାରିଶ୍ରମିକ ନେଉ ନଥିଲା ଏପରିକି ବିରଳା ଇନଷ୍ଟିଚ୍ୟୁଟ୍‌ରେ ଚିକିତ୍ସିତ ହେଉ ନଥିବା କେତେ ଜଣ ଦୁଃସ୍ଥ ରୋଗୀଙ୍କୁ ଅତନୁ ଦୁଃଖରେ ବିଗଳିତ ହୋଇ ଏଠାରେ ଅପରେସନ କରାଇ ନିଜର ଏକ ନୂତନ ଭାବମୂର୍ତ୍ତି ପ୍ରତିଷ୍ଠା କରାଇ ପାରିଥିଲେ । ବିରଳା ଇନଷ୍ଟିଚ୍ୟୁଟ୍ କେତେକ ଦୁଃସ୍ଥରୋଗୀଙ୍କ ରୋଗଭଲ ହୋଇପାରିବନି ବୋଲି କହି ଫେରାଇ ଦେଇଥିଲା । ସେହି ସବୁ ରୋଗୀଙ୍କୁ ଅତନୁ କୃତକାର୍ଯ୍ୟତାର ସହିତ ଅପରେସନ କରି ସେମାନଙ୍କ ମନରେ ଯେଉଁ ଆଶାର ସଞ୍ଚାର କରିଥିଲା, ସେଥିପାଇଁ ରୋଗୀ ଓ ସେମାନଙ୍କୁ ଦେଖାଶୁଣା କରୁଥିବା ଲୋକେ ଅତନୁକୁ ଏକ ଦେବତା ସ୍ଥାନରେ ବସାଇବାକୁ ଭୁଲି ନ ଥିଲେ ।

ଅତନୁର ବମ୍ବେ ରହଣିର ଶେଷଦିନ । ତହିଁ ପରଦିନ ଆମେରିକା ଅଭିମୁଖେ ଯାତ୍ରା କରିବା କଥା । ସେଦିନ ସନ୍ଧ୍ୟାବେଳେ ବମ୍ବେର ତାଜମହଲ ହୋଟେଲରେ ଅତନୁକୁ ବିରଳା ଇନଷ୍ଟିଚ୍ୟୁଟ ତରଫରୁ ବିଦାୟ ସମ୍ବର୍ଦ୍ଧନା ଭୋଜି ଦିଆଯାଉଥାଏ । ବମ୍ବେର ସବୁ ବଡ଼ ବଡ଼ ଶିଳ୍ପପତି ନିମନ୍ତ୍ରିତ ହୋଇ ଆସିଥାନ୍ତି । ଅତନୁର ସୁଖ୍ୟାତି ବମ୍ବେରେ ଏତେ ପ୍ରବଳ ଭାବରେ ପ୍ରଚାରିତ ହୋଇଯାଇଥାଏ ଯେ ତାଙ୍କୁ ଦେଖିବାକୁ ଅନେକେ କାମ ଦାମ ଛାଡ଼ି ଏହି ଭୋଜିସଭାକୁ ଦୌଡ଼ି ଆସିଥାନ୍ତି । ଏତେ ଅଳ୍ପ ବୟସର ଡାକ୍ତରଟିଏ ଏତେ ଦକ୍ଷତାର ସହିତ ଅପରେସନ୍ କରି ପାରୁଛନ୍ତି, କମ୍ ବଡ଼ ଗୌରବର କଥା ନୁହେଁ । ପୁଣି ସେ ଭାରତୀୟ । ଭାରତୀୟ ହେଲେ ବି ପୃଥିବୀର ଅଦ୍ୱିତୀୟ କେନସର ସର୍ଜନର ଆଖ୍ୟାରୁ ତାଙ୍କୁ କେହି ବଞ୍ଚିତ କରି ପାରୁନଥାନ୍ତି । ପୃଥିବୀର ସବୁ ଦେଶରେ ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା, ସବୁ ଦେଶରୁ ନିମନ୍ତ୍ରଣ । ସବୁ ଦେଶରୁ ରୋଗ ବିଷୟରେ ରେଫରେନସ୍ ଆସୁଛି । ଏଭଳି ଖ୍ୟାତନାମା ସର୍ଜନଙ୍କୁ ଦେଖିବାକୁ ନ ଆସିବ ବା କିଏ ? କେନସର ରୋଗୀକୁ ଯମ ଗୋଟିଏ ଆଡେ ଟାଣୁଥିଲେ ହେଁ ସେ ଅନ୍ୟଆଡ଼କୁ ଟାଣି ଯମ ହାତରୁ ରୋଗୀଙ୍କୁ ଛଡ଼ାଇ ଆଣିପାରୁଛନ୍ତି । ଏଭଳି ଦକ୍ଷ ସର୍ଜନଙ୍କ ସହିତ ପରିଚିତ ହୋଇଥିଲେ ଭବିଷ୍ୟତରେ ଯଦି କେତେବେଳେ ଏହି ଦୁଃସାଧ୍ୟ ରୋଗର ଶିକାର ହେବାକୁ ପଡ଼େ ତେବେ ତାଙ୍କ ଶରଣାପନ୍ନ ହୋଇପାରିବେ । ଏହି ଉଦ୍ଦେଶ୍ୟ ମନରେ ରଖି ସେଦିନ ବମ୍ବେର ନିମନ୍ତ୍ରିତ ବ୍ୟକ୍ତିମାନେ ଏହି ଭୋଜିସଭାରେ ଆସି ହାଜର ହୋଇଥାନ୍ତି । ତାଛଡ଼ା ଜଣେ ଭାରତୀୟ ହୋଇ ଯଦି ସାରା ପୃଥିବୀରେ ଏଭଳି ସୁନାମ ଅର୍ଜନ କରିପାରିଲେ, ତେବେ ସେମାନେ ତାଙ୍କୁ ବଧାଇ ଦେବେନି ତ ଆଉ କାହାକୁ ବଧାଇ ଦେବେ ?

ଭୋଜିସଭାରେ ଖାଦ୍ୟପେୟର ଆଡ଼ମ୍ବର ଦେଖି ଅତନୁ ଓ ତନୁଶ୍ରୀ ତାଟଙ୍କା । ଏତେ ଆଭିଜାତ୍ୟପୂର୍ଣ୍ଣ ଖାଦ୍ୟ ସହିତ ପୃଥିବୀର ସବୁଠାରୁ ମୂଲ୍ୟବାନ୍ ପାନୀୟ ମଧ୍ୟ ଦିଆଯାଉଥାଏ ।

Digitized by srujanika@gmail.com

ଖାଦ୍ୟ ଖାଇବା ଆଗରୁ ଆଗନ୍ତୁକ ଭଦ୍ରବ୍ୟକ୍ତିମାନେ ଯେତେବେଳେ ଅତନୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ସେମ୍‌ପେନ୍‌ର ଏକ ଟୋଷ୍ଟ କରିବାକୁ ଯାଆନ୍ତି, ଅତନୁ ସମସ୍ତଙ୍କୁ ହାତ ଯୋଡ଼ି କହିଲା, "ଆପଣମାନେ ହାତରେ ଯାହା ଧରିଛନ୍ତି ତହିଁର ସଦ୍‌ବ୍ୟବହାର କରନ୍ତୁ । ମୁଁ ଏହି କମଳା ରସରେ କାମ ଚଳାଇ ନେବି ।

ପାଶ୍ଚାତ୍ୟ ଜଗତର ଏତେ ବଡ଼ ସର୍ଜନ ମଦ ଖାଆନ୍ତିନି ଶୁଣି ସେମାନେ ଟୋଷ୍ଟ କରିବେ କଅଣ, ଲଜ୍ଜିତ ହୋଇ ସେମାନେ ମୁହଁ ଲୁଗ୍ରାଇଦେଲେ । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ଆମେରିକାରେ ଜନ୍ମ ହୋଇ, ବଡ଼ , ପାଶ୍ଚାତ୍ୟଲୋକଙ୍କ ଦ୍ୱାରା ଲାଳିତପାଳିତ ହୋଇ ମଧ୍ୟ ମଦ ନଖାଇବା କମ୍ ବଡ଼ ଆଶ୍ଚର୍ଯ୍ୟର କଥା ନୁହେଁ । ସେମାନେ ସଙ୍ଗେ ସଙ୍ଗେ ମଦ ଗିଲାସ ବଦଳାଇ ଅତନୁ ଯେଉଁ କମଳା ରସ ପିଉଥିଲେ, ସେହି କମଳା ରସରେ ସେମାନେ ଭୋଜର ଆରମ୍ଭ ପର୍ବ ଶେଷ କଲେ ।

ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଖାଇବା ଆରମ୍ଭ କରିଛନ୍ତି କି ନାହିଁ ହଠାତ୍ ଏକ ତାରବାର୍ତ୍ତା ଅତନୁ ହାତକୁ ବଢ଼ାଇ ଦେଲେ ହୋଟେଲର ମେନେଜର । ତାରବାର୍ତ୍ତାଟି ପଢ଼ି ବାର୍ତ୍ତାଟିକୁ ତନୁଶ୍ରୀ ହାତକୁ ବଢ଼ାଇ ଦେଇ ଅତନୁ ଖାଇବା ଟେବୁଲ୍ ଉପରୁ ଉଠି ଠିଆ ହୋଇ ହାତ ଯୋଡ଼ି କହିଲା, "ଆପଣମାନେ ମୋତେ କ୍ଷମା କରିବେ । ଆମର ଏଠାରୁ ଆସନ୍ତାକାଲି ଆମେରିକା ଫେରିବା କଥା । କଲିକତା ଚିତ୍ତରଞ୍ଜନ କେନ୍‌ସର ହସ୍‌ପିଟାଲର ଏକ ଅସହାୟ କେନସର ରୋଗଗ୍ରସ୍ତ ପିଲାର ଦୁଃଖ ଶୁଣି ମୁଁ ପିଲାଟିକୁ ଦେଖିବାକୁ ନ ଯାଇ ରହିପାରୁନି । ବର୍ତ୍ତମାନ ଏହି ରାତିରେ ନଗଲେ କାଲି ଫେରି ଆସିହେବ ନାହିଁ ।"

ଏତକ କହି ତନୁଶ୍ରୀକୁ ଧରି ଭୋଜସଭାରୁ ବାହାରିଆସିଲା ଅତନୁ । ସମସ୍ତେ ଅତନୁକୁ ଉଠିବା ଦେଖି ଅଧାଖିଆପାରି ଉଠିଲେ । ଏତେ ଆଡ଼ମ୍ବରପୂର୍ଣ୍ଣ ଭୋଜିବ୍ୟବସ୍ଥା ଏଭଳି ଭାବରେ ଭଣ୍ଡୁର ହୋଇଯିବା ଦେଖି ଫାଦର ଓ ଡାକ୍ତର ପଟ୍ଟନାଏକ ବଡ଼ ମନଦୁଃଖକଲେ । ଯିବାପୂର୍ବରୁ ଫାଦରଙ୍କୁ ଡାକି ଅତନୁ କହିଲା, "ଫାଦର୍ ଆପଣମାନେ ସମସ୍ତେ ଏଠିଥାନ୍ତୁ । ମୁଁ ଆଜି କଲିକତା ଯାଇ ଫେରିଆସିଲେ କାଲି ସନ୍ଧ୍ୟାରେ ଆମେ ଆମେରିକା ଅଭିମୁଖେ ରୱାନା ହେବା । ଏଥିପୂର୍ବରୁ ମୁଁ ସେ ପିଲାଟିର କାକୁତି ମିନତିପୂର୍ଣ୍ଣ ଚିଠିଟିଏ ପାଇଥିଲି । ବର୍ତ୍ତମାନ ଏହି ତାରବାର୍ତ୍ତାଟି ପାଇ ଆଉ ରହିପାରୁନାହିଁ । ପିଲାଟି ବଡ଼ ନିଃସହାୟ । ତାର ଆଶା ସେ ଭଲ ହୋଇଯିବ ମୋ ଚିକିତ୍ସା ପାଇଲେ । ଆପଣ ସେ ଚିଠିଟି ପଢ଼ନ୍ତୁ ଫାଦର୍ । ସେ ଚିଠିଟି ପଢ଼ିଲେ ଆପଣ ବି ଧୈର୍ଯ୍ୟଧରି ରହିପାରିବେନି ।"

ଏତକ କହି ସାନ୍ତାକ୍ରୁଜ ବିମାନଘାଟି ଅଭିମୁଖେ ଯିବା ପାଇଁ ବାହାରୁଛି, ହଠାତ୍ କୋଟିପତି ସିଂଘାଣିଆ ଲଣ୍ଡଭଣ୍ଡ ହୋଇ ତାଙ୍କ ପାଖକୁ ଦୌଡ଼ିଆସିଲେ । ହାତରେ ଗୋଟିଏ ଗ୍ରେଟ ବାକ୍‌ସ । ବାକ୍‌ସଟିକୁ ଅତନୁ ହାତକୁ ବଢ଼ାଇ ଦେଇ କହିଲେ, "ଆଜ୍ଞା, ଆପଣ ମୋତେ ଚିର ଦିନ ପାଇଁ ଋଣୀ କରି ରଖିଦେଇ ଗଲେ । ଆପଣଙ୍କ ଋଣ ମୁଁ ଶତ

Digitized by srujanika@gmail.com

ଜନ୍ମରେ ମଧ୍ୟ ଶୁଣିପାରିବନି ଆଜ୍ଞା ! ଆମ ତରଫରୁ ଏହି ସାମାନ୍ୟ ଉପହାରଟିଏ ଗ୍ରହଣ ନକଲେ ଆମେ ବଡ଼ ଦୁଃଖିତ ହେବୁ ।"

ଅତନୁ ବାଧ୍ୟ ହୋଇ ବାକ୍‌ସଟିକୁ ଖୋଲି ଦେଖିଲା, ଏହା ଭିତରେ ଅଛି ଏକ ବହୁ ମୂଲ୍ୟବାନ୍ ହୀରାଖଚିତ ହାର ।

ଅତନୁ ବାକ୍‌ସଟିକୁ ସଙ୍ଗେ ସଙ୍ଗେ ସେଠ୍‌ଙ୍କୁ ଫେରାଇ ଦେଇ କହିଲା, "ଆପଣ ଏକଣ କରୁଛନ୍ତି ମିଷ୍ଟର ସିଂଘାଣିଆ । ସାମାନ୍ୟ ଅପରେସନଟାଏ କରି କଲି ଯେ, ତା ପାଇଁ ଏତେ ବଡ଼ ଉପହାର ? ଆପଣ ଏହାକୁ ଫେରାଇ ନିଅନ୍ତୁ ସେଠ୍‌ଜୀ, ଏତେବଡ଼ ମୂଲ୍ୟବାନ ଉପହାର ଆମର କିଛି କାମରେ ଲାଗିବନି ।"

ନାହିଁ ଆଜ୍ଞା, ଆପଣଙ୍କ ଉପକାର ଆଗରେ ଏ ଉପହାର କଣ ? ମୋର ସମସ୍ତ ଧନ ସମ୍ପତ୍ତି ବି କିଛି ନୁହେଁ । ଆପଣ ମୋ ପୁଅକୁ ଯମ ମୁହଁରୁ ଫେରାଇ ଆଣିଲେ । ଆପଣ ମୋ ବଂଶ ରକ୍ଷା କଲେ । ତା ତୁଳନାରେ ଏ କିଛି ନୁହେଁ ଆଜ୍ଞା ! ମୁଁ ଆପଣଙ୍କ ହାତ ଧରୁଛି । ଆପଣ ନ ରଖିଲେ ମୋ ମନ ବଡ଼ କଷ୍ଟ ହେବ ଆଜ୍ଞା ! ମୁଁ ବଡ଼ ଆଶାକରି ଦୌଡ଼ିଆସିଥିଲି ।

ଅତନୁ ବାଧ୍ୟ ହୋଇ ଉପହାରଟିକୁ ତନୁଶ୍ରୀ ହାତକୁ ବଢ଼ାଇଦେଲା । ତନୁଶ୍ରୀ ଏତେ ମୂଲ୍ୟବାନ୍ ହୀରା ଖଚିତ ହାର ଦେଖି ତାଟଙ୍କା । ସେ ଶୁଣିଥିଲା ହୀରା ଖଚିତ ହାର; କିନ୍ତୁ କେବେ ଦେଖିବାର ସୌଭାଗ୍ୟ ତାର ହୋଇନଥିଲା । ତେବେ ମନେ ମନେ ଭାବୁଥିଲା ଏତେବଡ଼ ଉପହାରଟି ନେଇ କି ଲାଭ ହେବ ତାର ?

ଅତନୁ ଚାଲିଗଲା ପରେ ଡାକ୍ତର ପଟ୍ଟନାଏକ ବୋହୂଠାକୁ ଆସି ପଚାରିଲେ, "ଏମିତି କଣ ଦରକାର ପଡ଼ିଲାକି ମା, ଭୋଜିସଭାରୁ ଉଠି ପଳାଇଗଲା ପାଗଳଟା । ସେମାନେ ସମସ୍ତେ କେତେ ମନ କଷ୍ଟ କରିଥିବେ କହ ତ । ଆଜି ରାତିରେ ନ ଯାଇ କାଲି ସକାଳେ ଯାଇଥିଲେ କଣ ଚଳିନଥାନ୍ତା ?

"ଗୋଟିଏ ବାର ବର୍ଷର ଓଡ଼ିଆ ଝିଅ କଲିକତା ଚିତ୍ତରଞ୍ଜନ କେନସର ହସ୍‌ପିଟାଲରେ ଭର୍ତ୍ତି ହୋଇଛି ବାପା । ତାର ହୋଇଛି କ୍ଷୁଦ୍ରାନ୍ତ କ୍ୟାନ୍‌ସର । ସେ କହନ୍ତି, କ୍ଷୁଦ୍ରାନ୍ତ କ୍ୟାନସର ଶ୍ରେଷ୍ଠ ପିଲାଙ୍କୁ ହୁଏନା । ବର୍ତ୍ତମାନ ତାଙ୍କ ମନରେ ବଡ଼ ପ୍ରଶ୍ନ ଏ କେମିତି ହେଲା ? ଆମେରିକାର ଜଣେ ଡାକ୍ତର କିଛିଦିନ ତଳେ କହିଥିଲେ କ୍ଷୁଦ୍ରାନ୍ତ କେନ୍‌ସର ବଂଶଗତ । ସେ କିନ୍ତୁ ସେଥିରେ ଏକମତ ହେଉନଥିଲେ । ବର୍ତ୍ତମାନ ସେ ପରୀକ୍ଷା କରିବାକୁ ଚାହାନ୍ତି ଏହି ରୋଗଟି ପିଲାଟିର ବଂଶଗତ କି କଅଣ ? ତା ଛଡ଼ା ପିଲାଟି ଯେଉଁ ଭାଷାରେ କାକୁତିମିନତି କରି ଚିଠି ଲେଖି ତା ଜୀବନ ଭିକ୍ଷା କରିଛି ଆପଣ ପଢ଼ିଲେ ନ କାନ୍ଦି ରହିପାରିବେନି ବାପା । ଝିଅଟି ନିଃସହାୟା । କ୍ୟାନ୍‌ସର୍ ରୋଗ ଚିକିତ୍ସା ପାଇଁ ତାର ଆର୍ଥିକ ସମ୍ବଳ ନାହିଁ । ଏ ଭଳି ପିଲାକୁ ସେ ନ ଦେଖିବେ ତ ଆଉ କାହାକୁ ଦେଖିବେ ବାପା ?"

Digitized by srujanika@gmail.com

"ହେଲେ କାଲି ସକାଳେ ଯାଇଥିଲେ କଣ ଚଳିନଥାନ୍ତା ? ଏତେ ରାତିରେ···"

ନାଁ ବାପା, କାଲି ସନ୍ଧ୍ୟାବେଳକୁ ଆମର ଭାରତ ଛାଡ଼ିବା କଥା । ଆଜି ଯାଇ ରାତିରେ ପରୀକ୍ଷା କରି ଯଦି ଦରକାର ପଡ଼େ, କାଲି ସକାଳେ ଅପରେସନ କରି ଉପରଓଳିକୁ ବମ୍ବେ ଫେରି ଆସିବେ । ତା'ପରେ ଆମେ ସବୁ ଏଠାରୁ ଫେରିଯିବା । କାଲି ସକାଳେ ଗଲେ କଣ ଫେରିବାକୁ ସମୟ ମିଳିଥାନ୍ତା ?

× × ×

"ତୁମେ ଜାଣିଛ ତନୁଶ୍ରୀ, ଆଜି ପରି ସୁସାନର ବାହାଘର । ତୁମକୁ ନିମନ୍ତ୍ରଣ କରିବା ପାଇଁ ଗତ କାଲି ସେ ନିଜେ ଆସିଥିଲା । ତୁମେ ନଥିଲ, ସମ୍ଭବତଃ ବାପାଙ୍କ ସହିତ ବଜାର ଯାଇଥିଲ । ତମ ସହିତ ତା'ର ଦେଖାହୋଇ ପାରିଲାନି । ବଡ଼ ମନ କଷ୍ଟରେ ଫେରିଗଲା ବିଚାରି ।"

"ଆଁ, ସୁସାନର ବାହାଘର ! ଯାହା ହେଉ ଖୁବ୍ ଭଲ ହେଲା । ସୁସାନ ଭଳି ଝିଅଟିକୁ ଯେ ଘରଣୀ କରି ନେବ ତା'ର ସଂସାର ସୁନା ଭଳି ଝଟକି ଉଠିବ । ମୁଁ ଏଭିତରେ ବହୁ ଆମେରିକାନ ଝିଅ ଦେଖିଲିଣି; କିନ୍ତୁ ସୁସାନ ଭଳି ଝିଅଟିଏ ପାଇବା କଷ୍ଟକର । ଧନୀର ଦୁଲାଳୀ ହୋଇ ମଧ୍ୟ ମନରେ ଟିକିଏ ହେଲେ ଗର୍ବ କି ଅହଙ୍କାର ନାହିଁ । ଏତେ ଶାନ୍ତଶିଷ୍ଟ ଝିଅ ବି ଥାଇପାରନ୍ତି ! ଭାଗ୍ୟରେ ଥିଲେ ଏଭଳି ଝିଅଟିଏ ମିଳେ ।"

"ମୁଁ ଦେଖୁଛି ତନୁଶ୍ରୀ, ତୁମେ ଏଭିତରେ ସୁସାନର ଜଣେ ବଡ଼ ଭକ୍ତ ହୋଇଯାଇଛ । ତୁମ ମୁହଁରେ ତା'ର ଏ ଯେଉଁ ପ୍ରଶଂସା, ଯିଏ ଶୁଣିବ, ତୁମକୁ ସେଇଆ ହିଁ କହିବ ।"

"ସୁସାନ ଭଳି ଝିଅଟି ସହିତ ଯେ ମିଶିବ, ତାକୁ ସେ ଭଲ ନ ପାଇ ରହିପାରିବନି । ତାଭଳି ସଙ୍ଗିନୀଙ୍କୁ ଆମେରିକାରେ ପାଇବା ଅତି କଷ୍ଟକର ।"

"ସୁସାନର ବାହାଘରକୁ ତ ଆମକୁ ଯିବାକୁ ପଡ଼ିବ, କିଛି ଗୋଟାଏ ଉପହାର ତ ନିଶ୍ଚୟ ନେବାକୁ ପଡ଼ିବ ସଙ୍ଗରେ ?"

"ନିଶ୍ଚୟ, ତା' ନ ହେଲେ କେମିତି ହେବ ? ତୁମେ ଯଦି କିଛି ମନେ ନ କରିବ କୁହ, ମୁଁ ତୁମକୁ ଗୋଟିଏ କଥା କହିବି ।"

"କଣ କହିବ ଶୁଣେ ? ତୁମେ କହିବ, ଆଉ ମୁଁ ପୁଣି ଗୋଟାଏ କ'ଣ ଭାବିବି ?"

"ସୁସାନ ତୁମକୁ କେତେ ଭଲ ପାଏ, ମୁଁ ଜାଣିଛି । ଫାଦର ମୋତେ ସବୁକଥା ଫିଟାଇ କହିଛନ୍ତି । ତୁମେ ତାକୁ ଗ୍ରହଣ ନକରି ମୋତେ ଗ୍ରହଣ କଲ, ଏଟା ସୁସାନ ପ୍ରତି କମ୍ ବଡ଼ ଆଘାତ ନୁହେଁ । ତଥାପି ବି ସେ କିଛି ମନେ ନ କରି ତୁମ ପ୍ରତି ତା'ର ସ୍ନେହ ଏବେବି ଅତୁଟ ରଖିଛି । ତା'ର ପ୍ରତିଦ୍ୱନ୍ଦ୍ୱୀ ବୋଲି ନଭାବି ମୋ ଠାରେ କେତେ ସ୍ନେହ ସୋହାଗ ଯେ

Digitized by srujanika@gmail.com

ଅଜାଡ଼ି ଦେଇଛି ତାର କଳନା ନାହିଁ । ସୁଯାନ ଯଦି ଅନ୍ୟ ପ୍ରକାର ଝିଅ ହୋଇଥାନ୍ତା ବିଭାଘର ପରେ ଆମ ଦୁଆର ମାଡ଼ିନଥାନ୍ତା କେବେ । ଯେଉଁ ତିନିଜଣ ଝିଅଙ୍କୁ କଂପ୍ୟୁଟର ବାଛିଥିଲା, ତା ଭିତରୁ ସିଏ ତ ଜଣେ । କିଏ କହି ପାରିଥାନ୍ତା ହୁଏତ ସିଏ ଆଜି ମୋ ସ୍ଥାନ ଦଖଲ କରିବସି ନ ଥାନ୍ତା ବୋଲି । ମୋର ମନ ହେଉଛି, ସେଭଳି ଭଲ ଝିଅଟିକୁ ଆମକୁ ବମ୍ବେରେ ସେଠ୍ ସିଂଘାଣିଆ ଦେଇଥିବା ହୀରା ଖଚିତ ସୁନାହାରଟିକୁ ତା' ବିଭାଘରରେ ଆମେ ଉପହାର ଦିଅନ୍ତେନି ?"

"କିନ୍ତୁ ଫାଦର କ'ଣ ରାଜି ହେବେ ତୁମ ପ୍ରସ୍ତାବରେ ? ସେ ଦିନ ଫାଦର କହୁଥିଲେ ସେ ହାରଟିର ଦାମ ତିରିଶ-ଲକ୍ଷ ଟଙ୍କାରୁ କମ୍ ହେବନି । ସେ ଭଳି ହାର ଆମେରିକାରେ ଖୁବ୍ କମ୍ ସ୍ତ୍ରୀଙ୍କର ଅଛି । ସେଠ୍ ସିଂଘାଣିଆ ଯେଉଁ ହାରଟିକୁ ତୁମକୁ ଦେଇଥିଲେ, ତୁମେ କଣ ତାକୁ ସୁଯାନକୁ ଦେଇ ଦେବ ବୋଲି ଭାବୁଛ ?"

"ହଁ, ତୁମ ହାତ ଯିଏ ଧରିଛି, ତା'ଠାରେ ଏ ହାର କିଛି ବଡ଼ ନୁହେଁ । ଏହିଭଳି ହାର୍ କେତେ ଯେ ଆସିବ ତାର କଳନା ନାହିଁ । ସୁଯାନ ଯେ ତୁମକୁ ଦିନେ ଭଲ ପାଉଥିଲା, ତାର ସାକ୍ଷୀ ରହିବ ଏହି ହାରଟି । ଏହି ହାରଟିକୁ ମୁଁ ସୁଯାନ ବେକରେ ଦେଖିଲେ ତାର ବିରାଟ ସ୍ୱାର୍ଥତ୍ୟାଗ ପ୍ରତି ମୁଁ ସଚେତନ ରହିପାରିବି । ତୁମେ ଯଦି ଏଥିରେ ରାଜି ହୁଅ ମୁଁ ଫାଦରଙ୍କୁ ରାଜି କରାଇନେବି ।"

"ବାପାଙ୍କୁ ପୁଣି ପଚାରିବାକୁ ପଡ଼ିବ ।"

"ସେ ସବୁ ଦାୟିତ୍ୱ ମୋର । ବାପା, କି ଫାଦର, ଏଥିରେ ଅରାଜି ହେବେନି ବୋଲି ମୋର ବିଶ୍ୱାସ ।"

× × ×

ସ୍ନେହର ଭଉଣୀ ମଞ୍ଜୁଶ୍ରୀ,

ନିଉ ବ୍ରାନସ ଉଇକ୍
ଯୁକ୍ତରାଷ୍ଟ୍ର, ଆମେରିକା

ତୋ ଚିଠି ଡେରି ଦିନ ହେଲା ପାଇଲିଣି । କାର୍ଯ୍ୟବଶତଃ ଉତ୍ତର ଦେଇ ପାରିନଥିଲି । ତୁ ମୋ ପୂର୍ବ ଚିଠି ପାଇଥିବୁ । ମୋ ବିଭାଘର ପଛରେ କେତେ ବଡ଼ ଇତିହାସ ଅଛି, ତୋତେ ସେ ସବୁ ଲେଖିଥିଲି । କଂପ୍ୟୁଟର ସାହାଯ୍ୟରେ ମୁଁ କେମିତି ବଧୂ ହୋଇ ବିଭା ହେବାକୁ ଆସିଲି; ସେ କଥା ମନେ ପଡ଼ିଲେ ଏବେବି ହସମାଡ଼େ । ଯାହାହେଉ, ଯାହା ହେବାର ତ ହେଲାଣି । ବର୍ତ୍ତମାନ ମୁଁ ବେଶ୍ ଭଲରେ ଅଛି । ସ୍ୱାମୀ ବୋଲି ଯାହାଙ୍କୁ ପାଇଛି, ସେ କଥା ଆଉ କଣ ଲେଖିବି ? ସେ ମଣିଷ ନୁହନ୍ତି ସାକ୍ଷାତ ଦେବତା । ସେ ଆମେରିକାରେ ଜନ୍ମି ବଢ଼ି ବଡ଼ ହୋଇ ମଧ୍ୟ ପୂରାପୂରି ଭାରତୀୟ । ଆମ ଘରଟି ଆମେରିକା ଭିତରେ ହେଲେ ହେଁ

Digitized by srujanika@gmail.com

ଗୋଟିଏ ଭାରତୀୟ ଉପନିବେଶ କହିଲେ ଅତ୍ୟୁକ୍ତି ହେବନି । ତୋତେ ଗତ ଚିଠିରେ ଲେଖିଥିଲି ମୋ ପାଳକ ଶ୍ୱଶୁର ଆମ ଘରେ ରହନ୍ତି । ସେ ଜଣେ ଧର୍ମଯାଜକ । ମୋ ନିଜ ଶ୍ୱଶୁର ନିଉଅର୍ଲିଅନ୍ସ ସହରରେ ରହନ୍ତି, ସେଠାକାର ମେଡ଼ିକାଲ କଲେଜରେ ପ୍ରସୂତି ବିଜ୍ଞାନ ଅଧ୍ୟାପକ । ବେଳେବେଳେ ଛୁଟି ହେଲେ ଆମନିକଟକୁ ବୁଲିଆସନ୍ତି । ତୋ ଭିଣୋଇ ତାଙ୍କ ଇନଷ୍ଟିଚିଉଟ୍ ନେଇ ସବୁବେଳେ କାର୍ଯ୍ୟବ୍ୟସ୍ତ । ଶହ ଶହ ରୋଗୀ ଚିକିତ୍ସା ପାଇଁ ତାଙ୍କଠାକୁ ଆସନ୍ତି । ସେ ଏତେ କାର୍ଯ୍ୟବ୍ୟସ୍ତ ଯେ ଖାଇବା ପିଇବାରେ ଠିକ୍ ନଥାଏ । ସେ ସକାଳୁ ଘରୁ ବାହାରି ଯାଆନ୍ତି ଆସନ୍ତି ରାତିରେ । ରାତିରେ ଯାହା ଦେଖା ସାକ୍ଷାତ୍, କଥାବାର୍ତ୍ତା । ଯେତିକି ସମୟ ସେ ଘରେ ରହନ୍ତି, ଆମ ଘରଟା ସ୍ୱର୍ଗପୁର ଭଳି ମନେହୁଏ । ତାଙ୍କ କଥାବାର୍ତ୍ତା, ଆଚାର ବ୍ୟବହାର ଏତେ ମୋ ମନକୁ ପାଏ ଯେ ମୁଁ କଦାପି ଭୁଲିପାରିବନି । ହସ୍ପିଟାଲରୁ ଘରକୁ ଆସିବାକୁ ବେଳ ପାଆନ୍ତିନି ବୋଲି ମୋତେ ଘରୁ ଥାଇ ଦେଖିବାପାଇଁ ଆମ ଘର ଓ ଇନ୍‌ଷ୍ଟିଚିଉଟ୍ ଭିତରେ ପିକ୍‌ଚର୍ ଫୋନ୍ ବସିଛି । ସେ ଯନ୍ତ୍ର ଏମିତି ଯେ ଯନ୍ତ୍ର ଉଠାଇ ସେ ମୋ ସହିତ କଥାବାର୍ତ୍ତା କରିବାକୁ ବସିଲେ ସେ ମୋତେ ଦେଖିପାରନ୍ତି ଓ ମୁଁ ତାଙ୍କୁ ସେ ଯନ୍ତ୍ର ଜରିଆରେ ଦେଖିପାରେ । ପିକ୍‌ଚର୍ ଫୋନରେ କଣ କହନ୍ତି ଜାଣୁ, ତମ ମୁହଁ ଦେଖି ଅପରେସନ ଥିଏଟରକୁ ଗଲେ ମୋ ଅପରେସନ ସଫଳ ହୁଏ ତନୁଶ୍ରୀ । ମୋ ରନ୍ଧାବଢ଼ାକୁ ତାଙ୍କର ଭାରି ଆଦର । ସେ ଆମେରିକାବାସୀ ହେଲେହେଁ ଭାରତୀୟ ଖାଦ୍ୟ ଛଡ଼ା ଆମେରିକା ଖାଦ୍ୟ ଖାଇ ପାରନ୍ତିନି ।

ଗଲଚିଠିରେ ଲେଖିଥିଲୁ ମୋର ପିଲାପିଲି କଥା । ତୋ ଭିଣୋଇଙ୍କୁ କହିଲେ ହସି ଦିଅନ୍ତି, କହନ୍ତି ପିଲାପିଲି ପାଇଁ ଏତେ ତରବର କାହିଁକି ? ଆଉ କିଛି ଦିନ ଯାଉ ଦେଖିବା । ମୁଁ ଯଦି ରୁଷେ, ତେବେ ସେ କହନ୍ତି ହେଉ ବିଚାର କରିବା, ତୁମେ ଏତେ ଅଧୈର୍ଯ୍ୟ ହୋଇ ପଡ଼ନି । ମୁଁ ବିଚାର କରି ମୋ ନିଷ୍ପତ୍ତି ଜଣାଇବି । ଆମ ଘରେ ଫାଦର ହେଲେ ମୁରବି । ତାଙ୍କର ମଧ୍ୟ ଇଚ୍ଛା ଆମର ପିଲାଟିଏ ହେଉ । ପିଲାଟିଏ ନ ହେଉଥିବାର ଦେଖି ସେ ବଡ଼ ଚିନ୍ତିତ ହୁଅନ୍ତି । ବାପା ଯେତେବେଳେ ଆମ ଘରକୁ ଆସନ୍ତି, ତାଙ୍କୁ ଯାଇ ପଚାରନ୍ତି “ହାଇ ହେ, ଡକ୍‌ଟର ପଟନାଏକ, ତୁମେ ତ ପ୍ରସୂତି ବିଜ୍ଞାନ ଅଧ୍ୟାପକ, ତୁମ ବୋହୂର ଏପର୍ଯ୍ୟନ୍ତ ପିଲାପିଲି ତ ହୋଇନାହିଁ । ସେଥିପାଇଁ କିଛି ଚିନ୍ତା କରୁଛ ନା ନାହିଁ ?”

ହସି ଦିଅନ୍ତି ବାପା । କହନ୍ତି, “ଫାଦର, ସେମାନେ ଦି'ଜଣଯାକ ତ ପିଲା । ସେମାନଙ୍କର ପୁଣି ପିଲାଟିଏ କ'ଣ ଦରକାର ? ଆଉ କିଛିଦିନ ଯାଉ ।”

ଫାଦର କହନ୍ତି “ଆମେରିକାରେ ଆଜିକାଲି ପନ୍ଦର ଷୋହଳ ବର୍ଷର ଝିଅ ମା' ହେଲେଣି, ତୁମେ କଣ କହୁଛ ନା ଆଉ କିଛିଦିନ ଯାଉ ।”

ବାପା ପୁଣି ହସି ଦିଅନ୍ତି “ଅତନୁ କ'ଣ ଏ କଥା ଜାଣୁନି ଯେ ଆମେ ତାକୁ ଚେତାଇ ଦେବା ଦରକାର ?”

Digitized by srujanika@gmail.com

ଡାକ୍ତର ଓ ବାପାଙ୍କ ଆଲୋଚନା ମୁଁ ଅଲକ୍ଷ୍ୟରେ ଥାଇ ଶୁଣେ । ରାତିରେ ତାଙ୍କୁ କହିଲେ ସେ ହସନ୍ତି, କହନ୍ତି "ବାପା ଠିକ୍ କଥା କହୁଛନ୍ତି । ତୁମର ବର୍ତ୍ତମାନ ପିଲା ହେଲେ ତୁମର ଚେହେରା ଭାଙ୍ଗିପଡ଼ିବ ଚନ୍ଦ୍ରଶ୍ରୀ । ପିଲାଟାକୁ ତୁମେ ଦଶ ମାସର କଷ୍ଟ ସହି ପ୍ରସବ କଲେ, ତୁମର ଏ ସୁନା ଖଡ଼ିକାପରି ଦେହ ଚୂନା ହୋଇଯିବ ?"

ମୁଁ ସେତେବେଳେ କହେଁ—"ହଁ, ମୁଁ ସେ କଷ୍ଟ ସମ୍ଭାଳିବାକୁ ରାଜି, ସେ କହନ୍ତି, ହେଉ, ତାହେଲେ ମୋ କଥା କାଲି ତୁମକୁ ଶୁଣାଇବି ।"

ଇମିତି ଭିତରୀ ଦିନରାତି ଗଡ଼ିଗଲେ । କାଲି ଆଉ ଆଜି ହୁଏନା ! ମୁଁ ପୁଣି ଜିଦ୍ ଧରି ବସିଲେ ସେ କହନ୍ତି ହେଉ, ଆମର ପିଲାଟିଏ ହେବ । ମୁଁ ରାଜି । ତେବେ ପିଲାଟି ପୁଅ ହେବ ନା ଝିଅ ହେବ, ଆଗ ଠିକ୍ କର ।

ତୋ ଭଣୋଇଙ୍କ କଥା ଶୁଣି ମୁଁ ହସେ "କହେ ତୁମେ ଏମିତି କ'ଣ କହୁଛ'ମ, ଭାଗ୍ୟରେ ଯାହାଥିବ ତା'ହେବ । ମୁଁ କି ତୁମେ ଯାହା ଚାହିଁବା ତାହା କଣ ହୋଇ ପାରିବ ?"

ସେ ହସନ୍ତି, କହନ୍ତି, ଚନ୍ଦ୍ରଶ୍ରୀ ଭାଗ୍ୟାନୁସାରେ ପୁଅ, ଝିଅ ହେବା ଯୁଗ କେଉଁ ଦିନରୁ ଆମେରିକାରୁ ଗଲାଣି । ତୁମେ ଯଦି ପୁଅ ଚାହିଁବ ପୁଅ ହେବ, ଝିଅ ଚାହିଁଲେ ଝିଅ ହେବ ।

ତୋ ଭଣୋଇ ଓ ମୋ ଭିତରେ ପୁଣି ଆଲୋଚନା ଚାଲେ । ମୁଁ ଯଦି କହେଁ ପୁଅ ହେବ ସେ କହନ୍ତି ନା ଝିଅ ହେବ । କିନ୍ତୁ ସିଦ୍ଧାନ୍ତ ହୋଇ ପାରେନା । ଦିନ ଗଡ଼ି ଗଡ଼ି ଚାଲେ । ଯଦି ପୁଣି କେତେବେଳେ ତୋଳାଇ ଦିଏ ପିଲା ହବା କଥା, ସେ କହନ୍ତି ଆଗ ଠିକ୍ କର ପୁଅ ହେବ କି ଝିଅ ହେବ । ଆମ ଭିତରେ ବହୁ ଆଲୋଚନା ପରେ ଦିନେ ଠିକ୍ ହେଲା ଆମର ପୁଅଟିଏ ହେବ ।

ଏହାପରେ ପଚାରିଲେ ପୁଅଟି ଜନ୍ମ ହେବ ସତ ! କିନ୍ତୁ ପୁଅଟିକୁ ଗର୍ଭରେ ଧାରଣ କରିବ କିଏ ?

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "କାହିଁକି ମୁଁ ? ତୁମେ କ'ଣ ଗର୍ଭଧାରଣ କରନ୍ତ କି ?" ହସିଲେ, ତୋ ଭଣୋଇ ! ସ୍ତ୍ରୀମାନେ ଗର୍ଭଧାରଣ ନ କରି ଆଉ ପୁରୁଷମାନେ କ'ଣ କରନ୍ତେ କି ? କଥା ହେଲା, ତୁମେ କ'ଣ ଗର୍ଭ ଧାରଣ କରିପାରିବ ? ଗର୍ଭଧାରଣର ଯେଉଁ କଷ୍ଟ, ଶିଶୁକୁ ଜନ୍ମ ଦେଲାବେଳେ ଯେଉଁ ପ୍ରସବ ବେଦନା ତୁମେ ତାକୁ କ'ଣ ସହ୍ୟ କରି ପାରିବ ଚନ୍ଦ୍ରଶ୍ରୀ ? ସେ ଯେଉଁ ଅସହ୍ୟ ବେଦନା ତାହା ତୁମ ସହ୍ୟର ବାହାରେ ।

ହସିଲି ତୋ ଭଣୋଇଙ୍କ କଥାରେ, ଆଦିମକାଳରୁ ମଣିଷ ସମାଜରେ ସ୍ତ୍ରୀ ଲୋକମାନେ ଏହି କଷ୍ଟ ସହ୍ୟ କରି ପିଲାମାନଙ୍କୁ ଜନ୍ମଦେଇ ଆସୁଅଛନ୍ତି । ତୁମକୁ, ମୋତେ ଆମ ମା'ମାନେ ସେହି କଷ୍ଟ ଭିତରେ ଜନ୍ମ ଦେଇଛନ୍ତି ତ ?

Digitized by srujanika@gmail.com

ସେ ଥିଲା ଅତୀତ ଯୁଗ ତନୁଶ୍ରୀ, ଅତୀତ ଯୁଗ । ବର୍ତ୍ତମାନ ଯୁଗରେ ଆଉ ତାହା ନାହିଁ । ଯାଅ ଦେଖିବ, ଆଧୁନିକ ମାର୍କିନଲଲନାକୁ । ସେ ତା'ର ସନ୍ତାନର ଜନନୀ ହେବାକୁ ଚାହେଁ; କିନ୍ତୁ ଦଶମାସର ଗର୍ଭଧାରଣ କରିବାକୁ ପ୍ରସ୍ତୁତ ନୁହେଁ । ସେମାନଙ୍କ ସନ୍ତାନକୁ ଗର୍ଭରେ ଧରି ଜନ୍ମଦେବା ପାଇଁ ଅନ୍ୟ ସ୍ତ୍ରୀଲୋକ ଅଛନ୍ତି, ସେମାନେ ହେଲେ ସରୋଗେଟ୍ ମା' । ସାମାନ୍ୟ ଅର୍ଥ ବିନିମୟରେ ସେମାନେ ତୁମପାଇଁ ସନ୍ତାନ ପ୍ରସବ କରି ଦେବେ । ତା' ପ୍ରତିବଦଳରେ ସେମାନେ ନେବେ ତୁମଠାରୁ ସେମାନଙ୍କ ପାରିଶ୍ରମିକ ।

ତୋ ଭିଣୋଇଙ୍କ କଥା ମୁଁ ବୁଝି ପାରିଲିନି । ମୋର ପିଲା ହେବ, ଅଥଚ ମୋ ଗର୍ଭରୁ ଜାତ ହେବନି ଆଉ ଜଣେ ସ୍ତ୍ରୀଲୋକର ଗର୍ଭରୁ ସେ ଜନ୍ମ ହେବ । ପୁଣି ଥରେ ପଚାରିଲି, "ତୁମେ ଯେଉଁ ସରୋଗେଟ୍ ମା' କଥା କହିଲ ଏ ପୁଣି କ'ଣ ?

ହସିଲେ ତୋ ଭିଣୋଇ, କହିଲେ, "ଶୁଣ, ମାର୍କିନ ନାରୀ ସୁଖଭୋଗ କରିବାକୁ ଚାହେଁ ଦୁଃଖ ଭୋଗ କରିବାକୁ ନୁହେଁ । ଆଜିକାଲି ସେଥିପାଇଁ ପିଲା ପ୍ରସବ ନେଇ ମାର୍କିନ୍ ସମାଜରେ ଏକ ନୂଆ ରୀତି ଦେଖାଦେଇଛି । ତା' କେମିତି ହେଉଛି ଶୁଣ ।"

ତୁମର ପିଲାଟିଏ ଦରକାର । ତୁମେ ଓ ତୁମ ସ୍ୱାମୀ ଜଣେ ପ୍ରସୂତି ବିଜ୍ଞାନ ବିଶେଷଜ୍ଞଙ୍କ ପାଖକୁ ଯିବ । ସେ ତୁମକୁ ପରୀକ୍ଷା କରି ଦେଖିବ, ତୁମ ଗର୍ଭକୋଷରେ ଠିକ୍ କେଉଁଦିନ ଡିମ୍ବାଣୁଟି ଠିକ୍ ଭାବରେ ବୃଦ୍ଧି ପ୍ରାପ୍ତ ହେଲା । ସେହିଦିନ ସେ ଅସ୍ତ୍ରୋପଚାର ଦ୍ୱାରା ତୁମ ଗର୍ଭ-କୋଷରୁ ଡିମ୍ବାଣୁଟିକୁ ବାହାର କରି ଆଣିବ । ତତ୍ପରେ ତୁମ ସ୍ୱାମୀଠାରୁ ସେ ସଂଗ୍ରହ କରିବ ଶୁକ୍ରାଣୁ । ଉଭୟଙ୍କୁ ସେ ଏକ ଯନ୍ତ୍ର ଭିତରେ ମିଳିତ କରାଇ ଡିମ୍ବାଣୁକୁ ନିଷିକ୍ତ କରାଇବ । ଏହି ଯେଉଁ ଆଣୁବୀକ୍ଷଣିକ ଭ୍ରୂଣଟି ଜନ୍ମ ନେବ, ତାକୁ ନେଇ ସେ ଆଉ ଜଣେ ସ୍ତ୍ରୀ ଲୋକର ଜରାୟୁରେ ସ୍ଥାପନା କରିବ । ଭ୍ରୂଣଟି ବର୍ତ୍ତମାନ ସେ ସ୍ତ୍ରୀ ଲୋକର ଗର୍ଭାଶୟରେ ବଢ଼ିବ । ଏହା ଫଳରେ ସେହି ସ୍ତ୍ରୀ ଲୋକଟି ହେବ ଅନ୍ତଃସତ୍ତ୍ୱା, ତୁମେ ହେବନାହିଁ । ସେ ତା' ଗର୍ଭରେ ଯେଉଁ ସନ୍ତାନଟି ବହନ କରିବ ସେ ପ୍ରକୃତରେ ତୁମର ସନ୍ତାନ । ଏହି ଶିଶୁଟିକୁ ବଢ଼ିବାପାଇଁ ତା' ଶରୀରରୁ ଖାଦ୍ୟ ଦେଇ ତାକୁ ବଢ଼ିବାକୁ ଦେବ ସେ । ଦଶ ମାସ ବେଳକୁ ସେ ଶିଶୁଟିକୁ ଜନ୍ମ ଦେଇ ତୁମକୁ ଦେଲେ ସେହି ଶିଶୁଟି ହେବ ତୁମ ଶିଶୁ । ସେ ତାର ପାରିଶ୍ରମିକ ବାବଦ ତୁମଠାରୁ କିଛି ଅର୍ଥ ପାଇବ । ସେ ହେଉଛି ତୁମ ପିଲାର ସରୋଗେଟ୍ ମା' । ବର୍ତ୍ତମାନ ଆମେରିକାରେ ବହୁତ ସ୍ତ୍ରୀ ଲୋକ ଏହି ସରୋଗେଟ୍ ମା' ହେବାପାଇଁ ଆଗ୍ରହୀ । କାରଣ କଣ ଜାଣିଛ ?

ତୋ ଭିଣୋଇଙ୍କ କଥା ଶୁଣି ମତେ ସ୍ୱପ୍ନ ଦେଖିଲା ଭଳି ମନେ ହେଉଥାଏ । ପଚାରିଲି କାହିଁକି ?

ଏହା ଏକ ବଡ଼ ରୋଜଗାର । ଗୋଟିଏ ଗୋଟିଏ ପିଲା ପ୍ରସବ କରି ଦେବା ପାଇଁ ସେମାନେ ପାରିଶ୍ରମିକ ନେବେ ଅନ୍ୟୁନ ୫୦ ହଜାର ଡଲାର ।

Digitized by srujanika@gmail.com

ଆଁ ! ପଚିଶ ହଜାର ଡଲର ! ଚମକି ପଡ଼ିଲୁ ?

ହସିଲେ ତୋ ଭିଣୋଇ, କହିଲେ, ଦେଖ ଆମେରିକାର ଧନୀ ପରିବାରର ସ୍ତ୍ରୀ ଲୋକମାନଙ୍କ ପାଇଁ ଏହି ପଚିଶ ହଜାର ଡଲର କିଛି ନୁହେଁ । ତା' ତୁଳନାରେ ଗର୍ଭ ବେଦନାର କଷ୍ଟ, ଦଶ ମାସ ଧରି ଘରେ ରହିବା ଅସୁବିଧା, ସ୍ୱାଧୀନ ଭାବରେ ଚଲାବୁଲା କରିବାରେ ଯେଉଁ ବାଧା ସେ ସବୁ ତ ନଥିବ । ବିନାଗର୍ଭ ବେଦନାରେ ପିଲାର ମା' ହେବା କେଡ଼େ ସୌଭାଗ୍ୟ କହିଲ ?

ଏମିତି କିଏ ସରୋଗେଟ୍ ମା' ମିଳୁଛନ୍ତି ଏଠି ? ପଚାରିଲି ।

ହସିଲେ ତୋ ଭିଣୋଇ । ଆମେରିକାନ୍ ଖବର କାଗଜ ଗୋଟାଏ ଲେଇ ଟାଉନ, ଦେଖିବ କେତେ ବିଜ୍ଞାପନ ବାହାରୁଛି ସେଥିରେ । ଏମିତିକି କେତେ ଦୁଃସ୍ଥ ଅବିବାହିତା ଝିଅ ସରୋଗେଟ ମା' ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ବିନା ସହବାସରେ ଅନ୍ତଃସତ୍ତ୍ୱା ହୋଇ ଅନ୍ୟର ପିଲାକୁ ନିଜ ଗର୍ଭରେ ଧାରଣ କରି ଅନ୍ୟପାଇଁ ପିଲା ପ୍ରସବ କରିବାକୁ କେତେ ସ୍ତ୍ରୀ ଲୋକ ଏକ ବେଉସା ହିସାବରେ ଆଦରି ନେଲେଣି । ନ ନେବେ କାହିଁକି ? ଥରେ ଅନ୍ୟପାଇଁ ଗର୍ଭବତୀ ହେଲେ ପାଞ୍ଚ ବର୍ଷର ରୋଜଗାର ଥରକେ ମିଳିଯିବ । ଯେଉଁମାନେ ଦୁଃସ୍ଥ, ଗରିବ ଏହି ଉପାୟରେ କିଛି ଅର୍ଥ ଉପାର୍ଜନ କଲେ ସେମାନଙ୍କ ସଂସାର ବେଶ୍ ଭଲରେ ଚଳିଯିବ । ତା ଛଡ଼ା ଏଥିରେ ପାପ କାମ କିଛି ନାହିଁ ।

ତୁମେ କଣ ଚାହୁଁଛ ତନୁଶ୍ରୀ, ଆମ ପିଲାଟି ସରୋଗେଟ୍ ମା'ଠାରୁ ଜନ୍ମ ନେବ ? ତୁମେ ଯଦି ସେଥିରେ ରାଜି, କୁହ କାଲି ମୁଁ ଏହାର ବ୍ୟବସ୍ଥା କରିଦେବି । ଦଶମାସ ପରେ ତୁମେ ପୁତ୍ର ସନ୍ତାନର ମା' ହୋଇ ବସିବ ।

ନା, ନା, ତା ମୁଁ ଚାହେଁନା । ମୁଁ ମୋ ସନ୍ତାନର ମା' ହେବି । ମୁ ଚାହେଁ ଦଶ ମାସର ଗର୍ଭ ବେଦନା ସହ୍ୟକରି, ମୁଁ ମୋ ପିଲାକୁ ଜନ୍ମ ଦେବି ।

"ତାହେଲେ ଆଉ କିଛି ଦିନ ଅପେକ୍ଷା କର ତନୁଶ୍ରୀ, ତୁମର ସେ କଷ୍ଟ ସହ୍ୟ କରିବା ବୟସ ଆସୁ ।"

ଗତ ଚିଠିରେ ତୁ ମୋର ପିଲା ହେବା କଥା ଯାହା ଲେଖିଥିଲୁ ଏହି ହେଲା ତାହାର ସାରମର୍ମ । ମୁଁ ବର୍ତ୍ତମାନ ଗର୍ଭବତୀ ହେବା ତୋ ଭିଣୋଇ ଚାହାନ୍ତିନ । ମୁଁ ସେହି ଦିନକୁ ଅନାଇ ବସିଛି, ଯେଉଁଦିନ ସେ ରାଜି ହେବେ । ଆଉ ଏଠାରେ ସମସ୍ତ ମଙ୍ଗଳ । ଆଶା, ତୁ ଶୀଘ୍ର ଚିଠି ଦେବୁ । ତୋର ପିଲାପିଲି କଥା ତ କିଛି ଲେଖିଲୁ ନାହିଁ ?

ଇତି

ତୋର ଭଉଣୀ ତନୁଶ୍ରୀ

× × ×

Digitized by srujanika@gmail.com

ଆମେରିକାରେ ଖରା ଦିନ ହେବାରୁ ପ୍ରତ୍ୟେକ ମାର୍କିନ ପରିବାର ଶନିବାର, ରବିବାର ଦୁଇ ଦିନ ସମୁଦ୍ର ଉପକୂଳ ବିଚ୍‌କୁ ଧାଉଁଛନ୍ତି । ପାଖ ଆଖର ଯେଉଁ ପରିବାର ସହିତ ତନୁଶ୍ରୀର ବନ୍ଧୁତା, ସେମାନେ ସମସ୍ତେ ଶନିବାର ହେବା କ୍ଷଣି ନିଜ ପରିବାରକୁ ଧରି ଘର ଛାଡ଼ି ବାହାରନ୍ତି । ଶନିବାର ରବିବାର ଦେଖି ଯାଙ୍କ ଘରକୁ ଫୋନ୍ କଲେ କ୍ଷଣି ସେମାନଙ୍କ ଘର ଶୁନ୍‌ଶାନ୍ । ପ୍ରତ୍ୟେକଙ୍କ ଯନ୍ତ୍ରରେ ଲାଗିଥିବା ଅଟୋଫୋନ୍ କହୁଛି ଯାଗ୍ୟପରିବାର ଅମୁକେଇ ବିଚ୍‌କୁ ଯାଇଛନ୍ତି ଦୁଇଦିନ ପାଇଁ । ଆପଣଙ୍କର ଯାହା କହିବାର ଅଛି, କହି ଯାଆନ୍ତୁ, ସେମାନେ ଫେରିଲେ ସେମାନଙ୍କୁ ଜଣାଇ ଦିଆଯିବ । ତନୁଶ୍ରୀ ପ୍ରତ୍ୟେକ ବନ୍ଧୁଙ୍କ ଘରୁ ଏହି କଥା ଶୁଣି ଶୁଣି ନିୟାନ୍ତ ହୋଇଗଲାଣି । ଏ କି ଦେଶ, ଛୁଟି ଦିନ ହେଲା ମାତ୍ରେ ସମସ୍ତେ ଦୌଡ଼ିଲେ ବିଚ୍‌କୁ । ସତେ ଯେମିତି ଆମେରିକାରେ ଆଉ କିଛି ନାହିଁ, ବିଚ୍ ହିଁ ଏକମାତ୍ର ଜୀବନ । ତନୁଶ୍ରୀ ଆମେରିକା ଆସିବା ଦୁଇ ତିନି ବର୍ଷ ହୋଇଗଲାଣି । ସବୁ ବର୍ଷ ଏହି ଖରାଦିନେ ଶୁଣେ ବିଚ୍‌କଥା । ଅଚ୍ଚ ଅନ୍ୟଦିନେ କେହି ବିଚ୍ ନାଁ ଧରନ୍ତିନି । ଛୁଟିହେଲେ ଲୋକେ କାହିଁକି ବିଚ୍‌କୁ ପାଗଳଙ୍କ ଭଳି ଦୌଡ଼ନ୍ତି ଧାରଣା କରିପାରେନି ତନୁଶ୍ରୀ । ଦିନେ ଠିକ୍ କଲା ଅତନୁକୁ ଏକଥା ପଚାରିବ ।

ସେ ଦିନ ଶନିବାର । ଅତନୁ ହସ୍‌ପିଟାଲକୁ ଯିବ ଟିକେ ବିଳମ୍ବରେ । ସେ ଦିନ ଅପରେସନ ଆଦି କିଛି ନାହିଁ । କାରଣ ଆମେରିକାରେ ଶନିବାର, ରବିବାର ଦୁଇ ଦିନ ଛୁଟି ! ଖାଲି ଯାଇ ହସ୍‌ପିଟାଲରେ ଥରେ ବୁଲିଆସିବା କଥା । କେଉଁ ରୋଗୀର ଅବସ୍ଥା କେମିତି ପ୍ରତିଦିନ ବୁଲି ନ ଦେଖିଲେ ଅତନୁର ମନ ସମ୍ଭାଳା ପଡ଼େନି । ଅତନୁ ସପ୍ତାହରେ ମାତ୍ର ଦୁଇ ଦିନ ଡେରି କରି ଉଠେ । ଅନ୍ୟଦିନେ ସେ ସମସ୍ତଙ୍କ ଆଗରୁ ଉଠି ପ୍ରାତଃ କର୍ମ ଶେଷ କରି ହସ୍‌ପିଟାଲକୁ ବାହାରେ । କିନ୍ତୁ ଏହି ଦୁଇ ଦିନ ସେ ସମସ୍ତଙ୍କ ପଛରେ ।

ପୂର୍ବଦିନ ରାତିରୁ ତନୁଶ୍ରୀ ଠିକ୍ କରିଥାଏ, ସକାଳ ହେଲାକ୍ଷଣି ଅତନୁକୁ ପଚାରିବ ଏହି ବିଚ୍ ଯିବା କଥା । ବିଚ୍‌ରେ କ'ଣ ଅଛି, ଯାହା ପାଇଁ କି ଲୋକେ ପାଗଳଙ୍କଭଳି ଧାଆଁନ୍ତି । ତନୁଶ୍ରୀ ସକାଳୁ ଉଠି ପ୍ରାତଃ କର୍ମ ଶେଷ କରିବା ଉଦ୍ଦେଶ୍ୟରେ ବାଥରୁମ୍‌କୁ ପଶିଲା, ଭାବିଲା ସେ ବାଥରୁମ୍‌ରେ ଗାଧୁଆ ପାଧୁଆ ଶେଷ କଲା ବେଳକୁ ଅତନୁ ଉଠିସାରିଥିବ । ତେଣୁ ସେତିକିବେଳେ ପଚାରିବ ବିଚ୍‌କଥା । ସେ ଗାଧୋଇସାରି ପୋଷାକପତ୍ର ପିନ୍ଧିବା ଉଦ୍ଦେଶ୍ୟରେ ପାଖ କୋଠରିକୁ ଯାଉଁ ଯାଉଁ ଅତନୁକୁ ଉଠାଇ ଦେବାପାଇଁ ପଲଙ୍କପାଖକୁ ଚାଲିଗଲା । ଅତନୁକୁ ହଲାଇ ଦେଲାରୁ ସେ ଉଁ ଉଁ କହି ଅଳସ ଭାଙ୍ଗି ଅନାଇଦେଲା । ତନୁଶ୍ରୀକୁ ପାଖରେ ଠିଆ ହୋଇଥିବାର ଦେଖି ସେ ନିଜକୁ ଆୟତ୍ତକରି ପାରିଲାନି, ତାକୁ ଟାଣିନେଇ ନିଜ ଛାତି ସହିତ ଭିଡ଼ିଧରି କହିଲା "ଆଜି ଏତେ ସକାଳୁ ମହାଦେବୀଙ୍କର କୁଆଡ଼େ ଯାତ୍ରା କରିବାର ପ୍ରୋଗ୍ରାମ ଅଛି ନା କଅଣ, ଏତେ ସଅଳ ସଅଳ ଗାଧୁଆ··· ।"

ଅତନୁକୁ ଭିଡ଼ି ନେବା ଦେଖି ତନୁଶ୍ରୀ କହିଲା, "ହାଁ ହାଁ, ଏ କଣ କରୁଛ ? ମୁଁ ପୋଷାକ-ପତ୍ର ଠିକ୍ ଭାବରେ ପିନ୍ଧିନି ଯେ ! ମୁଁ ତୁମକୁ ଉଠାଇ ଦେବାକୁ ଆସିଲି, ଅଥଚ ତୁମେ ମୋତେ

Digitized by srujanika@gmail.com

ଏମିତି ଝାଣି ନେଲ । ମୋତେ ଟିକଏ ଗୁଡ଼, ମୁଁ ପୋଷାକପତ ପିନ୍ଧିଆସେ । ମୋତେ ଏମିତି ଯଦି କିଏ ଦେଖେ, ସେ କ'ଣ ଭାବିବ କହିଲ ? ଦୁଆର ପଟା ମେଲା ଅଛି ?

"ତୁମକୁ ମୋଛଡ଼ା ଆଉ କେହି ଦେଖିବେନି ତନୁଶ୍ରୀ । ଦୁଆର ମେଲା ଅଛି କହି ମୋଠାରୁ ଏମିତି କେତେଥର ଗୁଡ଼ ପାଇବ ଶୁଣେ ? ତୁମକୁ କେତେ ଥର କହିଲିଣି ଦୁଆର ମେଲା ଥିଲେ ମଧ୍ୟ କେହି ଏ ଘର ଭିତରକୁ ପଶି ଆସିବେନି । ଯାହାକୁହ ତନୁଶ୍ରୀ, ମୁଁ ତମକୁ ଏହିଭଳି ବେଶରେ ଦେଖିବାକୁ ଖୁବ୍ ଭଲ ପାଏଁ । ମୁଁ ସବୁବେଳେ ଚାହେଁ, ତୁମେ ସବୁବେଳେ ମୋଠାରେ ଏହି ବେଶରେ ବସିରହନ୍ତ କି ! ମୁଁ ତୁମକୁ ଆଖିପୂରାଇ ଦେଖନ୍ତି । ମୋର ଚକ୍ଷୁର କ୍ଷୁଧା ମେଣ୍ଟ ଯାନ୍ତା ସେହି ଦେଖାରେ ।"

"ମୋତେ ତ ଦିନରାତି ସବୁବେଳେ ଦେଖୁଛ, ପିକ୍‌ଚର ଫୋନରେ ହସ୍‌ପିଟାଲରେ ଥାଇ ଦେଖୁଛ । ଆଉ କ'ଣ ବାକି ରହିଗଲା ଯେ ମୋତେ ଏହି ଅଧା ପୋଷାକରେ ଦେଖିବାକୁ ଏତେ ଇଚ୍ଛା ? ତୁମ ଓ ମୋ ବୟସ ଦିନକୁ ଦିନ ବଢ଼ିବା ପରିବର୍ତ୍ତିରେ କମିଯାଉଛି ନା କଅଣ ?"

ସେତେବେଳ ପର୍ଯ୍ୟନ୍ତ ତନୁଶ୍ରୀର ଅର୍ଦ୍ଧ ଉନ୍ମୁକ୍ତ ଶରୀର ଆବଦ୍ଧ ହୋଇ ରହିଥିଲା ଅତନୁର ପ୍ରଶସ୍ତ ବକ୍ଷ ଉପରେ । ସେ ନିଜକୁ ଯେତେ ଚେଷ୍ଟା କରି ମଧ୍ୟ ମୁକୁଳାଇ ପାରୁନଥିଲା ଅତନୁର ବାହୁ ବନ୍ଧନରୁ ।

ଧୀରେ ଧୀରେ ଅତନୁର ମୁହଁ ପାଖେଇ ଆସିଲା ତନୁଶ୍ରୀର ଲଜ୍ଜାରୁଣ କପୋଳ ପାଖକୁ । ଗୃହଁ ଗୃହଁ ତନୁଶ୍ରୀର ରକ୍ତିମ କପୋଳ ଉପରେ ଆଙ୍କି ହୋଇଗଲା ସୁମଧୁର ଚୁମ୍ବନର କେତୋଟି ମୁନେଲ୍ ଗାର ।

"ଏବେ ହେଲା ନା ଆଉ କିଛି ବାକିରହିଲା ? ଏଥର ମୋତେ ମୁକ୍ତି ମିଳୁ ।"

"ଉଁ ହୁଁ, କିଛି ହୋଇନି ତନୁଶ୍ରୀ । ଆହୁରି ଢେର ବାକି ଅଛି ।" ସେତେବେଳକୁ ଅତନୁର ମୁହଁ ତନୁଶ୍ରୀର ବକ୍ଷଭିତରେ ଖୋଜୁଥାଏ ଆଶ୍ରୟ ।

"ତାହାଲେ ଛାଡ଼ିବନି ମୋତେ ?"

"ନାଁ, ଯଦି ନ ଛାଡ଼େ ?"

"ହେଉ, ହଜୁରଙ୍କ ଯେ ଇଚ୍ଛା । ମୁଁ ସେହିଭଳି ପଡ଼ିରହିଲି ।"

ହଠାତ୍ କାନ୍ଥଘଣ୍ଟାରେ ଠନ୍ ଠନ୍ କରି ଆଠଟା ବାଜିବାର ଶୁଣି ଅତନୁ ଚମକି ଉଠିଲା । ସେ ତନୁଶ୍ରୀକୁ ବାହୁବନ୍ଧନରୁ ମୁକ୍ତ କରି ଦେଇ କହିଲା "ଆଁ, ଆଠଟା ବାଜିଗଲାଣି ? ତୁମେ ମୋତେ ସେ କଥା କହୁନାହଁ କେମିତି ?"

Digitized by srujanika@gmail.com

"ମୋ କଥା ଶୁଣୁଛ କିଏ ? ହଜୁରଙ୍କୁ ଘଡ଼ି ବାରଟା କି ଗୋଟାଏ ବାଜିଲା ଭଳି ଜଣାପଡ଼ୁଛି । ତା' ନହୋଇଥିଲେ ସକାଳ ଆଠଟାରେ ହଜୁରଙ୍କର ପାଗଲାମି କ'ଣ ଆରମ୍ଭ ହୋଇଥାନ୍ତା !"

"ଦୋଷ କାହାର ଜାଣ ତନୁଶ୍ରୀ ? ଦୋଷ ମୋର ନା ତୁମର ?"

"ନାଁ । ହଜୁରଙ୍କର ଦୋଷ କାହିଁକି ହେବ ? ଦୋଷ ଏ ଅଭାଗିନୀର, ହଜୁରଙ୍କୁ ଉଠାଇବା ପାଇଁ ଆସି ବଡ଼ଦୋଷ କରିଛି ।"

"ତୁମକୁ କିଏ କହିଲା ତନୁଶ୍ରୀ, ତୁମେ ଏଭଳି ସ୍ୱଳ୍ପ ପରିହିତ ବେଶରେ ମୋ ଠାରେ ଆସି ପହଞ୍ଚିବ ।"

"ଗାଧୁଆଘରୁ ଆଉ ପୂର୍ଣ୍ଣ ପରିହିତ ହୋଇ କେମିତି ଆସିଥାନ୍ତି କହିଲ ?"

"ତୁମେ ତ ମୋ ଦୁର୍ବଳତା ଭଲ ଭାବରେ ଜାଣିଛ ? ତୁମକୁ ଏଭଳି ଅର୍ଦ୍ଧ ପରିହିତ ବେଶରେ ଦେଖିଲେ ମୁଁ ନିଜକୁ ସମ୍ଭାଳିପାରେନି ।"

"ହେଉ ହେଲା ମୋର ଦୋଷ । ସ୍ୱୀକାର କରୁଛି । ଆଉ କେବେ ତୁମକୁ ଏଭଳି ଅବସ୍ଥାରେ ଡାକିବିନି । ହଜୁର ସେଥିପାଇଁ ଯେଉଁ ଦଣ୍ଡ ଦେବେ, ଗ୍ରହଣ କରିବାକୁ ପ୍ରସ୍ତୁତ ।"

"ଏହିଭଳି ଏକ ଦୋଷ କରିଥିବାରୁ ଦିନେ ସମ୍ରାଟ୍ ଶାହାଜାହାନ୍ ତାଙ୍କ ବେଗମ୍ ମମତାଜ ମହଲଙ୍କୁ କି ଦଣ୍ଡ ଦେଇଥିଲେ ଜାଣ ତନୁଶ୍ରୀ ? ଏକ ଅତି କଠିନ ଦଣ୍ଡ ? ମୋଠାକୁ ନଇଁ ଆସ କହିବି ସେ କି ଦଣ୍ଡ ।"

"ସେ ଦଣ୍ଡ କଅଣ ?" ତନୁଶ୍ରୀ ଅତନୁର ମୁହଁ ପାଖରେ କାନଲଗାଇ ଦେଲା ଶାହାଜାହାନ୍‌ଙ୍କ ଦଣ୍ଡ କଥା ଶୁଣିବା ପାଇଁ । ଅତନୁ ତନୁଶ୍ରୀର କପୋଳ ଉପରେ ଆଙ୍କିଦେଲା ସୁମଧୁର ଚୁମ୍ବନର ଆଉ କେତୋଟି ଗାର ।

"ବାଃ, ଭଲ, ଶାହାଜାହାନ ଅଭିନୟ କରିବ ଦେଖୁଛି । ଜାହାଁପନା ବର୍ତ୍ତମାନ ଶାହାଜାହାନ୍ ଭୂମିକାରୁ ଖସି ଆସନ୍ତୁ ତଳକୁ । ମୁଁ ତୁମକୁ କାହିଁକି ଉଠାଉଥିଲି ଜାଣ ? ମୁଁ କଣ ଜାଣିଥିଲି ହଜୁର ହଠାତ୍ ଉଠି ସମ୍ରାଟ୍ ଶାହାଜାହାନ୍‌ଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ ?" ଅତନୁ ଏଥର ବିଛଣାରୁ ଉଠି ପଲଙ୍କବାଡ଼କୁ ଆଉଜି ବସି କହିଲା, "ତାହେଲେ କିଛି ଗୋଟିଏ ଗୁରୁତର କଥା ଅଛି ନା କ'ଣ ? ଏଥର ବେଗମ୍‌ସାହେବା ଫରମାନ୍ କଣ କହିବାକୁ ଚାହାନ୍ତି ।"

ହସିଲା ତନୁଶ୍ରୀ, "ଏହି ଡାକ୍ତରୀ ଚାକିରି ଛାଡ଼ି ସିନେମାରେ ଅଭିନୟ କରିବାକୁ ଇଚ୍ଛା ହେଉଛି ନା କ'ଣ ?"

"ଶୁଣ, ମୁଁ କଣ କହୁଥିଲି କି ଶନିବାର-ରବିବାର ହେଲା ବେଳକୁ ଆମେରିକାରେ ସମସ୍ତେ ସମୁଦ୍ରକୂଳ ବିଚ୍‌କୁ ଦୌଡ଼ନ୍ତି କାହିଁକି ? ସେଠି କ'ଣ ଥାଏ କି ? ଆମେ ଥରେ ଯାଆନ୍ତେନି ସେଠାକୁ ?"

Digitized by srujanika@gmail.com

"ଓଃ ବୁଝିଲି ଏଥର । ବେଗମ୍‌ସାହେବାଙ୍କର ସଉକ୍ ହୋଇଛି ବିଚ୍ ଯିବାପାଇଁ । ଆମେରିକାରେ କୁକୁର ବିଲେଇ ସମେତ ସମସ୍ତେ ବିଚ୍ ଯାଉଛନ୍ତି । ଆମେ ବାଦ୍ ପଡ଼ିଯିବା କାହିଁକି ?"

"ହଁ, ମୁଁ ସେଇଆ କହୁଛି ।"

"ଦେଖ, ତନୁଶ୍ରୀ, ଆମେରିକାନ୍‌ମାନେ ଏହି ଖରାଦିନେ ବିଚ୍‌କୁ ଯାଆନ୍ତି ବିଚ୍ ଜୀବନ ଉପଭୋଗ ପାଇଁ । ତୁମେ ଯଦି ସେହିଭଳି ବିଚ୍ ଜୀବନ ଉପଭୋଗ କରିବାକୁ ଇଚ୍ଛା, କୁହ, ମୁଁ ସଙ୍ଗେ ସଙ୍ଗେ ବାହାରିପଡ଼ିବି ।"

"ବିଚ୍ ଜୀବନ ଉପଭୋଗ କଅଣ ?"

"ମହାଦେବୀଙ୍କୁ ତାହା ବି ଜଣା ନାହିଁ ? ବିଚ୍ ଜୀବନ ହେଉଛି ସାଙ୍ଗସାଥୀ ମେଳରେ ସମୁଦ୍ରରେ ବୁଡ଼ିବା, ପୁଣି ସେହି ପୋଷାକରେ ବାଲିରେ ଆସି ଖରାରେ ଶୋଇବା, ଓଦା ପୋଷାକ ଖରାରେ ଶୁଖିଯାଇ ଗରମ ଲାଗିଲେ ପୁଣି ପାଣିରେ ବୁଡ଼ିବା । ଏହିଭଳି ବୁଡ଼ାଉଠା ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବ । ତା' ଭିତରେ ଖିଆପିଆ, ହସ, ଖୁସି ଚାଲିଥିବ । ଏହିହେଲା ଆମେରିକାର ବିଚ୍ ଜୀବନ ।"

"ଆମେ ଥରେ ଯାଆନ୍ତେନି ସେଠାକୁ !"

"ଥରେ କାହିଁକି, ଶହେଥର ଯିବା । ତୁମେ ଯଦି ସେମାନଙ୍କ ଭଳି ବିଚ୍ ଜୀବନକୁ ଆଦରି ନେଇ ପାରିବ, ତେବେ ଯିବାରେ ମୋର ଆପତ୍ତି ନାହିଁ । ଯଦି ଆଦରି ନେଇ ନ ପାରିବ, ତେବେ ଯାଇ ଲାଭ ନାହିଁ । ତୁମେ ଯଦି ତୁମ ମଉସା ମାଉସୀଙ୍କ ଭଳି କୂଳରେ ବସି ଚା' ଜଳଖିଆ ଖାଇ ଘରକୁ ଫେରି ଆସି କହିବ ବିଚ୍ ଉପଭୋଗ ହୋଇଗଲା ବୋଲି, ତେବେ ମୁଁ ସେଥିରେ ରାଜି ନୁହେଁ । ଆମେରିକାନ୍‌ମାନେ ଖାଲି ଥଟ୍ଟା କରିବେ ଭାରତୀୟମାନଙ୍କୁ ବିଚ୍ ଜୀବନ ଉପଭୋଗ କରି ଆସେନି । ସେଭଳି ଆକ୍ଷେପ ଉକ୍ତିର ଶରବ୍ୟ ହୋଇ ଲାଭ କଅଣ ?"

"ମୋ ମଉସା ମାଉସୀ କ'ଣ ବିଚ୍‌କୁ ଯାଉଥିଲେ ?"

"ହଁ ଯାଆନ୍ତି ତନୁଶ୍ରୀ; ଖୁବ୍ କମ୍ । ଗଲେ ପାଣିରେ ପଶନ୍ତିନି, କୂଳରେ ବସି ବସି ଚା' ଜଳଖିଆ ଖାଇ ଘରକୁ ଫେରି ଆସନ୍ତି । ଆମେରିକାନ୍‌ମାନେ ସେମାନଙ୍କୁ ଦେଖି ହସନ୍ତି । ତୁମେ ଯଦି ଯିବ, ଦେଖ ହସିବାର ପାତ୍ର ଯେମିତି ନ ହୁଅ ।"

"ତା ହେଲେ କେବେ ଯିବା ? ଏ ଶନିବାର ତ ହେବନି । ଆସନ୍ତା ଶନିବାରଦିନ ଯିବା । ବାପା, ଫାଦର, ତୁମେ ଆଉ ମୁଁ ।"

ସେଠି କଣ ପିକ୍‌ନିକ୍ ହେଉଛି ତନୁଶ୍ରୀ, ସମସ୍ତେ ଖାଇବାକୁ ଯିବେ । ବାପା କି ଫାଦର୍ ରାଜି ହେବେନି ଯିବାକୁ । ସେମାନେ ତ ଏ ଦେଶର ବିଚ୍ ଜୀବନ ଦେଖି ଦେଖି ବୁଢ଼ା

Digitized by srujanika@gmail.com

ହେଲେଣି । ଯଦି ଯିବା, ତେବେ ଆମେ ଦୁଇଜଣ ଯିବା ଓ ବାଟରେ ଗାଧୋଇବାକୁ ପଡ଼ିବ । କ'ଣ ରାଜି ତ ?

"ଏଁ, ଏଁ, ସମସ୍ତଙ୍କ ଆଗରେ କେମିତି ଗାଧୋଇବା ମ, ଲାଜ ଲାଗିବନି ?"

"ସେଠି ଲାଜ ସରମ କିଛି ନାହିଁ । ପୁରୁଷ, ସ୍ତ୍ରୀ ମିଶି ଗାଧୋଇବେ, ପହଁରିବେ । ଗାଧୋଇବା ପାଇଁ ସେମାନଙ୍କ ଭଳି ବେଦିଙ୍ଗ୍ ସୁଟ୍ ପିନ୍ଧିବାକୁ ପଡ଼ିବ । ତୁମର ଏ ଶାଢ଼ି ଚଳିବନି ସେଠି ।"

"ଆଁ ବେଦିଙ୍ଗ୍ ସୁଟ୍ । ସେ ପୁଣି କ'ଣ ? ଆମର ତ ନାହିଁ ।"

"ମୁଁ ବଜାରରୁ ଆଜି କିଣି ଆଣିବି । ତୁମେ ଆଗ ରାଜି ହୁଅ ପିନ୍ଧିବ କି ନାହିଁ ?"

× × ×

କୋଟିପତି ଖାଏସଲର ତନୁଶ୍ରୀଙ୍କୁ ଉପହାର ଦେଇଥିବା ସୌରଶକ୍ତି ସାହାଯ୍ୟରେ ସ୍ୱୟଂଚାଳିତ ଗାଡ଼ିରେ 'ବାହାରିଲେ ଅତନୁ ଓ ତନୁଶ୍ରୀ, ନଉୟର୍କର ଲଙ୍ଗ ଆଇଲ୍ୟାଣ୍ଡ ବିଚକୁ । କାର୍ଟି ଆକାରରେ ଶ୍ରେଷ୍ଠ ହେଲେ କ'ଣ ହେବ ଦୁଇଜଣଙ୍କ ପାଇଁ ଯଥେଷ୍ଟ ପ୍ରଶସ୍ତ । ପେଟ୍ରୋଲ କି ବେଟେରି କିଛି ଦରକାର ନାହିଁ । ସୌରଶକ୍ତି ସାହାଯ୍ୟରେ ଗାଡ଼ି ଚାଲୁଛି । ଚଳାଇବା ପାଇଁ ଡ୍ରାଇଭର ବି ଦରକାର ନାହିଁ । ଏକ ଜଟିଳ କଂପ୍ୟୁଟର ଏହାର ଚାଳକ । ଅଭିପ୍ରେତ ସ୍ଥାନକୁ ଯିବାପାଇଁ ହେଲେ କୋମ୍ପାନୀ ଦ୍ୱାରା ତିଆରି ବିଭିନ୍ନ ରୁଟ୍‌ଚାର୍ଟ ଯନ୍ତ୍ର ଭିତରେ ପୂରାଇଦେଲେ ଗାଡ଼ି ଚାଲିବ । ବିଭିନ୍ନ ସ୍ଥାନକୁ ଯିବାପାଇଁ ଭିନ୍ନ ଭିନ୍ନ ପ୍ରକାର ରୁଟ୍‌ଚାର୍ଟ ଅଛି । କେଉଁ ରାସ୍ତାରେ, କେଉଁ ଦିଗକୁ ଯିବ, କେତେ ବେଗରେ ଯିବ, ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଗୁଡ଼ାକୁ କେମିତି କଟାଇ କଟାଇ ନେଇଯିବ, ସବୁ ଏ ଗାଡ଼ିକୁ ଜଣା । ଗାଡ଼ିରେ ବସି ରୁଟ୍‌ଚାର୍ଟ ଯନ୍ତ୍ରରେ ପୂରାଇ ଦେଇ ସୁଇଚ୍ ଟିପିଲେ ଗାଡ଼ି ଚାଲିଲା । ତୁମେ ଚୁପ୍‌ଚାପ୍ ହୋଇ ଆରାମରେ ଗାଡ଼ିରେ ବସିଥିବ । ଏ ଗାଡ଼ିରେ କେଉଁଠି ଏକ୍‌ସିଡେଣ୍ଟ ହେବାର ଭୟ ନାହିଁ । କୌଣସି ଗାଡ଼ି ଯଦି ଖୁବ୍ ପାଖେଇ ଆସିଲା, ଏ ଗାଡ଼ି ନିଜ ବେଗ କମାଇ ଦେଇ ଦୂରେଇଯିବ । ଆହୁରି ଯଦି ପାଖେଇ ଆସିଲା ମନକୁ ମନ ବନ୍ଦ ହୋଇଯିବ । ଧକ୍‌କା ଲାଗିବାକୁ ଦେବନି । ଏଥିରେ ଏକ ଜଟିଳ ରେଡାର ଯନ୍ତ୍ର ଏହାକୁ ସର୍ବଦା ରକ୍ଷା କରି ଚାଲିଛି ।

ବାଟରେ ଯାଉଁ ଯାଉଁ ଅତନୁ କହିଲା, "ଯାହାକୁହ ତନୁଶ୍ରୀ, ତୁମ ଗାଡ଼ିଟି ବେଶ୍ ବଢ଼ିଆ ଚାଲିଛି । ତୁମକୁ ଭାରି ସୁବିଧା । ଗାଡ଼ି ଚଳା ଶିଖିବା ମୋଟେ ଦରକାର ନାହିଁ ।"

ଯିବାପାଇଁ ସୁବିଧା ସିନା, ବଜାର କରି ଯିବାପାଇଁ ମୋଟେ ସୁବିଧା ନୁହେଁ । ଆମେ ବଜାରରେ କେଉଁ କେଉଁ ଦୋକାନକୁ ଯିବୁ, ଠିକ୍ କରି ହୋଇନଥାଏ । ତେଣୁ ଗଲାବେଳେ

Digitized by srujanika@gmail.com

କୌଣସି ଦୋକାନରେ ଅଟକିବାକୁ ଭାରି ଅସୁବିଧା । ବଜାର କରି ଗଲାବେଳେ ବାପା ଏ ଗାଡ଼ିରେ ଯିବାକୁ ମୋଟେ ଚାହାନ୍ତିନି । ସେ ତାଙ୍କ ନିଜ ଗାଡ଼ି ନେଇ ଯାଆନ୍ତି । ମୁଁ ବାପାଙ୍କ ଗାଡ଼ିରେ ବଜାର କରିଯାଏ । ଫାଦର୍ ବି ସେଇଆ ।

ହଁ, ଠିକ୍ ଗୋଟିଏ ଦୁଇଟି ନିର୍ଦ୍ଦିଷ୍ଟ ସ୍ଥାନକୁ ଗଲେ ରୁଟ୍‌ଚାର୍ଟ ସେଇ ଅନୁସାରେ ଦେଇ ଦେଲେ ଗାଡ଼ି ଚାଲିଲା । ରୁଟ୍‌ଚାର୍ଟ ନ ଦେଲେ ତ ଚାଲିବନି । ରୁଟ୍‌ଚାର୍ଟ ଦେଇ ଅନ୍ୟଠାକୁ ଯିବାକୁ ଚାହିଁଲେ ଏ ଗାଡ଼ି ଯିବନି । ଏ ଗାଡ଼ିରେ ମଲଟି ଚାର୍ଟର ବ୍ୟବସ୍ଥା ନାହିଁ । ପର ମଡେଲ୍‌ରେ ସମ୍ଭବତଃ ସେହି ଅସୁବିଧାକୁ ଦୂର କରାଯାଇଥିବ ନଚେତ୍ ଏ ଗାଡ଼ି ମୋଟେ ଲୋକପ୍ରିୟ ହୋଇ ପାରିବନି ।''

ବିଚ୍‌ରେ ପହଞ୍ଚିବା ବେଳକୁ ସକାଳ ନଅଟା ବାଜିଗଲାଣି । ବିଚ୍‌ରେ ପହଞ୍ଚି ଗାଡ଼ିଟିକୁ ଯଥାସ୍ଥାନରେ ପାର୍କ କରିଦେଇ ଅତନୁ ଓ ତନୁଶ୍ରୀ ଗାଡ଼ିରୁ ବାହାରି ସୁଟ୍‌କେଶ୍ ଆଦି ବାହାର କରୁଛନ୍ତି, ଏହି ବିଚିତ୍ର ପ୍ରକାର ଗାଡ଼ିଟିକୁ ଦେଖିବାକୁ ଲୋକେ ଦୌଡ଼ି ଆସିଲେ । ସୌର-ଚାଳିତ ଗାଡ଼ି ଆମେରିକାରେ ବିରଳ ନୁହେଁ; କିନ୍ତୁ ଚାଳକ ନଥିବା. ଗାଡ଼ି ବିରଳ । ବିନା ଚାଳକରେ ଗାଡ଼ି କେମିତି ଚାଲୁଛି ଲୋକେ ଦେଖି ତାଟଙ୍କା । କିଏ କେତେ ପ୍ରକାର ପ୍ରଶ୍ନ ପଚାରିବାରେ ଲାଗିଗଲେ । ସମସ୍ତଙ୍କୁ ଉତ୍ତର ଦେଇ ଦେଇ ଅତନୁ ନୟାନ୍ତ ହୋଇଗଲାଣି ।

ତନୁଶ୍ରୀ ହାତକୁ ସୁଟ୍‌କେଶ୍ ବଢ଼ାଇ ଦେଇ ଅତନୁ କହିଲା, ''ତୁମେ ଏହି ସୁଟ୍‌କେଶ୍ ନେଇ ସେଇ ବାଥ୍‌ରୁମ୍‌କୁ ଯାଅ । ସେଠାରେ ତୁମ ଶାଢ଼ି, ବ୍ଲାଉଜ୍ ଆଦି କାଢ଼ି ଏହି ବେଦିଙ୍ଗ୍ ସୁଟ୍ ପିନ୍ଧି ଆସ । ଦେଖୁଚ ତ ସେହିସବୁ ସ୍ତ୍ରୀଲୋକେ କେମିତି ବେଦିଙ୍ଗ୍ ସୁଟ୍ ପିନ୍ଧିଛନ୍ତି । ସେମିତି ସୁଟ୍ ଏହି ସୁଟ୍‌କେଶରେ ଅଛି । ତୁମେ ପିନ୍ଧି ଆସି ସାରିଲେ ମୁଁ ଯିବି ପିନ୍ଧିବାକୁ । ମୁଁ ଆସିଲେ ଆମେ ସମୁଦ୍ର ପାଣିରେ ପଶିବା । ଦେଖୁଛ ତ ସ୍ତ୍ରୀ ଲୋକମାନେ କେମିତି ଗାଧୋଉଛନ୍ତି ପହଁରୁଛନ୍ତି । ଆମକୁ ସେମିତି ଗାଧୋଇବାକୁ ପଡ଼ିବ ।''

''ଛିଃ, ଛିଃ, ତୁମେ କ'ଣ ମୋ ପାଇଁ ସେମିତି ସୁଟ୍ ଆଣିଛ ? ମୁଁ ସେଭଳି ପିନ୍ଧି କ'ଣ ଏ ସମୁଦ୍ରରେ ଗାଧୋଇବି ?''

''ହଁ, ତା ନହେଲେ ହେବ କେମିତି ? ଦେଖୁଛ ତ ଏଠାକାର ଲୋକେ କେମିତି ଗାଧୋଉଛନ୍ତି ।''

''କିନ୍ତୁ ମୁଁ ସେମିତି ପୋଷାକ ପିନ୍ଧି ଗାଧୋଇ ପାରିବିନି । ଚାଲ ଆମେ ପଳାଇବା ଏଠୁଁ । ଗାଧୁଆଘର ଭିତରେ ସିନା ଏମିତି ପୋଷାକ ପିନ୍ଧିଲେ ଚଳିବ । ଏଠି ସମସ୍ତଙ୍କ ସାମନାରେ ଏମିତି ଅଧା ଲଙ୍ଗଳା ପୋଷାକ ପିନ୍ଧି ମଣିଷ କେମିତି ଗାଧୋଇବ କହିଲ ? ଚାଲ୍ ପଳାଇବା ମୋତେ ଏଠି ଭଲ ଲାଗୁନି ମୋଟେ ।''

× × ×

Digitized by srujanika@gmail.com

ଘରେ ଟେବୁଲ ଉପରେ ଫାଦର୍, ଡକ୍ଟର ପଟ୍ଟନାୟକ ଅଇନୁଙ୍କୁ ଖାଦ୍ୟ ବାଢ଼ୁ ବାଢ଼ୁ ଫାଦର ପଚାରିଲେ "ବାପ ଅଇନୁ, ବୋହୂଙ୍କୁ ଧରି ବିଚ୍‌କୁ ପରା ଯାଇଥିଲୁ, ପଳାଇ ଆସିଲୁ କାହିଁକି ?"

ସେକଥା ଚନ୍ଦ୍ରଶ୍ରୀଙ୍କୁ ପଚାରନ୍ତି ଫାଦର୍ ।

"ନାହିଁ ଫାଦର, ମୋତେ ଭଲ ଲାଗିଲାନି ବିଚ୍, ପଳାଇ ଆସିଲି । ବିଚ୍‌କୁ ଆମେ ଆଉ କେବେ ଯିବୁନି ।"

ହସିଲେ ଡକ୍ଟର ପଟ୍ଟନାୟକ । "ତେବେ ଏ ଦେଶରେ କେମିତି ରହିବ ମା' ? ଏ ଦେଶରେ ଯଦି ରହିବ ଏ ଦେଶର ରୀତିନୀତିକୁ ଆଦର ନେବାକୁ ପଡ଼ିବ ମା' । ଏ ଦେଶର ରୀତିନୀତିକୁ ହତାଦର କଲେ ଚଳିବନି, ତୁ ଯାହାକୁ ଲଜ୍ଜା ବୋଲି କହୁଚୁ ମା', ତାହା ଏ ଦେଶରେ ସେପରି ଚଳଣି ପରା ? ବିଚ୍‌କୁ ଯିବାକୁ ହେଲେ ତାଙ୍କର ପୋଷାକ ପିନ୍ଧି ଗାଧୋଇବାକୁ ପଡ଼ିବ ।"

"ଦରକାର ନାହିଁ ବାପା । ବିଚ୍‌କୁ ନଗଲେ କ'ଣ ଚଳିବନି ଆମର ? ଆମର ତ କିଛି ଅସୁବିଧା ହେଉନି ।"

"ହେଉ ମା', ତୋ ଇଚ୍ଛା !"

Digitized by srujanika@gmail.com

ନଅ

"ଆପଣ ଟିକିଏ ମୋ ଦୁଃଖ ବୁଝନ୍ତୁ ମ୍ୟାଡ଼ମ୍ । ମୋ ସ୍ୱାମୀଙ୍କ ଅବସ୍ଥା ଅତୀବ ଗୁରୁତର । କେତେବେଳେ କ'ଣ ହୋଇଯାଇପାରେ । ଅତନୁ ବାବୁ ତାଙ୍କୁ ନ ଦେଖିଲେ ତାଙ୍କୁ ବଞ୍ଚାଇ ହେବନି ମ୍ୟାଡାମ୍ । ମୋ ପ୍ରତି ଏତିକି ଟିକିଏ ଦୟା ନକଲେ ମୁଁ ଭାସିଯିବି । ମୋ ସଂସାର ଉଜୁଡ଼ିଯିବ ।"

ବଡ଼ ବିକଳ ସ୍ୱରରେ ଅତନୁଙ୍କ ପ୍ରାଇଭେଟ ସେକ୍ରେଟେରୀ ମିସ୍ ଗୋଲଡ଼ମେରୀକୁ ଅନୁରୋଧ ଜଣାଉଥାଏ ଭାରତୀୟ ମହିଳାଟିଏ । ମହିଳାଟି ପରିଣତ ବୟସର । କହିଲା ବେଳେ ଆଖିରେ ଆଖିଏ ଲୁହ । ମହିଳାଟି ଭାରତୀୟ ହେଲେ ବି ଆମେରିକାରେ ବହୁଦିନ ଧରି ରହିଥିବାରୁ କଥାବାର୍ତ୍ତା ପୋଷାକପତ୍ର ବେଶ୍ ରୁଚିପୂର୍ଣ୍ଣ । ତଥାପି ସମ୍ପୂର୍ଣ୍ଣ ରୂପେ ଭାରତୀୟ ପୋଷାକ ସେ ଛାଡ଼ି ପାରିନାହାଁନ୍ତି । ଅତନୁ ଏକ ଗୁରୁତର ଅପରେସନ ପାଇଁ ରୁଷ୍ ସରକାରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ରୁଷିଆ ଯାଇଥାଏ । ରୁଷିଆର ଏକ ଉଚ୍ଚ ପଦସ୍ଥ ମନ୍ତ୍ରୀଙ୍କର ମସ୍ତିଷ୍କ କେନସର । ମସ୍ତିଷ୍କ କେନ୍‌ସରରେ ଅତନୁ ପୃଥିବୀରେ ଅଦ୍ୱିତୀୟ ବିଶେଷଜ୍ଞ ଥିବାରୁ ତାକୁ ଲୁହା ପରଦାର ଆଢ଼ୁଆଳରୁ ମଧ୍ୟ ଡାକରା ଆସେ । ଅତନୁର ଅନୁପସ୍ଥିତି ଭଦ୍ରମହିଳାଟିକୁ ଆହୁରି ଭୀତତ୍ରସ୍ତ କରାଇଦେଇଥାଏ । ଅତନୁକୁ ନ ଭେଟିଲେ ତାର ସ୍ୱାମୀକୁ ବଞ୍ଚାଇବା ଅତୀବ କଷ୍ଟକର ହୋଇ ପଡ଼ିବ । ସେଥିପାଇଁ ତାର ଏତେ କାକୁତି ମିନତି ।

ଅତନୁର ପ୍ରୋଗ୍ରାମ୍ ଏତେ ଭିଡ଼ ଯେ, ତାକୁ ଦେଖା କରିବା କାଠିକର ପାଠ । ରୁଷିଆରୁ ଫେରି ଦିନଟାଏ ଇନ୍‌ଷ୍ଟିଚିଉଟ୍‌ରେ ରହିବ କି ନାହିଁ, ସେଠାରୁ ପୁଣି ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆଫ୍ରିକାରୁ ପଶ୍ଚିମ ଜର୍ମାନୀ, ପଶ୍ଚିମ ଜର୍ମାନୀରୁ ଦକ୍ଷିଣ ଫ୍ରାନ୍‌ସ, ଦକ୍ଷିଣ ଫ୍ରାନ୍‌ସରୁ ଆର୍ଜେଣ୍ଟାଇନା ।

ଯେଉଁ ଦିନଟି ଆମେରିକାରେ ରହିବ ସେହି ଦିନଟି ଅପରେସନ୍ କରିବା ପାଇଁ ଡେଟ୍ ଦିଆଯାଇଛି ସାତ ଜଣଙ୍କୁ । ତା ମାନେ ସେ ଯଦି ସକାଳୁ ଅପରେସନ୍ ଥିଏଟରରେ ପଶେ, ବାହାରକୁ ବାହାରୁ ବାହାରୁ ରାତି ଏଗାରଟା ହୋଇଯାଇପାରେ । ଆର୍ଜେଣ୍ଟାଇନାରୁ ଫେରି ଗୋଟିଏ ଓଲ ନିଉବ୍ରାନ୍‌ସ ଉଇକ୍‌ରେ ରହି, ପୁଣି ତହିଁ ପରଦିନ ସକାଳୁ ଯିବ ଚିକାଗୋ, ସେଠାରୁ ପିଟସ୍‌ବର୍ଗ, ତାପରେ ବାଲ୍ଟିମୋର୍ । ପ୍ରତ୍ୟେକ ଜାଗାରେ ଏକାଧିକ ଅପରେସନ । ଏଭଳି ଭାବରେ ଦେଖିଲେ ଅତନୁକୁ ଭେଟିବା ପାଇଁ ଅନ୍ତତଃ ପକ୍ଷେ ତିନି ସପ୍ତାହରୁ କମ୍ ଦିନ ଅପେକ୍ଷା କରିବାକୁ ପଡ଼ିବନି । ତେଣୁ ଏ ପରିସ୍ଥିତିରେ ଅତନୁର

Digitized by srujanika@gmail.com

ପ୍ରାଇଭେଟ୍ ସେକ୍ରେଟେରୀ ଭଦ୍ର ମହିଳାଙ୍କୁ ସାକ୍ଷାତ କରିବା ପାଇଁ ଡେଟ୍ ଦେଇ ପାରୁଛନ୍ତି କେଉଁଠୁ ? ସେ ଯେଉଁ ଡେଟ୍ ଦେଇଛନ୍ତି, ତାହା ତିନି ସପ୍ତାହ ପରେ ।"

ଭଦ୍ର ମହିଳା ଜଣକ ସେକ୍ରେଟେରୀଙ୍କୁ ଯେତେ କାକୁତି ମିନତି କଲେହେଁ ସେ ଅଟଳ । ଭଦ୍ର ମହିଳାଙ୍କର ଭୟ ଅତନୁ ବାବୁ ଦୁଇ ତିନି ଦିନ ଭିତରେ ତାଙ୍କ ସ୍ୱାମୀଙ୍କୁ ନ ଦେଖିଲେ ତିନିସପ୍ତାହ ପର୍ଯ୍ୟନ୍ତ ତାଙ୍କ ସ୍ୱାମୀ ବଞ୍ଚିବେ କି କିଅଣ କିହିହେବନି ।

ହତାଶ ହୋଇ କାନ୍ଦି କାନ୍ଦି ମୁହଁରେ ଭଦ୍ରମହିଳାଟି ଫେରିଗଲେ ଡାକ୍ତରଖାନାରୁ । ଅନ୍ୟ କେଉଁ ଡାକ୍ତରଙ୍କ ପାଖକୁ ଗଲେ ହୁଅନ୍ତା; କିନ୍ତୁ ତାଙ୍କ ସ୍ୱାମୀଙ୍କୁ ଯେଉଁ ଫୁସ୍‌ଫୁସ୍ କର୍କଟ ରୋଗ ହୋଇଛି, ସେହି ରୋଗରେ ଅତନୁ ହେଉଛନ୍ତି ସାରା ପୃଥିବୀରେ ଅଦ୍ୱିତୀୟ ବିଶେଷଜ୍ଞ । ଆମେରିକାର ଯେଉଁ କେନ୍‌ସର ସ୍ପେସାଲିଷ୍ଟଙ୍କ ପାଖକୁ ଗଲେହେଁ ସମସ୍ତେ ଅତନୁବାବୁଙ୍କ ପାଖକୁ ପଠାଇ ଦେଉଥାନ୍ତି । ଏଭଳି ଅବସ୍ଥାରେ ସେ କ'ଣ କରିବେ ଭାବି ପାରୁନଥାନ୍ତି । ମନରେ ବେଳେବେଳେ ଦୁଃଖ ହେଉଥାଏ, ସେ ଜଣେ ଭାରତୀୟ ହୋଇ ମଧ୍ୟ ଜଣେ ଭାରତୀୟ ଡାକ୍ତରଙ୍କୁ ଦେଖାକରି ପାରୁନାହାନ୍ତି । ପରମୁହୂର୍ତ୍ତରେ ଭାବୁଥାନ୍ତି, ଅତନୁବାବୁ ସେମାନଙ୍କୁ ଜାଣିଲେ ବା କେମିତି ? ଏପର୍ଯ୍ୟନ୍ତ ସେମାନଙ୍କ ନାଁ ତାଙ୍କ ପାଖକୁ ରେଫର୍ ହୋଇନାହିଁ । ରେଫର୍ ହୋଇ ସାରିଲା ପରେ ସେ ଯଦି ନ ଦେଖନ୍ତି, ତେବେ ସିନା ଦୁଃଖ କରିବା କଥା କି ମନରେ କ୍ଷୋଭ ଆଣିବା କଥା ।

ଭଦ୍ର ମହିଳାଟି ଭାବିଲେ ସେକ୍ରେଟେରୀ ସିନା ଆମେରିକାନ, ଆଇନ୍ ଅନୁସାରେ ଚାଲିବା ତାଙ୍କ ଧର୍ମ । ଆଇନ ବାହାରକୁ ସେ ଯାଇ ପାରିବେନି । କିନ୍ତୁ ସେ ଯଦି ତାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଦେଖାକରନ୍ତି, ତେବେ ସେ ତ ଭାରତୀୟ, ଦୟା ପରବଶ ହୋଇ ଅତନୁବାବୁଙ୍କ ସହିତ ଯଦି ସାକ୍ଷାତ କରାଇଦିଅନ୍ତି । ତେଣୁ ସେ ଅନ୍ୟ କିଛି ନ ଭାବି ସିଧା ଚାଲିଲେ ଡକ୍ଟର ଚଟରଙ୍କ ବଙ୍ଗଳା ଆଡ଼େ । ସେଠି ଯାଇ ଶୁଣିଲେ ମିସେସ୍ ବାହାରକୁ ଯାଇଛନ୍ତି । ଆସୁଁ ଆସୁଁ ଡେରି ହୋଇଯାଇପାରେ ।

ତହିଁ ପରଦିନ ସଅଳ ସଅଳ ଅତନୁଙ୍କ ଫାଟକ ପାଖରେ ଆସି ସେ ହାଜର, ଦରୁଆନକୁ କହୁଛନ୍ତି ସେ ଅତନୁ ବାବୁଙ୍କ ସ୍ତ୍ରୀଙ୍କ ସହିତ ସାକ୍ଷାତ୍ କରିବାପାଇଁ ଇଚ୍ଛୁକ ।

ଦରୁଆନ ଯାଇ ଘରେ ଯେତେବେଳେ ଖବର ଦେଲା ସେତେବେଳେ ତନୁଶ୍ରୀ ଗାଧୁଆ ସାରି ବାଥ୍‌ରୁମ୍‌ରୁ ବାହାରୁଥିଲା । ଜଣେ ଭାରତୀୟ ସ୍ତ୍ରୀ ଲୋକ ତାଙ୍କ ସହିତ ସାକ୍ଷାତ କରିବା-ପାଇଁ ଗେଟ୍ ପାଖରେ ଅପେକ୍ଷା କରିଛନ୍ତି । ସଙ୍ଗେ ସଙ୍ଗେ ତାଙ୍କ ଡ୍ରଇଂରୁମ୍‌କୁ ଡାକିଆଣି ବସାଇବା ପାଇଁ ଦରୁଆନକୁ ଆଦେଶ ଦେଇ ତନୁଶ୍ରୀ ପୋଷାକପତ୍ର ପିନ୍ଧି ଆସିବା ପାଇଁ ଘର ଭିତରକୁ ଚାଲିଗଲା । ଦରୁଆନ ଭଦ୍ରମହିଳାଙ୍କୁ ଆଣି ଡ୍ରଇଂ ରୁମ୍‌ରେ ବସାଇଦେଇ ଚାଲିଗଲା ।

କିଛି ସମୟ ପରେ ତନୁଶ୍ରୀ ପୋଷାକପତ୍ର ପିନ୍ଧି ଡ୍ରଇଂରୁମ୍‌କୁ ପଶିଛି କି ନାହିଁ, ହଠାତ୍ ଭଦ୍ରମହିଳାଟି ତାଙ୍କ ଗୋଡ଼ଧରି ପକାଇ କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲା । ତନୁଶ୍ରୀ କ'ଣ

Digitized by srujanika@gmail.com

କରିବ ଭାବିନପାରି ଭଦ୍ରମହିଳାଙ୍କୁ ତଳୁ ଉଠାଇ ସୋଫାରେ ବସାଇ କଥା କ'ଣ ପଚାରିଲା । ସ୍ତ୍ରୀଲୋକଟି ତାର ସମସ୍ତ ଦୁଃଖର କାହାଣୀ କହିଗଲା । ତନୁଶ୍ରୀ ମହିଳାଟିର କ୍ରନ୍ଦନ ଶୁଣି ବଡ଼ ଅଧୀର ହୋଇ ଭାବିଲା, ଆଜି ଯଦି ସେ ତା'ର ସ୍ଥାନରେ ଥାଆନ୍ତା, ନିଜ ସ୍ୱାମୀ ପାଇଁ ସେ କ'ଣ କରିପାରିଥାନ୍ତା ସତେ ? ପୁଣି ଜଣେ ଭାରତୀୟ ନାରୀ, ତା ପାଇଁ ସେ କ'ଣ କିଛି କରିପାରିବ ନାହିଁ ?

ଭଦ୍ର ମହିଳାଙ୍କୁ ସୋଫାରେ ବସାଇ ସେକ୍ରେଟେରୀଙ୍କୁ ଫୋନ୍ କଲା ତନୁଶ୍ରୀ । ସେକ୍ରେଟେରୀ ଦୁଇ ତିନିଦିନ ଭିତରେ ଡେଟ୍ ଦେବାପାଇଁ ନିଜ ଅକ୍ଷମତା ଜଣାଇଲେ । ବଡ଼ ଅଡୁଆରେ ପଡ଼ିଲା ତନୁଶ୍ରୀ । ବଡ଼ ମନକଷ୍ଟ ହେଲା ତା'ର । ସେ କେମିତି ତାଙ୍କୁ ସାହାଯ୍ୟ କରିପାରୁନାହିଁ । ଧନ୍ୟ ଏ ଦେଶ । ଧନ୍ୟ ଏ ଦେଶର ଡାକ୍ତର ! ରୋଗୀକୁ ଦେଖିବାକୁ ବି ସମୟ ନାହିଁ ।

ସେ ପୁଣି ଫୋନ୍ କଲା ସେକ୍ରେଟେରୀଙ୍କୁ, ଡିରେକ୍ଟରଙ୍କ ପ୍ରୋଗ୍ରାମ ନେଇ ଘରକୁ ଅସିବା ପାଇଁ । ପ୍ରୋଗ୍ରାମ ଦେଖି ଚେଷ୍ଟା କରିବ ସେ କିଛି ଯଦି କରିପାରେ ।

ସେକ୍ରେଟେରୀ ସଙ୍ଗେ ସଙ୍ଗେ ଡିରେକ୍ଟରଙ୍କ ପ୍ରୋଗ୍ରାମ ଧରି ପହଞ୍ଚିଗଲା ।

ତନୁଶ୍ରୀ ପ୍ରୋଗ୍ରାମ ଉପରେ ଥରେ ଆଖିବୁଲାଇ ଆଣି ପଚାରିଲା, "ଡିରେକ୍ଟର ଆର୍କେଣ୍ଟାଇନାରୁ ଫେରି ଚିକାଗୋ ଯିବେ କେଉଁ ଦିନ ?"

"ଅଗଷ୍ଟ ମାସ ନଅ ତାରିଖ ।"

"କେତେଟା ସମୟରେ ନିଉୟର୍କ ଛାଡ଼ିବେ ?"

"ସକାଳ ଛଅଟା ।"

"ଛାଡ଼ିବା ସମୟ କଣ ସାତଟା କରି ହେବନି ?"

"ନା, ମେଡେମ୍, ତାହା ହୋଇ ପାରିବନି । ସେହି ଅନୁସାରେ ଚିକାଗୋକୁ ଖବର ଦିଆଯାଇଛି । ସେହିଦିନ ଚିକାଗୋରେ ତିନୋଟି ଅପରେସନ୍ ଅଛି । ସେହିଦିନ ସେଠାରୁ ସାରି ଡିରେକ୍ଟର ପିଟସ୍-ବର୍ଗରେ ଗୋଟାଏ ଅପରେସନ୍ କରିବେ ।"

"ତାହେଲେ ଶୁଣ, ତୁମେ ଚିକାଗୋକୁ ଫୋନ୍ କରିଦିଅ, ଡକ୍ଟର ପଟ୍ଟନାୟକ ନିଉୟର୍କ ଛାଡ଼ିବେ ସକାଳ ଛଅଟା ପରିବର୍ତ୍ତେ ସାତଟା । ଚିକାଗୋରେ ପହଞ୍ଚିବେ ନଅଟା ପରିବର୍ତ୍ତିରେ ଦଶଟାରେ । ସେହି ଅନୁସାରେ ସେଠା ଅପରେସନ୍ ସମୟ ବଦଳିଯିବ ।"

"ନଅ ତାରିଖ ସକାଳ ଛଅଟାରେ ଏହି ଭଦ୍ରମହିଳାଙ୍କୁ ଡେଟ୍ ଦେଇଦିଅ । ସେ ତାଙ୍କ ସ୍ୱାମୀଙ୍କୁ ଧରି ଠିକ୍ ସେହି ସମୟରେ ହସ୍‌ପିଟାଲ୍‌ରେ ଉପସ୍ଥିତ ହେବେ । ତାଏଣ୍ଟରେ ଲେଖି-ଦେବ ଏହି ସମୟ ପରିବର୍ତ୍ତନ ମୁଁ କରିଛି ବୋଲି । ଡିରେକ୍ଟର ଯଦି ବିରକ୍ତ ହୁଅନ୍ତି, ତେବେ ସେ ଦାୟିତ୍ୱ ମୋର ।"

Digitized by srujanika@gmail.com

"କିନ୍ତୁ ଡିରେକ୍ଟର କ'ଣ ତିନିଦିନ ପୂର୍ବଦିନ ରାତିରେ ବିଦେଶରୁ ଫେରି ଏତେ ସକାଳୁ ପୁଣି ରୋଗୀଙ୍କୁ ପରୀକ୍ଷା କରିପାରିବେ ?"

ହସିଲା ତନୁଶ୍ରୀ—"ଦେଖ, ସେ ଦାୟିତ୍ୱ ମୋର, ସେଥିପାଇଁ ତୁମର ମୁଣ୍ଡ ଖେଳାଇବା ଦରକାର ନାହିଁ । ହଁ, ସେଦିନ ସକାଳୁ ହସ୍ପିଟାଲ୍ ଷ୍ଟାଫ୍ମାନେ ଯେମିତି ଆସିଥାନ୍ତି ଆଉ ସେମାନେ ଯେମିତି ଠିକ୍ ସମୟରେ ଉପସ୍ଥିତ ଥିବେ ଦେଖିବ ।

"ହେଉ ଆଜ୍ଞା, ଆପଣଙ୍କ କଥା ଅନୁସାରେ କରୁଛୁ ।"

ଭଦ୍ରମହିଳାଙ୍କ ଆଡ଼କୁ ଅନାଇ ତନୁଶ୍ରୀ କହିଲା, "ହେଉ, ଆପଣ ତାହେଲେ ନଅ ତାରିଖ ସକାଳ ଛଅଟାରେ ହସ୍ପିଟାଲ୍କୁ ଆସନ୍ତୁ, ଡିରେକ୍ଟର ଆପଣଙ୍କ ସ୍ୱାମୀଙ୍କୁ ନିଶ୍ଚୟ ପରୀକ୍ଷା କରିବେ ।"

ମହିଳାଟି କୃତଜ୍ଞତାରେ ମ୍ରିୟମାଣ ହୋଇପଡ଼ିଲା । ସେ ଏହି ଉପକାର ପାଇଁ ତନୁଶ୍ରୀର ଗୋଡ଼ ତଳେ ମୁଣ୍ଡିଆ ମାରିବାକୁ ଯାଉଛି, ତନୁଶ୍ରୀ ହଠାତ୍ ଧରି ପକାଇ କହିଲା "ଛି, ମାଉସୀ, ଆପଣ ମୋର ଗୁରୁଜନ ସ୍ଥାନୀୟା । ଆପଣ ଏ କ'ଣ କରିବାକୁ ଯାଉଛନ୍ତି ? ମୁଁ ଆପଣଙ୍କ ଗୋଡ଼ଧୂଳି ନେବାକଥା ।"

"ଛି ଝିଅ, କି କଥା କହୁଛ ତୁଣ୍ଡରେ ! ଜିଭ କାମୁଡ଼ି ପକାଇଲେ ଭଦ୍ରମହିଳାଟି । ଭଗବାନ ତୁମକୁ ଓ ତୁମ ସ୍ୱାମୀଙ୍କୁ କୋଟି ପରମାୟୁ ଦିଅନ୍ତୁ । ତୁମେ ଆଜି ମୋର ଯେଉଁ ଉପକାର କଲ, ଜନ୍ମଜନ୍ମାନ୍ତରରେ ମୁଁ ଭୁଲି ପାରିବିନି ଝିଅ । ମୁଁ ଚିରଦିନ ତୁମର ଋଣୀ ହୋଇ ରହିଥିବି ।" କହୁଁ କହୁଁ କାନ୍ଦି ପକାଇଲେ ଭଦ୍ରମହିଳାଟି ।

ତନୁଶ୍ରୀ ଭଦ୍ରମହିଳାଙ୍କ ଆଖିରୁ ଲୁହ ପୋଛି ଦେଉଁ ଦେଉଁ କହିଲା, "ଆପଣ ଚିନ୍ତା କରନ୍ତୁନି ମାଉସୀ, ଭଗବାନଙ୍କ ଦୟାରୁ ଆପଣଙ୍କ ସ୍ୱାମୀ ନିଶ୍ଚୟ ଭଲ ହୋଇଯିବେ ।"

"ତୁମ ତୁଣ୍ଡ ସୁତୁଣ୍ଡ ହେଉ ଝିଅ ! ଆମେରିକାର ସବୁ ବଡ଼ ବଡ଼ କ୍ୟାନ୍ସର ଡାକ୍ତରଙ୍କ ସହିତ ପରାମର୍ଶ କରିସାରିଲିଣି । ସମସ୍ତେ ଏହିଠାକୁ ଆସିବା ପାଇଁ ପରାମର୍ଶ ଦେଇଛନ୍ତି । ତୁମ ସ୍ୱାମୀ ଯଦି ଏହାଙ୍କୁ ରକ୍ଷା ନ କରିପାରିବେ, ତେବେ ଆଉ କେହି ପାରିବେନି ।"

"ବ୍ୟସ୍ତ ହୁଅନ୍ତୁନି ମାଉସୀ । ସବୁ ଭଗବାନଙ୍କ ଉପରେ ଭରସା । ଇଏ ଯେ ରୋଗୀଙ୍କୁ ଭଲ କରିବାପାଇଁ ସମସ୍ତ ଚେଷ୍ଟା କରିବେ, ଏ ପ୍ରତିଶ୍ରୁତି ମୁଁ ଆପଣଙ୍କୁ ଦେଇପାରେ ମାଉସୀ ।"

କଥାବାର୍ତ୍ତା ପରେ ଭଦ୍ରମହିଳାଟି ବିଦାୟ ନେଇ ବାହାରି ଯାଉଛନ୍ତି, ଡାକ୍ତର ପଟ୍ଟନାୟକ ଆରପଟରୁ ଚାଲିଆସିଲେ । ଭଦ୍ରମହିଳା ତାଙ୍କୁ ଦେଖିନାହାନ୍ତି; କିନ୍ତୁ ସେ ଭଦ୍ରମହିଳାଙ୍କୁ ଭଲ ଭାବରେ ଦେଖିପାରିଛନ୍ତି । ଭଦ୍ରମହିଳାଙ୍କୁ ଦେଖି ହଠାତ୍ ସେ ଚମକିପଡ଼ିଲେ । ତନୁଶ୍ରୀ ଶ୍ୱଶୁରଙ୍କୁ ଏଭଳି ଭାବରେ ଚମକିପଡ଼ିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲା ।

Digitized by srujanika@gmail.com

ଭଦ୍ରମହିଳାଟି ବିଦାୟ ହୋଇଗଲା ପରେ ତରୁଣୀ ଶ୍ୱଶୁରଙ୍କ ପଛେ ପଛେ ଆସୁ ଆସୁ ପଚାରିଲା, "ଆପଣ କ'ଣ ଏହି ଭଦ୍ରମହିଳାଙ୍କୁ ଚିହ୍ନନ୍ତି ବାପା ?" ଭଦ୍ରମହିଳାଟି ସମ୍ଭବତଃ ଓଡ଼ିଆ ନୁହେଁ । କିନ୍ତୁ ତାଙ୍କ ସ୍ୱାମୀ ଓଡ଼ିଆ ।

"ସେ ଏଠାକୁ କଣ ପାଇଁ ଆସିଥିଲେ ?" ପଚାରିଲାବେଳେ ମୁହଁରେ କେମିତି ବିରକ୍ତିର ଭାବ ।

"ତାଙ୍କ ସ୍ୱାମୀ କର୍କଟ ରୋଗରେ ଆକ୍ରାନ୍ତ । ସେକ୍ରେଟେରୀଙ୍କଠାରୁ ଡେଟ୍ ନ ପାଇ ମୋ ସାହାଯ୍ୟ ନେବାକୁ ଆସିଥିଲେ ଏଠାକୁ । ସେକ୍ରେଟେରୀ ଯେଉଁ ଡେଟ୍ ଦେଲେ, ତାହା ତିନି ସପ୍ତାହ ପରେ । ଭଦ୍ରମହିଳାଙ୍କ ଆଶଙ୍କା, ଏତେ ଦିନ ଡେରି କଲେ ତାଙ୍କ ସ୍ୱାମୀ ହୁଏତ ବଞ୍ଚିଥାଇ ନ ପାରନ୍ତି । ଦୁଇ-ତିନି ଦିନ ଭିତରେ ଡେଟ୍ ନ ପାଇଲେ ତାଙ୍କ ସ୍ୱାମୀଙ୍କ ଅବସ୍ଥା ସାଂଘାତିକ ହୋଇପଡ଼ିବ ।"

"ତୁ କ'ଣ କହିଲୁ ମା' ?" ଏତକ କହୁଁ କହୁଁ ଡାକ୍ତର ପଟ୍ଟନାୟକଙ୍କ କଣ୍ଠ ଥରଉଠିଲା ଭଳି ଜଣାପଡ଼ିଲା । ତାଙ୍କ ଆଖି ଆର୍ଦ୍ର ହୋଇ ଆସିଲା ଭଳି ଦେଖାଗଲା ।

"ମୁଁ ଆଉ କ'ଣ କରିଥାନ୍ତି ବାପା ? ସ୍ତ୍ରୀ ଲୋକଟିର ଦୁଃଖ ଦେଖି ବଡ଼ ଦୟାହେଲା ମୋର । ଏ ଦେଶରେ ଯେଉଁ କଥାଟି କେବେ କରାଯାଏନି, ସେଇଆ କରିବାକୁ ବାଧ୍ୟ ହେଲି । ଆଜିକୁ ଏତେବର୍ଷ ଧରି ଯାଙ୍କ ପ୍ରୋଗ୍ରାମରେ କେବେ ବଦଳା ବଦଳି ହେବା ଦେଖି ନଥିଲି କି ଶୁଣି ନଥିଲି । ଆଜି ସେଥିପାଇଁ ବାଧ୍ୟ ହୋଇ କଲି । ସେକ୍ରେଟେରୀଙ୍କୁ କହି ଯାଙ୍କ ଟିକାଗୋ ସମୟକୁ ଘଣ୍ଟାଏ ବିଳମ୍ବ କରିଦେଲି ତାଙ୍କ ବିନାନୁମତିରେ ।

"ମୁଁ ଜାଣେନି ବାପା, ସେ ମୋ ଉପରେ ବିରକ୍ତ ହେବେ କି କଅଣ ?"

"ଯାଙ୍କ ସ୍ୱାମୀଙ୍କର କେଉଁଠି କର୍କଟ ରୋଗ ହୋଇଛି ମା' ?"

"ଫୁସ୍‌ଫୁସ୍‌ରେ କର୍କଟ ରୋଗ । ଅବସ୍ଥା ଅତି ସାଂଘାତିକ । ସେ ଯେଉଁ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ସମସ୍ତେ ଯାଙ୍କ ପାଖକୁ ପଠାଇ ଦେଉଛନ୍ତି । ମୁଁ ଆଉ କଣ କରିଥାନ୍ତି ବାପା ? ତାଙ୍କ ପ୍ରୋଗ୍ରାମ୍ ବଦଳାଇବା ଛଡ଼ା ଆଉ କଣ ଉପାୟ ଥିଲା ମୋର, ମୁଁ ଜାଣେନା ? ସେଥିପାଇଁ ସେ ମୋ ଉପରେ ରାଗିବେନି କଅଣ ? ଭଦ୍ରମହିଳାଙ୍କ ଦୁଃଖରେ ମୁଁ ରହି ପାରିଲିନି ବାପା ।"

"ତୁ ଠିକ୍ କରିଛୁ ମା' । ଆଜି ଯାହା କରିଛୁ, ଅଡିନୁ ଜାଣିଲେ ଚିରଦିନ ତୋର ଋଣୀ ହୋଇ ରହିବ ମା' ।"

"ଆପଣ ଏମିତି କ'ଣ କହୁଛନ୍ତି ବାପା ? ମୁଁ ତ କିଛି ବୁଝିପାରୁନି ?"

"ତୁ ମା' ଶୁଣିଲେ ଆଶ୍ଚର୍ଯ୍ୟ ହେବୁ, ତୁ ଆଜି ଯେଉଁ ରୋଗୀ ପାଇଁ ଏତେ କଷ୍ଟ କରିଛୁ, ଅଡିନୁ ଦେହରେ ତା'ର ରକ୍ତ ବହୁଛି ମା' ।"

Digitized by srujanika@gmail.com

"ଆଁ, ତାଙ୍କ ଦେହରେ ସ୍ତ୍ରୀଙ୍କ ସ୍ୱାମୀଙ୍କ ରକ୍ତ ? ଆପଣ କ'ଣ ତାହେଲେ ବାପା ନୁହନ୍ତି ?"

ହସିଲେ ଡାକ୍ତର ପଟ୍ଟନାୟକ । "ହଁ, ମା, ମୁଁ ତାର ବାପା । ହେଲେ ସେହି ସ୍ତ୍ରୀ ଲୋକଟିର ସ୍ୱାମୀ ଅତନୁର ପ୍ରକୃତ ମାଆ ।"

"ମାଆ ? କିନ୍ତୁ ଆପଣ ତ କହୁଥିଲେ ମା' ମରିଯାଇଛନ୍ତି ବୋଲି !"

"ଆଉ କ'ଣ କହିଥାନ୍ତି ମା' । ଅତନୁର ମା'ର ଲିଙ୍ଗ ପରିବର୍ତ୍ତନ ହେବାରୁ ସେ ପୁରୁଷ ପାଲଟିଗଲେ । ତା'ପରେ ଏହି ସ୍ତ୍ରୀ ଲୋକଙ୍କୁ ବିବାହ କରି ଘରସଂସାର କଲେ । ଅତନୁ ଓ ମୋ ପାଇଁ ସେ ମରିନାହାନ୍ତି ତ ଆଉ କ'ଣ ?"

"ଏ କେମିତି ହେଲା ବାପା ? ଏମିତି କଣ ହୋଇପାରେ ?"

"ହଁ ମା' ନହେବ କାହିଁକି ?"

"ମୋ ପ୍ରତି ପ୍ରକୃତିର ଥିଲା ଏହା ଏକ କ୍ରୁର ଅଟ୍ଟହାସ୍ୟ । ସେ ଏକ ବିରାଟ କାହାଣୀ ମା' ।"

"ବସ, ମୁଁ ତୋତେ ସବୁ ଫିଟାଇ କହୁଛି ।"

ଏହି ସମୟରେ ଫାଦର୍ ଆସି ସେଠି ପହଞ୍ଚିଗଲେ । ଫାଦରଙ୍କୁ ବସିବା ପାଇଁ ଇଙ୍ଗିତ ଦେଇ ଡାକ୍ତର ପଟ୍ଟନାୟକ ଆରମ୍ଭକଲେ ।

ଛବିଶି ବର୍ଷ ତଳର କଥା...

Digitized by srujanika@gmail.com

ଦଶ

ଗେ ହାଉଣ୍ଡ୍ ବସ୍ କୋମ୍ପାନୀର ଏକ୍ସ୍‌ପ୍ରେସ୍ ଏୟାର କଣ୍ଡିସନ୍ଡ ବସ୍ ଓ୍ୱାଶିଂଟନ ବସ୍‌ଷ୍ଟାଣ୍ଡ ଛାଡ଼ିବା ଉପରେ । ବସ୍‌ରେ ବସିଥାଏ ମୁଁ । ମୁଁ ମାସାଚ୍ୟୁସେଟସ୍ ଜେନେରାଲ ହସପିଟାଲରେ ଗବେଷକଭାବରେ ଯୋଗଦେଇଥାଏ । ପ୍ରସୂତି ବିଜ୍ଞାନର ଏକ ଆନ୍ତର୍ଜାତିକ କନ୍‌ଫରେନ୍‌ସରେ ଯୋଗଦେବା ପାଇଁ ମୁ ବୋଷ୍ଟନରୁ ଆସିଥାଏ ଓ୍ୱାଶିଂଟନ୍ । କନ୍‌ଫରେନ୍‌ସ ସରିବା ପରେ ମୁଁ ବୋଷ୍ଟନକୁ ଫେରୁଥାଏ । ସେତେବେଳକୁ ସନ୍ଧ୍ୟା ଛଅଟା ବାଜିଗଲାଣି । ଖରା ଦିନ ଛଅଟା ବାଜିଲେ ବି ଅନ୍ଧାର ଆସିବାକୁ ଅ.ଉ ତିନି ଘଣ୍ଟା ବାକି । ଖରାଦିନେ ଓ୍ୱାଶିଂଟନରେ ରାତି ହୁଏ ନଅଟା ବେଳେ । ମୁଁ ବସ୍‌ରେ ବସି ଏକ ମେଗାଜିନ ପଢ଼ିବାରେ ବ୍ୟସ୍ତ । ମୋ ମନ ପୂରାପୂରି ପତ୍ରିକା ପଢ଼ିବାରେ ଲାଗିଯାଇଥାଏ । ତର ତର ହୋଇ ବସ୍ ଭିତରକୁ ପଶି ଆସିଲେ ଜଣେ ଭାରତୀୟ ଯୁବତୀ । ପୋଷାକ ପରି ଭାରତୀୟ ଧାଞ୍ଚରେ, ଖଣ୍ଡିଏ ସିଲ୍‌କ ଶାଢ଼ି ପିନ୍ଧିଥାନ୍ତି । ଯୁବତୀଟି ବେଶି ବୟସର ନୁହଁନ୍ତି । ବୟସ ତେଇଶି ଚବିଶ ବର୍ଷ ଭିତରେ । ହାତରେ ଭାରତୀୟ ଫେସନରେ ପଟିଏ ପଟିଏ ସୁନା ଚୁଡ଼ି । ଯୁବତୀଟି ଦେଖିବାକୁ ବେଶ୍ ରୂପବତୀ, ଗୌରବର୍ଣ୍ଣା, ତନୁ ପାତଳୀ ।

ମିନତିଭରା ସ୍ୱରରେ ମୋତେ ଇଂରାଜି ଭାଷାରେ କହିଲେ, 'କ୍ଷମା କରିବେ, ମୁଁ ଏହି ପାଖସିଟ୍‌ରେ ବସି ପାରେ କି ?'

ଯୁବତୀଟି ଆଡ଼କୁ ଅନାଇ କହିଲି, "ନିଶ୍ଚୟ, ନିଶ୍ଚୟ, ବସିବେନି କାହିଁକି ? ଆପଣ ଏହି ସିଟ୍‌ରେ ବସିଲେ ମୁଁ ଖୁବ୍ ଖୁସିହେବି ।"

'ହେଉ ଧନ୍ୟବାଦ' କହୁଁ କହୁଁ ଯୁବତୀଟି ମୋ ପାଖ ସିଟରେ ବସିପଡ଼ିଲେ । ବସୁ ବସୁ କହିଲେ, 'ଆଉ ଟିକିଏ ଡେରି ହୋଇଯାଇ ଥିଲେ ମୁଁ ବସ୍‌ଟି ପାଇନଥାନ୍ତି । ପର ବସ୍ ଯାଇ ତିନି ଘଣ୍ଟା ପରେ ।'

"ଆପଣ କେତେ ଦୂର ଯିବେ ?"—ମୁଁ ପଚାରିଲି ।

"ନାହିଁ ଆଜ୍ଞା, ବେଶି ଦୂର ନୁହେଁ । ମୁଁ ନିଉୟର୍କରେ ଓହ୍ଲାଇଯିବି ।"

"ଆପଣ କ'ଣ ନିଉୟର୍କରେ ରହନ୍ତି ?"

"ହଁ ଆଜ୍ଞା ! ଆପଣ ?"

Digitized by srujanika@gmail.com

"ମୁଁ ବୋଷ୍ଟନରେ ରହେ । ଆପଣ ନିଶ୍ଚୟ ଭାରତୀୟ । ଆପଣ ଭାରତର କେଉଁ ରାଜ୍ୟରୁ ଆସିଛନ୍ତି ?"

"ଓଡ଼ିଶା ।"

"ଆଁ, ଓଡ଼ିଶା ? ମୁଁ ବି ତ ଓଡ଼ିଶାରୁ ଆସିଛି ।"

ସେ ପର୍ଯ୍ୟନ୍ତ ମୁଁ ଯୁବତୀ ଜଣକ ସହିତ ଇଂରାଜୀରେ କଥାବାର୍ତ୍ତା ହେଉଥିଲି । ଯେତେବେଳେ ଜାଣିଲି ସେ ବି ଓଡ଼ିଆ, ସଙ୍ଗେ ସଙ୍ଗେ ମୋ କହିବା ଭାଷା ବଦଳିଗଲା । ଓଡ଼ିଆରେ ପଚାରିଲି, "ଆପଣଙ୍କର ଘର ଓଡ଼ିଶାରେ କେଉଁଠି ?"

"ଆଜ୍ଞା, ପୁରୀ ।"

"ମୋ ଘର କଟକ ଜିଲ୍ଲାର ଜଗତସିଂହପୁରରେ । ଆପଣଙ୍କ ନାଁ ?"

"ନମିତା ମହାନ୍ତି ।"

"ଆପଣ ନିଶ୍ଚୟ କରଣ ?"

"ହଁ ଆଜ୍ଞା !"

ମୁଁ ବି କରଣ । ମୋ ନାଁ ରଣେନ୍ଦ୍ର କୁମାର ପଟ୍ଟନାୟକ । ମୁଁ ବର୍ତ୍ତମାନ ବୋଷ୍ଟନର ମାସାଚ୍ୟୁସେଟସ୍ ର ଜେନେରାଲ୍ ହସ୍ପିଟାଲରେ ପ୍ରସୂତି ବିଜ୍ଞାନରେ ଗବେଷଣା କରୁଛି । ମୁଁ ଭାରତର ଲକ୍ଷ୍ନୌ ହସ୍ପିଟାଲରୁ ପ୍ରସୂତି ବିଜ୍ଞାନରେ ଏମ୍. ଏସ୍. କରି ଆମେରିକା ଆସିଥିଲି । ଗତ ପାଞ୍ଚ ବର୍ଷ ଧରି ମୁଁ ଏହିଠାରେ ହିଁ ଅଛି । ପ୍ରସୂତି ବିଜ୍ଞାନରେ ପୃଥିବୀ ପ୍ରସିଦ୍ଧ ଅଧ୍ୟାପିକା ମେରୀ ଫ୍ରିଡ୍‌ମ୍ୟାନଙ୍କ ସହକର୍ମୀ ଭାବରେ ତାଙ୍କ ଅଧୀନରେ ମୁଁ ଗବେଷଣା କରୁଛି ।"

"ଆଁ, ଆପଣ ମେରୀ ଫ୍ରିଡ୍‌ମ୍ୟାନଙ୍କ ସହକର୍ମୀ ? ବଡ଼ ଖୁସି ହେଲି ଆପଣଙ୍କ ସହିତ ପରିଚିତ ହୋଇ ।"

"ଆପଣ କ'ଣ ମେରୀ ଫ୍ରିଡ୍‌ମ୍ୟାନଙ୍କୁ ଜାଣନ୍ତି ?"

"ନା, ଜାଣିନି, ହେଲେ ନିକଟରେ ଜାଣିବାର ସମ୍ଭାବନା ଅଛି ।"

"ସେତେବେଳେ କଅଣ ?"

"ହଁ, ମୁଁ ବର୍ତ୍ତମାନ ନିଉୟର୍କର ଆଇନଷ୍ଟାଇନ ମେଡିକେଲ୍ ରିସର୍ଚ୍ଚ ସେଣ୍ଟରରେ ପ୍ରସୂତି ବିଜ୍ଞାନରେ ଏମ୍. ଏସ୍. କରୁଛି । ଏଠାରେ ମୋର ପ୍ରାୟ ସରିଆସିଲାଣି । ମେରୀ ଫ୍ରିଡ୍‌ମ୍ୟାନଙ୍କ ଅଧୀନରେ ଗବେଷଣା କରିବା ପାଇଁ ଦରଖାସ୍ତ କରିଥିଲି । ପହରଦିନ ଇଣ୍ଟରଭ୍ୟୁ ପାଇଁ ଚିଠି ଆସିଛି । ମୁଁ ଆଜି ରାତିରେ ନିଉୟର୍କରେ ପହଞ୍ଚି କାଲି ରାତିକୁ ପୁଣି ବୋଷ୍ଟନ ଯିବି । ମିସ୍ ଫ୍ରିଡ୍‌ମ୍ୟାନଙ୍କର ପ୍ରସୂତି ବିଜ୍ଞାନରେ ସାରା ଦେଶରେ ଖୁବ୍ ସମ୍ମାନ ଅଛି । ସେଥିପାଇଁ ତାଙ୍କ ଅଧୀନରେ ଗବେଷଣା କରିବା ମୋ ଇଚ୍ଛା । ମୁଁ ଜାଣେନା ମୋର ସିଲେକ୍‌ସନ୍ ହେବ

Digitized by srujanika@gmail.com

କି କଅଣ ? ଯେତେବେଳେ ଆପଣ ମେଗ୍ରି ଫ୍ରିଡ୍‌ମେନଙ୍କ ସହକାରୀ, ଦୟାକରି ଥିକଏ ଦେଖିବେ ଯେମିତି ମୁଁ ତାଙ୍କ ଅଧୀନରେ ଗବେଷଣା ପାଇଁ ଏକ ସ୍ଥାନ ପାଏଁ । ଆପଣ ଜଣେ ଓଡ଼ିଆ ହୋଇ ଆଉ ଜଣେ ଓଡ଼ିଆ ପାଇଁ କ'ଣ ଏତକ କରିପାରିବେନି ?"

"ଆପଣ ଏତେ କ'ଣ ଅନୁରୋଧ କରୁଛନ୍ତି ମିସ୍ ମହାନ୍ତି । ଆପଣ ଆମ ଓଡ଼ିଶାର ଲୋକ, ଆପଣଙ୍କ ପ୍ରତି ତ ମୋର କିଛି ଗୋଟିଏ କର୍ତ୍ତବ୍ୟ ଅଛି । ଆପଣ କିଛି ଭାବନ୍ତୁନି । ମୁଁ ଆପଣଙ୍କୁ ଏହିଦିଗରେ ସାହାଯ୍ୟ କରିବାପାଇଁ ଯଥାସାଧ୍ୟ ଚେଷ୍ଟା କରିବି । ମୁଁ ଜାଣିନି, ମିସ୍ ଫ୍ରିଡ୍‌ମେନଙ୍କ ପାଖକୁ କେତେଜଣ ଦରଖାସ୍ତ କଲେଣି । ଆପଣ ଯେମିତି ସେଠି ଯୋଗ ଦିଅନ୍ତି, ସେଥିପାଇଁ ଯଥାସାଧ୍ୟ ଚେଷ୍ଟା କରିବାକୁ ମୁଁ ପଛାଇବି ନାହିଁ । ମୁଁ କାଲି ଅଫିସ୍‌ରେ ପହଞ୍ଚି ଦେଖିବି, ଆପଣଙ୍କ ସମ୍ଭାବନା କେତେଦୂର । ଆପଣ ଯେତେବେଳେ ପହରିଦିନ ଇଣ୍ଟରଭ୍ୟୁକୁ ଆସିବେ, ତା' ପୂର୍ବରୁ ମୋତେ ସେହିଠାରେ ଥିକଏ ଦେଖା କରିବେ । ମୋ ଗବେଷଣା କକ୍ଷ ମିସ୍ ଫ୍ରିଡ୍‌ମେନଙ୍କ କକ୍ଷଠାରୁ ଦୁଇଟି କୋଠରି ଛାଡ଼ି । ମୋ କକ୍ଷ ଆଗରେ ମୋ ନେମ ପ୍ଲେଟ୍ ଦେଖିବାକୁ ପାଇବେ ।"

ଇତିମଧ୍ୟରେ ବସ୍‌ଟି କ୍ଲିଭଲେଣ୍ଡରେ ଆସି ପହଞ୍ଚିଗଲାଣି, ଆମ କାହାରିକୁ ଜଣାନାହିଁ । କ୍ଲିଭଲେଣ୍ଡ ବସ୍ ଷ୍ଟାଣ୍ଡରେ ଲୋକ କୋଳାହଳରେ ଆମ କଥାବାର୍ତ୍ତା ଅଟକିଗଲା । ମୋ ପାଟିରୁ ବାହାରି ପଡ଼ିଲା "କ୍ଲିଭଲେଣ୍ଡ ହୋଇଗଲାନା କଅଣ ?" ମିସ୍ ମହାନ୍ତି ବାହାରକୁ ଅନାଇ କହିଲେ, "ବୋଧହୁଏ, ଆମେ କ୍ଲିଭଲେଣ୍ଡରେ ପହଞ୍ଚିଗଲେ ।"

କ୍ଲିଭଲେଣ୍ଡ ନାଁ । ଶୁଣି ମୋତେ ବ୍ୟସ୍ତ ହେବା ଦେଖି କହିଲେ "ଆପଣ ଏତେ ବ୍ୟସ୍ତ ହୋଇ ପଡ଼ୁଛନ୍ତି କାହିଁକି ? ଆପଣ ଏଠି ଓହ୍ଲାଇବେ ନା କଅଣ ? ଆପଣ ପରା ବୋଷ୍ଟନ ଯିବେ ?"

"ହଁ, ହଁ, ମୁଁ ବୋଷ୍ଟନ ଯିବି; କିନ୍ତୁ ମୋତେ ଏଠି ଦେଖାକରିବାକୁ ଆସିବେ ମିସ୍ ଜୋନ୍‌ସ୍ । ସେ ବର୍ତ୍ତମାନ କ୍ଲିଭଲେଣ୍ଡ ମେଡ଼ିକେଲ କଲେଜର ପ୍ରସୂତି ବିଜ୍ଞାନ ଅଧ୍ୟାପିକା । ସେ ବିଗତ ଦୁଇବର୍ଷ ଧରି ମିସ୍ ଫ୍ରିଡମେନଙ୍କ ସହକାରୀ ଭାବରେ ଗବେଷଣା କରୁଥିଲେ । ସେହିଠାରୁ ତାଙ୍କର ମୋର ପରିଚୟ । ସେ ମୋର ବହୁ ଦିନର ବନ୍ଧୁ ।"

"ବନ୍ଧୁ ନୁହନ୍ତି ବାନ୍ଧବୀ ।" ହସି ହସି କହିଲେ ମିସ୍ ମହାନ୍ତି ।

"ହଁ, ହଁ, ମୋର ଭୁଲ୍ ହୋଇଗଲା ।" ହସି ପକାଇଲି ।

"ବାଃ, ଆପଣ ତ ଆମେରିକା ଆସି ବେଶ୍ ଜମାଇ ସାରିଲେଣି ଦେଖୁଛି ।"

ବସ୍ ଷ୍ଟାଣ୍ଡରେ ଗାଡ଼ି ରହିଛି କି ନାହିଁ, ବସ୍ ଭିତରକୁ ତର ତର ହୋଇ ପଶିଆସିଲେ ମିସ୍ ଜୋନ୍‌ସ । ବସ୍ ଭିତରକୁ ପଶୁଁ ପଶୁଁ ଚାରିଆଡ଼କୁ ଅନାଇ ମୋତେ ଖୋଜିଲା ଭଳି ଜଣାପଡ଼ୁଥାନ୍ତି । ହଠାତ୍ ମୋତେ ବସ୍ ଭିତରେ ଦେଖି ପାଟି କରି ଉଠିଲେ, "ହାଲୋ,

Digitized by srujanika@gmail.com

ଡକ୍ଟର ପଟ୍ଟନାୟକ, ଆପଣ କେଉଁଠି ବସିଛନ୍ତି ?" ଏତକ କହୁଁ କହୁଁ ଭଦ୍ରମହିଳା ଜଣକ ମୋ ଠାକୁ ଚାଲିଆସି ମୋ ସହିତ କରମର୍ଦ୍ଦନ କଲେ ।

ଭଦ୍ରମହିଳା ଜଣକ ଖାଲି ପଡ଼ିଥିବା ସାମନା ସିଟ୍‌ରେ ବସିପଡ଼ି କହିଲେ, "ଆପଣ କହିଥିଲେ ଯେ ଓ୍ୱାସିଙ୍ଗ୍‌ଟନରୁ ଫେରିଲାବେଳେ କ୍ଳିଭଲେଣ୍ଡରେ ଓହ୍ଲାଇ ଦିନକ ପାଇଁ ମୋ ଘରେ ଅତିଥି ହେବେ । ହଠାତ୍ ଆପଣଙ୍କର ସେ ସିଦ୍ଧାନ୍ତ ବଦଳିଗଲା କାହିଁକି ? ମୁଁ ସେଥିପାଇଁ ବିଶେଷ ଦୁଃଖିତ ଡାକ୍ତର ପଟ୍ଟନାୟକ ? ଏତେ ଦୁଃଖିତ ଯେ ଆପଣଙ୍କ ସହ କଥା ହେବାକୁ ଇଚ୍ଛା କରୁନି ।"

"କ'ଣ କରିବି ମିସ୍ ଜୋନ୍‌ସ ! ଗତକାଲି ମିସ୍ ଫ୍ରିଡ୍‌ମେନଙ୍କ ପାଖରୁ ଏକ ତାରବାର୍ତ୍ତା ପାଇଲି । ସେଥିରେ ଶୀଘ୍ର ବୋଷ୍ଟନ୍ ଫେରି ଆସିବା ପାଇଁ ତାକରା ଆସିଥିଲା । ସମ୍ଭବତଃ କିଛି ଗୋଟିଏ ଜରୁରୀକାର୍ଯ୍ୟ ପଡ଼ିଛି ବୋଷ୍ଟନରେ । ସେଥିପାଇଁ ଶୀଘ୍ର ଫେରି ଆସିବାକୁ ଅନୁରୋଧ ।

"ଆରେ, ମୁଁ ଆପଣଙ୍କୁ ଏହି ଭଦ୍ରମହିଳାଙ୍କ ସହିତ ଏପର୍ଯ୍ୟନ୍ତ ପରିଚିତ କରାଇଦେଇନି ମିସ୍ ଜୋନ୍‌ସ ! ଦେଖିଲେ, ମୁଁ କେଡ଼େ ଅଭଦ୍ର !"

ମିସ୍ ଜୋନ୍‌ସଙ୍କ ଦୃଷ୍ଟି ମିସ୍ ମହାନ୍ତିଙ୍କ ଆଡ଼କୁ ଆକର୍ଷଣ କରି କହିଲି, "ଏ ହେଉଛନ୍ତି ଡାକ୍ତର ମିସ୍ ମହାନ୍ତି । ଓଡ଼ିଶାର ଲୋକ । ଏ ବର୍ତ୍ତମାନ ନିଉୟର୍କର ଆଇନ୍‌ଷ୍ଟାଇନ ସେଣ୍ଟର ଅଫ୍ ମେଡିକେଲ୍ ରିସର୍ଚ୍ଚ ଅନୁଷ୍ଠାନରେ ପ୍ରସୂତି ବିଜ୍ଞାନରେ ଗବେଷକ ଅଛନ୍ତି । ମିସ୍ ଫ୍ରିଡ୍‌ମେନଙ୍କ ଗବେଷଣାଗାରରେ ଗବେଷଣା କରିବାପାଇଁ ପ୍ରାର୍ଥୀ ହୋଇଛନ୍ତି । ଆପଣ ଯେଉଁ ସ୍ଥାନ ଛାଡ଼ି ଆସିଲେ ମିସ୍ ଜୋନ୍‌ସ ସେହି ଖାଲିସ୍ଥାନ ପୂରଣ ପାଇଁ ଏ ଦରଖାସ୍ତ କରିଛନ୍ତି ।"

"ଅଃ, ଏହା କ'ଣ ସତ ?" ମିସ୍ ମହାନ୍ତିଙ୍କ ଆଡ଼କୁ ଚାହିଁ ପଚାରିଲେ ମିସ୍ ଜୋନ୍‌ସ୍ ନିଜ ଡୋଳାକୁ ନଚାଇ । ଆପଣ ଯଦି ଏହି ସ୍ଥାନଟି ପାଇଯା'ନ୍ତି, ତେବେ ନିଜକୁ ଅତି ଭାଗ୍ୟବାନ ବୋଲି ମନେ କରିବାକୁ ପଡ଼ିବ ମିସ୍ ମହାନ୍ତି । ମିସ୍ ଫ୍ରିଡ୍‌ମେନଙ୍କଠାରେ ଗବେଷଣାର ସୁଯୋଗ ପାଇବା କମ୍ ବଡ଼ ସୌଭାଗ୍ୟର କଥା ନୁହେଁ । ମୁଁ ଜାଣେନା ଆପଣ ଜାଣନ୍ତି କି ନାହିଁ, ସାରା ଆମେରିକାରେ ସେ ପ୍ରସୂତି ବିଜ୍ଞାନରେ ବର୍ତ୍ତମାନ ଅଦ୍ୱିତୀୟ ବିଶେଷଜ୍ଞ । ଲିଙ୍ଗ ପରିବର୍ତ୍ତନ ଚିକିତ୍ସାରେ ତାଙ୍କ ସମକକ୍ଷ ହେଲାଭଳି କୌଣସି ଡାକ୍ତର ସାରା ପୃଥିବୀରେ ଅଛନ୍ତି କି ନାହିଁ ସନ୍ଦେହ ।"

ମୋ ଆଡ଼କୁ ଅନାଇ କହିଲେ, "ଆପଣ ତାଙ୍କର ଏତେ ଦିନ ଧରି ସହକାରୀ ଭାବରେ କାର୍ଯ୍ୟ କରୁଥିବାରୁ ମୁଁ ଆପଣଙ୍କୁ କମ୍ ଈର୍ଷା କରୁନି ଡକ୍ଟର ପଟ୍ଟନାୟକ । ଆପଣ ବି ଦିନେ ମିସ୍ ଫ୍ରିଡ୍‌ମେନଙ୍କ ଭଳି ପ୍ରସୂତି ବିଜ୍ଞାନରେ ପ୍ରସିଦ୍ଧି ଅର୍ଜନ କରିବେ ଡକ୍ଟର ପଟ୍ଟନାୟକ ।"

Digitized by srujanika@gmail.com

ଏହିଭଳି କଥାବାର୍ତ୍ତା ହେଉଁ ହେଉଁ ବସ୍ ଗ୍ରୁଡ଼ିବା ବେଳ ହୋଇଗଲା । ମିସ୍ ଜୋନ୍ସ ଉଠି ଠିଆ ହୋଇ କହିଲେ "ହେଉ, ମୁଁ ଯାଉଛି ଡାକ୍ତର ପଟ୍ଟନାୟକ । ଆସନ୍ତା ଥରକୁ ଆପଣ ଯେତେବେଳେ ଏହି କ୍ଲିଭଲେଣ୍ଡ ବାଟଦେଇ ଯିବେ, ମୋ ଘରେ ଅତିଥି ହେବାକୁ ଯେମିତି ନ ଭୁଲନ୍ତୁ । ଆପଣଙ୍କ ଯାତ୍ରା ଆମୋଦଦାୟକ ହେଉ ଡକ୍ଟର ପଟ୍ଟନାୟକ ! ସେଥିସହ ମିସ୍ ମହାନ୍ତିଙ୍କ ଯାତ୍ରା ବି । "ମିସ୍ ମହାନ୍ତିଙ୍କ ଆଡ଼କୁ କଣେଇ କଣେଇ ଅନାଇ ହସି ହସି କହି ବସ୍‌ରୁ ଓହ୍ଲାଇ ଗଲେ ମିସ୍ ଜୋନ୍ସ ।

ମିସ୍ ଜୋନ୍ସ ବିଦାୟ ନେଲାପରେ ମିସ୍ ମହାନ୍ତି ମୋତେ ଲକ୍ଷ୍ୟକରି କହିଲେ, "ଆପଣଙ୍କ ବାନ୍ଧବୀ ବେଶ୍ ସୁନ୍ଦର ଲୋକ ତ ଡକ୍ଟର ପଟ୍ଟନାୟକ ! ତାଙ୍କ ବ୍ୟବହାର, କଥାବାର୍ତ୍ତାରେ ସେ ଅନ୍ୟକୁ ଖୁବ୍ ସହଜରେ କିଣିନେଇ ପାରନ୍ତି । ତା'ଛଡ଼ା ଯେଉଁ ରୂପ ପାଇଛନ୍ତି, ତାଙ୍କ ଶତ୍ରୁ ବି ତାଙ୍କୁ ଭଲ ନପାଇ ରହିପାରିବେନି ।"

ଯଥାସମୟରେ ବସ୍ ଆସି ନିଉୟର୍କରେ ପହଞ୍ଚିଲା । ସେତେବେଳକୁ ପ୍ରାୟ ସାତ ନଅଟା ବାଜିଲାଣି । ସୂର୍ଯ୍ୟ ଠିକ୍ ଅସ୍ତ ହେବାକୁ ଯାଉଛନ୍ତି । ନିଉୟର୍କର ସ୍କାଏ ସ୍କ୍ରେପରଗୁଡ଼ିକ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣରେ ସ୍ୱର୍ଣ୍ଣ ମୁକୁଟ ପିନ୍ଧିଲାଭଳି ପ୍ରତୀୟମାନ ହେଉଥାନ୍ତି । ବସ୍ ଆସି ଠିଆ ହେଲା ବହୁତଳ ବିଶିଷ୍ଟ ବସ୍‌ଷ୍ଟାଣ୍ଡ ନିଉୟର୍କର ପୋର୍ଟଅଥରିଟିର ସପ୍ତତଳ ପ୍ରାସାଦଉପରେ । ଏହି ବସ୍ ଷ୍ଟାଣ୍ଡଟି ପୃଥିବୀର ବୃହତ୍ତମ ବସ୍‌ଷ୍ଟାଣ୍ଡ ଭାବରେ ପ୍ରସିଦ୍ଧ । ଏହି ଷ୍ଟାଣ୍ଡ ଦେଇ ପ୍ରତିଦିନ ଯେତେ ବସ୍ ଯିବା ଆସିବା କରେ, ପୃଥିବୀର ଅନ୍ୟ କୌଣସି ବସ୍ ଷ୍ଟାଣ୍ଡରେ ସେତେ ବସ୍ ଯିବା ଆସିବା କରିବାର ଦେଖାଯାଏନି ।

"ମିସ୍ ମହାନ୍ତି ମୋଠାରୁ ବିଦାୟ ନେଲେ । ବସ୍‌ରୁ ଓହ୍ଲାଉ ଓହ୍ଲାଉ କହିଲେ, "ମୁଁ ପହିଲଦିନ ଆପଣଙ୍କୁ ବୋଷ୍ଟନରେ ସାକ୍ଷାତ୍ କରିବି ଡକ୍ଟର ପଟ୍ଟନାୟକ ! ମିସ୍ ଜୋନ୍ସଙ୍କ ସ୍ମୃତିରେ ମୋତେ ଯେମିତି ଭୁଲି ନଯାନ୍ତୁ ଏ ଭିତରେ ।"

"ଆପଣଙ୍କ ଭଳି ସହଯାତ୍ରିଣୀଙ୍କୁ କ'ଣ ଏତେ ସହଜରେ ଭୁଲିହୁଏ ମିସ୍ ମହାନ୍ତି ? ସାରାଜୀବନରେ ବି ନୁହେଁ । ମୁଁ ଆପଣଙ୍କୁ ସେ ଦିନ ମୋ ରୁମ୍‌ରେ ଅପେକ୍ଷା କରିଥିବି ।"

ମିସ୍ ମହାନ୍ତି, ମୋଠାରୁ ବିଦାୟ ନେଇ ଗଲେ ସତ; କିନ୍ତୁ ବାଟସାରା ମୁଁ ତାଙ୍କର କଥା ଭାବି ଭାବି ଆସୁଥାଏଁ । ମିସ୍ ମହାନ୍ତି ଭାରତୀୟ ହେଲେ ବି ଦେଖିବାକୁ ବେଶ୍ ସୁନ୍ଦରୀ । ଅମାୟିକ ବ୍ୟବହାର । ଅନ୍ୟକୁ କିଣି ନେଲାଭଳି କଥା କହିବାର ଭଙ୍ଗୀ ଅଛି । ମିସ୍ ମହାନ୍ତିଙ୍କୁ ନେଇ ମୋ ମନ ଭିତରେ କେତେ ପ୍ରକାର ଭାବନା ଆସି ପର ମୁହୂର୍ତ୍ତରେ ଯେ ମିଳାଇ ଯାଉଥାଏ ତାର କଳନା ନାହିଁ ।

× × ×

Digitized by srujanika@gmail.com

ମିସ୍ ମହାନ୍ତିଙ୍କୁ ମିସ୍ ଫି୍ରଡ୍ମେନଙ୍କ ଅଧୀନରେ ଗବେଷଣା କରିବା ପାଇଁ ନିଯୁକ୍ତି ମିଳିଗଲା । ମାତ୍ର ଗୋଟିଏ ସ୍ଥାନ ପାଇଁ ଏତେ ଗୁଡ଼ାଏ ପ୍ରତିଯୋଗୀଙ୍କ ଭିତରୁ ସେ କେମିତି ବଛାଗଲେ, ଏହା ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ଇଣ୍ଟରଭିଉ ଦିନ ଏତେଗୁଡ଼ାଏ ପ୍ରତିଯୋଗୀଙ୍କୁ ଦେଖି ମିସ୍ ମହାନ୍ତି ହତୋତ୍ସାହ ହୋଇପଡ଼ିଥିଲେ । ସେମାନଙ୍କର କାର୍ଯ୍ୟଦକ୍ଷତା, କେରିୟର ଆଦି ସହିତ ନିଜକୁ ତୁଳନା କରି ସେ ନିଷ୍ପ୍ରଭ ହୋଇପଡ଼ୁଥିଲେ । ସବୁ ପ୍ରତିଯୋଗୀଙ୍କୁ ଗୋଟିଏ କୋଠରୀରେ ବସିବାକୁ ଦେଇ ମିସ୍ ଫି୍ରଡ୍ମେନଙ୍କ ସେକ୍ରେଟେରୀ ପ୍ରତିଯୋଗୀମାନଙ୍କର କେରିୟର୍, କାର୍ଯ୍ୟ ଦକ୍ଷତା ଆଦିର ଯେଉଁ ପୂର୍ବାଭାସ ସଂଗ୍ରହ କରୁଥିଲେ, ତାକୁ ଦେଖି ମିସ୍ ମହାନ୍ତି ଗ୍ରୁନିଆ । ସେ ମନେ ମନେ ଧରି ନେଇଥିଲେ ଯେ ସେ ବଛା ହେବା ସମ୍ଭବ ନୁହେଁ । ତାଙ୍କୁ ନିଉୟର୍କରେ ଆଉରି କିଛିଦିନ କଟାଇବାକୁ ପଡ଼ିବ । କିନ୍ତୁ ଯେଉଁଦିନ ସେ ମିସ୍ ଫି୍ରଡ୍ମେନଙ୍କ ପାଖରୁ ନିଯୁକ୍ତି ପତ୍ର ପାଇଲେ, ସେ ଦିନ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନି । ସେ ନିଶ୍ଚିତ ଭାବରେ ଧରିନେଲେ ଯେ ତାଙ୍କର ବଛା ହେବାରେ କୌଣସି ଅଦୃଶ୍ୟ ହାତ ନିଶ୍ଚୟ କିଛି କାମ କରିଛି । ତା ନ ହୋଇଥିଲେ, ଏତେ ଦକ୍ଷ ପ୍ରତି-ଯୋଗୀଙ୍କ ଭିତରୁ ସେ ବଛା ହୋଇଥାନ୍ତେ କେମିତି ?

ମିସ୍ ମହାନ୍ତି କାର୍ଯ୍ୟରେ ଯୋଗ ଦେବାର କିଛି ଦିନ ପରେ ମୁଁ ଦିନେ ତାଙ୍କ କୋଠରୀକୁ ପଶିଗଲି । ସେ ସେତେବେଳେ ଚିନ୍ତା କରି ବସିଲା ଭଳି ବୋଧହେଉଥିଲେ । ତାଙ୍କର ଏଭଳି ଅବସ୍ଥା ଦେଖି ପଚାରିଲି, "ବୋଷ୍ଟନ ବୋଧହୁଏ ଭଲ ଲାଗୁନି ମିସ୍ ମହାନ୍ତି ? କ'ଣ କରାଯିବ, କାହିଁ ଆମେରିକାର କୁବେର ପୁରୀ ନିଉୟର୍କ ନଗରୀ, କାହିଁ ଏଇ ଗଳି କନ୍ଦି-ପୂର୍ଣ୍ଣ ପୁରୁଣାକାଳିଆ ବୋଷ୍ଟନ ସହର ? ଏ ଦୁହେଁ କ'ଣ କେବେ ସମାନ ହୋଇ ପାରିବେ ? ସେ ପରିସ୍ଥିତିରେ ଏହି ସହର ଭଲ ନ ଲାଗିବା ସ୍ୱାଭାବିକ । ତେବେ ଆପଣଙ୍କର ଚଳାଚଳିରେ କିଛି ଅସୁବିଧା ହେଉଥିଲେ କୁହନ୍ତୁ । ମୁଁ ସେ ଅସୁବିଧାକୁ ଦୂର କରିବାକୁ ଚେଷ୍ଟା କରିବି ।"

"ନାହିଁ ଡକ୍ଟର ପଟ୍ଟନାୟକ ! ମୋର ତ ଏଠି କିଛି ଅସୁବିଧା ହେଉନି । ଆପଣ କ'ଣ ଏତେ ଦୂର ଭାବି ଗଲେଣି ? ଚଳାଚଳିରେ ବୋଷ୍ଟନ୍ ଓ ନିଉୟର୍କ ଭିତରେ କିଛି ପାର୍ଥକ୍ୟ ଥିଲା ଭଳି ମୋତେ ତ ଲାଗୁନି । ତା ଛଡ଼ା ଆପଣଙ୍କ ଭଳି ହିତାକାଙ୍କ୍ଷୀ ବନ୍ଧୁ ଥାଉଁ ଥାଉଁ ମୋର ଯେ କିଛି ଅସୁବିଧା ହେବ, ମୁଁ ସେ କଥା କଳ୍ପନା ବି କରିପାରୁନି ।

"ହେଉ, ଆପଣଙ୍କୁ ଏହି ନୂଆ ଗବେଷଣାଟି କେମିତି ଲାଗୁଛି କହିଲେ ?

"ଅତି ଚମତ୍କାର । ସେ କଥା ଆଉ କହିବାକୁ ଅଛି ? ମୁଁ ନିଜକୁ ଅତି ଭାଗ୍ୟବାନ ମନେ କରୁଛି, ଯେ ମୁଁ ମିସ୍ ଫି୍ରଡ୍ମେନଙ୍କଠାରେ ଗବେଷଣା କରିବାର ସୌଭାଗ୍ୟ ଅର୍ଜନ କରିପାରିଛି ବୋଲି । ଗତ ଦୁଇ ଦିନ ତଳେ ଯେଉଁ ରୋଗୀଟି ଭଲ ହୋଇ ଏହି ହସ୍ପିଟାଲରୁ ବିଦାୟ ନେଲା, ତାର ଇତିହାସ ମୋତେ ଅତ୍ୟଧିକ ଆଶ୍ଚର୍ଯ୍ୟାନ୍ୱିତ କରିଛି ଡକ୍ଟର ପଟ୍ଟନାୟକ ! ମୁଁ ମିସ୍ ରଗାନଙ୍କଠାରୁ ସେହି ରୋଗୀଟିର ଇତିହାସ ଶୁଣି ଆଶ୍ଚର୍ଯ୍ୟ ହୋଇଛି । ମୋତେ ଏ ସବୁ ସ୍ୱପ୍ନ ଭଳି ବୋଧ ହେଉଛି ଡକ୍ଟର ପଟ୍ଟନାୟକ ।"

Digitized by srujanika@gmail.com

"ଆମର ଏହି ହସ୍‌ପିଟାଲରେ ଲିଙ୍ଗ ପରିବର୍ତ୍ତନ ନେଇ ଯେତେ ପ୍ରକାର ରୋଗୀ ଆସନ୍ତି, ସେମାନଙ୍କ ଇତିହାସ ଯଦି ଶୁଣିବେ, ତେବେ ଆପଣ ଧାରଣା କରିପାରିବେ, ମଣିଷ ହାତ କି ଅସମ୍ଭବକୁ ସମ୍ଭବ କରିପାରେ । ସେସବୁର ରୋଗ ଇତିହାସ ଆମ ହସ୍‌ପିଟାଲରୁ ବାହାରୁଥିବା ବୁଲେଟିନରେ ପ୍ରତି ମାସ ବାହାରେ । ଗତ ଚାରି ମାସ ତଳର ଗୋଟିଏ ଆଶ୍ଚର୍ଯ୍ୟଜନକ ଘଟଣା କହୁଛି ଶୁଣନ୍ତୁ ।"

ମିସ୍ ମହାନ୍ତି ମୋତେ ଅପଲକ ନେତ୍ରରେ ଅନାଇ ରହିଲେ ମୋ କଥା ଶୁଣିବାପାଇଁ ।

ଆରମ୍ଭ କଲି, "ଏହି ସହରର ଉପକଣ୍ଠରେ ଏକ ଗ୍ରେଟ ସହର ଅଛି । ତା ନାଁ ହେଉଛି କାଉଟନ, ସେଠୁଁ କନିକା ରୋଗୀ ଆସିଥିଲେ । ରୋଗୀଟି ଗୋଟିଏ ଯୁବତୀ । ବୟସ ତେଇଶ୍ ଚବିଶ୍ ଭିତରେ । ଯୁବତୀସୁଲଭ ସବୁ ପ୍ରକାର ଗୁଣରେ ସେ ଭରିପଡ଼ିଥାନ୍ତି । ସୁନ୍ଦର ରୂପ, ମୁଖ ଉପରେ ସ୍ତ୍ରୀସୁଲଭ ଲାବଣ୍ୟର ପ୍ରଭା ଫୁଟିଉଠୁଛି । ଉନ୍ନତ ବକ୍ଷ, ସ୍ୱରରେ କୋମଳତା ଓ ଲାଳିତ୍ୟ, ଆକର୍ଷଣୀୟ ଢଙ୍ଗ, ଯେକୌଣସି ଲୋକକୁ ଆକୃଷ୍ଟ କରିନେବ । କିନ୍ତୁ ସାଧାରଣ ସ୍ତ୍ରୀସୁଲଭ କେତେ ଗୋଟି ଗୁଣର ଅଭାବରୁ ତାର ପିତା ମାତା ତା'ପାଇଁ ଅତ୍ୟଧିକ ଉଦ୍‌ବିଗ୍ନ । ବହୁ ବିଶେଷଜ୍ଞଙ୍କ ସହିତ ଆଲୋଚନା କରିବା ପରେ ସେମାନେ ଦିନେ ଆମ ହସ୍‌ପିଟାଲକୁ ଝିଅଟିକୁ ଧରି ଆସିଲେ । ମିସ୍ ଫ୍ରିଡ଼ମେନ୍ ଝିଅଟିକୁ ପରୀକ୍ଷା କରୁଁ କରୁଁ ପାଟି କରି ଉଠିଲେ, "କି ଆଶ୍ଚର୍ଯ୍ୟ, ଏ ଯୁବତୀଟିକୁ ଦେଖ ଦେଖ ଡକ୍‌ଟର ପଟ୍ଟନାୟକ ! ପ୍ରକୃତିର କି ବିଚିତ୍ର ସୃଷ୍ଟି ! ଏହି ଝିଅଟିର ଶରୀର ଭିତରେ ପୁରୁଷର ଯୌନାଙ୍ଗ କେମିତି ଲୁକ୍‌କାୟିତ ହୋଇ ରହିଛି । ଏହି ଝିଅଟି ଝିଅ ହେବାକୁ ଯୋଗ୍ୟ ନୁହେଁ । ଏହାର ସ୍ତ୍ରୀ ଯୌନାଙ୍ଗ ମୋଟେ ପରିସ୍ଫୁଟ ନୁହେଁ । ବରଂ ଅଳ୍ପ ଚେଷ୍ଟାକଲେ ଏହାର ପୁଂ ଯୌନାଙ୍ଗକୁ ବେଶ୍ ପରିସ୍ଫୁଟ କରାଯାଇପାରିବ । ଫଳରେ ଏହା ହେବ ଏକ ସୁନ୍ଦର ରୂପବାନ ଯୁବକ । ପ୍ରକୃତି ଏହାକୁ ପୁରୁଷ କରିବାକୁ ଯାଇ ଭୁଲ ବଶତଃ ସ୍ତ୍ରୀର କେତୋଟି ଯୌନ ଲକ୍ଷଣ ଏହା ଦେହରେ ଖଞ୍ଜି ଦେଇଛି । ମୋ ମତରେ ଏହି ଯୁବତୀଟିକୁ ଯୁବତୀର ଅଧିକାର ଦିଆଯାଇ ନ ପାରେ । ଏହା ଏକ ଯୁବକ ହେବାକୁ ହକ୍‌ଦାର । ଯୁବକର ଯୌନ ଅଙ୍ଗ, ଅଣ୍ଡକୋଷ ଆଦି ସବୁ କିଛି ଅପରିସ୍ଫୁଟ ଅବସ୍ଥାରେ ଅଛି, ଦେଖୁ ନାହିଁ ? ଧନ୍ୟ ପ୍ରକୃତିର ସୃଷ୍ଟି !"

ଝିଅଟିକୁ ମୁଁ ଆହୁରି ଭଲଭାବରେ ପରୀକ୍ଷା କଲି, "ଆଃ, ଏଡ଼େ ସୁନ୍ଦର ଝିଅଟିକୁ ପୁରୁଷ କରିଦେବାକୁ ପଡ଼ିବ ? ବିଧାତାର କି ଅବିଚାର ସତେ ! ଯୁବତୀର ସବୁ ଲକ୍ଷଣ ତ ଅଛି ଏହି ଝିଅଟିଠାରେ । ଉନ୍ନତ ବକ୍ଷ, ନାରୀ ସୁଲଭ ସ୍ୱର, ଶରୀରର କୋମଳତା, ଯୌନାକର୍ଷୀ ସ୍ତ୍ରୀ ରୂପ । ଝିଅର ଏହି ଅପରୂପ ସୌନ୍ଦର୍ଯ୍ୟ ଯେକୌଣସି ଯୁବକକୁ ପାଗଳ କରିଦେଇପାରେ । କିନ୍ତୁ ଝିଅଟିର ନାହିଁ ଗର୍ଭାଶୟ, ନାହିଁ ଗର୍ଭକୋଷ । ତେଣୁ ଏଭଳି ସ୍ତ୍ରୀକୁ ନେଇ କୌଣସି ପୁରୁଷ ସଂସାର କରିପାରିବନି । ସନ୍ତାନ, ସନ୍ତତି ଜନ୍ମ ହେବାର ସମ୍ଭାବନା ମୋଟେ ନାହିଁ

Digitized by srujanika@gmail.com

ଏହି ସ୍ତ୍ରୀ ଲୋକଟିଠାରେ । ପକ୍ଷାନ୍ତରେ ଏହି ସ୍ତ୍ରୀଟିଠାରେ ଥିବା ଅପରିଷ୍କୃତ ପୁଂ ଯୌନାଙ୍ଗକୁ ଯଦି ଅପରେସନ କରି ପରିଷ୍କୃତ କରିଦିଆଯାଏ, ତେବେ ଏହା ଏକ ସୁନ୍ଦର ଯୁବକ ହୋଇପାରିବ । ପରୀକ୍ଷାକରି ସାରିବା ପରେ ମିସ୍ ଫିଡ୍ ମେନଙ୍କ କଥାରେ ଏକମତ ହେଲି । ମତଦେଲି ଅପରେସନ ସାହାଯ୍ୟରେ ଏହାକୁ ପୁରୁଷ କରିଦେବା ଉଚିତ୍ ।

"ମୁଁ କେବେ ଏଭଳି ଇଣ୍ଟରସେକସ ରୋଗୀକୁ ପରୀକ୍ଷା କରିବାର ସୌଭାଗ୍ୟ ପାଇନି ଡକ୍ଟର ପଟ୍ଟନାୟକ । ଏହି ଦ୍ୱିଲିଙ୍ଗୀ ଲୋକ କ'ଣ ମଣିଷ ସମାଜରେ ବହୁ ସଂଖ୍ୟାରେ ଜନ୍ମ ନିଅନ୍ତି ?" ପଚାରିଲେ ମିସ୍ ମହାନ୍ତି ।

"ବହୁ ସଂଖ୍ୟାରେ ଅବଶ୍ୟ ନୁହେଁ । ପ୍ରତି ଦଶ ଲକ୍ଷ ଜନ୍ମରେ ଅନ୍ତତଃ ଗୋଟିଏ ପାଇବେ ଏହିଭଳି ଉଭୟଲିଙ୍ଗୀ ଲୋକ । ଜୀବନର ସଂଶ୍ଳେଷଣ ପ୍ରକ୍ରିୟାରେ ଏହା ଏକ ଭୁଲ । ତୁମେ ଜାଣିଛ, ଆମ ଶରୀରରେ ଡି. ଏନ. ଏ. ସଂଶ୍ଳେଷଣ ତ ପୂରାପୂରି ଯନ୍ତ୍ରଚାଳିତ । ଯନ୍ତ୍ରଚାଳିତ ପଦ୍ଧତିରେ ଲିଙ୍ଗ ସୃଷ୍ଟି ହୋଇଯାଉଛି ମନକୁ ମନ । ଏହି ସଂଶ୍ଳେଷଣବେଳେ ଯଦି କିଛି ଗୋଟିଏ ଭୁଲ ହୋଇଗଲା, ତେବେ ହଠାତ୍ ଗୋଟିଏ ଉଭୟଲିଙ୍ଗୀ ଜନ୍ମ ନେବ ।"

ତା' କେମିତି ହେବ ? ଆମ ସେକ୍ସ କ୍ରୋମୋଜୋମ୍ ଭିତରୁ 'X' କ୍ରୋମଜୋମ୍ ଯଦି ଆଉ ଗୋଟିଏ 'X' କ୍ରୋମୋଜୋମ୍ ସହିତ ସଂଯୁକ୍ତ ହେବ, ତେବେ ଝିଅ ସୃଷ୍ଟି ହେବ; Y କ୍ରୋମୋଜୋମ୍ ସହ ମିଳିତ ହେଲେ ପୁଅ ହେବ । ଏ ଉଭୟଲିଙ୍ଗୀ ଆସିବେ କେଉଁଠୁ ?

ଠିକ୍ ପ୍ରଶ୍ନଟିଏ ପଚାରିଛ ମିସ୍ ମହାନ୍ତି । ତୁମେ ଜାଣିଛ ମା'ର ଡିମ୍ବାଣୁ ସହିତ ପୁରୁଷର ଶୁକ୍ରାଣୁ ମିଳିତ ହେଲେ ଡିମ୍ବାଣୁ ନିଷିକ୍ତ ହୋଇ ଏକ ଭ୍ରୂଣରେ ପରିଣତ ହୁଏ । ଏହି ଭ୍ରୂଣ ଜରାୟୁରେ ରହି ବଢ଼ିବାକୁ ଲାଗେ । ନଅ ମାସ ବଢ଼ିବା ପରେ ଏହା ଏକ ଶିଶୁ ଭାବରେ ଜନ୍ମ ନିଏ । ଜରାୟୁ ଭିତରେ ବଢ଼ିବା ଭିତରେ ଛଅ ସାତ ସପ୍ତାହ ପର୍ଯ୍ୟନ୍ତ ଏହାର ଲିଙ୍ଗ ସୃଷ୍ଟି ହୋଇନଥାଏ । ତେବେ ଏହା ପୁରୁଷ ହେବ କି ସ୍ତ୍ରୀ ହେବ ନିଷେକବେଳେ ଠିକ୍ ହୋଇଯାଇଥାଏ । ଯଦି 'Y' କ୍ରୋମଜୋମ୍ ବିଶିଷ୍ଟ ଶୁକ୍ରାଣୁ 'X' କ୍ରୋମଜୋମ୍ ବିଶିଷ୍ଟ ଡିମ୍ବାଣୁ ସହିତ ମିଳିତ ହୁଏ, ତେବେ ପୁଅହୁଏ । ଯଦି 'X'କ୍ରୋମଜୋମ ବିଶିଷ୍ଟ ଶୁକ୍ରାଣୁ 'X' କ୍ରୋମଜୋମ ବିଶିଷ୍ଟ ଡିମ୍ବାଣୁ ସହିତ ମିଳିତ ହୁଏ, ତେବେ ଝିଅହୁଏ । ଛଅ-ସାତ ସପ୍ତାହ ପରେ ଏହି ଲୁକ୍କାୟିତ ନିର୍ଦ୍ଦେଶ ଅନୁସାରେ ଯୌନାଙ୍ଗର ସୃଷ୍ଟିହୁଏ । ଏହି ଦୃଷ୍ଟିରୁ ଦେଖିଲେ ପୁଅ କି ଝିଅ ହେବା ନିର୍ଭର କରୁଛି ପୁରୁଷ ଉପରେ । ମା'ର ଜରାୟୁରେ ଭ୍ରୂଣର ଅଭିବୃଦ୍ଧିବେଳେ ଯଦି କୌଣସି ଅସୁବିଧା ଘଟେ, ତେବେ ପୁରୁଷ ଓ ସ୍ତ୍ରୀ ଲିଙ୍ଗ ଗଢ଼ି ଉଠୁ ଉଠୁ ଉଭୟଲିଙ୍ଗ ଗଢ଼ିଉଠି ଉଭୟଲିଙ୍ଗୀ ଶିଶୁ ଜନ୍ମ ନିଅନ୍ତି । ବେଳେବେଳେ ଯୌନାଙ୍ଗକୁ ନିୟନ୍ତ୍ରଣ କରୁଥିବା ହରମୋନର ଅସାମ୍ୟତା ଯୋଗୁଁ ଗୋଳମାଳ ହୋଇ ଏଭଳି ଉଭୟଲିଙ୍ଗୀ ମଧ୍ୟ ଜନ୍ମନେଇଥାନ୍ତି । ଯାହା କୁହ ଏହା ଆମ ସଂଶ୍ଳେଷଣର ଯାନ୍ତ୍ରିକପଦ୍ଧତିରେ ତ୍ରୁଟି ମାତ୍ର । କୌଣସି କଳ କବ୍‌ଜା ଚାଲୁଥିଲାବେଳେ କୌଣସି

Digitized by srujanika@gmail.com

ତ୍ରୁଟି ଯୋଗୁଁ ଏହାର ସ୍ୱାଭାବିକ ଚଳାଚଳରେ ଯେଉଁ ବ୍ୟାଘାତ ଘଟେ, ଏହା ଠିକ୍ ସେହିପରି । ଆମେ ବେଳେବେଳେ ଭାବୁଁ, କାହାର ଅଦୃଶ୍ୟ ହାତ ଏହା ପଛରେ କାମ କରୁଛି ବୋଲି । ତାହା ଏକ କଳ୍ପନା ମାତ୍ର । ଏସବୁ ପୁରାପୁରି ଯାନ୍ତ୍ରିକ ରୀତିରେ ପରିଚାଳିତ ଏକ ଅସ୍ୱାଭାବିକ ସଂଶ୍ଳେଷଣ ।

"ତା'ପରେ ସେ ଝିଅଟିର କ'ଣ ହେଲା ? ପଚାରିଲେ ମିସ୍ ମହାନ୍ତି ।"

ମିସ୍ ଫ୍ରିଡମେନ୍‌ଙ୍କ ମତାନୁସାରେ ଅସ୍ତ୍ରୋପଚାର କରି ଯୁବତୀଟିକୁ ପୁରୁଷ କରିବା ପୂର୍ବରୁ ଯୁବତୀଟିର ଓ ତା' ବାପାମା'ଙ୍କର ମତ ନେବା ଆବଶ୍ୟକ । ସେମାନେ ରାଜି ହେଲେ ଯାଇ ଅସ୍ତ୍ରୋପଚାର କରାଯିବ ।

ଯୁବତୀଟିକୁ ମୁଁ ଦିନେ ମୋ ରୁମ୍‌କୁ ଡାକି ସବୁ କଥା ବୁଝାଇ କହିଲି । ତା' ବାପା ମା' ବି ସେଠାରେ ଥିଲେ । "ତା'ର ସ୍ତ୍ରୀସୁଲଭ ରୂପ ଥିଲେ ହେଁ ତା' ପକ୍ଷରେ ସ୍ତ୍ରୀ ହୋଇ ରହିବା ସମ୍ଭବ ନୁହେଁ । କାରଣ ସ୍ତ୍ରୀସୁଲଭ ରୂପ ଥିଲେ କ'ଣ ହେବ, ସ୍ତ୍ରୀମାନଙ୍କ ଭଳି ତାର ଗର୍ଭାଶୟ ନାହିଁ କି ଗର୍ଭକୋଷ ନାହିଁ । ପକ୍ଷାନ୍ତରେ ତା'ର ପୁରୁଷ ଯୌନାଙ୍ଗ ଅପରିସ୍ଫୁଟ ଅବସ୍ଥାରେ ରହିଛି । ଆମେ ଅସ୍ତ୍ରୋପଚାର ଓ ଔଷଧ ପ୍ରୟୋଗ ଦ୍ୱାରା ତା'ର ସେହି ଅପରିସ୍ଫୁଟ ପୁଂ ଯୌନାଙ୍ଗକୁ ପରିସ୍ଫୁଟ କରିଦେଇପାରୁଁ । ପୁଂ ଯୌନାଙ୍ଗ ପରିସ୍ଫୁଟ ହେଲେ ଧୀରେ ଧୀରେ ତାର ସ୍ତ୍ରୀସୁଲଭ ରୂପ ତୁଟିଯିବ, ସ୍ୱରର କୋମଳତା ତୁଟିଯାଇ କର୍କଶତା ଚାଲିଆସିବ ।"

ଉନ୍ନତ ମାଂସଳ ସ୍ତନ ଧୀରେ ଧୀରେ କମି ଲୋପ ପାଇ ପୁରୁଷମାନଙ୍କ ସ୍ତନଭଳି ହୋଇଯିବ । ମୁହଁରେ ବାଳ ଉଠି ନିଶ ଦାଢ଼ି ହେବ । ପରିଶେଷରେ ଚିକିତ୍ସା ପୂର୍ଣ୍ଣ ହୋଇଗଲେ ସେ ପୁରୁଷ ଭଳି ଯୌନସ୍ପନ୍ଦନ ଅନୁଭବ କରିବ ଓ ପରିଶେଷରେ ଯୁବତୀଟିଏ ବିବାହ କରି ସୁଖରେ ଘରସଂସାର କରିପାରିବ ।"

"ଝିଅଟିର ଯଦି ଗର୍ଭକୋଷ କି ଗର୍ଭାଶୟ ନାହିଁ ତେବେ ସେଗୁଡ଼ିକ ଅନ୍ୟଠାରୁ ଆଣି ପରିରୋପଣ କରାଯାଇପାରିଥାଆନ୍ତା ତ ? ଆପଣମାନେ ତାହା ନକରି ଝିଅଟିକୁ ପୁରୁଷ କରିବାକୁ କାହିଁକି ଚେଷ୍ଟା କଲେ ?" ପଚାରିଲେ ମିସ୍ ମହାନ୍ତି ।

"ତୁମ ବିଚାର ଠିକ୍ ମିସ୍ ମହାନ୍ତି ! କିନ୍ତୁ ଗର୍ଭକୋଷ ପରିରୋପଣ ଅସ୍ତ୍ରୋପଚାର ଏପର୍ଯ୍ୟନ୍ତ ପୁରାପୁରି କୃତକାର୍ଯ୍ୟ ହୋଇପାରିନାହିଁ । ଶିଘ୍ରରେ କୃତକାର୍ଯ୍ୟ ହେବା ଆଶା ମୋଟେ ପାଞ୍ଚ । ଗର୍ଭାଶୟ ପାଇଁ ଆମର ଚିନ୍ତା ନଥିଲା । ଗର୍ଭକୋଷରୁ ଡିମ୍ବାଣୁ ବାହାର କରି ତାରି ସ୍ୱାମୀର ଶୁକ୍ରାଣୁ ସହିତ ନିଷେକ କରାଇ ଅନ୍ୟ ସ୍ତ୍ରୀ ଲୋକ ଜରାୟୁରେ ସେହି ଭ୍ରୂଣକୁ ବଢ଼ିବାକୁ ଦେଇ ଆମେ ସେହି ଝିଅଟିକୁ ମାତୃତ୍ୱ ଦେଇ ପାରିଥାନ୍ତୁ; କିନ୍ତୁ ଗର୍ଭକୋଷ ତ ନାହିଁ, ଡିମ୍ବାଣୁ ଆସିବ କୁଆଡ଼ୁ ?"

Digitized by srujanika@gmail.com

"ତା' କ'ଣ ସମ୍ଭବପର ଡକ୍ଟର ପଟ୍ଟନାୟକ ? କୌଣସି ସ୍ତ୍ରୀଲୋକର ଜରାୟୁ ନଥିଲେ, ତାଙ୍କୁ କ'ଣ ମାତୃତ୍ୱ ଦେଇ ହେବ ?"

ହସିଲି, "ଆଜିକାଲି ଯୁଗରେ ସେଇଟା କ'ଣ ଆଉ ଅସମ୍ଭବ ହୋଇ ରହିଛି ମିସ୍ ମହାନ୍ତି ? ଆଜିକାଲି ପଶୁମାନଙ୍କଠାରେ ପରା ଏହି ପଦ୍ଧତି ବ୍ୟାବସାୟିକ ସ୍ତରରେ କରାଗଲାଣି । ତୁମେ ଜାଣିନାହଁ, ଆଜିକାଲି କୌଣସି ଡାଏରୀ ଫାର୍ମରେ ଯଦି ନିକୃଷ୍ଟ ଧରଣର ଗାଈ ଥା'ନ୍ତି, ତେବେ ସେମାନଙ୍କଠାରୁ ପୂରାପୂରି ଅନ୍ୟ ଉନ୍ନତ ଜାତିର ବାଛୁରୀ ଏହି ଉପାୟରେ ଉତ୍ପନ୍ନ କରାଯାଉଛି । ଏହି ଦେଶରେ ଆଗରୁ କ'ଣ କରାହେଉଥିଲା ? ନିକୃଷ୍ଟ ଧରଣର ଗାଈକୁ ଉତ୍କୃଷ୍ଟ ଧରଣର ଷଣ୍ଢଠାରୁ ଶୁକ୍ରାଣୁ ଆଣି କୃତ୍ରିମ ପ୍ରଜନନ ପଦ୍ଧତିରେ ଗର୍ଭବତୀ କରାହେଉଥିଲା । ସେହି ଗାଈଠାରୁ ଯେଉଁ ଛୁଆ ଜନ୍ମ ହେଉଥିଲା ତାହା ହେଉଥିଲା ମିଶା । ମା' ବାପର ମଝି ମଝିକିଆ ।

ଯଦିଚ ସେ ନିକୃଷ୍ଟ ଧରଣର ଗାଈର ଛୁଆ; କିନ୍ତୁ ବାପ ଉତ୍କୃଷ୍ଟ ଧରଣର ହୋଇଥିବାରୁ ଦୁଧ ଦେଉଥିଲା ଅଧିକ । କିନ୍ତୁ ଆଜିକାଲି ଆଉ ତା ବି କରାହେଉନି । ନିକୃଷ୍ଟ ଧରଣର ଗାଈମାନେ ଖାଲି ଉନ୍ନତ ଧରଣର ଶୁଦ୍ଧ ବାଛୁରୀ ଉତ୍ପାଦନ ଦିଗରେ ବ୍ୟବହୃତ ହେଉଛନ୍ତି । ଉନ୍ନତ ଗାଈର ଡିମ୍ବାଣୁକୁ ବାହାର କରାହୋଇ ଉନ୍ନତ ଷଣ୍ଢର ଶୁକ୍ରାଣୁ ସହିତ କୃତ୍ରିମ ଉପାୟରେ ନିଷେକ କରାହୋଇ ଏହି ନିକୃଷ୍ଟ ଧରଣର ଗାଈ ଜରାୟୁରେ ଏହି ଉନ୍ନତ ଭ୍ରୂଣକୁ ସ୍ଥାପନା କରାଯାଉଛି । ଫଳରେ ନିକୃଷ୍ଟ ଗାଈଟି ଗର୍ଭବତୀ ହେଉଛି । ସେ ଗର୍ଭରେ ଯେଉଁ ଛୁଆ ଧାରଣ କରୁଛି ସେ ତା' ନିଜ ଛୁଆ ନୁହେଁ । ସେହି ଗାଈ ଯେତେବେଳେ ପ୍ରସବ କରୁଛି ସେ ବାଛୁରୀ ହେଉଛି ଉନ୍ନତ ଗାଈ ଓ ଷଣ୍ଢର ସନ୍ତାନ । ତା' ସହିତ ଗର୍ଭଧାରଣୀ ଗାଈର କିଛି ସମ୍ବନ୍ଧ ନାହିଁ । ସେ ମିଶ୍ର ନହୋଇ ଶୁଦ୍ଧ ହୋଇ ରହୁଛି ।

ଯେଉଁ ଗାଈ ଭ୍ରୂଣକୁ ନିଜ ଦେହରେ ବଢ଼ାଇଲା ତାର କୌଣସି ଗୁଣ ଏହି ବାଛୁରୀଠାରେ ଦେଖାଯାଏନି । ଥରେ ଥରେ ଗୋଟିଏ ଉନ୍ନତ ଗାଈ ଦେହରୁ ଅନେକ ଗୁଡ଼ିଏ ଡିମ୍ବାଣୁ ଆଣି ତାଙ୍କୁ ଉନ୍ନତ ଧରଣର ଷଣ୍ଢର ଶୁକ୍ରାଣୁ ଦ୍ୱାରା ··· ?

"ଏହା ଯିନା ପ୍ରାଣୀ ଜଗତରେ ସମ୍ଭବପର, ମଣିଷମାନଙ୍କଠାରେ କ'ଣ ହୋଇପାରୁଛି ?" ପଚାରିଲେ ମିସ୍ ମହାନ୍ତି ।

"ହଁ, ଏହାତ ଆଜିକାଲି ମଣିଷ ସମାଜରେ ହେଲାଣି । ଆମ ଏହି ହସ୍‌ପିଟାଲ୍‌ରୁ କେତେ ସ୍ତ୍ରୀ ଲୋକ ଜରାୟୁ ନଥାଇ ପୁଅ କନ୍ୟାର ମା' ହେଲେଣି, ଆପଣ ବୋଧହୁଏ ତାହା ଜାଣି-ନାହାନ୍ତି ।"

"ଆଁ, ଏହି ହସ୍‌ପିଟାଲରୁ ?" ଚମକପଡ଼ିଲେ ମିସ୍ ମହାନ୍ତି ।

Digitized by srujanika@gmail.com

"ହଁ ।" ମୁଁ କହିଲି "ବେଶିଦିନ ତଳର କଥା ନୁହେଁ । ଆମେରିକାରେ ଏକ ଅତି ଧନୀ ପରିବାରର ଏକମାତ୍ର ବୋହୂ ଜରାୟୁରେ କେନ୍‌ସର୍ ରୋଗରୁ କଷ୍ଟ ପାଉଥିଲେ । କେନ୍‌ସର ବିଶେଷଜ୍ଞମାନେ ମତଦେଲେ ଅପରେସନ୍ ଦ୍ୱାରା ଜରାୟୁକୁ କାଟି ବାହାର କରିବା ଛଡ଼ା ଅନ୍ୟ ଉପାୟ ନାହିଁ, ନଚେତ୍ ଏହି କେନ୍‌ସର ସାରା ଶରୀରକୁ ବ୍ୟାପିଯାଇ ସ୍ତ୍ରୀଟିର ମୃତ୍ୟୁର କାରଣ ହୋଇପାରେ । ତେଣୁ ଅନନ୍ୟୋପାୟ ହୋଇ ତାଙ୍କର ଜରାୟୁକୁ କାଟିଦେବାକୁ ପଡ଼ିଲା । ବୋହୂଟି ବିଭା ହେବାର ଅଳ୍ପଦିନ ପରେ ଏହି ଘଟଣା । ତାଙ୍କର ତ ପିଲାପିଲି ହୋଇ ନଥାଏ । ବଡ଼ ଅସୁଖରେ ଦିନ କାଟିଲେ ସେ । ତାଙ୍କର ତ ଜରାୟୁ ନାହିଁ । ସେ ଜୀବନରେ ମା' ହେବାର ଗୌରବ କେବେ ପାଇ ପାରିବେ ନାହିଁ । ସେ ଯେତେ ଦୁଃଖିତ ହେଲେ ତାଙ୍କ ସ୍ୱାମୀ ତାଙ୍କଠାରୁ ତେର ଅଧିକ ଦୁଃଖିତ ହେଲେ । ସ୍ୱାମୀ ପିତା ମାତାଙ୍କର ଏକମାତ୍ର ସନ୍ତାନ, ଅଚଳାଚଳ ସମ୍ପତ୍ତି ? ସେମାନେ ଯଦି ନିଃସନ୍ତାନ ହୁଅନ୍ତି ତେବେ ସେମାନଙ୍କ ଅନ୍ତେ ଏହି ସଂପତ୍ତିକୁ ଭୋଗ ଦଖଲ କରିବ କିଏ ? ଶେଷରେ କଥା ଏମିତି ହେଲା ପୁଅଟି ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେଇ ଆଉ ଏକ ବିବାହ କରିବା ପାଇଁ ନିଷ୍ପତ୍ତି ନେଲେ । ଅନୁମାନ କରି ପାରୁଥିବ ମିସ୍ ମହାନ୍ତି, ସେହି ସ୍ତ୍ରୀଲୋକର ଅବସ୍ଥା ବର୍ତ୍ତମାନ କଣ ହେବାକୁ ଯାଉଛି । ତାର ସଂସାର ଉଜୁଡ଼ିଯିବ ନାହିଁ ତ ଆଉ କଅଣ ହେବ ? ପରିତ୍ୟକ୍ତା ହୋଇ ସେ କି ଜୀବନ ଧାରଣ କରିବ ଏହି ସମାଜରେ ?

ସେହି ସ୍ତ୍ରୀ ଲୋକଟି କୌଣସି କାରଣବଶତଃ ଦିନେ ଆମର ଏହି ହସ୍‌ପିଟାଲ୍‌କୁ ଆସିଥିଲେ । ମିସ୍ ଫ୍ରିଡ୍‌ମେନ୍‌ଙ୍କ ସହିତ କଥାବାର୍ତ୍ତା ହେଉଁ ହେଉଁ ସେ ତାଙ୍କ ଦୁଃଖର କାହାଣୀ ସବୁ ବର୍ଣ୍ଣନା କରିଗଲେ । ତାଙ୍କ ସ୍ୱାମୀ ବର୍ତ୍ତମାନ କେମିତି ତାଙ୍କୁ ଛାଡ଼ପତ୍ର ଦେଇ ଆଉ ଗୋଟିଏ ବିବାହ କରିବାକୁ ସ୍ଥିର କରିଛନ୍ତି, କହୁଁ କହୁଁ କାନ୍ଦି ପକାଇଲେ ।

ମିସ୍ ଫ୍ରିଡ୍‌ମେନ ସ୍ତ୍ରୀ ଲୋକଟିର ଏହି ଦୟନୀୟ ଅବସ୍ଥା ଦେଖି କହିଲେ, "ଆପଣଙ୍କ ଜରାୟୁ ଯାଇଛି ବୋଲି ଯେ ଆପଣ ମା' ହେବାରୁ ବଞ୍ଚିତ ହେବେ ଏକଥା କିଏ କହିଲା ? ମୁ ଆପଣଙ୍କୁ ନିଜ ସନ୍ତାନର ମା' ହେବାର ଗୌରବ ପ୍ରଦାନ କରିପାରେ ?"

ଆଶ୍ଚର୍ଯ୍ୟ ହେଲା ସ୍ତ୍ରୀ ଲୋକଟି ! ମନ ଭିତରେ ଆଶାର ସଞ୍ଚାର ହେଲା ନିଜ ମାତୃତ୍ୱ ଟିକକ ପାଇଁ । ମିସ୍ ଫ୍ରିଡ୍‌ମେନ୍ ସ୍ତ୍ରୀ ଲୋକଟିକୁ ଉପଦେଶ ଦେଲେ ହସ୍‌ପିଟାଲ୍‌କୁ ତାଙ୍କ ସ୍ୱାମୀଙ୍କୁ ନେଇ ପରଦିନ ଆସିବାପାଇଁ ।

ଭଦ୍ର ମହିଳାଟି ଚାଲିଗଲା ପରେ ମୁଁ ମିସ୍ ଫ୍ରିଡ଼ମେନଙ୍କୁ ପଚାରିଲି, "ଆପଣ କ'ଣ ଜରାୟୁ ପରି ରୋପଣ କରି ସେହି ଭଦ୍ର ମହିଳାଙ୍କୁ ମାତୃତ୍ୱର ଗୌରବ ଦେବାକୁ ଚାହୁଁଛନ୍ତି ?"

ହସିଲେ ମିସ୍ ଫ୍ରିଡ୍‌ମେନ୍ । "ତୁମେ କଣ ଜାଣିନ ଡକ୍ଟର ପଟ୍ଟନାୟକ, ଜରାୟୁ ପରିରୋପଣ ଅପରେସନ୍‌ରେ କୃତକାର୍ଯ୍ୟ ହେବାର ଆଶା ଶତକଡ଼ା ପାଞ୍ଚ ମାତ୍ର । ମୁଁ ଯେତେ-ଗୋଟି ପରିରୋପଣ ଅପରେସନ୍ ଏଠି କଲିଣି, ସେଥିରୁ କୌଣସି ଗୋଟିଏ ତ କୃତକାର୍ଯ୍ୟ

Digitized by srujanika@gmail.com

ହୋଇପାରନି ଏପର୍ଯ୍ୟନ୍ତ । ମଣିଷ ଶରୀର ବାହାରୁ ଅଣାଯାଇଥିବା ଜରାୟୁକୁ ଗ୍ରହଣ ନକରି ପରିତ୍ୟାଗ କରୁଛି । ସେ କ୍ଷେତ୍ରରେ ପରିରୋପଣ କିପରି ପ୍ରଶ୍ନ ଉଠୁଛି କେଉଁଠି ?"

"ତା ହେଲେ ?" ମୁଁ ପଚାରିଲି ।

"ସରୋଗେଟ୍ ମା' ପଦ୍ଧତି । ସେଇଟା କ'ଣ ଭୁଲି ଯାଉଛ ଡକ୍ଟର ପଟ୍ଟନାୟକ ? କିଛି ଦିନ ତଳେ ମିସ୍ ଫ୍ରିଡ୍‌ମେନ୍‌ଙ୍କଠାରୁ ସରୋଗେଟ୍ ମା' ପଦ୍ଧତି କଥା ଶୁଣିଥିଲି । ଭୁଲି ଯାଇଥିଲି ପୂରାପୂରି ସେ ବିଷୟଟି । ମିସ୍ ଫ୍ରିଡ୍‌ମେନ ତାଙ୍କ ଯୋଜନାଟିକୁ ମୋତେ ପୂରା ବର୍ଣ୍ଣନା କଲେ । ମନେ ମନେ ଭାବିଲି, ବାଃ ଚମତ୍କାର ଯୋଜନା ତ ! ଏଥିରେ ଅକୃତକାର୍ଯ୍ୟ ହେବାର ଆଶଙ୍କା ତ ମୋଟେ ନାହିଁ ।"

ତହିଁ ପରଦିନ ସେହି ଭଦ୍ର ମହିଳା ଓ ତାଙ୍କ ସ୍ୱାମୀ ମିସ୍ ଫ୍ରିଡ୍‌ମେନଙ୍କ ଚେମ୍ବରରେ ଆସି ହାଜର । ମିସ୍ ଫ୍ରିଡ୍‌ମେନ ତାଙ୍କ ପୂର୍ବ ଯୋଜନାଟି ସେହି ଦମ୍ପତିଙ୍କୁ ଜଣାଇଦେଲେ । ଏଥିରେ ଅକୃତକାର୍ଯ୍ୟ ହେବାର ଟିକିଏ ବି ସୂକ୍ଷ୍ମ ଆଶଙ୍କା ନାହିଁ । ତାଙ୍କ ଯୋଜନା ହେଉଛି, ପରୀକ୍ଷାଦ୍ୱାରା ସେ ପ୍ରଥମେ ଜାଣିବେ କେଉଁଦିନ ସେ ଯୁବତୀଟିର ଗର୍ଭକୋଷରେ ଡିମ୍ବାଣୁ ପୂର୍ଣ୍ଣ ବୃଦ୍ଧି ପ୍ରାପ୍ତ ଅବସ୍ଥାକୁ ଆସୁଛି । ସେ ସେହିଦିନ ଏକ ଛୋଟ ଅପରେସନ୍ କରି ଗର୍ଭକୋଷରୁ ସେହି ଡିମ୍ବାଣୁକୁ ବାହାର କରି ଆଣିବେ । ଏଣେ ତାଙ୍କ ସ୍ୱାମୀଙ୍କଠାରୁ ଶୁକ୍ରାଣୁ ମଧ୍ୟ ସଂଗ୍ରହ କରାଯାଇଥିବ । ବର୍ତ୍ତମାନ ଜରାୟୁ ବାହାରେ ଏକ କାଚପାତ୍ର ଭିତରେ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳିତ ହେବାକୁ ଦିଆଯିବ । ଡିମ୍ବାଣୁଟି ନିଷିକ୍ତ ହୋଇଗଲେ ପରେ ତାକୁ ଦୁଇ ଚାରିଦିନ ବାହାରେ ରହିବାକୁ ଦେଇ ଅନ୍ୟ ଜଣେ ସୁସ୍ଥ ସ୍ତ୍ରୀ ଲୋକର ଜରାୟୁରେ ସ୍ଥାପନା କରିହେବ । ବର୍ତ୍ତମାନ ଏହି ସ୍ତ୍ରୀ ଲୋକଟି ସହବାସ ବିନା ଅନ୍ତଃସତ୍ତ୍ୱା ହେବ । ଭ୍ରୂଣଟି ଜରାୟୁରେ ବଢ଼ିବାର ନଅ ମାସ ପରେ ସେହି ସ୍ତ୍ରୀ ଲୋକଟି ଏକ ସନ୍ତାନ ପ୍ରସବ କରିବ । ସେହି ସନ୍ତାନଟି ହେଉଛି ଏହି ଦମ୍ପତିଙ୍କର । ବିନା ଗର୍ଭଧାରଣ ଓ ଗର୍ଭବେଦନାରେ ନିଜ ସନ୍ତାନର ମା' ହେବାର ଏକ ଅଭିନବ ପଦ୍ଧତି । ସ୍ୱାମୀ ସ୍ତ୍ରୀ ଦୁହେଁ ଏହା ଶୁଣି ଭାରି ଖୁସି ହୋଇ ରାଜି ହୋଇଗଲେ । ମିସ୍ ଫ୍ରିଡ୍‌ମେନ୍‌ଙ୍କ ସହ ତାରିଖ ଠିକ୍ କରି ସେମାନେ ବିଦାୟ ନେଲେ ।

ଯେଉଁଦିନ ଅସ୍ତ୍ରୋପଚାର ହେବା କଥା ସେ ଦିନ ମିସ୍ ଫ୍ରିଡ୍‌ମେନ ସ୍ତ୍ରୀଲୋକଟିର ଗର୍ଭକୋଷକୁ ପରୀକ୍ଷାକରି ଦେଖିଲେ ଡିମ୍ବାଣୁଟି ଠିକ୍ ଭାବରେ ବୃଦ୍ଧି ପ୍ରାପ୍ତ ହୋଇଛି କି ନାହିଁ । ଡିମ୍ବାଣୁଟି ସମ୍ୟକ୍ ବୃଦ୍ଧିପ୍ରାପ୍ତ ହୋଇଥିବାର ଦେଖି ଅସ୍ତ୍ରୋପଚାର କରି ଡିମ୍ବାଣୁଟି ବାହାର କଲେ । ତତ୍ପରେ ସ୍ୱାମୀର ଶୁକ୍ରାଣୁ ସହିତ ନିଷିକ୍ତ କରାଇ ବନ୍ଧ୍ୟା ସ୍ତ୍ରୀ ଲୋକଙ୍କ ଭିତରୁ ବାଛି ହୋଇ ଆସିଥିବା ଜନୈକା ସରୋଗେଟ୍ ମା' ଜରାୟୁରେ ସ୍ଥାପନା କଲେ । ଫଳରେ ସରୋଗେଟ୍ ମା' ଅନ୍ତଃସତ୍ତ୍ୱା ହେଲା । ଯେଉଁଦିନ ଏହି ଅପରେସନ୍ ହେଉଥିଲା, ସେଦିନ ମୁଁ ମିସ୍ ଫ୍ରିଡ୍‌ମେନଙ୍କ ସହଯୋଗୀ ଭାବରେ କାର୍ଯ୍ୟ କରିଥିଲି ।

Digitized by srujanika@gmail.com

ଏହି ଘଟଣାର କିଛିଦିନ ପରେ ଦିନେ ସେହି ଭଦ୍ରମହିଳାଟି ସଙ୍ଗରେ ଜଣେ ସ୍ତ୍ରୀଲୋକ ଧରି ଆସିଥିଲେ ମିସ୍ ଫ୍ରିଡ୍‌ମେନଙ୍କୁ ଦେଖା କରିବାପାଇଁ । ମିସ୍ ଫ୍ରିଡ୍‌ମେନ ନ ଥିବାରୁ ସେମାନେ ମୋତେ ଆସି ସାକ୍ଷାତ୍ କଲେ । ସଙ୍ଗରେ ଯେଉଁ ସ୍ତ୍ରୀଲୋକଟି ଆସିଥିଲେ, ମୁଁ ତାଙ୍କୁ ପ୍ରଥମେ ପ୍ରଥମେ ଦୋ-ଦୋଚିହ୍ନା କଲି । ପରେ ପରିଚିତ କରାଇଦେବାରୁ ଜାଣିଲି ସେ ହେଉଚନ୍ତି ତାଙ୍କ ଭାବୀ ସନ୍ତାନର ସରୋଗେଟ୍ ମା' ।

ପଚାରିଲି, "ଆସିବାର କାରଣ ?" 'ସରୋଗେଟ୍' ମା'ଙ୍କର ଏକ ସାଧାରଣ ଚେକ୍‌ଅପ୍ ପାଇଁ ସେ ଆସିଥିଲେ ସେ ଦିନ । ଫ୍ରିଡ୍‌ମେନଙ୍କ ଦ୍ୱାରା ସେହି ସ୍ତ୍ରୀଲୋକଟିର ଚେକ୍‌ଅପ୍ ହେବା କଥା । ଏହା ପୂର୍ବରୁ ସେ ଆଉ କେତେଥର ଆସି ମିସ୍ ଫ୍ରିଡ୍‌ମେନଙ୍କ ଦ୍ୱାରା ସେହି ସ୍ତ୍ରୀଲୋକଟିର ଚେକ୍‌ଅପ୍ କରାଇ ନେଇଯାଇଛନ୍ତି । ଫ୍ରିଡ୍‌ମେନ ସେଦିନ ନଥିବାରୁ ମୋତେ ଚେକ୍‌ଅପ୍ କରିବାକୁ ପଡ଼ିଲା ।

ଚେକ୍‌ଅପ୍ ପାଇଁ ସ୍ତ୍ରୀଲୋକଟିକୁ ଚେକ୍‌ଅପ୍ ରୁମ୍‌କୁ ପଠାଇ ଦେଇ ଭଦ୍ରମହିଳାଙ୍କୁ ପଚାରିଲି, "ଇଏ ସରୋଗେଟ୍ ମା' ହେଲା ପରେ ଆପଣ କଣ ଏହାଙ୍କର ସମସ୍ତ କଥା ବୁଝୁଛନ୍ତି ?"

"ହଁ ଆଜ୍ଞା, ନବୁଝିବି କେମିତି ? ଇଏ ଯେତେବେଳେ ମୋ ଭାବୀ ସନ୍ତାନର ଗର୍ଭଧାରିଣୀ; ଯାହାଙ୍କ ପାଇଁ ମୋ ସୁଖର ସଂସାର ଉଜୁଡ଼ି ଯିବାରୁ ରକ୍ଷାପାଇଛି, ତାଙ୍କୁ ତ ମୁଁ ପାଖରୁ ଛାଡ଼ିଲେହେଲେ ଛାଡ଼ି ରହିପାରୁନି । ସେହି ସ୍ତ୍ରୀ ଲୋକଟି ବର୍ତ୍ତମାନ ଆମଘରେ ସମ୍ମାନୀୟା ଅତିଥି । ମୁଁ ଗର୍ଭବତୀ ହୋଇଥିଲେ ମୋର ଯେଉଁସବୁ ଯତ୍ନ ନିଆଯାଇଥାନ୍ତା, ଠିକ୍ ସେହି-ସବୁ ଯତ୍ନ ନିଆଯାଉଛି ଏହାଙ୍କର । ଏହି ସ୍ତ୍ରୀଲୋକଟି ମୋ ଭବିଷ୍ୟତ ସନ୍ତାନର ବାହକ ହୋଇଥିବାରୁ ମୋଠାରୁ ମୋ ଶାଶୁ ଏହାଙ୍କୁ ଅଧିକ ଭଲପାଉଛନ୍ତି ।"

"ଆପଣ ଏହାଙ୍କୁ ପାଇଲେ କେମିତି ? ଖବର କାଗଜରେ ବିଜ୍ଞାପନ ଦେଉଥିବା ସ୍ତ୍ରୀଲୋକମାନଙ୍କ ଭିତରୁ କ'ଣ ଇଏ ଜଣେ ?"

ହସିଲେ ସ୍ତ୍ରୀଲୋକଟି, "ନାଇଁ ଆଜ୍ଞା, ଆମର ଭବିଷ୍ୟତ ସନ୍ତାନ ପାଇଁ ଆମର ଏକ ସରୋଗେଟ୍ ମା' ଦରକାର ବୋଲି ଆମେ ଖବର କାଗଜରେ ବିଜ୍ଞାପନ ଦେଇଥିଲୁ । ସାଧାରଣରେ ସରୋଗେଟ୍ ମା'ମାନଙ୍କୁ କୋଡ଼ିଏ ହଜାରଠାରୁ ପଚିଶ ହଜାର ଡଲାର ଭିତରେ ପାରିଶ୍ରମିକ ଦିଆଯାଉଥିଲାବେଳେ ଆମେ ବିଜ୍ଞାପନ ଦେଇଥିଲୁ ଲକ୍ଷେ ଡଲାର ପାଇଁ । ତା ଛଡ଼ା ପ୍ରଥମଦିନଠାରୁ ପିଲା ଜନ୍ମ ପର୍ଯ୍ୟନ୍ତ ସମସ୍ତ ଖାଦ୍ୟପେୟ, ପୋଷାକପତ୍ର, ରହିବାର ବ୍ୟବସ୍ଥା ଆମର । ସେ ଆମର ଏକ ସମ୍ମାନାସ୍ପଦ ଅତିଥି ଭାବରେ ଆମ ପରିବାରରେ ରହିବା ପାଇଁ ନିମନ୍ତ୍ରଣ ଜଣାଇଥିଲୁଁ । ମୋ ଶାଶୁଙ୍କର ଇଚ୍ଛା ଆମ ପିଲାଟି ଯେତେବେଳେ ଏହାଙ୍କର ଜରାୟୁରେ ରହି ବଢ଼ିବ, ଇଏ ଏକ ଭଲ ଚରିତ୍ର ଓ ସ୍ୱଭାବର ସ୍ତ୍ରୀଲୋକ ହେବା ଦରକାର । ଯେକୌଣସି ସ୍ୱଭାବ ଓ ଚରିତ୍ରର ସ୍ତ୍ରୀ ଲୋକ ଆମ

Digitized by srujanika@gmail.com

ଅନାଗତ ସନ୍ତାନର ସରୋଗେଟ୍ ମା' ହେବା ଆମେ ଗ୍ରହଣ ନ ଥିଲୁ । ସେଥିପାଇଁ ଆମେ ଓଲଟି ବିଜ୍ଞାପନ ଦେଇଥିଲୁ ।

ଲକ୍ଷେ ଡଲାର ପାରିଶ୍ରମିକ ଓ ଦଶମାସ ଧରି ଆମଘରେ ଆଭିଜାତ୍ୟଭରା ଜୀବନ-ଯାପନର ସୁବିଧା ଆଶାରେ ବହୁ ସ୍ତ୍ରୀଲୋକ ଏପରିକି କେତୋଟି ଅବିବାହିତା ଝିଅ ସରୋଗେଟ୍ ମା' ହେବା ପାଇଁ ଦରଖାସ୍ତ କରିଥିଲେ । ଦରଖାସ୍ତ ଗୁଡ଼ିକୁ ମୁଁ ଓ ମୋ ଶାଶୁ ଦିନେ ବସି ଯାଞ୍ଚ କଲୁଁ । ଦେଖିଲୁ ବହୁ ଅଭାବୀ ଘରର ଅବିବାହିତା ଝିଅମାନେ ଅର୍ଥ ଆଶାରେ ସରୋଗେଟ୍ ମା' ହେବା ପାଇଁ ଦରଖାସ୍ତ କରିଛନ୍ତି । ଆମର ବଡ଼ ଦୁଃଖ ହେଲା । ଆମେ ସେ ଗୁଡ଼ିକୁ ବାଦ୍ ଦେଇଦେଲୁ । ଯେଉଁମାନଙ୍କର ବୟସ ମୋ ବୟସ ପାଖାପାଖି, ଅପେକ୍ଷାକୃତ ଭଲ ବଂଶର, ଗୋଟିଏ ଦୁଇଟିରୁ ଅଧିକ ସନ୍ତାନର ମା' ହୋଇ ନାହାନ୍ତି, ସେମାନଙ୍କୁ ଇଣ୍ଟରଭ୍ୟୁ ପାଇଁ ଡକାଇଲୁ । ସେମାନଙ୍କ ଯିବା ଆସିବା ଖରଚ ଆମେ ବହନ କରିବୁ ବୋଲି ଜଣାଇଦେଲୁଁ ।

ଇଣ୍ଟରଭ୍ୟୁ ଦିନ ମିସ୍ ଫ୍ରିଡ୍‌ମେନ ଆମ ଘରକୁ ଯାଇଥିଲେ । ମୁଁ, ମୋ ଶାଶୁ ଓ ଫ୍ରିଡ୍‌ମେନ୍ ଆମେ ତିନିଜଣ ଡକାଇଥିବା ସ୍ତ୍ରୀଲୋକମାନଙ୍କୁ ଇଣ୍ଟରଭ୍ୟୁ କଲୁଁ । ନାନା-ପ୍ରକାର ପ୍ରଶ୍ନ ଉତ୍ତର ଓ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆମେ ଏହି ସ୍ତ୍ରୀଲୋକଟିକୁ ବାଛିଲୁଁ । ଏହି ସ୍ତ୍ରୀଲୋକଟି ଭଲସ୍ୱଭାବର । ଆମେ ଏହା ଉପରେ ଅତ୍ୟଧିକ ସନ୍ତୁଷ୍ଟ । ଏହି ସ୍ତ୍ରୀଲୋକଟି ବର୍ତ୍ତମାନ ଆମ ଘରେ ରହୁଛି । ତାକୁ ଯେମିତି ଖୁବ୍ ଭଲ ଖାଦ୍ୟ ଦିଆଯାଏ, ଭଲ ପୋଷାକ ପିନ୍ଧ, ମନୋରଞ୍ଜନ ପାଇଁ ନାନାସ୍ଥାନ ଭ୍ରମଣରେ ସୁବିଧା ଦିଆଯାଏ ସେ ବ୍ୟବସ୍ଥା ଆମେ କରିଥାଉଁ । ତା ପରିବାରଠାରୁ ବିଚ୍ଛିନ୍ନ ହୋଇ ରହିବାରୁ ତାକୁ ଟିକିଏ ଖରାପ ଲାଗେ । ତେବେ କେବେ କେବେ ତା'ର ସ୍ୱାମୀ ଓ ପିଲାପିଲି ତାକୁ ଦେଖିବାକୁ ଆସନ୍ତି ଓ କେବେ କେବେ ଇଏ ଆମ ଗାଡ଼ିରେ ତା' ଘରକୁ ବୁଲିଯାଏ । ଦେଖୁଛନ୍ତି ତ ପ୍ରଥମାସ ଚେକ୍‌ଅପ୍ ପାଇଁ ମୁଁ ତାକୁ ଏଠାକୁ ଆଣିଛି । ଭଗବାନଙ୍କ ଦୟାରୁ ଏ ପର୍ଯ୍ୟନ୍ତ କିଛି ଅସୁବିଧା ହୋଇନି । ଦେଖାଯାଉ ଭଗବାନଙ୍କ କ'ଣ ଇଚ୍ଛା ।

"ହେଉ ଆପଣ ଟିକିଏ ଅପେକ୍ଷା କରନ୍ତୁ । ମୁଁ ବର୍ତ୍ତମାନ ପରୀକ୍ଷା କରିଦେଉଛି । ଆପଣ ସଙ୍ଗେ ସଙ୍ଗେ ନେଇଯିବେ ।"

"ଅଶେଷ ଧନ୍ୟବାଦ ଡକ୍ଟର ପଟ୍ଟନାୟକ ! ଆପଣଙ୍କ ସାହାଯ୍ୟ ଆମର ଭୁଲିବାର ନୁହେଁ ।"

"ତୁମେ ଜାଣନି ମିସ୍ ମହାନ୍ତି, ଆମେରିକାର ସ୍ତ୍ରୀଲୋକମାନଙ୍କ ମନରେ ବର୍ତ୍ତମାନ ଏକ ନୂତନ ଚିନ୍ତାଧାରା ଖେଳୁଛି । ଧନୀ ଘରର ସ୍ତ୍ରୀଲୋକମାନେ ଗର୍ଭ ବେଦନାର କଷ୍ଟଯୋଗୁଁ ମା' ହେବାକୁ ରାଜି ନୁହନ୍ତି । ସେମାନେ ଉପରୋକ୍ତ ପଦ୍ଧତିରେ ନିଜ ଭ୍ରୂଣକୁ ସରୋଗେଟ୍ ମା' ଜରାୟୁରେ ବଢ଼ାଇ ସେମାନଙ୍କ ଜରିଆରେ ସନ୍ତାନ ଲାଭ କରି ନିଜ ସନ୍ତାନର ମା' ହେବାକୁ ଇଚ୍ଛୁକ; କିନ୍ତୁ ଦଶ ମାସର ଗର୍ଭବେଦନା ସହିବେନି ।

× × ×

Digitized by srujanika@gmail.com

ଯଥାସମୟରେ ଝିଅଟିକୁ ଶୀତତାପ ନିୟନ୍ତ୍ରିତ ଅପରେସନ ଥିଏଟର ଭିତରକୁ ଅଣାଗଲା । ମିସ୍ ଫ୍ରିଡ୍‌ମେନଙ୍କ ସହିତ ଅପରେସନ୍ ପୋଷାକ ପିନ୍ଧି ଅସ୍ତ୍ରୋପଚାର କକ୍ଷକୁ ପ୍ରବେଶ କଲି । ଏତେ ସୁନ୍ଦର ଯୁବତୀଟିକୁ ପୁରୁଷ କରିଦେବାକୁ ମନ ହେଉନଥାଏ । ମନ କହୁଥାଏ, ସେ ମାତୃତ୍ୱର ଗୌରବରୁ ପଛେ ବଞ୍ଚିତ ହେଉ ଏଡ଼େ ସୁନ୍ଦର ଝିଅଟିକୁ ପୁଅ କରାନଯାଉ । ଏହି ଯୁବତୀଟିର ଯୌନ ଅସୁବିଧାକୁ ଯଦି କୌଣସି ଉପାୟରେ ଦୂର କରାଯାଇ ପାରନ୍ତା । ତେବେ ଇଏ ଏକ ସାଧାରଣ ଯୁବତୀ ଭାବରେ କେତେ ଯୁବକଙ୍କ ହୃଦୟ-ରାଜ୍ୟକୁ ଯେ ଜୟ କରିପାରନ୍ତା ତାର କଳନା ନାହିଁ । ଯୁବତୀଟିର ଏଡ଼େ ସୁନ୍ଦର ମୁହଁ ଦେଖିଲି ବେଳକୁ ମୋର ଅପରେସନ ଥିଏଟର ଭିତରକୁ ପଶିବାକୁ ମନ ହେଉନଥାଏ, ମିସ୍ ଫ୍ରିଡ୍‌ମେନ୍‌ଙ୍କ ଭୟରେ ଅଗତ୍ୟା ବାଧ୍ୟ ହୋଇ ପଶିଲି ।

ମୋର ବିଷଣ୍ଣ ମନୋଭାବ ମିସ୍ ଫ୍ରିଡ୍‌ମେନଙ୍କ ଦୃଷ୍ଟିରୁ ଏଡ଼ାଇ ପାରିଲିନି । ସେ ଝିଅଟି ଆଡ଼କୁ ଅନାଇ ପୁଣି ମୋ ଆଡ଼କୁ ମୁହଁ କରି କହିଲେ, "ଏଡ଼େ ସୁନ୍ଦର ଝିଅଟିକୁ ପୁଅ କରିଦେବାରେ ତୁମକୁ କଷ୍ଟ ହେଉଛି ବୋଧହୁଏ ଡକ୍ଟର ପଟ୍ଟନାୟକ ? ହେବା କଥା, ମୁଁ ଅବଶ୍ୟ ପୁରୁଷ ନୁହେଁ । ମୁଁ ଯଦି ପୁରୁଷ ହୋଇଥାନ୍ତି, ତେବେ ମୋର ମନ ବି କଷ୍ଟ ହୋଇଥାନ୍ତା । ଏଇ ଝିଅଟି ଯେଉଁ ଅପୂର୍ବ ରୂପ ନେଇ ଜନ୍ମ ପାଇଛି, ତାକୁ ପୁଅ କରିବା ପାଇଁ କୌଣସି ପୁରୁଷ ଚାହିଁବନି । ଏଡ଼େ ସୁନ୍ଦର ଝିଅଟି ଯଦି ସାଧାରଣ ଝିଅଟିଏ ହୋଇଥାନ୍ତା, ତେବେ ଏ ତୁମ୍ଭମାନଙ୍କ ଭଳି କେତେ ଯୁବକଙ୍କ ହୃଦୟରେ ଯେ ରାଜୁତି କରୁଥାନ୍ତା ତାର କଳନା ନାହିଁ । କ'ଣ ମୁଁ ମିଛ କହୁଛି ଡକ୍ଟର ପଟ୍ଟନାୟକ !" ହସି ହସି ପଚାରିଲେ ମିସ୍ ଫ୍ରିଡ୍‌ମେନ ।

ମୁଁ ଚୁପ୍ ରହିଲି, କ'ଣ ବା ଉତ୍ତର ଦେବି ଏଥିରେ ।

ମୋତେ ଚୁପ୍ ରହିବା ଦେଖି କହିଲେ, "କ'ଣ କରାଯିବ ଡକ୍ଟର ପଟ୍ଟନାୟକ ! ନିୟତିର ସିଦ୍ଧାନ୍ତ ଅଲଗା । ପ୍ରକୃତି ଚାହେଁ ଏହାକୁ ପୁରୁଷ ଭାବରେ ଦେଖିବାପାଇଁ । ପ୍ରକୃତିର ସାମାନ୍ୟ ଏକ ଭୁଲରୁ ଏ ବିଚାରୀ ନାରୀ ହୋଇଯାଇ କଷ୍ଟ ପାଉଛି ସିନା ।"

"ଆପଣ କ'ଣ ଚେଷ୍ଟାକଲେ ଏହାକୁ ପୁଣି ନାରୀ କରିପାରିବେନି ?" ପଚାରିଲି ।

ହସିଲେ ମିସ୍ ଫ୍ରିଡ୍‌ମେନ । "ମୁଁ କ'ଣ ସେ କଥା ବିଚାର କରିନି ଡକ୍ଟର ପଟ୍ଟନାୟକ ? ମୁଁ ଏହାର ଅପରିପୁଷ୍ଟ ପୁରୁଷ ଲିଙ୍ଗକୁ କାଟି ଉଡ଼ାଇ ଦେଇପାରେ । ହେଲେ କିନ୍ତୁ ଏ କ'ଣ ସ୍ତ୍ରୀ ହୋଇ ପାରିବ ?"

"କିନ୍ତୁ ମୋ ମନ କହୁଛି, ଆମ ସିଦ୍ଧାନ୍ତରେ କେଉଁଠି ଭୁଲ ହୋଇଯାଇନାହିଁ ତ ? ଯେଉଁମାନେ ଉଭୟଲିଙ୍ଗୀ, ସେମାନେ ଏଡ଼େ ସୁନ୍ଦର ଯୁବତୀ ଚେହେରା ପାଇନଥାନ୍ତି । ଆମ ସିଦ୍ଧାନ୍ତରେ ଯଦି କେଉଁଠି ଭୁଲ ରହି ଯାଇଥାଏ, ତେବେ—"

Digitized by srujanika@gmail.com

ମୋ ସିଦ୍ଧାନ୍ତ ଏ ଭଳି ଭୁଲ୍ ହୁଏନା ଡକ୍ଟର ପଟ୍ଟନାୟକ ! ତୁମେ ତ ନିଜେ ଦେଖୁଛ ଏହାର ଜରାୟୁ ନାହିଁ କି ଗର୍ଭକୋଷ ନାହିଁ, ଏ ଏକ ସ୍ତ୍ରୀ ହୋଇ ରହିବ କେମିତି ? ଏହାକୁ ବିବାହ କରିବବା କିଏ ? ଘର ସଂସାର ଏହାର ହେବ କେମିତି ? ବରଂ ଏହାକୁ ପୁରୁଷ କରିଦେଲେ ଇଏ ଘର ସଂସାର କରି ରହିପାରିବ । ଏହାର ପୁରୁଷ ଲିଙ୍ଗ ଅଛି, ଅଣ୍ଡକୋଷ ଅଛି ଅସୁବିଧା କିଛି ହେବନି । ହରମୋନ୍ସ ଉପଚାରରେ ଏହାର ସ୍ତ୍ରୀସୁଲଭ ଗୁଣ ଲୋପ କରି ଦିଆଯାଇ ପୁରୁଷ ସୁଲଭ ଗୁଣ ପ୍ରକାଶ କରାଯାଇପାରିବ । ମୁଁ ସବୁ ଦିଗରୁ ଚିନ୍ତାକରି ଏହି ସିଦ୍ଧାନ୍ତ ନେଇଛି ଡକ୍ଟର ପଟ୍ଟନାୟକ । ଅନ୍ୟ କିଛି ବାଟ ଆମ ଠାରେ ନାହିଁ ।

ଯଥାସମୟରେ ଅସ୍ତ୍ରୋପଚାର ଆରମ୍ଭ ହେଲା, ସେମିତି କିଛି ବେଶି ସମୟ ଲାଗିଲାନି । ଅଳ୍ପ ସମୟ ଭିତରେ ଅସ୍ତ୍ରୋପଚାର ଶେଷକରି ଆମେ ବାହାରି ଆସିଲୁ ।

ଅସ୍ତ୍ରୋପଚାର ପରେ ଚାଲିଲା ହରମୋନ୍ ଚିକିତ୍ସା । ରୋଗୀଟିକୁ ପୂରାପୂରି ମୋ ତତ୍ତ୍ୱାବଧାନରେ ରଖାଗଲା । ପ୍ରତିଦିନ ଦୁଇବେଳା ରୋଗୀଟିକୁ ନ ଦେଖିଲେ ମୋ ମନ କେମିତି କେମିତି ହୁଏ । ତାର ଅସୁବିଧା ହେଲେ ମିସ୍ ଫ୍ରିଡ୍ମେନଙ୍କ ପରାମର୍ଶ ଲୋଡ଼େ । ଅପୂର୍ବ ଅନୁଭୂତି ମୋର । ସ୍ତ୍ରୀଟିକୁ ପୁରୁଷ କରିଦେବାକୁ ଯାଉଛୁ । ଧୀରେ ଧୀରେ ଝିଅଟିର ସ୍ତ୍ରୀ-ସୁଲଭ ଗୁଣ କମି କମି ଆସୁଥାଏ । ପୁଂଯୌନ ହରମୋନ୍ର ପ୍ରୟୋଗ ଫଳରେ ଶରୀରର କୋମଳତା କମିଆସିଲା, ସ୍ୱର କର୍କଶ ହେଲା, ମୁଖର ସେ ଅପୂର୍ବଲାବଣ୍ୟ ଦିନକେଇଟାରେ କୁଆଡ଼େ ଉଭେଇଗଲା । ସେହି ପଦ୍ମ ଫୁଲପରି ବଦନରେ ଉଠିବାକୁ ଆରମ୍ଭ କଲା ପୁରୁଷ ଲକ୍ଷଣ ନିଶ ଓ ଦାଢ଼ିର ଗଜୁରିବାଲ । କିନ୍ତୁ ଆଶ୍ଚର୍ଯ୍ୟ, ଝିଅଟିର ମାଂସଳ ବକ୍ଷର ଆଶାଜନକ ହ୍ରାସ ଘଟିଲା ନାହିଁ କି ସ୍ତ୍ରୀଟିଏ ଦେଖିଲେ ତା'ପ୍ରତି ଆକର୍ଷଣ ବଢ଼ିବା ପରିବର୍ତ୍ତେ ସ୍ତ୍ରୀ-ମାନଙ୍କପ୍ରତି ବିରକ୍ତି ଭାବ ବଢ଼ିଲା ।

ମିସ୍ ଫ୍ରିଡ୍ମେନଙ୍କୁ ଏହି କଥାଟି ଜଣାଇଲି । ସେ ଆହୁରି କିଛି ଦିନ ରୋଗୀଟିକୁ ପର୍ଯ୍ୟବେକ୍ଷଣ କରିବାକୁ କହିଲେ ।

ଦିନକୁ ଦିନ ରୋଗୀଟିର ସ୍ତ୍ରୀମାନଙ୍କ ପ୍ରତି ବିରକ୍ତଭାବ, ଚିଡ଼ଚିଡ଼ା ପ୍ରକୃତି ମୋତେ ଅଧିକରୁ ଅଧିକତର ଆଶ୍ଚର୍ଯ୍ୟାନ୍ୱିତ କଲା ।

ମିସ୍ ଫ୍ରିଡ୍ମେନ ମଧ୍ୟ ଆଶ୍ଚର୍ଯ୍ୟ ହେଲେ । ପୁଂଯୌନାଙ୍ଗ, ଅଣ୍ଡକୋଷ ଥାଉଁ ଥାଉଁ ଏଭଳି ଅବସ୍ଥା ଉପୁଜିବାର କାରଣ କଣ ?

ବହୁଦିନ ଧରି ମିସ୍ ଫ୍ରିଡ୍ମେନ ଓ ମୋଭିତରେ ଝିଅଟିକୁ ନେଇ ଥରକୁ ଥର ବହୁବାର ଆଲୋଚନା ଚାଲିଲା । ଆମେ କେତେ କେତେ ଗ୍ରନ୍ଥ, ଗବେଷଣା ପତ୍ରିକା ଘେ ଘାଣ୍ଟିଛୁ ତାର କଳନା ନାହିଁ । ଝିଅଟି ଆମ ପାଖରେ ଅବୋଧ ହୋଇ ରହିଗଲା ।

Digitized by srujanika@gmail.com

ହଠାତ୍ ଦିନେ ସକାଳୁ ମିସ୍ ଫ୍ରିଡ୍‌ମେନ ମୋତେ ତାଙ୍କ ଘରକୁ ଫୋନ୍‌ରେ ଡକାଇଲେ । ମୁଁ ତାଙ୍କ ଡ୍ରଇଂରୁମରେ ପଶୁ ନ ପଶୁଣୁ କହିଲେ, "ଦେଖ ଡକ୍ଟର ପଟ୍ଟନାୟକ, ମୁଁ ଭାବୁଛି ଆମର ସିଦ୍ଧାନ୍ତ ଭୁଲ ହୋଇ ଯାଇଛି । ଝିଅଟିର ପୁଂଯୌନାଙ୍ଗ ଓ ଅଣ୍ଡକୋଷ ବୋଲି ଆମେ ଯାହାକୁ ସନ୍ଦେହ କରୁଥିଲେ, ତାହା ପ୍ରକୃତରେ ନ ହୋଇପାରେ । ଅଣ୍ଡ-କୋଷକୁ ଅପରେସନ କରି ଦେଖିବା ଦରକାର । ଦୁଇବର୍ଷ ତଳେ ଟେକ୍‌ସାସ୍ ମେଡ଼ିକାଲ୍ କଲେଜରେ ଉପରକୁ ଦିଶୁଥିବା ଅଣ୍ଡକୋଷ ଭଳି ଏକ ଅଙ୍ଗ ପ୍ରକୃତରେ ଅଣ୍ଡକୋଷ ନୁହେଁ ବୋଲି ଜଣାପଡ଼ିଥିଲା । ମୋର ସନ୍ଦେହ ହେଉଛି ଆମେ ଅଣ୍ଡକୋଷ ବୋଲି ଯାହାକୁ ସନ୍ଦେହ କରୁଛେ, ତାହା ପ୍ରକୃତରେ ଅଣ୍ଡକୋଷ ହୋଇ ନ ପାରେ । ଅଣ୍ଡକୋଷ ହୋଇଥିଲେ ପୁଂଯୌନ ହରମୋନ କ୍ଷରଣ ନ ହେବାର କାରଣ କିଛି ଜଣାପଡ଼ୁନି । ଅଣ୍ଡ-କୋଷକୁ ଅପରେସନ କରି ଦେଖିବା ଦରକାର ।

ଯଥାସମୟରେ ଅଣ୍ଡକୋଷର ଅସ୍ତ୍ରୋପଚାର ହେଲା । କି ବିସ୍ମୟ ! ଆମକୁ ଯାହା ଅଣ୍ଡକୋଷ ବୋଲି ଉପରକୁ ଦିଶୁଥିଲା, ତାହା ପ୍ରକୃତରେ ଅଣ୍ଡକୋଷ ନୁହେଁ । ଅଣ୍ଡକୋଷ ଭିତରେ ଆବଦ୍ଧ ହୋଇ ରହିଛି ସେଇ ଝିଅଟିର ଗର୍ଭାଶୟ ଓ ଗର୍ଭକୋଷ ।

ଅପରେସନ କରୁଁ କରୁଁ ମିସ୍ ଫ୍ରିଡ୍‌ମେନ କହିଲେ, "ଏହି ରୋଗୀଟି ବର୍ତ୍ତମାନ ସୁରୁଖରୁରେ ସ୍ତ୍ରୀଟିଏ ହୋଇପାରିବ । ବର୍ତ୍ତମାନ ଏହାର ତଳପେଟରେ ଅପରେସନ କରି ଏହି ଗର୍ଭକୋଷ ଓ ଗର୍ଭାଶୟ ସଂଯୋଗ କରିଦେଲେ ଏହି ରୋଗୀଟି ଗୋଟିଏ ସୁସ୍ଥ ସ୍ତ୍ରୀଟିରେ ପରିଣତ ହୋଇ ପାରିବ । ପ୍ରଥମ କିଛିଦିନ ସ୍ତ୍ରୀ ହରମୋନସ ପ୍ରୟୋଗ କଲେ ଉଭେଇ ଯାଇଥିବା ସ୍ତ୍ରୀସୁଲଭ ଗୁଣ ଗୁଡ଼ିକ ପୁଣି ଧୀରେ ଧୀରେ ଫୁଟି ଉଠିବ । ଗର୍ଭକୋଷ ଓ ଗର୍ଭାଶୟ ଠିକ୍ ଭାବରେ କାର୍ଯ୍ୟ କଲେ କିଛିଦିନ ଭିତରେ ମାସିକ ରକ୍ତସ୍ରାବ ଆଦି ଗତାନୁଗତିକ ଭାବରେ ଆରମ୍ଭ ହେବ ।"

ଅପରେସନ ଶେଷ ହେବାକୁ କିଛି ଅଧିକ ସମୟ ଲାଗିଲା । ଏଥର ମୋ ମନ ଭାରି ଖୁସି, ଯାହାହେଉ ଝିଅଟି ଝିଅ ହୋଇ ରହିପାରିଲା । ଆମର କେତେ ବଡ଼ ଭୁଲ ପାଇଁ ଝିଅଟି କି ହନ୍ତସନ୍ତ ନ ହେଲା ସତେ ? ଝିଅଟି ସୁସ୍ଥ ହେବା ପର୍ଯ୍ୟନ୍ତ ମୋ ତତ୍ତ୍ୱାବଧାନରେ ରହିଲା । ଦେଖିଲି ହରମୋନ ଚିକିତ୍ସା ଯୋଗୁଁ ତାର କର୍କଶ ସ୍ୱର ପୁଣି ମଧୁର ହୋଇ ଆସିଲା, ଶରୀରର ଚର୍ମ ନରମ ହୋଇଆସିଲା ଓ ମୁଖର ପୂର୍ବ ଲାବଣ୍ୟ ଫେରିଆସିଲା । ମୁହଁ ଉପରେ ଗଜୁରି ଉଠୁଥିବା ନିଶ ଦାଢ଼ି ବାଳ ଦିନ କେଇଟାରେ ଉଭେଇ-ଗଲା । ମାଂସଳ ଉନ୍ନତ ବକ୍ଷ ଅଧିକ ଲୋଭନୀୟ ହୋଇ ଉଠିଲା । ଯୁବତୀଟି ନିଜର ସ୍ୱାଭାବିକ ରକ୍ତସ୍ରାବ ହେବାରୁ ଭାରି ଖୁସି । ତାକୁ ଯେତେବେଳେ ଆମେ ପୁରୁଷ ହେବାକୁ ଚେଷ୍ଟା କରୁଥିଲୁ ସେ ମୋଟେ ଖୁସି ନଥିଲା । ସବୁବେଳେ ବିମର୍ଷ ବଦନରେ ଖଟରେ ପଡ଼ିରହୁଥିଲା । ସମ୍ଭବତଃ ସେ ଚାହୁଁ ନଥିଲା ପୁରୁଷ ପାଲଟିବାକୁ ।

Digitized by srujanika@gmail.com

"ଯେଉଁଦିନ ଯୁବତୀଟି ଏକ ସୁସ୍ଥ ସୁନ୍ଦରୀ ଯୁବତୀ ଭାବରେ ଆମ ହସ୍‌ପିଟାଲରୁ ବିଦାୟ ନେଲା, ସେଦିନ ତାର ଆନନ୍ଦ କହିଲେ ନ ସରେ । ଗଲାବେଳେ ଆମପ୍ରତି କୃତଜ୍ଞତାରେ ତା' ମସ୍ତକ ନଇଁ ଆସିଥିଲା, ତାର ନୀଳାଲୋକ ନୟନରେ ଦେଖା ଦେଇଥିଲା କେଇବିନ୍ଦୁ ଆନନ୍ଦାଶ୍ରୁ ।

ଆମ ହସ୍‌ପିଟାଲରୁ ଯିବା ପରେ ଯୁବତୀଟି ଗୋଟିଏ ସୁନ୍ଦର ଯୁବକକୁ ବିବାହ କଲା ! ମୁଁ ଶୁଣୁଛି ସେ ଏବେ ଗୋଟିଏ ପିଲାର ମା' ହେଲାଣି ।"

ମୋ କଥାଗୁଡ଼ାକୁ ଏକ ଲୟରେ ଶୁଣି ଯାଉଥିଲେ ମିସ୍ ମହାନ୍ତି ! ତାଙ୍କୁ ଏସବୁ ଆଇମା' ବୁଢ଼ୀର କାହାଣୀ ଭଳି ସମ୍ଭବତଃ ମନେ ହେଉଥାଏ । ମଣିଷ ଯାହା କେବେ ବିଶ୍ୱାସ କରିନାହିଁ, ସେଗୁଡ଼ିକୁ ବାସ୍ତବରେ ଘଟିବାର ଦେଖିଲେ କିଏ ବା ଆଶ୍ଚର୍ଯ୍ୟ ନହେବ ? ପ୍ରସୂତି ବିଜ୍ଞାନରେ ଏହିଭଳି ବହୁ ବାସ୍ତବ ଘଟଣା ଶୁଣିବାକୁ ବେଶ୍ ଭଲପାଆନ୍ତି ମିସ୍ ମହାନ୍ତି ! ମୋ କଥା ଶୁଣୁ ଶୁଣୁ ପଚାରିଲେ, "ଗତ କେଇବର୍ଷ ତଳେ ଆମେରିକାରେ ଲିଙ୍ଗ ପରିବର୍ତ୍ତନ ନେଇ ଯେଉଁ ଘଟଣାଟି ଖୁବ୍ ହୈଚୈ ସୃଷ୍ଟି କରିଥିଲା, ଆପଣ ନିଶ୍ଚୟ ସେ ଘଟଣାଟି ଜାଣିଥିବେ ?

"ଆପଣ କାହାକଥା କହୁଛନ୍ତି, ମିସେସ୍ ଡେଭିଡ୍ ପେଟିଟା ସାଇମନହଙ୍କ କଥା ?" ହଁ, ସେ ତ ଲିଙ୍ଗ ପରିବର୍ତ୍ତନ ପୂର୍ବରୁ, ଏକ ସୁନ୍ଦର ସୁଶ୍ରୀ ଯୁବକ ଥିଲେ, ତାଙ୍କ ନାଁ ଥିଲା ମିଷ୍ଟର ଗର୍ଡ଼ନ ରେଙ୍ଗାଲ୍ ହିଲ୍ । ସେ ବି ଆମ ହସ୍‌ପିଟାଲକୁ ଦିନେ ପରାମର୍ଶ ପାଇଁ ଆସିଥିଲେ । ମିସ୍ ଫ୍ରିଡ଼ମେନ୍ ତାଙ୍କୁ ପରୀକ୍ଷା କରି କହିଥିଲେ, "ଆପଣ ପୁରୁଷ ହେବାକୁ ହକଦାର୍ ନୁହନ୍ତି ମିଷ୍ଟର ହିଲ୍ । ଆପଣଙ୍କ ପକ୍ଷେ ସ୍ତ୍ରୀ ହେବା ହିଁ ସର୍ବାପେକ୍ଷା ଭଲ । ଇଂଲଣ୍ଡର ସୁବିଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ମାର୍ଗାରେଟ୍ ରଥର ଫୋର୍ଡ଼ଙ୍କର ସେ ଥିଲେ ଧର୍ମପୁଅ । ଅଭିନେତ୍ରୀ ରଥର ଫୋର୍ଡ଼ ଦିନେ ଏହି ହସପିଟାଲକୁ ଆସି ମିସ୍ ଫ୍ରିଡ଼ମେନଙ୍କୁ କାକୁତି ମିନତି କରି କହିଥିଲେ ତାଙ୍କ ଧରମପୁଅ ରେଙ୍ଗାଲ ହିଲ୍‌ଙ୍କୁ ପୁଅକରି ରଖିବା ନିମନ୍ତେ ଚେଷ୍ଟା କରିବାକୁ । କିନ୍ତୁ ମିସ୍ ଫ୍ରିଡ଼ମେନ ପରୀକ୍ଷାକରି ଦେଖିଲେ ଯେ ତାହା ହୋଇପାରିବ ନାହିଁ । ଗର୍ଡ଼ନ ରେଙ୍ଗାଲ ହିଲ ଦେଖିବାକୁ ବେଶ୍ ହୃଷ୍ଟପୁଷ୍ଟ ଯୁବକ । ସୁନ୍ଦର ଚେହେରା, ଜୀବନୀ ଲେଖକ ଭାବରେ ସେ ଆନ୍ତର୍ଜାତିକ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ ମିସେସ୍ ଜାକେଲିନ କାନାଡ଼ି, ମିସେସ୍ ମାର୍ଗାରେଟଙ୍କ ଜୀବନୀ ଲେଖି ଖୁବ୍ ଖ୍ୟାତି ଓ ଅର୍ଥ ଉପାର୍ଜନ କରିଥିଲେ । ଦେଖିବାକୁ ସିନା ସୁଶ୍ରୀ ହୃଷ୍ଟପୁଷ୍ଟ ଯୁବକ; କିନ୍ତୁ ତାଙ୍କର ଯୁବକ ସୁଲଭ ଗୁଣ କିଛି ନଥିଲା । ତାଙ୍କର ପୁରୁଷ ଲିଙ୍ଗ ଥିଲା ଅତୀବ ଦୁର୍ବଳ ଓ ଅପରିସ୍ଫୁଟ, ଏମିତିକି ଜନ୍ମ ହେଲାବେଳେ ଡାକ୍ତରାଣୀ ଠିକ୍ କରିପାରିନଥିଲେ ସେ ଅଣ୍ଡିରା ପିଲା ଭିତରେ ଯିବେ କି ମାଈ ପିଲା ଭିତରେ ଯିବେ । ତେଣୁ କୁହାଯାଉଥିଲା ଉଭୟଲିଙ୍ଗୀ । ଡାକ୍ତରାଣୀ ବହୁ କଷ୍ଟରେ ତାଙ୍କୁ ପୁଅ ବୋଲି ସ୍ୱୀକାର କଲେ । ସେହିଦିନଠାରୁ ତାଙ୍କ ନାମ ରଖାଗଲା ମିଷ୍ଟର ଗର୍ଡ଼ନ ରେଙ୍ଗାଲ୍ ହିଲ୍ । ସେ ଯେତେବେଳେ ପାଞ୍ଚବର୍ଷର ହୋଇଥିଲେ, ସେ ନିଜକୁ ଅନୁଭବ କରୁଥିଲେ ଝିଅ ବୋଲି ।

Digitized by srujanika@gmail.com

ସେ କେବେ ନିଜକୁ ପୁଅ ଭଳି ଅନୁଭବ କରିପାରୁନଥିଲେ । ପୁଅ ପିଲାମାନେ ଯେଉଁସବୁ କାମ କରିବାକୁ ଭଲପାଉଥିଲେ, ଗର୍ଡନ ତାକୁ ଭଲ ପାଉ ନଥିଲେ । ଗଛ ଚଢ଼ିବା, ପାଣିରେ ପହଁରିବା, ନିଜ ନିଜ ମଧ୍ୟରେ ଯୁଦ୍ଧ କରିବା ଆଦି କାମକୁ ସେ ମୋଟେ ଭଲ ପାଉ ନ ଥିଲେ । ସେ ଯୁବକ ହେଲାପରେ ଯୌନାକର୍ଷଣ କ'ଣ ଅନୁଭବ କରିନଥିଲେ । ଯୁବତୀମାନଙ୍କ ସହିତ ଖୁସିଗପ କରିବାକୁ ବା ଖେଳିବାକୁ ଭଲପାଉଥିଲେ । ଯୁବକମାନଙ୍କ ମେଳରେ ରହିବାକୁ ଭଲପାଉନଥିଲେ । ତାଙ୍କର ସୁଶ୍ରୀ ଚେହେରା ଦେଖି ଯଦି କୌଣସି କୌଣସି ଝିଅ ତାଙ୍କ ସହିତ ଡେଟିଙ୍ଗ୍ କରିବାକୁ ଯାଉଥିଲେ, ତାଙ୍କ ଆଡୁ କୌଣସି ଅନୁରାଗ ନପାଇ ଦିନେ ଦୁଇଦିନ ପରେ ତାଙ୍କୁ ଛାଡ଼ି ଚାଲିଯାଉଥିଲେ । ଝିଅମାନଙ୍କ ସହିତ ମିଶିଲାବେଳେ ସେ ଯୌନାକର୍ଷଣ ମୋଟେ ଅନୁଭବ କରୁନଥିଲେ । ମିସ୍ ଫ୍ରିଡ଼ମେନ୍ ହିଲଙ୍କୁ ନାନାଭାବରେ ପରୀକ୍ଷା କରି ମତ ଦେଇଥିଲେ, ଯେ ତାଙ୍କର ସ୍ତ୍ରୀ ରୂପ ନେବା ଛଡ଼ା ଅନ୍ୟ ଉପାୟ ନାହିଁ । ମାର୍ଗାରେଟ୍ ରଥର ଫୋର୍ଡ଼ ଏଥିରେ ସନ୍ତୁଷ୍ଟ ନ ହୋଇ ଅନ୍ୟ ବିଶେଷଜ୍ଞ ସହ ପରାମର୍ଶ ପାଇଁ ବଲ୍ଟିମୋରସ୍ଥ ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ହସ୍ପିଟାଲକୁ ତାଙ୍କୁ ନେଇଗଲେ । ସେଠାରେ ସମ୍ଭବତଃ ସେ ଆମଭଳି ପରାମର୍ଶ ପାଇଲେ । ବାଧ୍ୟହୋଇ ସେ ସେଠାରେ ଅସ୍ତ୍ରୋପଚାର କରି ସ୍ତ୍ରୀତ୍ୱ ଲାଭକଲେ । ତାଙ୍କର ପୁଂଜନନେନ୍ଦ୍ରିୟ ଏକ ମାଂସପିଣ୍ଡୁଳା ଭଳି ଓହଳିଥିଲା । ନା ସେଥିରେ ଥିଲା ଯୌନ ଶକ୍ତି ନା ଥିଲା ଯୌନ ଅନୁଭବତା । କିଛିଦିନ ହରମୋନ ଚିକିତ୍ସା ପରେ ଏହି ଜନନେନ୍ଦ୍ରିୟ ଆହୁରି ନିଷ୍କ୍ରିୟ ହୋଇ ପଡ଼ିଥିବ । ତତ୍ପରେ ତାକୁ କାଟି ବାହାର କରିଦେଇ ସେହି ସ୍ଥାନରେ ଗୋଟିଏ ରନ୍ଧ୍ର କରି ସେଥିସହିତ ତାଙ୍କ ପେଟଭିତରେ ଥିବା ଜରାୟୁକୁ ସଂଯୋଗ କରି ଦେଇଥିବେ । ଗର୍ଭକୋଷକୁ ପରୀକ୍ଷାକରି ଦେଖିଥିବେ ଏହା କିଭଳି ଅବସ୍ଥାରେ ଅଛି । ଯଦି ଠିକ୍ ଅବସ୍ଥାରେ ଥିବ, ତେବେ କିଛିଦିନ ସ୍ତ୍ରୀ ହରମୋନ୍ସ ବ୍ୟବହାର କରି ଏହାକୁ ସକ୍ରିୟ କରିହୋଇଯିବ । ଫଳରେ ତାଙ୍କର ମାସିକିଆ ଋତୁସ୍ରାବ ଠିକ୍ରୂପେ ଆରମ୍ଭ ହୋଇଥିବ । ଆମେ ପରେ ଯାହା ଶୁଣିଲୁ, ହିଲଙ୍କ ତଳପେଟରେ ଗର୍ଭାଶୟ ଓ ଗର୍ଭକୋଷ ଅପରିସ୍ଫୁଟ ଅବସ୍ଥାରେ ଥିଲା । ଅସ୍ତ୍ରୋପଚାର ଦ୍ୱାରା ସେ ଦୁଇଟିକୁ ଯଥା ସ୍ଥାନକୁ ଅଣାଯାଇଥିଲା । ତାଙ୍କ ଅସ୍ତ୍ରୋପଚାର ଏଡ଼େ ସୁରୁଖୁରୁ ରୂପେ ସମ୍ପନ୍ନ କରାଯାଇଥିଲା ଯେ ଅପରେସନ ପରେ ତାଙ୍କୁ ଯଦି କେହି ପରୀକ୍ଷା କରେ, ତେବେ ସେ ଜାଣିପାରିବନି ଏହା ଲିଙ୍ଗ ପରିବର୍ତ୍ତନ କରିଥିବା ଏକ ସ୍ତ୍ରୀଲୋକ । ଅଳ୍ପଦିନ ଭିତରେ ତାଙ୍କର ଯୁବତୀସୁଲଭ ଲକ୍ଷଣ ସବୁ ତାଙ୍କ ଦେହରେ ଫୁଟି ଉଠିଲା ଓ ମାସିକିଆ ଋତୁସ୍ରାବ ଠିକ୍ ରୂପେ ଚାଲିଥିଲା । ତୁମେ ଜାଣିଥିବ ମିସ୍ ମହାନ୍ତି, ସେଇ ଯୁବତୀ ପାଲଟିଥିବା ମିସ୍ ହିଲ୍ ଏକ ନିଗ୍ରୋ ଯୁବକ ଡନ୍ ପେଟିଟା ସାଇମସ୍ଙ୍କ ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ । ସେ ତାଙ୍କ ନାଁ ବଦଳାଇ ରଖିଲେ ମିସେସ୍ ଡନ୍ ପେଟିଟା ସାଇମନ୍ସ ।"

ଲିଙ୍ଗ ପରିବର୍ତ୍ତନ ଇତିହାସ ଶୁଣିବା ବେଶ୍ ଆମୋଦଦାୟକ ଡକ୍ଟର ପଟ୍ଟନାୟକ ! ପ୍ରକୃତିର ଗୋଟାଏ ଗୋଟାଏ ଭୁଲକୁ ସଜାଡ଼ିବାକୁ ଯାଇ ବୈଜ୍ଞାନିକମାନେ କେତେ

Digitized by srujanika@gmail.com

ଲୋକଙ୍କ ଜୀବନ ଇତିହାସକୁ ପୂରାପୂରି ଓଲଟାଇ ଦେଉଛନ୍ତି ।"

ଆପଣ ଜାଣନ୍ତି ମିସ୍ ମହାନ୍ତି, ଆମଠାକୁ ପ୍ରତିବର୍ଷ କେତେ ସୁସ୍ଥ ଯୁବକ ଆସନ୍ତି ଯୁବତୀ ପାଲଟିବା ପାଇଁ । ଆମ ଗବେଷଣାଗାରର ପ୍ରସିଦ୍ଧି ଶୁଣି ସେମାନେ ଦୌଡ଼ି ଆସନ୍ତି, ସେମାନଙ୍କ ଧାରଣା ଏଠାରେ ଯେ କେହି ଯୁବକ ଯୁବତୀ ହୋଇପାରିବ ଓ ଯେ କେହି ଯୁବତୀ ଯୁବକ ହୋଇପାରିବ । ମିସ୍ ଫ୍ରିଡ୍‌ମେନ୍‌ଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ସେମାନେ ମୋ ସହିତ ସାକ୍ଷାତ୍ କରନ୍ତି । ମୁଁ ଯେତେ ବୁଝାଇଲେ ହେଁ ଯେ ସୁସ୍ଥ ଯୁବକକୁ ଯୁବତୀ କରିବା ସମ୍ଭବ ନୁହେଁ, ସେମାନେ ବିଶ୍ୱାସ କରନ୍ତିନି । ତୁମେ ଜାଣ ମିସ୍ ମହାନ୍ତି, ଏହି ଯୁବକମାନେ ଯୁବତୀ ହେବାକୁ ଏତେ ଆଗ୍ରହାନ୍ୱିତ କାହିଁକି ? ଯୁବତୀ ହେଲେ ସେମାନେ ଉଚ୍ଚ ଦରମାରେ ଧନୀ ଲୋକମାନଙ୍କର ସେକ୍ରେଟେରୀ ଚାକିରି ପାଇପାରିବେ । ପୁରୁଷ ହେଲେ କେହି ପଚାରିବେ ନାହିଁ । ଯୁବତୀଟି ଯଦି ରୂପବତୀ ହୋଇଥାଏ, ତେବେ ତା' ଭାଉ ତେର୍ ଉପରେ । ଏଥିପାଇଁ ରୂପବାନ୍ ଯୁବକମାନେ ଯୁବତୀ ପାଲଟିବାକୁ ଭାରି ଆଗ୍ରହୀ । ମୁଁ ସେମାନଙ୍କୁ ଯେତେ ବୁଝାଇଲେ ହେଁ ସେମାନେ ବୁଝନ୍ତି ନାହିଁ । ମିସ୍ ଫ୍ରିଡମେନ୍‌ଙ୍କ ସହ ଯାଇ ସାକ୍ଷାତ୍ କରନ୍ତି । ମିସ୍ ଫ୍ରିଡମେନ୍ ସେମାନଙ୍କୁ ଏମିତି ଭର୍ତ୍ସନା କରନ୍ତି ଯେ ସେମାନେ କାନମୁଣ୍ଡ ଆଉଁସି ହୋଇ ଘରକୁ ଫେରନ୍ତି ସବୁଦିନ ପାଇଁ ଯୁବତୀ ହେବା ଆଶାକୁ ଜଳାଞ୍ଜଳି ଦେଇ !

———

Digitized by srujanika@gmail.com

ଏଗାର

ମିସ୍ ମହାନ୍ତି ଗବେଷଣାରେ ଯୋଗ ଦେବା ଦିନ ଠାରୁ ନିଜ ଖାଇବା ପିଇବା ଭୁଲି ଗବେଷଣାରେ ଲାଗିପଡ଼ିଥାନ୍ତି । ଲିଙ୍ଗ ପରିବର୍ତ୍ତନର ଚିକିତ୍ସାରେ ଆବଶ୍ୟକ ହେଉଥିବା ହରମୋନ୍‌ସକୁ କୃତ୍ରିମ ଉପାୟରେ ସୃଷ୍ଟି କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା । ଶରୀରରେ କ୍ଷରିତ ହେଉଥିବା ପ୍ରାକୃତିକ ହରମୋନ୍‌ସ ଭଳି ପ୍ରକୃତି ଦେଖାଉଥିବା କୃତ୍ରିମ ହରମୋନ୍‌ସ କିପରି ତିଆରି ହୋଇପାରିବ, ସେଥିରେ ଥାଏ ତାଙ୍କର ଗବେଷଣା । ଯେଉଁ ସ୍ତ୍ରୀମାନଙ୍କ ଠାରେ ପୁରୁଷ ପାଲଟିବାର ଲକ୍ଷଣ ଦେଖାଯାଏ, ଅସ୍ତ୍ରୋପଚାର ପରେ ପରେ ସେମାନଙ୍କୁ ନାନାପ୍ରକାର ହରମୋନ୍‌ସ ଚିକିତ୍ସାରେ ରଖାଯାଏ । ଏହି ହରମୋନ୍‌ସ ଗୁଡ଼ିକ ପ୍ରାକୃତିକ ହରମୋନ୍‌ସ । ଯଦିଚ କୃତ୍ରିମ ଭାବରେ ପ୍ରସ୍ତୁତ, ସେ ଗୁଡ଼ିକ ପ୍ରାକୃତିକ ଭାବରେ ଶରୀର ଭିତରେ ଥିବା ଯୌନ ଗ୍ରନ୍ଥିରୁ କ୍ଷରିତହୁଅନ୍ତି । ଉଦାହାରଣ ସ୍ୱରୂପ ପୁଂଯୌନ ହରମୋନ୍‌ସ, ଟେଷ୍ଟୋ-ଷ୍ଟେରନ ଓ ଏଣ୍ଡ୍ରୋଷ୍ଟେରନ । ଏହା ପୁଂଯୌନ ଇନ୍ଦ୍ରିୟ ଓ ଅଣ୍ଡକୋଷରୁ କ୍ଷରିତ ହୁଏ । ଏହି ହରମୋନ୍‌ସର କ୍ଷରଣ ଯୋଗୁ ପୁରୁଷ ଲକ୍ଷଣ ଦେଖାଦିଏ । କର୍କଶ ସ୍ୱର, ଚର୍ମର କର୍କଶତା, ମୁହଁରେ ନିଶ ଦାଢ଼ି ଉଠିବା ଏହାରି ଯୋଗୁ ହୁଏ । କୌଣସି ପୁରୁଷ ଦେହରେ ଯଦି ଏ କ୍ଷରଣର ଅଭାବ ଦେଖାଦିଏ, ତେବେ ପୁରୁଷ ଲକ୍ଷଣ ହ୍ରାସ ପାଏ । ସ୍ତ୍ରୀସୁଲଭ ଗୁଣ କେତେକ ତାହାଠାରେ ଦେଖାଦିଏ । ସ୍ୱର ମଧୁର ହୁଏ । ଶରୀର ନରମ ହୋଇଯାଏ । ବକ୍ଷ ଉନ୍ନତ ଓ ମାଂସଳ ହୋଇ ଉଠେ, ମୁଖରେ ଲାବଣ୍ୟ ଫୁଟି ଉଠେ । ସେମାନଙ୍କର ସ୍ତ୍ରୀ ସୁଲଭ ମନୋବୃତ୍ତି ଦେଖାଦିଏ । ସେମାନେ ସ୍ତ୍ରୀମାନଙ୍କ ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି, ମୁଣ୍ଡରେ ସ୍ତ୍ରୀମାନଙ୍କ ଭଳି ବାଳ ରଖନ୍ତି । ସ୍ତ୍ରୀମାନଙ୍କ ଭଳି ବେଣୀ ପାରନ୍ତି । ଭାତ ରାନ୍ଧିବାକୁ, ଶିଶୁପାଳନ କରିବାକୁ ଭଲ ପାଆନ୍ତି । ଆମେ ଯେଉଁମାନଙ୍କୁ ମାଇଚିଆ କହୁ, ସେମାନେ ଏହି ଶ୍ରେଣୀର । ଯଥାସମୟରେ ଯଦି ସେମାନଙ୍କ ଚିକିତ୍ସା କରାଯାଇଥାନ୍ତା ସେମାନେ ହୁଏତ ଏଭଳି ମାଇଚିଆ ନ ହୋଇ ଭଲ ପୁରୁଷ ହୋଇପାରିଥାନ୍ତେ ।

ସେହିଭଳି ସ୍ତ୍ରୀଲୋକଙ୍କ ଯୌନ ଗ୍ରନ୍ଥିରୁ ପ୍ରୋଜେଷ୍ଟେରନ ଓ ଅଏଷ୍ଟ୍ରିନ ଆଦି ହରମୋନ୍‌ସ କ୍ଷରିତ ହୁଏ । ଏହା ଆବଶ୍ୟକ ପରିମାଣରେ କ୍ଷରିତ ହେଲେ ସ୍ତ୍ରୀସୁଲଭ ଗୁଣ ସେମାନଙ୍କ ଠାରେ ଦେଖାଦିଏ । ବକ୍ଷ ଉନ୍ନତ ଓ ମାଂସଳ ହୋଇ ଉଠେ, ମୁଖରେ ସ୍ତ୍ରୀସୁଲଭ ଲାବଣ୍ୟ ଦେଖାଯାଏ । ଶରୀର କୋମଳ ହୁଏ, ସ୍ୱର ମଧୁର ହୁଏ । ଯଦି ଏହି ହରମୋନ୍‌ସ ଆଶାଜନକ ଭାବରେ କ୍ଷରିତ ନହୁଏ, ତେବେ ଏହି ସବୁ ଲକ୍ଷଣର ହ୍ରାସ ଘଟେ । ସ୍ୱର ମଧୁର ହେବା ପରିବର୍ତ୍ତେ କର୍କଶ ହୁଏ । ମୁଖରେ ଶ୍ମଶ୍ରୁ ଦେଖାଦିଏ, ବକ୍ଷର ମାଂସଳତା

Digitized by srujanika@gmail.com

କମିଯାଏ । ସେଭଳି ସ୍ତ୍ରୀ ଲୋକଠାରେ କେତେ ପ୍ରକାର ପୁରୁଷଗୁଣ ପ୍ରକାଶ ପାଏ । ଗଛ ଚଢ଼ିବା, କାଠ ହାଣିବା, ନଈ ପହଁରିବା ଆଦି ଭାରି କାମ ସବୁ କରିବାକୁ ଆଗ୍ରହ ଆସେ । ସେଭଳି ସ୍ତ୍ରୀଲୋକଙ୍କୁ ଆମେ ଅଣ୍ଡିରିଚଣ୍ଡୀ କହିଥାଉଁ । ଯଥାସମୟରେ ଯଦି ସେମାନଙ୍କର ହରମୋନ ଚିକିତ୍ସା କରାଯାଇଥାଆନ୍ତା, ତେବେ ସେମାନେ ହୁଏତ ଏଭଳି ପୁରୁଷଗୁଣ ନ ଦେଖାଇ ସ୍ତ୍ରୀ ସୁଲଭ ଗୁଣ ହାସଲ କରି ସାଧାରଣ ସ୍ତ୍ରୀଲୋକ ହୋଇପାରିଥାନ୍ତେ । ମିସ୍ ଫ୍ରିଡ୍‌ମେନଙ୍କ ବିଶ୍ୱାସ ଯେ ସେ ଏଭଳି କୃତ୍ରିମ ହରମୋନ୍‌ସ ତିଆରି କରିପାରିବେ, ଯାହାକି ପ୍ରାକୃତିକ ହରମୋନ୍‌ଠାରୁ ଅଧିକ ଶକ୍ତିଶାଳୀ ହେବ ଓ ଏହା ପୁରୁଷକୁ ସ୍ତ୍ରୀ ଓ ସ୍ତ୍ରୀକୁ ପୁରୁଷ କରିବା ପ୍ରକ୍ରିୟାକୁ ଆଶାତୀତ ଭାବରେ ତ୍ୱରାନ୍ୱିତ କରିପାରିବ । ଏହି ଦାୟିତ୍ୱଟିକୁ ସେ ମିସ୍ ମହାନ୍ତିଙ୍କୁ ଦେଇଥାନ୍ତି । ମିସ୍ ମହାନ୍ତିଙ୍କର କାମ ହେଲା ବିଭିନ୍ନ ରାସାୟନିକ ପଦାର୍ଥକୁ ଆଣି ସେମାନଙ୍କର ହରମୋନୀୟ ଗୁଣ ଅନୁଧ୍ୟାନ କରିବା । ବହୁଦିନ ଧରି ପ୍ରଗାଢ଼ ଗବେଷଣା ଫଳରେ ମିସ୍ ମହାନ୍ତି ବିଭିନ୍ନ ହରମୋନର ଭିନ୍ନ ଭିନ୍ନ ଡେରିଭେଟିଭ୍ ପ୍ରସ୍ତୁତ କରି ସେମାନଙ୍କର କାର୍ଯ୍ୟ ଦକ୍ଷତା ଆଶାତୀତ ଭାବରେ ବଢ଼ାଇ ଦେଇ ପାରିଲେ । ଏହାମଧ୍ୟରୁ କେତୋଟିର ଯୌନ ପରିବର୍ତ୍ତନକାରୀ ଶକ୍ତି ଅସୀମ ହେବା ସ୍ୱାଭାବିକ । ମୂଷା ଶଶା ଆଦି ମାନଙ୍କ ଉପରେ ପରୀକ୍ଷା କରି ମିସ୍ ମହାନ୍ତି ବେଶ୍ ଆଶାଜନକ ଫଳ ପାଇସାରିଲେଣି, ଖାଲି ମଣିଷ ଉପରେ ପରୀକ୍ଷା କରିବା ବାକି । ଲିଙ୍ଗ ପରିବର୍ତ୍ତନରେ ସହାୟକ ଏହି ହରମୋନ୍‌ସ ଯଦି ମଣିଷ ଉପରେ ପରୀକ୍ଷିତ ହୋଇ ଏହାର କାର୍ଯ୍ୟଦକ୍ଷତା ପ୍ରତିପାଦିତ ହୁଏ, ତେବେ ଯୌନ ପରିବର୍ତ୍ତନ ବିଜ୍ଞାନରେ ଯେ ଏହା ଏକ ବିରାଟ ଆବିଷ୍କାର ଭାବରେ ପରିଗଣିତ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ମିସ୍ ମହାନ୍ତି ଦିନେ ତାଙ୍କ ଗବେଷଣାଗାରରେ ବ୍ୟସ୍ତ ଥାଆନ୍ତି, ହଠାତ୍ ମୁଁ ତାଙ୍କ ଗବେଷଣାଗାର ଭିତରକୁ ପଶିଆସିଲି । ପଶୁଁ ପଶୁଁ ପଚାରିଲି "କଣ ଆପଣ ଦିନରାତି ଏତେ କାର୍ଯ୍ୟବ୍ୟସ୍ତ ରହୁଛନ୍ତି ଯେ ଆପଣଙ୍କ ସାକ୍ଷାତ୍ ମିଳିବା କଷ୍ଟକର । ଗତକାଲି ଆପଣଙ୍କ ଆବିଷ୍କାର ଉପରେ ମିସ୍ ଫ୍ରିଡ୍‌ମେନ୍ ଖୁବ୍ ପ୍ରଶଂସା କରୁଥିଲେ । ଆପଣଙ୍କ ଗବେଷଣାଫଳ ଚିକିତ୍ସା ଜଗତରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିବ ବୋଲି ତାଙ୍କର ବିଶ୍ୱାସ ।

"କିନ୍ତୁ କାହିଁ ? ମଣିଷ ଉପରେ ପ୍ରୟୋଗକରି ପରୀକ୍ଷା କରିବାର ସୁବିଧା ଜୁଟୁଛି କେଉଁଠି ? ମଣିଷ ଉପରେ ପରୀକ୍ଷା ନହେଲା ପର୍ଯ୍ୟନ୍ତ ଏହାର କାର୍ଯ୍ୟଦକ୍ଷତା ଉପରେ ଆସ୍ଥା ଆସିବ କୁଆଡ଼ୁ ?"

"ମଣିଷ ଉପରେ ପ୍ରୟୋଗ କରିବାର ସୁଯୋଗ କ'ଣ ମିଳିସିବନି ! ଆପଣ ସେଥିପାଇଁ ଏତେ ବ୍ୟସ୍ତହୋଇ ପଡ଼ୁଛନ୍ତି କାହିଁକି ? ଗତ କେତେ ମାସ ଧରି ଯେତେ ରୋଗୀ ଆମର ଏଠାକୁ ଆସିଛନ୍ତି, ସେମାନେ ସମସ୍ତେ ପୁରୁଷରୁ ସ୍ତ୍ରୀ ପାଲଟିଛନ୍ତି । କୌଣସି ସ୍ତ୍ରୀ ପୁରୁଷ ପାଲଟିବାର ଲକ୍ଷଣ ଦେଖାଗଲେ ସିନା ଆପଣଙ୍କ ଔଷଧ ପରୀକ୍ଷା କରାଯାଇପାରିବ ?"

"କେବେ ସେ ସୁଦିନ ଆସିବ କେଜାଣି ?"

Digitized by srujanika@gmail.com

ସେଥିପାଇଁ ଆପଣ ବ୍ୟସ୍ତ ହେବା ଉଚିତ ନୁହେଁ । ପୂର୍ବ ସୁରୀମାନେ ପରା କହିଛନ୍ତି, ବୈଜ୍ଞାନିକମାନଙ୍କର ଗଧଭଳି ଧୈର୍ଯ୍ୟଥିବା ଦରକାର, ତା ନହେଲେ, ସେମାନେ ସଫଳ ବୈଜ୍ଞାନିକ ହୋଇପାରିବେନି ।

"ଆରେ ଏ ଭିତରେ କ'ଣ ଛ'ଟା ବାଜିଗଲାଣି ।" ହଠାତ୍ ଘଣ୍ଟାକୁ ଅନାଇ ଚମକି ପଡ଼ିଲି, "ଆପଣ କ'ଣ ଆଜି ଘରକୁ ଯିବେ ନାହିଁ ?"

"ଆଁ, ଛ'ଟା ବାଜିଗଲାଣି ?" ଚମକି ପଡ଼ିଲେ ମିସ୍ ମହାନ୍ତି । "ଆପଣ ବାହାରିଲେଣି ବୋଧହୁଏ ?"

"ହଁ, ମିସ୍ ଫ୍ରିଡ୍‌ମେନ୍ କେତେବେଳୁ ଚାଲିଗଲେଣି । ତାଙ୍କ ସହିତ କିଛି ସମୟ ତଳେ ଆଲୋଚନା ହେଉଥିଲି । ସେ ଚାଲିଗଲା ପରେ ମୁଁ ଆପଣଙ୍କ ରୁମ୍‌କୁ ପଶିଆସିଲି, ଆପଣ କ'ଣ କରୁଛନ୍ତି ଦେଖିବା ପାଇଁ ।"

ମିସ୍ ମହାନ୍ତି ଓ ମୁଁ ହସ୍‌ପିଟାଲରୁ ବାହାରିଲୁ । ପୋର୍ଟିକୋଠାରୁ କିଛି ଦୂରରେ ମୋ ଗାଡ଼ି ଥୁଆ ହୋଇଥିଲା । ଗାଡ଼ି ଆଡ଼କୁ ଯାଉଁ ଯାଉଁ କହିଲି "ଆସନ୍ତୁ, ମିସ୍ ମହାନ୍ତି ! ମୁଁ ଆଜି ଆପଣଙ୍କୁ ଆପଣଙ୍କ ଏପାର୍ଟମେଣ୍ଟରେ ପହଞ୍ଚାଇ ଦେବାର ସୌଭାଗ୍ୟ ଅର୍ଜନ କରେ ।"

"ନାଇଁ ନାଇଁ, ମୋ ପାଇଁ ଏତେ କଷ୍ଟ କାହିଁକି କରିବେ ? ମୁଁ ଘରକୁ ଯିବାପାଇଁ ସାମନାରେ ବସ୍ ପାଇଯିବି ।"

"ଆପଣ ବର୍ତ୍ତମାନ ବସ୍ ପାଇଁ ଯେତିକି ବାଟ ଯିବେ, ସେତିକି ସମୟ ଭିତରେ ଆପଣ ନିଜ ଏପାର୍ଟମେଣ୍ଟରେ ପହଞ୍ଚିଯିବେ ।"

କାର୍ ପାଖରେ ପହଞ୍ଚି ମୁଁ କାର୍‌ର ଦ୍ୱାର ଖୋଲି ମିସ୍ ମହାନ୍ତିଙ୍କୁ ବସିବାପାଇଁ ଅନୁରୋଧ ଜଣାଇଲି ।

ମିସ୍ ମହାନ୍ତି ମୋ ଅନୁରୋଧକୁ ଏଡ଼ିଦେଇ ନପାରି କାରରେ ବସିଲେ । ମୁଁ ଦରଜା ବନ୍ଦକରି ଆରପଟକୁ ବୁଲିଆସି ଗାଡ଼ିରେ ବସି ଷ୍ଟାର୍ଟ ଦେଲି । ଗାଡ଼ି ଅନାଉଁ ଅନାଉଁ ହସ୍‌ପିଟାଲ୍ ଗେଟ୍ ପାରହୋଇ ମାସ୍ ଏଭିନ୍ୟୁ ରାସ୍ତା ଧରିଲା । ମୋ ଡାହାଣ ପାଖକୁ ବସିଥାନ୍ତି ମିସ୍ ମହାନ୍ତି । ମାସ୍ ଏଭିନ୍ୟୁରେ କିଛିବାଟ ଗଲାପରେ ମୁଁ ଏକ ବଡ଼ ରେଷ୍ଟୁରାଣ୍ଟ୍ ପାଖରେ ଗାଡ଼ିର ବେଗ କିଞ୍ଚିତ୍ କମାଇ ଦେଇ କହିଲି, "ମିସ୍ ମହାନ୍ତି ମୋତେ ବର୍ତ୍ତମାନ ବଡ଼ ଭୋକ ହେଲାଣି । ଆପଣଙ୍କର ଯଦି କିଛି ଆପତ୍ତି ନଥାଏ ଏଠି ରେଷ୍ଟୁରାଣ୍ଟ୍‌ରେ କିଛି ଖାଇ-ନେଲେ କଣ କିଛି କ୍ଷତି ହେବ ? ଆପଣଙ୍କୁ ବି' ତ ଭୋକ ହେବଣି ?"

ମୋ ଏପାର୍ଟମେଣ୍ଟ ତ ଏଠୁଁ ଅଳ୍ପ ଦୂର । ଚାଲନ୍ତୁନା ମୋ ଏପାର୍ଟମେଣ୍ଟରେ ମୁଁ ରାନ୍ଧିବି ଆପଣ ଖାଇବେ । ମୋତେ ଏ ଦେଶର ରେଷ୍ଟୁରେଣ୍ଟ୍‌ରେ ଖାଇବାକୁ ମୋଟେ ଭଲଲାଗେନି । ଏମାନଙ୍କର ଯେଉଁ ହଟ୍‌ଡଗ୍ ନୁହେଁ, ହେମବର୍ଗର ପିଜା କୌଣସିଟା ମୋତେ

Digitized by srujanika@gmail.com

ଖାଇବାକୁ ଇଚ୍ଛା ହୁଏନା । ଯାହା ବା ଖାଆନ୍ତି, ସେଗୁଡ଼ାକ ଗୋରୁମାଂସରୁ ନଚେତ୍ ଘୁଷୁରି ମାଂସରୁ ।''

''ଆପଣ ଆମେରିକାରେ ଏତେଦିନ ରହି ସେମାନଙ୍କ ଖାଦ୍ୟକୁ କ'ଣ ଗ୍ରହଣ କରିନାହାନ୍ତି ?''

''ନାଁ, ସେଥିପାଇଁ ମୁଁ ଆସିଲାଦିନରୁ ସବୁବେଳେ ନିଜେ ହାତରେ ରାନ୍ଧିକରି ଖାଏଁ । ଆମେରିକାରେ ରହିଲେ, ମୋର ସବୁବେଳେ ଭାରତୀୟ ରନ୍ଧା । ଏଠି ତ ସବୁ ପନିପରିବା, ମାଛ, ମାଂସ ମିଳୁଛି । ଖାଲି ଟିକିଏ ପରିଶ୍ରମ କଲେ ହେଲା ।''

''ମୁଁ ତ ଦେଖୁଛି ଆପଣ ବଡ଼ ଅଦ୍ଭୁତ ! ଦିନସାରା ହସ୍‌ପିଟାଲରୁ ଖଟିଖଟି ଆସି ପୁଣି ଘରେ ନିଜ ହାତରେ ରୋଷାଇ କରି ଖାଇବେ ? ମୋଦ୍ୱାରା ସେତିକି ହୋଇ ପାରେନି ମିସ୍ ମହାନ୍ତି । ମୁଁ ସର୍ବଦା ସେମାନଙ୍କ ରେଷ୍ଟୁରାଣ୍ଟରେ ଖାଏଁ । ବେଳେବେଳେ ମୋ ଲେଣ୍ଡ ଲେଡି ଘରୁ ଖାଇଦିଏ । ତାଛଡ଼ା ମୁଁ ଏଡ଼େ ହତଭାଗା ଯେ ମୋତେ ରାନ୍ଧି ଆସେନି । ମେ ବି ଗୋଟାଏ ଦିଗରୁ ଭଲ । ରାନ୍ଧି ଜାଣିଥିଲେ କ'ଣ ମୁଁ ରାନ୍ଧିବାକୁ ବେଳ ପାଆନ୍ତି ? ସେମାନଙ୍କ ଖାଦ୍ୟ ଖାଇବା ଛଡ଼ା ମୋର ଅନ୍ୟ ଗତି ନାହିଁ ।''

''ଆପଣ ଏଠି ନଖାଇ ଆସନ୍ତୁ ମୋ ଏପାର୍ଟମେଣ୍ଟକୁ । ମୁଁ ଆପଣଙ୍କୁ ଆଜି ପୂରାପୂରି ଭାରତୀୟ ରୀତି ଭୋଜନ ଖାଇବାକୁ ଦେବି । ମୋ ଏପାର୍ଟମେଣ୍ଟରେ ସବୁପ୍ରକାର ଭାରତୀୟ ପନିପରିବା, ଦେଶୀ ମସଲା, ମାଛ, ମାଂସ ମହଜୁଦ୍ ଅଛି । ରାନ୍ଧିବାକୁ ବେଶି ସମୟ ଲାଗିବନି । ଘଣ୍ଟାକ ଭିତରେ ସବୁ ରନ୍ଧା ହୋଇଯିବ ।''

''ବାଃ, ତାହେଲେ ମୋର ଆଜି ବଡ଼ ସୌଭାଗ୍ୟ ମିସ୍ ମହାନ୍ତି ! ଗତ ପାଞ୍ଚବର୍ଷ ଧରି ଆମେରିକାରେ ରହି ଭାରତୀୟ ଖାଦ୍ୟ ଖାଇବାର ସୌଭାଗ୍ୟ ମୋର କେବେ ଜୁଟିନି । ଭାରତୀୟ ଖାଦ୍ୟ ନାଁ ଶୁଣି ମୋର ଆଉ ଏଠି ଅଟକିବାକୁ ମନ ହେଉନି ।''

ମିସ୍ ମହାନ୍ତିଙ୍କର ଏପାର୍ଟମେଣ୍ଟରେ ପହଞ୍ଚିବାକୁ ବେଶି ସମୟ ଲାଗିଲାନି । ମିସ୍ ମହାନ୍ତି ଗାଡ଼ିରୁ ଓହ୍ଲାଇ ଏପାର୍ଟମେଣ୍ଟ ଖୋଲିଲେ । ମୁଁ ଗାଡ଼ିକି ପୋର୍ଟିକୋରେ ଠିଆକରାଇଦେଇ ତାଙ୍କ ପଛେ ପଛେ ଚାଲିଲି ।

ମିସ୍ ମହାନ୍ତି ତାଙ୍କ ଡ୍ରଇଂ ରୁମ୍‌ରେ ମୋତେ ବସାଇ ଫ୍ରିଜ୍‌ରୁ ଅଙ୍ଗୁର ରସ ଓ କମଳା ରସର ଏକ ମିଶ୍ରଣ ଗୋଟିଏ ଗିଲାସରେ ଆଣି ପିଇବାକୁ ଦେଲେ । ନିଜେ ପିଉ ପିଉ କହିଲେ, ''ଆପଣ ଆଜି କ'ଣ ଖାଇବେ କୁହନ୍ତୁ ଡକ୍ଟର ପଟ୍ଟନାୟକ ! ମୋ ଫ୍ରିଜ୍‌ରେ ସବୁ କିଛି ମହଜୁଦ୍ ଅଛି । ଆପଣ କୁକୁଡ଼ା ଝୋଳ ଖାଇବାକୁ ଭଲପାଆନ୍ତି ନା ଭକୁଡ଼ି ମାଛ ଝୋଳ ଖାଇବାକୁ ଭଲପାଆନ୍ତି ?''

''ଉଭୟଯାକ ତ ମୋର ପ୍ରିୟ, ଯେ କୌଣସିଟା ହେଲେ ଚଳିବ ।''

Digitized by srujanika@gmail.com

"ତାହେଲେ ଆପଣ ଏହି ଟେଲିଭିଜନ୍‌ଠାରେ ବସି ମାଗାଜିନ୍‌ଟି ପଢ଼ନ୍ତୁ । ଟେଲିଭିଜନ୍ ଦେଖିଥିବେ, ମେଗାଜିନ୍ ବି ପଢ଼ିଥିବେ । ମୁଁ ସଙ୍ଗେ ସଙ୍ଗେ ରନ୍ଧା କରିଦେଉଛି । ବେଶି ଡେରି ହେବନି ।"

×   ×   ×

ଡାଇନିଂ ଟେବୁଲ ଉପରେ ଏତେ ପ୍ରକାର ଗରମ ଗରମ ଖାଦ୍ୟ ଦେଖି ମୁଁ ତାଙ୍କୁ ପଚାରିଲି, "ଆପଣ ଏତିକି ସମୟ ଭିତରେ ଏତେ ପ୍ରକାର କଣ ରାନ୍ଧି ପକାଇଲେ ମିସ୍ ମହାନ୍ତି ?" ଟେବୁଲ୍ ଚାରି ପାଖରେ ଆଖି ବୁଲାଇ ଆଣି ଅଣି କହିଲି, "ଆଁ, ଏତେ ପ୍ରକାରର । ପଲଉ, ହରଡ଼ଡାଲି, ମାଛଝୋଳ, ଆଳୁ କୋବି ତରକାରୀ, ମାଛ ଭଜା, ବିଲାତି ବାଇଗଣ ଖଟା, ବାଇଗଣବେସନରେ ଭଜା, ସିମେଇ ଖିରି, ଆଉ ଯେଉଁ ଜିନିଷଟା କଣ ଜାଣି ପାରୁନି ।"

"ସେ ହେଉଛି ମାଛ ବିହନ ବରା ।"

"ଆଁ, ମାଛ ବିହନ ? ଏତ ନିତିଦିନିଆ ଖାଦ୍ୟ ନୁହେଁ ମିସ୍ ମହାନ୍ତି, ଏହା ଏକ ବଡ଼ଟ ଭୋଜିଭାତ । ଆପଣ ଏତେ ଅଳ୍ପ ସମୟ ଭିତରେ ଏତେ ପ୍ରକାର ରନ୍ଧା ରାନ୍ଧି ପକାଇଲେ କେମିତି ? ମୁଁ ଦେଖୁଛି, ଆପଣ ତ ରନ୍ଧାରନ୍ଧିରେ ଖୁବ୍ ଧୁରନ୍ଧର । ଏମିତିକି ମୋ କଳ୍ପନା ବାହାରେ ।"

ମିସ୍ ମହାନ୍ତିଙ୍କ ଅନୁରୋଧରେ ଖାଇବାକୁ ଆରମ୍ଭ କଲି । ପଲଉ ସହିତ ମାଛ ଝୋଳ ଖାଉଁ ଖାଉଁ ମୋର ପାଞ୍ଚବର୍ଷ ତଳର ଘର କଥା ମନେ ପଡ଼ିଗଲା । ମୁଁ ଯେଉଁଦିନ ଘରୁ ଆମେରିକା ଅଭିମୁଖେ ବିଦାୟ ନେଲି, ସେଦିନ ମୋ ବୋଉ ମୋତେ ଖାଇବାକୁ ଦେଉଁ ଦେଉଁ କହିଥିଲା, 'ବାପଟା ପରା, ଆଉ ଖଣ୍ଡେ ମାଛ ଖା । ସେ ଦେଶରେ କ'ଣ ଆମ ଦେଶୀ ମାଛ ପାଇପାରିବୁ ? ଲୋକେ କ'ଣ କହୁଛନ୍ତି, ସେ ଦେଶରେ ଗୋରୁ ମାଂସ ଛଡ଼ା ଆଉ କିଛି ମିଳେନି । ତୁ ସେ ଦେଶରେ କେମିତି ଚଳିବୁ, ସେଇ ମୋର ଚିନ୍ତା ବାପ ।'

ମୋ ଆଖି ଆଗରେ ସେହି ଦିନର ଘଟଣା ରୁପେଲି ପରଦାରେ ଚଳଚ୍ଚିତ୍ର ଭଳି ଭାସି ଉଠିଲା । ମୋର ସେହି ବୋଉ ଆଜି ଇହ ସଂସାରରେ ନାହିଁ, ମୋ ଆସିବା ଦୁଇ ବର୍ଷ ନ ହେଉଣୁ ସେ ଇହସଂସାରରୁ ବିଦାୟ ନେଇ ଚାଲିଗଲା । ମୁଁ ଏତେ ଅଧମ ଯେ ତାକୁ ଶେଷ ମୁହୂର୍ତ୍ତରେ ଟିକେ ଦେଖି ପାରିଲିନି ।

ମୋ ଆଖିରେ ଲୁହ ଜକେଇ ଆସିଲା । ମୋତେ ଖାଉଁ ଖାଉଁ ଅଟକିଯିବା ଦେଖି ମିସ୍ ମହାନ୍ତି ମୋ ଆଡ଼କୁ ଅନାଇଦେଲେ । ଦେଖିଲେ ମୋ ଆଖିରେ ଲୁହ । ମିସ୍ ମହାନ୍ତି ମୋତେ ଅନାଇବା ଦେଖି ବଡ଼ ଅପ୍ରସ୍ତୁତ ହୋଇ ପଡ଼ିଲି । ସଙ୍ଗେ ସଙ୍ଗେ ମୁଖରେ

Digitized by srujanika@gmail.com

କୃତ୍ରିମ ହସ ଫୁଟାଇ କହିଲି, "ଆପଣ ଏ ସବୁ ରାନ୍ଧିବା ପାଇଁ ସାଜ ସରଞ୍ଜାମ ପାଉଛନ୍ତି କେଉଁଠୁ ?"

"ସାଜ ସରଞ୍ଜାମ ?"

"ମାନେ ଏଇ ତେଲ ମସଲା ଇତ୍ୟାଦି । ଏ ସବୁତ ଆମ ଦେଶ ମସଲା ମସଲା, ଏ ମସଲା ତ ଏ ଦେଶରେ ମିଳେନା । ତାଛଡ଼ା ଏ ହରଡ଼ ଡାଲି, ଏ ଦେଶରେ ତ ସ୍ୱପ୍ନ ।"

"ସବୁ ପ୍ରକାର ମସଲା, ହରଡ଼ଡାଲି, ଲଙ୍କା, ସୋରିଷତେଲ ପ୍ରତିବର୍ଷ ଦୁଇଥର ଲେଖାଏଁ ଆମ ଘରୁ ଏଠାକୁ ପାର୍ଶଲ ହୋଇ ଆସେ । ମୁଁ ତ ଏ ଦେଶର ତେଲ ଖାଇ-ପାରେନା । କପାମଞ୍ଜି ତେଲ, ମକ୍କା ତେଲ ମୋ ଦେହରେ ଚଳେନା ।"

"ଆପଣ ବୋଧହୁଏ ଆପଣଙ୍କ ବାପାଙ୍କର ଅଲିଅଲି ଝିଅ । ତା' ନ ହୋଇଥିଲେ କଣ ବାରହଜାର ମାଇଲ ଦୂରରୁ ଏସବୁ ଖାଦ୍ୟମତ ଆପଣଙ୍କ ପାଖକୁ ପାର୍ଶଲ ହୋଇ ଆସୁଥାନ୍ତା ?"

ଲାଜେଇ ଗଲେ ମିସ୍ ମହାନ୍ତି । କଥାର ମୋଡ଼ ବଦଳାଇ କହିଲି, "ମୁଁ ଆପଣଙ୍କର ଗବେଷଣା ପ୍ରତି ଆଗ୍ରହ ଦେଖି ଭାବୁଥିଲି, ଆପଣ ଗବେଷଣା ପ୍ରତି ଅତିଶକ୍ତ ଅନୁରକ୍ତ ଥିବାରୁ ଆପଣଙ୍କୁ ରନ୍ଧାବଢ଼ା କିଛି ଆସୁ ନ ଥିବ । ମୁଁ ଦେଖୁଛି, ଆପଣ ରନ୍ଧା ବଢ଼ାରେ କମ୍ ଓସ୍ତାଦ୍ ନୁହନ୍ତି । ହଁ, ଆପଣ ଏହି ଯେଉଁ ପଲଉ କଲେ, ସେଥିପାଇଁ ଗୁଆ ଘିଅ ଆଣିଲେ କେଉଁଠୁ ? ଗୁଆଘିଅ କଣ ଆପଣଙ୍କ ଘରୁ ଆସୁଛି ?"

ହସିଲେ ମିସ୍ ମହାନ୍ତି, "ସବୁ ଜିନିଷ କଣ ଘରୁ ଆସିବ ? ବଢ଼ିଆ ଗୁଆଘିଅ ତ ଏଠି ତିଆରି କରିହେବ, ଯେଉଁ ଘିଅ ସ୍ୱାଦରେ ଓ ବାସନାରେ ଭାରତୀୟ ଘିଅର କାନ କାଟିଦେବ ।"

"ଆଁ, କେମିତି ?" ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

"ଆପଣ ଜାଣିଛନ୍ତି, ଆମେରିକାରେ ଗୋଟିଏ ପ୍ରକାର ଲହୁଣି ମିଳେ, ସେଥିରେ ଲୁଣ ପଡ଼ି ନଥାଏ । ଯେଉଁମାନଙ୍କୁ ଲୁଣ ଖାଇବାକୁ ମନା, ସେମାନେ ଏହି ଲହୁଣୀ ସାଧାରଣତଃ ପାଉଁରୋଟିରେ ଲଗାଇ ଖାଆନ୍ତି । ସେହି ଲହୁଣି ଖାଣ୍ଟି ଗାଈ ଦୁଧ ଲହୁଣି । ସେହି ଲହୁଣିକୁ ଆଣି ଚୁଲିରେ ବସାଇ ମାରିଦେଲେ ତାହା ବଢ଼ିଆ ଗୁଆଘିଅରେ ପରିଣତ ହୋଇଯିବ । ଦେଖିଲେ ଏହି ଘିଅ ? ଏହା କହୁଁ କହୁଁ ମିସ୍ ମହାନ୍ତି ଆଲମାରିରେ ରଖିଥିବା ଗୋଟିଏ ଘିଅ ବୋତଲ ବାହାରକରି ଆଣି ମୋ ଆଗରେ ଥୋଇଦେଲେ । ମୁଁ ଖୋଲି ଶୁଙ୍ଘିଲି । କି ବଢ଼ିଆ ବାସନା ସତରେ ! ଭାରତୀୟ ଖାଣ୍ଟି ଗୁଆଘିଅର କାନ କାଟି ଦେବ ।

ସେ କହିଲେ, "ମୁଁ ସେଇ ଘିଅରୁ ପରଟା କରେ, ପଲଉ କରେ, ପିଠାକରେ । ବେଳେବେଳେ ପୁରି ମଧ୍ୟ ଛାଣି ଖାଏ । ଏ ଦେଶରେ ଲହୁଣି ତ ବେଶ୍ ଶସ୍ତା । ତେଣୁ ଘିଅ ବି ।

Digitized by srujanika@gmail.com

"ମିସ୍ ମହାନ୍ତି ଏହିଭଳି କଥା ପରେ କଥା କହି ଚାଲିଥାନ୍ତି; କିନ୍ତୁ ମୁଁ ରନ୍ଧା ହୋଇଥିବା ଖାଦ୍ୟର ସଦ୍ ବ୍ୟବହାର କରିଚାଲିଥାଏ । ମୋ ପ୍ଲେଟ୍‌ରୁ ଗୋଟିଏ ଆଇଟମ୍ ସରିଗଲା ବେଳକୁ ସେ ଆଉ ଟିକେ ନିଅନ୍ତୁ କହି ପୁଲାଏ ଦେଇଦେଉଥାନ୍ତି । ଯାହାକୁ ଆଉ ଟିକିଏ ଖାଆନ୍ତୁ, ତାକୁ ନ ଖାଇଲେ ହେବନି, ଯାହାକୁ ବହୁତ କଷ୍ଟ କରି ରାନ୍ଧିଛି, ନ ଖାଇଲେ ମନକଷ୍ଟ ହେବ, ଏପରି କହି ରନ୍ଧା ହୋଇଥିବା ଖାଦ୍ୟର ଦୁଇ ତୃତୀୟାଂଶ ମୋତେ ଖୁଆଇ ସାରିଲେଣି । ଖାଇ ଖାଇ ମୋ ପେଟ ପୂରି ଆସିଲା ବେଳକୁ ଅନାଇ ଦେଖିଲି, ମିସ ମହାନ୍ତି ଖାଇବା ଆରମ୍ଭ କରିନାହାନ୍ତି । ବଡ଼ ଅପ୍ରସ୍ତୁତ ହୋଇ କହିଲି, "ମିସ୍ ମହାନ୍ତି, ମୁଁ କେଡ଼େ ଅଭଦ୍ର କୁହନ୍ତୁ ତ ? ଆପଣ ଖାଇବା ଆରମ୍ଭ କରିନାହାନ୍ତି, ଅଥଚ ମୁଁ ଖାଇସାରିଲିଣି ।"

"ସେଥିରେ ବ୍ୟସ୍ତ ହେବାର କିଛି ନାହିଁ ।" ମିସ୍ ମହାନ୍ତି କହିଲେ, "ଯେତେହେଲେ ବି ଆପଣ ମୋ ଘରେ ଆଜି ଅତିଥି । ଅତିଥିମାନେ ଖାଇ ସାରିଲା ପରେ ଅତିଥି ସତ୍କାରକଙ୍କ ଖାଇବା କଥା । ଏହା ପରା ଭାରତୀୟ ସଂସ୍କୃତି ।"

"କିନ୍ତୁ ଏହା ଭାରତ ନୁହେଁ ମିସ୍ ମହାନ୍ତି, ଏହା ଆମେରିକା, ଆମେରିକାନ୍ ସଂସ୍କୃତି ହେଉଛି, ଉଭୟ ଅତିଥି ଓ ଅତିଥି ସତ୍କାରକ ସାଙ୍ଗହୋଇ ଖାଇବା ।

"କିନ୍ତୁ ଏ ଘର ଭିତରେ ଭାରତୀୟ ସଂସ୍କୃତି ଚାଲେ । ଦୁଆର ଆରପାଖରେ ଆମେରିକାନ୍ ସଂସ୍କୃତି ।"

"ଯାହା କୁହନ୍ତୁ ମିସ୍ ମହାନ୍ତି, ଆପଣଙ୍କ ରନ୍ଧା ଅତି ଚମତ୍କାର । ଏଭଳି ଗୋଟାଏ ରାତି ଭୋଜନ କରି ମୋର ମନରେ ଯେଉଁ ଅପାର ସନ୍ତୋଷ ଓ ଆନନ୍ଦ ଜାତ ହୋଇଛି ତାହା ଭାଷାରେ ବର୍ଣ୍ଣନା କରିହେବନି । ଏଥିପାଇଁ ଆପଣଙ୍କୁ ଯେ କେଉଁ ଭାଷାରେ ଧନ୍ୟବାଦ ଦେବି, ଭାଷା ଖୋଜିପାଉନି ମିସ୍ ମହାନ୍ତି ।"

"ଥାଉ ଥାଉ, ମୋତେ ଆଉ ଏତେ ଟେକନ୍ତୁନି । କ'ଣ ଟିକିଏ ରାନ୍ଧି ଦେଲି ଯେ ସେଥିପାଇଁ ଏତେ ପ୍ରଶଂସା ଅଜାଡ଼ି ହୋଇପଡ଼ୁଛି । ଆପଣଙ୍କୁ ମୋ ରନ୍ଧା ଯଦି ଏତେ ଭଲ ଲାଗୁଛି, ତେବେ ପ୍ରତିଦିନ ହସ୍ପିଟାଲରୁ ଫେରିଲାବେଳେ ମୋ ଘରେ ରାତିଭୋଜନ କରି ଏପାର୍ଟମେଣ୍ଟକୁ ଫେରିଗଲେ କିଛି ଅସୁବିଧା ହୁଅନ୍ତା କି ଆପଣଙ୍କର ?"

"ନା, ନା, ଏ କି ଅନ୍ୟାୟ ? ମୁଁ ପ୍ରତିଦିନ ଆପଣଙ୍କୁ ଅଯଥା କଷ୍ଟ ଦେବି କାହିଁକି ? କି କଥା କହୁଛନ୍ତି ଆପଣ ? ରନ୍ଧାବଢ଼ା କଣ କମ୍ ଝମେଲା ?"

"କିଛି ଝମେଲା ନାହିଁ ସେଥିରେ । ଦେଖିଲେ ତ ବସୁଁ ବସୁଁ ରାନ୍ଧିଦେଲି । ମୁଁ ତ ପ୍ରତିଦିନ ମୋ ନିଜପାଇଁ ରାନ୍ଧୁଛି । ଆପଣଙ୍କ ପାଇଁ ମୋତେ ତ କିଛି ଅଧିକା ପରିଶ୍ରମ କରିବାକୁ ପଡ଼ିବନି ।"

"ନ ହେଲେ ବି ମୁଁ ଆପଣଙ୍କୁ ପ୍ରତିଦିନ ଏଭଳି କଷ୍ଟ ଦେବି ? ଏହା ମୋର ନିହାତି ଅନ୍ୟାୟ ହେବ, ଆପଣ ଜାଣିପାରୁନାହାନ୍ତି ।"

Digitized by srujanika@gmail.com

"ଆପଣ ମୋ ପାଇଁ ଯାହା କରିଛନ୍ତି, ମୁଁ ଯଦି ଏହାର ଦ୍ୱିଗୁଣ ପରିଶ୍ରମ କରି ଆପଣଙ୍କୁ ଜୀବନସାରା ଖୁଆଏ, ତେବେ ଆପଣଙ୍କ ଋଣ ଶୁଝି ହେବନି । ଆପଣ ଯଦି ମୋ ପ୍ରସ୍ତାବରେ ରାଜି ହୁଅନ୍ତି, ମୁଁ ଖୁବ୍ ଖୁସି ହୁଅନ୍ତି ଡକ୍ଟର ପଟ୍ଟନାୟକ ।"

"ସେ କଥା କାଲିକୁ ବୁଝିବା । ଆଜି ତ ଖିଆ ସରିଲାଣି, ଚାଲନ୍ତୁ ଟିକିଏ ବୁଲି ଆସିବା । ବେଶିଦୂର ଯିବାନି, ଏହି ବୋଷ୍ଟନ୍ ପାର୍କରୁ ଥରେ ବୁଲି ଆସିଲେ ଦେହଟା ଆଉ ରାତିରେ ମାନ୍ଦା ଲାଗିବନି । ମୁଁ ଆଜି ଯାହା ଖାଇଲି ନା ଟିକିଏ ବୁଲି ବୁଲି କରି ନ ଆସିଲେ ଆଉ ପଚି ହେବନି ।"

ମୁଁ ଆଉ ମିସ୍ ମହାନ୍ତି ବାହାରିଲୁ ବୋଷ୍ଟନ ପାର୍କ ଅଭିମୁଖେ । ମାସାଚ୍ୟୁସେଟ୍ସ୍ ଏଭିନ୍ୟୁ ଦେଇ ଆମ ଗାଡ଼ି ଛୁଟି ଚାଲିଲା ବୋଷ୍ଟନ ପାର୍କ ଆଡ଼େ । ବୋଷ୍ଟନ ପାର୍କ ସନ୍ଧ୍ୟାବେଳେ ବେଶ୍ ଗହଳି ହୁଏ । ବହୁ ଯୁବକ ଯୁବତୀ ସାନ୍ଧ୍ୟଭ୍ରମଣ ପାଇଁ ଏଠି ଆସି ରୁଣ୍ଡ ହୁଅନ୍ତି । ମୁଁ ଆଉ ମିସ୍ ମହାନ୍ତି ଖୋଜି ଖୋଜି ଏକ ନିରୋଳା ସ୍ଥାନରେ ବସିଲୁ । ଅଦୂରରେ ଗୁଡ଼ିଏ ମାର୍କିନ ଯୁବକ ଯୁବତୀ ଆସ୍ଥାନ ଜମାଇ ଦେଇଥାନ୍ତି । ସେମାନଙ୍କ ଭିତରେ ଚାଲିଥାଏ କେତେ କଥାବାର୍ତ୍ତା, ଥଟ୍ଟା ଟାପରା, ହସ ଖୁସି । ମିସ୍ ମହାନ୍ତି ଓ ମୋ ଭିତରେ ନାନା କଥାବାର୍ତ୍ତା ପଡ଼ିଲା । ନିଜ ବାଲ୍ୟଜୀବନଠାରୁ ଆରମ୍ଭକରି ସାଙ୍ଗସାଥି, ଘରଦ୍ୱାର, ନିଜ ପରିବାର ବନ୍ଧୁବାନ୍ଧବଙ୍କ କଥା । ତା ଭିତରେ ପୁଣି ନିଜ ନିଜର ଆମେରିକା ଅନୁଭୂତି ।

ଏହିଭଳି ଗପ ହେଉଁ ହେଉଁ ଦୀର୍ଘ ପାଞ୍ଚଘଣ୍ଟା କାଳ କେମିତି କଟିଗଲା ଆମେ ଜାଣି-ପାରିଲୁନି । ବାହାର କୋଳାହଳ ଓ ଲୋକଙ୍କ ଯାତାୟାତ ଟିକିଏ କମିଗଲା ଭଳି ବୋଧକଲାରୁ ହଠାତ୍ ମୁଁ ମୋ ଘଣ୍ଟାକୁ ଅନାଇ ଦେଇ ଚମକିପଡ଼ିଲି । ସେତେବେଳକୁ ରାତି ଗୋଟାଏ ।

ମିସ୍ ମହାନ୍ତି ମଧ୍ୟ ନିଜ ଘଣ୍ଟାକୁ ଅନାଇ ଚମକି ପଡ଼ି କହିଲେ, "ରାତି ଗୋଟାଏ ବେଳେ ଘରକୁ ଫେରିବା ଦେଖିଲେ ପଡ଼ୋଶୀ ଲୋକ ଭାବିବେ, ମୁଁ ଆପଣଙ୍କ ସହ ଡେଟିଙ୍ଗ୍ କରୁଛି ବୋଲି । ଆମ ଫେରିବାବେଳ ଓ ଡେଟିଙ୍ଗ୍ କରୁଥିବା ପୁଅ ଝିଅଙ୍କ ବେଳ ସମାନ ହୋଇଗଲା ଯେ !"

"ଡେଟିଙ୍ଗକୁ ଆପଣଙ୍କର ଭାରି ଭୟ ବୋଧହୁଏ ମିସ୍ ମହାନ୍ତି ?"

"ଭୟ ନାହିଁ । ତେବେ ଡେଟିଙ୍ଗ କରିବା ବୟସ ଗଡ଼ି ଯାଇଥିବାରୁ ଟିକିଏ ସଙ୍କୋଚ ଲାଗେ ।"

"କାହିଁକି, ଆପଣଙ୍କ ବୟସ ତ ଗଡ଼ିଯାଇନି । ଦ୍ୱିତୀୟ ମହାସମର ପୂର୍ବରୁ ମାର୍କିନ ଯୁବତୀମାନେ ଆପଣଙ୍କ ବୟସରେ ଡେଟିଙ୍ଗ କରୁଥିଲେ । ଆଜିକାଲି ସିନା ବାର ତେର ବର୍ଷର ଝିଅମାନେ ଡେଟିଙ୍ଗ କରିବାକୁ ବାହାରୁଛନ୍ତି । ଏଥିରେ ସଙ୍କୋଚ କରିବାର ତ କିଛି ନାହିଁ ।"

Digitized by srujanika@gmail.com

ମିସ୍ ମହାନ୍ତିଙ୍କୁ ତାଙ୍କ ଏପାର୍ଟମେଣ୍ଟରେ ଛାଡ଼ିଦେଇ ଘରକୁ ଫେରିଲି । ମିସ୍ ମହାନ୍ତିଙ୍କୁ କେନ୍ଦ୍ର କରି ମୋ ମନରେ ଅସଂଖ୍ୟ ଅସଂଲଗ୍ନ ଭାବନା ଖେଳି ବୁଲୁଥାଏ ଭଉଁରି ଖାଇଲାଭଳି । ଗତ ଛଅ ମାସ ଧରି ତାଙ୍କ ସଂସ୍ପର୍ଶରେ ଆସି କେବେ ତାଙ୍କର ଏତେ ନିକଟରେ ଆସିନଥିଲି । ତାଙ୍କ ସମ୍ପର୍କରେ ଯେତେ ଭାବିଲେ ହେଁ ଆହୁରି ଭାବିବାକୁ ମନ ହେଉଥାଏ । ମନ ହେଉଥାଏ ଏହି ଭାବନାର ଯେମିତି ସମାପ୍ତି ନ ହେଉ ।

Digitized by srujanika@gmail.com

ବାର

ମିସ୍ ଫ୍ରିଡ୍‌ମେନଙ୍କଠାରୁ ଡାକରା ପାଇ ତାଙ୍କ ଚେମ୍ବରକୁ ଗଲି । ବାଟରେ ଭେଟିଲି ମିସ୍ ମହାନ୍ତିଙ୍କୁ । ସେ ବି ଡାକରା ପାଇ ତାଙ୍କ ନିକଟକୁ ଯାଉଥାନ୍ତି । ଆମେ ଦୁହେଁ ଆଗପଛ ହୋଇ ତାଙ୍କ ରୁମ୍‌କୁ ପଶିଲୁ । ମିସ୍ ଫ୍ରିଡ୍‌ମେନ ଥରେ ମୋ ଆଡ଼କୁ ଥରେ ମିସ୍ ମହାନ୍ତିଙ୍କ ଆଡ଼କୁ ଅନାଇ କହିଲେ, "ଦେଖ ଡକ୍ଟର ପଟ୍ଟନାୟକ, ବର୍ତ୍ତମାନ ଆମ ବିଭାଗରେ ଏକ ସହକାରୀ ସର୍ଜନ ପଦବୀ ସୃଷ୍ଟି ହୋଇଛି । ମୁଁ ଭାବୁଛି, ତୁମେ ଆଉ ମୋର ଗବେଷଣା ସହକାରୀ ନ ହୋଇ ସହକାରୀ ସର୍ଜନ ପଦବୀକୁ ଉନ୍ନୀତ ହୁଅ । ମୁଁ ତୁମ ନାଁ ସୁପାରିଶ କରି ଗଭର୍ଣ୍ଣିଂବଡ଼ି ପାଖକୁ ପଠାଇଦେଇଛି । ଆଶା, ତୁମର ନିଯୁକ୍ତିପତ୍ର ଏବେ ଚାଲିଆସିବ । ତୁମେ ସହକାରୀ ସର୍ଜନ ପଦବୀକୁ ଚାଲିଗଲା ପରେ ତୁମେ ଯେଉଁ ଗବେଷଣା ସହକାରୀ ପଦବୀରେ ଥିଲ, ସେହି ପଦବୀକୁ ମୁଁ ମିସ୍ ମହାନ୍ତିଙ୍କୁ ଦେବା ପାଇଁ ଠିକ୍ କରିଛି । ମିସ୍ ମହାନ୍ତିଙ୍କ କାମ ମୋର ବେଶ୍ ପସନ୍ଦଯୋଗ୍ୟ ହୋଇଛି । ତୁମେ କ'ଣ ଭାବୁଛ ଡକ୍ଟର ପଟ୍ଟନାୟକ, ମୋ ସିଦ୍ଧାନ୍ତ କ'ଣ ଠିକ୍ ହୋଇନି ?"

ମୁଁ କୃତଜ୍ଞତା ନୟନରେ ମିସ୍ ଫ୍ରିଡ୍‌ମେନଙ୍କୁ ଅନାଇରହିଲି । ମନେ ମନେ ଭାବୁଥାଏ, ମିସ୍ ଫ୍ରିଡ୍‌ମେନଙ୍କ ସିଦ୍ଧାନ୍ତ ପୂରାପୂରି ଠିକ୍ । ମିସ୍ ମହାନ୍ତି ତାଙ୍କ ଗବେଷଣା ସହକାରୀ ହେବା ପାଇଁ ପୂରାପୂରି ଉପଯୁକ୍ତା ।

"ହଁ, ଆଉଗୋଟିଏ କଥା ଭୁଲିଗଲି ତୁମମାନଙ୍କୁ କହିବାପାଇଁ । ତୁମ୍ଭେମାନେ ତ ଜାଣିଛ ଆସନ୍ତା ସପ୍ତାହରେ ଆନ୍ତର୍ଜାତିକ ପ୍ରସୂତି ବିଜ୍ଞାନ କଂଗ୍ରେସର ବାର୍ଷିକ ଅଧିବେଶନ ପ୍ୟାରିସ୍‌ଠାରେ ବସୁଛି । ଆମର କେତେଗୁଡ଼ିଏ ଗବେଷଣାତ୍ମକ ପ୍ରବନ୍ଧ ସେଥିରେ ପଠିତ ତଥା ଆଲୋଚିତ ହେବାପାଇଁ ଗୃହୀତ ହୋଇଛି । ମୋର ଇଚ୍ଛା, ତୁମେ ଦୁହେଁ ମୋ ସହିତ ସେହି ଅଧିବେଶନରେ ଯୋଗଦେବାପାଇଁ ଯିବ । ଗଭର୍ଣ୍ଣିଂବଡ଼ି ତୁମ୍ଭମାନଙ୍କୁ ଅନୁମତି ଦେଇଛି । ତୁମ୍ଭେମାନେ ଏଥିପୂର୍ବରୁ କେବେ ପ୍ୟାରିସ ଯାଇଛ ଡକ୍ଟର ପଟ୍ଟନାୟକ, ମିସ୍ ମହାନ୍ତି ?"

ମୁଁ କହିଲି, "ମୁଁ ଭାରତରୁ ଆମେରିକା ଆସିଲାବେଳେ ଲଣ୍ଡନରେ ଦିନଟାଏ ଥିଲି । ପ୍ୟାରିସ ଦେଖିବାର ସୌଭାଗ୍ୟ ମୋର କେବେ ଜୁଟିନି ।"

ମିସ୍ ମହାନ୍ତି କହିଲେ, "ମୁଁ ଭାରତରୁ ଆସିଲାବେଳେ ପ୍ୟାରିସରେ ଓହ୍ଲାଇ ଏୟାର ପୋର୍ଟରେ ପ୍ଲେନ ବଦଳାଇଥିଲି । ତେଣୁ ସେଠାରେ ଘଣ୍ଟାଏ ରହିଥିଲି । ପ୍ୟାରିସ ସହର

Digitized by srujanika@gmail.com

ଭିତରକୁ ଯାଇନି । ଉଡ଼ାଜାହାଜରେ ଉଠିଲାବେଳେ ଉଡ଼ାଜାହାଜରୁ ଥାଇ ପ୍ୟାରିସ ସହରର ଆଇଫେଲ ଟାୱାର ଆଦି ଯାହା କିଛି ଦେଖିଛି ।"

"ତାହେଲେ ତୁମ୍ଭମାନଙ୍କ ପାଇଁ ଏହା ଏକ ଚିତ୍ତବିନୋଦନ ଯାତ୍ରାହେବ । ସେଥିପାଇଁ ତୁମ୍ଭେମାନେ ପ୍ରସ୍ତୁତହୋଇ ରହ ।"

× × ×

ଟ୍ରାନ୍ସ ଓରଲଡ୍ ଏଆର୍ ଲାଇନ୍ସର ବୋଇଙ୍ଗ-୭୦୭ ଜେଟ୍ ବିମାନ ବୋଷ୍ଟନର ଲୋଗନ୍ ଏୟାର ପୋର୍ଟରୁ ଯାତ୍ରୀମାନଙ୍କୁ ଧରି ଯଥାସମୟରେ ପ୍ୟାରିସର ଓର୍ଲି ଆନ୍ତର୍ଜାତିକ ଏୟାର ପୋର୍ଟରେ ପହଞ୍ଚାଇଦେଲା । ମିସ୍ ଫ୍ରିଡ୍ମେନଙ୍କ ସହିତ ମୁଁ ଓ ମିସ୍ ମହାନ୍ତି ଉଡ଼ାଜାହାଜରୁ ଓହ୍ଲାଇଲୁ । ଅଦୂରରେ କନଫରେନ୍ସ ତରଫରୁ ବିଭିନ୍ନ ଦେଶର ପ୍ରତିନିଧି-ମାନଙ୍କୁ ସ୍ୱାଗତ କରିବାପାଇଁ ଅଫିସରମାନେ ଅପେକ୍ଷା କରିଥାନ୍ତି । ମିସ୍ ଫ୍ରିଡ୍ମେନ ମୋତେ ଓ ମିସ୍ ମହାନ୍ତିଙ୍କୁ ସ୍ୱାଗତକାରୀ ଅଫିସରମାନଙ୍କ ସହିତ ପରିଚିତ କରାଇଦେଲେ । ପ୍ୟାରିସର ସୁପ୍ରସିଦ୍ଧ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଆଭିଜାତ୍ୟଭରା ହୋଟେଲ ଡି-ନର୍ଡରେ ଆମ ରହିବାପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥାଏ ।

କନ୍ଫରେନ୍ସର ଶେଷ ଦିନ । ଗତ ପାଞ୍ଚଦିନ ଧରି କନଫରେନ୍ସର ସକାଳ ଓ ମଧ୍ୟାହ୍ନ ଅଧିବେଶନରେ ଯୋଗଦାନ କରି କରି କ୍ଲାନ୍ତ ହୋଇପଡ଼ିଲେଣି ସମସ୍ତେ । ସକାଳ-ଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ଆଲୋଚନା ପରେ ଆଲୋଚନା । ବିଭିନ୍ନ ଦେଶର ପ୍ରତିନିଧିମାନେ କେତେ ପ୍ରକାର ନୂଆ ନୂଆ ଅଭିଜ୍ଞତା ବର୍ଣ୍ଣନା କରୁଥାନ୍ତି । ବର୍ଣ୍ଣନାରୁ ଜଣାପଡ଼ୁଥାଏ ମଣିଷ ପକ୍ଷରେ ସବୁ ପ୍ରକାର ପରିବର୍ତ୍ତନ କରିବା ସମ୍ଭବପର । ପ୍ରକୃତିର ସୃଷ୍ଟିରେ ଜାତ କିଏ କେତେ ପ୍ରକାର ବିଚିତ୍ର ରୋଗୀକୁ ଚିକିତ୍ସା କରି ତା' ନିଜ ଅନୁଭୂତି ବାଢ଼ୁଛି । ପୃଥିବୀରେ ଏତେ ବିଚିତ୍ର ବିଚିତ୍ର ସମସ୍ୟା ନେଇ କେତେ ଶିଶୁ ଜନ୍ମ ନେଉଛନ୍ତି । ସେମାନଙ୍କୁ ଚିକିତ୍ସା କରିବା ପାଇଁ କିଏ କେତେ ପ୍ରକାର ବ୍ୟବସ୍ଥା କରିଚି, ଶୁଣିଲେ ସହଜରେ ବିଶ୍ୱାସ ଆସୁନି । ବିଭିନ୍ନ ପ୍ରକାର ଜାଆଁଳା ଶିଶୁ ନେଇ ବିଚିତ୍ର ଅନୁଭୂତି । ଡେନ୍ମାର୍କରେ ଗୋଟିଏ ଶିଶୁର ଦୁଇମୁଣ୍ଡ, ଗୋଟିଏ ହାତ । ଏଥିପୂର୍ବରୁ ଏହିଭଳି ବହୁ ବିଚିତ୍ର ଶିଶୁ ଜନ୍ମହେବା ମାତ୍ରକେ ଇହଲୀଳା ସମ୍ବରଣ କରୁଥିଲେ । କିନ୍ତୁ ଡେନ୍ମାର୍କର ସେହି ଡାକ୍ତର ଦେଖିଲେ ଯେ ଯଦିଚ ଏହି ଶିଶୁଟି ବିଚିତ୍ରରୂପେ ଜନ୍ମ ନେଇଛି, କିନ୍ତୁ ଏହା ପ୍ରକୃତରେ ଦୁଇଟି ଅଲଗା ଅଲଗା ଶିଶୁ, ଦୁର୍ଭାଗ୍ୟବଶତଃ ଜରାୟୁ ଭିତରେ ଯୋଡ଼ି ହୋଇ ଏକ ହୋଇଯାଇଛି । ସେ ଡାକ୍ତର ଶିଶୁଟି ଜନ୍ମହେବା ମାତ୍ରେ ଅସ୍ତ୍ରୋପଚାର କରି ସେମାନଙ୍କୁ ଅଲଗା କରି ଦେଇଥିଲେ । ଫଳରେ ଯମଜ ସନ୍ତାନ ଦୁଇଟି ବଞ୍ଚି ଯାଇଥିଲେ । ତେବେ ଏହି ଯମଜ ସନ୍ତାନ ଦୁଇଟିର ଗୋଟିଏ ଅସୁବିଧା ଥିଲା । ଦୁଇଟି ଶିଶୁର ଦୁଇଟିଯାକ ଯକୃତ୍ ଗୋଟିଏ ଶିଶୁ ଦେହରେ ରହି-

Digitized by srujanika@gmail.com

ଯାଇଥିଲା । ଅନ୍ୟ ଶିଶୁ ଦେହରେ ଯକୃତ୍ ନ ଥିଲା । ଡାକ୍ତରଜଣକେ ଦୁଇଟିଯାକ ଯକୃତ୍‌କୁ ଅଲଗା କରି ଗୋଟିଏ ନେଇ ଯକୃତ୍ ନ ଥିବା ଶିଶୁ ଦେହରେ ଖଞ୍ଜି ଦେଇଥିଲେ । ଆଉ ଗୋଟିଏ ଘଟଣା ହେଉଛି, ଇଜ୍ରାଏଲର ଏକ ସୁନ୍ଦରୀ ସ୍ୱାସ୍ଥ୍ୟବତୀ ବିବାହିତା ଯୁବତୀ । ଡିମ୍ବକୋଷ ନଥିବାରୁ ଗର୍ଭବତୀ ହୋଇ ପାରୁନଥିଲେ। ସ୍ୱାମୀ ଗ୍ରାଡ଼ପତ୍ର ଦେଇ ଅନ୍ୟ ବିବାହ କରିବାକୁ ପ୍ରସ୍ତୁତ । ଏଭଳି ସ୍ତ୍ରୀକୁ ଡାକ୍ତର ଏକ ସଦ୍ୟମୃତ ସ୍ତ୍ରୀଲୋକଠାରୁ ଡିମ୍ବକୋଷ ଆଣି ଏହି ସ୍ତ୍ରୀଲୋକଠାରେ ପ୍ରତିରୋପଣ କରି ତାକୁ ଗର୍ଭବତୀ ହେବାର ବାଟ ଫିଟାଇ ଦେଇଥିଲେ । ଫଳରେ ସ୍ତ୍ରୀ ଲୋକଟିର ଉଜୁଡ଼ି ଯାଉଥିବା ସଂସାର ରହିଯାଇଥିଲା । ସ୍ୱାମୀ ଗ୍ରାଡ଼ପତ୍ର ନ ଦେଇ ପୁଣି ତାକୁ ଗ୍ରହଣ କରିଛନ୍ତି । ସ୍ତ୍ରୀଟି ଅନ୍ତଃସତ୍ତ୍ୱା ହୋଇପାରିଛି ।

ଦକ୍ଷିଣ ଆଫ୍ରିକାର ଆଉ ଗୋଟିଏ ଘଟଣା । ନବବିବାହିତା ଯୁବତୀଟିର ଡିମ୍ବକୋଷ ଅଛି, ଡିମ୍ବାଶୟ ନାହିଁ । ଡାକ୍ତର ସଦ୍ୟ ମୃତ ସ୍ତ୍ରୀଠାରୁ ଡିମ୍ବାଶୟ ଆଣି ଏହି ସ୍ତ୍ରୀଠାରେ ପ୍ରତିରୋପଣ କରି ତାକୁ ସନ୍ତାନର ମା' ହେବାର ଗୌରବ ଦେଇପାରିଛନ୍ତି ।

ସୋଭିଏଟ୍ ରୁଷିଆର ପ୍ରତିନିଧିମାନେ ସେମାନଙ୍କ ଦେଶରେ କିଭଳି ସୁସ୍ଥ ଡିମ୍ବକୋଷ, ଡିମ୍ବାଶୟ ଆଦିର ବ୍ୟାଙ୍କ କରାହୋଇଛି, ସେଥିରୁ ସେହି ଅଙ୍ଗ ଗୁଡ଼ିକ ନେଇ ଡିମ୍ବକୋଷ ଡିମ୍ବାଶୟ ନଥିବା ସ୍ତ୍ରୀମାନେ ଶରୀରର ଯଥା ସ୍ଥାନରେ ପ୍ରତିରୋପଣ କରି ସନ୍ତାନର ମା' ହୋଇ ପାରୁଛନ୍ତି, ତାହିଁର ବର୍ଣ୍ଣନା ଶୁଣିଲେ ସେ ଦେଶର ବୈଜ୍ଞାନିକମାନଙ୍କୁ ଶତ ଧନ୍ୟବାଦ ନ ଦେଇ ରହିହେବନି । ତାଛଡ଼ା ସେ ଦେଶରେ ଜରାୟୁ ବାହାରେ ଯନ୍ତ୍ର ଭିତରେ ଡିମ୍ବାଣୁ ଶୁକ୍ରାଣୁ ଦ୍ୱାରା ନିଷିକ୍ତ ହୋଇ ଭ୍ରୂଣରେ ପରିଣତ ହୋଇ ସେହି ଜରାୟୁ ବାହାରେ କିପରି ସୁସ୍ଥ ଶିଶୁରେ ପରିଣତ ହୋଇଛି ତାହିଁର ବର୍ଣ୍ଣନା ବେଶ୍ ଆନନ୍ଦଦାୟକ । ସୋଭିଏଟ୍ ରୁଷିଆରେ ସ୍ତ୍ରୀ ମାନଙ୍କର ପ୍ରଜନନ ଶକ୍ତିକୁ ୭୦ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇପାରିଛି । ସ୍ତ୍ରୀମାନଙ୍କ ପ୍ରଜନନ ଶକ୍ତିକୁ ମନ ଇଚ୍ଛା ଘୂଞ୍ଚାଇ ଦେବା ଦ୍ୱାରା ଷାଠିଏ ବର୍ଷର ବୁଢ଼ୀ ୩୦ ବର୍ଷ ବୟସର ଯୁବତୀ ଭଳି ଦିଶୁଛି ।

ସବୁଠାରୁ ମଜା ହୋଇଥିଲା ବ୍ରାଜିଲ ପ୍ରତିନିଧିଙ୍କ ବିବରଣୀ । ତାଙ୍କ ଡାକ୍ତରଖାନାକୁ ଏକ ପୁରୁଷ ରୋଗୀ ଅନ୍ତଃସତ୍ତ୍ୱା ହୋଇ ଆସିଥିଲେ । ସେ ତାଙ୍କ ପ୍ରବନ୍ଧ ପଢ଼ିବାକୁ ଆରମ୍ଭ କରିଛନ୍ତି କି ନାହିଁ ହୋ ହୋ ହସରେ ସାରା ଆଲୋଚନାକକ୍ଷ କମ୍ପି ଉଠିଲା । ସେଦିନ ଆଲୋଚନାରେ ଅଧକ୍ଷତା କରୁଥିଲେ ମିସ୍ ଫ୍ରିଡ଼ମେନ । ସେ ସଦସ୍ୟମାନଙ୍କୁ ଚୁପ୍‌ରହି ମାନ୍ୟବର ସଭ୍ୟଙ୍କର ବିବରଣୀ ଶୁଣିବାକୁ ଅନୁରୋଧ କଲେ । ସେ କହିଲେ, ପୁରୁଷ ଲୋକ ଅନ୍ତଃସତ୍ତ୍ୱା ହେବା ଅତି ଅସ୍ୱାଭାବିକ ହେଲେହେଁ କେଉଁ ପରିସ୍ଥିତିରେ ଏହା ସମ୍ଭବ ହେଲା ଧୀରସ୍ଥିର ହୋଇ ଶୁଣିବା ଉଚିତ୍ ।

ବ୍ରାଜିଲ ପ୍ରତିନିଧି ଆଲୋଚନା ଆରମ୍ଭ କରି କହିଲେ—ସେମାନେ ଯେତେବେଳେ ରୋଗୀଟିକୁ ପରୀକ୍ଷା କରନ୍ତି, ଦେଖନ୍ତି ତା' ତଳପେଟରେ ପିଲାଟାଏ । ଏକ୍ସରେ ପରୀକ୍ଷାରେ ମଧ୍ୟ ପିଲାଥିବା ଜଣାପଡ଼ିଲା ।

Digitized by srujanika@gmail.com

ପୁରୁଷ ଲୋକ ପେଟରେ ପିଲାଟିଏ କେଉଁଠୁ ଆସିଲା, ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ପେଟ ଭିତରେ ପିଲାଟିଏ ଥିବାରୁ ପୁରୁଷ ଲୋକଟି ଅତ୍ୟଧିକ ଯନ୍ତ୍ରଣାରେ ଉତ୍ପୀଡ଼ିତ । ସେହି ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ ଡାକ୍ତରମାନେ ଅପରେସନ କରିବା ଠିକ୍ କଲେ । ଅପରେସନ କରି ଦେଖାଗଲା ରୋଗୀଟିର ତଳ ପେଟରେ ଗୋଟିଏ ଭ୍ରୂଣ ରହିଯାଇଥିଲା । ସେହି ଭ୍ରୂଣଟି ହଠାତ୍ ବଢ଼ିବାରେ ଲାଗିଲା । ଡାକ୍ତରମାନେ ଅପରେସନ କଲାବେଳକୁ ଶିଶୁଟି ଯଥେଷ୍ଟ ବଢ଼ିଯାଇଥିଲା । ଅପରେସନ କରି ଶିଶୁକୁ ବାହାର କରିଦେଲାରୁ ରୋଗୀଟି ଭଲ ହୋଇଗଲା ନଚେତ୍ ରୋଗୀଟି ମୃତ୍ୟୁମୁଖରେ ପଡ଼ିଥାନ୍ତା । ନାନା ପ୍ରକାର ପରୀକ୍ଷାରୁ ଜଣାପଡ଼ିଲା ରୋଗୀଟି ଯେତେବେଳେ ଶିଶୁ ହୋଇ ଜନ୍ମ ହୋଇଥିଲା ସେତିକବେଳେ ତା'ର ପେଟରେ ଗୋଟିଏ ନିଷ୍କ୍ରିୟ ଭ୍ରୂଣ ନିଷ୍କ୍ରିୟାବସ୍ଥାରେ ରହିଯାଇଥିଲା । ଏହି ଶିଶୁଟି ଯେତେବେଳେ ବଡ଼ ହୋଇ ଯୁବକ ଅବସ୍ଥାକୁ ଆସିଲା ହଠାତ୍ କୌଣସି କାରଣବଶତଃ ଏହି ଭ୍ରୂଣଟି ନିଷ୍କ୍ରିୟାବସ୍ଥାରୁ ସକ୍ରିୟାବସ୍ଥାକୁ ଆସି ବଢ଼ିବାକୁ ଆରମ୍ଭକଲା । ପୁରୁଷ ଲୋକଟିର ତ ଜରାୟୁ ନାହିଁ, ଶିଶୁଟି ବଢ଼ିବ କେମିତି ? ଯେଉଁ ସ୍ଥାନରେ ଥିଲା ସେହି ସ୍ଥାନରେ ବଢ଼ିବାରୁ ଯୁବକଟିକୁ ଅତ୍ୟଧିକ ଯନ୍ତ୍ରଣା ହେଲା, ଫଳରେ ଡାକ୍ତରଖାନାକୁ ଆସିଲା ।

ଏହିଭଳି କେତେ ବିଚିତ୍ର ବିଚିତ୍ର ଅନୁଭୂତି ଶୁଣି ଶୁଣି ମୁଁ କ୍ଳାନ୍ତ ହୋଇପଡ଼ିଲି । ମିସ୍ ମହାନ୍ତି ବି ମୋଠାରୁ ଅଧିକ । ମିସ୍ ଫ୍ରିଡମେନ ଟିକିଏ ବି କ୍ଳାନ୍ତହେବା ଦେଖାଯାଉ ନ ଥାନ୍ତି । ଯେଉଁଦିନ କନ୍‌ଫରେନ୍‌ସ୍ ସରିଲା ଆମେ ବନ୍ଧୁମାନଙ୍କଠାରୁ ବିଦାୟ ନେଇ ଆସିଲୁ । ମିସ୍ ଫ୍ରିଡ୍‌ମେନଙ୍କୁ ତାଙ୍କ ଜନୈକ ବନ୍ଧୁ ତାଙ୍କ ଘରକୁ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥିବାରୁ ସେ ତାଙ୍କ ସହିତ ଚାଲିଗଲେ । ମୁଁ ଓ ମିସ ମହାନ୍ତି କନଫରେନ୍‌ସରୁ ବାହାରି ଆମ ହୋଟେଲ ଅଭିମୁଖେ ଚାଲିଲୁ । ମିସ ମହାନ୍ତି କହିଲେ, "ଆମେ ତ କାଲି ପ୍ୟାରିସରୁ ଫେରି ଯିବା, ପ୍ୟାରିସ ସହରଟା ତ ଦେଖାହେଲାନି । ଏମିତ ଏମିତ କ'ଣ ଫେରିଯିବା ?"

"ତା ହେବ କେମିତି ?" ମୁଁ କହିଲି, "ଆଜି ଚାଲ ସନ୍ଧ୍ୟାବେଳେ ପ୍ୟାରିସ୍ ପରିକ୍ରମା ଆରମ୍ଭ କରିଦେବା । ଆଜି ଯାହା ଦେଖିବା ବାକିତକ କାଲି ଦେଖି ସନ୍ଧ୍ୟାରେ ଏଠୁ ବିଦାୟ ହୋଇଯିବା । ପ୍ୟାରିସ୍‌ରେ ଆଇଫେଲ ଟାୱାର, ନେପୋଲିୟନଙ୍କ ସମାଧି ମନ୍ଦିର, ଲୋଭ୍ର ମିଉଜିୟମ, ପେସ୍‌ଚୟର ଇନଷ୍ଟିଚ୍ୟୁଟ୍ ଆଦି କେତୋଟି ଦେଖିବା କଥା ।"

"ପ୍ୟାରିସରେ ଏତିକି ଛଡ଼ା କ'ଣ ଆଉ କିଛି ନାହିଁ, ଡକ୍ଟର ପଟ୍ଟନାୟକ ?"

ପ୍ୟାରିସର ରାସ୍ତାଘାଟ, ପୋଲ, ଗିର୍ଜା ସବୁଥିରେ ଅସଂଖ୍ୟ ଚିତ୍ରକଳା ଓ ସେ ସବୁକୁ ଦେଖି ବସିଲେ ମାସଟିଏ ବି ଅଣ୍ଟିବ ନାହିଁ ମିସ୍ ମହାନ୍ତି । ତାଛଡ଼ା ପ୍ୟାରିସର ସବୁଠାରୁ ଆମୋଦଦାୟକ ଏହାର ରାତ୍ରି ଜୀବନ ।

Digitized by srujanika@gmail.com

"ଆଁ, ରାତି ଜୀବନ ? ତା ମାନେ ?" ମିସ୍ ମହାନ୍ତି ପଚାରିଲେ ।

"ପ୍ୟାରିସର ପ୍ରସିଦ୍ଧ ଲାଟିନ କ୍ୱାର୍ଟ୍ସ ବା ମଲିନ ରାଉଜରେ କନ୍ କନ୍ ନାଚ ଭଳି ଲଙ୍ଗଳା ନାଚ ଦେଖିବାକୁ ଲୋକେ ପାଗଳ ହୋଇ ଦୌଡ଼ି ଆସନ୍ତି ପ୍ୟାରିସ୍ ।"

"ଛିଃ, ଛିଃ, ସେଆଡ଼କୁ ଆମେ ଯିବାନି । ଚାଲନ୍ତୁ ଆଇଫେଲଟାୱାର ଆଜି ଦେଖିଦେଇ ହୋଟେଲକୁ ଫେରିଯିବା । ମିସ୍ ଫ୍ରିଡ଼ମେନ ଯଦି ବନ୍ଧୁଙ୍କ ଘରୁ ଡିନର ଖାଇ ଫେରି ଆସିଥିବେ, ଆମକୁ ହୋଟେଲରେ ଖୋଜୁଥିବେ ।"

× × ×

ଲୋଭ୍ର ଯାଦୁଘର ଦେଖିସାରିବା ପରେ ଚାଲିଆସିଲୁ ସାଇନ ନଦୀକୂଳକୁ । ପ୍ୟାରିସ୍ ନଗରୀକୁ ଦୁଇଭାଗ କରି ନଗରର ଗର୍ଭ ଉପରେ ବହି ଚାଲିଛି ଏହି ନଦୀଟି । ଏହାର ଦୁଇ ପାଖ କୂଳ ଅସଂଖ୍ୟ ପାର୍କ, ଉଦ୍ୟାନ ଓ ଦର୍ଶନୀୟ ସ୍ଥାନରେ ଭରପୂର । ଆମେ ନଈ କୂଳରେ ପହଞ୍ଚିଲୁ ବେଳକୁ ସୂର୍ଯ୍ୟ ପଶ୍ଚିମାକାଶରେ ଅସ୍ତ ଯିବା ଉପରେ । ପ୍ୟାରିସ୍ର ମେଘମୁକ୍ତ ଆକାଶ ସୁନ୍ଦର ନୀଳାଭ ହୋଇ ଉଠିଥାଏ । ନଦୀକୂଳର ଥଣ୍ଡା ପବନ କୂଳଟିକୁ ବେଶ୍ ମନୋରମ କରି ତୋଳିଥାଏ । ମୁଁ ଆଉ ମିସ୍ ମହାନ୍ତି ଯାଇ ନଦୀକୂଳସ୍ଥ ଗୋଟିଏ ମାର୍ବଲ ବେଦୀ ଉପରେ ବସିଲୁ । ମାର୍ବଲ ବେଦୀ ଉପରେ ବସି ସାଇନ ନଦୀ ଓ ତାହା ଉପରେ କାରୁକାର୍ଯ୍ୟଭରା ସେତୁ ଓ ସୌଧରାଜିର ଅସୁମାରି ସୌନ୍ଦର୍ଯ୍ୟ ଉପଭୋଗ କରୁଁ କରୁଁ କହିଲି, "ତୁମେ ହଠାତ୍ ଏତେ ବିବ୍ରତ କାହିଁକି ଦେଖାଯାଉଛ ମିସ୍ ମହାନ୍ତି ? ପ୍ୟାରିସ୍ର ଏହି ଅସୁମାରି ସୌନ୍ଦର୍ଯ୍ୟ କ'ଣ ତୁମ ଭିତରେ ଆନନ୍ଦର ପ୍ରବାହ ସୃଷ୍ଟି କରିପାରୁନାହିଁ ? ଏହି ସୌନ୍ଦର୍ଯ୍ୟରାଜି ଭିତରେ ମଣିଷ ଆତ୍ମହରା ହୋଇ ପଡ଼ିବା କଥା !"

ଲୋଭ୍ର ମିଉଜିୟମ୍‌ରେ ମୋନାଲିସାର ଚିତ୍ରଟିକୁ ଦେଖିଲାବେଳୁଁ ମୋ ମନରେ ଚିନ୍ତାର ସୋତ ଯେମିତି ଇତସ୍ତତଃ ହୋଇ ଖେଳେଇ ହୋଇଯାଉଛି । କି ଅପୂର୍ବ ଚିତ୍ର ସେ ! ଶୁଣିଛି ବହୁ ଚିତ୍ରକର, ଚିତ୍ରପ୍ରେମୀ, ଚିତ୍ରସମାଲୋଚକ ଏହି ଚିତ୍ରଟିକୁ ଦେଖି ନିର୍ବାକ୍ ହୋଇପଡ଼ନ୍ତି । ହାତରେ ଅଙ୍କିତ କୌଣସି ଚିତ୍ର ଏତେ ଜୀବନ୍ତ ହୋଇପାରେ ମୋର ଧାରଣା ନଥିଲା । ମୋନାଲିସାକୁ ଦେଖିଲାବେଳେ ଚିତ୍ରଟି ମତେ ଚିତ୍ର ଭଳି ଦିଶୁନଥିଲା । ଦିଶୁଥିଲା ଜୀବନ୍ତ ମୂର୍ତ୍ତିଟିଏ ଭଳି । ମୁଖମଣ୍ଡଳରେ ସେହି ଜ୍ୟୋତି, ସେହି ଆଭା, ଚକ୍ଷୁର ସେହି ଚାହାଣି ସବୁ କିଛି ଜୀବନ୍ତ ମଣିଷ ଭଳି ।

"ସେଇ ତ କଳାକାର ଲିଓନାର୍ଡ-ଡା-ଭିନସିଙ୍କର ବାହାଦୁରୀ । ସେ ଜଣେ ବୈଜ୍ଞାନିକ ହୋଇ ଚିତ୍ରକର ହେଲେ ଯେଉଁ ନୂତନତ୍ୱ ସୃଷ୍ଟି ହୁଏ, ତାହାର ମୂକସାକ୍ଷୀ ହେଉଛି ଏହି ଚିତ୍ର ମୋନାଲିସା । କି ଅପୂର୍ବ ମୁହୂର୍ତ୍ତରେ ସେ ଏହି ଚିତ୍ରଟିକୁ ଆଙ୍କିଥିଲେ କେଜାଣି, ଏହାର ଚିତ୍ରକଳାକୁ ହରାଇ ଦେଲାଭଳି କୌଣସି ଚିତ୍ର ଏପର୍ଯ୍ୟନ୍ତ ସୃଷ୍ଟି ହୋଇପାରିଲା ନାହିଁ ସାରା ପୃଥିବୀରେ । ଆଜିପର୍ଯ୍ୟନ୍ତ ମୋନାଲିସା ଚିତ୍ର ଜଗତର ରାଣୀହୋଇ ରହିଛି । ଶତଚିତ୍ରକରଙ୍କ

Digitized by srujanika@gmail.com

ସହସ୍ର ଚେଷ୍ଟା ସତ୍ତ୍ୱେ ଏହାର ପରାକାଷ୍ଠା ଏ ପର୍ଯ୍ୟନ୍ତ ଅପ୍ରତିହତ । ଚିତ୍ରଟିର ମୂଲ୍ୟାଙ୍କନ ଏ ପର୍ଯ୍ୟନ୍ତ କେହି କରିପାରି ନାହାନ୍ତି । ଲୋଭ୍ର ମ୍ୟୁଜିୟମ୍‌ରୁ କିଛି ବର୍ଷ ତଳେ ମୋନାଲିସା ଯେତେବେଳେ ଆମେରିକା ଭ୍ରମଣରେ ଯାଇଥିଲା, ତାହାର ସେଇ ଆଡ଼ମ୍ବରପୂର୍ଣ୍ଣ ଯାତ୍ରା କୌଣସି ଜୀବିତ ଲୋକଙ୍କ ପକ୍ଷେ ମିଳିଛି କି ନାହିଁ ସନ୍ଦେହ ।"

"ମୁଁ ସେତିକବେଳୁ ସେଇ ଚିତ୍ରଟି କଥାହିଁ ଭାବୁଛି ଡକ୍ଟର ପଟ୍ଟନାୟକ । ପ୍ୟାରିସ୍‌କୁ ଆସି ଯଦି ମୋ ଜୀବନ ଧନ୍ୟ ହୋଇଛି, ତେବେ ତାହା ଏହି ମୋନାଲିସା ଯୋଗୁଁ ।"

"ତେବେ ଏତେ ବଡ଼ କନ୍‌ଫରେନ୍‌ସ୍‌ଟା ତୁମର କିଛି ଉପକାରରେ ଆସିପାରିଲାନି ନମିତା ?"

ହଠାତ୍ ନମିତା ନାମ ମୋ ପାଟିରୁ ଅଜାଣତରେ ବାହାରିପଡ଼ିବା ଦେଖି ବଡ଼ ଅପ୍ରସ୍ତୁତ ହୋଇ ପଡ଼ିଲି । କିଛି ଗୋଟାଏ ପାପ କଲି କି କଅଣ ଭାବି ଅସ୍ୱସ୍ତି ଅନୁଭବ କଲି ।

"ନିଜ ନାଁ ମୋ ପାଟିରେ ଉଚ୍ଚାରିତ ହେବା ଶୁଣି ଚମକି ପଡ଼ିଲେ ମିସ୍ ମହାନ୍ତି ।"

"ନିଶ୍ଚୟ, ନିଶ୍ଚୟ । କନ୍‌ଫରେନ୍‌ସ୍‌ଟା ମୋର ବହୁତ ଉପକାରରେ ଆସିଛି । ପ୍ରସୂତି ବିଜ୍ଞାନ ଗବେଷଣା ସହିତ ପରିଚିତ ହେବାର ଯଦି ସୌଭାଗ୍ୟ ଅର୍ଜନ କରିଛି, ତେବେ ତାହା ଏହି ପ୍ୟାରିସରୁ । ମୋ ମନ ଉପରେ ମୋନାଲିସାର ପ୍ରଭାବ ପଡ଼ିଛି ସତ; କିନ୍ତୁ ମୋ ଜୀବନର ଗତିପଥକୁ ବଦଳାଇ ଦେଇଛି ଏହି ପ୍ୟାରିସ୍ କନ୍‌ଫରେନ୍‌ସ୍ । ଜୀବନରେ ଗବେଷଣାକୁ ହିଁ ମୁଁ ଜୀବନର ବ୍ରତ ବୋଲି ଧରିନେଇଛି ଏଇଠାରୁ ।"

"କିନ୍ତୁ ବଡ଼ ବିଚିତ୍ର ତୁମର ସିଦ୍ଧାନ୍ତ ନମିତା ! ଆଜକୁ ତିନିବର୍ଷ ତଳେ ମିସ୍ ଫ୍ରିଡ୍‌ମେନଙ୍କ ସହିତ ଲଣ୍ଡନରେ ଅନୁଷ୍ଠିତ ହେଉଥିବା ଆନ୍ତର୍ଜାତିକ ପ୍ରସୂତି ବିଜ୍ଞାନ କଂଗ୍ରେସରେ ଯୋଗଦେଇ ଠିକ୍ ସେହି ସିଦ୍ଧାନ୍ତ ମୁଁ ନେଇଥିଲି । ଏଥିରୁ ଜଣାପଡ଼ୁଛି ତୁମ ମନର ଗତି ସହିତ ମୋ ମନର ଗତିର ଭଲ ମେଳ ରହିଛି । ନଚେତ୍ ଆମେ ପରସ୍ପରର ଅଜାଣାରେ ଏକାଭଳି ସିଦ୍ଧାନ୍ତ ଗ୍ରହଣ କରିଥାନ୍ତେ କିପରି ?"

"ଆଁ, ଆପଣ ବି ମୋ ଭଳି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି ନା କଅଣ ? ବାସ୍ତବିକ ଗବେଷଣାକୁ ଯେ ଥରେ ଭଲପାଇଛି, ଗବେଷଣା ଭିତରେ ଯେ ଥରେ ନିଜକୁ ହଜାଇ ଦେଇଛି, ତା'ଠାରେ ପାର୍ଥିବ ସୁଖଶାନ୍ତି, ଶୋକ ଦୁଃଖ କିଛି ନୁହେଁ ଡକ୍ଟର ପଟ୍ଟନାୟକ !"

"ମୁଁ ଯେତେବେଳେ ତୁମକୁ ନମିତା ବୋଲି ସମ୍ବୋଧନ କରିସାରିଲିଣି ତୁମେ ଆଉ ମୋତେ ଡକ୍ଟର ପଟ୍ଟନାୟକ କହି ଲଜ୍ଜା ଦେଉଛ କାହିଁକି ? ତିନୋଟି ଅକ୍ଷରରେ ଡାକିଲେ ତ ଚଳନ୍ତା, ଅଯଥା ଆଠଗୋଟି ଅକ୍ଷରରେ ଡାକି କଷ୍ଟ ପାଇବା ଆବଶ୍ୟକ କଅଣ ?"

"କିନ୍ତୁ ମୋ ପାଟିରେ ତ ସେ ତିନୋଟି ଅକ୍ଷର ପଶିବନି ଡକ୍ଟର ପଟ୍ଟନାୟକ !"

Digitized by srujanika@gmail.com

"କାହିଁକି ? ମୁଁ ତୁମ ନାଁ ଧରି ଡାକି ତୁମର ଯେତେ ନିକଟ ହେବାକୁ ଚେଷ୍ଟା କରୁଛି, ତୁମେ ତା' ପ୍ରତିବଦଳରେ ମୋର ଆଠଗୋଟି ଅକ୍ଷରର ନାଁ ଡାକି ମୋଠାରୁ ଦୂରେଇ ଯିବାକୁ ଚେଷ୍ଟା କରୁଛ କାହିଁକି ? ମୁଁ ତୁମକୁ ନିଜର କଲାବେଳକୁ ତୁମେ ପର ହେବାକୁ ଚେଷ୍ଟା କରୁଛ କାହିଁକି ନମିତା ?"

"ଆପଣ ହଠାତ୍ ମୋତେ ଏପରି ଭାବରେ ଭୁଲ୍ ବୁଝିବେ ବୋଲି ମୁଁ ଜାଣି ନଥିଲି ଡକ୍ଟର ପଟ୍ଟନାୟକ ! ମୋ ରାଣ, ଆପଣ ମୋତେ ଏଭଳି ଭାବରେ ଭୁଲ୍ ବୁଝନ୍ତୁନି । ଆପଣ ଏଭଳି ଭୁଲ୍ ବୁଝିବାକୁ ଚେଷ୍ଟାକଲେ ମୁଁ ନିଃସହାୟ ହୋଇପଡ଼ିବି ଡକ୍ଟର ପଟ୍ଟନାୟକ ! ଆପଣଙ୍କୁ ମୁଁ ମୋର ଏକମାତ୍ର ସାହାଭରସା ବୋଲି ଧରି ନେଇଥିଲାବେଳେ ଆପଣ ମୋତେ ଭୁଲ୍ ବୁଝିଲେ ମୁଁ ବଞ୍ଚିପାରିବିନି ଡକ୍ଟର ପଟ୍ଟନାୟକ !"

× × ×

"ସାଇନ୍ ନଦୀରେ ସାନ୍ଧ୍ୟ ବିହାର କେତେ ଆରାମପ୍ରଦ ଦେଖୁଛ ନମିତା ?" କହୁଁ କହୁଁ ବାମ ହାତଟି ମୋର ଅଜଣାରେ ଧୀରେ ଧୀରେ ଚାଲି ଆସିଲା ମିସ୍ ମହାନ୍ତିଙ୍କ କାନ୍ଧ ଉପରକୁ । ସେତେବେଳକୁ ସାଇନ୍ ନଦୀର ସେହି ଅଞ୍ଚଳରେ କଟିମିଟିଆ ଅନ୍ଧାର ଧୀରେ ଧୀରେ ଜମାଟ ବାନ୍ଧିବାକୁ ଆରମ୍ଭ କରୁଥାଏ । ପ୍ୟାରିସ୍‌ର ମୁକ୍ତ ଆକାଶରେ ଗୋଟି ଗୋଟିକିଆ ତାରା ଉଙ୍କିମାରିବାକୁ ଆରମ୍ଭ କଲେଣି । ଅଦୂରରେ ରାସ୍ତା ଖୁମ୍ବର ପାରଦ ଲେମ୍ପର ଉଜ୍ଜ୍ୱଳ ଆଲୋକ ସାଇନ୍ ନଦୀର ଜଳରେ ପଡ଼ି ଝିଲମିଲ କରୁଥାଏ । "ଏଭଳି ସାନ୍ଧ୍ୟ ବେଳରେ ଜମାଟ ବାନ୍ଧିଥିବା ଅନ୍ଧକାରର ଅସ୍ପଷ୍ଟ ଛାୟାରେ ଷ୍ଟିଅରିଂ ଛାଡ଼ିଦେବାକୁ ଇଚ୍ଛାହୁଏ ନମିତା ! ମନହୁଏ ଷ୍ଟିଅରିଂ ଛାଡ଼ିଦେଇ ସ୍ରୋତର ଗତି ସହିତ ଆଗେଇଯାଇ ନଦୀ ବକ୍ଷରେ ମୁଁ ନିଜକୁ ହଜାଇ ଦିଅନ୍ତି କି ? ଏ ମୁକ୍ତ ଆକାଶ, ମନୋରମ ସନ୍ଧ୍ୟା, ସାଂଧ୍ୟ ମୃଦୁ ସମୀରଣ, ସାଇନ ନଦୀର ମୃଦୁମନ୍ଦର କଳକଳ ନାଦ ଭିତରେ ଆତ୍ମବିସ୍ମୃତ ହେବା ଅସ୍ୱାଭାବିକ ନୁହେଁ ନମିତା !"

ଏତିକି କହି ମିସ୍ ମହାନ୍ତିଙ୍କ କାନ୍ଧରେ ଈଷତ୍ ଚାପ ପ୍ରଦାନ କଲି । ସ୍ପର୍ଶ, ଚାପ ଓ ନିର୍ଜନ ପରିବେଶ ମିସ୍ ମହାନ୍ତିଙ୍କୁ ଦୁର୍ବଳ କରିପକାଉଥିଲା । ଯିତେ ଯେମିତି ଏକ ବିରାଟ ଦୁର୍ବଳ ନଦୀବନ୍ଧକୁ ବାରମ୍ବାର ଆଘାତ କରି ବନ୍ୟା ସ୍ରୋତ ବନ୍ଧକୁ ଭାଙ୍ଗିବା ଉପରେ । ମିସ୍ ମହାନ୍ତି ନିଜକୁ ଖୁବ୍ ଦୃଢ଼ରଖିବାକୁ ଚେଷ୍ଟା କରୁଥିଲେ ହେଁ ପରିବେଶ ତାଙ୍କୁ ସେତିକି କରାଇଦେଇ ପାରିଲାନି । ସେ ଦୁର୍ବଳା ଲତାପରି ମୋର ବିସ୍ତୃତ ବକ୍ଷ ଉପରେ ଢଳିପଡ଼ିଲେ । ମୁଁ ଷ୍ଟିଅରିଂ ଛାଡ଼ିଦେଇ ମିସ୍ ମହାନ୍ତିଙ୍କୁ ନିଜ ବକ୍ଷ ସହିତ ଚାପିଧରିଲି । ଧୀରେ ଧୀରେ ଆମ ଦୁଇଜଣଙ୍କ ମୁଖ ପରସ୍ପର ଆଡ଼କୁ ନଇଁ ଆସିଲା କ୍ଷଣକ ପାଇଁ । ଦୁଇ ମୁଖର ହେଲା ଅପୂର୍ବ ମିଳନ । ମିସ୍ ମହାନ୍ତି ନିଜକୁ ମୋ ବକ୍ଷ ଭିତରେ ହଜାଇ ଦେଇ ଆଖି ବୁଜି ଦେଇଥାନ୍ତି ।

Digitized by srujanika@gmail.com

ଯତେ ଯେମିତ ଦୁଇଟି ଅତୃପ୍ତ ଆତ୍ମାର ମିଳନକୁ ସେ ମୁଦ୍ରିତ ଚକ୍ଷୁଦ୍ୱୟର ଘନ ଅନ୍ଧକାର ଭିତରେ ଦେଖି ଉତ୍ଫୁଲ୍ଲ ହେଉଥିଲେ । ମୁଁ ମଧ୍ୟ ପୂରାପୂରି ଆତ୍ମବିସ୍ମୃତ ହୋଇ ପଡ଼ୁଥାଏ । ଆମେ ଯେ ସାଇନ୍ ନଦୀ ବକ୍ଷରେ ନୌକା ବିହାରରେ ବ୍ୟସ୍ତ, ଆମେମାନେ ସେ କଥା ପୂରାପୂରି ଭୁଲି ଯାଇଥାଉଁ ।

ହଠାତ୍ ମିସ୍ ମହାନ୍ତିଙ୍କ କପୋଳରେ ଆଉ ଏକ ଚୁମ୍ବନର ଚିହ୍ନ ଆଙ୍କି ଦେଇ ଡାକିଲି, "ନମିତା, ନମିତା !"

"ଏ ବଡ଼ ସୁଖକର ମୁହୂର୍ତ୍ତ ନମିତା । ଏଭଳି ମୁହୂର୍ତ୍ତ ତ ଜୀବନରେ ବେଶିଥର ଆସେନି ନମିତା !"

"କାହିଁକି ? ଜୀବନରେ ଏହାଠାରୁ ଆହୁରି ଅଧିକ ମଧୁମୟ ମୁହୂର୍ତ୍ତ ଅଛି ।"

ନମିତାର ଏଇ କଥା କେଇପଦରେ ମୋ ବାହୁର ବନ୍ଧନ ଆହୁରି ନିବିଡ଼ ହୋଇଆସିଲା । ଅନୁଭବ କଲି ନମିତାଙ୍କର ଉନ୍ନତ ବକ୍ଷ ମୋର ସୁବିସ୍ତୃତ ବକ୍ଷ ଭିତରେ ଯତେ ଯେମିତ ଲୀନ ହୋଇଯାଉଛି । ନମିତା ଧୀରେ ଧୀରେ ଆଖି ଖୋଲିଲେ । ଗୃହ୍ମଁ ଗୃହ୍ମଁ ପୁଣି ଦୁଇ ଓଠର ହେଲା ମିଳନ ।

Digitized by srujanika@gmail.com

ତେର

ମିସ୍ ଫ୍ରିଡ୍‌ମେନ୍ ବୋଷ୍ଟନକୁ ଫେରିବା ପରେ ମୋର ଓ ମିସ୍ ମହାନ୍ତିଙ୍କ ଗତି ବିଧିରେ କିଛି ପାର୍ଥକ୍ୟ ହେଲାଭଳି ଜାଣିପାରିଲେ । ଆମେ ପରସ୍ପରର ଅଧିକ ନିକଟତର ହେଉଥିବାରୁ, ସେ ଆନନ୍ଦିତ ହେଲେ । ମିସ୍ ଫ୍ରିଡ୍‌ମେନ୍ ଯେତେବେଳେ ମିସ୍ ମହାନ୍ତିଙ୍କୁ ବାଛିଲେ, ତାଙ୍କର ଇଚ୍ଛା ଥିଲା, ମିସ୍ ମହାନ୍ତି ଯେମିତି ମୋ ଜୀବନର ଗତିପଥରେ ଏକ ସାହାଯ୍ୟକାରିଣୀ ଭାବରେ ଆସନ୍ତୁ । ସେଥିପାଇଁ ସେ ଆମ ଦୁହିଁଙ୍କୁ ପରସ୍ପରର ଖୁବ୍ ନିକଟବର୍ତ୍ତୀ ହେବାପାଇଁ ସୁବିଧା ଦେଉଥିଲେ । ଆମ ଦୁହିଁଙ୍କୁ ଏକ ସଙ୍ଗରେ ପ୍ୟାରିସ୍ ନେବାର ଉଦ୍ଦେଶ୍ୟ ଥିଲା ସେଇଆ । ତେବେ ପ୍ୟାରିସ ରହଣିବେଳେ ଆମେ ଯେ ଖୁବ୍ ନିକଟତର ହୋଇଛୁଁ ତାହା ସେ ପ୍ୟାରିସରୁ ଫେରି ଅନୁଭବ କଲେ । ମିସ୍ ଫ୍ରିଡ୍‌ମେନ୍ ଯୌବନକୁ ପଛରେ ପକାଇ ଦେଇ ଢେର୍ ଦୂରକୁ ଚାଲିଯାଇଥିଲେ ହେଁ ଯୁବକ ଯୁବତୀଙ୍କ ହୃଦୟ କଣ ଚାହେଁ, ସେ ତାହା ଜାଣନ୍ତି । ରୋଗୀମାନଙ୍କର ସେବା ଜୀବନର ବ୍ରତ ବୋଲି ଧରିନେଇଥିବାରୁ ଜୀବନରେ ସେ କାହାକୁ ଅତି ନିଜର କରିନେଇ ପାରିନଥିଲେ । ସେ ଜଣେ ନାରୀ ଥିବାରୁ କାହାକୁ ଭଲ ପାଇବାଟା ନାରୀର ଯେ ଏକ ସହଜାତ ପ୍ରବୃତ୍ତି ସେ ତାହା ଉପଲବ୍ଧି କରୁଥିଲେ । ନିଜେ ଏକ ସ୍ୱାଭାବିକ ସ୍ଥିତିଠାରୁ ଦୂରେଇ ଯାଇଥିଲେ ହେଁ ସେ ଚାହୁଁଥିଲେ ଯୁବକ ଯୁବତୀମାନେ ସ୍ୱାଭାବିକ ସ୍ଥିତିରେ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତୁ । ମୁଁ ଆଉ ମିସ୍ ମହାନ୍ତି ଗୋଟିଏ ସ୍ଥାନରୁ ଆସି ଗୋଟିଏ ସ୍ଥାନରେ କାମ କରୁଥିଲେହେଁ ଏତେ ଦିନ ଧରି ପରସ୍ପର ଆଡ଼କୁ କେମିତି ଆକୃଷ୍ଟ ହୋଇନୁ, ସେ ବହୁଦିନ ଧରି ଏହାକୁ ଲକ୍ଷ୍ୟକରି ବଡ଼ ଚିନ୍ତିତ ହୋଇପଡ଼ୁଥିଲେ । ସେ ବେଳେବେଳେ ଭାବି ପକାଉଥିଲେ, ଉଭୟଙ୍କ ଭିତରେ କୌଣସି ପ୍ରକାର ଯୌନବିକାର ନାହିଁତ ? କାରଣ ମନ ତାଙ୍କର ବଡ଼ ସନ୍ଦେହୀ । ଯେଉଁଟା ସ୍ୱାଭାବିକ କଥା, ସେଇଟା ଯଦି ସ୍ୱାଭାବିକ ସ୍ଥିତିରେ ନହୁଏ, ସେ ବଡ଼ ସନ୍ଦେହୀ ହୋଇପଡ଼ନ୍ତି । ବଡ଼ ବିଚିତ୍ର, ମିସ୍ ଫ୍ରିଡ୍‌ମେନ୍‌ଙ୍କ ଏହି ସନ୍ଦେହୀ ମନ ବେଳେବେଳେ ଯୌନ ବିକାରଗତ ବହୁ ରୋଗ ଚିହ୍ନିବାରେ ତାଙ୍କୁ ସାହାଯ୍ୟ କରେ । ତାଙ୍କ ପାଖକୁ ଯୌନ ବିକାରଗ୍ରସ୍ତ ରୋଗୀ ଯେତେବେଳେ ଆସନ୍ତି, ସେ ସେମାନଙ୍କୁ ପରୀକ୍ଷା କରିବା ପୂର୍ବରୁ କେତେଗୋଟି ପ୍ରଶ୍ନ ପଚାରି ରୋଗୀର ରୋଗ ଧରିପାରନ୍ତି । ପରେ ନାନାଦି ପରୀକ୍ଷା କରି ରୋଗ ବିଷୟରେ ନିଶ୍ଚିତ ହୁଅନ୍ତି । ମିସ୍ ଫ୍ରିଡ୍‌ମେନ୍‌ଙ୍କ ବିଶ୍ଳେଷଣାତ୍ମକ ମନ ମିସ୍ ମହାନ୍ତିଙ୍କଠାରେ ସ୍ୱାଭାବିକ ନାରୀ ପ୍ରକୃତିର ଅଭାବ ଥିବା କଥା ବେଳେବେଳେ ସନ୍ଦେହ କରି ପକାଉଥିଲା, କିନ୍ତୁ ପ୍ୟାରିସରୁ ଫେରିବା ପରେ ତାଙ୍କର ସେ ଧାରଣା ପୂରାପୂରି ଦୂର ହୋଇଯାଇଛି । ସେ ଏଥର ନିଶ୍ଚିତ ହୋଇଯାଇଛନ୍ତି ଯେ ଉଭୟ ଉଭୟଙ୍କୁ ଭଲ

Digitized by srujanika@gmail.com

ପାଇବାକୁ ଆରମ୍ଭ କରିଛନ୍ତି । ତେଣୁ ସେମାନଙ୍କ ଭିତରେ ସଂପର୍କ ଆହୁରି ନିବିଡ଼ ହେବା ବେଶି ଡେରି ହେବନି ।

ଦିନେ ସେ ମୋତେ ଓ ମିସ୍ ମହାନ୍ତିଙ୍କୁ ଡାକି କହିଲେ, "ଦେଖ ଡକ୍ଟର ପଟ୍ଟନାୟକ, ମାର୍କିନ୍ ପ୍ରସୂତି ବିଜ୍ଞାନ ସୋସାଇଟିର ଆଟଲାଣ୍ଟିକ୍ ସିଟିରେ ହେଉଥିବା ବାର୍ଷିକ ଅଧିବେଶନକୁ ମୁଁ ଏବର୍ଷ ଯାଇପାରୁନି । ତୁମେ ଓ ମିସ୍ ମହାନ୍ତି ଯାଇ ଅଧିବେଶନରେ ଯୋଗଦେଇ ଫେରିଆସ । ମୁଁ ସେଠାକାର କର୍ମକର୍ତ୍ତାମାନଙ୍କୁ ଜଣାଇଦେଇଛି ଯେ ମୁଁ ଯାଇପାରୁନି, ମୋ ଜାଗାରେ ତୁମେ ଓ ମିସ୍ ମହାନ୍ତି ଯାଉଛ । ତୁମ୍ଭମାନଙ୍କ ରହିବା ପାଇଁ ଆଟଲାଣ୍ଟିକ ସିଟିରେ ଏଷ୍ଟୋରିଆ ହୋଟେଲରେ ବନ୍ଦୋବସ୍ତ କରାଯାଇଛି । ବାର୍ଷିକ ଅଧିବେଶନର ପୁରା ରିପୋର୍ଟ ମୋତେ ଫେରି ଆସି ଦେବ । ଆଉ ଦେଖିବ ଆମ ପେପର ଗୁଡ଼ିକ ଯେମିତି ଠିକ୍ ଭାବରେ ସେଠି ଆଲୋଚିତ ହୁଏ ।

"ହଁ, ସିମ୍ପୋଜିୟମ୍‌ରେ ଯେଉଁ ବକ୍ତୃତା ଦେବ, ତହିଁର ସ୍ଲାଇଡ୍ ଗୁଡ଼ିକ ପ୍ରସ୍ତୁତ ହୋଇଯାଇଛି ତ ଡକ୍ଟର ପଟ୍ଟନାୟକ ?"

× × ×

ଆଟଲାଣ୍ଟିକ ସିଟିରେ ପହଞ୍ଚିଲା ବେଳକୁ ସକାଳ ଆଠଟା । ଆଉ ଘଣ୍ଟାଏ ପରେ କନଫରେନ୍ସ ଆରମ୍ଭ । ଯେଉଁ ଏଷ୍ଟୋରିଆ ହୋଟେଲରେ ଆମପାଇଁ ସିଟ୍ ରିଜରଭେସନ ହୋଇଥିଲା, ସେଠି ଦୁଇଟି ଅଲଗା ଅଲଗା ଜଣକିଆ କୋଠରି ପରିବର୍ତ୍ତରେ ଗୋଟିଏ ଦୁଇ-ଜଣିଆ କୋଠରି ରିଜର୍ଭ ହୋଇଯାଇଛି । ଶେଷ ମୁହୂର୍ତ୍ତରେ କାଲିଫର୍ଣ୍ଣିଆରୁ ଦୁଇଜଣ ବିଶିଷ୍ଟ ଅଧ୍ୟାପକ ଆସିଯିବାରୁ ହୋଟେଲ କର୍ତ୍ତୃପକ୍ଷ ଅନନ୍ୟୋପାୟ ହୋଇ ଏହି ପରିବର୍ତ୍ତନ କରିବାକୁ ବାଧ ହେଲେ । ହୋଟେଲର ଅଭ୍ୟର୍ଥନାକାରିଣୀଙ୍କଠାରୁ ଏହି ବ୍ୟବସ୍ଥା ଶୁଣି ମୁଁ ହତବାକ୍ ହୋଇ ପଡ଼ିଲି । ମୁଁ ଆଟଲାଣ୍ଟିକ୍ ସିଟିର ଛୋଟବଡ଼ ସବୁ ହୋଟେଲକୁ ଫୋନକରି ନାସ୍ତିବାଣୀ ଛଡ଼ା ଆସ୍ତିବାଣୀ କେଉଁଠାରୁ ଶୁଣିବାକୁ ପାଇଲିନି । ଏଣେ କନଫରେନ୍ସ ବେଳ ହୋଇଯାଉଥାଏ । ହୋଟେଲର ଏ ଅସୁବିଧା କଥା ମିସ୍ ମହାନ୍ତିଙ୍କୁ ଜଣାଇ ପାରୁଛି ବା କେମିତି ? ସେ ଶୁଣିଲେ କ'ଣ ଭାବିବେ ସତେ ? କେଡ଼େ ଅବ୍ୟବସ୍ଥା ନହୋଇଗଲା ଏଠି ?

ଅଗତ୍ୟା ବାଧହୋଇ ସବୁକଥା ମିସ୍ ମହାନ୍ତିଙ୍କୁ ଜଣାଇଦେଲି । ଏଣେ ମିଟିଂବେଳ ହୋଇଯାଉଛି । କ'ଣ ବା କରିହେବ ବର୍ତ୍ତମାନ ? ସେହି କୋଠରିରେ ଜିନିଷପତ୍ର ଥୋଇ ଆମେ କନ୍‌ଫରେନ୍ସ ପାଇଁ ବାହାରିପଡ଼ିଲୁଁ । ସେଠାରୁ ଫେରିଲେ ଦେଖାଯିବ । ଅଭ୍ୟର୍ଥନା-କାରିଣୀକୁ କହିଗଲୁଁ ସନ୍ଧ୍ୟା ସୁଦ୍ଧା ଆଉ କେଉଁ ହୋଟେଲରେ ଯଦି ଗୋଟିଏ ସିଟ୍ ମିଳିଯାଏ, ତେବେ ଆମ ପାଇଁ ରିଜର୍ଭେସନ କରି ରଖିନେବେ ।

× × ×

Digitized by srujanika@gmail.com

କନ୍‌ଫେରେନ୍‌ସରୁ ଫେରି ରେଷ୍ଟୁରାଣ୍ଟରେ ରାତ୍ରି ଭୋଜନ ସାରି ମୁଁ ଆଉ ମିସ୍ ମହାନ୍ତି ନିଜ କୋଠରିକୁ ଆସିଲାବେଳକୁ ସନ୍ଧ୍ୟା ନଅଟା । ସନ୍ଧ୍ୟାକାଳୀନ ସ୍ନାନ ଶେଷକରି ମୁଁ ଟେଲିଭିଜନ ଖୋଲିଦେଇ ବସିଗଲି । ଝରକା ଦେଇ ଦେଖୁଥାଏଁ, ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣରେ ଆଟ୍‌ଲାଣ୍ଟିକ ମହାସାଗରର ବିସ୍ତୀର୍ଣ୍ଣ ନୀଳ ଜଳରାଶି କିପରି ଆହୁରି ଅଧିକ ନୀଳ ହୋଇ ଉଠିଛି । ମିସ୍ ମହାନ୍ତି ତାଙ୍କ ଗାଧୁଆ ଶେଷ କରିଆସି ଟେଲିଭିଜନ ପାଖରେ ବସିଲେ । ମିସ୍ ମହାନ୍ତିଙ୍କୁ କ୍ଳାନ୍ତ ହୋଇପଡ଼ିଥିବାର ଦେଖି କହିଲି, "ତୁମେ ଏଠାରେ ଶୁଅ ନମିତା ! ମୁଁ ଯାଉଛି ଲିଭିଙ୍ଗରେ ଶୋଇପଡ଼ିବି ।" ଏତିକି କହି ଖଟରୁ କମ୍ବଳଟିଏ ଧରି ବାହାରିପଡ଼ିଲି ।

ଆପଣ କ'ଣ ନିଜକୁ ଏତେ ଦୁର୍ବଳ ଅନୁଭବ କରୁଛନ୍ତି ଡକ୍ଟର ପଟ୍ଟନାୟକ ? ଆମେ ଦୁହେଁ ଗୋଟିଏ ଘରେ ଅଲଗା ଅଲଗା ଖଟରେ ଶୋଇପଡ଼ିଲେ କଣ ମହାଭାରତ ଅଶୁଦ୍ଧ ହୋଇଯିବ ? ଆମେ ତ ଆଉ ନୂଆ ଟୋକା ଟୋକୀ ହୋଇନାହୁଁ ଯେ ସାମାନ୍ୟ ଟିକିଏ ସୁବିଧା ପାଇଲେ ଭୁଲ କରି ବସିବା । ଯେତେବେଳ ପର୍ଯ୍ୟନ୍ତ ଆମେ ସାମାଜିକ ଅନୁମତି ପାଇନାହୁଁ, ଆମ ପକ୍ଷରେ ସେଭଳି ଭୁଲ କରିବା ସମ୍ଭବପର ନୁହେଁ । ଆପଣ ଲାଉଞ୍ଜକୁ ନ ଯାଇ ଆପଣଙ୍କ ଖଟରେ ଶୁଅନ୍ତୁ । ଲିଭିଙ୍ଗରେ ଶୋଇଲେ ଏ ଦେଶର ଲୋକେ ଆମକୁ କ'ଣ ଭାବିବେ କୁହନ୍ତୁ ତ ? ଲିଭିଙ୍ଗରେ ଶୋଇବା ପରା ଏ ଦେଶର ଶିଷ୍ଟାଚାର ବିରୁଦ୍ଧ ।

"କିନ୍ତୁ... ?"

"କିନ୍ତୁ ଫିନ୍ତୁ ଆଉ କ'ଣ... ?"

× × ×

ନମିତା ବାପା ଓ ମୋ ବାପାଙ୍କଠାକୁ ଚିଠି ଲେଖି ମିସ୍ ଫ୍ରିଡମେନ୍ ଆମ ଦୁଇଜଣଙ୍କ ବିବାହ ହେବା କଥା ସ୍ଥିର କରି ପକାଇଲେ । ଆମେରିକାରେ ଥିବାରୁ ପ୍ରଥମେ ସେମାନଙ୍କ ନିୟମ ମାନି ରେଜିଷ୍ଟ୍ରେସନ ବିବାହର ଓ ସେହି ସନ୍ଧ୍ୟା ବେଳକୁ ବୈଦିକ ରୀତିରେ ହିନ୍ଦୁ ବିବାହର । ହାରଭାର୍ଡ଼ ବିଶ୍ୱବିଦ୍ୟାଳୟର ଜଣେ ଦକ୍ଷିଣ ଭାରତୀୟ ବ୍ରାହ୍ମଣ ଗବେଷକ ପୁରୋହିତ ଭାବରେ ଆମ ବିବାହର ବୈଦିକ ରୀତିରେ କରାଇବାକୁ ରାଜିହେଲେ । ସେ ଏଥି-ପୂର୍ବରୁ ସେହି ଅଞ୍ଚଳରେ ଗୋଟିଏ ଦୁଇଟି ବିବାହର ବୈଦିକ ରୀତିରେ କରାଇଥିବାରୁ ଆମର ତାଙ୍କ ଉପରେ ଆସ୍ଥା ଥିଲା । ବିବାହର ପାଇଁ ଯେଉଁସବୁ ସରଞ୍ଜାମ ଦରକାର, ପୁରୋହିତ ମହାଶୟ ବିଭିନ୍ନ ଦୋକାନ ଖୋଜା ଖୋଜିକରି ଘେନିଆସିଲେ । ବିବାହରରେ ଯେଉଁ ଗୁଆଘିଅ ହୋମ ପାଇଁ ଦରକାର, ତାହା ଏ ଦେଶରେ ମିଳିବ ବା କେଉଁଠି ? ମିସ୍ ମହାନ୍ତି ଗାଈ ଲହୁଣୀକୁ ଫୁଟାଇ ଶୁଦ୍ଧ ଘିଅ ତିଆରି କରି ପକାଇଲେ । ହାରଭାର୍ଡ଼

Digitized by srujanika@gmail.com

ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରୁ ପୁରୋହିତ ସର୍ବସ୍ୱ ଅଣାଗଲା ମନ୍ତ୍ର ପଢ଼ିବାପାଇଁ । ତାହାକୁ ପଢ଼ି ବିଭାଘର କରିବାକଥା । ମିସ୍ ଫ୍ରିଡ୍‌ମେନ ହେଲେ କନ୍ୟାପିତା ଓ ବୋଷ୍ଟନ ବିଶ୍ୱବିଦ୍ୟାଳୟର ରସାୟନାଧ୍ୟାପକ ଡକ୍ଟର ସେନ୍ ହେଲେ ବରପିତା । ବିଭାଘରରେ ବନ୍ଧୁ ମାର୍କିନ ବନ୍ଧୁଙ୍କୁ ନିମନ୍ତ୍ରଣ କରିବାକୁ ପଡ଼ିଲା । ସେମାନେ ଆନନ୍ଦ ଚିତ୍ତରେ ହିନ୍ଦୁ ବିଭାଘର କେଉଁ ରୀତିରେ କେମିତି ହୁଏ, ଦେଖିବାପାଇଁ ବେଦୀ ଗୃହପାଖରେ ଆସ୍ଥାନ ଜମାଇଦେଲେ । ମିସ୍ ମହାନ୍ତିଙ୍କ ଘର ସାମନା ବଗିଚାରେ ବିବାହ ବେଦୀ ଘର ମାଲିକାଣୀଙ୍କ ପରାମର୍ଶରେ ତିଆରି କରାଯାଇ-ଥାଏ । ମିସ୍ ମହାନ୍ତିଙ୍କ ବନ୍ଧୁ ଭାରତୀୟ ବାନ୍ଧବୀ ଭାରତୀୟ ରୀତିରେ ରନ୍ଧାବଢ଼ା କରି ଅତିଥିମାନଙ୍କୁ ଖୁଆଇଲେ । ବିଭାଘରଟି ଏତେ ଯାକଯମକରେ ହେଲା ଯେ ସେଦିନ ମାସାଚ୍ୟୁସେଟସ୍ ଏଭିନିଉରେ ହିନ୍ଦୁ ବିଭାଘର ହେଉଛି ନେଇ ଏକ ଚହଲ ପଡ଼ିଗଲା । ସ୍ଥାନୀୟ ଖବରକାଗଜ ଓ ଟେଲିଭିଜନବାଲାମାନେ ଆସି ଆଗ୍ରହର ଭିଡ଼ ଜମାଇଦେଲେ—କ'ଣ ନା ହିନ୍ଦୁ ରୀତିରେ ହେଉଥିବା ବିଭାଘର ତାଙ୍କ ଦେଶବାସୀଙ୍କୁ ଦେଖାଇବେ । ମିସ୍ ଫ୍ରିଡ୍‌ମେନ୍ ଭାରି ଖୁସି, ନିଜେ କନ୍ୟାପିତା । ବରପିତାଙ୍କ ସହିତ ସମୁଧୀ ମିଳନ ଭାରି ମଜାହେଲା ।

ବିଭାଘର ସରିବା ସଙ୍ଗେ ସଙ୍ଗେ ମୁଁ ଆଉ ମିସ୍ ମହାନ୍ତି ସମସ୍ତଙ୍କଠାରୁ ବିଦାୟ ନେଇ ଗଲୁ ନାଏଗ୍ରା ଜଳପ୍ରପାତ ଅଭିମୁଖେ ଉଡ଼ାଜାହାଜରେ ମଧୁଚନ୍ଦ୍ର ବିତାଇବା ପାଇଁ । ଆମେରିକାରେ ଶହ ଶହ ସ୍ଥାନ ଭିତରୁ ଏହି ସ୍ଥାନଟିକୁ ଆମପାଇଁ ବାଛିଥିଲେ ମିସ୍ ଫ୍ରିଡ୍‌ମେନ । ନାଏଗ୍ରା ଜଳପ୍ରପାତ ନିକଟରେ ଥିବା ମିସ୍ ଫ୍ରିଡ୍‌ମେନଙ୍କ ବନ୍ଧୁଙ୍କ ଘରଟି ଖାଲି ପଡ଼ିଥାଏ । ସେ ତାଙ୍କ ବନ୍ଧୁଙ୍କୁ କହି ଘରଟି ଆମପାଇଁ ରିଜର୍ଭ କରିଥାନ୍ତି । ଘରଟି ନାଏଗ୍ରା ଜଳପ୍ରପାତଠାରୁ ଅଳ୍ପ ଦୂରରେ । ନାଏଗ୍ରା ଜଳ ପ୍ରପାତର ଭୀମ ଭୈରବୀ ଦୃଶ୍ୟ ଘରର ଝରକା ଦେଇ ବେଶ୍ ପରିଷ୍କାର ଦିଶୁଥାଏ । ମିସ୍ ଫ୍ରିଡମେନ ଆମ ଦୁହିଁଙ୍କୁ ଲୋଗନ ଏୟାର ପୋର୍ଟରେ ବିଦାୟ ଦେଇ ଘରକୁ ଫେରିଲେ ।

× × ×

"ମୁଁ ଆଜି ତୁମକୁ ଗୋଟାଏ ଖୁସି ଖବର ଶୁଣାଇବି ଶୁଣାଇବି ଭାବୁଛି ।" କହୁ କହୁ ବୈଠକଖାନା ଭିତରକୁ ପଶିଆସିଲେ ମିସେସ୍ ପଟ୍ଟନାୟକ ଦୁଇ ହାତରେ ଦୁଇ କପ୍ ଚା' ଧରି । ସେତେବେଳକୁ ମୁଁ ରଙ୍ଗିନ୍ ଟେଲିଭିଜନ୍ ପାଖରେ ବସି ଏକ କାର୍ଟୁନ ଚଳଚ୍ଚିତ୍ର ଦେଖୁଥିଲି । ନମିତା ହାତରୁ ଚା' କପ୍ ନେଇ ନେଉ କହିଲି, "ସେଥିପାଇଁ ତ ତୁମକୁ କିଛି ଗୋଟିଏ ଉପହାର ଦେବା କଥା । ମୋତେ ତାହାହେଲେ ପ୍ରସ୍ତୁତ ହେବାକୁ ପଡ଼ିବ । ଖୁସି ଖବରର ଆଭାସଟା ପାଇ ପାରେ କି ମହାଦେବୀ !"

"ତୁମର ସବୁବେଳେ ସେଭଳି କଥା—ମୁଖରେ କୃତ୍ରିମ ରାଗ ଫୁଟାଇ କହିଲା ନମିତା !"

"ହେଉ, ଏଥର ଆଉ ପ୍ରକାରେ କଥା କହୁଛି । ଏଥର କହିବା ହେଉ, ଲୁଚାଇ ରଖିଥିବା ଖୁସି ଖବରଟା ।"

Digitized by srujanika@gmail.com

"ତୁମେ ବଡ଼ ଭାଗ୍ୟବାନ୍, ତୁମେ ଏଥର ପିତା ହେବାକୁ ଯାଉଛ ।"

"ଆଁ, ପିତା ?" ଆନନ୍ଦରେ ନମିତାକୁ କୁଣ୍ଢାଇ ପକାଇଲି, "ତୁମେ ଏତେଦିନ ଧରି ଶୁଭ ଖବରଟା ମୋତେ କହି ନଥିଲ କେମିତି ? ମୁଁ ଦେଖୁଛି ତୁମେ ଅନେକ କଥା ମୋଠାରୁ ଲୁଚାଇ ରଖିପାର ।"

"ପୁଣି ମୋତେ ଭୁଲ ବୁଝିବାକୁ ଚେଷ୍ଟାକଲ । ଭାରତରୁ ଫେରିଲା ପରେ ମୁଁ ସେ ବିଷୟରେ ନିଶ୍ଚିତ ହେଲି । ଭାରତରୁ ଫେରି ଦେଖୁଛ ତ ଘରେ କେତେ କାମ । ମୋତେ ଫୁରୁସତ କାହିଁ କହିବାକୁ ? ଭାରତରୁ ଫେରି ଘରକୁ, ବନ୍ଧୁବାନ୍ଧବମାନଙ୍କଠାକୁ ଚିଠି ଲେଖା । ଆଜି ସେସବୁ ସରିଲା । ତେଣୁ ବର୍ତ୍ତମାନ ତ କହିଲି । ଆଉ ଡେରି ହେଲା କେଉଁଠି ?"

"କିନ୍ତୁ, ତୁମର ପୁତ୍ରସନ୍ତାନ ହେବ କି କନ୍ୟାସନ୍ତାନ ହେବ ସେ କଥା ତ କିଛି କହିଲନି ନମିତା !"

"ସେଇଟା କ'ଣ କହିବା ଏତେ ସହଜ ?"

"ତୁମର ସ୍ୱାମୀ ଜଣେ ପ୍ରସୂତି ବିଜ୍ଞାନ ବିଶେଷଜ୍ଞ । ତୁମେ ନିଜେ ଜଣେ ପ୍ରସୂତି ବିଜ୍ଞାନ ଗବେଷକ । ପୃଥିବୀର ଜଣେ ବରିଷ୍ଠ ନାମଜାଦା ପ୍ରସୂତି ବିଜ୍ଞାନ ଅଧ୍ୟାପକଙ୍କ ସହକାରୀ । ତଥାପି ତୁମେ ଯଦି ଅକ୍ଷମତା ପ୍ରକାଶ କରିବ, ତୁମେ ଗର୍ଭରେ ପୁତ୍ରସନ୍ତାନ କି କନ୍ୟାସନ୍ତାନ ବହନ କରୁଛ, ତେବେ ମୁଁ ତୁମର ଏହି ପ୍ରସୂତି ବିଜ୍ଞାନକୁ ଶତ ଧିକ୍କାର ଦେବି । ଗତ ପ୍ୟାରିସ୍ ଅଧିବେଶନରେ ତୁମେ ପରା ଏହାରି ଉପରେ ଏତେ ଆଲୋଚନା କଲ; ଅଥଚ ନିଜ ବେଳକୁ ଅକ୍ଷମତା ପ୍ରକାଶ କରୁଛ ?"

"ଆଲୋଚନାରେ ଭାଗ ନେଇଥିଲି ସତ; କିନ୍ତୁ ମୋ ମନ ପୁରାପୁରି ଗ୍ରହଣ କରିନି ଏହା ସମ୍ଭବ ବୋଲି ।"

"ସନ୍ତାନ ଜନ୍ମ ହେବା ପୂର୍ବରୁ ସନ୍ତାନର ଲିଙ୍ଗ ଜାଣିବାପାଇଁ ରୁଷୀୟ, ଜର୍ମାନ୍, ଇଂରେଜ, ଜାପାନୀ ବୈଜ୍ଞାନିକମାନଙ୍କର ଭିନ୍ନ ଭିନ୍ନ ଉପାୟ କଥା ସିମ୍ପୋଜିୟମ୍‌ରେ ଆଲୋଚିତ ହେଲା । ତୁମେ ନିଜେ ସେହି ଆଲୋଚନାରେ ଭାଗ ନେଇ ପ୍ରତ୍ୟେକ ପ୍ରବନ୍ଧ ପାଠକଙ୍କୁ ନାନା ପ୍ରକାର ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିପକାଇଥିଲ, ଅଥଚ ନିଜ ପାଇଁ ପରୀକ୍ଷା କଲାବେଳକୁ କ'ଣ କହୁଛନା ହେବ କି କଅଣ ଜାଣିହେଉନି । ମୋର ଯାହା ମନେପଡ଼ୁଛି, ଆମ ହସ୍‌ପିଟାଲର ପଦ୍ଧତି ସବୁଠାରୁ ଉତ୍ତମ ଓ ସହଜ ପଦ୍ଧତି ବୋଲି ଗୃହୀତ ହୋଇଥିଲା । ତୁମେ ସେସବୁ କେମିତି ଭୁଲିଯାଉଛ ମୁଁ ବୁଝିପାରୁନି ନମିତା ?"

"ମୁଁ ପୁରାପୁରି ସେସବୁ ଭୁଲିଯାଇଛି । ମୁଁ ସେଗୁଡ଼ିକ ପଢ଼ାପଢ଼ି କରେ । ଯଦି ହୁଏ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ଆମେ ଆମ ଭାବୀ ସନ୍ତାନର ଲିଙ୍ଗ ନିର୍ଣ୍ଣୟ କରିପାରିବା ।"

× × ×

Digitized by srujanika@gmail.com

"ଶୁଣୁଛ, ଶୁଣୁଛ ନମିତା, ତୁମେ ବର୍ତ୍ତମାନ ଗୋଟିଏ ପୁତ୍ର ସନ୍ତାନର ମା' ହେବାକୁ ଯାଉଛ । ଏହି ହେଉଛି ସେହିସବୁ ପରୀକ୍ଷାର ଫଳ । ଦେଖ ଦେଖ, କେମିତି ପରିଷ୍କାର ଭାବରେ ଜଣାପଡ଼ୁଯାଉଛି ।" କହୁଁ କହୁଁ ନମିତାର ଗବେଷଣାଗାର ଭିତରକୁ ପଶିଗଲି । "ସିମ୍‌ପୋଜିୟମ୍‌ରେ ଯେଉଁ ପାଞ୍ଚଗୋଟି ଉପାୟ ଆଲୋଚିତ ହୋଇଥିଲା, ସେହି ପାଞ୍ଚଗୋଟି ଉପାୟ ଅନୁସାରେ ପରୀକ୍ଷା କରି ସବୁ ଜାଗାରେ ଏକା ଫଳ ମିଳୁଛି ।" ଏତିକ କହି ମୁଁ ରିପୋର୍ଟ ଗୁଡ଼ାକୁ ନମିତା ହାତକୁ ବଢ଼ାଇଦେଲି ।

"ନମିତା ସେହି ରିପୋର୍ଟଗୁଡ଼ିକୁ ଧ୍ୟାନରେ ତନ୍ନ ତନ୍ନ କରି ପରୀକ୍ଷା କରୁ କରୁ ତାର ଭାବକାନ୍ତ ମୁଖମଣ୍ଡଳ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ମିସ୍ ଫ୍ରିଡ୍‌ମେନ୍‌ଙ୍କୁ ଏ ଶୁଭ ଖବରଟା ଶୀଘ୍ର ଦେବାକୁ ପଡ଼ିବ ।" କହିଲା ନମିତା ।

"ସେ କଥା କ'ଣ ଆଉ ବାକି ଅଛି ? ମିସ୍ ଫ୍ରିଡ୍‌ମେନ୍‌କୁ ଏହି ପରୀକ୍ଷାଫଳଗୁଡ଼ିକ ଦେଖାଇ ତୁମଠାକୁ ଆଣିଛି । ଏହିସବୁ ପଦ୍ଧତି ଭିତରୁ ଆମ ପଦ୍ଧତିଟି ସରଳ, ଅଳ୍ପ ସମୟ ସାପେକ୍ଷ ଓ ନିର୍ଭୁଲ । ମିସ୍ ଫ୍ରିଡ୍‌ମେନଙ୍କୁ ସେକଥା ବୁଝାଇ ଦେଉଥିଲି । ମିସ୍ ଫ୍ରିଡ୍‌ମେନ୍ ଖୁସି ହୋଇ ମୋ ହାତରେ ତୁମଠାକୁ ତାଙ୍କ ଅଭିନନ୍ଦନ ପଠାଇଛନ୍ତି । ସୁବିଧା ଦେଖି ତୁମକୁ ବଧାଇ ଦେବାପାଇଁ ତୁମ ରୁମ୍‌କୁ ସେ ଆସିବେ । ଆସନ୍ତା ମାସଠାରୁ ତୁମକୁ ଛୁଟିଦେବାର ବ୍ୟବସ୍ଥା କରିସାରିଛନ୍ତି । ଯେହେତୁ ତୁମେ ପ୍ରଥମ ସନ୍ତାନର ମା' ହେବାକୁ ଯାଉଛ, ତୁମର ଯଥେଷ୍ଟ ବିଶ୍ରାମ ନେବା ଏକାନ୍ତ ପ୍ରୟୋଜନ । ଘରର ଭାରି ଭାରି 'କାମରୁ ମୁଁ ତୁମକୁ ଯେମିତି ଅବ୍ୟାହତି ଦିଏ, ସେ ମୋତେ ତାଗିଦ୍ କରିଦେଇଛନ୍ତି ।"

× × ×

ଯେଉଁଦିନ ମୁଁ ଗୋଟିଏ ବାକ୍ସରେ ଚକୁଲେଟ୍ ଧରି ହସ୍‌ପିଟାଲର ପ୍ରତ୍ୟେକ ରୁମ୍‌କୁ ଯାଇ ଆମ ସହକର୍ମୀମାନଙ୍କୁ ବାଣ୍ଟିଲି, ସମସ୍ତଙ୍କର ଧାରଣା ହେଲା ଯେ, ମୁଁ ଏକ ପୁତ୍ର ସନ୍ତାନର ଜନକ ହୋଇଛି । କିଏ କେତେ ପ୍ରକାରରେ ଯେ ବଧାଇ ଦେବାକୁ ଆସିଲେ, ତାର କଳନା ନାହିଁ । ମିସ୍ ଫ୍ରିଡ୍‌ମେନ୍ ନମିତାର ପିଲା ହେବା ଦେଖି ସେ ଏତେ ଖୁସି ଯେ ତାଙ୍କ ଗୋଡ଼ ତଳେ ଲାଗୁନଥାଏ । ନିଜ ପୁଅ କି ନାତିର ପିଲା ହୋଇଥିଲେ ସେ ଯେତେ ଖୁସି ହୋଇ-ଥାଆନ୍ତେ, ତା'ଠାରୁ ଢେର୍ ଅଧିକ ଖୁସି ଥିଲେ ଆମର ପୁଅ ହେବାରେ । ପିଲାଟି ଜନ୍ମ ହେବାକ୍ଷଣି ସେ ପ୍ରସବ କୋଠରୀକୁ ପଶିଯାଇ ନମିତାକୁ ବଧାଇ ଦେଇ ଆସିଛନ୍ତି । ତେବେ ପିଲାଟିର ରୁଗ୍ଣ ସ୍ୱାସ୍ଥ୍ୟ ଦେଖି ସେ ସାମାନ୍ୟ ଚିନ୍ତିତ ହେଲାଭଳି ଜଣାପଡ଼ୁଥାନ୍ତି । ପିଲାଟିର ବାପା ମା' ତ ବେଶ୍ ସ୍ୱାସ୍ଥ୍ୟବାନ୍, ପିଲାଟି ଏତେ ରୁଗ୍ଣ ହେଲା କାହିଁକି ? ତେବେ ଚିକିତ୍ସା କରୁଥିବା ଡାକ୍ତରଣୀଙ୍କୁ କଡ଼ା ତାଗିଦ୍‌କରି କହିଦେଇଥାନ୍ତି ପିଲାଟିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦରକାର । ନବଜାତ ଶିଶୁଟିର ଏ ରୁଗ୍ଣ ସ୍ୱାସ୍ଥ୍ୟର କାରଣ କଅଣ ?

Digitized by srujanika@gmail.com

ତେବେ ପରୀକ୍ଷାକାରିଣୀ ଡାକ୍ତରାଣୀ ପିଲା ପ୍ରସବ କରାଇଲା ବେଳେ ଗର୍ଭାଶୟର ଅପେକ୍ଷାକୃତ କ୍ଷୁଦ୍ରାକୃତ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କ ମନରେ ଚିନ୍ତା ଖେଳୁଥିଲା ସମ୍ଭବତଃ ଏହି କ୍ଷୁଦ୍ର ଗର୍ଭାଶୟ ପାଇଁ ପିଲାଟି ବଢ଼ିବାରେ ବ୍ୟାଘାତ ପାଇଛି । ମିସ୍ ଫ୍ରିଡ଼ମେନ୍ କାଳେ ତା' କଥାକୁ ହସରେ ଉଡ଼ାଇଦେବେ, ସେହି ଭୟରେ ସେ ସେଦିନ ମିସ୍ ଫ୍ରିଡ଼୍‌ମେନଙ୍କଠାରେ ଏ କଥା ପ୍ରକାଶ କରିବାକୁ ଭୟ ପାଇଯାଇଥିଲା ।

ନମିତା ମଧ୍ୟ ନିଜ ରୁଗ୍‌ଣ ସ୍ୱାସ୍ଥ୍ୟ ପିଲାଟିକୁ ଦେଖି ଚିନ୍ତିତ ହୋଇପଡ଼ିଥିଲା । ମୁଁ ମଧ୍ୟ କାରଣ ଖୋଜି କିଛି ପାଇପାରିଲିନି ପିଲାଟି ଏତେ ରୁଗ୍‌ଣ କାହିଁକି ? ତେବେ ଜନ୍ମ ପରେ ପିଲାଟିକୁ ଉପଯୁକ୍ତ ଖାଦ୍ୟ ଖାଇବାକୁ ଦେଲେ ତାର ଅଭିବୃଦ୍ଧି ବେଶ୍ ଆଶାନୁରୂପ ହୋଇପାରିବ । ପିଲାଟି ପେଟ ଭିତରେ ବଢ଼ିଲାବେଳେ ନମିତାର ଖାଦ୍ୟରେ ସମ୍ଭବତଃ କିଛି ଗୋଳମାଳ ହୋଇଥିବାରୁ ପିଲାଟି ଆଶାନୁରୂପ ବଢ଼ିପାରିନି । ତେବେ ଏଟା ସେମିତି ଗୁରୁତର ଚିନ୍ତାର ବିଷୟ ନୁହେଁ । ନମିତା ମଧ୍ୟ ସେହିଭଳି ଭାବି ତା'ଉପରେ ଆଉ ଅଧିକ ଚିନ୍ତା କଲାନି । ରୁଗ୍‌ଣ ପିଲାଟି ଉପରେ ଆମେ ଦୁଇଜଣ ବିଶେଷ ଗୁରୁତ୍ୱ ଦେଉ ନଥିଲା ବେଳେ ଫ୍ରିଡ଼ମେନ୍ ମନେ ମନେ ଏ ସମ୍ପର୍କରେ କେତେକଥା ଚିନ୍ତା କରୁଥିଲେ । ସେତ ରୁଗ୍‌ଣ ସ୍ୱାସ୍ଥ୍ୟର କେତେ ପିଲା ଜନ୍ମ ହେବାର ଦେଖିଛନ୍ତି; କିନ୍ତୁ ଏଭଳି ସ୍ୱାସ୍ଥ୍ୟବାନ ପିତା-ମାତାଙ୍କଠାରୁ ଏଭଳି ରୁଗ୍‌ଣ ସ୍ୱାସ୍ଥ୍ୟ ଶିଶୁ ତ ଜନ୍ମିବା କମ୍ ଅସ୍ୱାଭାବିକ ନୁହେଁ । ତା'ଛଡ଼ା ଏ ଯେଉଁ ପିତାମାତା, ସେମାନେ ତ ପ୍ରତ୍ୟେକେ ପ୍ରସୂତିବିଜ୍ଞାନରେ ବିଶେଷଜ୍ଞ । ମା' ଜରାୟୁରେ ଗୋଟିଏ ଶିଶୁ ଯଥାର୍ଥ ଭାବରେ ବଢ଼ିବା ପାଇଁ ଯାହା ଯାହା ଦରକାର, ସେଥିରେ ତ ଶିଶୁଟିର ପିତା କି ମାତା କେବେ ଅବହେଳା କରିନଥିବେ । ପିଲାଟି ପାଖରେ ସେମିତି କିଛି ଜନ୍ମଗତ ବ୍ୟାଧି ଥିଲାଭଳି ମନେହେଉନି । ତେବେ ଏ ପରିସ୍ଥିତିରେ ପିଲାଟି ଏ ଭଳି ରୁଗ୍‌ଣ ସ୍ୱାସ୍ଥ୍ୟ ନେଇ ଜନ୍ମ ହେଲା କେମିତି ?

ଟିକସା ଦାୟିତ୍ୱରେ ଥିବା ଡାକ୍ତରାଣୀଙ୍କୁ ଦିନେ ମିସ୍ ଫ୍ରିଡ୍‌ମେନ ଏପାଖ ସେପାଖ କରି ଜେରା କଲାରୁ ନମିତାର କ୍ଷୁଦ୍ର ଗର୍ଭାଶୟ କଥା ଜାଣିବାକୁ ପାଇଲେ । ନମିତା ତ ବେଶ୍ ସ୍ୱାସ୍ଥ୍ୟବତୀ, ତାର ଗର୍ଭାଶୟ ଅସ୍ୱାଭାବିକ ଭାବେ କ୍ଷୁଦ୍ର ହେବାର କାରଣ ଆଉ କଣ ଥାଇ ପାରେ ?

× × ×

ଧୀରେ ଧୀରେ ଅଳ୍ପ କେଇଦିନ ଭିତରେ ଶିଶୁଟି ସାଧାରଣ ଶିଶୁଭଳି ସୁନ୍ଦର ସ୍ୱାସ୍ଥ୍ୟ ଫେରି ପାଇଲା । ଦିନକୁ ଦିନ ପିଲାଟିର ସ୍ୱାଭାବିକ ଅଭିବୃଦ୍ଧି ଆମକୁ ଏଭଳି ମୁଗ୍‌ଧ କଲା ଯେ ଆମେ ବେଳେବେଳେ ନିଜର କାମଦାମ ଖିଆପିଆ ଛାଡ଼ି ତାକୁ ଅନାଇ ରହୁଥିଲୁଁ । ତାର ହସ, ତାର କାନ୍ଦ, ତାର ଖେଳ ସବୁରେ ଆମକୁ ଆନନ୍ଦ ଦେଉଥିଲା । ପିଲାଟି ଭଲ ସ୍ୱାସ୍ଥ୍ୟ ଫେରି ପାଇବା ଦେଖି ପିଲାଟିର ରୁଗ୍‌ଣ ସ୍ୱାସ୍ଥ୍ୟ କଥା ମିସ୍ ଫ୍ରିଡ୍‌ମେନ୍ ମଧ୍ୟ ଭୁଲିଗଲେ ।

Digitized by srujanika@gmail.com

ଆମେରିକାର ସ୍ତ୍ରୀ ଲୋକମାନେ ସାଧାରଣତଃ ନିଜ ଛୁଆଙ୍କୁ ନିଜ ସ୍ତନର ଦୁଧ ଖାଇବାକୁ ଦିଅନ୍ତିନି, କାରଣ ଏହା କଲେ ସେମାନଙ୍କର ବକ୍ଷର ସୌନ୍ଦର୍ଯ୍ୟରେ ହ୍ରାସ ଘଟିବ । ପିଲା ଜନ୍ମ ହେବା ସଙ୍ଗେ ସଙ୍ଗେ ମା'ର ସ୍ତନରେ ଦୁଧର ଉଦ୍ରେକ ହୁଏ । ଆମେରିକାନ୍ ଯୁବତୀମାନେ ଔଷଧ ଖାଇ ସେହି ଦୁଧ ଉଦ୍ରେକକୁ ବନ୍ଦ କରିଦିଅନ୍ତି । କିନ୍ତୁ ବଡ଼ ବିଚିତ୍ର ! ଆମର ସନ୍ତାନ ହେବାର ଅଳ୍ପ କେଇଦିନ ଭିତରେ ନମିତାର ସ୍ତନରୁ କ୍ଷୀର ଝରିବାର ଦେଖାଗଲାନାହିଁ । ଏହାର କାରଣ କ'ଣ, ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରାଣୀ ମଧ୍ୟ ଜାଣି ପାରିଲେନି । ମା'ର କ୍ଷୀର ବନ୍ଦ ହୋଇଗଲେ ହେଁ ପିଲାର ଅଭିବୃଦ୍ଧିରେ କିଛି କ୍ଷତି ହେବନି ଭାବି ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରାଣୀ ଏ ସମ୍ପର୍କରେ ଆଉ ଅଧିକ ମୁଣ୍ଡ ଖେଳେଇଲେନି । ତେବେ ନମିତାକୁ ଡାକ୍ତରଖାନାରୁ ବିଦାୟ ଦେବା ପୂର୍ବରୁ ମିସ୍ ଫ୍ରିଡ୍‌ମେନ୍‌ଙ୍କୁ ଏ ବିଷୟରେ ସାମାନ୍ୟ ଆଭାସ ଦେବାକୁ ସେ ଭୁଲିନଥିଲେ ।

× × ×

ରାତିର ଶେଷ ପ୍ରହର । କୋଳାହଳଭରା ବୋଷ୍ଟନ ସହର ପୂରାପୂରି ନିଃଶବ୍ଦ । ଅମାବାସ୍ୟାର ଘନ ଅନ୍ଧକାରର ଭୀମଭୈରବୀ ଦୃଶ୍ୟକୁ ରାସ୍ତା କଡ଼ର ପାରଦବତୀର ଉଜ୍ଜ୍ୱଳ ଆଲୋକ ଶାନ୍ତ କରିବାକୁ ଚେଷ୍ଟା କରୁଥାଏ । କାଁ ଭାଁ ଗୋଟାଏ ଦୁଇଟା ଗାଡ଼ି ମାସାଚ୍ୟୁସେଟସ୍ ଏଭିନ୍ୟୁର ବୁକୁ ଉପରେ ଗତି କରି ଯାହାକିଛି ଶବ୍ଦ ସୃଷ୍ଟି କରୁଥାଏ । ରାତିଟି ଏଭଳି ନିଃଶବ୍ଦ ଯେ ଜଣେ ଜାଣି ପାରିବନି ସେ ଏକ କୋଳାହଳମୟ ନଗରୀ ଭିତରେ ବାସ କରୁଛି ବୋଲି ।

ନମିତା ଶୟନକକ୍ଷରେ ନିଦ୍ରିତା । ନିକଟସ୍ଥ ଆଉ ଏକ ଖଟରେ ନବଜାତ ଶିଶୁ । ମୁଁ ସେମାନଙ୍କଠାରୁ ଅଳ୍ପ ଦୂରେଇଯାଇ ଆଉ ଏକ ଖଟରେ ଶୋଇଥାଏ । ହଠାତ୍ ତଳପେଟରେ ଏକ ଅସହ୍ୟ ଯନ୍ତ୍ରଣାର କଷ୍ଟରେ ନମିତାର ନିଦ ଭାଙ୍ଗିଗଲା । ତଳପେଟ ଯନ୍ତ୍ରଣା ଏତେ ଜୋର୍‌ରେ ହେଉଥାଏ ଯେ ସେ ବିଛଣାରୁ ଉଠି ମୋତେ ଉଠାଇବା ପାଇଁ ମୋ ପାଖ ପର୍ଯ୍ୟନ୍ତ ଆସି ପାରୁନଥାଏ । କଷ୍ଟର କାରଣ କ'ଣ ସେ ନିଜେ ଜାଣି ପାରୁନଥାଏ । ବହୁକଷ୍ଟରେ ତଳପେଟକୁ ହାତରେ ଚାପି ଧରି ଘୁଷୁରି ଘୁଷୁରି ମୋ ଖଟପାଖକୁ ଆସି ମୋତେ ହଲେଇଦେଲା । ମୁଁ ହଠାତ୍ ଉଠିପଡ଼ି ନମିତାର ଏ କଷ୍ଟରେ ଅସ୍ତବ୍ୟସ୍ତ ହୋଇ ପଡ଼ିଲି । ନମିତାର ଦୁଇଆଖି ଦେଇ ଅବାରିତ ଲୁହସ୍ରୋତ ଗଡ଼ିଚାଲିଥାଏ । ହଠାତ୍ ଏ'କଣ ହେଲା, ମୋତେ କ'ଣ କରିବାକୁ ପଡ଼ିବ, ମୋ ମୁଣ୍ଡକୁ କିଛି ବୁଦ୍ଧି ପଶିଲାନି । ଅନନ୍ୟୋପାୟ ହୋଇ ସଙ୍ଗେ ସଙ୍ଗେ ଫୋନ୍‌ରେ ଆମ୍ବୁଲାନ୍‌ସକୁ ଡାକି ପଠାଇଲି । ଆମ୍ବୁଲେନ୍‌ସରେ ନମିତାକୁ ନେଇ ଇମର୍‌ଜେନ୍‌ସି ବିଭାଗକୁ ଗଲି ।

Digitized by srujanika@gmail.com

ରାତରେ ଡ୍ୟୁଟିରେ ଥିବା ଡାକ୍ତର ଓ ଡାକ୍ତରାଣୀମାନେ ମୋତେ ଦେଖି ଚାଟଙ୍ଗା । ନମିତାର ହଠାତ୍ ଏ କ'ଣ ହେଲା ସେମାନେ ଜାଣିପାରିଲେନି । ସଙ୍ଗେ ସଙ୍ଗେ ଡାକ୍ତରମାନେ ନମିତାକୁ ପରୀକ୍ଷା କରିବାରେ ଲାଗିଗଲେ ।

ସକାଳ ହେଲାକ୍ଷଣି ମିସ୍ ଫ୍ରିଡ୍‌ମେନ୍‌ଙ୍କ ନିକଟକୁ ଖବର ପଠାଇଦିଆଗଲା । ସେ ଖବର ପାଇ ସଙ୍ଗେ ସଙ୍ଗେ ହସ୍ପିଟାଲକୁ ଦୌଡ଼ିଆସିଲେ । ନାନା ପରୀକ୍ଷା ନିରୀକ୍ଷା ପରେ ଦେଖାଗଲା ବେଦନାର କାରଣ ତାଙ୍କ ତଳପେଟରେ ଥିବା ଗର୍ଭକୋଷରେ ଯନ୍ତ୍ରଣା । ସଙ୍ଗେ ସଙ୍ଗେ ଏକ୍‌ସରେ ପରୀକ୍ଷା ଓ ଅନ୍ୟାନ୍ୟ ପରୀକ୍ଷାରୁ ଜଣାପଡ଼ିଲା ଗର୍ଭକୋଷରେ ଟିଉମର ରୋଗ ଆରମ୍ଭ ହେବାକୁ ଯାଉଛି । ମିସ୍ ଫ୍ରିଡ୍‌ମେନ୍ ଅନନ୍ୟୋପାୟ ହୋଇ ଗର୍ଭକୋଷଟିକୁ ଅସ୍ତ୍ରୋପଚାରର ଦ୍ୱାରା କାଟି ବାହାର କରି ଦେବାପାଇଁ ସିଦ୍ଧାନ୍ତ କଲେ । ତା ଯଦି କରା ନଯାଉଛି, ତେବେ ଏହା ସାରାଶରୀରକୁ ବ୍ୟାପିଯାଇ ଜୀବନନାଶର ପଥ ସୁଗମ କରିଦେଇପାରେ ।

ଅପରେସନ୍ କରୁଁ କରୁଁ ମିସ୍ ଫ୍ରିଡ୍‌ମେନ୍ ଦେଖିଲେ, ନମିତାର ଗର୍ଭାଶୟ ଧୀରେ ଧୀରେ ସଙ୍କୁଚିତ ହୋଇ ଆସୁଛି । ଗର୍ଭାଶୟରୁ ସ୍ତ୍ରୀ ଯୌନ ହରମୋନ୍‌ସର କ୍ଷରଣ ଆଉ ସମ୍ଭବ ହେଉ ନାହିଁ । ବଡ଼ ଶଙ୍କିତ ମନରେ ଅପରେସନ କରି ଚାଲିଛନ୍ତି; ହଠାତ୍ ଗର୍ଭାଶୟଠାରୁ ଅଳ୍ପ ଦୂରରେ ମାଂସ ଭିତରେ କଠିନତା ଅନୁଭବ କଲେ । ଏହି କଠିନତା ଶରୀରରେ ଏକ ଟିଉମର ହୋଇପାରେ ସମ୍ଭବ ବୋଲି ଅନୁମାନ କଲେ । ଏହା ଯଦି ମେଲିଗ୍‌ନାଣ୍ଟ ହୋଇ-ଥାଏ, ତେବେ କର୍କଟ ରୋଗର ଆଉ ଏକ କେନ୍ଦ୍ର ହେବ ଭାବି ତାକୁ ମଧ୍ୟ ଅପରେସନ୍ କରିଦେବାକୁ ଚାହିଁଲେ । ଟିଉମର୍‌ଟିକୁ କାଟି ଉଡ଼ାଇଦେବା ପୂର୍ବରୁ ଏହା ସାଧାରଣ କି କର୍କଟୀୟ ଟିଉମର୍ ଜାଣିବା ପାଇଁ ଆବୁଟିକୁ ଅପରେସନ୍ କରି ଖୋଲିଦେଲେ । ସେ ଖୋଲିଦେଇ ଯାହା ଦେଖିଲେ ସେଥିରେ ତାଙ୍କ ମୁଣ୍ଡ ଘୂରିଗଲା । ସେ ହଠାତ୍ ସ୍ଥିର କରି ପାରିଲେନି; ସେ ବାସ୍ତବତା ଭିତରେ ଅଛନ୍ତି କି ସ୍ୱପ୍ନ ଦେଖୁଛନ୍ତି । ସେ ପ୍ରଥମରୁ ଯେଉଁ ଆବୁକୁ ଏକ ଟିଉମର୍ ବୋଲି ସନ୍ଦେହ କରୁଥିଲେ, ତାହା ପ୍ରକୃତରେ ଟିଉମର୍ ନୁହେଁ; ତାହା ହେଉଛି ଏକ ଅପରିସ୍ଫୁଟ ପୁଂଯୌନାଙ୍ଗ । ଆବୁଭଳି ଦିଶୁଥିବା ଏକ ବଲ୍ ଭିତରେ ପୁଂଜନନେନ୍ଦ୍ରିୟ ଓ ଅଣ୍ଡକୋଷ କ୍ଷୁଦ୍ର ଓ ଅପରିସ୍ଫୁଟ ଅବସ୍ଥାରେ ଆବଦ୍ଧ ହୋଇ ରହିଛି । ସେ ଏହାକୁ ଯଦି ଯଥା-ସ୍ଥାନରେ ଲଗାଇ ଦିଅନ୍ତି, ତେବେ ଏହା ପୁଂଜନନେନ୍ଦ୍ରିୟ ଭାବରେ ପରିସ୍ଫୁଟ ହୋଇ ବିକାଶଲାଭ କରିବ । ଗର୍ଭକୋଷର ଅପସାରଣ, ଗର୍ଭାଶୟର ସଙ୍କୁଚନ୍ ଏବଂ ପୁଂ-ଜନନେନ୍ଦ୍ରିୟ ଓ ଅଣ୍ଡକୋଷର ଅଭିବୃଦ୍ଧି ନମିତାକୁ କ'ଣ ଆଉ ନମିତା କରି ରଖିପାରିବ ?

ମିସ୍ ଫ୍ରିଡ୍‌ମେନ୍ ବଡ଼ ଚିନ୍ତିତ ମନରେ ଅପରେସନ୍ ଶେଷ କଲେ । ନମିତା ଶରୀରରେ ସେ ଏହି ଯେଉଁ ନୂତନ ଆବିଷ୍କାରଟି କରିଛନ୍ତି, ସେ ସମ୍ପର୍କରେ ଅନ୍ୟମାନଙ୍କୁ ଏପରିକି ମୋତେ ମଧ୍ୟ କିଛି ଆଭାସ ନଦେଇ ମନେ ମନେ ଏହା ଉପରେ ଚିନ୍ତା କରିବାକୁ ଲାଗିଲେ । ଅପରେସନ୍ ପରଠାରୁ ମିସ୍ ଫ୍ରିଡ୍‌ମେନ୍‌ଙ୍କୁ ଖୁବ୍ ଚିନ୍ତିତ ଓ ଗମ୍ଭୀର ଥିବା

Digitized by srujanika@gmail.com

ଦେଖି ନମିତା ବିଷୟରେ ମୁଁ ତାଙ୍କୁ ସାହସ କରି କିଛି ପଚାରି ପାରୁନଥାଏ । ଗର୍ଭ-କୋଷରେ ଆରମ୍ଭ ହୋଇଥିବା କେନ୍‌ସର ସଫଳତାର ସହିତ ଦୂର କରାଯାଇଛି ଶୁଣି ସମସ୍ତେ ଆନନ୍ଦିତ । ତେବେ ସମସ୍ତଙ୍କ ମନରେ ସନ୍ଦେହ ଖେଳୁଥାଏ, ଅପରେସନ ପରେ ମିସ୍ ଫ୍ରିଡ୍‌ମେନ ଏତେ ଚିନ୍ତିତା କାହିଁକି ?

ମିସ୍ ଫ୍ରିଡ୍‌ମେନ୍ ନମିତାର ଏହି ଯେଉଁ ପରିବର୍ତ୍ତନ ହେବାକୁ ଯାଉଛି, ତାକୁ କେମିତି ପ୍ରତିରୋଧ କରାଯାଇ ପାରିବ, ସେଇ ଚିନ୍ତାରେ ଥାଆନ୍ତି । ପ୍ରତିଦିନ ଦୁଇବେଳା ଯତ୍ନର ସହିତ ରୋଗୀକୁ ଲକ୍ଷ୍ୟ କରୁଥାଆନ୍ତି । ବଡ଼ ବିଚିତ୍ର, ଧୀରେ ଧୀରେ ନମିତାର ମୁଖରେ ଦେଖାଦେଲା ପୁରୁଷଙ୍କଭଳି ଶ୍ମଶ୍ରୁ । ସ୍ୱର କର୍କଶ ହେବାକୁ ଲାଗିଲା । ଏହା ଦେଖି ମୁଁ ଶଙ୍କିତ ହୋଇପଡ଼ିଲି । ଭାବିଲି ଗର୍ଭକୋଷ ନଷ୍ଟ ହୋଇଯାଇଥିବାରୁ ସ୍ତ୍ରୀଯୌନ ହର୍‌ମୋନ୍‌ସ କ୍ଷରିତ ହେଉନି; ଫଳରେ ତାର ଅଭାବରୁ ଏ ସବୁ ହେଉଛି । ଏହାର ପ୍ରତିରୋଧ ପାଇଁ କ'ଣ ବ୍ୟବସ୍ଥା କରିବାକୁ ପଡ଼ିବ; ଦିନେ ସାହସ କରି ମିସ୍ ଫ୍ରିଡ୍‌ମେନ୍‌ଙ୍କୁ ପଚାରିଲି । ମିସ୍ ଫ୍ରିଡ୍‌ମେନ୍ ପ୍ରକୃତ କଥାଟାକୁ ପ୍ରକାଶ କରୁନଥାନ୍ତି । ତାଙ୍କର ଇଚ୍ଛା ସେ କାହାକୁ କିଛି ନ କହି ହର୍‌ମୋନ୍‌ସ ଉପଚାର ଦ୍ୱାରା ସେ ନମିତାର ପରିବର୍ତ୍ତନକୁ ପ୍ରତିରୋଧ କରିବେ । ମୋ ପ୍ରଶ୍ନର କିଛି ଉତ୍ତର ନ ଦେଇ ହର୍‌ମୋନ୍‌ସ ଚିକିତ୍ସା ଆରମ୍ଭ କରିବାକୁ ମତ ଦେଲେ । ମୁଁ ମଧ୍ୟ ସେତେବେଳେ ହର୍‌ମୋନ୍‌ସ ଉପଚାର ଆରମ୍ଭ କରିବା ସପକ୍ଷରେ ଥିଲି । ନମିତାକୁ ସ୍ତ୍ରୀହର୍‌ମୋନ୍‌ସ ଦିଆଗଲା । କିଛି ଦିନ ଚିକିତ୍ସା ପରେ ନମିତାର କିଛି ଆଶାଜନକ ଉନ୍ନତି ହେବାର ଦେଖାଗଲାନି । ବରଂ ସ୍ୱରର କର୍କଶତା ଆହୁରି ବଢ଼ିଗଲା । ଶରୀରର ନାରୀସୁଲଭ କୋମଳତା ଧୀରେ ଧୀରେ ଅପସରିଯିବାକୁ ବସିଲା । ମୁହଁରେ ଲୋମ, ଦାଢ଼ି ଆହୁରି ସ୍ପଷ୍ଟତର ହେବାକୁ ଲାଗିଲା । ଉନ୍ନତ ବକ୍ଷ ଧୀରେ ଧୀରେ ମଉଳିଯାଇ ଛାତି ସହିତ ମିଳାଇଯିବାକୁ ବସିଲା ।

ମିସ୍ ଫ୍ରିଡ୍‌ମେନ୍ ସ୍ତ୍ରୀଯୌନ ହରମୋନ୍‌ସର ଯେତେପ୍ରକାର ପ୍ରୟୋଗ କରିବା କଥା କରିସାରି ଯେତେବେଳେ ଦେଖିଲେ ନମିତାର ପରିବର୍ତ୍ତନକୁ ଆଉ ପ୍ରତିରୋଧ କରି-ହେବନି, ସେତେବେଳେ ସେ ମୋତେ ତାଙ୍କ ସବୁକଥା ଖୋଲି କହିଦେଲେ । ତାଙ୍କ କଥା ଶୁଣି ମୋ ମୁଣ୍ଡରେ ବଜ୍ର ପଡ଼ିଲାଭଳି ବୋଧହେଲା । ମୋତେ ଚାରିଆଡ଼ ଅନ୍ଧାର ଦିଶିଲା । ଏ ପରିସ୍ଥିତିରେ କ'ଣ କରିବି ଭାବିପାରିଲିନି । ମିସ୍ ଫ୍ରିଡ୍‌ମେନ୍ ଯେତେବେଳେ ସବୁ ପ୍ରକାର ଚେଷ୍ଟାକରି ବିଫଳ ହେଲେଣି, ପୃଥିବୀରେ ଆଉ କୌଣସି ଡାକ୍ତର ତାଙ୍କର ଏ ପରିବର୍ତ୍ତନକୁ ପ୍ରତିରୋଧ କରି ପାରିବେ ଯେ ସେ ବିଶ୍ୱାସ ମୋର ନ ଥିଲା । ମିସ୍ ଫ୍ରିଡ୍‌ମେନ ଆଶ୍ଚର୍ଯ୍ୟ ହେଉଥାନ୍ତି, ପିଲାଟିଦିନରୁ ଉଭୟଲିଙ୍ଗୀର କୌଣସି ଆଭାସ ନ ଦେଇ ପୂର୍ଣ୍ଣ ସ୍ତ୍ରୀରୂପ ଧାରଣ କରି ଓ ଏତେ ବର୍ଷ ସ୍ତ୍ରୀ ଭାବରେ ଘର ସଂସାର କରି ପିଲାର ମା' ହୋଇ ସାରିବା ପରେ ଲିଙ୍ଗ ପରିବର୍ତ୍ତନର ଶିକାର ହେବା ପ୍ରସୂତି ବିଜ୍ଞାନ ଇତିହାସରେ ଖାଲି ନୂଆ ନୁହେଁ, ଅତ୍ୟଧିକ ବିସ୍ମୟକର ମଧ୍ୟ । ସାରା ପୃଥିବୀରେ ଏଭଳି ନାରୀ କେବେ ଲିଙ୍ଗ ପରିବର୍ତ୍ତନ କରିଥିବାର ଦେଖାଯାଇନି ।

Digitized by srujanika@gmail.com

ମିସ୍ ଫ୍ରିଡ୍‌ମେନ୍‌ଙ୍କୁ କହିଲି, "ନମିତାର ଶରୀରରେ ଯେଉଁ ପୁଂଜନନେନ୍ଦ୍ରିୟ ଧୀରେ ଧୀରେ ରୂପନେବାକୁ ଯାଉଛି, ତାହାକୁ କାଟି ବାଦ୍ କରିଦେଲେ ତ ଆମେ ଏହାକୁ ବନ୍ଦ କରି ପାରନ୍ତେ ?"

ହସିଲେ ମିସ୍ ଫ୍ରିଡ୍‌ମେନ୍, "ତା ହେଲେ ନମିତା ପୁରୁଷ ହେବ କି ସ୍ତ୍ରୀ ହେବ ? କ୍ଲୀବତ୍ୱ ଅବସ୍ଥାକୁ ଗୃହିଯିବ ସିନା ! ଏହା ଫଳରେ ତାର ଭବିଷ୍ୟତ ଜୀବନକୁ ନଷ୍ଟ କରିବାହିଁ ସାର ହେବ ।"

"ମୁଁ ଭାବୁଛି, ପ୍ରକୃତି ଯାହା ଚାହୁଁଛି ତାହା କରିବାକୁ ଦିଆଯାଉ । ପ୍ରକୃତି ବିରୁଦ୍ଧରେ ଗଲେ ନମିତାର ଅଶେଷ କ୍ଷତି ହେବ ସିନା, ଲାଭ କିଛି ହେବନି । ଶରୀରକୁ ଅଯଥା କଷ୍ଟ ଦେଇ ଲାଭ କଅଣ ?"

ଯେଉଁ ଦିନ ନମିତା ମୋଠାରୁ ତାର ଲିଙ୍ଗ ପରିବର୍ତ୍ତନର ଖବର ଶୁଣିଲା, ସେଥିପୂର୍ବରୁ ତାର ସନ୍ଦେହ ଜାତ ହୋଇଥିଲା ନିଜ ଦେହଗ ପ୍ରତି । ସେ ମନେ ମନେ ନିଜ ପାଇଁ ସନ୍ଦେହୀ ହୋଇ ପଡ଼ିଥିଲା । ତାର ଏହି ସବୁ ଯେଉଁ ପରିବର୍ତ୍ତନ ହେଉଛି, ତାହା କେବଳ ସ୍ତ୍ରୀ ଯୌନ ହରମୋନ୍‌ସର ଅଭାବ ଯୋଗୁଁ ନା ଅନ୍ୟ କୌଣସି କାରଣ ଯୋଗୁଁ ସେ ବହୁତ ଚିନ୍ତା କରୁଥିଲା । ସେ ମୋଠାରୁ ଯେଉଁ ଦିନ ତା'ର ଶରୀରରେ ଥିବା ଅପରିପକ୍ୱ ପୁଂଜନନେନ୍ଦ୍ରିୟ କଥା ଜାଣିଲା, ତାକୁ ତାର ଅବସ୍ଥାର କାରଣ ଜଳଜଳ ଦିଶିଲା । ତା'ର ଶରୀରରେ ଯେଉଁସବୁ ପରିବର୍ତ୍ତନ ହୋଇଯାଉଛି, ସେହି ପରିବର୍ତ୍ତନର ପରିଣାମ କ'ଣ ହେବ, ତାକୁ ଆଉ ଅଜଣା ରହିଲାନି । ତେବେ ମନରେ ଏକ ମାତ୍ର ଦୁଃଖ ତା'ର ଏହି ନବଜାତ ଶିଶୁଟି ପାଇଁ । ନିଜେ ଯଦି ପୁରୁଷ ପାଲଟି ଯିବ, ତେବେ ଏହି ମା'ଛେଉଣ୍ଡ ପିଲାଟିର ଯତ୍ନ ନେବ କିଏ ? ଭବିଷ୍ୟତରେ ଏହି ପିଲାଟି ଯେତେବେଳେ ନିଜ ମା'କୁ ଖୋଜିବ, ସେ ତାକୁ ସେତେବେଳେ କି ଉତ୍ତର ଦେବ ? ସେ କ'ଣ କହିପାରିବ ଯେ ସେ ହେଉଛି ତା'ର ମା ?

ନିଦ୍ଧିତର ବିଗ୍ରହରେ ଯାହା ହେବାର ଥିଲା ତାହାହିଁ ହେଲା । ଯେଉଁଦିନ ନମିତା ନାନା ପ୍ରକାର ଜଟିଳ ଅସ୍ତ୍ରୋପଚାର ତଥା ଭେଷଜୋପଚାର ପରେ ଡାକ୍ତରଖାନାରୁ ପ୍ରକୃତ ଜନ୍ମଦାତ୍ରୀ ସୁସ୍ଥ ହୋଇ ବାହାରି ଆସିଲା, ସେ ଦିନ ସେ ଆଉ ମିସେସ୍ ନମିତା ପଟ୍ଟନାୟକ ହୋଇ ଆସିଲାନି, ସେ ଆସିଲା ମିଷ୍ଟର ନରେନ୍ଦ୍ର ପଟ୍ଟନାୟକ ନାଁ ନେଇ । ପୋଲିସ ଦପ୍ତରରେ ତାର ନାଁ ନମିତା ପଟ୍ଟନାୟକ କଟାହୋଇ[illegible]ପିବନ୍ଧ ହେଲା ନରେନ୍ଦ୍ର ପଟ୍ଟନାୟକ । ଗୃହକରରେ ବି ସେଇଆ ହେଲା । ସରକାରୀ ଦପ୍ତରରେ ସତ୍ୟପାଠ କରାଇ ସେ ନିଜ ନାମ ଘୋଷଣା କଲା ନରେନ୍ଦ୍ର ପଟ୍ଟନାୟକ । ନବଜାତ ଶିଶୁର ମାଆଭାବରେ ତା'ର ନାଁ କଟାଯାଇ ସେଠି ଏକ ପ୍ରଶ୍ନବାଚକ ଚିହ୍ନ ରଖି ଦିଆଗଲା ।

ମୁଁ ଯେଉଁଦିନ ତାକୁ ଡାକ୍ତରଖାନାରୁ ଘରକୁ ନେବାପାଇଁ ଯାଇଥିଲି ସେଦିନ ମୋ ଦୁଃଖର ସୀମା ନାହିଁ । ମୁଁ ନମିତାକୁ ହରାଇ ଯେତେ ଦୁଃଖିତ ନୁହେଁ, ମୋର ବେଶି ଦୁଃଖ

Digitized by srujanika@gmail.com

ଏହି ନବଜାତ ପିଲାଟିର 'ମା' ଅଭାବ ପାଇଁ । ଦୁଇ ମାସର ଗ୍ରେଟ ଶିଶୁଟିକୁ ଆମେ ଦୁଇଜଣ ପୁରୁଷ ଲୋକ କେମିତି ପାଳି ମଣିଷ କରିବୁ ସେଇ ଥାଏ ମୋର ଚିନ୍ତା । ତେବେ ମା' ମରିଯାଇ ମା'ଛେଉଣ୍ଡ ପିଲାମାନେ ବାପ ଦ୍ୱାରା ଲାଳିତ ପାଳିତ ହୋଇ ଯେମିତି ବଡ଼ ହୁଅନ୍ତି, ଆମକୁ ସେମିତି କରିବାକୁ ପଡ଼ିବ । ତେବେ ବାପ ପିଲାଟିର ଯେତେ ଯତ୍ନ ନେଲେ ବି ପିଲାଟିଠାରେ ଯେତେ ଅପତ୍ୟ ସ୍ନେହ ଅଜାଡ଼ି ଦେଲେ ବି ମା'ର ଅଭାବକୁ କ'ଣ ସେ ଦୂର କରିପାରିବେ ? ଏହି ପିଲାଟି ଯେତେବେଳେ ବଡ଼ ହୋଇ ନିଜ ମା'କୁ ଖୋଜିବ, ସେ ତା'ର କ'ଣ ଉତ୍ତର ଦେବେ ? ସେ କିଣ ତାକୁ ବିଶ୍ୱାସ କରାଇପାରିବେ ଯେ ମିଷ୍ଟର ନରେନ୍ଦ୍ର ପଟ୍ଟନାୟକ ହେଉଛି ତାର ପ୍ରକୃତ ଜନ୍ମିତା ମା ।

ଦୁଇ ମାସର ଗ୍ରେଟ ଶିଶୁ ଓ ନରେନ୍ଦ୍ରକୁ ଧରି ଯେଉଁଦିନ ଡାକ୍ତରଖାନାରୁ ମୁଁ ବସାକୁ ଫେରି ଆସିଲି, ସେହିଦିନଠାରୁ ମୋର ଦୁଃଖର ପରିମାଣ ଯେମିତି ବଢ଼ିଗଲା ସେମିତି ଅନୁଭବ କଲି । ନରେନ୍ଦ୍ରର ଆହୁରି ବିଶ୍ରାମ ଲୋଡ଼ା । ଗ୍ରେଟ ପିଲାଟିର ଯେମିତି ଯତ୍ନନେବାର କଥା ତାହା ମୋ ଦ୍ୱାରା ସଂପୂର୍ଣ୍ଣ ଅସମ୍ଭବ । ତା ଛଡ଼ା ଘରର ଯାବତୀୟ କାମ, ବାସନ ମଜାଠାରୁ ରନ୍ଧାବଢ଼ା ପର୍ଯ୍ୟନ୍ତ । ତାଛଡ଼ା ପିଲାର ଜଞ୍ଜାଳ । ମୁଁ ତ ଏ ସବୁ ମୂଳରୁ କେବେ କରିନି । ନମିତା ଏସବୁ କରୁଥିଲା ମୋତେ କେବେ ହେଲେ ଭୁଲରେ ବି କିଛି କାମ କରିବାକୁ ଦେଇନି । ତେଣୁ ସେ ପରିସ୍ଥିତିରେ ଏ ସବୁକୁ ମୁଁ ଏକା କେମିତି ତୁଲାଇବି—ସେହି ଥାଏ ମୋର ଚିନ୍ତା । ମୁଁ ଘରର କାର୍ଯ୍ୟରେ ଲାଗି ଯାଇଥିଲେ ପିଲା ଯଦି କାନ୍ଦେ, ତେବେ ଅସ୍ଥିର ହୋଇପଡ଼େ ନରେନ୍ଦ୍ର । ମୋତେ ସଙ୍ଗେ ସଙ୍ଗେ ଡାକେ ପିଲାଟିର କ'ଣ ହେଲା ଦେଖିବା ପାଇଁ । ନିଜର ଏ ଅବସ୍ଥା ପାଇଁ ସେ ବିଛଣାରେ ପଡ଼ିରହି କାନ୍ଦେ । ଗତ କେତେଦିନ ଧରି ଗବେଷଣାଗାରରୁ ଛୁଟି ନେଇ ଘରେ ରହିବା ଛଡ଼ା ଅନ୍ୟ ଉପାୟ ନାହିଁ । ସାଧାରଣ ଗୃହିଣୀଟିଏ ଭଳି ପାରିବାରିକ ଜଞ୍ଜାଳରେ ବୁଡ଼ି ରହିବା ଛଡ଼ା ଅନ୍ୟ ଉପାୟ ନାହିଁ । ନରେନ୍ଦ୍ର ବେଳେବେଳେ ମୁହଁଶୁଖାଇ ଦୁଃଖ କରେ । ପିଲାର ଯାହା ଯତ୍ନ ନେବା କଥା ସେ ନେଇ ପାରୁନି । କେଉଁ ଜନ୍ମରେ କି ପାପ କରିଥିଲା କେଜାଣି ଏହି ଜନ୍ମରେ ସେ ଦଣ୍ଡ ପାଉଛି । ମୁଁ ବେଳେବେଳେ ଭାବେ ମିସ୍ ଫ୍ରିଡମେନ ଆମ ଦୁହିଁଙ୍କୁ କେତେ ଖୁସିରେ ବିବାହ କରାଇଥିଲେ, ଦୁଇଜଣଙ୍କର ଦିନ ସୁଖରେ କଟିବ ବୋଲି । ସୁଖ ସଂସାର ତ ଦୂରର କଥା, ଆଉ ଟୋକ ଉପରେ ନଳିତା ବଡ଼ା ଭଳି ଏ ମା'ଛେଉଣ୍ଡ ପିଲାଟି ।

ଧୀରେ ଧୀରେ ଗ୍ରେଟ ବଢ଼ିଗଲା । ଅନାଉ ଅନାଉ ଦିନ କେଇଟାରେ ତାର ସ୍ୱାସ୍ଥ୍ୟ ଏତେ ସୁନ୍ଦର ହୋଇଗଲା ଯେ ପିଲାଟିକୁ ଯେ ଦେଖିବ, ସେ ଘଡ଼ିଏ କାଳ ନ ଅନାଇ ରହି ପାରିବନି । ନରେନ୍ଦ୍ର ମଧ୍ୟ ସୁସ୍ଥ ହୋଇଗଲାଣି । ପୁରୁଷତ୍ୱ ଲୋପ ପରେ କି ସୁନ୍ଦର ରୂପ ଫିଟିଗଲାଣି ତାର । ଯୁବତୀ ବେଳେ ଯେ ବେଶ୍ ରୂପବତୀ ଥିଲା, ତାର ଢଳ ଢଳ ଆଖି, ପାତଳ ସରୁ ଭ୍ରୂଲତା, ଅରୁଣ ରକ୍ତିମ ଅଧର, ମୁଣ୍ଡରେ ଘନ କୁଞ୍ଚିତ କୁନ୍ତଳ, ହରିଣୀ ବିଲୋଳ ନୟନରେ ଲୀଳାଳୋଳ ଦୃଷ୍ଟି, ଯେ ଦେଖୁଥିଲା ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ନ ହୋଇ

Digitized by srujanika@gmail.com

ରହିପାରୁନଥିଲା । ରୂପସୀ ନମିତା ପୁରୁଷତ୍ୱଲାଭ କରିଥିଲେ ହେଁ ତା'ର ସେହି କମନୀୟ ଗଢ଼ଣ ସେହିଭଳି ରହିଛି । ନାରୀସୁଲଭ ବିମ୍ବୋଷ୍ଠ, ସୁନେଲି ଅଧର ମଳିନ ପଡ଼ି-ଯାଇଥିଲେ ହେଁ ପୂରାପୂରି ଲୋପପାଇନି । ପୁରୁଷତ୍ୱ ଲାଭ ପରେ ତା'ର ନାରୀ-ସୁଲଭ ଉନ୍ନତ ବକ୍ଷ ମଣ୍ଡଳ ଯାଇଛି, ମୁଖରେ ତା'ର ସ୍ତ୍ରୀସୁଲଭ ଲାବଣ୍ୟ ଚାଲିଯାଇଛି, ମୁଖ ଉପରେ ଗ୍ରେଟ ଗ୍ରେଟ କେଶର ଆତ୍ମ ପ୍ରକାଶ କରି ତାର ପୁରୁଷତ୍ୱର ସାକ୍ଷୀ ରୂପେ ରହିଛି । ସ୍ୱର ଈଷତ୍ କର୍କଶ ହୋଇ ଯାଇଥିଲେ ହେଁ ସ୍ୱରର ମିଷ୍ଟତା ପୂରାପୂରି ଲୋପ ପାଇନି । ନରେନ୍ଦ୍ର ସୁସ୍ଥ ହେବା ପରେ ପରେ ନବଜାତ ଶିଶୁଟି ପାଇଁ ବଡ଼ ବ୍ୟସ୍ତ ହେଉଥିଲା । ଶିଶୁର କାମଦାମ ମୋତେ କରିବାକୁ ନ ଦେଇ ସେ ନିଜେ ସବୁ କରୁଥିଲା । ପିଲାଟି ଟିକିଏ ଯଦି ଅଧିକ ଜୋର୍‌ରେ କାନ୍ଦୁଥିଲା, ନରେନ୍ଦ୍ର ତାର କ'ଣ ଅସୁବିଧା ହେଲା, ସେ କ'ଣ କରିବ ଭାବି ପାଗଳ ହୋଇ ଯାଉଥିଲା । ଗୋଟିଏ ସ୍ତ୍ରୀଲୋକ ପିଲାଟିର ଯାହା ଯତ୍ନ ନେଇଥାନ୍ତା, ତାଠାରୁ ଅଧିକ ଯତ୍ନ ନେଉଥିଲା ସେ । ପୂର୍ବଭଳି ରନ୍ଧାବଢ଼ା, ନାରୀର ଯାବତୀୟ କାମ ଯୁବତୀ ଥିଲାବେଳେ ଯେମିତି କରୁଥିଲା, ଏବେ ବି ସେମିତି କରେ । ମୋତେ କିଛି କରିବାକୁ ଦିଏନି । ନରେନ୍ଦ୍ରକୁ ଦେଖି ବେଳେବେଳେ ଭାବେ ନରେନ୍ଦ୍ରର ମୋ ପ୍ରତି ଓ ପିଲାପ୍ରତି ଏହିଭଳି ଆକର୍ଷଣ ଯଦି ସବୁଦିନେ ରହେ, ତେବେ ଆମ ସଂସାର ଚଳାଚଳରେ କିଛି ଅସୁବିଧା ହେବନି । ନରେନ୍ଦ୍ର ବର୍ତ୍ତମାନ ପୁରୁଷ ହେଲେହେଁ ତା ଭିତରେ ନମିତାର ପ୍ରାଣ ଯେ ଅଛି, ତାହା ଆମ ସଂପର୍କକୁ ଛୁଡ଼ାଇ ପାରିବନି । ତେଣୁ ପାରିବାରିକ ଚଳାଚଳରେ ଓ ପିଲାଟିକୁ ବଢ଼ାଇବାରେ ଆମର କିଛି ଅସୁବିଧା ହେବନି ବୋଲି ଭାବିଲି । କିନ୍ତୁ ମୋର ଏହି ଆଶା କେତେଦୂର ଯୁକ୍ତିଯୁକ୍ତ ମନେ ମନେ ଥରକୁ ଥର ଆଲୋଚନା କରୁଥିଲି ।

× × ×

ବେଳେବେଳେ ଚିନ୍ତା କରେ ନରେନ୍ଦ୍ର ସହିତ ମୋର ଓ ପିଲାଟିର ସଂପର୍କ ସବୁ ଦିନ ପାଇଁ କେମିତି ରହିବ ? ସେ ନମିତା ଥିଲା ବେଳେ ପିଲାଟିକୁ ଯେମିତି ଭଲ ପାଉଥିଲା, ସେମିତି ସବୁ ଦିନ ପାଇଁ ଭଲ ପାଇବ କି ନାହିଁ । ଚିକିତ୍ସା ବିଜ୍ଞାନର ଇତିହାସରେ ତ ଏଭଳି ଲିଙ୍ଗ ପରିବର୍ତ୍ତନ ପ୍ରଥମ । ଲିଙ୍ଗ ପରିବର୍ତ୍ତନ ପୂର୍ବରୁ ମା'ର ତା' ପିଲା ପ୍ରତି ଯେଉଁ ସଂପର୍କ ଥାଏ, ଲିଙ୍ଗ ପରିବର୍ତ୍ତନ ପରେ ମା' ପୁରୁଷ ପାଲଟିଗଲେ ମା' ପିଲା ସଂପର୍କ ସେମିତି ରହେ କି ନାହିଁ ସେ ସଂପର୍କରେ କେଉଁଠି ଆଲୋଚନା ହେବାର ଦେଖି ନାହିଁ । ଚିକିତ୍ସା ବିଜ୍ଞାନରେ ଯେତେ ପ୍ରକାର ବହି, ଜର୍ଣ୍ଣାଲ ଥିଲା ସବୁ ଲେଉଟାଇଲି, କୌଣସି ବିଶେଷଜ୍ଞ ଏ ସଂପର୍କରେ କିଛି ମତାମତ ଲିପିବଦ୍ଧ କରିବାର ଦେଖିଲିନି । ଦିନେ କଥା ହେଉ ହେଉ ମିସ୍ ଫ୍ରିଡ୍‌ମେନଙ୍କୁ ପଚାରିଲି, ସେ ବି ନୀରବ । ମା' ପିଲାର ସଂପର୍କ କ'ଣ ହେବ ସେ ବି ସନ୍ଦିହାନ । ଆଗରୁ ଏମିତି ଘଟଣା ସିନା ଘଟିଥିଲେ ସେମାନେ ଜାଣିଥାନ୍ତେ କେମିତି ସଂପର୍କ ରହିବ । ସେହି ଅନୁସାରେ ସେମାନେ ସେମାନଙ୍କ ମତବ୍ୟକ୍ତ କରନ୍ତେ । ପୂରାପୂରି ଏହାତ ନୂଆ । ସେ ଦୃଷ୍ଟିରୁ ଏ ସଂପର୍କରେ ସେମାନେ କି ମତ ଦେଇପାରିବେ । ସାରା ପୃଥିବୀରେ

Digitized by srujanika@gmail.com

ଏଭଳି ଘଟଣା ତ କେବେ ଘଟିନି । ଚିକିତ୍ସା ବିଜ୍ଞାନର ହଜାର ହଜାର ବର୍ଷର ଇତିହାସରେ ଏହା ସର୍ବପ୍ରଥମ । ତେବେ ନିଉୟର୍କ ମେଡିକାଲ ସ୍କୁଲ୍ ଜର୍ଣ୍ଣାଲରେ ଜଣେକ ଅଧ୍ୟାପକ ମତ ଦେଇଛନ୍ତି—ମା' ପୁଅର ଆକର୍ଷଣ ମୂଳରେ ରହୁଛି ମା' ଦେହରେ କ୍ଷରିତ ହେଉଥିବା ସ୍ତ୍ରୀ ହରମୋନ୍ସ । ଏହି ହରମୋନସ୍ କ୍ଷରଣ ଯଦି ବନ୍ଦ ହୋଇଯାଏ ତେବେ ମା'ର ପିଲାଟି ପାଇଁ ସ୍ନେହ, ମମତା ମଉଳି ପଡ଼ିବ । ସେ ଦେଖିଛନ୍ତି କେନ୍ସର ରୋଗଗ୍ରସ୍ତ ସ୍ତ୍ରୀର ଗର୍ଭ କୋଷ କାଟିଦେଲେ ସ୍ତ୍ରୀ ହରମୋନ୍ସ କ୍ଷରଣ କମିଯାଏ । ଫଳରେ ସେ ଭଳି ସ୍ତ୍ରୀର ବାତ୍ସଲ୍ୟ ମମତା ସେହି ଅନୁପାତରେ କମିଯାଏ । ସ୍ୱାମୀ ପ୍ରତି ମଧ୍ୟ ମମତା ରହେନି । ସେ ଭଳି ସ୍ତ୍ରୀ ଯେ ଏକ ସୁସ୍ଥ ନାରୀ ନୁହେଁ, ଏହା ନିଃସନ୍ଦେହରେ କୁହାଯାଇପାରେ ।

ପ୍ରବନ୍ଧଟି ପଢ଼ି ମୋ ମନରେ ଏକ ଦ୍ୱନ୍ଦ୍ୱ ଦେଖାଦେଲା, "ତା ଯଦି ହେଉଥାଏ, ତେବେ ନରେନ୍ଦ୍ର ମନରେ ପିଲାଟି ପ୍ରତି ବାତ୍ସଲ୍ୟ ମମତା ଆଉ କିଛି ଦିନ ପରେ ମୋଟେ ରହିବନି, କାରଣ ତା' ଦେହରେ ସ୍ତ୍ରୀ ହରମୋନ୍ସ ସ୍ଥାନରେ ପୁରୁଷ ହରମୋନ୍ସ ପରିମାଣ ଢେର ବଢ଼ିଯାଇଥିବ ।

ପୁଣି ପର ମୁହୂର୍ତ୍ତରେ ଭାବିଲି । ନା, ତା ହୋଇ ନପାରେ । ବାପ ଦେହରେ ତ ପୁରୁଷ ହରମୋନ୍ସର କ୍ଷରଣ ଅଧିକ । ତେବେ ବାପର ପିଲାଟି ପ୍ରତି ବାତ୍ସଲ୍ୟ ସ୍ନେହ ରହୁଛି କେମିତି ? ଏଠି ତ ସ୍ତ୍ରୀ ହରମୋନ୍ସ ନାହିଁ ।

ମନେ ମନେ ବିଚାର କଲି । ନା, ଏହି ହରମୋନ୍ସ ତଥ୍ୟ ବାତ୍ସଲ୍ୟ ପ୍ରେମ ମୂଳରେ ରହି ନ ପାରେ । ମା'ର ବାପ ପ୍ରତି ଆକର୍ଷଣ ହୁଏତ ଦେହ କାରଣରୁ ହୋଇ ପାରେ । ପିଲା ପ୍ରତି ଆକର୍ଷଣ ମୂଳରେ ନାହିଁ ହରମୋନ୍ସ କ୍ଷରଣ । ଏହା ଏକ ମନସ୍ତାତ୍ତ୍ୱିକ ଆକର୍ଷଣ, ଅନାସକ୍ତ ଆକର୍ଷଣ ନୁହେଁ । ପିଲାଟିକୁ ଯେତେବେଳେ ମା' ନିଜ ଶରୀରରୁ ସୃଷ୍ଟି କରିଛି, ପିଲାର ସୁଖ ଦୁଃଖକୁ ନିଜ ସୁଖ ଦୁଃଖ ସହିତ ସେ ସାମିଲ କରିନେଇଛି । ବାପକୁ ଗ୍ରାହ୍ୟ ଦେଲେ ପିଲାଟିକୁ ତାହାର ଭବିଷ୍ୟତ ବୋଲି ଭାବି ସେ ପିଲା ପ୍ରତି ବାତ୍ସଲ୍ୟ ପ୍ରେମ ଅଜାଡ଼ି-ଦିଏ । ସ୍ତ୍ରୀ ହରମୋନ୍ସ କ୍ଷରିତ ହେଉ ବା ନ ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଏହି ତଥ୍ୟ ଅନୁସାରେ ବିଚାର କଲେ ନରେନ୍ଦ୍ରର ପିଲାଟି ପ୍ରତି ମମତା ସବୁ ଦିନ ପାଇଁ ରହିବ ନାହିଁ । ଦିନକୁ ଦିନ ପୁରୁଷ ହରମୋନ୍ସ ତା ଦେହରେ ଯେତେ ଅଧିକ କ୍ଷରିତ ହେଉଥିବ, ତାର ନବଯୌବନର ଉନ୍ମାଦନା ସେତେ ବଢ଼ୁଥିବ । ସେ ନିଜେ ଜଣେ ସ୍ରଷ୍ଟା ଭାବରେ ନୂଆ ସୃଷ୍ଟି ପାଇଁ ଉନ୍ମାଦନା ଅନୁଭବ କରିବ । ଯେ କ୍ଷେତ୍ରରେ ସେ ନିଜର ଅତୀତ ସୃଷ୍ଟିକୁ ଭୁଲିଯିବ । ନରେନ୍ଦ୍ରର ମୋ ପ୍ରତି କୌଣସି ଆକର୍ଷଣ ନ ରହିବା ସ୍ୱାଭାବିକ । କାରଣ ସେ ତ ଆଉ ନମିତା ହୋଇ ରହିନାହିଁ ଯେ ମୋ ପ୍ରତି ତା ପୂର୍ବ ଆକର୍ଷଣ ଅତୁଟ ରଖିପାରିବ ।

Digitized by srujanika@gmail.com

ପୁଂ ହରମୋନ୍ ସର କ୍ଷରଣ ଫଳରେ ତା'ର ଯୁବତୀମାନଙ୍କପ୍ରତି ଆକର୍ଷଣ ଧୀରେ ଧୀରେ ବଢ଼ିଯିବ । ତେଣୁ ମୁଁ ଧରନେଲି ନରେନ୍ଦ୍ରର ମୋ ପ୍ରତି ଓ ପିଲାଟି ପ୍ରତି ଆକର୍ଷଣ ଆଉ ବେଶି ଦିନ ରହିବ ନାହିଁ ।

× × ×

ଦିନ ଗଡ଼ିଗ୍ଲଲା । ମୁଁ ଯାହା ସନ୍ଦେହ କରୁଥିଲି ତାହାହିଁ ସତ୍ୟରେ ପରିଣତ ହେଲା । ମୋ ପ୍ରତି କି ପିଲାଟି ପ୍ରତି ନରେନ୍ଦ୍ରର ଆକର୍ଷଣ ସବୁ ଦିନ ପାଇଁ ସମାନ ରହିପାରିଲାନି । ପୁରୁଷନ୍ଧ ଲାଭ ଯେତେ ପୁରୁଣା ହେଉଥାଏ, ତା ଦେହରେ ନବ ଯୁବକର ଉନ୍ମାଦନା ସେତେ ବଢ଼ି ବଢ଼ି ଗ୍ଲଲଥାଏ । ପିଲା କାନ୍ଦିଲେ ସେ ପୂର୍ବଭଳି ଆଉ ଏତେ ବ୍ୟସ୍ତ ହୁଏନି । ହତେ ଯେପରି ସେ ଧୀରେ ଧୀରେ ଭୁଲିଯାଉଛି, ସେ ନିଜେ ଏହି ଶିଶୁଟିକୁ ନିଜ ରକ୍ତ ମାଂସଦେଇ ଗଢ଼ିଥିଲା ବୋଲି । ପିଲାର କାନ୍ଦ ଦେଖିଲେ, ତା'ର ପ୍ରାଣ ଆଗେ ଯେଉଁ-ଭଳି ଭାବରେ କାନ୍ଦି ଉଠୁଥିଲା, ତାହା ଆଜିକାଲି ଆଉ ନାହିଁ । ଅବସ୍ଥା ଏମିତି ହେଲା ପିଲା ବେଶି ସମୟ କାନ୍ଦିଲେ ସେ ବ୍ୟସ୍ତ ହେବା ପରିବର୍ତ୍ତିରେ ବିରକ୍ତିଭାବ ପ୍ରକାଶ କଲା । ତା' ଦେହରେ ଯେଉଁ ମାତୃତ୍ୱ ଏତେ ଦିନ ଧରି ରହିଆସିଥିଲା, ସେହି ମାତୃତ୍ୱ ଟିକକ ଯେମିତି ଧୀରେ ଧୀରେ ମରି ମରି ଯାଉଛି ମୁଁ ସେମିତି ଅନୁଭବ କଲି ।

ଦିନକର ଘଟଣା । ମୁଁ ଡାଇନିଂ ଟେବୁଲ ପାଖରେ ବସି ସକାଳ ଖବରକାଗଜ ପଢ଼ୁଥିଲି । ନରେନ୍ଦ୍ର ହାଣ୍ଡିଶାଳରେ ଷ୍ଟୋଭ୍ ରେ ସକାଳ ପାଇଁ ଜଳଖିଆ ତିଆରି କରୁଥିଲା । ସେ ଜଳଖିଆ ଗ୍ଲୁ' ଆଦି କଣସାରି ଟେବୁଲ ଉପରେ ଥୋଇ ଦେଇ ଖାଇବା ପାଇଁ ବସିପଡ଼ିଲା । ମୁଁ ମଧ ଖବରକାଗଜ ପଢ଼ା ଗ୍ଲଡ଼ି ଖାଇବସିଲି । ଆମେ ଖାଇବାକୁ ଆରମ୍ଭ କରିଛୁ କି ନାହିଁ, ହଠାତ୍ ପିଲାଟି କାନ୍ଦିଉଠିଲା । ପିଲାଟି କାନ୍ଦି ଉଠିଲେ ମା' ମନରେ ଯେଉଁ ଆଲୋଡ଼ନ ସୃଷ୍ଟି ହୁଏ, ସେହି ଆଲୋଡ଼ନ ନରେନ୍ଦ୍ର ମନରେ ତ ସୃଷ୍ଟି ହେଲାନି, ଓଲଟି ସେହି କ୍ରନ୍ଦନରେ ବିରକ୍ତ ହୋଇ ତା ପାଟିରୁ ବାହାରିପଡ଼ିଲା, "ଏ ପିଲାଟା ମଣିଷକୁ ଆଉ ଖୁଆଇ ପିଆଇ ଦେବନି ।"

ନରେନ୍ଦ୍ରର ଏହି ବକ୍ତବ୍ୟ ମୋ ଗ୍ଲତିରେ ଛୁରିକାଘାତଭଳି ଲାଗିଲା । ବଡ଼ ବିରକ୍ତ ହୋଇ ନରେନ୍ଦ୍ରକୁ କଡ଼ା କଡ଼ା ଦି'ପଦ ଶୁଣାଇ ଦେବାକୁ ଯାଉଥିଲି, ହଠାତ୍ ମୋ ବିବେକ ମୋ ଭିତରେ ଏଥିରୁ ନିବୃତ୍ତ କଲା । ମନେ ମନେ ଭାବିଲି; ନରେନ୍ଦ୍ରକୁ ଦୋଷ ଦେଇ ଲାଭ କଅଣ ? ସେ ତ ଆଉ ମୋ ସ୍ତ୍ରୀ ନୁହେଁ ଯେ ତାକୁ ଶାସନ ବ୍ୟଞ୍ଜକ ସ୍ୱରରେ କିଛି କହିବି । ତା ଭିତରେ ଯେଉଁ ମାତୃତ୍ୱ ଟିକକ ଏତେ ଦିନ ଧରି ବଞ୍ଚି ରହିଥିଲା ତା'ତ ଆଜି ଆଉ ନାହିଁ । ସେ ଏଭଳି ବିରକ୍ତିଭାବ ପ୍ରକାଶ କଲେ ତାକୁ ଦୋଷ ଦେଇ ଲାଭ ବା କଅଣ ? ବରଂ ଦୋଷ ଦେଉଛି ମୋ କପାଳର । ନରେନ୍ଦ୍ରର ଆଜି ଯଦି ପରିବର୍ତ୍ତନ ନ

Digitized by srujanika@gmail.com

ହୋଇଥାନ୍ତା ସେ ପିଲାଟିକୁ ତ ନିଜ ଜୀବନଠାରୁ ଅଧିକ କରି ପାଳୁଥାନ୍ତା । ତେଣୁ ନରେନ୍ଦ୍ର ଏହି ବିରକ୍ତିରେ ବିରକ୍ତ ନହୋଇ ହସି ହସି କହିଲି, "ପିଲାଟିର କାନ୍ଦରେ ଏତେ ବିରକ୍ତ ହେଲେ କ'ଣ ଚଳିବ ନରେନ୍ଦ୍ର ! ଯେତେବେଳେ ପିଲାଟିକୁ ଆମେ ଜନ୍ମ ଦେଇଚେ, ତାର ସୁବିଧା ଅସୁବିଧା ଆମକୁ ବୁଝିବାକୁ ପଡ଼ିବ । ତୁମେ ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଯାଇ ଦେଖୁଚି ପିଲାଟିର କ'ଣ ହେଲା, ସେ ଏମିତି କାନ୍ଦୁଚି କାହିଁକି ?"

ଏତିକି କହି ମୁଁ ପିଲାଟି ପାଖକୁ ଉଠିଗଲି । ଦେଖିଲି ପିଲାଟି ଶେଯରେ ପରିସ୍ରା କରିଦେଇଚି । ଏହା ଫଳରେ ଶେଯ ଓଦା ହୋଇଯାଇଥିବାରୁ ସେ କାନ୍ଦୁଚି । ସଙ୍ଗେ ସଙ୍ଗେ ପିଲାଟିର ଶେଯ ବଦଳାଇ ଦେବାରୁ ତା' କାନ୍ଦ ବନ୍ଦ ହୋଇଗଲା ।

ପିଲାଟିକୁ ଶୁଖିଲା ଶେଯରେ ଶୁଆଇ ଦେଇ ଫେରି ଆସି କହିଲି, "ତୁମେ କଣ ମନରେ ଭାବୁଚ, ମୁଁ ଜାଣେନି ନରେନ୍ଦ୍ର, ତେବେ ଏହି ପିଲାଟି ମୋ ଜୀବନର ସବୁ କିଛି । ଆମେ ଦୁହେଁ ଦିନେ ଏହି ପିଲାଟିର ବାପ ମା' ଥିଲେ, ତାହାର ଏକମାତ୍ର ସାକ୍ଷୀ ହେଉଚି ଏହି ପିଲାଟି । ମୁଁ ଏହି ପିଲାଟିକୁ କିପରି ଏକ ମଣିଷ କରି ଗଢ଼ି ତୋଳିବି, ତାହାହିଁ ମୋର ଚିନ୍ତା । ଏହି ଶିଶୁଟିର ମୁହଁକୁ ଚାହିଁଦେଲେ, ତୁମର ପୂର୍ବ ମୁହଁ ଏହାରି ମୁହଁରେ ପ୍ରତିଫଳିତ ହେବାର ଦେଖେଁ । ଏହାର ସୁଖ ଦୁଃଖ ହିଁ ମୋର ସୁଖ ଦୁଃଖ ।"

ମୁଁ କଣ କହୁଥିଲି କି, "ତୁମେ ପିଲାଟି ପାଇଁ ଏତେ ବ୍ୟସ୍ତ ରହିଲେ ତୁମ ଶରୀର ଭାଙ୍ଗି ପଡ଼ିବ । ମୁଁ ଭାବୁଚି ପିଲାଟିକୁ କୌଣସି ନର୍ସରୀରେ ଛାଡ଼ିଦେଲେ କ୍ଷତି କଣ ହୁଅନ୍ତା ? ଆମେ ପ୍ରତିଦିନ ଯାଇ ପିଲାଟିକୁ ଦେଖି ଆସୁଥାଆନ୍ତେ । ପିଲାଟି ବଡ଼ହେଲେ ଆମେ ପାଖକୁ ନେଇ ଆସନ୍ତେ ।"

ତୁମେ ଯଦିଓ ତା'ର ମା, ତୁମେ ଯଦି ତା'ର ମା' ହୋଇ ଆଜି ପର୍ଯ୍ୟନ୍ତ ରହିଥାନ୍ତ ତେବେ ତୁମ ପାଟିରୁ କେବେ ଏଭଳିକଥା ଶୁଣି ନଥାନ୍ତି ନରେନ୍ଦ୍ର ! ତୁମେ ଯଦି ଆଜି ନମିତା ହୋଇରହିଥାନ୍ତ ତେବେ ତୁମ ପାଟିରୁ ଏଭଳି କଥା କେବେ ବାହାରି ନଥାନ୍ତା । ତୁମ ଭିତରେ ନମିତା ଆଜି ମରିଯାଇଚି ବୋଲି ତୁମେ ଏପରି କହି ପାରୁଛ ନରେନ୍ଦ୍ର ! ମୁଁ ଏଥିପାଇଁ ତୁମକୁ ଦୋଷ ଦେଉନି, ଦୋଷ ଦେଉଛି ମୋ ଭାଗ୍ୟକୁ । ତୁମେ ସବୁକଥା କହିପାର ନରେନ୍ଦ୍ର, ପିଲାଟିକୁ ନର୍ସରୀକୁ ପଠାଇବା କଥା କହନି । ମୁଁ ତାର ପିତା; ଏବେବି ମୋ ଦେହ ଭିତରେ ପିତୃତ୍ୱର ସ୍ନେହ ବନ୍ଧନ ବଳବତ୍ତର ରହିଚି । ମୁଁ ପିଲାଟିକୁ ନର୍ସରୀକୁ ପଠାଇଦେଇ ନିଶ୍ଚିନ୍ତ ହୋଇ ରହିପାରିବିନି ।

"ଆମେ ଦୁଇଜଣ ପିଲାଟିକୁ ବଢ଼ାଇବା କେମିତି ସେଇ ମୋର ଚିନ୍ତା । ଏଭଳି ଉପାୟ ଛଡ଼ା ମୋ ମୁଣ୍ଡକୁ ଆଉ କିଛି ଉପାୟ ତ ପଶୁନି ।"

Digitized by srujanika@gmail.com

"ଯେତେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି, ତୁମେ ପିଲାଟି ପାଇଁ ଚିନ୍ତା କରନା ନରେନ୍ଦ୍ର ! ତୁମେ ତା'ର ମା' ସତ; କିନ୍ତୁ ତମ ଭିତରେ ସେଇ ମାତୃସ୍ନେହ ଆଜି ନାହିଁ । ମୋ ଭିତରେ ପିତୃସ୍ନେହ ମରିନି; ତେଣୁ ମୁଁ ପିଲାଟିକୁ ସମ୍ଭାଳି ନେଇପାରିବି, ଏ ବିଷୟରେ ତୁମେ ନିଶ୍ଚିନ୍ତ ରହିପାର । ଯେଉଁ ଶିଶୁମାନେ ପିଲାଟି ଦିନରୁ ମା'ଛେଉଣ୍ଡ ହେଉଛନ୍ତି, ସେମାନଙ୍କ ବାପଇ ସେମାନଙ୍କୁ ବଢ଼ାଇ ମଣିଷ କରୁଛି । ମୋ ପାଇଁ ଓ ଏ ପିଲାଟି ପାଇଁ ଏହି ପିଲାର ମା' ନମିତା ଆଜି ମରିଯାଇଛି ସିନା, ତା ବୋଲି ମୁଁ ପିଲାଟାକୁ ନର୍ସେଙ୍କରେ ଛାଡ଼ି ଦେଇ ନିଶ୍ଚିନ୍ତ ହୋଇ ରହିବି କିପରି ?

କିନ୍ତୁ ପିଲାଟାକୁ ଠିକ୍ ରୂପେ ମଣିଷ କରିବା ପାଇଁ ଆଉ କି ଉପାୟ ଅଛି କହିଲ ?

ମୁଁ କଣ ସେ ବିଷୟ ଚିନ୍ତା କରୁନ ନରେନ୍ଦ୍ର ? ମୁଁ ସେକଥା ଟିକିନଖି ଆଲୋଚନା କରିଛି ଓ ଚିନ୍ତା କରୁଛି । ଏହା ମୋର ସିଦ୍ଧାନ୍ତ, ତୁମେ ପିଲାଟି ପାଇଁ କିଛି ଚିନ୍ତା ନକଲେ ବି ମୁଁ ପିଲାଟିକୁ ଲାଳନ ପାଳନ କରି ବଡ଼ କରି ପାରିବି ।

× × ×

"ତୁମର ପ୍ରସ୍ତାବ ବଡ଼ ହାସ୍ୟାସ୍ପଦ ନରେନ୍ଦ୍ର । ନମିତା ଭଳି ସ୍ତ୍ରୀକୁ ମୁଁ ଯେତେବେଳେ ହରାଇଛି, ଆଉ ଥରେ ବିବାହ କରି ପୁଣି ସଂସାର କରିବାର ଆଶା କ'ଣ ମୁଁ ରଖିଛି ନରେନ୍ଦ୍ର ? ଥରେ ଯେତେବେଳେ ମୋ ସୁଖର ସଂସାର ଭାଙ୍ଗି ଯାଇଛି ଆଉ ଥରେ ପୁଣି ସେ ସଂସାର ଯେ ଗଢ଼ି ଉଠିବ, ସେ ସ୍ୱପ୍ନ ମୁଁ ଦେଖି ପାରୁନ ନରେନ୍ଦ୍ର !

ଜୀବନ ଆରମ୍ଭ କରୁଁ କରୁଁ ଏଭଳି ବୈରାଗୀ ହେଲେ ସଂସାର ଚଳିବନି । ଆମର ସଂସାରରେ ଜଣେ ସ୍ତ୍ରୀଲୋକ ନ ଆସିଲେ ଏ ପିଲାଟିକୁ ଆମେ ଠିକ୍‌ରୂପେ ମଣିଷ କରି ପାରିବୁନି । ଆମେ ଦୁହେଁ ଯେତେବେଳେ ବାହାରକୁ ଚାଲିଯିବା, ପିଲାଟିର ଦାୟିତ୍ୱ ନେବ କିଏ କହିଲ ? ଆମେ ଗୋଟିଏ ଆୟା ରଖିଲେ, ସେ କ'ଣ ଆମ ପିଲାଟିର ଠିକ୍ ଯତ୍ନ ନେଇ ପାରିବ ?"

"ନା, ନା ନରେନ୍ଦ୍ର ମୋତେ କ୍ଷମାକର । ନମିତାର ରୂପ ମୋ ମନରୁ କଦାପି ଲିଭି ପାରିବନି । ନମିତା ଭଳି ସ୍ତ୍ରୀକୁ ଯେତେବେଳେ ହରାଇଛି, ଅନ୍ୟ ସ୍ତ୍ରୀକୁ ନେଇ ମୁଁ କଦାପି ସୁଖୀ ହୋଇ ପାରିବନି ।"

"ବାସ୍ତବତାକୁ ଟିକିଏ ବିଚାରକୁ ନିଅ । ଏଭଳି ଭାବବିହ୍ୱଳ ହେଲେ ଆମ ସଂସାର ଚଳିବ କେମିତି କହିଲ ?"

ଦେଖ ନରେନ୍ଦ୍ର, ନମିତାର ମାତୃତ୍ୱ ସିନା ମରିଯାଇଛି । ନମିତା ତ ମରିନି । ତୁମର ଭିତରେ ମୁଁ ସବୁବେଳେ ନମିତାକୁ ଦେଖେଁ । ଏହି ଘର ଭିତରେ ନମିତା ବଞ୍ଚି ଥାଉଁ ଥାଉଁ

Digitized by srujanika@gmail.com

ଆଉ ଜଣେ ସ୍ତ୍ରୀ ଲୋକଙ୍କୁ ନେଇ ସଂସାର କେମିତି କରିବ କହିଲ ? ତା'ପରେ ସେ ଯେଉଁ ସ୍ତ୍ରୀ ଲୋକ ଆସିବ, ପିଲାଟି ପ୍ରତି ଯଦି ବୈମାତୃକ ଭାବ ଦେଖାଏ, ତେବେ ପିଲାଟିର ଅବସ୍ଥା କଣ ହେବ ଭାବୁଛ ତ ?

"ତା ଅବଶ୍ୟ ଚିନ୍ତାର ବିଷୟ । ତେବେ ତୁମେ ଯାହାଙ୍କୁ ବିବାହ କରିବ, ତାଙ୍କୁ ସବୁ କଥା ଖୋଲି ପ୍ରଥମରୁ କହିଦେବାକୁ ପଡ଼ିବ । ପିଲାଟିକୁ ନିଜର ପିଲାଭଳି ଯଦି ଆଦର ନେଇ ପାରିବ, ତେବେ ତାଙ୍କୁ ତୁମେ ବିବାହ କରିବ ନୋହିଲେ ନାହିଁ ।

ସେ ଯେତେବେଳେ ଜାଣିବ, ତୁମେ ଏକ ସମୟରେ ମୋ ସ୍ତ୍ରୀ ଥିଲ, ଏ ପିଲାଟି ତୁମର ସନ୍ତାନ, ଏହି ଦ୍ୱନ୍ଦ୍ୱ ଭିତରେ ସେ ମୋତେ ବିବାହ କରି ଏ ଘରକୁ ଆସିବାକୁ କେମିତି ଆଗଭର ହେବ କହିଲ ନରେନ୍ଦ୍ର ! ତୁମେ ମୋ ବିବାହ ପ୍ରଶ୍ନକୁ ପୁରାପୂରି ତ୍ୟାଗ କର । ଏହା ନିହାତି ଅବାସ୍ତବ । ଆମ ପିଲାଟିକୁ ବଢ଼ାଇବା ପାଇଁ ଯଦି ଆଉ କିଛି ଚିନ୍ତା କରୁଛ କୁହ ବିଚାର କରିବା ।"

× × ×

"ତୁମେ ଆଜି ଯେଉଁ କଥା କହୁଛ ମୁଁ ତେର ଦିନ ହେଲା ଠିକ୍ ସେଇଆ ଚିନ୍ତାକରି ଆସୁଥିଲି ନରେନ୍ଦ୍ର । ମୁଁ ସିନା ନମିତାର ସ୍ମୃତିକୁ ଭୁଲି ପାରିବିନି, ତେଣୁ ବିବାହ ମୋ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ତୁମେ ବିବାହ କଲେ ସେ ଅସୁବିଧା ତ ନାହିଁ । ମିସ୍ ଫ୍ରିଡ଼୍‌ମେନ୍‌ଙ୍କ ମତରେ ତୁମେ ବର୍ତ୍ତମାନ ବିବାହ କରି ଘରସଂସାର କରିବାକୁ ପୁରାପୁରି ସକ୍ଷମ । ତମେ ବିବାହ କଲେ ତୁମ ସ୍ତ୍ରୀ ଆମ ପିଲାଟିର ଯତ୍ନ ନେଇପାରିବ । ଆଉ ଆମକୁ ପିଲାଟି ପାଇଁ ଏତେ ଚିନ୍ତା କରିବାକୁ ପଡ଼ିବନି । ତୁମେ ଆଉ ଦ୍ୱିଧା ନକରି ଏ ଦିଗରେ ଆଗେଇ ଯାଅ ନରେନ୍ଦ୍ର !

ନରେନ୍ଦ୍ରର ବିଭାଘର ଦିନ କେଇଟା ଭିତରେ ହୋଇଗଲା । ନରେନ୍ଦ୍ରକୁ ବିଭା ହୋଇ ଯେ ଆମଘରକୁ ବୋହୂ ହୋଇ ଆସିଲେ, ସେ ଭାରତୀୟ ହେଲେ ହେଁ ଓଡ଼ିଆ ନୁହଁନ୍ତି । ତାଙ୍କ ଘର ପଞ୍ଜାବରେ । ସେ ଏଠାରେ ଏମ୍. ଏ. ପଢ଼ିବାକୁ ଆସି ନରେନ୍ଦ୍ରକୁ ଭଲ ପାଇ ତାଙ୍କୁ ବିବାହ କଲେ ।

ବିଭାଘର ସେମିତି ଯାକଜମକରେ ନ ହୋଇ ସାଧାସିଧା ଭାବରେ ହୋଇଗଲା । ବିଭା ହେବା ପୂର୍ବରୁ ନରେନ୍ଦ୍ର ଆମ ପିଲାଟି କଥା ନବାଗତ ବୋହୂଟିକୁ କହିଥିଲା । ମୋତେ ଚିହ୍ନାଇଥିଲା ତାର ବଡ଼ ଭାଇ ବୋଲି । ପିଲାଟିକୁ ମୋର ସ୍ତ୍ରୀ ଜନ୍ମ ଦେଇ ଇହଧାମ ତ୍ୟାଗ କରିଛି ବୋଲି ପିଲାଟି ମା'ଛେଉଣ୍ଡ । ପିଲାଟିକୁ ଯେମିତି ଆଦରି ନେବ, ଈଶ୍ୱରଙ୍କ କରାର କରାଇ ନେଇଥିଲା ବିବାହ ପୂର୍ବରୁ । ତେବେ ବୋହୂଟି ଏହି ପିଲାଟିକୁ କେମିତି ଲାଳନ ପାଳନ କରିବ, ସେଥିରେ ଥାଏ ମୋର ଘୋର ସନ୍ଦେହ ।

ଦିନକୁ ଦିନ ପିଲାଟି ବଢ଼ି ଚାଲିଲା । ମୁଁ ଯେତେ ସମୟ ଡାକ୍ତରଖାନାରେ ଥାଏ, ମୋ ମନଥାଏ ପିଲାଟି ପାଖରେ । ମୋର ସବୁବେଳେ ଭୟ ମୋ ଅନୁପସ୍ଥିତିରେ ପିଲାଟି କାଳେ

Digitized by srujanika@gmail.com

ଅବହେଳିତ ହେଉଥିବ । ଏହି ଚିନ୍ତା ସବୁବେଳେ ମୋ ମନକୁ ଘାରୁଥାଏ । ହସପିଟାଲରୁ ଫେରିଲେ ପିଲାଟିକୁ କିଛି ସମୟ ଧରି ବୁଲାଇଲେ ମୋ ମନରେ ଶାନ୍ତି ଆସେ । ତା' ପରେ ମୁଁ ଯାଇ ମୋର ଅନ୍ୟ କାମ କରେ । ନରେନ୍ଦ୍ର ବେଳେବେଳେ ପିଲାଟିକୁ ଯେ ସ୍ନେହ କରେନି, ତାହା ନୁହେଁ । ଆମ ଅନୁପସ୍ଥିତିରେ ପିଲାର କି କି ଯତ୍ନ ନିଆଯାଇଛି, ତାହାର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ସ୍ତ୍ରୀଟାରୁ ଦାବୀ କରେ । ସ୍ତ୍ରୀଟି ତା'ର ଶକ୍ତି ମୁତାବକ ଖଟି ପିଲାଟିର ଯଥୋଚିତ ଯତ୍ନ ନେଉଛି ଶୁଣିଲେ ସେ ମନରେ ଶାନ୍ତିପାଏ । ଆମ ଦୁଇଜଣଙ୍କର ମନରେ ସନ୍ତୋଷ ପିଲାଟିର ଯତ୍ନ ଠିକ୍ ନିଆଯାଉଛି । ଏଥର ଆମ ସଂସାର ଠିକ୍ ଭାବରେ ଚାଲିବ । ପିଲାଟିକୁ ବଢ଼ାଇବା ପାଇଁ ଆମର ଆଉ କିଛି ଅସୁବିଧା ହେବନି ।

ପିଲାଟି ଧୀରେ ଧୀରେ ବଢ଼ି ଚାଲିଲା । ଗୁଲୁଗୁଲୁ ହୋଇ କଥା କହିବା ଶିଖିଲା । ବୋହୂଟି ଇତିମଧ୍ୟରେ ଚେଷ୍ଟାକରି ଓଡ଼ିଆ କଥା କହିଶିଖିଲାଣି । ବୋହୂ ହୋଇ ଆସିଲାବେଳେ ଓଡ଼ିଆ କଥା କହିବା ମୋଟେ ଜାଣି ନ ଥିଲା ।

ନରେନ୍ଦ୍ରର ମୋ ପ୍ରତି ପୂର୍ବ ମମତା ଆଉ ନାହିଁ । ପିଲାଟି ପ୍ରତି ତାର ମମତା ଧୀରେ ଧୀରେ କମି କମି ଆସୁଛି । ହସପିଟାଲରୁ ଆସିଲେ ନରେନ୍ଦ୍ର ପିଲାଟି କଥା ସ୍ତ୍ରୀଟାରୁ ବୁଝେ, ପିଲାଟିର ଯତ୍ନ କେମିତି ନେଉଛି, ତଦାରଖ କରେ ସତ; କିନ୍ତୁ ପିଲାଟି ପାଇଁ କେତେବେଳେ ଚିନ୍ତିତ ଥିବାର ଦେଖାଯାଏନି । ତା'ର ଧାରଣା ସେସବୁ ପାଇଁ ମୁଁ ଅଛି, ସେଥି ପ୍ରତି ସେ ଚିନ୍ତା କରିବ କାହିଁକି ? ନରେନ୍ଦ୍ରର ଏଭଳି ମନୋଭାବ ମୋ ମନରେ ଦୁଃଖ ଆଣେ । ମୁଁ ଭାବେ, ନିୟତିର କି ବିଚିତ୍ର ମତେ, ପିଲାଟିର ପ୍ରକୃତରେ ଜନ୍ମିତା ମାଆ ପିଲାଟିର ଯତ୍ନ ନେବା ତ ଦୂରର କଥା, ପିଲା ସମ୍ବନ୍ଧରେ ଚିନ୍ତା କରିବାର ଦେଖା ଯାଉନି । ମୁଁ ଯେତେବେଳେ ଆସିଯାଏ, ପିଲାଟିର ପୂରା ଦାୟିତ୍ୱ ମୁଁ ନେଇନିଏ । ସେ ପିଲାଟିକୁ ଖାଇବା, କୋଳକରିବାଠାରୁ ଆରମ୍ଭ କରି ତା ସହିତ ଖେଳାଖେଳି ପର୍ଯ୍ୟନ୍ତ ସବୁ ମୋ କାମ । ପିଲାଟିକୁ କେବେ ଗେହ୍ଲା କରି କୋଳ କରିନେବା ଦେଖାଯାଇନି ନରେନ୍ଦ୍ରଠାରେ ।

ହସପିଟାଲରୁ ପ୍ରଥମେ ପ୍ରଥମେ ସାଙ୍ଗ ହୋଇ ମୋ ଗାଡ଼ିରେ ଘରକୁ ଫେରୁଥିଲୁଁ । କିନ୍ତୁ ଆଜିକାଲି ନରେନ୍ଦ୍ର ମୋ ଆସିବା ଆଗରୁ ଘରକୁ ପଳାଇଆସେ । ସେଥିପାଇଁ ସେ ତା'ର ଏକ ସ୍ୱତନ୍ତ୍ର ଗାଡ଼ି କିଣିଛି । ନମିତା ଥିଲାବେଳେ ସେ ଡ୍ରାଇଭିଂ ଶିଖି ନ ଥିଲା । ମୋର ଗାଡ଼ିରେ ଯିବା ଆସିବା କରୁଥିଲା । କିନ୍ତୁ ନରେନ୍ଦ୍ର ହେଲା ପରେ ସେ ଡ୍ରାଇଭିଂ ସ୍କୁଲରୁ ଡ୍ରାଇଭିଂ ଶିଖି ନିଜେ ଗାଡ଼ି ଚଲାଇ ଘରକୁ ଆସେ । ଆଗଭଳି ହସପିଟାଲରେ ଆମ ଦୁହିଁଙ୍କ ଭିତରେ ସେପରି ଦେଖାସାକ୍ଷାତ ହୁଏନି । ନମିତା ଥିଲାବେଳେ ସବୁ କଥାରେ ସେ ମୋତେ ପଚାରୁଥିଲା । ଆଜିକାଲି ସେ ମୋତେ କିଛି ପଚାରେନି । ମୋ ଆଗରୁ ଘରକୁ ଚାଲି ଆସିଲେହେଁ ଘରେ ମୋତେ ଅପେକ୍ଷା କରିଥାଏ । ମୁଁ ଆସିଗଲେ ପିଲାଟିକୁ ମୋ ପାଖରେ ଦେଇ ସ୍ୱାମୀ ସ୍ତ୍ରୀ ଦୁହେଁ ବୁଲି ବାହାରିଯାଆନ୍ତି । ମୁଁ କିଛି ମନା କରି କହେନି; କାରଣ ମୁଁ

Digitized by srujanika@gmail.com

ଜାଣେ ନରେନ୍ଦ୍ରର ପିଲାଟି ପ୍ରତି ମମତା ଧୀରେ ଧୀରେ କମି କମି ଆସୁଛି । ପିଲାଟିର ଦେହପା ଖରାପ ହେଲେ ମୁଁ ବ୍ୟସ୍ତ ହୁଏ; କିନ୍ତୁ ତାକୁ କେବେ ବ୍ୟସ୍ତ ହେବାର ଦେଖିନି । ତା ସ୍ତ୍ରୀଟି ପିଲାଟି ପାଇଁ କେତେ ବ୍ୟସ୍ତ ହୁଏ, ନରେନ୍ଦ୍ର ସେତେ ହୁଏନି । ମୁଁ ଭାବେ କି ଆଶ୍ଚର୍ଯ୍ୟ, ସ୍ତ୍ରୀଟିର ପିଲାଟି ସହିତ ରକ୍ତର ସମ୍ପର୍କ କିଛି ନାହିଁ, ହେଲେ ପିଲାଟିର ଅସୁଖ ପାଇଁ ତା ପ୍ରାଣ କାନ୍ଦେ, ଅଥଚ ନରେନ୍ଦ୍ର ରକ୍ତ ମାଂସ ଦେଇ ପିଲାଟିକୁ ଗଢ଼ିଛି, ଅଥଚ ତା' ପ୍ରାଣ କାନ୍ଦୁନି । ମୁଁ ବେଳେବେଳେ ଭାବେ "ମୋର ସେଥିପ୍ରତି ମନ କଷ୍ଟକରି ଲାଭ ନାହିଁ ।

× × ×

ମିସ୍ ଫ୍ରିଡ୍ମେନ ଯେଉଁଦିନ କାର୍ଯ୍ୟରୁ ଅବସର ନେଲେ ସେଦିନ ସାରା ହସପିଟାଲରେ ଦୁଃଖର ଛାୟା ଖେଳିଗଲା । ବିଗତ ତିରିଶ ବର୍ଷରୁ ଊର୍ଦ୍ଧ୍ୱ କାଳ ସେ ଏହି ହସପିଟାଲର ସର୍ବମୟ କର୍ତ୍ତ୍ରୀ ହୋଇ ସାରା ପୃଥିବୀରେ ପ୍ରସୂତି ବିଜ୍ଞାନରେ ଯେଉଁ ଅଭୂତପୂର୍ବ ପରାକାଷ୍ଠା ଅର୍ଜନ କରିଥିଲେ, ସେଭଳି ପରାକାଷ୍ଠା ପ୍ରସୂତି ବିଜ୍ଞାନ ଇତିହାସରେ ବିରଳ । ସେ ତାଙ୍କ ବିଦାୟକାଳୀନ ଭାଷଣରେ କହିଗଲେ "ପ୍ରସୂତି ବିଜ୍ଞାନ ଗବେଷଣାରେ ମୋର ଯେଉଁସବୁ କାର୍ଯ୍ୟ ଅପୂର୍ଣ୍ଣ ରହିଗଲା ତା'କୁ ପୂରଣ କରିବାକୁ ଡକ୍ଟର ପଟ୍ଟନାୟକ ହିଁ ଯୋଗ୍ୟତମ ବ୍ୟକ୍ତି । ମୁଁ ଆଶାକରୁଛି ଡକ୍ଟର ପଟ୍ଟନାୟକ ମୋର ଆଦର୍ଶକୁ ଗ୍ରହଣ କରି ଏହି ହସପିଟାଲର ଗବେଷଣାମାନ ଊର୍ଦ୍ଧ୍ୱକୁ ଟେକିଦେବେ । ମୁଁ କାର୍ଯ୍ୟରୁ ଅବସର ନେଉଥିଲେ ହେଁ ଏ ଦିଗରେ ମୋର ପରାମର୍ଶ ଚାହିଁଲେ ନେଇ ପାରନ୍ତି । ମୁଁ ତାଙ୍କୁ ଏ ଦିଗରେ ଯଥୋଚିତ ସାହାଯ୍ୟ କରିବାପାଇଁ ପଚ୍ଛାଇବି ନାହିଁ ।

ବିଦାୟକାଳୀନ ମିଟିଂ ପରେ ନରେନ୍ଦ୍ର ଓ ମୁଁ ସାଙ୍ଗ ହୋଇ ଘରକୁ ଫେରିଲୁଁ । ମୁଁ ଏହି ବିଦାୟ ପାଇଁ ଯେତେ ଦୁଃଖିତ ଥିଲି ତା'ଠାରୁ ଅଧିକ ଦୁଃଖିତ ଥିଲା ନରେନ୍ଦ୍ର ।

ପ୍ରସୂତି ବିଜ୍ଞାନରେ ନରେନ୍ଦ୍ର ଯେଉଁ ସୁଖ୍ୟାତି ଅର୍ଜନ କରିଥିଲା, ସେହି ସୁଖ୍ୟାତି ମୂଳରେ ଥିଲେ ମିସ୍ ଫ୍ରିଡ୍ମେନ୍ । ସାଙ୍ଗ ହୋଇ ଫେରିଲେହେଁ ଆମ ଭିତରେ ପୂର୍ବଭଳି ସେତେ କଥାବାର୍ତ୍ତା ହୁଏନି । ମୁଁ ଗାଡ଼ି ଚଳାଉଥିଲେ ସେ ଚୁପ କରି ବସିଥାଏ । ସତେ ଯେମିତି ମୋର ସେମିତି କିଛି ପରିଚିତ ଲୋକ ନୁହେଁ । ମୁଁ କିଛି ଉପରେ ପଡ଼ି କଥା ଜଣାଇବାକୁ ଭଲପାଏନି । ମୁଁ ଯେତେବେଳେ ଜାଣୁଛି ଆମେ ଦିନକୁ ଦିନ ପରସ୍ପର ଠାରୁ ଦୂରେଇ ଯାଉଛୁ । ଅଯଥା ପାଖେଇ ଆସିବା ପାଇଁ ଚେଷ୍ଟା କଲେ ଏକ ଅପଚେଷ୍ଟା ହେବ ମାତ୍ର । ତେବେ ଘଟଣା ଯେମିତି ଗଡ଼ିଚାଲିଛି ସେମିତି ଚାଲୁ । ତାକୁ ବଦଳାଇବାକୁ ଚେଷ୍ଟା କରିବା ଦରକାର ନାହିଁ ।

ମିସ୍ ଫ୍ରିଡ୍ମେନ ଗଲାବେଳେ ବିଭାଗର ଦାୟିତ୍ୱ ମୋ ଉପରେ ପଡ଼ିଲା । ବର୍ତ୍ତମାନ ମୋର ସହକାରୀ ଭାବରେ ନରେନ୍ଦ୍ର ନିଯୁକ୍ତି ପାଇ ସାରିଥାଏ । ଏହି ସମୟରେ ଦିନେ ଲଣ୍ଡନ

Digitized by srujanika@gmail.com

ବିଶ୍ୱବିଦ୍ୟାଳୟରୁ ଏକ ନିମନ୍ତ୍ରଣ ଆସିଲା ଆମ ଦୁଇଜଣଙ୍କଠାରୁ ପ୍ରସୂତି ବିଜ୍ଞାନରେ ପରିପାର୍ଶ୍ୱିକ ଅଧ୍ୟାପକ ଭାବରେ ଦୁଇମାସ ପାଇଁ ଯିବାକୁ । ନରେନ୍ଦ୍ରକୁ ଡାକି ଦିନେ ଏହି କଥା କହିଲି । ସେ ଏହି ନିଯୁକ୍ତିରେ ଖୁବ୍ ଖୁସି ହୋଇଗଲା । ତାଠାରୁ ସମ୍ମତି ନେଇ ଆମର ଯିବା କଥା ହସପିଟାଲର ଗଭର୍ଣ୍ଣିଂ ବଡ଼ିକୁ ଜଣାଇ ଦେଲି । ସେଦିନ ଘରକୁ ଫେରି ତା ସହିତ ଆଲୋଚନା କଲି କେମିତି ଯିବା ? ଆମେ ଦୁଇମାସ ପାଇଁ ଲଣ୍ଡନ ଗଲେ ପିଲାଟିର ଦାୟିତ୍ୱ କିଏ ନେବ ସେହି ହେଲା ଚିନ୍ତା । ନରେନ୍ଦ୍ରର ସ୍ତ୍ରୀ ମଧ୍ୟ ଆମ ସହିତ ଆଲୋଚନାରେ ଆସି ଯୋଗଦେଲା । ସେତେବେଳକୁ ମୋ ପୁଅ ବ୍ୟତୀତ ନରେନ୍ଦ୍ରର ପୁଅଟିଏ ହୋଇ ସାରିଲାଣି । ଭାବିଲି ଆମେ ତ ଦୁଇମାସ ପାଇଁ ଲଣ୍ଡନ ଯିବୁ, ଏହି ଦୁଇଟି ପିଲାଙ୍କୁ ନରେନ୍ଦ୍ରର ସ୍ତ୍ରୀ କ'ଣ ଚଳାଇ ନେବ ନା ନରେନ୍ଦ୍ରର ନିଜ ପିଲାଟି ଅଧିକ ଆଦର ଦେଖାଇଥିବା ସ୍ଥଳେ ମୋ ପିଲାଟି ପ୍ରତି ସେ ହତାଦର ଦେଖାଉଥାଏ, ତାହା ମୁଁ କେବେ ଦେଖିନି । ସେ ଦୁଇଟିଯାକ ପିଲାଙ୍କୁ ସମାନ ଭାବରେ ଆଦର ଦେଖାଉଥିଲା ଭଳି ମୋତେ ବୋଧହୁଏ । ପୁରା ବିଭାଗର ଦାୟିତ୍ୱ ମୋ ଉପରେ ପଡ଼ିଗଲା ଦିନଠାରୁ ମୁଁ ଆଉ ସେସବୁ ଜିନିଷ ଲକ୍ଷ୍ୟ କରିବାକୁ ସୁବିଧା ପାଇଲିନି ।

ଆମ ଲଣ୍ଡନ ଯିବା ସପ୍ତାହେ ଖଣ୍ଡେ ବାକି ଥାଏ, ପୁଅକୁ ଡାକି ଆମ ଲଣ୍ଡନ ଯିବା କଥା କହିଲି । ଆଉ ଦୁଇ ମାସ ପରେ ଆମେ ଫେରିଆସିବୁ ବୋଲି ତାକୁ ବୁଝାଇଦେଲି । ଏହି ଦୁଇ ମାସ କାଳ ସେ ତାର ନୂଆମା' ପାଖରେ ରହି ପାରିବନି କଅଣ ! ଜାଣିବାକୁ ଚାହିଁଲି, ଅତନୁ ନୂଆ ମା' ପାଖରେ ରହିବନି ବୋଲି କିଛି ଅସମ୍ମତି ଦେଖାଇଲାନି ! ସେ ପୁଣି ଏହା ଭିତରେ ଗୋଟିଏ ସ୍କୁଲରେ ଭର୍ତ୍ତି ହୋଇଥାଏ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍କୁଲରେ ରହେ । ଆମେ ହସପିଟାଲରୁ ଫେରିଲେ ସେ ସ୍କୁଲରୁ ଆସେ । ତାର ପଢ଼ାପଢ଼ି ପ୍ରତି ଭାରି ଝୁଙ୍କ । ଆମ ଅନୁପସ୍ଥିତିରେ ନିୟମିତ ସ୍କୁଲକୁ ଯିବ ଓ ରାତିରେ ସ୍କୁଲରୁ ଆସିଲେ ନୂଆ ମା' ପାଖରେ ରହିବ । ଛୁଟି ଦିନ ସେ ସାନ ପୁଅ ସାଙ୍ଗରେ ଖେଳିବ । ତାର ଏଭଳି ଯୋଜନା ଦେଖି ନରେନ୍ଦ୍ର ଖୁସି ହେଲା କି କଅଣ ଜାଣିନି, ତେବେ ମୁଁ ଖୁସି ହୋଇଗଲି । ପିଲାଟି ପାଇଁ ମୋର ଯେଉଁ ଚିନ୍ତା ଥିଲା, ତା' ଦୂର ହେଲା । ଯାହା ପାଇଁ କି ମୁଁ ବେଳେବେଳେ ଭାବୁଥିଲି ଯିବି କି ନାହିଁ ।

ସେଦିନ ଏୟାର ପୋର୍ଟକୁ ଆମେ ଦୁହେଁ ଯେଉଁଦିନ ଲଣ୍ଡନ ଅଭିମୁଖେ ରୱାନା ହେଲୁ ଆମକୁ ଉଡ଼ାଜାହାଜ ଘାଟିଠାରେ ବିଦାୟ ଦେବା ପାଇଁ ଅତନୁ, ତା' ନୂଆ ମା' ଓ ତା' ସାନ ଭାଇ ଆସିଥିଲେ । ଅତନୁକୁ ଛାଡ଼ି ଗଲାବେଳେ ମୋର ଭାରି ମନ କଷ୍ଟ ହେଉଥାଏ । ତେବେ ଅନାଉଁ ଅନାଉଁ ଦୁଇମାସ କୁଆଡ଼େ କଟିଯିବ । ସେହି ଆଶାରେ ମନକୁ ପ୍ରବୋଧ ଦେଇ ଅତନୁଠାରୁ ବିଦାୟ ନେଲି । ମୁଁ ଧାରଣା କରିନଥିଲି ଅତନୁଠାରୁ ଏ ମୋର ଶେଷ ବିଦାୟ । ଲଣ୍ଡନରୁ ଫେରି ଅତନୁକୁ ମୁଁ ଆଉ ଦେଖି ପାରିବନି ବୋଲି ଯଦି ଜାଣିଥାନ୍ତି, ତେବେ ମୋର ଲଣ୍ଡନ ଯାତ୍ରା ସେଇଠି ଇତି ହୋଇଯାଇଥାନ୍ତା । ନିୟତିର

Digitized by srujanika@gmail.com

ବିଶ୍ବର ଥିଲା ଅନ୍ୟ ପ୍ରକାର । ଅତନୁକୁ ଓ ନରେନ୍ଦ୍ରର ପିଲାପିଲାଙ୍କୁ ବୋଷ୍ଟନରେ ଛାଡ଼ି ଆମେ ରମାନା ହୋଇଗଲୁ ଲଣ୍ଡନ ଅଭିମୁଖେ । ତା'ପରେ ଅତନୁର କଣ ହେଲା ଫାଦର ଜାଣନ୍ତି । ଏଥର ଫାଦର କହିବେ ଅତନୁକୁ ସେ କେମିତି ପାଇଲେ । ଏଠାରୁ ଏତେ ବଡ଼ କେମିତି କଣ କଲେ ତା'କୁ ଏତେ ବଡ଼ କରିବାରେ ମୋର କିଛି ମାତ୍ର ଅବଦାନ ନାହିଁ । ଅତନୁ ଯଦି ଏତେ ବଡ଼ ହୋଇପାରିଛି ତେବେ ତାହା ଫାଦରଙ୍କ ଯୋଗୁଁ ।

ବାକିତକ ଘଟଣା ଫାଦର ବୋଝିକୁ ବୁଝାଇଦେଲେ ସେ କପରି ଅତନୁକୁ ବାଟରୁ ପାଇ ନିଜ ଘରକୁ ଘେନିଗଲେ ଓ ତାକୁ ପାଳିଲେ—ସବୁ ଠିକିନିଖି କରି ବର୍ଣ୍ଣନା କଲେ ଫାଦର । ପଚିଶ ବର୍ଷ ପରେ ବାପ ପୁଅଙ୍କ ଭେଟ କେମିତି ହେଲା ବର୍ଣ୍ଣନା କରୁଁ କରୁଁ ଫାଦର ତାଙ୍କ ଲୋତକ ସମ୍ବରଣ କରି ପାରିଲେନି । ଡକ୍ଟର ପଟ୍ଟନାୟକ ଓ ତନୁଶ୍ରୀଙ୍କର ଆଖି ମଧ୍ୟ ଲୋତକରେ ପୂରି ଯାଇଥିଲା ।

———

Digitized by srujanika@gmail.com

ଚଉଦ

"ତନୁଶ୍ରୀ, ତନୁଶ୍ରୀ ଏଆଡ଼େ ଟିକିଏ ଶୁଣିଲ, ଡାକିଲା ଅତନୁ । ମା' ତୁମେ କ'ଣ ଯେ ପ୍ରୋଗ୍ରାମ ଏମିତି ମନ ଇଚ୍ଛା ବଦଳାଇ ଦେଇଛ । ଇନଷ୍ଟିଚ୍ୟୁଟର କାର୍ଯ୍ୟରେ ତୁମର ହସ୍ତକ୍ଷେପ ମୋତେ ମୋଟେ ଭଲ ଲାଗେନା । "ଇଏ ପରା ଆମେରିକା, ପ୍ରୋଗ୍ରାମ ଥରେ ତିଆରି ହୋଇଗଲା ଅର୍ଥ ତାହା ପୁରାପୁରି ଅନୁସରଣ କରିବା କଥା । ତାକୁ ଏମିତି ବଦଳା ବଦଳି କଲେ ଏ ଦେଶର ଲୋକେ ମୋତେ କ'ଣ ଭାବିବେ କୁହ ତ ?"

ଅତନୁର ଡାକ ଶୁଣି ତନୁଶ୍ରୀ ଡରି ଡରି ଅତନୁଠାକୁ ଆସିଲା । ଅତନୁ ତାକୁ ରୁକ୍ଷ କଣ୍ଠରେ ପଚାରିଲେ "ତୁମେ ଏହି ପ୍ରୋଗ୍ରାମକୁ ଏମିତି ପରିବର୍ତ୍ତନ କରିଛ ?"

ତନୁଶ୍ରୀ ଡରି ଡରି କହିଲା "ହଁ ।"

"ଦେଖ ତନୁଶ୍ରୀ, ମୋ ପ୍ରୋଗ୍ରାମ ବଦଳାଇବାକୁ ତୁମେ ଗଲ କାହିଁକି ? ତୁମର ଏଥିରେ କଣ ସ୍ୱାର୍ଥ ଅଛି ? ମୁଁ ଶୁଣିଛି ସେକ୍ରେଟେରୀ ମନାକରିବା ସତ୍ତ୍ୱେ, ତୁମେ ପ୍ରୋଗ୍ରାମ ବଦଳାଇ ଦେଲ । ସେହି ଅନୁସାରେ ଅନ୍ୟ ଆଡ଼କୁ ମଧ୍ୟ ପରିବର୍ତ୍ତିତ ବାର୍ତ୍ତାମାନ ଯାଇଛି ।"

"ହଁ ।"

"ତେବେ କ'ଣ ପାଇଁ ଏ ପରିବର୍ତ୍ତନ କଲ ମୁଁ ଜାଣି ପାରୁନି । ତୁମେ ଯାହା କଲ ଅନ୍ୟମାନଙ୍କ ସମ୍ମୁଖରେ ମୋ ସମ୍ମାନର ହାନି କଲ ସିନା!; କିନ୍ତୁ କିଛି ଲାଭ ତ କଲ ନାହିଁ ।

"ମୁଁ ସେଥିପାଇଁ ଦୁଃଖିତ । ତୁମେ ଯାହା ଦଣ୍ଡ ଦେବ, ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ । "ହସିଲା ଅତନୁ, "ଦେଖ ତନୁଶ୍ରୀ, ମୁଁ ଏଠି ବିଚାରପତି ହୋଇ ବସିନି ଯେ ତୁମର ଦୋଷ ବିଚାର କରି ତୁମକୁ ଦଣ୍ଡ ଦେବି ! ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି, ତୁମେ କେବେ ହେଲେ ଇନଷ୍ଟିଚ୍ୟୁଟ୍ ଏଡ୍‌ମିନଷ୍ଟ୍ରେସନ୍‌ରେ ହସ୍ତକ୍ଷେପ କରିନାହଁ, ହଠାତ୍ ଏବେ ତୁମେ ଏ ଦୁଃସାହସ କଲ କିପରି ଓ କାହିଁକି ? ମୋ ସମ୍ମାନକୁ ଖସାଇ ଆଣିବାରେ ତୁମର କି ଲାଭ ?"

"ତନୁଶ୍ରୀ, ଅତନୁକୁ କେବେ ଶୁଣିବାର ଦେଖାନଥିଲା । ରାଗିଲେ ତାର ସ୍ୱର କିପରି ରୁକ୍ଷ ହୋଇଥାଏ ସେ କେବେ ଶୁଣି ନଥିଲା । ମନେ ମନେ ବଡ଼ ଭୟ ପାଇଯାଇ କହିଲା, "ଜଣେ ଭାରତୀୟ ରୋଗୀଙ୍କ ଅବସ୍ଥା ଅତି ସାଙ୍ଘାତିକ । ତୁମେ ଦୁଇ ତିନି ଦିନ ଭିତରେ ନ ଦେଖିଲେ ସେ ରୋଗୀର ବଞ୍ଚିବା ଆଶା କମ୍ । ତାଙ୍କ ସ୍ତ୍ରୀ ଆଜି ମୋ ଠାରେ କନ୍ଦାକଟା କଲେ । ମୁଁ ତାଙ୍କ ଦୁଃଖ ସହି ନପାରି ସେକ୍ରେଟେରୀଙ୍କୁ ଫୋନ୍ କଲି । ତିନି

Digitized by srujanika@gmail.com

ସପ୍ତାହ ପୂର୍ବରୁ ସେକ୍ରେଟେରି ଡେଟ୍ ଦେବାକୁ ଅକ୍ଷମ ବୋଲି କହିବାରୁ ମୁଁ ତାଙ୍କଠାରୁ ତୁମ ପ୍ରୋଗ୍ରାମଟା ଆଣି ତୁମର ଚିକାଗୋ ଯିବା ସମୟକୁ ଘଣ୍ଟାଏ ବିଳମ୍ବ କରିଦେଇ ସେହି ସ୍ତ୍ରୀଲୋକଙ୍କ ସ୍ୱାମୀକୁ ଦେଖିବା ପାଇଁ ଡେଟ୍ ଦେଇଦେଲି ।”

ତନୁଶ୍ରୀର ଏହିଭଳି କାର୍ଯ୍ୟ ଦେଖି ଅତନୁ ଆଉ ଅଧିକ ରାଗିବ କଅଣ ହସିଦେଲା । କହିଲା, “ବାଃ, ବଢ଼ିଆ କାମଟେ କରିଦେଇଛ, ତୁମକୁ କୌଣସି ସ୍ତ୍ରୀଲୋକ ଯଦି କାନ୍ଦି କାନ୍ଦି କିଛି କହିଦେବ, ତୁମେ ତା'ହେଲେ ସବୁ ପ୍ରୋଗ୍ରାମ ଏମିତି ବଦଳାଇ ଦେବ ?” ସେ ସ୍ତ୍ରୀଲୋକକୁ ତୁମ ପାଖକୁ ଆସିବା ପାଇଁ କହିଲା କିଏ ? ଆମେରିକାରେ ତ ଏଭଳି ଚଳଣି ନାହିଁ । ଭାରତରେ ଏମିତି ଚଳଣି ଅଛି ବୋଲି ମୁଁ ଶୁଣିଛି । ଡାକ୍ତରଙ୍କ ସ୍ତ୍ରୀଙ୍କ ନିକଟରେ କାକୁତି ମିନତି କରି ଭାରତରେ ରୋଗୀମାନେ ଡାକ୍ତରଙ୍କ ଦେଖାପାଆନ୍ତି ବୋଲି ଶୁଣିଛି । ସେ ସ୍ତ୍ରୀଲୋକ ନିଶ୍ଚୟ ଭାରତୀୟ ?”

“ହଁ, ଭାରତୀୟ ।”

“ସେଥିପାଇଁ ସେ ତୁମପାଖକୁ ଆସିଥିଲା । ଆମେରିକାନ୍ ହୋଇଥିଲେ କେବେ ଆସି ନଥାନ୍ତା ।”

“ତାହେଲେ କାଲି ସକାଳେ ମୋତେ ହଜୁରଙ୍କ ଆଜ୍ଞାନୁସାରେ ସେହି ସ୍ତ୍ରୀଲୋକର ସ୍ୱାମୀକୁ ପରୀକ୍ଷା କରିବାକୁ ପଡ଼ିବ, ଯେହେତୁ ମୋ ଚିକାଗୋ ଫ୍ଲାଇଟ୍ ଘଣ୍ଟାଏ ଡେରି କରି ଦେଇଛ ?”

“ସେଠୁ ପିଟସ୍‌ବର୍ଗ ଫ୍ଲାଇଟ୍ ଠିକ୍ ଅଛି ନା ବଦଳା ଯାଇଛି ?”

ତନୁଶ୍ରୀ କିଛି ନ କହି ଚୁପ୍ ରହିଲା । ଅତନୁର ଏହିଭଳି ବ୍ୟବହାରରେ ସେ ଭୟରେ ଥରିବାକୁ ଆରମ୍ଭ କଲାଣି ।

ତନୁଶ୍ରୀକୁ ଏହିଭଳି ଠିଆ କରାଇ ଜେରା କରୁଥିବାର ଦେଖି ଫାଦର ଓ ଡକ୍ଟର ପଟ୍ଟନାୟକ ଘରଭିତରକୁ ପଶିଆସିଲେ ।

ଫାଦର କହିଲେ, “ବାପ ଅତନୁ, ବୋହୂକୁ ଏତେ ଗାଳିଦେଇ ଲାଭ ନାହିଁ । ବୋହୂ ଯାହା କରିଛି ଓ ଯେଉଁ ଅବସ୍ଥାରେ ପଡ଼ି କରିଛି, ତୁ ଜାଣିଲେ ସାରା ଜୀବନ ତୁ ତା'ଠାରେ ଋଣୀ ହୋଇ ରହିବୁ । ଯେଉଁ ରୋଗୀକୁ ତୁ କାଲି ପରୀକ୍ଷା କରିବୁ, ତାକୁ ପରୀକ୍ଷା କରି ସାରିଲେ ତୁ ଜାଣିପାରିବୁ ବାପ, ବୋହୂ ତୋର କେତେ ଉପକାର କରିଛି । ତାକୁ ଆଜି ତୁ ଯେଉଁ କଠୋର ଭାଷାରେ ଗାଳିଦେଉଛୁ, କାଲି ସେଥିପାଇଁ ନିଜେ ଦୁଃଖ କରିବୁ ବାପ ।”

× × ×

ରୋଗୀକୁ ପରୀକ୍ଷା କରୁଁ କରୁଁ ଅତନୁ ବ୍ୟସ୍ତ ହୋଇପଡ଼ିଲା, ଭାବିଲା ଏ କ'ଣ ପୁରାପୁରି ଗୋଟାଏ ଫୁସ୍‌ଫୁସ୍ କର୍କଟ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଯାଇଛି । ଅନ୍ୟଟି ଯେ

Digitized by srujanika@gmail.com

ଭଲଅଛୁ ତା ବ ନୁହେଁ । ରୋଗ ଫୁସ୍‌ଫୁସରୁ ସଞ୍ଚରି ଶରୀରର ଅନ୍ୟ ଅଂଶକୁ ଆକ୍ରମଣ କଲାଣି । ରୋଗୀର ଅବସ୍ଥା ଦେଖି ଅତନୁ ଦ୍ରମ୍ଭୀଭୂତ ହୋଇ ପଡ଼ିଲା । ଶୁଣିଲା, ରୋଗୀଟି କାଲେ ବୋଷ୍ଟନର ଜଣେ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିଜ୍ଞାନ ବିଶେଷଜ୍ଞ । ରୋଗ ଏତେଦୂର ବ୍ୟାପି ଗଲାପରେ ଡାକ୍ତର ହୋଇ ସେ କେମିତି ଜାଣି ନପାରିଲେ ତାକୁ ହିଁ ଆଶ୍ଚର୍ଯ୍ୟ ଲାଗିଲା । ଫୁସ୍‌ଫୁସ୍ କର୍କଟ ରୋଗ ତ ଏମିତି କିଛି ରୋଗ ନୁହେଁ, ଲୋକ ସନ୍ଦେହ ନକରି ନିଶ୍ଚେଷ୍ଟ ହୋଇ ବସି ରହିବ । କୌଣସି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିଥିଲେ ତ ରୋଗ ଧରାପଡ଼ିଯାଇ ଥାନ୍ତା । ତା ହୋଇ ଥିଲେ ରୋଗ ଆଜି ଏତେ ଦୂରକୁ ଗତି କରିପାରିନଥାନ୍ତା ।

ରୋଗୀଟିର ଯେତେ ପ୍ରକାର ପରୀକ୍ଷା କରାଯିବା କଥା ସବୁ କଲା ପରେ ଅତନୁ ଦେଖିଲା ରୋଗୀକୁ ବଞ୍ଚାଇବା ସମ୍ଭବପର ନୁହେଁ । ରୋଗୀ ଦେହରେ ରୋଗ ଏତେ ଦୂର ବ୍ୟାପି ଗଲାଣି ଯେ ରୋଗୀ ଆଉ ଦିନ କେଇଟା ବଞ୍ଚିବ କି ନାହିଁ ସନ୍ଦେହ । ରୋଗୀର ସ୍ତ୍ରୀଙ୍କୁ ଡାକି କହିଲା, "ଦେଖନ୍ତୁ, ରୋଗୀର ଅବସ୍ଥା ବିଶେଷ ଭଲ ନୁହେଁ । ଏହାର ଆଉ କୌଣସି ଚିକିତ୍ସା ସମ୍ଭବପର ନୁହେଁ । ବର୍ତ୍ତମାନ ଯାହାକିଛି ଚିକିତ୍ସା ଅଛି, ସେହି ଚିକିତ୍ସାରେ ରୋଗୀ ଅଧିକ କଷ୍ଟ ପାଇବ ସିନା, ବଞ୍ଚିବାର ଆଶାନାହିଁ । ବରଂ ରୋଗୀକୁ ଘରକୁ ନେଇଯାଅ । ରୋଗୀ ଘରେ କିଛି ଦିନ ବିଶ୍ରାମ ନେଉ । ମୁଁ କେତୋଟି ଔଷଧ ଲେଖିଦେଉଛି, ସେଗୁଡ଼ିକ ଖାଉ । ଖାଇଲେ କଷ୍ଟ କିଛି ଲାଘବ ହେବ । ଏ ରୋଗୀ ଆଉ ମାସେ ଦୁଇ ମାସରୁ ଅଧିକ ବଞ୍ଚିବା ସମ୍ଭବ ନୁହେଁ ।

ଏହି ସମୟରେ ଅତନୁର ପ୍ରାଇଭେଟ୍ ସେକ୍ରେଟେରୀ ମିସ୍ ଗୋଲଡ୍‌ମେନ୍ ପଶି ଆସି କହିଲେ, "ସାର୍, ଆପଣଙ୍କ ଏୟାରପୋର୍ଟ ଯିବା ବେଳ ହୋଇଗଲାଣି । ଆମ ପ୍ଲେନ୍ ଏୟାରପୋର୍ଟ ଛାଡ଼ିବା ସମୟ ହୋଇଗଲାଣି । ପ୍ରଥମ ଏନାଉନ୍‌ସମେଣ୍ଟ ହୋଇସାରିଲାଣି ସାର୍ ।"

ଘଡ଼ିକୁ ଅନାଇ କହିଲା, "ହଁ ହଁ, ଗୋଲ୍‌ଡ଼ମେନ୍ ଚାଲ । ମୁଁ ଏଇ ବାହାରିଲି । ମୋ ଗାଡ଼ି ପୋର୍ଟିକରେ ରେଡି ଅଛି ତ ?"

ଏତିକି କହି ରୋଗୀକୁ ବିଦା କରିଦେଇ ଏୟାରପୋର୍ଟକୁ ଯିବାକୁ ବାହାରୁଛି ହଠାତ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଡକ୍ଟର ପଟ୍ଟନାୟକ, ଫାଦର୍ ଓ ତନୁଶ୍ରୀ ଯାଇ ହାଜର । ସେମାନଙ୍କୁ ଇନ୍‌ଷ୍ଟିଚ୍ୟୁଟ୍‌ରେ ଦେଖି ଅତନୁ ଚାଟଙ୍ଗା । ଭାବିଲା, "ଏ କ'ଣ, ଏମାନେ ତ କେବେ ଆସନ୍ତିନି । ଆଜି ହଠାତ୍ କାହିଁକି ଏଠି ?

ଫାଦର୍ ଯାଇ ହଠାତ୍ ରୋଗୀ ପାଖରେ ପହଞ୍ଚିଗଲେ । ଦେଖିଲେ ତାଙ୍କ ସ୍ତ୍ରୀଟି କ୍ରନ୍ଦନରତା । ରୋଗୀଟିର ଦେହ ଜୀର୍ଣ୍ଣଶୀର୍ଣ୍ଣ, ଚକ୍ଷୁ କୋଟରଗତ, ଦେହ ପୁରାପୁରି କନ୍ତରାରେ ଲାଗିଗଲାଣି । ଫାଦରଙ୍କ ପଛେ ପଛେ ତନୁଶ୍ରୀ ଯାଇ ରୋଗୀ ପାଖରେ ଠିଆହେଲା । ତନୁଶ୍ରୀକୁ ଦେଖି ସ୍ତ୍ରୀଟି ବଡ଼ ପାଟିରେ କାନ୍ଦିଉଠିଲା । ତନୁଶ୍ରୀ ନିଜକୁ ସମ୍ଭାଳି ନପାରି ସେ ବି

Digitized by srujanika@gmail.com

ନ କାନ୍ଦ ରହିପାରିଲେନି । ଡାକ୍ତରଖାନାରେ ଏସବୁ କ'ଣ ହେଉଛି, ଅତନୁ ଦେଖି ତାଟଙ୍କା । ରୋଗୀ ପାଖରେ ଏମାନେ ସବୁ ଠିଆ ହୋଇ କାନ୍ଦୁଥିବାର ଦେଖି ସେ କିଛି ବୁଝି ପାରିଲା ନାହିଁ । ଦେଖିଲା ବାପାଙ୍କ ଆଖିରେ ମଧ୍ୟ ଆଖିଭର୍ତ୍ତି ଲୁହ । ଏ ସବୁ କ'ଣ ହେବାକୁ ଯାଉଛି ବୁଝି ନ ପାରି ବାପାଙ୍କ ଆଡ଼କୁ ଅନାଇ ରହିଲା ଅତନୁ । ରୋଗୀଟିକୁ ଦେଖିସାରିବାପରେ ଏଇସବୁ ଘଟଣା ଦେଖି ତା'ର ଏସ୍ସ୍‌ରେପୋର୍ଟ ଯିବା କଥା ଇତିମଧ୍ୟରେ ସେ ଭୁଲିଗଲାଣି । ଏସବୁ କ'ଣ ଘଟୁଛି ସେ ବୁଝି ନପାରି ଜଡ଼ ପାଲଟି ଗଲାଣି । ଡକ୍ଟର ପଟ୍ଟନାୟକ ଥର ଥର ଗଳାରେ କହିଲେ, "ବାପ ଅତନୁ, ତୁ ମୋତେ କ୍ଷମା କରିବୁ । ମୁଁ ତୋତେ ଏତେଦିନକାଳ ମିଛ କହି ଆସୁଥିଲି ଯେ ତୋ ମା' ମରିଯାଇଛି ବୋଲି । କିନ୍ତୁ ପ୍ରକୃତରେ ତୋର ଜନ୍ମଦାତ୍ରୀ 'ମା' ମରିନି । ତୁ ଯେଉଁ ରୋଗୀକୁ ବର୍ତ୍ତମାନ ପରୀକ୍ଷା କରି ତାଙ୍କର ବଞ୍ଚିବା ଆଶା ନାହିଁ ବୋଲି କହି ଫେରାଇ ଦେଲୁ, ସେହି ହେଉଛି ତୋର ପ୍ରକୃତ ଜନ୍ମଦାତ୍ରୀ ମାଆ । ତୋର ଜନ୍ମ ପରେ ତାଙ୍କର ଲିଙ୍ଗ ପରିବର୍ତ୍ତନ ହେବାରୁ ସେ ନରେନ୍ଦ୍ର ନାମ ଧାରଣ କଲେ । ତୋର ମାଆ ଥିଲାବେଳେ ତାଙ୍କ ନାଁ ଥିଲା ନମିତା । ନମିତା ମରିଯାଇଥିଲେ ହେଁ ନରେନ୍ଦ୍ର ଆଜି ପର୍ଯ୍ୟନ୍ତ ବଞ୍ଚିଛି । ତୁ ନରେନ୍ଦ୍ରକୁ ଯଦି କୌଣସି ପ୍ରକାରେ ବଞ୍ଚାଇ ପାରୁ, ତେବେ ଜାଣିବୁ ଯେ ତୋର ନିଜ ମା'କୁ ବଞ୍ଚାଇ ପାରିଲୁ ବୋଲି ।"

ଆଁ, ଏ ମୋର ଜନ୍ମଦାତ୍ରୀ ମାଆ ? ଆପଣ କ'ଣ କହୁଛନ୍ତି ବାପା ? ଏତକ କହି ଅତନୁ ଦୌଡ଼ିଲା ରୋଗୀ ପାଖକୁ । ତାକୁ ଚାରିଆଡ଼ ଅନ୍ଧାର ଦିଶିଲା । ରୋଗୀକୁ ଧରାଧରି କରି ଘରକୁ ଫେରାଇ ନେବାପାଇଁ ଚେଷ୍ଟା କରୁଥିଲେ ନରେନ୍ଦ୍ରର ସ୍ତ୍ରୀ ଓ ଅନ୍ୟମାନେ । ତନୁଶ୍ରୀ ଓ ଫାଦର୍ ସେଠି ଠିଆହୋଇ କାନ୍ଦିବାରେ ଲାଗିଯାଇଥାନ୍ତି ।

ଅତନୁ ଦୌଡ଼ିଯାଇ ରୋଗୀର ଗୋଡ଼ ଧରିପକାଇ କାନ୍ଦିବାକୁ ଲାଗିଲା । ଅତନୁ ପଛେ ପଛେ ଡକ୍ଟର ପଟ୍ଟନାୟକ । ସେଠିକି ଗଲାରୁ ନରେନ୍ଦ୍ରଙ୍କ ସ୍ତ୍ରୀ ତାଙ୍କୁ ଚିହ୍ନି ପାରି ତାଙ୍କ ଗୋଡ଼ ତଳେ ମୁଣ୍ଡରଖି ପ୍ରଣାମ ଜଣାଇଲା । ନରେନ୍ଦ୍ର ଇତିମଧ୍ୟରେ ଏତେ ଦୁର୍ବଳ ହୋଇ ଯାଇଥିଲା ଯେ ସେ ଅନ୍ୟମାନଙ୍କୁ ଚିହ୍ନି ପାରୁନଥାଏ । ଡକ୍ଟର ପଟ୍ଟନାୟକ ନରେନ୍ଦ୍ର ପାଖକୁ ଯାଇ ତାକୁ ଡାକିଲେ । ନରେନ୍ଦ୍ର ସେତେବେଳେ ଆଖି ବୁଜି ଦେଇଥିଲେ ।

ଡାକ୍ତର ପଟ୍ଟନାୟକଙ୍କ ଡାକରେ ସେ ଆଖି ଖୋଲିଲେ । ଡକ୍ଟର ପଟ୍ଟନାୟକ କହିଲେ, "ତୁ ମୋତେ ଚିହ୍ନି ପାରୁଛୁ ନରେନ୍ଦ୍ର ମୁଁ ହେଉଛି ରଣେନ୍ଦ୍ର । ତୋର ଏହା ଭିତରେ ଏତେ ଦୁରବସ୍ଥା ହୋଇଗଲା ମୋତେ ଟିକିଏ ଜଣାଇ ପାରିଲୁନି । ଏହି ଯେଉଁ ଡାକ୍ତର, ତୁ ଯାହାଙ୍କ ପାଖକୁ ଚିକିତ୍ସା ପାଇଁ ଆସିଛୁ, ସେ ହେଉଛି, ତୋ ପୁଅ ଅତନୁ । ଚିହ୍ନି ପାରୁଛୁ ଅତନୁକୁ । ତୁ ଯା'କୁ ରକ୍ତ ମାଂସ ଦେଇ ଗଢ଼ିଥିଲୁ, ଆଜି ସେହି ପୁଅ ଅତନୁ ତୋର ଡାକ୍ତର ।

ଅତନୁ ସେତେବେଳ ପର୍ଯ୍ୟନ୍ତ ନରେନ୍ଦ୍ରଙ୍କ ଗୋଡ଼ଧରି କାନ୍ଦୁଥାଏ । ଡାକ୍ତରଖାନାରେ ସମସ୍ତେ ଏ ଦୃଶ୍ୟ ଦେଖି ଲୋତକ ସମ୍ବରଣ କରିପାରୁ ନଥାନ୍ତି । ନିଜ ମା'କୁ ସେ କେମିତି ବଞ୍ଚାଇବ, ଖୋଜି ବାଟ ପାଉନଥାଏ ଅତନୁ ।

Digitized by srujanika@gmail.com

ନରେନ୍ଦ୍ରର ସ୍ତ୍ରୀ ଏସବୁ ଦେଖି ପଚିଶ ବର୍ଷ ତଳର ଘଟଣା ତା ଆଖି ଆଗରେ ରୁପେଲି ପରଦା ଭଳି ନାଚି ଯାଉଥାଏ । ଏହି ଅତନୁକୁ ସେ ଘରୁ ପିଟିପିଟି ବାହାର କରି ଦେଇଥିବାର, ସେହି କରୁଣ ଦୃଶ୍ୟ ତା ଆଖି ଆଗରେ ଫୁଟି ଉଠିବାରୁ ତାଙ୍କର କ୍ରନ୍ଦନ ଆହୁରି ବଢ଼ିଗଲା । ସେହି ଯେଉଁ ପିଲାଟିକୁ ତଡ଼ି ଦେଇଥିଲା, ଆଜି ତାରିଠାରେ ସେ ତାର ସ୍ୱାମୀର ଜୀବନ ଭିକ୍ଷା କରିବାକୁ ଦୌଡ଼ି ଆସିଛି । କେଡ଼େ ହତଭାଗିନୀ ସେ । କି ଅନ୍ୟାୟ ସେ ନ କରିଛି ଏହି ପିଲାଟି ପ୍ରତି । ସେହି ଅନ୍ୟାୟର ଫଳ ସେ ପାଇବ ନାହିଁ ତ ଆଉ କିଏ ପାଇବ ?

ସେଦିନ ସେ ଜାଣିଲା ଅତନୁର ବାପା ଯଦିଓ ଡକ୍ଟର ପଟ୍ଟନାୟକ କିନ୍ତୁ ତା'ର ପ୍ରକୃତ ମାଆ ହେଉଛି ତାର ସ୍ୱାମୀ ନରେନ୍ଦ୍ର । ନରେନ୍ଦ୍ର ଏଥି ପୂର୍ବରୁ ଯେ ନମିତା ଥିଲା ଓ ନମିତା ଥିବା ଅବସ୍ଥାରେ ଅତନୁକୁ ଜନ୍ମ ଦେଇଥିଲା, ସେ ସେଦିନ ପ୍ରକୃତ ସତ କଥା ଜାଣିଲା । ତାର ନିଜର ଏକମାତ୍ର ପୁଅଟି ଅଳ୍ପଦିନ ତଳେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇ ଥିବାରୁ ସେ ପୁରାପୁରି ସନ୍ତାନହୀନା ହୋଇ ପଡ଼ିଥିଲା । ଏଣେ ପୁଅ ଯିବାକୁ ତେଣେ ସ୍ୱାମୀଙ୍କର ଏ ଅବସ୍ଥା ଦେଖି ଅସହାୟ ହୋଇ ପଡ଼ିଥିଲା ବିଚାରୀଟି ।

ଅତନୁ କଣ କରିବ, କେମିତି ରୋଗୀକୁ ବଞ୍ଚାଇବ, ସେହି ଚିନ୍ତାରେ ଫେରାଇ ଦେଉଥିବା ରୋଗୀକୁ ସଙ୍ଗେ ସଙ୍ଗେ ଏଡ୍‌ମିସନ୍ କରିବାକୁ ଆଦେଶ ଦେଲା । ଫୁସ୍‌ଫୁସ୍ କର୍କଟ ରୋଗରେ ଭାରତ ଆମେରିକା, କାନାଡ଼ା, ଜର୍ମାନୀରେ ସୁନାମ ଅର୍ଜନ କରିଥିବା ଡାକ୍ତରମାନଙ୍କୁ ଇନ୍‌ଷ୍ଟିଚ୍ୟୁଟ୍‌କୁ ସଙ୍ଗେ ସଙ୍ଗେ ଘେନି ଆସିବା ପାଇଁ ଉଡ଼ାଜାହାଜ ପଠାଇ ଦେଲା । ସେ ନିଜେ ଚିକିତ୍ସା କଲେ ଭାବପ୍ରଣୋଦିତହୋଇ କାଳେ କେଉଁଠି ଭୁଲ କରି ପକେଇବ, ସେମାନଙ୍କ ସାହାଯ୍ୟ ନେବା ଉଚିତ୍ ମନେକରି ଏହି ବ୍ୟବସ୍ଥା କଲା । ଫୁସ୍‌ଫୁସ୍ କର୍କଟ ରୋଗର ଚିକିତ୍ସାରେ ଯେଉଁମାନେ ଖୁବ୍ ସୁନାମ ଅର୍ଜନ କରିଛନ୍ତି ସେମାନେ ସମସ୍ତେ ଅତନୁର ବନ୍ଧୁ । ଅତନୁଠାରୁ ନିମନ୍ତ୍ରଣ ପାଇଲେ ନ ଆସିବେ ବା କେମିତି । ତାର ବାର୍ତ୍ତାଦ୍ୱାରା ଚିକାଗୋ, ପିଟ୍‌ସବର୍ଗ ଆଦି ଡାକ୍ତରଖାନାକୁ ଜଣାଇ ଦିଆଗଲା ଯେ ଅନିବାର୍ଯ୍ୟ କାରଣ ହେତୁ ଅତନୁର ସବୁ ପ୍ରୋଗ୍ରାମ ବାତିଲ କରି ଦିଆଗଲା । କେବେ ସେସବୁ ସ୍ଥାନକୁ ଯିବ, ପରେ ଜଣାଇ ଦିଆଯିବ ।

ତହିଁ ପରଦିନ ସକାଳ ସୁଦ୍ଧା ପୃଥିବୀର କର୍କଟ ରୋଗରେ ବଡ଼ ବଡ଼ ବିଶେଷଜ୍ଞମାନଙ୍କୁ ଧରି ଇନ୍‌ଷ୍ଟିଚ୍ୟୁଟ୍‌ର ସ୍ପେସାଲ ଉଡ଼ାଜାହାଜ ନିଉ ଜେରସିକୁ ଫେରିଆସିଲା । ସେ ସମସ୍ତଙ୍କୁ ଧରି ଇନ୍‌ଷ୍ଟିଚ୍ୟୁଟ୍‌ର ଆଲୋଚନା କକ୍ଷରେ ଏକ ଆଲୋଚନା ବସିଯାଇଛି । ଏକ୍‌ସ୍‌ରେ ରିପୋର୍ଟଠାରୁ ଆରମ୍ଭ କରି ଯେତେ ପ୍ରକାର ରିପୋର୍ଟ ଏ ଭିତରେ ନିଆଯାଇଛି, ସବୁ-ଗୁଡ଼ିକ ବିଶେଷଜ୍ଞମାନଙ୍କ ସମ୍ମୁଖରେ ଥୁଆ ହୋଇଥାଏ । ସେହି ରିପୋର୍ଟ ସବୁ ଦେଖି ସମସ୍ତଙ୍କ ମୁହଁ ବିଷଣ୍ଣ । ରୋଗ ରୋଗୀଠାରେ ଏଭଳି ଅବସ୍ଥାରେ ପହଞ୍ଚିଗଲାଣି ଯେ ରୋଗୀକୁ ବଞ୍ଚାଇବା

Digitized by srujanika@gmail.com

ଆଉ ସମ୍ଭବପର ନୁହେଁ । କେମୋଥେରାପି ଇମ୍ୟୁନୋଥେରାପିଠାରୁ ଆରମ୍ଭ କରି ଯେତେ ପ୍ରକାର ନୂଆ ନୂଆ ଚିକିତ୍ସା ଦେଖାଦେଲାଣି କୌଣସିଟି ସାହାଯ୍ୟରେ ଏ ରୋଗୀକୁ ବଞ୍ଚାଇବା ସମ୍ଭବପର ନୁହେଁ । ଆଉ ମାସେ ଦୁଇ ମାସରୁ ଅଧିକ କାଳ ରୋଗୀ ପକ୍ଷରେ ବଞ୍ଚିରହିବା ଆଶା ନାହିଁ । ଏ ସବୁ ଆଲୋଚନା ଓ ବଡ଼ ବଡ଼ ବିଶେଷଜ୍ଞମାନଙ୍କ ମତ ଶୁଣି ଅତନୁର ମୁଣ୍ଡ ଘୂରିଗଲା । ସେ କେମିତି ରୋଗୀକୁ ବଞ୍ଚାଇ ପାରିବ ତାରି ଚିନ୍ତାରେ ସେ ପାଗଳ ହୋଇଉଠିଲା ।

ବିଶେଷଜ୍ଞମାନେ ନିଜ ନିଜ ଅକ୍ଷମତା ଜଣାଇ ଓ ରୋଗ ସଂପର୍କରେ ଅତନୁ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବିଦାୟ ନେଇଗଲେ । ଅତନୁକୁ ଗୃହିଅଡ଼ ଅନ୍ଧାର ଦିଶିଲା । ସେ ଏଡ଼େ ହତଭାଗା ଯେ ନିଜ ଜନ୍ମଦାତ୍ରୀ ମା'କୁ ବଞ୍ଚାଇ ପାରୁନି । ମା'ର ପୁଣି ଅବସ୍ଥା ଏତେ ଜୀର୍ଣ୍ଣଶୀର୍ଣ୍ଣ ଯେ ସେ ନିଜ ପୁଅକୁ ବି ଚିହ୍ନି ପାରୁନି । ଯେତେ କହିଲେ ହେଁ ଇଏ ଅତନୁ, ଇଏ ଅତନୁ, ସେ ଖାଲି ହୁଁ ହୁଁ ମାରୁଛି ମିନା କିଛି ପ୍ରତିକ୍ରିୟା ପ୍ରକାଶ କରିପାରୁନି । ସମ୍ଭବତଃ ସେ ଧରି ପାରୁନି ଅତନୁ କିଏ, ତା' ସହିତ ତାର ସମ୍ପର୍କ କଅଣ ? ଡକ୍ଟର ପଟ୍ଟନାୟକଙ୍କୁ ବହୁତ କଷ୍ଟରେ ଚିହ୍ନି ପାରିଲା; କିନ୍ତୁ ଅତନୁକୁ ଚିହ୍ନି ପାରୁନି ।

ଧୀରେ ଧୀରେ ରୋଗୀର ଅବସ୍ଥା ଆହୁରି ଖରାପ ଆଡ଼କୁ ଗତିକଲା । ଅତନୁ ପ୍ରାଣପଣ ରୋଗ ସହିତ ଯୁଦ୍ଧ ଚଳାଇଥାଏ । ପୃଥିବୀରେ ଶ୍ରେଷ୍ଠ କେନ୍‌ସର ସର୍ଜନ ଭାବରେ ତା'ର ଯେଉଁ ଅଭିଜ୍ଞତା ଥିଲା ସେ ସବୁକୁ ପ୍ରୟୋଗ କରି ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା ଚଳାଇଥାଏ । କିନ୍ତୁ ରୋଗୀକୁ ଅଟକାଇବା ଅତନୁ ପକ୍ଷରେ ସମ୍ଭବ ହେଲାନି, ରୋଗ ଭଲ ତ ଦୂରର କଥା । ନରେନ୍ଦ୍ରର ସ୍ତ୍ରୀ ତନୁଶ୍ରୀର ଅନୁରୋଧରେ ବର୍ତ୍ତମାନ ତାଙ୍କ ଘରେ ରହୁଥାନ୍ତି । ପ୍ରତିଦିନ ସମସ୍ତେ ଡାକ୍ତରଖାନାକୁ ଦିନରେ ଦୁଇଥର ଲେଖାଏଁ ଆସି ରୋଗୀକୁ ଦେଖିଯାଉଥାନ୍ତି । ଡାକ୍ତରଖାନାର ସମସ୍ତ ଡାକ୍ତର, କଂପାଉଣ୍ଡର, ନର୍ସମାନଙ୍କର ଦୃଷ୍ଟି ଏହି ରୋଗୀ ଉପରେ । ଦିନକୁ ଦିନ କେତେ ପରୀକ୍ଷା, କେତେ ଔଷଧ ସେବନ ଯେ ଚାଲିଛି ତା'ର ଇୟତ୍ତା ନାହିଁ । କର୍କଟ ରୋଗପାଇଁ ଯେତେ ପ୍ରକାର ନୂଆନୂଆ ଔଷଧ ବାହାରିଛି କୌଣସିଟା ବାଦ୍ ଯାଇନି । ଏତେ ଚେଷ୍ଟା ସତ୍ତ୍ୱେ ରୋଗ ଆଗେଇ ଚାଲିଛି । କେତେ ଫୁସ୍‌ଫୁସ୍ କର୍କଟ ରୋଗୀକୁ ଅତନୁ ଚିକିତ୍ସା କରି ମୃତ୍ୟୁ ମୁଖରୁ ଫେରାଇ ଆଣିପାରିଛି ଅଥଚ ନିଜ ଜନ୍ମଦାତ୍ରୀ ମା'କୁ ପାରୁନି । ଅତନୁର ବଡ଼ ମନ କଷ୍ଟ । ଘରେ ଖାଇବା ପିଇବା ଏକରକମ୍ ବିଷଭଳି ଲାଗିଲାଣି ତାକୁ । ଘରେ କାହାସାଙ୍ଗରେ ପଦେ କଥାବାର୍ତ୍ତା କରିବାକୁ ଇଚ୍ଛା ହେଉନାହିଁ । ସବୁବେଳେ ମନରେ ରୋଗୀ ଚିନ୍ତା । ପ୍ରିୟତମା ତନୁଶ୍ରୀକୁ ପଦେ କଥା କହିବାକୁ ବେଳ ପାଉ ନାହିଁ । ଫାଦର୍, ଡକ୍ଟର ପଟ୍ଟନାୟକ ସମସ୍ତଙ୍କ ମନ କଷ୍ଟ । ଅତନୁ ନିଜର ସମସ୍ତ ବିଦ୍ୟା ବୁଦ୍ଧି ପ୍ରୟୋଗ କରିସାରିଲାଣି, କୃତକାର୍ଯ୍ୟତାର କ୍ଷୀଣ ରେଖା ବି ସେ କେଉଁଠି ଦେଖିବାକୁ ପାଉନି ।

ରୋଗୀ ଅବସ୍ଥା ଦିନକୁ ଦିନ ଏତେ ଖରାପ ଆଡ଼କୁ ଯାଉଛି ଯେ ସେ ଲୋକ ଚିହ୍ନି

Digitized by srujanika@gmail.com

ପାରୁନାହିଁ । କେହି କହିଲେ ସେ କିଛି ବୁଝି ପାରୁନି । ଆଖି ଖୋଲିଲେ ବେଶୀ ସମୟ ଅନାଇ ପାରୁନି । ଆଖିର ପୂର୍ବ ଜ୍ୟୋତି ଆଉ ନାହିଁ, କେଉଁଦିନରୁ ଲିଭିଗଲାଣି । ନିଜ ସ୍ତ୍ରୀକୁ ଚିହ୍ନି ପାରୁନି ମଧ୍ୟ । ଏହିଭଳି ଦିନକୁ ଦିନ ଖରାପ ଆଡ଼କୁ ଯାଇ ରୋଗୀ ଶେଷରେ କମା ଅବସ୍ଥାକୁ ଚାଲିଆସିଲା । କମା ଅବସ୍ଥାରେ ପୂରା ଅଚେତ । ମୃତ୍ୟୁର ପୂର୍ବ ଅବସ୍ଥା । ଏଣେ ଘରେ କାନ୍ଦ ବୋବାଳି ପଡ଼ିଗଲା । ଅତନୁ ସବୁବେଳେ ରୋଗୀକୁ ଦେଖୁଥାଏ । ମୃତ୍ୟୁ ଆଡ଼କୁ ଯେଉଁ ରୋଗୀ ଧାଇଁ ଚାଲିଛି କିପରି ତାକୁ ରକ୍ଷା କରିବ, ସେଇ ଥାଏ ତାର ଚିନ୍ତା ।

ଇନ୍‌ଷ୍ଟିଚ୍ୟୁଟ୍‌କୁ ରୋଗୀଟି ଆସିଲା ଦିନଠାରୁ ଅତନୁର ଅନ୍ୟମନସ୍କତା ଢେର୍ ବଢ଼ି ଯାଇଛି । ସେ ଇନ୍‌ଷ୍ଟିଚ୍ୟୁଟ୍‌ର ପରିଚାଳନାର ସବୁକିଛି କାମ ଯନ୍ତ୍ରଚାଳିତବତ୍ କରି ଯାଉଥିଲେ ହେଁ କୌଣସିଟିରେ ଯେମିତି ମନ ନଥାଏ, ସେହିଭଳି ଜଣାଯାଉଥାଏ । ଏପରିକି ଅପରେସନ କଲାବେଳେ ତାର ମନର ପୂର୍ବ ସରସତା ମୋଟେ ନ ଥାଏ । ତା' ମନରେ ସବୁବେଳେ ଏକ ହୀନମନ୍ୟତା ଖେଳି ବୁଲୁଥାଏ, ସତେ ଯେମିତି ସେ ସବୁ କ୍ଷେତ୍ରରୁ ହାରି ଯାଉଛି । କେନ୍‌ସର ଚିକିତ୍ସାରେ ତାର ଯେଉଁ ପୂର୍ବ ଦକ୍ଷତା ଥିଲା, ସତେ ଯେମିତି ଆଉ ନାହିଁ ସେ ସବୁ ହରାଇ ବସିଛି ସେହିଭଳି ମନେ ହେଉଥାଏ ତାକୁ । କେନ୍‌ସର ରୋଗୀ ଚିକିତ୍ସାବେଳେ ସେ ଯେଉଁ ଦମ୍ଭ ଦେଖାଇ ଚିକିତ୍ସା କରେ ଏବେ ଆଉ ତାହା ନାହିଁ ।

ସାରା ପୃଥିବୀରେ ଏହି ରୋଗରେ ତା'ର ଭଳି ଯେତେ ବିଶେଷଜ୍ଞ ଥିଲେ ସମସ୍ତଙ୍କ ସହିତ ଯେତେ ପ୍ରକାର ପରାମର୍ଶ କରିବା କଥା, କେଉଁଟା ସେ ବାଦ୍ ଦେଇନି । କିନ୍ତୁ କୌଣସିଟି ଏ ପର୍ଯ୍ୟନ୍ତ ଫଳପ୍ରଦ ହୋଇନି । ରୋଗ ବଢ଼ି ଚାଲିଛି । ଦିନକୁ ଦିନ ରୋଗୀର ଅବସ୍ଥା ଖରାପ ଆଡ଼କୁ ଚାଲିଛି । ଗତ ସାତ ଦିନ ଧରି ରୋଗୀ ପୁରାପୁରି ଅଚେତ । ସେ କୌଣସି ମୁହୂର୍ତ୍ତରେ ରୋଗୀ ଇହ ସଂସାରରୁ ବିଦାୟ ନେଇ ଯାଇପାରେ ।

ଏହି ସମୟରେ ଦିନେ ହଠାତ୍ ତା ମୁଣ୍ଡକୁ ପଶିଲା କ୍ରାୟୋଜେନିକ୍ସ ପଦ୍ଧତିର ସାହାଯ୍ୟ ନେବା କଥା । ରୋଗୀକୁ ବଞ୍ଚାଇବା ପାଇଁ ଆଉ କିଛି ବୁଦ୍ଧି ତ ତାକୁ ଦିଶୁନି । ରୋଗୀ ଯଦି ମରିଯାଏ, ତେବେ ନିମ୍ନ ତାପରେ ରୋଗୀକୁ ସାଇତି ରଖିହେବ । ଯେଉଁଦିନ ଏହି ରୋଗର ଆଶାଜନକ ଔଷଧ ବା ଚିକିତ୍ସା ବାହାରିବ, ସେଦିନ ରୋଗୀକୁ ନିମ୍ନ ତାପରୁ ବାହାର କରି ପୁଣି ତାକୁ ବଞ୍ଚାଇ ରୋଗର ଚିକିତ୍ସା କରି ରୋଗୀକୁ ଭଲ କରିବ ।

ଅତନୁର ବାପା ରୋଗୀର ଏ ଅବସ୍ଥା ଦେଖି ସେ ତାଙ୍କ ଚାକିରିକୁ ଯାଇ ପାରୁନଥାନ୍ତି । ସେ ନିଜେ ଜଣେ ବଡ଼ ଡାକ୍ତର ହେଲେବି ରୋଗୀ ସମ୍ପର୍କରେ ପୁଅ ସହିତ କିଛି ଆଲୋଚନା କରିବାକୁ ସାହସ କରି ପାରୁ ନଥାନ୍ତି; କାରଣ ସେ ଜାଣନ୍ତି ଏଭଳି କର୍କଟ ରୋଗ ଚିକିତ୍ସାରେ ତାଙ୍କର କିଛି ଅଭିଜ୍ଞତା ନାହିଁ କି ବିଶେଷ ଜ୍ଞାନ ନାହିଁ । ପୁଅ ଯେତେବେଳେ ସାରା ଯୁକ୍ତରାଷ୍ଟ୍ରରେ ଏକ ବଡ଼ ବିଶେଷଜ୍ଞ, ତା ସହିତ ଏ ରୋଗ ସଂପର୍କରେ କଣ ବା ଆଲୋଚନା କରିବେ । ଫାଦର ମଧ୍ୟ ଏସବୁ ଦେଖି ଚୁପ୍ । ବେଳେବେଳେ ରାତିରେ ସେ ରୋଗୀର ଜୀବନ ଭିକ୍ଷାକରି ଭଗବାନଙ୍କୁ ଯାହା ପ୍ରାର୍ଥନା କରନ୍ତି । ତନୁଶ୍ରୀ ନରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ

Digitized by srujanika@gmail.com

ସାନ୍ତ୍ୱନା ଦେବାରେ ବ୍ୟସ୍ତ । ରୋଗୀ ଅଚେତ ହେବା ଦିନଠାରୁ ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ଆଶା ଛାଡ଼ି ଦେଇ ସାରିଲେଣି । ସେ ଏଥର ଧରି ନେଲେଣି ରୋଗୀକୁ ଆଉ ବଞ୍ଚାଇବା ସମ୍ଭବପର ନୁହେଁ । ପୃଥିବୀର ଶ୍ରେଷ୍ଠ ବିଶେଷଜ୍ଞ ଯଦି ପାରୁନାହାନ୍ତି ତେବେ ତାଙ୍କୁ ଆଉ ରକ୍ଷା କରିପାରିବ ବା କିଏ ? ତେଣୁ ତାଙ୍କର କାନ୍ଦଣା ହିଁ ସାର ହୋଇଥାଏ ।

ତନୁଶ୍ରୀର ଏଇ କେତେ ଦିନ ହେଲା ପ୍ରଧାନ କାମ ହେଉଛି ତାଙ୍କୁ ସାନ୍ତ୍ୱନା ଦେବା । ରୋଗୀ ଅଚେତ ରହିବା ପରେ ରୋଗୀର ଅବସ୍ଥା କିପରି, ସେ ଭଲ ହୋଇ ପାରିବେ କି ନାହିଁ ତନୁଶ୍ରୀ ତରଫରୁ ଅତନୁକୁ କିଛି ପଚାରି ପାରେନି । ଅତନୁକୁ ସେ ଯେତେବେଳେ ଏତେ ଚିନ୍ତିତ ଥିବାର ଦେଖେ ସେ ତାକୁ ଏ ସଂପର୍କରେ କିଛି ପଚାରିବାକୁ ସାହସ କରେ ନାହିଁ । କ'ଣ ବା ପଚାରିବ, ଭଲ ହେବାର ଆଶା ଥିଲେ ତ ସେ ଖୁସି ହୋଇ ନିଜେ କହି ଦିଅନ୍ତେ ।

ଅତନୁ ଦିନେ ହସ୍‌ପିଟାଲରୁ ଫେରି ସିଧାସଳଖ ବାପାଙ୍କ କୋଠରିକୁ ପଶିଗଲା । ବାପାଙ୍କୁ ଚିନ୍ତିତ ହୋଇ ବସିଥିବାର ଦେଖି 'ବାପା' କହୁଁ କହୁଁ ତାଙ୍କ ସାମନା ସୋଫାରେ ବସିପଡ଼ିଲା । ପୁଅକୁ ହଠାତ୍ ସାମନାରେ ଦେଖି ଡକ୍ଟର ପଟ୍ଟନାୟକଙ୍କ ଚିନ୍ତାର ଖିଅ ଛିଡ଼ିଗଲା । ସେ ଅତମତ ହୋଇ କହିଲେ, "କ'ଣ ବାପା, ରୋଗୀର ଅବସ୍ଥା କେମିତି ଦେଖୁଛୁ ?"

"ରୋଗୀକୁ ବଞ୍ଚାଇ ପାରିବାର ଆଶା ସେମିତି କିଛି ଦେଖି ପାରୁନି ବାପା ! ଫୁସ୍‌ଫୁସ୍ କର୍କଟ ରୋଗ କେମୋଥେରାପିରେ ଭଲ ହେବା କଥା; କିନ୍ତୁ ଏପର୍ଯ୍ୟନ୍ତ ଫଳପ୍ରଦ ଔଷଧ ବାହାରିନି । ଆଶା କରାଯାଉଛି ଆଉ ଦଶ ପନ୍ଦର ବର୍ଷ ଭିତରେ ଏହି ରୋଗ ପାଇଁ ଫଳପ୍ରଦ ଔଷଧ ନିଶ୍ଚୟ ବାହାରି ପଡ଼ିବ ।"

କିନ୍ତୁ ସେତେଦିନ ପର୍ଯ୍ୟନ୍ତ ରୋଗୀକୁ କ'ଣ ବଞ୍ଚାଇ ହେବ ବାପ ?

ତା ନହେଲେ ରୋଗୀକୁ ଭଲ କରିବାର ବାଟ ମୋତେ ତ କିଛି ଦିଶୁନି । ତେବେ— ମୋ ମୁଣ୍ଡରେ ଗୋଟିଏ ଚିନ୍ତା ପଶିଛି ବାପା ! ସେହି ଉପାୟଟି କଲେ ହୁଏତ ରୋଗୀ ଭଲ ହୋଇଯାଇପାରେ ।

"ସେ ପୁଣି କି ଉପାୟ ବାପ ?"

"କ୍ରାୟୋଜେନିକ୍ସ୍ ।"

ତା ମାନେ ତୁ କହୁଛୁ ରୋଗୀ ମରିଗଲା ସଙ୍ଗେ ସଙ୍ଗେ ମାନେ ତା'ର କ୍ଲିନିକାଲ ମୃତ୍ୟୁର ଠିକ୍ ଅବ୍ୟବହିତ ପରେ ଜୈବିକ ମୃତ୍ୟୁ ଆସିବା ପୂର୍ବରୁ ତାକୁ ତରଳ ଯବକ୍ଷାରଜାନ ଭିତରେ ରଖିଦେବୁ ? ଏହା ଫଳରେ ତାର ଜୈବିକ ମୃତ୍ୟୁ ଆସିପାରିବନି । ସେହି ଅବସ୍ଥାରେ ଦଶ ବାର ବର୍ଷ ରଖିଦେଲେ ରୋଗୀଟି ଅତୁଟ ରହିପାରିବ । ଯେତେବେଳେ ଭବିଷ୍ୟତରେ ରୋଗର ଔଷଧ ବାହାରିବ ସେତେବେଳେ ତରଳ ଯବକ୍ଷାରଜାନରୁ ବାହାର କରି ଚିକିତ୍ସା କରି ଭଲ କରିବୁ !

Digitized by srujanika@gmail.com

"ହଁ, ବାପା, ତା ଛଡ଼ା ଆଉ କିଛି ବାଟ ତ ମୋତେ ଦିଶୁନି ।"

ହସିଲେ ଡାକ୍ତର ପଟ୍ଟନାୟକ, ଏକ ଶୁଷ୍କ ହସ । କହିଲେ "ଏ ପର୍ଯ୍ୟନ୍ତ କେଉଁଠି ଏହି ପଦ୍ଧତି ଫଳପ୍ରଦ ହୋଇନି । ଜଣେ ବୁଢ଼ା ରୋଗୀ ଏହି ଉପାୟରେ କେବେ ଭଲ ହୋଇ ନାହାନ୍ତି । ଏହା ଏକ କଳ୍ପନାର ବିଷୟବସ୍ତୁ ହୋଇ ରହିଛି ବୋଲି ମୋର ମନେହୁଏ । ତୁ ସେହି ପଦ୍ଧତିକୁ ଅନୁସରଣ କରି କ'ଣ ରୋଗୀକୁ ବଞ୍ଚାଇ ଦେବାକୁ ସାହସ କରୁଛୁ ?"

"ନା ବାପା, ଆପଣ ଯାହା ଭାବୁଛନ୍ତି ଏହା ଆଉ କଳ୍ପନାର ବିଷୟ ବସ୍ତୁ ହୋଇ ରହିନି । ଆପଣ ତ ଗ୍ଲେନ୍‌ଡେଲ ସହରର ମନସ୍ତତ୍ତ୍ୱ ବିଜ୍ଞାନ ଅଧ୍ୟାପକ ଡକ୍ଟର ଜେମ୍‌ସ ବେଡ୍‌ଫୋର୍ଡ୍‌ଙ୍କ ନାଁ ଶୁଣିଥିବେ । ସେ ଏହିଭଳି ସାଂଘାତିକ ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ମୃତ ଦେହ ଏକ ଜଟିଳ ଯନ୍ତ୍ର ଭିତରେ ପୂରାହୋଇ ତରଳ ଯବକ୍ଷାରଜାନ ତାପକ୍ରମରେ ଫୋନିକ୍‌ସ ସହରର ଏକ ଶୀତଳ ଭଣ୍ଡାରରେ ସାଇତା ହୋଇ ରହିଛି । ଖାଲି ବେଡ୍‌ଫୋର୍ଡ୍‌ଙ୍କର ନୁହେଁ, ମୋ ଜାଣିବାରେ ସାତ ଆଠ ଜଣଙ୍କର ମୃତ ଦେହ ଏମିତି ସାଇତା ହୋଇ ରହିଲାଣି । ଯେକୌଣସି ମୁହୂର୍ତ୍ତରେ ସେହି ରୋଗୀମାନଙ୍କୁ ଆଣି ସାଧାରଣ ତାପକ୍ରମରେ ସେମାନଙ୍କର ହୃଦଯନ୍ତ୍ରକୁ ଚଳାଇ ପୁଣି ଜୀବନ୍ତ କରି ହେବ । ଏହି ତାପକ୍ରମରେ ରହିବା ଫଳରେ ସେମାନଙ୍କର ଶରୀରର ମାଂସ, ଚର୍ବି, ଟିସୁ, ରକ୍ତ ଆଦିର କୌଣସି କିଛି କ୍ଷତି ହେବନି । ସେଗୁଡ଼ିକ ଠିକ୍ ସେହିଭଳି ଅତୁଟ ଅବସ୍ଥାରେ ରହିପାରିବ ।"

ତୁ ଯେଉଁ କ୍ରାୟୋଜେନିକ୍‌ସ କଥା କହୁଛୁ, ସେ ସମ୍ବନ୍ଧରେ ମୋର ବିଶେଷ କିଛି ଧାରଣା ନାହିଁ ବାପ, ତୁ ଯଦି ବିଚାରୁଛୁ, ସେହି ଉପାୟହିଁ ତୋ ମାଆକୁ ବଞ୍ଚାଇବା ପାଇଁ ଏକ ମାତ୍ର ବାଟ, ତେବେ ମୋର ସେଥିରେ କିଛି କହିବାର ନାହିଁ । ଭଗବାନ ଏ ଦିଗରେ ତୋର ସହାୟ ହୁଅନ୍ତୁ, ଏତିକି ମାତ୍ର ତାଙ୍କଠାରେ ମୋର ପ୍ରାର୍ଥନା ।

× × ×

ନରେନ୍ଦ୍ରଙ୍କର ଲକ୍ଷପତିକ ମୃତ୍ୟୁ ହେବାକ୍ଷଣି ଅତନୁର ଅନୁରୋଧରେ ଫୋନିକ୍‌ସରୁ ଆସିଥିବା କ୍ରାୟୋଜେନିକ୍‌ସ ଇଞ୍ଜିନିୟରମାନେ ନରେନ୍ଦ୍ରର ମୃତଦେହକୁ ଶୁଷ୍କ ବରଫ ଭିତରେ ଥୋଇ ସଙ୍ଗେ ସଙ୍ଗେ ଏକ ଉଡ଼ାଜାହାଜରେ ଫୋନିକ୍‌ସ ଅଭିମୁଖେ ବାହାରି ଗଲେ । ସେହି ଜାହାଜରେ ନିଜେ ଅତନୁ ମଧ୍ୟ ଗଲା । ଫୋନିକ୍‌ସରେ ପହଞ୍ଚି ସେଠାକାର ଶୀତଳ ଭଣ୍ଡାରରେ ଥିବା ଜଟିଳ ଯନ୍ତ୍ର ଭିତରେ ନରେନ୍ଦ୍ରର ଶରୀରକୁ ତରଳ ଯବକ୍ଷାରଜାନର ଖୁବ୍ ନିମ୍ନ ତାପକ୍ରମରେ ଯଥାଯଥ ଭାବରେ ରଖା ହେବାପରେ ସେ ଘରକୁ କେଉଁଠି ଫେରିଆସିଲା ।

ଅତନୁ ଫୋନିକ୍‌ସରୁ ଫେରି ଆସିଲା ବେଳକୁ ପ୍ରାୟ ସନ୍ଧ୍ୟା ହୋଇଗଲାଣି । ସେ ଘରକୁ ଫେରି ଆସିଲାବେଳକୁ ଘରେ କାନ୍ଦବୋବାଳି । ନରେନ୍ଦ୍ରଙ୍କ ସ୍ତ୍ରୀ କାନ୍ଦି କାନ୍ଦି ଆଖି ସବୁ

Digitized by srujanika@gmail.com

ଫୁଲିଗଲାଣି । ତନୁଶ୍ରୀର ଅବସ୍ଥା ମଧ୍ୟ ସେଇଆ । ଭାରତୀୟ ରୀତିରେ ସ୍ୱାମୀ ମରିଗଲେ ସ୍ତ୍ରୀ ବିଧବା ହେବା କଥା । ନରେନ୍ଦ୍ରର ସ୍ତ୍ରୀ ନିଜ ହାତରୁ ଚୁଡ଼ି ଇତ୍ୟାଦି ବାହାର କରିଦେବାକୁ ଗଲାବେଳକୁ ତନୁଶ୍ରୀ ବାଧା ଦେଲା । ତା'ର ଯୁକ୍ତି ସେ ତ ମରିନାହାନ୍ତି, ସେ ବିଧବା ହେବେ କାହିଁକି ? ସେ ଅତନୁ ପାଖରୁ ଶୁଣିଛି ଜୈବିକ ମୃତ୍ୟୁ ନହେଲା ପର୍ଯ୍ୟନ୍ତ ମଣିଷ ପ୍ରକୃତରେ ମରେନି । କ୍ଷଣିକ ମୃତ୍ୟୁ ହୋଇଥିବା ଲୋକକୁ ମୃତ ବୋଲି କହିବା ଉଚିତ ନୁହେଁ । ଅତନୁର ଯୋଜନା ସମ୍ବନ୍ଧରେ ତନୁଶ୍ରୀର ଧାରଣା ଥିବାରୁ ସେ ତାଙ୍କୁ ବୁଝାଇଦେଲା ଯେ ଆଉ କିଛି ଦିନ ପରେ ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣି ହେବ । ଫୁସ୍‌ଫୁସ୍ କର୍କଟ ରୋଗର କୌଣସି ଫଳପ୍ରଦ ଔଷଧ ବାହାରି ନଥିବାରୁ ବର୍ତ୍ତମାନ ପାଇଁ ତାଙ୍କୁ କ୍ଷଣିକ ମୃତ୍ୟୁ ପରେ ରଖିଦିଆଯାଉଛି । ଜୈବିକ ମୃତ୍ୟୁ ଆସିବାକୁ ଦିଆ ଯାଉନି । ଯେଉଁଦିନ ସେ ରୋଗର ଔଷଧ ବାହାରିବ, ତାଙ୍କ ଶରୀରକୁ ସେଠୁ ବାହାର କରି ତାଙ୍କୁ ଜୀବିତ ଅବସ୍ଥାକୁ ଅଣାଯିବ । ତତ୍‌ପରେ ଚିକିତ୍ସା କରି ଭଲ କରି ଦିଆଯିବ । ତେଣୁ ଏପରି ପରିସ୍ଥିତିରେ ସେ ବିଧବା ନ ହୋଇ ଅପେକ୍ଷା କରିବା ଉଚିତ୍ । ତନୁଶ୍ରୀ ଯେତେ ବୁଝାଇଲେ ବି ତାଙ୍କ ମନ କ'ଣ ଏଥିରେ ମାନୁଛି । ତାଙ୍କ ସ୍ୱାମୀ ଯେ ପୁନର୍ବାର ଜୀବିତ ଅବସ୍ଥାରେ ରୋଗ ମୁକ୍ତ ହୋଇ ସଂସାରକୁ ଫେରି ଆସିବେ, ଏ ସନ୍ଦେହ ସବୁବେଳେ ତାଙ୍କ ମନରେ ଖେଳୁଥାଏ । ତେଣୁ ତନୁଶ୍ରୀର ଆଶ୍ୱାସନାରେ ସେ ଆଶାନ୍ୱୀ ହୋଇପାରୁ ନଥାନ୍ତି ।

ଦିନ ଗଡ଼ି ଚାଲିଲା । ମାସ ପରେ ମାସ ଯାଇ ବର୍ଷ ପରେ ବର୍ଷ ବିତିଗଲା; ତଥାପି ରୋଗୀ ଭଲ ହେବାର ଆଶା ଦେଖାଗଲାନାହିଁ । ଇତି ମଧ୍ୟରେ ଡକ୍ଟର ପଟ୍ଟନାୟକ ଚାକିରିରୁ ଅବସର ନେଇ ଘରେ ଆସି ରହିଲେଣି । ନରେନ୍ଦ୍ରର ସ୍ତ୍ରୀ ବର୍ତ୍ତମାନ ଅତନୁ ଘରେ ରହୁଥାନ୍ତି । ତନୁଶ୍ରୀକୁ ନିଜ ବୋହୂଠାରୁ ଅଧିକ ଭଲପାଉଥାନ୍ତି । ଏଣେ ଶ୍ୱଶୁରଙ୍କ ସାହଚର୍ଯ୍ୟ, ତେଣେ ନୂଆ ଶାଶୁଙ୍କର ବାତ୍ସଲ୍ୟ ପ୍ରେମରେ ତନୁଶ୍ରୀ ନିଜକୁ ପୂରାପୂରି ହଜାଇ ଦେଇଥାଏ । ବାପା ନିଜ ପାଖରେ ରହିବାରୁ ଅତନୁର ଯେତେ ଆନନ୍ଦ ହେବା କଥା, ତା ହୋଇ ପାରୁ ନଥାଏ । ନିଜ ଜନ୍ମଦାତ୍ରୀ ମା'ଙ୍କୁ ସେ ରୋଗମୁକ୍ତ କରିପାରୁ ନ ଥିବାରୁ ଘରେ, ଇନ୍‌ଷ୍ଟିଚ୍ୟୁଟ୍‌ରେ ଯେଉଁଠି ତାକୁ ଦେଖିବ ସେ ସବୁବେଳେ ଦୁଃଖିତ ତଥା ଚିନ୍ତିତ ।

ନରେନ୍ଦ୍ର ଏହିଭଳି କେତେଦିନ ଯେ ଶୀତଳ ଭଣ୍ଡାରରେ ରହିବେ, ସେ କଥା, କେହି ଅତନୁକୁ ସାହସ କରି ପଚାରି ପାରୁ ନଥାନ୍ତି । ଏପରିକି ଡକ୍ଟର ପଟ୍ଟନାୟକ ବା । ବାକି ଫାଦର ଥିଲେ ବା ପଚାରନ୍ତେ, ସେ ତ ଗତ କେତେ ଦିନହେବ କାଲିଫର୍ଣ୍ଣିଆ ଯାଇଛନ୍ତି ନିଜ ଭାଇଙ୍କ ପାଖକୁ । ତନୁଶ୍ରୀର ବଡ଼ ଡର ଅତନୁକୁ କିଛି ପଚାରିବାକୁ, କାଳେ ସେ ବିରକ୍ତ ହେବେ ।

କାଲିଫର୍ଣ୍ଣିଆ ମେଡିକାଲ ଜର୍ଣ୍ଣାଲରେ ଯେଉଁଦିନ ଫୁସ୍‌ଫୁସ୍ କର୍କଟ ରୋଗର ଅବ୍ୟର୍ଥ ମହୌଷଧି ସେଣ୍ଟୋମାଇସିନର ଆବିଷ୍କାର କଥା ପ୍ରକାଶ ପାଇଲା, ସେଦିନ ଅତନୁର ଆନନ୍ଦ

Digitized by srujanika@gmail.com

କହିଲେ ନସରେ । ଏହି ଔଷଧଟି ଏକ ଏଣ୍ଟି ବାୟୋଟିକ୍ସ ଶ୍ରେଣୀର । କର୍କଟ ରୋଗପାଇଁ ବାହାରିଥିବା ସବୁ ଔଷଧଠାରୁ ଢେର୍ ଅଧିକ ଶକ୍ତିଶାଳୀ । ଏହାର ପ୍ରସ୍ତୁତ ପ୍ରଣାଳୀ ଅଧିକ କଷ୍ଟକର ହୋଇଥିବାରୁ ଔଷଧଟି ଅତି ମୂଲ୍ୟବାନ । କାଲିଫର୍ଣ୍ଣିଆର ଏକ ବଡ଼ଗୋଟ ଔଷଧ ପ୍ରସ୍ତୁତକାରୀ କୋମ୍ପାନି ଏ ଔଷଧର ଡିଷ୍ଟ୍ରିବ୍ୟୁଟର । ଆମେରିକାର ବହୁ ସ୍ଥାନରେ ବିଭିନ୍ନ କେନ୍‌ସର ବିଶେଷଜ୍ଞମାନେ ଏହାକୁ ଫୁସ୍‌ଫୁସ୍ କର୍କଟ ରୋଗ ଓ ଅନ୍ୟାନ୍ୟ କର୍କଟ ରୋଗରେ ବ୍ୟବହାର କରି ଆଶାତୀତ ଫଳ ପାଇଛନ୍ତି ।

ଫୁସ୍‌ଫୁସ୍ କର୍କଟ ରୋଗର କେଉଁ କେଉଁ ଅବସ୍ଥାରେ ଏହାର ପ୍ରୟୋଗ କରି ଚିକିତ୍ସକମାନେ ସୁଫଳ ପାଇଛନ୍ତି ତାହା ମନୋଧ୍ୟାନ ଦେଇ ପଢ଼ିଲା ଅତନୁ । ଯେତେବେଳେ ଦେଖିଲା ତା ମା'ଙ୍କ ଅନୁରୂପ ଫୁସ୍‌ଫୁସ୍ କର୍କଟ ରୋଗ ବେଶ୍ ଦକ୍ଷତାର ସହିତ ଭଲ ହୋଇପାରୁଛି, ସେତେବେଳେ ତା ଆନନ୍ଦ କହିଲେ ନସରେ । ସେ ସଙ୍ଗେ ସଙ୍ଗେ ବାପାଙ୍କ କୋଠରୀକୁ ପଶିଯାଇ ଏହି ନୂଆ ଔଷଧର ଗୁରୁତ୍ୱ କଥା କହିଲା । ଡାକ୍ତର ପଟ୍ଟନାୟକ ଅତ୍ୟଧିକ ଖୁସି ହୋଇ ପୁଅଠାରୁ ଜର୍ଣ୍ଣାଲଟିକୁ ନେଇ ପଢ଼ିଲେ । ମନ ତାଙ୍କର ଆନନ୍ଦରେ ନାଚି ଉଠିଲା । ନରେନ୍ଦ୍ରର ସ୍ତ୍ରୀକୁ ଏଇକଥା ନକହିଲେ ନହୁଏ । ଡାକ୍ତର ପଟ୍ଟନାୟକ ଏହି ନୂଆ ଔଷଧ କଥା ତନୁଶ୍ରୀକୁ ଜଣାଇଦେଲେ । ଗୁହ୍ନିଁ ଗୁହ୍ନିଁ ନୂଆ ଔଷଧ କଥା ଘରେ ରାଷ୍ଟ୍ର ହୋଇଗଲା । ଫାଦର୍ ମଧ୍ୟ ଏ କଥା ଶୁଣି ଭଗବାନଙ୍କୁ ହାତ ଟେକି ନମସ୍କାର ଜଣାଇଲେ । ଅତନୁର ପୂରା ବିଶ୍ୱାସ ଏହି ଔଷଧକୁ ବ୍ୟବହାର କରି ସେ ତାଙ୍କ ମା'ଙ୍କୁ ନିଶ୍ଚୟ ଭଲ କରି ପାରିବ ।

× × ×

ଯେଉଁଦିନ ଫୋନିକ୍ସର ଶୀତଳ ଭଣ୍ଡାରରୁ ନରେନ୍ଦ୍ରଙ୍କ ସଂରକ୍ଷିତ ଶରୀର ଇନଷ୍ଟିଚ୍ୟୁଟ୍‌ରେ ଆସି ପହଞ୍ଚିଲା, ସେଦିନ ଅତନୁର ଆନନ୍ଦର ସୀମା ନାହିଁ । କାଲିଫର୍ଣ୍ଣିଆ ଔଷଧ କୋମ୍ପାନିରୁ ସଦ୍ୟ ପ୍ରସ୍ତୁତ ହୋଇଥିବା ସେଣ୍ଟୋମାଇସିନ୍ ଯଥେଷ୍ଟ ପରିମାଣରେ ଅଣାଯାଇ ଇନଷ୍ଟିଚ୍ୟୁଟ୍‌ର ଶୀତଳ ଭଣ୍ଡାରରେ ରଖାଯାଇଥାଏ । ନରେନ୍ଦ୍ରଙ୍କ ଶୀତଳୀକୃତ ଶରୀରଟି ଯନ୍ତ୍ରଭିତରୁ କେମିତି ବାହାର କରିହୋଇ ଅପରେସନ ଥିଏଟରକୁ ଅଣାଯିବ ସେହି ଥାଏ ଅତନୁର ଚିନ୍ତା । ଯନ୍ତ୍ରଟି ଥଣ୍ଡା ହେଉଥାଏ ତରଳ ଯବକ୍ଷାରଜାନ ଭିତରେ । ଯନ୍ତ୍ରର ତାପକ୍ରମକୁ ଧୀରେ ଧୀରେ ବଢ଼ାଇ ଅପରେସନ ଥିଏଟରର୍ ତାପକ୍ରମକୁ ଅଣାଯିବା କଥା । ସେଥିପାଇଁ ଧୀରେ ଧୀରେ ଯନ୍ତ୍ରକୁ ତରଳ ଯବକ୍ଷାରଜାନରୁ ବାହାର କରିନେଇ ତରଳ ଅଙ୍ଗାରକାମ୍ଳ ଭିତରେ ରଖାଗଲା । ଏହାଫଳରେ କେପସୁଲର ତାପକ୍ରମ ଧୀରେ ଧୀରେ ବଢ଼ିଲା । କିଛି ସମୟ ପରେ ତରଳ ଅଙ୍ଗାରକାମ୍ଳରୁ ବାହାର କରିନେଇ ଖୁବ୍ ଥଣ୍ଡା ବାୟୁ ଭିତରେ ରଖାଗଲା । ଏହା ଫଳରେ ସଂରକ୍ଷିତ ଯନ୍ତ୍ରର ତାପକ୍ରମ ଆହୁରି କିଛି ବଢ଼ିଗଲା । ତତ୍ପରେ ଧୀରେ ଧୀରେ ଏହି ଥଣ୍ଡା ବାୟୁର ତାପକ୍ରମକୁ ବଢ଼ାଇ ଅପ୍ରୋପରୁମର କକ୍ଷର ତାପକ୍ରମ ସହିତ ସମାନ ଅବସ୍ଥାକୁ ଅଣାଗଲା । ଏହା

Digitized by srujanika@gmail.com

ହୋଇଯିବା ସଙ୍ଗେ ସଙ୍ଗେ ନରେନ୍ଦ୍ରଙ୍କ ଶରୀରକୁ ଯନ୍ତ୍ର ଭିତରୁ ଧୀରେ ଧୀରେ ବାହାର କରାଗଲା ଅସ୍ତ୍ରୋପଚାର ଟେବୁଲ ଉପରକୁ । ଶରୀରର ରକ୍ତ ଓ ଅନ୍ୟାନ୍ୟ ଟିସୁ ଗୁଡ଼ିକୁ ପରୀକ୍ଷା କରି ଦେଖାଗଲା ଯେ ସେଥିଭିତରୁ କୌଣସିଟି ବିକୃତ ଅବସ୍ଥାକୁ ଆସିନି । ମସ୍ତିଷ୍କର ଅଭ୍ୟନ୍ତରକୁ ପରୀକ୍ଷା କରି ଦେଖାଗଲା ସେଗୁଡ଼ିକ ବେଶ୍ ତାଜା ଅଛି । ଏଥର ରୋଗୀର ହୃତ୍‌ପିଣ୍ଡକୁ ଚଳାଇ ଦେଲେ ରୋଗୀର ପୂରା ଶରୀରଟି ପୁଣି କାର୍ଯ୍ୟ କରିବାକୁ ଆରମ୍ଭ କରିବ । ଚାହୁଁ ଚାହୁଁ ଅଳ୍ପ କେଇ ମିନିଟ୍ ମଧ୍ୟରେ ଦଶବର୍ଷ ଧରି ବନ୍ଦ ହୋଇଯାଇଥିବା ହୃତ୍‌ପିଣ୍ଡକୁ କୃତ୍ରିମ ଉପାୟରେ ଚଳାଇଲାକ୍ଷଣି ଏହା ବେଶ୍ ଚାଲିଲା । ଥରେ ଚାଲିଲା ଅର୍ଥ ଏହା ସବୁଦିନ ପାଇଁ ଚାଲିବ, ଆଉ ବନ୍ଦ ହେବା ସମ୍ଭାବନା ନାହିଁ । ହୃତ୍‌ପିଣ୍ଡ ଚାଲିବା ସଙ୍ଗେ ସଙ୍ଗେ ଶରୀରରେ ରକ୍ତ ସଂଚାଳନ ଆରମ୍ଭ ହୋଇଗଲା । ଗତ ଦଶବର୍ଷ ଧରି ରକ୍ତ ସଂଚାଳନ ବନ୍ଦ ଥିବାରୁ ଦେହର ବିଭିନ୍ନ ଅଂଶ ଶେତା ପଡ଼ିଯାଇଥିଲା । ରକ୍ତ ସଂଚାଳନ ଆରମ୍ଭ ହେବାକ୍ଷଣି ଶରୀରର ଶେତା ପଡ଼ି ଯାଇଥିବା ଅଂଶଗୁଡ଼ିକ ପୁଣି ଆରକ୍ତ ହୋଇଉଠିଲା । ସୁସ୍ଥ ମଣିଷଙ୍କ ଶରୀର ଯେମିତି ଦିଶେ, ବର୍ତ୍ତମାନ ଏହି ଶରୀର ସେମିତି ଦିଶିଲା । ଯନ୍ତ୍ର ଭିତରେ ଥିଲାବେଳେ ଯେମିତି ଶେତା ଦିଶୁଥିଲା, ସେମିତି ନୁହେଁ ।

ସଙ୍ଗେ ସଙ୍ଗେ ଫୁସ୍‌ଫୁସ୍‌ର ଚିକିତ୍ସା ଆରମ୍ଭ ହୋଇଗଲା । ଅସ୍ତ୍ରୋପଚାର ଫଳରେ ଯେଉଁ ଅଂଶରେ କେନ୍‌ସରର ମାଡ଼ା ବଢ଼ି ଯାଇଥିଲା ସେହି ଅଂଶ ଗୁଡ଼ିକୁ କାଟି ଫୋପାଡ଼ି ଦିଆଗଲା । ଏହି ଅପରେସନ ଦ୍ୱାରା ଫୁସ୍‌ଫୁସ୍‌ର କାର୍ଯ୍ୟ ଦକ୍ଷତାରେ ଯେମିତି କିଛି ଆଞ୍ଚ ନ ଆସେ, ସେଥିପ୍ରତି ଦୃଷ୍ଟି ରଖି ସବୁ କିଛି କରାଗଲା । ଅପରେସନ୍ କରୁଥାଏ ନିଜେ ଅତନୁ । ଅପରେସନ୍ ସଙ୍ଗେ ସଙ୍ଗେ ଆରମ୍ଭ ହୋଇଗଲା ସେଣ୍ଟୋମାଇସିନର ଉପଚାର । ପ୍ରତି ଚାରି ଘଣ୍ଟାରେ ଇଞ୍ଜେକସନ ଦେବା ବ୍ୟବସ୍ଥା କରାଗଲା ଓ ଅତନୁଙ୍କ ସହକାରୀ ଏହି ଚିକିତ୍ସା ଦାୟିତ୍ୱରେ ରହିଲେ । ସେଣ୍ଟୋମାଇସିନ୍ ସହିତ ଆଉ ଦୁଇଟି ଭେଷଜ ଓ ଗୋଟିଏ ତେଜସ୍କ୍ରିୟ ଭେଷଜର ବ୍ୟବସ୍ଥା କରି ଅତନୁ ଆରମ୍ଭ କରିଦେଲା ତା'ର ନିଜର ଆବିଷ୍କୃତ ସମ୍ମିଳିତ ଭେଷଜ ଚିକିତ୍ସା । ଆଶା ଏହି ଚିକିତ୍ସା ରୋଗର ଅବସାନ ଘଟାଇବାରେ ପୂର୍ଣ୍ଣ ସମର୍ଥ ହେବ ।

ଏହିଭଳି ଚିକିତ୍ସା ଚାରିଦିନ ଚାଲିବା ପରେ ରୋଗୀର ଅଚେତ ଅବସ୍ଥା ଧୀରେ ଧୀରେ ଦୂର ହେଲା । ଏଥର ରୋଗୀ ଧୀରେ ଧୀରେ ଗୋଡ଼ ହାତ ହଲାଇବାକୁ ଆରମ୍ଭ କଲା । ନୂତନ ଚିକିତ୍ସା ପଦ୍ଧତି ଯେ ଠିକ୍ ବାଟରେ ଚାଲିଛି ଏଥିରେ ଅତନୁର ସନ୍ଦେହ ରହିଲା ନି । ସେ ଏହି ଚିକିତ୍ସାରେ କୃତକାର୍ଯ୍ୟ ହୋଇ ନିଜ ଜନ୍ମଦାତ୍ରୀ ମା'ଙ୍କୁ ସେ ବଞ୍ଚାଇ ପାରିବ ଏଇ ଆଶା ତା'ଠାରେ ବଳବତ୍ତର ହେଲା ।

ଚିକିତ୍ସାର ଦ୍ୱାଦଶ ଦିନ, ପୂର୍ବ ଅଚେତ ଅବସ୍ଥା ଆଉ ନାହିଁ । ରୋଗୀର ମସ୍ତିଷ୍କ ଧୀରେ ଧୀରେ କାର୍ଯ୍ୟ କରିବାକୁ ଆରମ୍ଭ କଲାଣି । ଗତ ଦଶ ବର୍ଷ ଧରି ମସ୍ତିଷ୍କ ଓ ଅନୁମସ୍ତିଷ୍କ ଅକର୍ମଣ୍ୟ

Digitized by srujanika@gmail.com

ହୋଇ ପଡ଼ିରହିଥିବାରୁ ସେମାନେ ପୂର୍ବ ଦକ୍ଷତା ହାସଲ କରିବାକୁ କିଛିଦିନ ଲାଗିବ । ଗୋଟିଏ ମଟରଗାଡ଼ି ଦଶ ପନ୍ଦର ବର୍ଷ ଧରି ଚଳାଯାଇ ନଥିଲେ, ଚଲା ଆରମ୍ଭ କଲା-ବେଳକୁ ଯେଉଁ ଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼େ, ଏ ଅବସ୍ଥା ପ୍ରାୟ ସେଇଆ । ସ୍ମରଣ ଶକ୍ତି ଧୀରେ ଧୀରେ ଫେରିଆସୁଛି । ତଥାପି ବେଳେବେଳେ ରୋଗୀ କିଛି ସମୟ ପାଇଁ ଅଚେତ ଅବସ୍ଥାକୁ ଚାଲିଯାଉଛି । ତେବେ ଆଗଭଳି ପୂର୍ଣ୍ଣ ଅଚେତ ଅବସ୍ଥା ଆଉ ନାହିଁ । ଅତନୁ ସର୍ବଦା ରୋଗୀକୁ ଜଗି ବସିଥାଏ । ସେ ଯଦି କିଛି ସମୟ ପାଇଁ ରୋଗୀଠାରୁ ଦୂରେଇ ଯାଉଛି, ତେବେ ତାର ସହକାରୀମାନେ ଜଗି ବସୁଥାନ୍ତି । ଘରର ଅନ୍ୟମାନଙ୍କୁ ରୋଗୀ ନିକଟକୁ ଆସିବା ପାଇଁ ଅନୁମତି ଦିଆଯାଉ ନଥାଏ । ରୋଗୀ ପୂର୍ଣ୍ଣ ସ୍ମରଣ ଶକ୍ତି ଫେରି ନ ପାଇଲା ପର୍ଯ୍ୟନ୍ତ ଅନ୍ୟମାନେ ତା'ଠାରେ ଯାଇ ଭିଡ଼ ଜମାଇବା ଉଚିତ ନୁହେଁ ବୋଲି ତାର କଡ଼ା ନିର୍ଦ୍ଦେଶ । ସେଥିପାଇଁ ଘରେ ସମସ୍ତେ ଉଦ୍‌ବେଗରେ ଦିନ କାଟୁଥାନ୍ତି । ଅତନୁକୁ ଏହି କେତେଦିନ ଉଦାସ ଦେଖି କେହି ସାହସ କରି କିଛି ପଚାରି ପାରୁ ନଥାନ୍ତି, ରୋଗୀ ସମ୍ପର୍କରେ । ପୁଣି ଏହା ପୁରାପୁରି ନୂଆ ପ୍ରକାର ଚିକିତ୍ସା, ଏହାର ଫଳାଫଳ କ'ଣ ହେବ, ସହଜରେ କ'ଣ କିଏ କହି ଦେଇ ପାରିବ ?

ଅତନୁ ରୋଗୀ ପାଖରେ ବସି କ'ଣ ଭାବୁଛି । ରୋଗୀଟି ଏକ କ୍ଷୀଣ ସ୍ୱରରେ ଡାକିଲା, "ଚାରୁ, ଚାରୁ ।" ଏହି ଡାକରେ ହଠାତ୍ ଅତନୁର ଚିନ୍ତାର ଖିଅ ଛିଡ଼ିଗଲା । ଚାରୁ ନାମ ଉଚ୍ଚାରଣ ଶୁଣି ସେ ଆନନ୍ଦରେ ବିହ୍ୱଳିତ ହୋଇ ପଡ଼ିଲା । ତା'ର ଏତେ ଦିନ ଧରି ଯେଉଁ ସନ୍ଦେହ ଥିଲା—ଦଶବର୍ଷ ମସ୍ତିଷ୍କ ଅକାମୀ ହୋଇ ପଡ଼ିଲା ପରେ ତାର ପୂର୍ବ ସ୍ମୃତି ଫେରି ଆସିବ କି କଅଣ ସେ ସନ୍ଦେହ ଧୀରେ ଧୀରେ ଦୂର ହେଉଛି ବୋଲି ଅନୁଭବ କଲା । ରୋଗୀ ଚାରୁ ଦେବୀଙ୍କୁ ଖୋଜୁଥିବା ଦେଖି ସଙ୍ଗେ ସଙ୍ଗେ ଘରକୁ ଖବର ପଠାଇ ଦିଆଗଲା ଚାରୁ ଦେବୀଙ୍କୁ ଡାକି ଆଣିବା ପାଇଁ । ଅତନୁର ଆନନ୍ଦ ତାଙ୍କ ମା' ଏଥର ପୂର୍ବ ସ୍ମରଣଶକ୍ତି ଫେରି ପାଇବେ । ଚାରୁଦେବୀ ଆସି ଲୋତକପୂର୍ଣ୍ଣ ନୟନରେ ରୋଗୀଠାରେ ବସି ରହିଲେ । ତାଙ୍କ ମନରେ ସବୁବେଳେ ଚିନ୍ତା ତାଙ୍କ ସ୍ୱାମୀ କ'ଣ ସତେ ଭଲ ହୋଇ ପୁଣି ସଂସାରକୁ ଫେରି ଆସି ପାରିବେ ? ତାଙ୍କ ପାଟିରୁ ସେ କ'ଣ କେବେ ନିଜ ନାମ ଉଚ୍ଚାରଣ ହେବା ପୁଣି ଶୁଣି ପାରିବେ ? ମନେ ମନେ ଭଗବାନଙ୍କ ଠାରେ ଏଧିକ ମାଗୁଣି କରି ଭଗବାନଙ୍କ ଉଦ୍ଦେଶ୍ୟରେ ମନେମନେ ଶତ ନମସ୍କାର ଜଣାଉଥାନ୍ତି ।

ଚାରୁ ଦେବୀ ରୋଗୀ ପାଖରେ କିଛି ସମୟ ବସି ରହିଲା ପରେ ରୋଗୀ ଆଖି ଖୋଲିଲେ । ଆଖି ଖୋଲି ଘରଆଡ଼କୁ ଅନାଇ କାହାକୁ ଖୋଜିବାକୁ ଲାଗିଲେ । ନିଜ ସ୍ତ୍ରୀ ଚାରୁ ଦେବୀଙ୍କୁ ଦେଖି ସେ ପ୍ରଥମେ ଚିହ୍ନି ପାରିଲେନି । ସମ୍ଭବତଃ ସ୍ମୃତି ଶକ୍ତି ଓ ଦୃଷ୍ଟି ଶକ୍ତିର ସମନ୍ୱୟ ହୋଇ ପାରୁ ନଥିବାରୁ ସେ ଚିହ୍ନି ପାରୁ ନଥାନ୍ତି । ଚାରୁ ଦେବୀଙ୍କ ଉପରେ ଦୃଷ୍ଟି ରଖି ସେ କିଛି ସମୟ ଚିନ୍ତା କରିବାକୁ ଲାଗିଲେ । କିଛି ସମୟ ପରେ ସେ ଚାରୁ ଦେବୀଙ୍କୁ ଚିହ୍ନିପାରି ଡାକିଲେ "ଚାରୁ ଚାରୁ, ମୁଁ ବର୍ତ୍ତମାନ କେଉଁଠି ?"

Digitized by srujanika@gmail.com

ନିଜକୁ ଚିହ୍ନି ପାରିବା ଦେଖି ନିରୁ ଦେବୀଙ୍କ ଆନନ୍ଦର ସୀମା ନାହିଁ । ତାଙ୍କର ଦୁଃଖାଶ୍ରୁ ବର୍ତ୍ତମାନ ଆନନ୍ଦାଶ୍ରୁରେ ପରିଣତ ହୋଇ ଅଧିକ ବେଗରେ ପ୍ରବାହିତ ହେଲା । ସେ ଆଖିର ଅବାରିତ ଲୋତକ ସ୍ରୋତକୁ ପୋଛୁଁ ପୋଛୁଁ କହିଲେ, "ତୁମେ ପରା ବର୍ତ୍ତମାନ ହାଏସଲର ମେମୋରିଆଲ୍ କେନସର ଇନ୍‌ଷ୍ଟିଚ୍ୟୁଟରେ ଚିକିତ୍ସିତ ହେଉଛ ।"

"ଆଁ, କେନସର ଇନଷ୍ଟିଚ୍ୟୁଟ୍ ? ଯେଉଁଠି ମୁଁ ପ୍ରଥମେ ଭର୍ତ୍ତି ହୋଇଥିଲି ତ ?"

"ହଁ" ସେଇଠି ।

"ମୁଁ ଏଥର ଭଲ ହୋଇଯିବି ବୋଧେ ?"

"ଡାକ୍ତର କହୁଛନ୍ତି ତୁମେ ଶୀଘ୍ର ଭଲ ହୋଇଯିବ । ଆଉ ବିପଦର ସମ୍ଭାବନା ନାହିଁ ।"

ଏତିକ ଶୁଣି ରୋଗୀ ପୁଣି ଆଖି ବୁଜିଲା ।

ଘରେ ସମସ୍ତଙ୍କର ଯେଉଁ ଆନନ୍ଦ ସେ କଥା କହିଲେ ନ ସରେ । ଆନନ୍ଦରେ ତନୁଶ୍ରୀର ଗୋଡ଼ ତଳେ ଲଗୁନଥାଏ । ଅତନୁର ମଧ୍ୟ ଆନନ୍ଦର ସୀମା ନାହିଁ । ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ମୃତ୍ୟୁ ମୁଖରୁ ଫେରାଇ ଆଣିପାରିଛି । ତନୁଶ୍ରୀର ବେଳେ ବେଳେ କହୁଦିନ ତଳର ସେହି ସ୍ୱପ୍ନ କଥା ମନେପଡ଼ି ଯାଉଥାଏ । ଏଥର ଯମରାଜ ଆହୁରି କୋପାନ୍ୱିତ ହେଉଥିବେ । ଦଶ ବର୍ଷ ଧରି ମୃତ ରହିବା ପରେ ରୋଗୀକୁ ପୁଣି ଜୀବନ ଦାନ ଦେବା ଯମରାଜଙ୍କ ରାଜୁତିରେ କମ୍ ବଡ଼ ବିଭ୍ରାଟ ନୁହେଁ । ତାର ଡର ଫେର ଯଦି ସେ କୋପାନ୍ୱିତ ଯମରାଜଙ୍କୁ ସ୍ୱପ୍ନରେ ଦେଖେ ।

× × ×

ରୋଗୀର ଚିକିତ୍ସା ଛଅମାସରୁ ଊର୍ଦ୍ଧ୍ୱ ହୋଇଗଲାଣି । ଫୁସ୍‌ଫୁସ୍‌ରୁ କର୍କଟ ରୋଗ ପୁରାପୁରି ଦୂର ହୋଇଯାଇଛି । ରୋଗୀ ପୂର୍ବ ଭଳି ଖାଇବାକୁ ଆରମ୍ଭ କଲାଣି । ଶରୀରର ଦୁର୍ବଳତା ଆଉ ପୂର୍ବଭଳି ନାହିଁ । ତାଙ୍କ ସ୍ୱାସ୍ଥ୍ୟରେ ଆଶାତୀତ ଉନ୍ନତି ଘଟିଛି । ଏହା ଭିତରେ ଫାଦର୍, ଡକ୍ଟର ପଟ୍ଟନାୟକ, ତନୁଶ୍ରୀ ରୋଗୀ ସହିତ କଥାବାର୍ତ୍ତା କରି ଆନନ୍ଦିତ ହୋଇ ଉଠିଛନ୍ତି ।

ଯେଉଁଦିନ ଡାକ୍ତର ପଟ୍ଟନାୟକଙ୍କ ସହିତ ପ୍ରଥମ ସାକ୍ଷାତ୍ ହେଲା ସେ ତାଙ୍କୁ କୁଣ୍ଢାଇ ପକାଇ କମ୍ କାନ୍ଦି ନାହାନ୍ତି । ସେ ଦୃଶ୍ୟ ଏବେ ବି ତନୁଶ୍ରୀର ମନେ ପଡ଼ିଲେ ତା'ର ଆଖିରେ ଲୁହ ଜକେଇ ଆସେ । ଡକ୍ଟର ପଟ୍ଟନାୟକଙ୍କ ଠାରୁ ସେ ଜାଣିବାକୁ ପାଇଛନ୍ତି ତାଙ୍କର ଜୀବନ ରକ୍ଷାକାରୀ ହେଉଛି ତାଙ୍କର ନିଜ ଜନ୍ମିତ ପୁଅ, ସେ ଯାହାକୁ ରକ୍ତ ମାଂସ ଦେଇ ଗଢ଼ିଥିଲେ—ସେହି ଅତନୁ । ତାଙ୍କ ରୋଗର ଫଳପ୍ରଦ ଔଷଧ ନଥିବାରୁ ବିଗତ ଦଶବର୍ଷ ଧରି ସେ କପରି ମୃତ ଅବସ୍ଥାରେ ଏରିଜୋନା ରାଜ୍ୟର ଫୋନିକ୍ସ ସହରର ଶୀତଳ

Digitized by srujanika@gmail.com

ଭଣ୍ଡାରରେ ସଂରକ୍ଷିତ ହୋଇ ରହିଥିଲେ ସେ କଥା ଡାକ୍ତର ପଟ୍ଟନାୟକଙ୍କଠାରୁ ଶୁଣି କମ୍ ଚକିତ ହୋଇନଥିଲେ ସେ । ରୋଗର ନୂଆ ଫଳପ୍ରଦ ଔଷଧ ବାହାରିବା ପରେ କେମିତି ତାଙ୍କୁ ଶୀତଳ ଭଣ୍ଡାରରୁ ବାହାର କରାଯାଇ ଚିକିତ୍ସା କରିବାରୁ ଭଲ ହେଲେ, ସେହି ବର୍ଣ୍ଣନା ଶୁଣୁ ଶୁଣୁ ତାଙ୍କ ଆଖିରେ ଲୋତକ ରହି ପାରିଲାନି । ମୃତ୍ୟୁ ସହିତ କି ସଂଘର୍ଷ ନ କରି ତାଙ୍କ ପୁଅ ତାଙ୍କୁ ନ ବଞ୍ଚାଇ ପାରିଛି ସତେ ? ସେହି ପୁଅକୁ ଦେଖିବା ପାଇଁ ତାଙ୍କ ପ୍ରାଣ କାନ୍ଦି ଉଠିଲା । ଯେଉଁ ପୁଅକୁ ସେ ଦିନେ ଅବହେଳା କରିଥିଲେ, ସେହି ପୁଅ ଆଜି ତାଙ୍କୁ ଯମ ହାତରୁ ଜୋର ଜବରଦସ୍ତି ଛଡ଼ାଇ ଆଣିଛି । ଏହା କମ୍ ବଡ଼ ସୌଭାଗ୍ୟର କଥା ନୁହେଁ । ଡାକ୍ତର ପଟ୍ଟନାୟକଙ୍କଠାରୁ ନିଜର ରୋଗ ଚିକିତ୍ସାର କାହାଣୀ ଶୁଣି ପୁଅକୁ କେମିତି ଟିକିଏ ଦେଖନ୍ତେ ତାଙ୍କ ମନ ବ୍ୟାକୁଳ ହୋଇଉଠିଲା; କିନ୍ତୁ ପୁଅ ସେତେବେଳକୁ ଦକ୍ଷିଣ ଆମେରିକାର ଆଉ ଏକ ସାଂଘାତିକ କେନସର ରୋଗୀକୁ ମୃତ୍ୟୁମୁଖରୁ ଫେରାଇ ଆଣିବାକୁ ତୁମୁଳ ସଂଗ୍ରାମ ଚଳାଇଛି, ତାହା ଶୁଣିଲା ବେଳକୁ ତାଙ୍କ ଶୁଖି ଆସୁଥିବା ଆଖି ପୁଣି ସଜଳ ହୋଇ ଉଠିଲା ।

× × ×

ଅତନୁର ଏହି ଅଦ୍ଭୁତ ରୋଗ ଚିକିତ୍ସା କଥା ଦେଶର ବଡ଼ ବଡ଼ ଖବର କାଗଜରେ ଯେତେବେଳେ ବାହାରି ପଡ଼ିଲା, ସେତେବେଳେ ସାରା ପୃଥିବୀରେ ଖେଳିଗଲା ଏକ ଅଭୂତପୂର୍ବ ଚାଞ୍ଚଲ୍ୟ । ରୋଗୀକୁ ମୃତ ଅବସ୍ଥାରେ ଦଶ ବର୍ଷ ରଖିଲା ପରେ ପୁଣି ତାର ଜୀବନ ସଞ୍ଚାର କରି ପୂର୍ବ ରୋଗରୁ ଭଲ କରିବା କମ୍ ବଡ଼ କୃତିତ୍ୱର କଥା ନୁହେଁ । ଯିଏ ଏ ରୋଗ ଚିକିତ୍ସା କଥା ଶୁଣିଲା ସିଏ ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲାନି । କେତେକେ ଭାବିଲେ, ଏହା ଏକ କାଳ୍ପନିକ ମନଗଢ଼ା କଥା । ଏଭଳି ଚିକିତ୍ସା କ'ଣ କେବେ ସମ୍ଭବପର ? ଦଶ ବର୍ଷ ତଳର ମୃତ ରୋଗୀ କ'ଣ କେବେ ଭଲ ହୋଇ ସଂସାରକୁ ଫେରି ଆସି ପାରିବ ? ପ୍ରେସ୍ ସଂବାଦଦାତାମାନେ ଏହି ନୂଆ ପ୍ରକାର ଚିକିତ୍ସା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଇନଷ୍ଟିଚ୍ୟୁଟ୍ ଗେଟ୍ ପାଖରେ ଆସି ଭିଡ଼ ଜମାଇ ଦେଲେ । ଇନ୍ଷ୍ଟିଚ୍ୟୁଟର ଏଭଳି ଅଭୂତପୂର୍ବ କୃତିତ୍ୱରେ ଅତ୍ୟଧିକ ଆନନ୍ଦିତ ହୋଇ ଏହାର ପ୍ରତିଷ୍ଠାତା ଧନ କୁବେର ଜାଏସଲର ସେଦିନ ଅତନୁକୁ ବଧାଇ ଦେବାକୁ ଇନଷ୍ଟିଚ୍ୟୁଟକୁ ଦୌଡ଼ି ଆସିଥାନ୍ତି । ଦଶ ବର୍ଷର ମୃତ ରୋଗୀକୁ ସେ କେମିତି ବଞ୍ଚାଇ ଦେଲେ, ସେହି ରୋଗୀକୁ ଦେଖିବାକୁ କୋଟିପତି ଅତନୁ ସଙ୍ଗରେ ତାଙ୍କ ବାସଭବନକୁ ଗଲେ । ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇଯିବା ଦେଖି ସେ ଅତନୁକୁ କୁଣ୍ଢାଇ ପକାଇ ଆନନ୍ଦ ଗଦ୍ ଗଦ୍ ଚିତ୍ତରେ କହି ପକାଇଥିଲେ 'ମୁଁ ଯେଉଁଦିନ ତୁମକୁ ଡିରେକ୍ଟର ପଦବୀରେ ନିଯୁକ୍ତି ଦେଲି ସେ ଦିନ ଜାଣିଥିଲି, ତୁମେ ମୋ ଇନଷ୍ଟିଚ୍ୟୁଟର ଖାଲି ଏକ ମଣି ନୁହଁ, ସାରା ଯୁକ୍ତରାଷ୍ଟ୍ରର ଶ୍ରେଷ୍ଠ ମଣି ଭାବରେ ପୃଥିବୀର ମୁଖ ଦିନେ ଉଜ୍ଜ୍ୱଳ କରିବ । ତୁମଭଳି ଡିରେକ୍ଟର ପାଇ ଖାଲି ଇନଷ୍ଟିଚ୍ୟୁଟ୍ କି ଆମେରିକା ଗର୍ବିତ ନୁହେଁ, ସାରା ପୃଥିବୀ

Digitized by srujanika@gmail.com

ତୁମ କୃତତ୍ୱରେ ଆଜ ଗର୍ବିତ । ଭଗବାନ ତୁମକୁ ଆହୁରି ଅଧିକ ଆୟୁଷ ଦେଇଥାନ୍ତୁ—ଏହାହିଁ ମୋର ଆଜ ଈଶ୍ୱରଙ୍କ ଠାରେ ପ୍ରାର୍ଥନା ।

କୋଟିପତି ହାଏସଲର ଓ ତାଙ୍କ ସହକର୍ମୀମାନେ ଅତନୁକୁ ଆଶୀର୍ବାଦ ଦେଇ ଇନଷ୍ଟିଚ୍ୟୁଟ୍‌ରୁ ବିଦାୟ ନେଇ ଯାଇସାରିଲା ପରେ ପରେ ଗେଟ୍ ପାଖରେ ଭିଡ଼ ଜମାଇଥିବା ପ୍ରେସ୍ ସମ୍ବାଦଦାତା, ରେଡ଼ିଓ, ଟେଲିଭିଜନ୍ ସମ୍ବାଦଦାତାମାନଙ୍କୁ ଇନଷ୍ଟିଚ୍ୟୁଟର କନଫରେନସ ହଲ୍‌ରେ ଆଣି ବସାଇ ଦିଆଗଲା । ଠିକ୍ ଏଗାରଟାବେଳେ ପ୍ରେସ୍ କନ୍‌ଫରେନସ ଆରମ୍ଭ ହେବ । ଏହି ନୂଆ ପ୍ରକାର ରୋଗ ଚିକିତ୍ସା ସମ୍ବନ୍ଧରେ ପ୍ରାଞ୍ଜଳଭାବରେ ଜାଣିବା ପାଇଁ ସେମାନେ ସମସ୍ତେ ପାଗଳ । କନଫରେନ୍ସ ପ୍ରକୋଷ୍ଠରେ ପ୍ରବଳ ଭିଡ଼ । ଅତନୁ ନିଜର ନୂତନ କେନସର ଚିକିତ୍ସା ପ୍ରଣାଳୀ କଥା ସମସ୍ତଙ୍କୁ ବୁଝାଇ ଦିଅନ୍ତେ କେତେ ପ୍ରକାର ପ୍ରଶ୍ନ ଯେ ତାଙ୍କ ଉପରେ ଆସି ପଡ଼ିଲା ତାର ସୀମା ନାହିଁ । ସେ ସବୁର ଯଥାଯଥ ଉତ୍ତର ଦେଇ ସେମାନଙ୍କୁ ସନ୍ତୁଷ୍ଟ କଲା ବେଳକୁ ଦିନ ଦୁଇଟା । ସେହି କନଫରେନ୍ସ ହଲ୍‌କୁ ଏହି ଚିକିତ୍ସାରେ ଭଲ ହୋଇଥିବା ନିଜ ମାତା ନରେନ୍ଦ ମଧ୍ୟ ଆସିଥାନ୍ତି । ଡକ୍ଟର ପଟ୍ଟନାୟକ, ଫାଦର୍, ତନୁଶ୍ରୀ ହଲ୍‌ର ଗୋଟିଏ ପାଖରେ ବସି ଥାନ୍ତି । ସମ୍ବାଦଦାତାମାନଙ୍କର ବିଚକ୍ଷଣ ପ୍ରଶ୍ନ ବାଣ ଦେଖି ଓ ପ୍ରତ୍ୟେକ ପ୍ରଶ୍ନକୁ ଅତନୁ ଖୁବ୍ ଦକ୍ଷତାର ସହିତ ଉତ୍ତର ଦେବା ଦେଖି ସେମାନେ ସମସ୍ତେ ତାଟକା । ଏହି ଚିକିତ୍ସାରେ ବ୍ୟବହୃତ ହୋଇଥିବା ସବୁ ପ୍ରକାର ଯନ୍ତ୍ରପାତିର ଟିକି ନିଖି କରି ଫଟୋ ଉଠାଇ, ରୋଗୀ ଏବଂ ଡାକ୍ତରଙ୍କଠାରୁ ଆରମ୍ଭ କରି ତାଙ୍କ ପରିବାର ବର୍ଗଙ୍କର ଫଟୋ ଉଠାଇବାକୁ ସେମାନେ ଭୁଲିଲେ ନାହିଁ । ବିଦାୟ ନେଲାବେଳେ ସେମାନେ ଅତନୁକୁ ବଧାଇ ଦେଉଁ ଦେଉଁ ସେମାନଙ୍କ ପାଟିରୁ ବାହାରି ପଡ଼ିଲା, "ଚିକିତ୍ସା ବିଜ୍ଞାନରେ ଏହା ଖାଲି ଏକ ନୂଆ ଅଧ୍ୟାୟର ଆରମ୍ଭ ହେଲାନି ଡକ୍ଟର ପଟ୍ଟନାୟକ, କେନସର ଚିକିତ୍ସାର ଏକ ନୂତନ ଦିଗନ୍ତକୁ ରୂପ ଦେଲେ ଆପଣ । ସାରା ବିଶ୍ୱ ଆପଣଙ୍କୁ ଭୁଲି ପାରିବନି ଏହି ଅଭୁତପୂର୍ବ ଅବଦାନ ନିମନ୍ତେ ।"

ଖବର କାଗଜ, ବୈଜ୍ଞାନିକ ପତ୍ରପତ୍ରିକାରେ ଅତନୁର ଭୂରି ଭୂରି ପ୍ରଶଂସା ଛୁଟିଲା । ଗତ କେତେ ଦିନ ଧରି ରେଡ଼ିଓ, ଟେଲିଭିଜନ ଏହି ନୂଆ ଧରଣର ଚିକିତ୍ସା ସମ୍ବନ୍ଧରେ କେତେ ପ୍ରକାର ବିବରଣୀ, ଟିପ୍ପଣୀ ଓ ପ୍ରଶଂସା ଯେ ଦେଲେ ତାର କଳନା ନାହିଁ । ଅତନୁର ଏହି ନୂଆ ଆବିଷ୍କାର ଚଳିତ ଶତାବ୍ଦୀରେ ଶ୍ରେଷ୍ଠତମ ଆବିଷ୍କାର ବୋଲି କେତେକ ସମ୍ପାଦକ ଟିପ୍ପଣୀ ଦେବାକୁ ଭୁଲି ନ ଥିଲେ । ଅତନୁର ଏହି ସମ୍ମାନ ଦେଖି ଡକ୍ଟର ପଟ୍ଟନାୟକ ଓ ଫାଦର୍‌ଙ୍କ ମନ କୁଣ୍ଢେ ମୋଟ । ଅତନୁକୁ ବଧାଇଦେଇ ତା'ର ସାଙ୍ଗସାଥୀମାନେ ଅସଂଖ୍ୟ ବାର୍ତ୍ତା ପଠାଉଥାନ୍ତି । ତନୁଶ୍ରୀ ସେସବୁଡ଼ିକୁ ଖୋଲି ଖୋଲି ନିସ୍ତାନ୍ତ ହୋଇପଡ଼ିଲାଣି । ପୃଥିବୀର ପ୍ରତ୍ୟେକ କୋଣରୁ ପ୍ରତ୍ୟେକ ଅନୁଷ୍ଠାନରୁ ଅତନୁକୁ ଅଭିନନ୍ଦନ କରି କେତେ ବାର୍ତ୍ତା, କେତେ ବା ଖୋଲିବ ସେ । ସେ ଏହା ଭିତରେ ରନ୍ଧାବଢ଼ା କଥା ପୁରାପୁରି ଭୁଲି ଗଲାଣି । ଅତନୁ, ଫାଦର୍, ଡାକ୍ତର ପଟ୍ଟନାୟକଙ୍କ ଖିଆପିଆ କଥା, ତଦାରଖ କରିବାରେ ତାର ଯେଉଁ

Digitized by srujanika@gmail.com

କାମଥିଲା ତନୁଶ୍ରୀର ସେ କାମ ଏହି କେତେ ଦିନ ହେଲା ବନ୍ଦ । ଯେଉଁ ବିଶେଷଜ୍ଞମାନେ ସର୍ବପ୍ରଥମେ ରୋଗୀକୁ ଦେଖି ଭଲ ହୋଇ ପାରିବନି ବୋଲି କହିଦେଇ ଯାଇଥିଲେ ସେମାନଙ୍କର ଅଭିନନ୍ଦନ ଆସିଥିଲା ଅତନୁ ପାଖକୁ ସର୍ବ ପ୍ରଥମେ । ଅତନୁ କେବେ କ' ଆଶା କରିଥିଲା ଯେ ସେ ତା ଚିକିତ୍ସା ପଦ୍ଧତିରେ ଏଭଳି ଭାବରେ କୃତକାର୍ଯ୍ୟ ହୋଇ ନା ମା'କୁ ନିଶ୍ଚିତ ଭାବରେ ବଞ୍ଚାଇ ପାରିବ ବୋଲି !

ତା' ନିଜ ମା' ଯେ ବଞ୍ଚିପାରିଲେ ସେଇ ହେଲା ସବୁଠାରୁ ବଡ଼ କଥା, ଚିକିତ୍ସା ବିଜ୍ଞାନରେ ଏହା ଏକ ନୂତନ ଯୁଗ ସୃଷ୍ଟି କରୁ ବା ନକରୁ ତାର କିଛି ଯାଏ ଆସେ ନାହିଁ ତେବେ ସବୁ ଚିକିତ୍ସକଙ୍କ ମୁହଁରେ ଗୋଟିଏ ମାତ୍ର କଥା, ଆଜି ଅମୁକେଇ ରୋଗର ଔଷ ନାହିଁ ବୋଲି ଯେ ରୋଗୀ ଅସହାୟ ହୋଇ ମୃତ୍ୟୁ ବରଣ କରିବ ସେ ଯୁଗକୁ ପଛକୁ ଠେ ଦେବାକୁ ହେବ । ଏହି ଯେଉଁ ନୂଆ ଯୁଗ ଆସୁଛି ସେ ଯୁଗରେ ନୂଆ ଔଷଧ ବାହାରିବ ପର୍ଯ୍ୟନ୍ତ ରୋଗୀକୁ ଶୀତଳ ଭଣ୍ଡାରରେ ରଖିଦିଅ । ଯେବେ ଔଷଧ ବାହାରିବ, ରୋ ଚିକିତ୍ସିତ ହୋଇ ଭଲ ହେବ । ଏହି ଯେଉଁ ନୂତନ ଦିଗ୍‌ଦର୍ଶନ, ସାରା ପୃଥିବୀ ଆଗରେ ଥୋଇଲା ଅତନୁ ତାର କମ ପ୍ରଭାବ ପଡ଼ିବନି ଭବିଷ୍ୟତର ମଣିଷ ସମାଜ ଉପରେ ।

ଅତନୁର ସମ୍ମାନ ଶୀର୍ଷସ୍ଥାନକୁ ଉଠିଲା ଯେଉଁ ଦିନ ଯୁକ୍ତରାଷ୍ଟ୍ର ସରକାରଙ୍କର ସ ବୈଜ୍ଞାନିକ ସଂସ୍ଥା ଅତନୁକୁ ଦେଶର ଉଚ୍ଚତମ ସମ୍ମାନ ଆଇନଷ୍ଟାଇନ ପଦକ ଦେବା ପାଇଁ ମନୋନୀତ କଲେ ।

ଏହି ସମ୍ମାନ ଦିଆଯିବ ରାଷ୍ଟ୍ରପତି ଭବନର ହ୍ୱାଇଟ୍ ହାଉସରେ । ଯୁକ୍ତରାଷ୍ଟ୍ର ସରକାରଙ୍କ ଖୋଦ୍ ସର୍ବମସ୍ତ କର୍ତ୍ତା ପ୍ରେସିଡେଣ୍ଟ ନିଜେ ସମ୍ମାନିତ କରିବେ ଦେଶର ଏଇ ଶ୍ରେଷ୍ଠତ ଚିକିତ୍ସକଙ୍କୁ ।

ସେଦିନ ହ୍ୱାଇଟ୍ ହାଉସ ସମ୍ମିଳନୀ ଲୋକାରଣ୍ୟ । ଦେଶର ପ୍ରତି କୋଣରୁ ବୈଜ୍ଞାନି ଓ ଚିକିତ୍ସକମାନେ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଏହି ଯେଉଁ ନୂଆ ଚିକିତ୍ସାର ପଥ ଉନ୍ମ ହେଲା, ତା ଆଗରେ ଏହି ଆଇନଷ୍ଟାଇନ ପଦକ ବା ସମ୍ମାନ କିଛି ନୁହେଁ । ସମ୍ମିଳନୀରେ ଯୋଗ ଦେବାକୁ ଅତନୁର ବାପା ଓ ମା' ମଧ୍ୟ ଆସିଥାନ୍ତି । ସେମା ରାଷ୍ଟ୍ରପତିଙ୍କଠାରୁ ଅଳ୍ପ ଦୂରରେ ସମ୍ମୁଖ ଚେୟାରରେ ବସିଥାନ୍ତି । ରାଷ୍ଟ୍ରପତି ଅତନୁ ଏହି ନୂତନ ଧରଣର ଚିକିତ୍ସା ପାଇଁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଯେତେବେଳେ ଅତନୁର ଗ୍ରୀବାରେ ଦେଶର ଶ୍ରେଷ୍ଠ ସମ୍ମାନ ଆଇନଷ୍ଟାଇନ ପଦକ ଝୁଲାଇଦେଲେ; ଏହି ଅପୂ ଗୌରବରେ ସାରା ବିଜ୍ଞାନୀ ସମାଜ ନିଜକୁ ଧନ୍ୟ ଧନ୍ୟ କଲା । ଅତନୁର ବାପା ମା'ଙ୍କ ଚକ୍ଷୁରୁ ଛୁଟି ଚାଲିଥାଏ ଅବାରିତ ଗତିରେ ଆନନ୍ଦାଶ୍ରୁ । ଫାଦର୍ ଓ ତନୁଶ୍ରୀ ମୁଖ ଆନନ୍ଦରେ ଉତ୍ଫୁଲ୍ଲ ଦିଶୁଥାଏ । ନିରୁ ଦେବୀ ତାଙ୍କର ପଚିଶ ବର୍ଷ ତଳର ଏ ପୁଅକୁ ଘରୁ ପିଟି ପିଟି ବାହାର କରି ଦେଇଥିବା ଦୃଶ୍ୟରେ ଲଜ୍ଜିତ ହୋଇ ଅନୁଶୋଚନା କରି ସେହି ଅପକର୍ମର ପ୍ରାୟଶ୍ଚିତ କରୁଥିଲେ ।

Digitized by srujanika@gmail.com